ଚିରବିଦ୍ୟମାନ ସତ୍ୟସାଇ ବାବା

ବ୍ୟକ୍ତିଗତ ଅନୁଭୂତି ଉପରେ ଆଧାରିତ ଦିବ୍ୟତ୍ୱର ଝଲକ

ଡଃ ଭି. ମୋହନ

ଚିର ବିଦ୍ୟମାନ ସତ୍ୟସାଇ ବାବା

ବ୍ୟକ୍ତିଗତ ଅନୁଭୂତି ଉପରେ ଆଧାରିତ ଦିବ୍ୟତ୍ୱର ଝଲକ

ଡଃ ଭି. ମୋହନ

ଭାଷାନ୍ତର
ଡଃ ସୁଧାଂଶୁ କୁମାର ନାୟକ

ପ୍ରକାଶକ
ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ, ଓଡ଼ିଶା
ଭୁବନେଶ୍ୱର

ଚିର ବିଦ୍ୟମାନ ସତ୍ୟସାଇ ବାବା (**Chiravidyaman Sathya Sai Baba)**
ଡଃ ଭି. ମୋହନ
ଓଡ଼ିଆ ଭାଷାନ୍ତର :
ଡଃ ସୁଧାଂଶୁ କୁମାର ନାୟକ
ପ୍ରଥମ ସଂସ୍କରଣ : ୧୦୦୦
୪୭ତମ ରାଜ୍ୟ ସମ୍ମିଳନୀ, ୨୦୨୩
ମୂଲ୍ୟ : ଟ.୧୧୦.୦୦ (ଏକଶହ ଦଶ ଟଙ୍କା ମାତ୍ର)
ପ୍ରକାଶକ
ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ, ଓଡ଼ିଶା
ଖାରବେଳ ନଗର, ୟୁନିଟ-୩, ଭୁବନେଶ୍ୱର-୭୫୧୦୦୧
ମୁଦ୍ରଣ :
ଶ୍ରୀ ସତ୍ୟସାଇ ପ୍ରେସ
ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧
ଫୋନ୍ : ୦୬୭୪ - ୩୫୭୧୭୦୪

Sathya Sai Baba Lives On....
Dr. V. Mohan
Translated into Odia by
Dr. Sudhansu Kumar Nayak
All Rights Reserved :
Sri Sathya Sai Sadhana Trust, Publications Division
Prasanthi Nilayam-515134, Sri Sathya Sai Dist. (AP)
First Edition : 1000
47th State Conference, 2023
Price : Rs. 110/- (Rupees One hundred ten only)
Published by :
Sri Sathya Sai Books & Publication Trust, Odisha
Kharvel Nagar, Unit-III, Bhubaneswar - 751001
Printed at :
Sri Sathya Sai Press
Karvel Nagar, Unit-III, Bhubaneswar-751001
Ph. : 0674 - 3571704
email : sssbptorissa@gmail.com

ପ୍ରକାଶକୀୟ

ଏହି କଳିଯୁଗର ଅବତାର ଭଗବାନ ଶ୍ରୀ ସତ୍ୟସାଇ ବାବା ସାରା ପୃଥିବୀରେ ହଜାର ହଜାର ଲୋକଙ୍କ ଦ୍ୱାରା ଆଦୃତ, ଯେଉଁମାନେ ରୂପାନ୍ତରିତ ହୋଇ ସନ୍ମାର୍ଗରେ ଦିବ୍ୟ ଜୀବନ ଯାପନ କରୁଛନ୍ତି ଏବଂ ଭଗବାନଙ୍କର ପ୍ରେମ ଓ ସେବାର ମିଶନରେ ନିଜକୁ ନିୟୋଜିତ କରିଛନ୍ତି ।

ନିଜ ମିଶନକୁ ଦୃଢ଼ କରିବା ସକାଶେ ସ୍ୱାମୀ ଏପରି ଭକ୍ତମାନଙ୍କୁ ଚୟନ କରିଛନ୍ତି ଯେଉଁମାନେ ତାଙ୍କ ମିଶନକୁ ଆଗେଇ ନେବା ପାଇଁ ଦିଗ୍‌ଦର୍ଶନ ଦେଇ ପାରିବେ । ଖ୍ୟାତନାମା ମଧୁମେହବିତ୍ ଡଃ ଭି. ମୋହନ ଏପରି ଜଣେ ଆଶୀର୍ବାଦପ୍ରାପ୍ତ ଭକ୍ତ ଯେ କି ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡ଼ୁର ଆବାହକ ଏବଂ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସ, ପ୍ରଶାନ୍ତିନିଲୟମ୍‌ର ନ୍ୟାସୀ ପରିଷଦର ସଦସ୍ୟ । ଡଃ ଭି. ମୋହନଙ୍କର ସ୍ୱାମୀଙ୍କ ସହ ତାଙ୍କର ଶାରୀରିକ ଉପସ୍ଥିତିରେ ତଥା ତାଙ୍କର ମହାସମାଧି ପରେ ବି ବିବିଧ ବ୍ୟକ୍ତିଗତ ଅନୁଭୂତି ଅଛି ।

'ଚିରବିଦ୍ୟମାନ ସତ୍ୟସାଇ ବାବା' ନାମକ ଏହି ପୁସ୍ତକରେ ଡଃ ମୋହନ ୫୮ଟି ଅଧ୍ୟାୟରେ ନିଜର ତଥା ଅନ୍ୟ ଭକ୍ତମାନଙ୍କର ଅନୁଭୂତି ସରଳ ଓ ସାବଲୀଳ ଶୈଳୀରେ ବର୍ଣ୍ଣନା କରି ସର୍ବତ୍ର ଓ ସବୁ ସମୟରେ ସ୍ୱାମୀଙ୍କର ଉପସ୍ଥିତି ଦର୍ଶାଇଛନ୍ତି ଏବଂ ମହାସମାଧି ପରେ ମଧ୍ୟ ସ୍ୱାମୀ ତାଙ୍କର ବିଶ୍ୱାତ୍ମକ ରୂପରେ ବିଦ୍ୟମାନ ଅଛନ୍ତି ବୋଲି ପ୍ରମାଣିତ କରିଛନ୍ତି । ମାନବଜାତିକୁ ଉଦ୍ଧାର କରିବା ପାଇଁ ଏବଂ ସେମାନଙ୍କୁ ଦିବ୍ୟତ୍ୱ ଆଡ଼କୁ ଘେନିଯିବା ପାଇଁ ସ୍ୱାମୀଙ୍କ ମିଶନ ଏକ ଗତିଶୀଳ ପ୍ରକ୍ରିୟା । ସ୍ୱାମୀ ସର୍ବବିଦ୍ୟମାନ, ସର୍ବଜ୍ଞ ଓ ସର୍ବଶକ୍ତିମାନ ।

ଶ୍ରୀ ସତ୍ୟସାଇ ସାଧନା ନ୍ୟାସର ପ୍ରକାଶନ ବିଭାଗ ଏହି ପୁସ୍ତକ ପ୍ରକାଶନପୂର୍ବକ ପାଠକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ପ୍ରଦାନ କରି ଆନନ୍ଦିତ ।

୩.୧୦.୨୦୧୭ — **ଆବାହକ**

ପ୍ରଶାନ୍ତିନିଲୟମ୍ — ପ୍ରକାଶନ ବିଭାଗ

ମୁଖବନ୍ଧ

ଅତ୍ୟନ୍ତ ବିନମ୍ରତାର ସହ ମୁଁ 'ଚିରବିଦ୍ୟମାନ ସତ୍ୟସାଇ ବାବା' ପୁସ୍ତକର ମୁଖବନ୍ଧ ଲେଖୁଛି । ମୁଁ ମୋର ଶୈଶବ ଓ ଯୌବନରୁ ଦେଖିବାର ସୌଭାଗ୍ୟ ପାଇଥିବା ସ୍ୱାମୀଙ୍କ ସହ ସମ୍ପୃକ୍ତ ବିବିଧ ଘଟଣା ଓ ଚମତ୍କାରଗୁଡ଼ିକ ବିଷୟରେ ଲେଖିବା ପାଇଁ ଆମର ପ୍ରିୟ ଭଗବାନଙ୍କ ଦ୍ୱାରା ପ୍ରେରିତ ହୋଇଥିଲି । ମୁଁ ୨୦୧୧ରେ ବହିଟି ଲେଖିବା ଆରମ୍ଭ କରିଥିଲି ସତ କିନ୍ତୁ ମୋର ବ୍ୟସ୍ତବହୁଳ ବୃତ୍ତିଗତ ଓ ଶୈକ୍ଷିକ ଜୀବନ ତଥା ସାରା ପୃଥିବୀରେ ମୋର ବ୍ୟାପକ ଯାତ୍ରା ମଧ୍ୟରେ ବହି ଲେଖିବାକୁ ସମୟ ପାଇବା କଷ୍ଟକର ହୋଇଥିବାରୁ ଏହା ଅତି ମନ୍ଥର ଗତିରେ ଚାଲିଥିଲା । ଯେତେ ଦୀର୍ଘ ସମୟ ଲାଗିଲେ ବି ନିଜ ହାତରେ ଲେଖିବା ପାଇଁ ସ୍ୱାମୀ ମୋତେ ଦେଇଥିବା ସ୍ପଷ୍ଟ ସଂକେତ ବିଷୟରେ ମୁଁ ୫୭ତମ ଅଧ୍ୟାୟରେ ବୁଝାଇଛି । ମୁଁ ଏହି ପୁସ୍ତକ ସହ ସମ୍ବନ୍ଧିତ ବିବିଧ ଘଟଣାଗୁଡ଼ିକୁ ବର୍ଣ୍ଣନା କରିବାରେ ଯଥାସମ୍ଭବ ନିର୍ଭୁଲ ହେବାକୁ ଚେଷ୍ଟା କରିଛି ।

ଏହି ବହିରେ ୫୮ଟି ଅଧ୍ୟାୟ ଅଛି ଏବଂ ପ୍ରତ୍ୟେକ ଅଧ୍ୟାୟର ଶୀର୍ଷକ ସେହି ଅଧ୍ୟାୟରେ ବର୍ଣ୍ଣିତ ଅନୁଭୂତିଗୁଡ଼ିକରୁ ମୋର ଶିକ୍ଷା ଓ ପାଠକଙ୍କୁ ସନ୍ଦେଶର ସାରାଂଶ ବ୍ୟକ୍ତ କରେ । ଏହିପରି ଭାବରେ ମୋ ଜୀବନରେ ମୁଁ ପାଇଥିବା ଅନ୍ତତଃ ୫୮ଟି ଶିକ୍ଷା ପାଠକମାନଙ୍କୁ ଜଣାଇବାକୁ ଇଚ୍ଛା କରିଛି । ଉଦ୍ଧୃତି ଚିହ୍ନରେ ଥିବା ଶୀର୍ଷକଗୁଡ଼ିକ ସ୍ୱାମୀଙ୍କର ନିଜସ୍ୱ ଉକ୍ତି ।

ପୁସ୍ତକରେ ଅନିଚ୍ଛାକୃତ ତ୍ରୁଟି ଥିଲେ ମୋତେ କ୍ଷମା କରିବାକୁ ମୁଁ ଆମର ପ୍ରିୟ ଭଗବାନଙ୍କୁ ପ୍ରାର୍ଥନା କରୁଛି । ମୁଁ ମଧ୍ୟ ଏହି ପୁସ୍ତକଟିକୁ ଆଶୀର୍ବାଦ କରିବାକୁ ତାଙ୍କୁ ପ୍ରାର୍ଥନା କରୁଛି । ଏହା ସାରା ପୃଥିବୀର ଲୋକମାନଙ୍କୁ ସଂଯୁକ୍ତ କରିବାକୁ ଓ ଭଗବାନଙ୍କ ମହିମା ବିତରଣ କରିବାକୁ ଏକ ଉପକରଣ ହେଉ ଏବଂ ସମଗ୍ର ମାନବଜାତି ଉପରେ ତାଙ୍କର ଆଶୀର୍ବାଦ ବର୍ଷା ହେଉ ।

ଶେଷରେ ମୁଁ ଏହି ପୁସ୍ତକକୁ ମୋର ପ୍ରଭୁ ଓ ଗୁରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦପଦ୍ମରେ ଉତ୍ସର୍ଗ କରୁଛି, ଯାହାଙ୍କ ଆଶୀର୍ବାଦ ବିନା ଏହା କଦାପି ଦିବାଲୋକ ଦେଖିପାରି ନ ଥାନ୍ତା । ବସ୍ତୁତଃ ତାଙ୍କ ପାଦପଦ୍ମରେ ରହିବାର ଆଶୀର୍ବାଦ ଲାଭ କରିଥିବା ସମୟ ବିନା ମୋ ଜୀବନ ହିଁ ଶୂନ୍ୟ ଓ ଫମ୍ପା ହୋଇଯାଇଥାନ୍ତା ।

ଓଁ ଜୟ ସାଇରାମ

ଡଃ ଭି. ମୋହନ

ଶ୍ରୀ ସତ୍ୟସାଇ ସେବା ସଂଗଠନ, ଭାରତ

ଆତ୍ମ ରୂପାନ୍ତରଣରୁ ବିଶ୍ୱ ରୂପାନ୍ତରଣ

ପ୍ରାକ୍‌କଥନ

'ଚିରବିଦ୍ୟମାନ ସତ୍ୟସାଇ ବାବା' ଡଃ ଭି. ମୋହନଙ୍କ ଉପରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦ୍ୱାରା ବର୍ଷିତ ଦିବ୍ୟ କୃପାର ପ୍ରକୃତ ପ୍ରତିବିମ୍ବ ।

ଲେଖାଗୁଡ଼ିକ ସ୍ପଷ୍ଟ ପ୍ରମାଣ ଯେ ଡଃ ମୋହନ ତାଙ୍କ ଗୁରୁଙ୍କ ସହ ସମନ୍ୱିତ ରହିଛନ୍ତି ଏବଂ ସେଥିପାଇଁ ପାର୍ଥିବ ମନେ ହେଉଥିବା ଜୀବନର ମୁହୂର୍ତ୍ତରୁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରତିଟି ଦିଗରେ ତାଙ୍କର ଉପସ୍ଥିତି ଅନୁଭବ କରିଛନ୍ତି ।

ବସ୍ତୁତଃ ଲେଖାଗୁଡ଼ିକୁ ପଢ଼ିବା ଅତ୍ୟନ୍ତ ପ୍ରେରଣାଦାୟୀ, ଏଥିପାଇଁ ନୁହେଁ ଯେ ଏଗୁଡ଼ିକ ଡଃ ମୋହନଙ୍କର ଅନୁଭୂତି, ମାତ୍ର ଏଥିପାଇଁ ଯେ ସ୍ୱାମୀ ଚିରକାଳ ପାଇଁ ରହିଛନ୍ତି ଏବଂ ତାଙ୍କ ସହ ସମନ୍ୱିତ ରହିଲେ ଆମେ ସମସ୍ତେ ତାଙ୍କର ଅନୁଭୂତି ଲାଭ କରିପାରିବା ବୋଲି କଥାଟିକୁ ଏହା ଜାହିର କରେ ।

ଡଃ ଭି. ମୋହନଙ୍କ ବ୍ୟକ୍ତିତ୍ୱ ନିଶ୍ଚୟ ଏପରି ମାତ୍ରାରେ ସ୍ୱାମୀଙ୍କ କୃପା ଆକର୍ଷିତ କରିଥିବ ।

ସ୍ୱାମୀ ସବୁବେଳେ କହନ୍ତି ଯେ ଜ୍ଞାନ ଦକ୍ଷତାରେ ଅଭିବ୍ୟକ୍ତ ହେବା ଉଚିତ ଏବଂ ଏହାର ସନ୍ତୁଳନ ରହିବା ଉଚିତ । ତାହେଲେ ପରିଣତି ହେବ ଅନ୍ତର୍ଦୃଷ୍ଟି । ଡଃ ମୋହନଙ୍କ ଜୀବନ ଏହି ଦିବ୍ୟ ତତ୍ତ୍ୱର ଏକ ନିଦର୍ଶନ । ତାଙ୍କର ଅନେକ ଉପଲବ୍ଧି ଓ ପୁରସ୍କାର ସତ୍ତ୍ୱେ ତାଙ୍କର ବିନମ୍ରତା ତାଙ୍କୁ ତାଙ୍କ ଗୁରୁଙ୍କର ପ୍ରିୟ କରିଛି, ଯାହା ଏହି ପୁସ୍ତକଟିରେ ପ୍ରତିଫଳିତ ବିବିଧ ଅନୁଭୂତିରୁ ବୁଝାଯାଇପାରେ ।

ମୁଁ ତାଙ୍କୁ ସୁଖ ଓ ଆନନ୍ଦ ଏବଂ ତାଙ୍କ ଗୁରୁଙ୍କ ପାଇଁ ଉତ୍ସର୍ଗିତ ତାଙ୍କର ଦୀର୍ଘ ଜୀବନ କାମନା କରୁଛି ।

ସାଇରାମ

ନିମିଷ ପାଣ୍ଡ୍ୟା
ସର୍ବଭାରତୀୟ ସଭାପତି
ଶ୍ରୀ ସତ୍ୟସାଇ ସେବା ସଂଗଠନ, ଭାରତ

କୃତଜ୍ଞତା

ସର୍ବପ୍ରଥମେ ମୁଁ ମୋର ପ୍ରଭୁ ଓ ଗୁରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କୁ ତାଙ୍କର ଆଶୀର୍ବାଦ ପାଇଁ କୃତଜ୍ଞତା ଜଣାଉଛି; ତାଙ୍କର କୃପା ଓ ଆଶୀର୍ବାଦ ବିନା ଏହି ପୁସ୍ତକ କଦାପି ରଚିତ ହୋଇପାରିନଥାନ୍ତା । ଧନ୍ୟବାଦ ସ୍ୱାମୀ ।

ଏହି ପୁସ୍ତକରେ ପ୍ରମୁଖ ଭାବରେ ଯାହାଙ୍କର ଅନୁଭୂତି ରହିଛି, ମୋର ପ୍ରିୟ ସ୍ୱର୍ଗତା ପତ୍ନୀ ଏବଂ ଏହି ପୁସ୍ତକରେ ବର୍ଣ୍ଣିତ ଥିବା ମୋର ସ୍ୱର୍ଗତ ମାତାପିତାଙ୍କ ଆଶୀର୍ବାଦ ସବୁବେଳେ ରହିଛି । ମୋର ପ୍ରିୟ କନ୍ୟା ଅଞ୍ଜୁ ଓ ଜାମାତା ରଞ୍ଜିତ ବହିଟିକୁ ପଢ଼ି ତ୍ରୁଟି ସଂଶୋଧନ କରିବାର କଷ୍ଟ କରିଛନ୍ତି । ଅଞ୍ଜୁ ମଧ୍ୟ ମୋତେ ଅନେକ ବର୍ଷ ପୂର୍ବେ ଘଟିଥିବା ଅନେକ ଘଟଣା ବିଷୟରେ ସ୍ମରଣ କରାଇ ଦେଇଛି । ତୁମ ଦୁହିଁଙ୍କୁ ମୋର ବହୁତ ବହୁତ ଧନ୍ୟବାଦ । ମୋର ନାତି ପ୍ରଣବ ବହିଟିକୁ ଶେଷ କରିବା ପାଇଁ ମୋତେ ଖେଞ୍ଚୁଛି, ଯଦ୍ଵାରା ସେ ପ୍ରଥମେ ସେଇଟିକୁ ପଢ଼ିପାରିବ । ଧନ୍ୟବାଦ ପ୍ରଣବ !

ଶ୍ରୀ ସତ୍ୟସାଇ ସେବା ସଂଗଠନର ପୂର୍ବତନ ସର୍ବଭାରତୀୟ ସଭାପତି ତଥା ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସ, ପ୍ରଶାନ୍ତିନିଲୟମ୍‌ର ନ୍ୟାସୀ ପରିଷଦର ସଦସ୍ୟ ସ୍ୱର୍ଗତ ଶ୍ରୀ ଭି. ଶ୍ରୀନିବାସନ ସର୍ବଦା ମୋର ସମର୍ଥକ ଓ ସଂଗଠନରେ ଆଦର୍ଶ ହୋଇ ଆସିଛନ୍ତି । ତାଙ୍କୁ ମୋର ପ୍ରଣାମ । ଶ୍ରୀ ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସଭାପତି ଶ୍ରୀ ନିମିଷ ପାଣ୍ଡ୍ୟା ତାଙ୍କର କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଏହି ପୁସ୍ତକ ପାଇଁ ପ୍ରାକ୍‌କଥନ ଲେଖିବାକୁ ଆଗ୍ରହୀ ହୋଇଥିବାରୁ ତାଙ୍କୁ ମୋର କୃତଜ୍ଞତାପୂର୍ଣ୍ଣ ଧନ୍ୟବାଦ । ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ଏନ୍. ରମଣି ସଂଗଠନରେ ମୋର ବିଶ୍ୱସ୍ତ ବଡ଼ଭାଇ ଓ ମୋର ବିବେକରକ୍ଷକ । ତାଙ୍କର ଦିଗ୍‌ଦର୍ଶନ ସର୍ବଦା ଅମୂଲ୍ୟ ହୋଇ ଆସିଛି । ତାମିଲନାଡୁ ଶ୍ରୀ ସତ୍ୟସାଇ ସଂଗଠନର ପ୍ରାକ୍ତନ ରାଜ୍ୟ ସଭାପତି ଶ୍ରୀ ଜି. ବରଦନ୍‌ଙ୍କ ସହାୟତା ପାଇଁ ମୋର କୃତଜ୍ଞତାପୂର୍ଣ୍ଣ ଧନ୍ୟବାଦ । ମୁଁ ଶ୍ରୀ ସତ୍ୟସାଇ ନ୍ୟାସ (ତାମିଲନାଡୁ)ର ନ୍ୟାସୀ ପରିଷଦର ସଦସ୍ୟମାନଙ୍କର ସହାୟତା ପାଇଁ ମଧ୍ୟ କୃତଜ୍ଞ ।

ମୋ ସଚିବ ବଲ୍ଲୀ, ମଲ୍ଲିକା ଓ ସଙ୍ଗୀତା ପାଣ୍ଡୁଲିପିର ଅନେକ ଅଂଶ ଟଙ୍କିତ କରିଛନ୍ତି । ଧନ୍ୟବାଦ । ଡଃ ମୋହନସ୍‌ର ମୋର କର୍ମୀ, ସୂଚନା ପ୍ରଯୁକ୍ତି ବିଜ୍ଞାନର ମୁଖ୍ୟ ଶ୍ରୀ କେ.ବି. ସୁନ୍ଦରରାଜନ୍ ଓ ୱେବ ଡିଜାଇନର ଶ୍ରୀ ବି. ପ୍ରତାପ ମୋତେ ବହୁତ ସାହାଯ୍ୟ କରିଛନ୍ତି । ମୋ ଛାତ୍ରୀ ଡଃ ଭବଧାରିଣୀ ବାଲାଜୀ ସ୍ୱାମୀଙ୍କ ପ୍ରିୟ ଓ ଯଥାର୍ଥ ଉଦ୍ଧୃତିଗୁଡ଼ିକୁ ପାଇବାରେ ସାହାଯ୍ୟ କରିଛି ଏବଂ ଏହି ବହିର କେତେକ ବିଭାଗ ମଧ୍ୟ ଟଙ୍କିତ କରିଛି । ଧନ୍ୟବାଦ, ଭବଧାରିଣୀ !

ସୁନ୍ଦରମ୍‌ର ତତ୍ତ୍ୱାବଧାରକ ଶ୍ରୀ ଏମ୍. ଆର. ଚନ୍ଦ୍ରନ୍, ଶ୍ରୀ ରମେଶ ଓ ଶ୍ରୀ ନନ୍ଦା ସୁନ୍ଦରମ୍‌ରେ ଘଟିଥିବା ଅନେକ ଚମତ୍କାର ବିଷୟରେ ବତାଇଛନ୍ତି । ଫଟୋଗ୍ରାଫର ତଥା ସ୍ୱାମୀଙ୍କର ପରମ ଭକ୍ତ ଶ୍ରୀ ରିଚାର୍ଡ୍ ମୋହନ ଉଠାଇଥିବା ଅନେକ ଫଟୋ ତାମିଲନାଡ୍ରୁ, ନୀଳଗିରି ଶ୍ରୀ ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ଡଃ ରାମୁ ମୋତେ ଯୋଗାଇଥିଲେ । ସାନ୍‌ଡିଏଗୋରୁ ଡଃ ଅନୁ ରାଜଶେଖରନ୍ ସାଇ ଡିଏଗୋର ଚମତ୍କାର ଛବି ମୋ ପାଖକୁ ପଠାଇଥିଲେ । ଶ୍ରୀ ସାଇ କୁମାର ଆଇ.ଏ.ଏସ୍. ତାଙ୍କ ଘରେ ଘଟିଥିବା ଚମତ୍କାରର ଫଟୋ ଦେବା ସହ ଏ ବିଷୟରେ ଲେଖିବା ପାଇଁ ମୋତେ ଅନୁମତି ଦେଇଥିଲେ । ଆମର ଫଟୋଗ୍ରାଫର ଶ୍ରୀ ଧର୍ମରାଜନ୍ ମଧ୍ୟ ମୂଲ୍ୟବାନ ଛବି ଯୋଗାଇଥିଲେ । ସମସ୍ତଙ୍କୁ ଧନ୍ୟବାଦ । ପ୍ରଚ୍ଛଦପଟ ପରିକଳ୍ପନାରେ ସହାୟତା ପାଇଁ ଶ୍ରୀ ଅଜୀଶ ମୋହନଙ୍କୁ ମୋର ବିଶେଷ ଧନ୍ୟବାଦ ।

ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ନ୍ୟାସୀ ପରିଷଦର ସଦସ୍ୟମାନଙ୍କର ନିରନ୍ତର ସହାୟତା ପାଇଁ ମୋର ଧନ୍ୟବାଦ । ମୋର ଭ୍ରାତା ପ୍ରଫେସର ସୁଧୀର ଭାସ୍କର ଓ ରେଡ଼ିଓ ସାଇକୁ କିଛି ଫଟୋ ବ୍ୟବହାର କରିବାକୁ ଏବଂ ଭାଇ ଅରବିନ୍ଦ ବାଲସୁବ୍ରହ୍ମଣ୍ୟମ୍‌ଙ୍କୁ ତାଙ୍କର ମୂଲ୍ୟବାନ ପରାମର୍ଶ ତଥା ହ୍ୱାଇଟ୍‌ଫିଲ୍‌ଡ଼ରେ ନିରାପତ୍ତାରକ୍ଷୀ କଥାକୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦେଇଥିବାରୁ ଧନ୍ୟବାଦ ଦେଉଛି । ପ୍ରଶାନ୍ତିନିଲୟମ୍‌ର ମୁଖ୍ୟ ଆବାସ ଅଧିକାରୀ ଶ୍ରୀ ପି.ଆର୍ ଉନ୍ନି ଓ ସାଇଭ୍ରାତା କରୁପୈୟାଙ୍କୁ ପୁସ୍ତକର ସମାପ୍ତି ନିମନ୍ତେ ସେମାନଙ୍କର ଅବିରତ ପ୍ରୋତ୍ସାହନ ପାଇଁ ଧନ୍ୟବାଦ ।

ପୁସ୍ତକଟିକୁ ଅଧିକ ପ୍ରାମାଣିକ କରିବା ପାଇଁ ମୁଁ ଉଲ୍ଲେଖ କରିଥିବା ମୋର ସବୁ ବନ୍ଧୁ, ସହକର୍ମୀ, ସହପାଠୀ, ଡାକ୍ତର, କର୍ମଚାରୀ ଓ ଅନ୍ୟମାନଙ୍କୁ ଧନ୍ୟବାଦ ଦେଉଛି ।

ଶ୍ରୀ ସତ୍ୟସାଇ ସାଧନା ନ୍ୟାସ, ପ୍ରକାଶନ ବିଭାଗ, ପ୍ରଶାନ୍ତିନିଲୟମ୍‌ର ସମସ୍ତଙ୍କ ପ୍ରତି ପୁସ୍ତକ ମୁଦ୍ରଣ ଓ ପ୍ରକାଶନରେ ସାହାଯ୍ୟ ପାଇଁ ଧନ୍ୟବାଦ ।

ଶେଷରେ ପ୍ରିୟ ପାଠକମାନଙ୍କୁ ଧନ୍ୟବାଦ । ଏହି ପୁସ୍ତକ ପଢ଼ିବାରେ ଆପଣମାନଙ୍କର ଆଗ୍ରହ ବିନା ଏହି ପୁସ୍ତକ ଲେଖନ ଓ ପ୍ରକାଶନର ସମସ୍ତ ପ୍ରୟାସ ବ୍ୟର୍ଥ ହୋଇଥାନ୍ତା । ଆପଣମାନେ ମୋତେ drmohans@diabetes.ind.inରେ ଆପଣଙ୍କ ମତାମତ ଜଣାଇପାରିବେ ।

ଓଁ ଜୟ ସାଇରାମ

ଡଃ ଭି ମୋହନ

ସୂଚୀପତ୍ର

୧	ଆମେ ନ ଜାଣିଲେ ବି ଭଗବାନ ଆମ ସାଥିରେ ଅଛନ୍ତି	୧୧
୨	ନାମସ୍ମରଣ ମାତ୍ରେ ଜୀବନ ସୁରକ୍ଷିତ	୧୪
୩	ତୁମେ ଗୁରୁଙ୍କୁ ନୁହେଁ, ଗୁରୁ ତୁମକୁ ବାଛନ୍ତି	୧୬
୪	ପ୍ରାର୍ଥନା ଦ୍ୱାରା ସବୁ ସମ୍ଭବ	୧୮
୫	ଭକ୍ତ ଭାବରେ ଗ୍ରହଣ କରିବା ସ୍ୱାମୀଙ୍କ ନିଷ୍ପତ୍ତି	୨୩
୬	ସ୍ୱାମୀଙ୍କ ସଂକଳ୍ପ ଚୁମ୍ବକ ପରି ଆକର୍ଷଣକାରୀ	୨୭
୭	ଭଗବାନଙ୍କ ସହ ସଂପୃକ୍ତ ସ୍ୱପ୍ନ ସତ	୩୧
୮	ସ୍ୱାମୀ ସବୁବେଳେ ବାଟ ଦେଖାନ୍ତି	୩୭
୯	ସ୍ୱାମୀଙ୍କ କୃପା ମିଳିଲେ କିଛି ଅସମ୍ଭବ ନୁହେଁ	୪୨
୧୦	ସ୍ୱାମୀଙ୍କ ଭକ୍ତ ବୋଲି କହିବାକୁ ଲାଜ କର ନାହିଁ	୪୬
୧୧	ସ୍ୱାମୀ ହିଁ ଆୟାପ୍ପାନ ଓ ଗୁରୁବାୟୁରାପ୍ପାନ	୫୧
୧୨	ଡାକ୍ତର ଚିକିତ୍ସା କରନ୍ତି, ଭଗବାନ ଆରୋଗ୍ୟ କରନ୍ତି	୫୪
୧୩	"ମୁଁ ଥାଉ ଥାଉ ଭୟ କାହିଁକି ?"	୫୮
୧୪	"ମୁଁ ସର୍ବଦା ତୁମ ପାଖେ ପାଖେ ରହି ତୁମର ସୁରକ୍ଷା ଓ ମାର୍ଗଦର୍ଶନ କରୁଥିବି"	୬୧
୧୫	ବିଶ୍ୱାସ ଦୃଢ଼ କରିବା ପାଇଁ ସ୍ୱାମୀ ପରୀକ୍ଷା କରନ୍ତି	୬୩
୧୬	ଭଗବାନଙ୍କର ବିଳମ୍ବ ପ୍ରତ୍ୟାଖ୍ୟାନ ନୁହେଁ	୭୦
୧୭	ମୃତ୍ୟୁ ଜୀବନର ଏକ ଘଟଣାମାତ୍ର	୭୪
୧୮	ପ୍ରିୟଜନ ମୃତ୍ୟୁ ପରେ ଯୋଗାଯୋଗ କରିପାରନ୍ତି	୭୮
୧୯	ମୃତ୍ୟୁ ସମାପ୍ତି ନୁହେଁ; ନୂତନ ଯାତ୍ରାର ଆରମ୍ଭ	୮୧
୨୦	ସ୍ୱାମୀ ସର୍ବଦା ପ୍ରାର୍ଥନାର ଉତ୍ତର ଦିଅନ୍ତି	୮୪
୨୧	ପ୍ରେମ ଶୁଦ୍ଧ ହେଲେ ସ୍ୱାମୀ ଉଭା ହୁଅନ୍ତି	୮୯
୨୨	ସ୍ୱାମୀଙ୍କ ସହ ଯୁକ୍ତ ହେବାରେ ବିଳମ୍ବ ନାହିଁ	୯୧
୨୩	ସ୍ୱାମୀଙ୍କର ପ୍ରତିଟି ଶବ୍ଦ ବେଦବାକ୍ୟ	୯୫

୨୪ ବ୍ୟକ୍ତିଗତ ସାଧନା ଅପରିହାର୍ଯ୍ୟ.. ୯୭
୨୫ ପ୍ରାର୍ଥନା ସ୍ୱାମୀଙ୍କ ପାଖରେ ପହଞ୍ଚିବାର ପ୍ରମାଣ ୧୦୦
୨୬ ବିଜ୍ଞାନ ଶେଷରେ ଦିବ୍ୟତ୍ୱର ଆରମ୍ଭ....................................... ୧୦୩
୨୭ ସ୍ୱାମୀଙ୍କ ପ୍ରେମ - ସହସ୍ରମାତାଙ୍କ ପ୍ରେମ ୧୦୭
୨୮ ସ୍ୱାମୀ କରି ନ ପାରିବା ଭଳି କିଛି ଅଛି କି ? ୧୧୨
୨୯ ଯେଉଁଠି ବି ସ୍ୱାମୀଙ୍କ କାମ ହୁଏ ସେ ଥାଆନ୍ତି ୧୧୫
୩୦ ସ୍ୱାମୀଙ୍କ ବିଦ୍ୟମତ୍ତାର ଅନୁଭୂତି.. ୧୧୯
୩୧ ଭଗବାନଙ୍କ କାମ କଲେ ସେ ଆମର ଯତ୍ନ ନିଅନ୍ତି ୧୨୧
୩୨ ସ୍ୱାମୀଙ୍କଠାରୁ ବ୍ୟକ୍ତିଗତ ଅନୁଗ୍ରହ ମାଗିପାରିବା କି ? ୧୨୪
୩୩ ଚେନ୍ନାଇରେ ସ୍ୱାମୀଙ୍କ ସର୍ବବିଦ୍ୟମତ୍ତାର ଅନୁଭୂତି ୧୨୮
୩୪ 'ସୁନ୍ଦରମ୍ ମଧ୍ୟ ମୋ ଘର' ୧୩୧
୩୫ 'ସ୍ୱାମୀଙ୍କ ଲୀଳା ଅକଳ୍ପନୀୟ' ୧୩୪
୩୬ ବିଭୁକୃପା ଅପ୍ରତ୍ୟାଶିତ ଭାବରେ ଆସେ.................................... ୧୩୭
୩୭ ସଶରୀରରେ ସ୍ୱାମୀଙ୍କ ପୁନରାବିର୍ଭାବ ୧୩୯
୩୮ ଭଗବାନ ବିଭିନ୍ନ ପ୍ରକାରେ ପ୍ରାର୍ଥନାର ଉତ୍ତର ଦିଅନ୍ତି..................... ୧୪୨
୩୯ ଚିକିତ୍ସା ସହ ଆଧ୍ୟାତ୍ମିକତାର ମିଶ୍ରଣ ୧୪୫
୪୦ ସ୍ୱାମୀ ଡାକ୍ତରମାନଙ୍କର ଡାକ୍ତର ୧୪୯
୪୧ ଭଗବାନଙ୍କ ମହିମା ଅନ୍ୟମାନଙ୍କୁ ଜଣାନ୍ତୁ................................. ୧୫୧
୪୨ ଭଗବାନଙ୍କ ପାଇଁ ପ୍ରକୃତରେ ଆକୁଳ ହେଲେ ସେ ଉଭା ହେବେ..... ୧୫୫
୪୩ ଭଗବାନ ସର୍ବବ୍ୟାପୀ ୧୫୭
୪୪ ସ୍ୱାମୀ ତୁମଠାରୁ ଦୂରରେ ନାହାନ୍ତି ୧୬୦
୪୫ ଆମେ ସ୍ୱାମୀଙ୍କୁ ପ୍ରେମରେ ବାନ୍ଧିପାରିବା ୧୬୩
୪୬ ସ୍ୱାମୀ ସର୍ବଦା ଆମ କାର୍ଯ୍ୟ ବିଷୟରେ ଅବଗତ.......................... ୧୬୫
୪୭ ସ୍ୱାମୀ ଭକ୍ତମାନଙ୍କ ସହ ଯୋଗାଯୋଗ କରନ୍ତି କିପରି ୧୬୮
୪୮ ସାନ ଡିଏଗୋ ସାଇ ଡିଏଗୋରେ ପରିଣତ ୧୭୦

୪୯ ସ୍ୱାମୀ ଆମକୁ ଜଣକ ପରେ ଜଣେ ଯୋଡ଼ନ୍ତି ୧୭୨
୫୦ ଚମତ୍କାରର ଚମତ୍କାର ୧୭୪
୫୧ ଭକ୍ତର ଅଭିଳଷିତ ରୂପରେ ଭଗବାନ ଦେଖା ଦିଅନ୍ତି ୧୭୬
୫୨ ରାମାୟଣ କେବଳ ଏକ ପୌରାଣିକ କଥା ନୁହେଁ ୧୭୯
୫୩ ବିଫଳତା ଆମ ବିଶ୍ୱାସକୁ ହ୍ରାସ ନ କରୁ ୧୮୧
୫୪ ସାଇ ପାଗଳାମିର ମଧୁରତା ୧୮୪
୫୫ ସାଇଙ୍କ ଅନୁଗ୍ରହରୁ 'ସାଇ ଅନୁଗ୍ରହ' ୧୮୬
୫୬ ସ୍ୱାମୀଙ୍କ ଶିକ୍ଷାର ଅନୁଶୀଳନ ଆମକୁ ତାଙ୍କର ନିକଟତର କରାଏ....... ୧୮୯
୫୭ 'ମୋ ବହି ଲେଖିବାକୁ ଚାହିଁଲେ ନିଜ ହାତରେ ଲେଖ' ୧୯୩
୫୮ ଏ ବହିକୁ ସ୍ୱାମୀଙ୍କ ଆଶୀର୍ବାଦ ୧୯୫
୫୯ ଉପସଂହାର.. ୧୯୭
● ରଙ୍ଗୀନ ଚିତ୍ର.. ୨୦୧

ଅଧ୍ୟାୟ : ୧

ଆମେ ନ ଜାଣିଲେ ବି ଭଗବାନ ଆମ ସାଥିରେ ଅଛନ୍ତି

"ତୁମେ ଭଗବାନଙ୍କର ଯେତିକି ନିକଟ, ଭଗବାନ ତୁମର ସେତିକି ନିକଟ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା : ୧୯୭୪

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ ମୋର ସର୍ବପ୍ରଥମ ସ୍ମୃତି ମୋତେ ଚେନ୍ନାଇର ରୟପୁରମ୍‌ରେ ମୋର ବାଲ୍ୟାବସ୍ଥାକୁ ଫେରାଇ ନିଏ । ସ୍ୱାମୀ ଦକ୍ଷିଣ ଭାରତରେ ଉତ୍ତର ଚେନ୍ନାଇ (ମାନ୍ଦ୍ରାଜ)ର ରୟପୁରମ୍‌କୁ ବାରମ୍ବାର ଯାଉଥିଲେ । ସେ ଶ୍ରୀସତ୍ୟସାଇ ସେବା ସଂଗଠନ, ତାମିଲନାଡୁର ରାଜ୍ୟ ସଭାପତି ଶ୍ରୀ ପି. ଜି. ଅଚ୍ୟୁତାନନ୍ଦମ୍ ଏବଂ ରୟପୁରମ୍‌ର ୱେଷ୍ଟ ମାଧ ଚର୍ଚ୍ଚ ଷ୍ଟ୍ରୀଟ୍‌ରେ ଥିବା 'ଶାନ୍ତି କୁଟୀର' ନାମକ ଚେନ୍ନାଇର ଅନ୍ୟତମ ପ୍ରାରମ୍ଭିକ ସାଇ ମନ୍ଦିରର ପରିଚାଳନା କରୁଥିବା ଶ୍ରୀ ଛଗନ ଲାଲଙ୍କ ଘରକୁ ଯାଆନ୍ତି । ସ୍ୱାମୀଙ୍କର ଏପରି ଏକ ଆଗମନ କାଳରେ ମୋ ମାଆଙ୍କୁ ତାଙ୍କର ଘନିଷ୍ଠ ବାନ୍ଧବୀ ଶ୍ରୀ ଅଚ୍ୟୁତାନନ୍ଦମ୍‌ଙ୍କ ଭାଇବୋହୂ ଶ୍ରୀମତୀ ଲକ୍ଷ୍ମୀ ବିବେକାନନ୍ଦମ୍ ସ୍ୱାମୀ ଆସନ୍ତାକାଲି ଚେନ୍ନାଇ ଆସିବା ବେଳେ ଶ୍ରୀ ଅଚ୍ୟୁତାନନ୍ଦମ୍‌ଙ୍କ ଘରକୁ ଆସିପାରନ୍ତି ବୋଲି କହି ଡାକିଲେ । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କୁ ଭେଟିବା ସକାଶେ ଶ୍ରୀ ଅଚ୍ୟୁତାନନ୍ଦମ୍‌ଙ୍କ ଘରକୁ ଯିବା ପାଇଁ ମୋ ମାଆ ମୋ ବାପାଙ୍କୁ ଅନୁମତି ମାଗିଲେ । ମୋ ବାପା ଡଃ ଏମ୍. ବିଶ୍ୱନାଥନ୍ ଭାରତରେ ମଧୁମେହ ଚିକିତ୍ସା କ୍ଷେତ୍ରରେ ଅଗ୍ରଦୂତ ଥିଲେ ଏବଂ ତାଙ୍କୁ ଭାରତରେ 'ମଧୁମେହ ଚିକିତ୍ସାର ଜନକ' ଭାବରେ ସୂଚିତ କରାଯାଏ । ସେ ସମୟରେ ମୋ ବାପା ସ୍ୱାମୀଙ୍କର ବହୁତ ବିରୋଧୀ ଥିଲେ ଏବଂ ସେ ରାଗିଯାଇ ମାଆଙ୍କୁ ସେଠାକୁ ନ ଯିବା ପାଇଁ କହି ଗାଳିଦେଲେ । "କିଏ ଜଣେ ସ୍ୱାମୀଜୀ ଆସୁଛନ୍ତି ବୋଲି ତୁମେ କାହିଁକି ସେଠାକୁ ଯିବାକୁ ଚାହୁଁଛ" ବୋଲି କ୍ରୁଦ୍ଧ ଭାବରେ ପଚାରିଲେ । ମୋ ମାଆ ତତ୍‌କ୍ଷଣାତ୍ କହିଲେ, "ଠିକ୍ ଅଛି, ତୁମେ ଯଦି ମୁଁ ଯିବାକୁ ଚାହୁଁନାହଁ ତେବେ ମୁଁ ଯିବି ନାହିଁ ।"

ସେହି ରାତିରେ ବାପା ପୂର୍ବପରି ଶୋଇବାକୁ ଗଲେ । ହଠାତ୍ ରାତିଅଧରେ ସେ ଉଠିପଡ଼ିଲେ ଓ ଆମ ସମସ୍ତଙ୍କୁ ଉଠାଇ ଦେଲେ ଏବଂ ସେ ତତ୍‌କ୍ଷଣାତ୍ ସ୍ୱାମୀଙ୍କୁ ଭେଟିବାକୁ ଚାହାନ୍ତି ବୋଲି କହିଲେ । ସେ ଚେନ୍ନାଇରେ ପହଞ୍ଚିନାହାନ୍ତି ଏବଂ କାଲି ହିଁ ଆସିପାରନ୍ତି ବୋଲି କହି ମାଆ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ । କିନ୍ତୁ ବାପା କହି ଚାଲିଲେ, "କିନ୍ତୁ ମୁଁ ତାଙ୍କୁ ଏବେ ଭେଟିବାକୁ ଚାହୁଁଛି ।" ଆମେ ତାଙ୍କୁ ଶାନ୍ତ କରି କହିଲୁ ଯେ ସେ ଯଦି ପ୍ରକୃତରେ ତାଙ୍କୁ ଭେଟିବାକୁ ଚାହୁଁଛନ୍ତି ତେବେ ସେ କାଲି ଭେଟି ପାରିବେ । ତାପରେ

ସେ ଶୋଇବାକୁ ଗଲେ । ସେ ସକାଳେ ଉଠିବା ବେଳେ ଅସାଧାରଣ ଭାବରେ ଶାନ୍ତ ଥିଲେ ଏବଂ ଗତ ରାତିର ଘଟଣା ବିଷୟରେ କିଛି କହିଲେ ନାହିଁ । ଅବଶ୍ୟ ସେ ମୋ ମାଆଙ୍କୁ କହିଲେ, "ତୁମେ ଯଦି ଯିବାକୁ ଚାହୁଁଛ ତେବେ ଯାଇ ତାଙ୍କୁ ଭେଟିପାର ।" ମାଆ ତାଙ୍କୁ ପଚାରିଲେ, "ତୁମେ ଆସିବାକୁ ଚାହୁଁଛ କି ?" ସେ କହିଲେ, "ମୁଁ ଆସିବାକୁ ଚାହୁଁନାହିଁ, କିନ୍ତୁ ତୁମେ ଯାଇ ତାଙ୍କୁ ଭେଟ ।" ତେଣୁ ତାଙ୍କ ଅନୁମତି ନେଇ ମାଆ ଗଲେ ଓ ସ୍ୱାମୀଙ୍କ ଆଶୀର୍ବାଦ ଲାଭ କଲେ; ସ୍ୱାମୀ ତାଙ୍କୁ ବିଭୂତି ମଧ୍ୟ ଦେଲେ । ସେହି ରାତିରେ ମୋ ବାପାଙ୍କର କ'ଣ ହେଲା, ତାହା ଆଜି ପର୍ଯ୍ୟନ୍ତ ଆମେ ଜାଣିନାହୁଁ । ଶୋଇବାକୁ ଯିବା ପର୍ଯ୍ୟନ୍ତ ସେ ବାବାଙ୍କର ବଡ଼ ସମାଲୋଚକ ଥିଲେ । ନିଦରେ କ'ଣ ହୋଇଥିବ । ସ୍ୱାମୀ ତାଙ୍କୁ ସ୍ୱପ୍ନରେ ଦେଖା ଦେଇଥିବେ ବୋଲି ମୋର ଅନୁମାନ । ସେହି ରାତିରେ କ'ଣ ହୋଇଥିଲା ସେ କଥା ମୋ ବାପା କେବେ ପ୍ରକାଶ କରି ନ ଥିଲେ, କିନ୍ତୁ ମନେ ହେଉଛି ତାହାର ମୋ ବାପାଙ୍କ ଉପରେ ପ୍ରଭୂତ ପ୍ରଭାବ ଥିଲା, ଯେହେତୁ ସେହି ମୁହୂର୍ତ୍ତରୁ ସେ ସ୍ୱାମୀଙ୍କୁ କେବେ ଖୋଲାଖୋଲି ସମାଲୋଚନା କଲେ ନାହିଁ, ଯଦିଓ ଅନେକ ବର୍ଷ ପରେ ସେ ସ୍ୱାମୀଙ୍କୁ ପ୍ରକୃତରେ ସ୍ୱୀକାର କଲେ, ବସ୍ତୁତଃ ତାହା ତାଙ୍କର ମୃତ୍ୟୁର କିଛି ଦିନ ପୂର୍ବରୁ ।

ସେ କାଳରେ 'ଶାନ୍ତି କୁଟୀର'ରେ ନିୟମିତ ଭଜନ ହେଉଥିଲା । 'ଶାନ୍ତି କୁଟୀର' ମୋ ବାପାଙ୍କ ବିଜୟା ନର୍ସିଙ୍ଗ୍ ହୋମ୍ (ପରେ ଏମ୍.ଭି. ହସ୍‌ପିଟାଲ ଫର ଡାଏବେଟିସ)କୁ ଲାଗିଥିଲା । ଶ୍ରୀ ଛଗନ ଲାଲ ଓ ତାଙ୍କ ପୁଅ ଚୁନ୍ନି ଲାଲ ଆମକୁ ଭଜନ ପାଇଁ ଡାକୁଥିଲେ । ମୁଁ କେବେ ଯୋଗ ଦେଇନଥିଲେ ବି ମୋ ମାଆ ଓ ତାଙ୍କ ସାନ ଭଉଣୀ କମଳା (ଆମ ପରିବାରର ପ୍ରଥମ ସାଇ ଭକ୍ତ) ଏବଂ ବେଳେ ବେଳେ ମୋ ଜେଜେମା ଏହି ଭଜନରେ ଯୋଗ ଦେଉଥିଲେ । ଆମେ ନର୍ସିଙ୍ଗ୍ ହୋମ୍ ପରିସରରେ ରହୁଥିବାରୁ ଆମ ଘରେ ଭଜନ ବି ଶୁଣିପାରୁଥିଲୁ । ମୁଁ ଯେଉଁ ପ୍ରଥମ ସାଇଭଜନ ଶୁଣିଲି ତାହା ଥିଲା ଶାନ୍ତି କୁଟୀରରେ, ଯଦିଓ ମୁଁ ଅନେକ ବର୍ଷ ପରେ ସ୍ୱିଜରଲାଣ୍ଡର ଜେନେଭାଠାରେ ହିଁ ପ୍ରଥମ ଔପଚାରିକ ଭଜନରେ ଯୋଗ ଦେଇଥିଲି ।

ଯାହା ପୂର୍ବରୁ କୁହାଯାଇଛି, ସେତେବେଳେ ବାବା ଚେନ୍ନାଇକୁ ବାରମ୍ବାର ଆସୁଥିଲେ । ଏପରି ଅନେକ ଆଗମନ ବେଳେ ସେ ଶ୍ରୀ ଛଗନ ଲାଲଙ୍କ ଘରକୁ ଯାଉଥିଲେ ଏବଂ ବହୁଧା ଶାନ୍ତି କୁଟୀର ପାଖରେ ସେମାନଙ୍କ ଘର ଆଗରେ ଖୋଲା ଜାଗାରେ ଅଳ୍ପସଂଖ୍ୟକ ଭକ୍ତଙ୍କୁ ସମ୍ଭାଷଣ ଦେଉଥିଲେ । କେବଳ ଛୋଟ ପାଚିରିଟିଏ ଶାନ୍ତି କୁଟୀରକୁ ଆମ ନର୍ସିଙ୍ଗ୍ ହୋମ୍‌ରୁ ପୃଥକ କରୁଥିଲା । ଛୋଟ ପିଲା ବେଳେ ମୁଁ ଆମ ନର୍ସିଙ୍ଗ୍ ହୋମ୍‌ର ପାଚିରି ପାଖରେ ଠିଆ ହେଉଥିଲି, ଯେଉଁଠାରୁ ସ୍ୱାମୀ ଅଳ୍ପ କେତେ ଫୁଟ ଦୂରରେ ଶ୍ରୀ ଛଗନ ଲାଲଙ୍କ ହତାରେ ଠିଆ ହୋଇଥିବାର ଦେଖିପାରୁଥିଲି । ସେତେବେଳେ ଏତେ ନିକଟରୁ ସ୍ୱାମୀଙ୍କ ଦର୍ଶନ ଲାଭ କରିବାର ମହାନ୍ ସୌଭାଗ୍ୟକୁ ମୁଁ ଉପଲବ୍ଧି କରିପାରିନଥିଲି । ଅବଶ୍ୟ ସେତେବେଳେ ମୁଁ ତାଙ୍କୁ କେବଳ କୌତୂହଳର ସହ ଲକ୍ଷ୍ୟ କରୁଥିଲି । ଆଗାମୀ ବର୍ଷମାନଙ୍କରେ ମୋ ଜୀବନରେ ସେ ମହାନ୍ ଭୂମିକା ଅଭିନୟ କରିବେ ଏବଂ ଏସବୁ

କିପରି ମୋ ଜୀବନ ନାଟକକୁ ଧୀରେ ଧୀରେ ଉନ୍ମୀଳିତ କରିବା ପାଇଁ ଏକ ପ୍ରକାର ପ୍ରସ୍ତୁତି, ତାହା ମୁଁ ବୁଝି ପାରି ନଥିଲି ।

ସ୍କୁଲ ପିଲା ଭାବରେ ସ୍ୱାମୀଙ୍କ ସହ ଆଉ ଏକ ସମ୍ପର୍କ ଥିଲା ଶ୍ରୀ ଅଚ୍ୟୁତାନନ୍ଦମ୍‌ଙ୍କ ଭାଇ ଶ୍ରୀ ପି. ଜି. ବିବେକାନନ୍ଦମ୍‌ଙ୍କ ମାଧ୍ୟମରେ । ଶ୍ରୀ ବିବେକାନନ୍ଦମ୍‌ଙ୍କ ପୁଅ ଡଃ ଯଶବନ୍ତ ମୋ ସାନଭାଇ ଅରୁଣର ସହପାଠୀ ଥିଲା ଏବଂ ଆମେ ତିନିଜଣଯାକ ଚେନ୍ନାଇରେ ଜର୍ଜ ଟାଉନ୍‌ର ଅର୍ମେନିଆନ୍ ଷ୍ଟ୍ରୀଟ୍ ସ୍ଥିତ ସେଣ୍ଟ୍ ମେରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିଲୁ । ଆମର କାର୍‌ରେ ଭାଗୀଦାରୀର ସୁନ୍ଦର ବ୍ୟବସ୍ଥା ଥିଲା, ଯଦ୍ଦ୍ୱାରା ସକାଳେ ବିବେକାନନ୍ଦମ୍ ଆମ ତିନିଜଣଙ୍କୁ ତାଙ୍କ କାର୍‌ରେ ବିଦ୍ୟାଳୟରେ ଛାଡ଼ି ଦେଉଥିଲେ ଏବଂ ସନ୍ଧ୍ୟାରେ ମୁଁ ଓ ମୋ ଭାଇ ଆମ କାର୍‌ରେ ଯଶୋବନ୍ତକୁ ଆଣି ଘରେ ଛାଡୁଥିଲୁ । ଶ୍ରୀ ବିବେକାନନ୍ଦମ୍‌ଙ୍କ କାର୍‌ରେ ସ୍ୱାମୀଙ୍କର ଗୋଟିଏ ଛବି ଥିଲା; ତେଣୁ ପ୍ରତିଦିନ ବିଦ୍ୟାଳୟକୁ ଯିବା ବେଳେ ମୁଁ ଏହି ଛବି ଦେଖୁଥିଲି । ଅବଶ୍ୟ ସେତେବେଳେ ମୁଁ ଏହାକୁ ଆଦୌ ଗୁରୁତ୍ୱ ଦେଉ ନ ଥିଲି; ଜଣେ ମଣିଷର ଛବି କାହିଁକି କାର୍‌ରେ ରଖାଯାଇଛି ବୋଲି କେବଳ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲି ।

ଏସବୁର ମନନ କରିବା ବେଳେ ଏହା ବର୍ତ୍ତମାନ ମୋ ପାଇଁ ଅତ୍ୟନ୍ତ ସୁସ୍ପଷ୍ଟ ଯେ ସ୍ୱାମୀ ମୋର ଛାତ୍ରାବସ୍ଥାରେ ପ୍ରତିଦିନ ମୋ ସାଥିରେ ଥିଲେ । ମୁଁ ଏପର୍ଯ୍ୟନ୍ତ ତାଙ୍କ ଆଡ଼କୁ ପାଦଟିଏ ପକାଇ ନ ଥିଲେ ବି ସେ ତାଙ୍କର ଅସୀମ ପ୍ରେମ ଓ କରୁଣା ଯୋଗୁଁ ତାଙ୍କର ପ୍ରେମପୂର୍ଣ୍ଣ ଭୁଜ ମୋ ଆଡ଼କୁ ପ୍ରସାରିତ କରିସାରିଥିଲେ ଏବଂ ମୁଁ ପ୍ରତ୍ୟୁତ୍ତର ଦେବା ପାଇଁ ଅପେକ୍ଷା କରି ରହିଥିଲେ । ତାହା ଅନେକ ବର୍ଷ ପରେ ୧୯୯୨ରେ ସମ୍ଭବ ହୋଇଥିଲା, ଯେତେବେଳେ ମୁଁ ୩୮ ବର୍ଷର ଥିଲି । କିନ୍ତୁ ପରବର୍ତ୍ତୀ ସମୟରେ ବହୁତ କିଛି ହୋଇଥିଲା ।

ଓଁ ଜୟ ସାଇରାମ !

"ମୁଁ ତୁମମାନଙ୍କ ହୃଦୟରେ ପ୍ରେମର ପ୍ରଦୀପ ପ୍ରଜ୍ଜ୍ୱଳିତ କରିବାକୁ, ତାହା ଦିନକୁ ଦିନ ଅଧିକ ଉଜ୍ଜ୍ୱଳ ଭାବରେ ଜଳୁଥିବାର ଦେଖିବାକୁ ଆସିଛି । ମୁଁ କୌଣସି ବିଶେଷ ଧର୍ମ ତରଫରୁ ଆସିନାହିଁ । ମୁଁ କୌଣସି ସମ୍ପ୍ରଦାୟ ବା ଶାଖାର ପ୍ରଚାର କରିବା ପାଇଁ କିମ୍ବା କୌଣସି ମତବାଦର ଅନୁଯାୟୀ ସଂଗ୍ରହ କରିବାକୁ ଆସିନାହିଁ । ମୋ ପାଇଁ ବା ଅନ୍ୟ କାହା ପାଇଁ ଶିଷ୍ୟ ବା ଭକ୍ତମାନଙ୍କୁ ଆକର୍ଷିତ କରିବାର ମୋର କିଛି ଯୋଜନା ନାହିଁ । ଏହି ଏକତ୍ୱକାରୀ ବିଶ୍ୱାସ, ଏହି ପ୍ରେମ ମାର୍ଗ, ଏହି ପ୍ରେମ ଗୁଣ, ପ୍ରେମର ଏହି କର୍ତ୍ତବ୍ୟ, ପ୍ରେମର ଏହି ବାଧ୍ୟତା ବିଷୟରେ ତୁମକୁ କହିବାକୁ ମୁଁ ଆସିଛି ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା

ଦିବ୍ୟ ସମ୍ଭାଷଣ : ଅଷ୍ଟମ ଭାଗ

ଅଧ୍ୟାୟ : ୨

ନାମସ୍ମରଣ ମାତ୍ରେ ଜୀବନ ସୁରକ୍ଷିତ

"ପ୍ରଭୁଙ୍କ ନାମସ୍ମରଣ ଶ୍ୱାସକ୍ରିୟା ପରି ସ୍ୱାଭାବିକ ହେବା ଉଚିତ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱିତୀୟ ଭାଗ

ଶବ୍ଦର ପ୍ରଭୂତ ଶକ୍ତି ଅଛି । ଅତୀତରେ ମୋକ୍ଷପ୍ରାପ୍ତି ନିମନ୍ତେ କଠୋର ତପଶ୍ଚର୍ଯ୍ୟା ଆବଶ୍ୟକ ଥିବାବେଳେ ସଂପ୍ରତି କଳିଯୁଗରେ କେବଳ ନାମସ୍ମରଣ ଯଥେଷ୍ଟ । ପ୍ରଭୁଙ୍କ କୃପା ଲାଭ କରିବାର ଶକ୍ତି ତାଙ୍କ ନାମରେ ଅଛି । ସ୍ୱାମୀ ବାରମ୍ବାର ନାମସ୍ମରଣର ମହତ୍ତ୍ୱ ବୁଝାଇଛନ୍ତି ଏବଂ ଆନ୍ତରିକ ରୂପାନ୍ତରଣ ଏବଂ ଅନ୍ତର ଭିତରେ ଦିବ୍ୟତ୍ୱର ଆବାହନ ପାଇଁ ନାମସ୍ମରଣ ପର୍ଯ୍ୟାପ୍ତ ବୋଲି ଘୋଷଣା କରିଛନ୍ତି ।

ଅସଂଖ୍ୟ ଗଳ୍ପ ଓ ନୀତି କଥା ଅଛି ଯାହା ଆମକୁ ନାମସ୍ମରଣର ଶକ୍ତି ବିଷୟରେ ଶିକ୍ଷା ଦିଅନ୍ତି । ଦ୍ରୌପଦୀ ଅପମାନିତ ହେଉଥିବା ବେଳେ କୃଷ୍ଣଙ୍କୁ ହୃଦୟବାସୀ ବୋଲି ସମ୍ବୋଧିତ କରି ଡାକ ପକାଇଥିଲେ । ସେହି ମୁହୂର୍ତ୍ତରେ କୃଷ୍ଣ ତାଙ୍କ ଆଗରେ ଉଭା ହୋଇ ତାଙ୍କୁ ଅସମ୍ମାନରୁ ରକ୍ଷା କରିଥିଲେ । ନାମସ୍ମରଣ ପ୍ରହ୍ଲାଦଙ୍କୁ ଯନ୍ତ୍ରଣାର ଦାଉରୁ, ଗଜେନ୍ଦ୍ରଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିଥିଲା ଏବଂ ଅନ୍ୟ ଅନେକ ତାଙ୍କ କୃପାବଳରେ ସମାନ ଭାବରେ ଆଶୀର୍ବାଦ ଲାଭ କରିଥିଲେ ।

ମୁଁ ଏବେ ଗୋଟିଏ ଘଟଣା ବର୍ଣ୍ଣନା କରିବି ଯାହା ମୋ ସ୍ମୃତିରେ ଗଭୀର ଭାବରେ ଖୋଦିତ ହୋଇ ରହିଛି । ମୁଁ ଦଶବର୍ଷର ହୋଇଥିଲି ଏବଂ କାର୍‌ର ଆଗ ସିଟ୍‌ରେ ଡ୍ରାଇଭର ପାଖରେ ବସିଥିଲି । ଆମେ ଚେନ୍ନାଇରେ ଯୁଦ୍ଧସ୍ମାରକୀ ବାଟେ ଯାଉଥିବା ବେଳେ ହଠାତ୍ କାର୍‌କୁ ଗୋଟିଏ ପଟକୁ ଚାଲି ଯାଉଥିବାର ଦେଖିଲି । ଡ୍ରାଇଭରକୁ ଚାହିଁବା ବେଳକୁ ସେ ଶୋଇ ପଡ଼ିଥିବାର ଓ କାର ଉପରୁ ନିୟନ୍ତ୍ରଣ ହରାଇଥିବାର ଦେଖି ମୁଁ ବ୍ୟାକୁଳ ହୋଇଗଲି । ମୁଁ ତାକୁ ଉଠାଇବା ପାଇଁ ତା ନାଁ ଧରି ଡାକିଲି, କିନ୍ତୁ ସେ ଉଠିବା ପୂର୍ବରୁ କାର୍ ଯାଇ ଜଣେ ସାଇକେଲ୍ ଆରୋହୀକୁ ଧକ୍‌କା ଦେଲା । ତାପରେ ସାଇକେଲ ଆରୋହୀ ସାଇକେଲ୍‌ରୁ ଫିଙ୍ଗି ହୋଇଯିବାର ମୁଁ ଦେଖିଲି । ସାଇକେଲ୍ ଆରୋହୀ ଖୁବ୍ ଉଚ୍ଚ ସ୍ୱରରେ 'ସାଇରାମ' ବୋଲି ଡାକିବାର ମୁଁ ଶୁଣିଲି । ଏହା ଆମର ପ୍ରିୟ ସ୍ୱାମୀଙ୍କୁ ସୂଚିତ କରିବା ପାଇଁ ବ୍ୟବହୃତ ହେଉଛି ବୋଲି ସେତେବେଳେ ମୁଁ ଜାଣି ନ ଥିଲି ।

ସାଇକେଲ୍ ଆରୋହୀଜଣକ ଉପରକୁ ଉଠି ଭୂମିରେ ପଡ଼ିଲା । ମୁହୂର୍ତ୍ତକ ପାଇଁ ଆମେ ଭାବିଲୁ ଯେ ସେ ମରିଯାଉଛି । ଏତେ ବେଳକୁ ଅବଶ୍ୟ ଡ୍ରାଇଭର ବ୍ରେକ୍ ଲଗାଇ ଦେଇଥିଲା । ଆମେ ଦୁହେଁ କାର୍‌ରୁ ବାହାରି ଗଲୁ ଏବଂ ରାସ୍ତାରେ ପଡ଼ିଥିବା ସାଇକେଲ୍ ଆରୋହୀ ପାଖକୁ ଗଲୁ । ଆଶ୍ଚର୍ଯ୍ୟର କଥା ଯେ ସେ ବଳପୂର୍ବକ ସାଇକେଲ୍‌ରୁ ନିକ୍ଷିପ୍ତ ହୋଇଯାଇଥିଲେ ବି ଏବଂ ସାଇକେଲ୍‌ଟି ପୂରାପୂରି ଭାଙ୍ଗିଯାଇଥିଲେ ବି ଆମେ ତା ଦେହରେ କିଛି ଗୁରୁତର କ୍ଷତ ଦେଖିଲୁ ନାହିଁ । ଯାହା ହେଉ, ଆମେ ତାକୁ ଆମ କାର୍‌ରେ ଏକ ସରକାରୀ ଚିକିତ୍ସାଳୟକୁ ନେଲୁ । ସେଠାରେ ଡାକ୍ତର ତାକୁ ପରୀକ୍ଷା କରି କିଛି କ୍ଷତି ହୋଇନାହିଁ ଓ କିଛି ଚିକିତ୍ସା ଦରକାର ନାହିଁ ବୋଲି କହିଲେ । ସେ ପୂରାପୂରି ଠିକ୍ ଅଛି ବୋଲି ଜାଣି ଆମକୁ ଉପଶମ ମିଳିଲା ।

ବାବା ହିଁ ତାକୁ ରକ୍ଷା କରିଥିଲେ ବୋଲି ସାଇକେଲ୍ ଆରୋହୀ କହୁଥିବାର ମୋର ମନେ ଅଛି । ଛୋଟ ପିଲା ଥିବା ଯୋଗୁଁ ସେତେବେଳେ ମୁଁ ବାବାଙ୍କ ବିଷୟରେ ବେଶି କିଛି ଜାଣି ନ ଥିଲି, କିନ୍ତୁ ଏହି ଘଟଣା ମୋ ମନ ଉପରେ ଏକ ଦୀର୍ଘସ୍ଥାୟୀ ଛାପ ଛାଡ଼ିଗଲା । ଏବେ ସେହି ଘଟଣାକୁ ସ୍ମରଣ କଲେ ମୋତେ ଲାଗୁଛି ଯେ ସେ 'ସାଇରାମ' ବୋଲି ଡାକିବା ମାତ୍ରେ ସ୍ୱାମୀ ହିଁ ତାକୁ ରକ୍ଷା କରିଥିଲେ ।

ଏହା ମୋତେ ଭାଗବତର ଅଜାମିଳ ଉପାଖ୍ୟାନ ମନେ ପକାଇ ଦିଏ । ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲେ ବି ଅଜାମିଳ ପାପକର୍ମରେ ନିୟୋଜିତ ହୋଇ ତା ଜୀବନକୁ ନଷ୍ଟ କରିଦେଇଥିଲା । ଅବଶ୍ୟ ମୃତ୍ୟୁ ସମୟରେ ସେ 'ନାରାୟଣ' ନାମକ ତା' ପୁଅକୁ ଡାକ ପକାଇଲା, ଯାହା ତା ଜୀବନକୁ ଉଦ୍ଧାର କଲା, ସ୍ୱାମୀ ନାମସ୍ମରଣ ବିଷୟରେ ଯାହା ବୁଝାଇଛନ୍ତି ତାହା ହେଉଛି ଯେ ମାଛ କେବଳ ପାଣି ଭିତରେ ଶାନ୍ତିରେ ରହେ, ସେହିପରି ଆମ ଚାରିପଟେ ପ୍ରଭୁଙ୍କ କୃପା ରହିବା ଉଚିତ । ଅବଶ୍ୟ ଏହି କୃପା ପାଇଁ ପାଖବାଟ କିଛି ନାହିଁ; ପ୍ରଭୁଙ୍କ ନାମସ୍ମରଣ ହିଁ ଏକମାତ୍ର ବାଟ ।

ଓଁ ଜୟ ସାଇରାମ !

"ନାମସ୍ମରଣ ପ୍ରକ୍ରିୟା ମାଧ୍ୟମରେ ଉତ୍ସର୍ଗ ଭାବର ଅନୁଶୀଳନ ଓ ସୁନିଶ୍ଚୟ କରାଯାଇପାରିବ । ବିପଦର ସମ୍ମୁଖୀନ ହେବାବେଳେ ତୁମେ ବିଶ୍ୱାସ ହରାଇବା ଓ ଶିଥିଳ ହୋଇଯିବା ପରିବର୍ତ୍ତେ ଅଧିକ ଦୃଢ଼ ଭାବରେ ଏହି ସାଧନାରେ ମଗ୍ନ ରହିବା ଉଚିତ । ସବୁଠାରୁ ବେଶି ଦରକାର ହେଉଥିବାବେଳେ ଔଷଧକୁ ତ୍ୟାଗ କରିବା ଉଚିତ ନୁହେଁ । ଦୁଃଖର କଥା ଯେ ପ୍ରଥମ ଥର ପାଇଁ ନୈରାଶ୍ୟର ସମ୍ମୁଖୀନ ହେବା ବେଳେ ତୁମେ ଆସ୍ଥା ଓ ସାହସ ହରାଇ ବସ ଏବଂ ରାମ ବା କୃଷ୍ଣ ବା ସାଇବାବାଙ୍କ ନାମ ତ୍ୟାଗ କର ।"

– ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ପଞ୍ଚମ ଭାଗ

ତୃତୀୟ ଅଧ୍ୟାୟ :

ତୁମେ ଗୁରୁଙ୍କୁ ନୁହେଁ, ଗୁରୁ ତୁମକୁ ବାଛନ୍ତି

"ନୀରବତାର ଗଭୀରତାରେ ହିଁ ଭଗବାନଙ୍କ ସ୍ୱର ଶୁଣାଯାଇପାରେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଅଷ୍ଟମ ଭାଗ

ଛୋଟ ପିଲାବେଳେ ବି "ମୃତ୍ୟୁ ପରେ କ'ଣ ହୁଏ ?" ପ୍ରଶ୍ନଟି ମୋଠାରେ କୌତୂହଳ ସୃଷ୍ଟି କରୁଥିଲା । ଏହା ମୋତେ ଜୀବନର ଅର୍ଥ ବିଷୟରେ ପ୍ରଶ୍ନ କରିବାକୁ ଏବଂ 'ଭଗବାନ' ବୋଲି କୁହାଯାଉଥିବା ତଥା ସମଗ୍ର ବିଶ୍ୱକୁ ପରିଚାଳନା ତଥା ନିୟନ୍ତ୍ରଣ କରୁଥିବା 'ଶକ୍ତି'କୁ ବୁଝିବା ପାଇଁ ଚେଷ୍ଟା କରିବାକୁ ପ୍ରବର୍ତ୍ତାଇଥିଲା । ତେଣୁ ମୁଁ ମୋର ପ୍ରାରମ୍ଭିକ ବର୍ଷମାନଙ୍କରେ ମୋ ବୟସର ଅନ୍ୟ ପିଲାମାନଙ୍କ ତୁଳନାରେ ଏ ବିଷୟରେ ବହୁତ ପଢ଼ାପଢ଼ି କରିଥିଲି । ଏହା ମୋତେ ସାଧୁସନ୍ଥଙ୍କ ପ୍ରତି ଆକର୍ଷିତ କରିଥିଲା ଏବଂ ମୋର ମନେଅଛି ମୁଁ କୈଶୋରାବସ୍ଥାରେ ପଣ୍ଡିଚେରୀର ଅରବିନ୍ଦ ଆଶ୍ରମରେ କିଛିଦିନ କଟାଇଥିଲି । ମୁଁ ସେ କାଳରେ କବିତା ପ୍ରତି ବିଶେଷ ଆଗ୍ରହୀ ଥିବାରୁ ଶ୍ରୀ ଅରବିନ୍ଦଙ୍କର କବିତା ସମେତ ବହୁତ ଲେଖା ମଧ୍ୟ ପଢ଼ିଥିଲି । ଅରବିନ୍ଦ ଆଶ୍ରମ ମୋତେ ବହୁତ ଶାନ୍ତିପୂର୍ଣ୍ଣ ଲାଗିଥିଲା ଏବଂ ମୁଁ ବିଶେଷ ଭାବରେ ବିଶ୍ୱଭ୍ରାତୃତ୍ୱର ଅରୋଭିଲା ସିଦ୍ଧାନ୍ତ ଦ୍ୱାରା ପ୍ରଭାବିତ ହୋଇଥିଲି, ଯାହାକୁ ମୁଁ ପରବର୍ତ୍ତୀ ସମୟରେ ଭଗବାନ ବାବାଙ୍କ ଉପଦେଶରେ ଚିହ୍ନିତ କରିଥିଲି ଏବଂ ଶ୍ରୀ ସତ୍ୟସାଇ ସେବା ସଂଗଠନର ଆଦର୍ଶରେ ତାହା ମୂର୍ତ୍ତିମନ୍ତ ରହିଛି । ମୁଁ ଅନେକ ଦିନ ଅରୋଭିଲାରେ ଅତିବାହିତ କଲି ଏବଂ ଏପରିକି ଅରୋଭିଲା ଉପରେ ଏକ କବିତା ମଧ୍ୟ ଲେଖିଲି ଯାହା ପରବର୍ତ୍ତୀ ସମୟରେ ସେମାନଙ୍କର ପତ୍ରିକା 'ମଦର ଇଣ୍ଡିଆ'ରେ ପ୍ରକାଶିତ ହୋଇଥିଲା । ମୁଁ ଅତିଶୟ ପ୍ରଭାବିତ ହେବା ବେଳେ ମୋ ହୃଦୟ ମୋତେ କହିଚାଲିଲା ଯେ ମୁଁ ଆଉ କିଛି ଖୋଜୁଛି ।

ମୁଁ ମଧ୍ୟ ଶ୍ରୀ ରମଣ ଆଶ୍ରମକୁ ଯାଇଥିଲି ଏବଂ ଶ୍ରୀ ରମଣ ମହର୍ଷିଙ୍କ ଜୀବନ ଓ ତାଙ୍କର ସରଳତା ତଥା ସେ ଘୋଷଣା କରିଥିବା ମହାନ ସତ୍ୟଗୁଡ଼ିକ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିଲି । ମୁଁ ଏହି ଆଶ୍ରମକୁ ମଧ୍ୟ ଖୁବ୍ ଶାନ୍ତିପୂର୍ଣ୍ଣ ପାଇଥିଲି । ସେହିପରି ମୁଁ ନିୟମିତ ଭାବରେ ବିବିଧ ମନ୍ଦିରକୁ ଯିବା ବ୍ୟତୀତ ଅନ୍ୟ କେତେକ ସାଧୁଙ୍କ ଆଶ୍ରମକୁ ମଧ୍ୟ ଯାଇଥିଲି । ଏଗୁଡ଼ିକ ମୋତେ ବହୁ ଶାନ୍ତି ଓ ସାନ୍ତ୍ୱନା ଦେବା ସତ୍ତ୍ୱେ ମୋ ହୃଦୟ

କହୁଥିଲା ଯେ ମୁଁ ଆଉ କିଛି ଅଛି ଯାହା ଏପର୍ଯ୍ୟନ୍ତ ଦେଖିନାହିଁ, ଯାହା ମୋତେ ଅପେକ୍ଷା କରି ରହିଛି । ହଓ୍ୱାର୍ଡ଼ ମର୍ଫେଟଙ୍କ 'ଅଚିନ୍ତନୀୟ ସାଇବାବା' ସମେତ ସତ୍ୟସାଇ ବାବାଙ୍କ ଉପରେ କେତୋଟି ବହି ପଢ଼ିବା କଥା ମୋର ମନେ ଅଛି । ଅବଶ୍ୟ ଏଗୁଡ଼ିକ ମୋ ଉପରେ ପ୍ରଭାବ ପକାଇଥିଲେ ବି କିଛି ବର୍ଷ ପରେ ୧୯୯୨ରେ ମୋତେ ଅଧିକ ପ୍ରଭାବିତ କରିଥିଲା ।

ଅବଶ୍ୟ ସ୍ୱାମୀଙ୍କ ଡାକରା ଆସିବା ପରେ ହିଁ ଆମେ ତାଙ୍କ ପାଖକୁ ଯାଇ ପାରିବା । ମୋ ଜୀବନରେ ଏକ ମୋଡ଼ ଆସିଥିଲା ମାଡ୍ରାସ ମେଡ଼ିକାଲ କଲେଜରେ ମୋର ସହପାଠିନୀ ରେମା ସହ ମୋର ବିବାହ ପରେ । ମୋ ଶ୍ୱଶୁର ଶ୍ରୀ କେ. ଭି. ତଙ୍କପାନ ନାୟର ଆୟାପ୍ପାଙ୍କର ପରମ ଭକ୍ତ ଓ ଜଣେ 'ଗୁରୁସ୍ୱାମୀ' ଥିଲେ, ଯେହେତୁ ସେ ପ୍ରାୟ ୪୦ ବର୍ଷ ଧରି ଶବରିମଳାକୁ ତୀର୍ଥଯାତ୍ରାରେ ଯାଉଥିଲେ । ଏହି ପରିବାରରେ ପ୍ରବେଶ କରିବା ପରେ ମୁଁ ମଧ୍ୟ ପ୍ରତି ବର୍ଷ 'ମଣ୍ଡଳ' ପୂଜା ବେଳେ ଶବରିମଳା ଯିବାକୁ ଆରମ୍ଭ କଲି । ଚେନ୍ନାଇର ମହାଲିଙ୍ଗପୁରମ୍‌ଠାରେ ପ୍ରଖ୍ୟାତ ଆୟାପ୍ପାନ ମନ୍ଦିର ନିର୍ମାଣ କରିଥିବା ଦାୟିତ୍ୱବାନ ବ୍ୟକ୍ତିମାନଙ୍କ ମଧ୍ୟରେ ମୋ ଶ୍ୱଶୁର ମଧ୍ୟ ଥିଲେ ଅନ୍ୟତମ; ସେଠାରେ ପରେ ଏକ ଗୁରୁବାୟୁରାପ୍ପାନ ମନ୍ଦିର ମଧ୍ୟ ନିର୍ମିତ ହୋଇଥିଲା । ତେଣୁ ଏହି ମନ୍ଦିରକୁ ନିୟମିତ ଯାତ୍ରା ହେଉଥିଲା, ଯେହେତୁ ସେ କାଳରେ ମୁଁ ନୁଙ୍ଗାମ୍‌ବକ୍କମ୍‌ଠାରେ ରହୁଥିଲି ଏବଂ ମନ୍ଦିର ଆମ ଘରର ଅତି ପାଖରେ ଥିଲା । ତାପରେ ପ୍ରାୟ ୧୫ ବର୍ଷ ଶ୍ରୀ ଆୟାପ୍ପା ଆମ ଘରର ମୁଖ୍ୟ ଆରାଧ୍ୟ ହେଲେ ଏବଂ ଆମର ସବୁ ପ୍ରାର୍ଥନା ଶ୍ରୀ ଆୟାପ୍ପାଙ୍କ ପ୍ରାର୍ଥନା ଥିଲା । ମୁଁ ବାବାଙ୍କ ଭକ୍ତ ହେବା ପରବର୍ତ୍ତୀ ଏକ ଘଟଣା ସହ ଏହାର ସମ୍ବନ୍ଧ ଅଛି, ଯାହା ମୁଁ ଏକାଦଶ ଅଧ୍ୟାୟରେ ବର୍ଣ୍ଣନା କରିବି ।

ମୋର ବାଲ୍ୟାବସ୍ଥାର ସିଂହାବଲୋକନ କଲେ ମୁଁ ଉପଲବ୍ଧି କରେ ଯେ ସ୍ୱାମୀ ମୋତେ ତାଙ୍କ ଦିବ୍ୟ ମିଶନର ଅଂଶବିଶେଷ ହେବା ପାଇଁ ଯୁବାବସ୍ଥାରୁ ହିଁ ମୋତେ ପ୍ରସ୍ତୁତ କରୁଥିଲେ । ଏଥିପାଇଁ ସେ ମୋତେ କିପରି ଧୀରେ ଧୀରେ ପ୍ରସ୍ତୁତ କଲେ ତାହା ମୁଁ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ବର୍ଣ୍ଣନା କରିବି ।

ଓଁ ଜୟ ସାଇରାମ !

> ***ତୁମେ ମୋତେ ଦେଖିପାର ନାହିଁ, କିନ୍ତୁ ମୁଁ ହେଉଛି ଆଲୋକ, ଯାହାଦ୍ୱାରା ତୁମେ ଦେଖ; ତୁମେ ମୋତେ ଶୁଣିପାର ନାହିଁ, କିନ୍ତୁ ମୁଁ ହେଉଛି ଧ୍ୱନି ଯାହାଦ୍ୱାରା ତୁମେ ଶୁଣ; ତୁମେ ମୋତେ ଜାଣିପାର ନାହିଁ, କିନ୍ତୁ ମୁଁ ହେଉଛି ସତ୍ୟ, ଯାହାଦ୍ୱାରା ତୁମେ ଜୀବିତ ଅଛ ।***
>
> ***- ଭଗବାନ ଶ୍ରୀ ସତ୍ୟସାଇ ବାବା, ତପୋବନ***

ଅଧ୍ୟାୟ : ୪

ପ୍ରାର୍ଥନା ଦ୍ୱାରା ସବୁ ସମ୍ଭବ

"ଆମେ ଆମ ମନକୁ ଭଗବାନଙ୍କଠାରେ ପୂର୍ଣ୍ଣ ଶରଣାପନ୍ନ କରିଦେଲେ ସେ ସବୁ ପ୍ରକାରେ ଆମର ଯତ୍ନ ନେବେ"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୧୬ଶ ଭାଗ

ମୋର ବାଲ୍ୟାବସ୍ଥାରେ ଭଗବାନଙ୍କ ଉପରେ ମୋର ଦୃଢ଼ ବିଶ୍ୱାସ ପ୍ରତିଷ୍ଠା କରିଥିବା ଏକ ଶକ୍ତିଶାଳୀ ଓ ଅବିସ୍ମରଣୀୟ ଘଟଣା ମୋର ଜଣେ ବାଲ୍ୟବନ୍ଧୁ କିଶୋର ସହ ସମ୍ପୃକ୍ତ । ସେ ସେତେବେଳେ ସାଇଭକ୍ତ ଥିଲେ ବି ମୁଁ ଔପଚାରିକ ଦୃଷ୍ଟିରୁ ନ ଥିଲି । କିଶୋର ସେଣ୍ଟ ମେରୀ ଉଚ୍ଚ ବିଦ୍ୟାଳୟରେ ମୋ ତଳ ଶ୍ରେଣୀରେ ପଢୁଥିଲା । ମୁଁ ସପ୍ତମ ଶ୍ରେଣୀ ପାସ୍ କରି ଅଷ୍ଟମ ଶ୍ରେଣୀରେ ପ୍ରବେଶ କରିବା ବେଳେ କିଶୋର ବିଦ୍ୟାଳୟରେ ମୋ ପାଖକୁ ଆସିଲା ଏବଂ ମୁଁ ତାକୁ ସପ୍ତମ ଶ୍ରେଣୀର ଇତିହାସ ବହି 'ଦି ମାର୍ଚ୍ଚ ଅଫ ଟାଇମ୍' ଦେଇପାରିବି କି ବୋଲି ପଚାରିଲା । କିଛି ନ ଭାବି ମୁଁ କହିଲି, "ହଁ, ଆଜି ସ୍କୁଲ ପରେ ସନ୍ଧ୍ୟା ସାଢ଼େ ଚାରିଟାରେ ଆସି ନେଇଯା ।" ତାପରେ ମୁଁ ସେକଥା ଭୁଲିଗଲି । ଠିକ୍ ସାଢ଼େ ଚାରିଟା ବେଳେ କିଶୋର ଆସି ବେଲ୍ ମାରିଲା ଏବଂ ଆମ ଚାକରାଣୀ ମୋତେ ସେ ଆସିଛି ବୋଲି କହିଲା । ମୁଁ ଡରିଗଲି, କାରଣ ବହିଟି କେଉଁଠି ଅଛି ମୁଁ ଜାଣି ନ ଥିଲି । କେତେ ମାସ ପୂର୍ବେ ମୁଁ ବହିଟିକୁ ବ୍ୟବହାର କରିଥିବାରୁ ତାକୁ କେଉଁଠି ରଖିଥିଲି ମୋର ମନେ ନ ଥିଲା । ମୋ ବହିସବୁ ଯେଉଁଠାରେ ଥାଏ ସେଠାରେ ଖୋଜିଲି, କିନ୍ତୁ ନ ଥିଲା । ସ୍ୱଭାବତଃ ମୁଁ କଥା ଦେଲି ମାନେ ତାହା ଭାଙ୍ଗିବାକୁ ଘୃଣା କରେ । ତେଣୁ କ'ଣ କରିବି ଜାଣି ନ ପାରି ଖୁବ୍ ବିବ୍ରତ ହୋଇଗଲି । କିଶୋର ବାହାରେ ଅପେକ୍ଷା କରିଥିଲା ଏବଂ ବହିଟି ପାଇବାର ଉପାୟ ମୋ ପାଖରେ ନ ଥିଲା । ତାପରେ ମୁଁ ଭଗବାନଙ୍କ ସାହାଯ୍ୟ ପାଇଁ ପ୍ରାର୍ଥନା କରିବାକୁ ଠିକ୍ କଲି ଏବଂ ପ୍ରାର୍ଥନା ଓ ଧ୍ୟାନରେ ବସିପଡ଼ି କହିଲି, 'ଭଗବାନ, ଯଦି ଏକଥା ସତ ଯେ ତୁମେ ପ୍ରକୃତରେ ଅଛ ଏବଂ ତୁମେ ସର୍ବଶକ୍ତିମାନ, ଦୟାକରି ମୋତେ ବହିଟି କେଉଁଠି ଅଛି 'ବର୍ତ୍ତମାନ' ହିଁ ଦେଖାଅ, ଯଦ୍ୱାରା ମୁଁ ତାହା କିଶୋରକୁ ଦେଇ ପାରିବି ।' କିଛି କ୍ଷଣ ମଧ୍ୟରେ ମୋ ମନ ପୂରାପୂରି ଶୂନ୍ୟ ହୋଇଗଲା । ମୁଁ ଧ୍ୟାନରେ ବସିଥିବା ବେଳେ 'ଦି ମାର୍ଚ୍ଚ ଅଫ୍ ଟାଇମ୍' ବହିଟି ଏକ ଅବାଞ୍ଛନୀୟ

ସ୍ଥାନରେ ଘର ବାହାରେ ଇଲେକ୍ଟ୍ରି ମିଟର ରୁମ୍‌ରେ ଅଙ୍ଗାର ଅଖା ଉପରେ ଥିବାର ଦୃଶ୍ୟ ଦେଖିଲି ।

ମୁଁ ଏହାର ପୃଷ୍ଠଭୂମି ବିଷୟରେ ବୁଝାଉଛି, ଯଦ୍ଦ୍ୱାରା ମୁଁ କାହିଁକି ଏହାକୁ ଏକ ଚମତ୍କାର କହୁଛି, ସେ ବିଷୟରେ ଆପଣଙ୍କର ଧାରଣା ହୋଇପାରିବ । ରୟପୁରମ୍‌ରେ ଆମ ଘରେ ଗୋଟିଏ ଛୋଟ କୋଠରି ଅଛି, ଯାହା ହେଉଛି 'ମିଟର ରୁମ୍' । ଏହା ତାମିଲନାଡୁ ବିଦ୍ୟୁତ ବୋର୍ଡ଼ ଲୋକମାନଙ୍କ ଦ୍ୱାରା ପ୍ରତି ମାସରେ ବିଲ୍ ତିଆରି କରିବା ପାଇଁ ମିଟର ରିଡ଼ିଙ୍ଗ୍ କରିବାକୁ ବ୍ୟବହୃତ ହୋଇଥାଏ, ସେତେବେଳେ ହିଁ ଏହି ଘର ଖୋଲାଯାଏ । ଅନ୍ୟ ସମୟରେ ପ୍ରାୟ ମାସକୁ ଥରେ ଅଙ୍ଗାର ଅଖା ଭିତରକୁ ଅଣାଯିବା ବେଳେ ହିଁ ଖୋଲାଯାଏ । ସପ୍ତମ ଦଶକରେ ଅଙ୍ଗାର ଥିଲା ମୁଖ୍ୟ ଇନ୍ଧନ, ଯେତେବେଳେ ଏଲପିଜି ଗ୍ୟାସ ସିଲିଣ୍ଡର ପ୍ରଚଳିତ ନ ଥିଲା । ସେହି ମିଟର ରୁମ୍ ଅଙ୍ଗାର ଅଖା ରଖିବାରେ ମଧ୍ୟ ବ୍ୟବହୃତ ହେଉଥିଲା । ସେହି ଛୋଟ କୋଠରିଟିରେ ବିଦ୍ୟୁତ୍ ମିଟର ତଥା ଅଙ୍ଗାର ଅଖା ଛଡ଼ା ଆଉ କିଛି ନ ଥିଲା । ଅଙ୍ଗାର ଅଖା ଉପରେ ବହିଟି ଥୁଆ ହୋଇଥିବାର ଚିତ୍ର ମୋ ମନ ଭିତରେ ଏତେ ସୁସ୍ପଷ୍ଟ ଥିଲା ଯେ ମୁଁ ତତ୍‌କ୍ଷଣାତ୍ ବାହାରକୁ ଗଲି କିଶୋରକୁ ଡାକିଲି ଏବଂ ମିଟର ରୁମ୍‌ର ଚାବି ରଖିଥିବା ମାଳୀକୁ ମଧ୍ୟ ଡାକିଲି ଓ ବହିଟି ନେବା ପାଇଁ କୋଠରିଟି ଖୋଲିବାକୁ କହିଲି । ମାଳୀ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲା ଓ କହିଲା, 'ସେ କୋଠରିରେ ଅଙ୍ଗାର ଅଖା ଛଡ଼ା ଆଉ କିଛି ନାହିଁ ।' ମୁଁ ତାକୁ କହିଲି, 'ଚିନ୍ତା କର ନାହିଁ, କବାଟ ଖୋଲ ।' ସେ କବାଟ ଖୋଲିଲା, ଆଉ ଦେଖନ୍ତୁ! ଅଙ୍ଗାର ଅଖା ଉପରେ ଥୁଆ ହୋଇଥିଲା 'ଦି ମାର୍ଚ୍ଚ ଅଫ୍ ଟାଇମ୍' । ଅଧିକ ଆଶ୍ଚର୍ଯ୍ୟର କଥା ଥିଲା ଯେ ଏହା ଛଡ଼ା ଅନ୍ୟ କିଛି ବହି ନ ଥିଲା । ଆଉ ମଧ୍ୟ ଅଲୌକିକ ଭାବରେ ତା ଉପରେ ଧୂଳି ନ ଥିଲା କି ଅଙ୍ଗାରର ଚିହ୍ନ ନ ଥିଲା । ବହି ସେଠାକୁ କିପରି ଗଲା ସେ କଥା ଆଜିଯାଏ ମୁଁ ବୁଝାଇବାକୁ ସକ୍ଷମ ହୋଇନାହିଁ । ମିଟର ରୁମ୍‌ରେ ଅନ୍ୟ କିଛି ନ ଥିବା ବେଳେ ଅଙ୍ଗାର ଅଖା ଉପରେ ସେଇଟି କିପରି ରଖାଯାଇଥିଲା, ତାହା ମୋ ପାଇଁ ଏକ ରହସ୍ୟ ହୋଇ ରହିଛି । ମୁଁ ଚୁପ୍‌ଚାପ୍ ବହିଟି ନେଇ କିଶୋରକୁ ଦେଲି, ସେ ତାହା ପାଇ ଖୁବ୍ କୃତଜ୍ଞ ହେଲା ।

ଆଜି ପର୍ଯ୍ୟନ୍ତ ମୁଁ ଏହି ଚମତ୍କାର ବିଷୟରେ କିଶୋରକୁ କହିନାହିଁ । ସେ ଏବେ ଶ୍ରୀ ସତ୍ୟସାଇ ସେବା ସଂଗଠନର ଜଣେ ସେବାଦଳ ଏବଂ ମୁଁ ବହୁଧା ତାକୁ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓ ତାମିଲନାଡୁ ନ୍ୟାସର ମୁଖ୍ୟାଳୟ ସୁନ୍ଦରମ୍‌ରେ ଭେଟୁଛି । ଏହା ହେଉଛି ମୁଁ ଶିଶୁ ଭାବରେ ଭଗବାନଙ୍କୁ କରିଥିବା ପ୍ରଥମ ପରୀକ୍ଷା ଏବଂ ତାହା ମୋଠାରେ ବିଶ୍ୱାସ ବୃଦ୍ଧି କଲା ଯେ ବସ୍ତୁତଃ ଆମ ସମସ୍ତଙ୍କ ଊର୍ଦ୍ଧ୍ୱରେ ଏକ 'ଶକ୍ତି' ଅଛି ଯାହା ଆଡ଼କୁ

ଆମେ ଆବଶ୍ୟକ ସମୟରେ ଚାହିଁ ପାରିବା । ପ୍ରକୃତରେ ଆମେ ସବୁବେଳେ ଏହି 'ଶକ୍ତି' ଆଡ଼କୁ ଅଭିମୁଖୀ ହେବା ଓ ସବୁ ସମୟରେ ଏହି 'ଶକ୍ତି'କୁ ସ୍ମରଣ କରିବା ଉଚିତ; କେବଳ ସାହାଯ୍ୟ ଆବଶ୍ୟକ କରୁଥିବା ସମୟରେ ନୁହେଁ । କିନ୍ତୁ ମୋ ଭଳି କ୍ଷୁଦ୍ର ମନୁଷ୍ୟ ପାଇଁ ସେହିଦିନ ସତ୍ୟର ଉଦୟ ହୋଇଥିଲା ଯେ ଅନ୍ତତଃ ଆମେ ସାହାଯ୍ୟ ଲୋଡୁଥିବା ବେଳେ କିଏ ଜଣେ ବା କୌଣସି ଏକ ଶକ୍ତି ଅଛି ଯାହା ଆଡ଼କୁ ଆମେ ଚାହିଁପାରିବା । ସେହି ଶକ୍ତି ହେଉଛି 'ଭଗବାନ' ।

ସେ କାଳରେ ମୋର ଅଧିକାଂଶ ପ୍ରାର୍ଥନା ଥିଲା ଭୌତିକ ବସ୍ତୁ ପାଇଁ । ଉଦାହରଣ ସ୍ୱରୂପ ପ୍ରାର୍ଥନାର ନିବିଡ଼ତା ପରୀକ୍ଷା ସମୟରେ ବଢ଼ିଯାଉଥିଲା ଏବଂ ପରୀକ୍ଷା ସରିବା ପରେ ପରେ ଭଗବାନ ବିସ୍ମୃତ ହୋଇଯାଉଥିଲେ ଏବଂ ମୁଁ ଗପ ବହି, ସିନେମା ଓ ଖେଳରେ ଜୀବନକୁ ଉପଭୋଗ କରୁଥିଲି । ଖେଳ ସମ୍ବନ୍ଧରେ ମୁଁ ମାନ୍ଦ୍ରାଜ ଭେଷଜ ମହାବିଦ୍ୟାଳୟରେ ଏମ୍‌ବିବିଏସ୍ ପଢୁଥିବା ବେଳର ଘଟଣାଟିଏ କହୁଛି । ମୁଁ କଲେଜ କ୍ରୀଡ଼ାର କ୍ୟାପଟେନ୍ ଥିଲି ଏବଂ ମୋର ପ୍ରିୟ ଖେଳ ଥିଲା ସଟପୁଟ । ମୁଁ ପ୍ରତିଦିନ କଲେଜ ସମୟ ପରେ କଲେଜ ପଡ଼ିଆରେ ଅଭ୍ୟାସ କରେ ଏବଂ ଫିଙ୍ଗିଥିବା ଦୂରତ୍ୱକୁ ମାପେ, ଯେହେତୁ ମୁଁ ଇଣ୍ଟର-ମେଡ଼ିକାଲ କ୍ରୀଡ଼ା ପ୍ରତିଯୋଗିତା ପାଇଁ କଠୋର ଅଭ୍ୟାସ କରୁଥିଲି । ଇଣ୍ଟର ମେଡ଼ିକାଲ ପ୍ରତିଯୋଗିତା ବେଳେ ମୁଁ ଶେଷ କରିଥିବା ପାଞ୍ଚୋଟି ଥ୍ରୋ ପରେ ଦ୍ୱିତୀୟ ସ୍ଥାନରେ ଥିଲି ଏବଂ ମୋର ଆଉ ମାତ୍ର ଗୋଟିଏ 'ଥ୍ରୋ' ଥାଏ । ଦୁର୍ଭାଗ୍ୟକୁ ମୁଁ ମୋର ବ୍ୟକ୍ତିଗତ ସର୍ବୋତ୍ତମ ଦୂରତ୍ୱରେ ମଧ୍ୟ ପହଞ୍ଚି ପାରି ନ ଥିଲି । ମୋ ଆଗରେ ପ୍ରଥମ ସ୍ଥାନରେ ଥିବା ଛାତ୍ରଜଣକ ମୋ ଅପେକ୍ଷା ସ୍ପଷ୍ଟ ଭବାରେ ଏକ ମିଟର ଆଗରେ ଥିଲା ଏବଂ ଏତେଦୂର ମୁଁ କେବେ ମୋ ଜୀବନକାଳରେ ବର୍ଷ ବର୍ଷର ଅଭ୍ୟାସ ସତ୍ତ୍ୱେ ଫିଙ୍ଗି ପାରି ନ ଥିଲି । ଶେଷ ଥ୍ରୋ ବେଳେ ମୁଁ ଭଗବାନଙ୍କ ଶକ୍ତିକୁ ଆବାହନ କଲି ଏବଂ ଭଗବାନଙ୍କୁ କହିଲି, "ଭଗବାନ, ଏହି ଶେଷ ଥ୍ରୋରେ ମୋତେ ସାହାଯ୍ୟ କର, ଯେତେବେଳେ ମୁଁ ତୁମ ସାହାଯ୍ୟର ଉପଯୋଗ କରିବି ଏବଂ ମୋ ଶକ୍ତି ଉପରେ ନିର୍ଭର କରିବି ନାହିଁ; ତେଣୁ ଦୟାକରି ମୋତେ ସାହାଯ୍ୟ କର, ଭଗବାନ!" ବିଚିତ୍ର କଥା ମୋର ଷଷ୍ଠ ଓ ଶେଷ ଥ୍ରୋ ସେତେବେଳେ ପ୍ରଥମ ସ୍ଥାନରେ ଥିବା ଛାତ୍ରଠାରୁ ଏକ ମିଟର ଦୂରକୁ ଗଲା । ଏହି ଦୂରତ୍ୱ ମୁଁ ମୋ ଜୀବନରେ କେବେ ପୂର୍ବରୁ ବା ତାପରେ ରେକର୍ଡ଼ କରିନଥିଲି । ମୁଁ ଶତପ୍ରତିଶତ ନିଶ୍ଚିତ ଯେ ସେଦିନ ଥ୍ରୋ କେବଳ ମୋର ପ୍ରୟାସ ନୁହେଁ ମାତ୍ର ଭଗବାନଙ୍କର ସାହାଯ୍ୟ । ମୁଁ ସେତେବେଳେ ଭଗବାନଙ୍କ ଶକ୍ତି ଏବଂ ଭଗବାନ କିପରି ତତ୍‌କ୍ଷଣାତ୍ କ୍ରୀଡ଼ାରେ ଜିଣିବା ଭଳି ଏକ ତୁଚ୍ଛ ସ୍ୱାର୍ଥପର କାମନା ପାଇଁ ପ୍ରାର୍ଥନାର

ମଧ୍ୟ ପ୍ରତ୍ୟୁତ୍ତର ଦିଅନ୍ତି ତାହା ଉପଲବ୍ଧି କଲି । ସେତେବେଳେ ମୁଁ କବି ଆଲଫ୍ରେଡ୍ ଲର୍ଡ଼ ଟେନିସନଙ୍କ ଶବ୍ଦର ସତ୍ୟତା ଉପଲବ୍ଧି କଲି:

"ଏ ସଂସାର ଯାହା ସ୍ୱପ୍ନ ଦେଖେ
ତା'ଠୁଁ ଅଧିକ ପ୍ରାର୍ଥନା ଆଣିଥାଏ ।"

ସମାଲୋଚକ ଓ ନାସ୍ତିକମାନଙ୍କୁ ମୁଁ ଏକଥା କହିବା ବେଳେ ସେମାନେ ମୋ ସହ ଯୁକ୍ତି କରି କହନ୍ତି, 'ତୁମର ପ୍ରତିପକ୍ଷୀ ମଧ୍ୟ ଯଦି ସେହିପରି ପ୍ରାର୍ଥନା କରିଥାନ୍ତା ତେବେ ଏପରି ପରିସ୍ଥିତିରେ ଭଗବାନ କ'ଣ କରିଥାନ୍ତେ ? ଏ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ । ମୁଁ ଭାବୁଛି ଏହା ସ୍ୱାମୀ ବୁଝାଇଥିବା 'ଆଧ୍ୟାତ୍ମିକ ବ୍ୟାଙ୍କ'ରେ ନିହିତ । ସ୍ୱାମୀ କହନ୍ତି, 'ତୁମର ଆଧ୍ୟାତ୍ମିକ ବ୍ୟାଙ୍କ୍‌ରେ ଯାହା ଅଛି ତାହା ତୁମକୁ ଆବଶ୍ୟକ ସମୟରେ ମିଳିଥାଏ ।' ଏହା ହୁଏତ କାରଣ ଯେଉଁଥିପାଇଁ କେତେକ ପ୍ରାର୍ଥନା ଉତ୍ତରିତ ହୁଏ ଓ କେତେକ ହୁଏ ନାହିଁ । ଜଣେ ବୈଜ୍ଞାନିକ ଭାବରେ ଏକଥା କହିବା ମୋ ପକ୍ଷରେ ନିର୍ବୋଧତା ହେବ ଯେ କେବଳ ପ୍ରାର୍ଥନା ବଳରେ ଜଣେ ଶହେ ମିଟର ଦୌଡ଼ରେ ଉସେନ ବୋଲ୍‌ଟଙ୍କୁ ଜିତିପାରିବ । ଅବଶ୍ୟ ଏପରି ଘଟଣାଗୁଡ଼ିକ ସମ୍ଭବତଃ ବିଶ୍ୱାସ ଦୃଢ଼ କରିବାକୁ ଏବଂ ଭଗବାନଙ୍କ ଶକ୍ତି ଅସୀମ ଓ ତାଙ୍କର ପ୍ରେମ ନିଃସର୍ତ୍ତ ବୋଲି ସ୍ମରଣ କରାଇବାକୁ ଉଦ୍ଦିଷ୍ଟ । ମୁଁ ଯେତେବେଳେ ବି ପ୍ରାର୍ଥନା କରିଛି ତାହାର ପ୍ରତ୍ୟୁତ୍ତର ଦେଇଥିବାରୁ ମୁଁ କେବଳ ତାଙ୍କୁ ଧନ୍ୟବାଦ ଦେଇପାରିବି । ମହାତ୍ମା ଗାନ୍ଧୀ କହିଛନ୍ତି, "ମୋର ଏପରି ଗୋଟିଏ ବି ଦୃଷ୍ଟାନ୍ତ ମନେ ନାହିଁ, ଯେତେବେଳେ ଭଗବାନ ମୋ ପ୍ରାର୍ଥନାର ପ୍ରତ୍ୟୁତ୍ତର ଦେଇନାହାନ୍ତି ।" ଆଉ ଏହି କଥାର ମୁଁ ଦୃଢ଼ ସମର୍ଥନ କରୁଛି । ଆମେ ଯାହା ମାଗୁଛୁ ତାହା ଯଦି ଭଗବାନ ଆମକୁ ଦେଉ ନ ଥାନ୍ତି ତାହାର କାରଣ କେବଳ ଏଇଆ ଯେ ତାହା ବିନା ଆମେ ଭଲ ଅଛୁ କିମ୍ବା ତାହା ନ ପାଇବା ଆମ ପାଇଁ ଭଲ ବୋଲି ସେ ଜାଣନ୍ତି । ବର୍ଷ ବର୍ଷ ପରେ ଆମେ ନିଜେ ଜାଣି ପାରିବା ସେ କାହିଁକି ଆମ ପ୍ରାର୍ଥନାର ଉତ୍ତର ଦେଲେ ନାହିଁ; ଆମେ ବସ୍ତୁତଃ ଏଥିପାଇଁ ତାଙ୍କୁ ଧନ୍ୟବାଦ ଦେବା ।

ଭଗବାନ ବାବାଙ୍କ ଉପରେ ଆଧାରିତ ଏହି ପୁସ୍ତକ ପ୍ରସଙ୍ଗରେ ମୁଁ ଯୋଗ କରିବି ଯେ ଉଭୟ ଘଟଣାରେ ମୋର ପ୍ରାର୍ଥନା ଥିଲା ଭଗବାନଙ୍କୁ, ନିର୍ଦ୍ଦିଷ୍ଟ ଭାବରେ ଭଗବାନ ବାବାଙ୍କୁ ନୁହେଁ । କିନ୍ତୁ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ମୁଁ ବୁଝାଇବି ଯେ ଭଗବାନଙ୍କର କେଉଁ ରୂପକୁ ଆମେ ପ୍ରାର୍ଥନା କରୁଛୁ ସେଥିରେ କିଛି ଯାଏ ଆସେ ନାହିଁ, କାରଣ ଭଗବାନ ଏକ, ଯଦିଓ ତାଙ୍କର ରୂପ ଅନେକ ହୋଇପାରେ । ଆମ ସ୍ୱାମୀଙ୍କ ଭକ୍ତମାନଙ୍କ ପାଇଁ ଭଗବାନଙ୍କର ସବୁ ରୂପ ବସ୍ତୁତଃ ଭଗବାନ ବାବା । ଏହି ଉକ୍ତି ସ୍ୱାମୀଙ୍କର ଭକ୍ତ ନ

ଥିବା ଲୋକମାନଙ୍କ ପାଇଁ ବା ଅନ୍ୟ ଧର୍ମ ଓ ମତବାଦର ଲୋକମାନଙ୍କ ପାଇଁ ଦେବନିନ୍ଦାପରବ ବୋଧ ହୋଇପାରେ ଏବଂ ସ୍ୱାମୀ ଯେପରି ବାରମ୍ବାର କହିଛନ୍ତି, ଆମେ ସବୁ ଧର୍ମ ଓ ମତବାଦକୁ ସମ୍ମାନ କରିବା ଉଚିତ । ସ୍ୱାମୀ ନିଜେ କହିଛନ୍ତି, *'ମୁଁ କୌଣସି ଧର୍ମକୁ ବିଭ୍ରାଟ ବା ବିନାଶ କରିବାକୁ ଆସିନାହିଁ; ମାତ୍ର ପ୍ରତ୍ୟେକଙ୍କୁ ନିଜ ଧର୍ମରେ ସୁନିଶ୍ଚିତ କରିବାକୁ ଆସିଛି, ଯଦ୍ୱାରା ଖ୍ରୀଷ୍ଟିୟାନ ଉତ୍ତମ ଖ୍ରୀଷ୍ଟିୟାନ୍, ମୁସଲମାନ ଉତ୍ତମ ମୁସଲମାନ ଓ ହିନ୍ଦୁ ଉତ୍ତମ ହିନ୍ଦୁ ହୋଇପାରିବ ।'* ଅନେକ ବର୍ଷ ପରେ ମୁଁ ଏବେ ନିଶ୍ଚିତ ଯେ ତୁମେ ଯେ କୌଣସି ରୂପରେ ଭଗବାନଙ୍କୁ କିମ୍ବା ଏପରିକି ନିର୍ଗୁଣ ଭଗବାନଙ୍କୁ ମଧ୍ୟ ପ୍ରାର୍ଥନା କରିପାର; ଆଉ ତେବେ ବି ପ୍ରାର୍ଥନାର ପ୍ରଭାବ ସମାନ ହେବ ।

ଓଁ ଜୟ ସାଇରାମ !

> *"ଭଗବାନ ଯେ କୌଣସି କଥା କରିପାରିବେ । ତାଙ୍କର ନିଜର ହାତମୁଠାରେ ସବୁ ଶକ୍ତି ଅଛି । ମୋ ଶରୀର ଏକ ଅସ୍ଥାୟୀ ଆବାସ; କିନ୍ତୁ ମୋର ଶକ୍ତି ଶାଶ୍ୱତ, ସର୍ବବ୍ୟାପକ, ଚିରପ୍ରଭାବଶାଳୀ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା*
>
> *ଦିବ୍ୟ ସମ୍ଭାଷଣ : ଅଷ୍ଟମ ଭାଗ*

ଅଧ୍ୟାୟ : ୫

ଭକ୍ତ ଭାବରେ ଗ୍ରହଣ କରିବା ସ୍ୱାମୀଙ୍କ ନିଷ୍ପତ୍ତି

"ମୋ ଆଡ଼କୁ ପାଦଟିଏ ପକାଅ, ଆଉ ମୁଁ ତୁମ ଆଡ଼କୁ ଶହେ ପାଦ ପକାଇବି ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୨୯ତମ ଭାଗ

ମୋତେ ବହୁଧା ପ୍ରଶ୍ନ କରାଯାଏ, "ତୁମେ ପ୍ରଥମ ଥର କେବେ ପ୍ରକୃତରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଭକ୍ତ ହେଲ?" ଏହା ଥିଲା ସମ୍ପୂର୍ଣ୍ଣ ରୂପେ ଏକ ନାଟକୀୟ ଘଟଣା ଏବଂ ମୁଁ ସେକଥା ଟିକିଏ ବିଶଦ ଭାବରେ ବର୍ଣ୍ଣନା କରିବି । ୧୫ ଅଗଷ୍ଟ ୧୯୯୧ରେ ମୁଁ ଓ ମୋ ପତ୍ନୀ ଡଃ ରେମା ଉତ୍ତର ମାନ୍ଦ୍ରାଜରେ ରୟପୁରମ୍‌ଠାରେ ମୋ ବାପାଙ୍କ ଚିକିତ୍ସା କେନ୍ଦ୍ର ଛାଡ଼ିଲୁ ଏବଂ ୧ ସେପ୍ଟେମ୍ବର ୧୯୯୧ରେ ଦକ୍ଷିଣ ମାନ୍ଦ୍ରାଜରେ ଆମ ନିଜ କେନ୍ଦ୍ର ଆରମ୍ଭ କଲୁ । ଆମେ ଦକ୍ଷିଣ ମାନ୍ଦ୍ରାଜରେ ଆମ ନିଜର କେନ୍ଦ୍ର ସ୍ଥାପନ କରିବାରେ ପ୍ରକୃତରେ ଖୁବ୍ ଦୁଃସାହସ କରିଥିଲୁ, ଯେହେତୁ ଆମେ ନଗରର ଏହି ଅଞ୍ଚଳ ପାଇଁ ନୂଆ ଥିଲୁ । ନୂତନ କେନ୍ଦ୍ରଟି ପ୍ରଥମେ ରୟପେଟା ହାଇରୋଡ଼ରେ ଏକ ଭଡ଼ାଘରେ ଆରମ୍ଭ ହୋଇଥିଲା ଏବଂ ପରେ ଆମେ ଗୋପାଳପୁରମ୍‌ରେ ଆମ ନିଜ ଘରକୁ ଚାଲିଗଲୁ ।

ଆମେ ଆମ ପିତାଙ୍କ କେନ୍ଦ୍ର ଛାଡ଼ିବା ବେଳେ ମୁଁ ଓ ମୋ ପତ୍ନୀ ଖୁବ୍ ଆର୍ଥିକ ଚାପରେ ଥିଲୁ । ମୋ ପିତାଙ୍କ ସହ କୋଡ଼ିଏ ବର୍ଷ କାମ କରିବା ବେଳେ ଆମେ ଖୁବ୍ କମ୍ ଆୟ କରିଥିଲୁ, କାରଣ ନୀତିଗତ ଭାବରେ ଆମେ ସମସ୍ତେ ସ୍ୱଳ୍ପ ବେତନ ନେବାକୁ ଏବଂ ଆମର ପ୍ରାୟ ସବୁ ଟଙ୍କା ଗବେଷଣାରେ ବିନିଯୋଗ କରିବାକୁ ସ୍ଥିର କରିଥିଲୁ । ଆଉ ମଧ୍ୟ ସେ ସମୟରେ ଆମେ ଟଙ୍କାର ଆବଶ୍ୟକତା ଅନୁଭବ କରି ନ ଥିଲୁ । କିନ୍ତୁ ଏକ ନିଶ୍ଚିତ ଆୟ ସହ ବେତନଭୋଗୀ କାର୍ଯ୍ୟର ସୁଖ ମୁଁ ଓ ମୋର ପତ୍ନୀ ଛାଡ଼ିବା ବେଳେ ଆମେ ହଠାତ୍ ଉପଲବ୍ଧି କଲୁ ଯେ ଆମର ପ୍ରକୃତରେ କିଛି ବ୍ୟାଙ୍କ ଜମା ନାହିଁ । ଅଧିକନ୍ତୁ ରେମା ରୟପୁରମ୍‌ରେ ଚକ୍ଷୁ ବିଭାଗ ସ୍ଥାପନ କରିବା ପାଇଁ ବହୁ ପରିମାଣରେ

ଋଣ କରିଥିଲେ ଏବଂ ଆମେ କେନ୍ଦ୍ର ଛାଡ଼ିବା ବେଳେ ଋଣ ଆମକୁ ଖୋଞ୍ଚିବାକୁ ଆରମ୍ଭ କଲା । ତେଣୁ ଆମେ କେବଳ ଟଙ୍କାର ଅଭାବରେ ନ ଥିଲୁ କିନ୍ତୁ ସେ କରିଥିବା ବଡ଼ ଋଣ ଯୋଗୁ ଆମେ ପ୍ରକୃତରେ ଋଣୀ ଥିଲୁ । ଏହା ସାଙ୍ଗକୁ ଆମର କେନ୍ଦ୍ର ସ୍ଥାପନ କରିବା ପାଇଁ ଅଧିକ ଋଣ ନେବାକୁ ପଡ଼ିଲା । ଆମେ ମଧ ଅନେକ ଶୁଭେଚ୍ଛୁ (ମୁଖ୍ୟତଃ ମୋର ରୋଗୀ)ଙ୍କଠାରୁ ଟଙ୍କା ଉଧାର ଆଣିଲୁ, ଯେଉଁମାନେ ଆମକୁ ଅନ୍ତରରେ ବିଶ୍ୱାସ କରୁଥିଲେ ଏବଂ ଟଙ୍କା ଦେଲେ । ଏସବୁ ଫଳରେ ଆମର ଆର୍ଥିକ ଅବସ୍ଥା ଭାରି ଖରାପ ହୋଇଗଲା ଏବଂ ଲାଭ ଅପେକ୍ଷା ବିପଦର ସମ୍ଭାବନା ବେଶି ରହିଲା ।

ମାର୍ଚ୍ଚ ୧୯୯୨ରେ ବାବାଙ୍କ ହ୍ୱାଇଟ୍‌ଫିଲ୍‌ଡ଼ ଆଶ୍ରମକୁ ପ୍ରଥମ ଯାତ୍ରା

ଆମର ନୂତନ କେନ୍ଦ୍ର ସ୍ଥାପିତ ହେବାର କିଛି ମାସ ପରେ ମୁଁ ଓ ମୋ ପତ୍ନୀ ରେମା ମଧୁମେହ ସମ୍ମିଳନୀରେ ଯୋଗ ଦେବା ପାଇଁ ବେଙ୍ଗଲୁରୁ ଗଲୁ । ମୁଁ ଜାଣେ ନାହିଁ କାହିଁକି ପଚାରିଲି, କିନ୍ତୁ ସୁନ୍ଦରମ୍‌ଠାରେ ଜଣେ ଲୋକଙ୍କଠାରୁ ଜାଣିଲି ଯେ ସ୍ୱାମୀ ବେଙ୍ଗଲୁରୁରେ ତାଙ୍କର ହ୍ୱାଇଟ୍‌ଫିଲ୍‌ଡ଼ ଆଶ୍ରମରେ ଅଛନ୍ତି । ତେଣୁ ସମ୍ଭବ ହେଲେ ଆମେ ସ୍ୱାମୀଙ୍କ ଦର୍ଶନ ପାଇଁ ହ୍ୱାଇଟ୍‌ଫିଲ୍‌ଡ଼ ଯିବାକୁ ଚେଷ୍ଟା କରିବୁ ବୋଲି ଭାବନା ମୋ ମନରେ ଉଠିଲା । ସେତେବେଳେ ମୁଁ ବେଳେ ବେଳେ ମଦ୍ୟପାନ କରୁଥିଲି । ହ୍ୱାଇଟ୍‌ଫିଲ୍‌ଡ଼ ଯିବା ପୂର୍ବଦିନ ମୁଁ ମୋ ହାତରେ ହ୍ୱିସ୍କି ଗ୍ଲାସ ଧରି ବସିଥିଲି ଏବଂ ମୋର ବନ୍ଧୁ ମଧୁମେହବିତ୍ ତଥା ପରମ ସାଇଭକ୍ତ ଡଃ ଶ୍ୟାମସୁନ୍ଦରଙ୍କୁ ପରଦିନ ହ୍ୱାଇଟ୍‌ଫିଲ୍‌ଡ଼ରେ ସ୍ୱାମୀଙ୍କୁ ଯାଇ ଦେଖିବା ସମ୍ଭବ କି ବୋଲି ପଚାରିଲି । ଶ୍ୟାମ ସଙ୍ଗେ ସଙ୍ଗେ ଅନୁଗୃହୀତ କଲେ ଏବଂ ଆମେ ଆଗ୍ରହୀ ହେଲେ ସେ ଆମକୁ ହ୍ୱାଇଟ୍‌ଫିଲ୍‌ଡ଼ ନେଇଯିବେ ବୋଲି କହିଲେ ।

ପରଦିନ ସକାଳେ ଶ୍ୟାମଙ୍କ ସହ ମୁଁ ଓ ରେମା ହ୍ୱାଇଟ୍‌ଫିଲ୍‌ଡ଼ ବାହାରିଲୁ । ସ୍ୱାମୀ ସେଠାରେ ଥିବେ ବୋଲି ଆମକୁ କୁହାଯାଇଥିଲା । କିନ୍ତୁ ଆମେ ହ୍ୱାଇଟ୍‌ଫିଲ୍‌ଡ଼ ଆଶ୍ରମର ନିକଟବର୍ତ୍ତୀ ହେବାବେଳେ ଶ୍ୟାମ ମନ୍ତବ୍ୟ ଦେଲେ ଯେ ସ୍ୱାମୀ ସମ୍ଭବତଃ ଚାଲିଗଲେଣି, କାରଣ ଅନେକ ଭକ୍ତ ଆଶ୍ରମରୁ ଫେରୁଛନ୍ତି । ସ୍ୱାମୀ ଥିଲେ କେହି ସେତେବେଳେ ଆଶ୍ରମ ଛାଡ଼ନ୍ତେ ନାହିଁ । ସ୍ୱାମୀ ସେଠାରେ ନାହାନ୍ତି ବୋଲି ନିଶ୍ଚିତ ହେବା ପରେ ବି ଆମେ ଆଶ୍ରମକୁ ଯିବାକୁ ଚାହିଁବୁ କି ବୋଲି ଶ୍ୟାମ ଆମକୁ ପଚାରିଲେ । ଆମେ କହିଲୁ, "ହଁ, କାହିଁକି ନୁହେଁ? ଏତେବାଟ ଆସିଛେ, ଅନ୍ତତଃ ଆଶ୍ରମ କିପରି ଦିଶୁଛି ଦେଖିନେବା ।" ତାପରେ ମୋର କ'ଣ ହେଲା ମୁଁ ଜାଣେ ନାହିଁ । ମୁଁ ଆଶ୍ରମରେ ପ୍ରବେଶ କରିବା ବେଳେ କିଛି ମୋତେ ଆଘାତ କଲା । ସେହି ଭାବନାଟି କ'ଣ ଥିଲା ତାହା ଠିକ୍ ଭାବରେ ବୁଝାଇବା ଅତି କଷ୍ଟ । କିନ୍ତୁ ମୁଁ ମୋ ପତ୍ନୀ ଓ ଶ୍ୟାମଙ୍କୁ କହିଲି, "ହଁ ଏଇଆ ।" ଆଶ୍ଚର୍ଯ୍ୟ

ହୋଇ ସେମାନେ ମୋତେ ପଚାରିଲେ, "ଏଇଆ କହିଲେ ତୁମେ କ'ଣ ବୁଝୁଛ ?" ମୁଁ ଉତ୍ତର ଦେଲି, "ମୁଁ ଏଇଥିପାଇଁ ଜୀବନସାରା ଅପେକ୍ଷା କରି ରହିଥିଲି ।"

ମୁଁ ତୃତୀୟ ଅଧ୍ୟାୟରେ କହିଛି ଯେ ମୁଁ ଜାଣିଥିଲି ମୁଁ ଜୀବନସାରା 'କିଛି' ପାଇଁ ଅପେକ୍ଷା କରିଥିଲି, କିନ୍ତୁ ତାହା କ'ଣ ବର୍ଣ୍ଣନା କରିପାରୁନଥିଲି । ମୁଁ ହ୍ୱାଇଟ୍‌ଫିଲଡ଼୍ ଆଶ୍ରମରେ ପ୍ରବେଶ କରିବା ମାତ୍ରେ ଜାଣିଲି ଯେ ମୁଁ ଜୀବନସାରା ଏଇଆ ଚାହୁଁଥିଲି ଓ ଏଇଥିପାଇଁ ଅପେକ୍ଷା କରିଥିଲି । ଏହି ଭାବନାକୁ ବୈଜ୍ଞାନିକ ଭାଷାରେ ବର୍ଣ୍ଣନା କରିବା ଅତି କଷ୍ଟକର । ଏହି ଘଟଣାର ସିଂହାବଲୋକନ କଲେ ମୋତେ ଆଶ୍ଚର୍ଯ୍ୟ ଲାଗେ ଯେ ପୂର୍ବରୁ ସ୍ୱାମୀଙ୍କ ବିଷୟରେ ବହିସବୁ ପଢ଼ିବା ପରେ ବି ମୁଁ ଏହି ଭାବନା ପାଇ ନ ଥିଲି । ମୁଁ କେବଳ ଏତିକି କହି ବୁଝାଇ ପାରିବି ଯେ ଏ ପର୍ଯ୍ୟନ୍ତ ସମୟ ହୋଇ ନ ଥିଲା ଏବଂ ଏହି ମୁହୂର୍ତ୍ତ ପରେ ହିଁ ସ୍ୱାମୀଙ୍କ ଡାକରା ଆସିଥିଲା । ପ୍ରଥମ ଦର୍ଶନରେ ପ୍ରେମ ପରି ! ଅଧିକ ଆଶ୍ଚର୍ଯ୍ୟର କଥା ଯେ ସ୍ୱାମୀ ନିଜେ ସେଠାରେ ଉପସ୍ଥିତ ନ ଥିଲେ । କିନ୍ତୁ ମୁଁ ଅତ୍ୟନ୍ତ ଗଭୀର ଭାବରେ ତାଙ୍କର ଉପସ୍ଥିତି ଅନୁଭବ କରିପାରିଥିଲି । ମୁଁ ତତ୍‌କ୍ଷଣାତ୍ ସେଠାରେ ଥିବା ବୁକ୍ ଷ୍ଟଲ୍‌କୁ ଗଲି ଏବଂ ହୱାର୍ଡ଼ ମର୍ଫେଟଙ୍କ 'ମ୍ୟାନ୍ ଅଫ ମିରାକଲ୍ସ'ର ଆଉ ଗୋଟିଏ ପ୍ରତି ସହ ବାବାଙ୍କ ବିଷୟରେ କିଛି ବହି କିଣିଲି । ଏଥର ଏହା ପଢ଼ିବା ବେଳେ ମୁଁ ସମ୍ପୂର୍ଣ୍ଣ ରୂପାନ୍ତରିତ ଅନୁଭବ କଲି ଏବଂ ସ୍ୱାମୀ ସାଧାରଣ ମନୁଷ୍ୟ ନୁହନ୍ତି; ମାତ୍ର ଦିବ୍ୟତ୍ୱର ମୂର୍ତ୍ତିମନ୍ତ ରୂପ ବୋଲି ଉପଲବ୍ଧି କରିପାରିଲି । ମୁଁ ଓ ମୋ ପତ୍ନୀ ଶୀଘ୍ର ସୁନ୍ଦରମ୍‌ରେ ଭଜନରେ ଯୋଗ ଦେବାକୁ ଆରମ୍ଭ କଲୁ ।

ଆମେ ଦୁହେଁ ଶ୍ରୀ ସତ୍ୟସାଇ ସେବା ସଂଗଠନର ଶୃଙ୍ଖଳା ଏବଂ ସୁନ୍ଦରମ୍ ଭିତରେ ଶାନ୍ତ, ସ୍ନିଗ୍ଧ ଓ ନୀରବ ବାତାବରଣ ପ୍ରତି ଅତିଶୟ ଆକର୍ଷିତ ହେଲୁ । *"ସମସ୍ତଙ୍କୁ ଭଲ ପାଅ, ସମସ୍ତଙ୍କର ସେବା କର; ସାହାଯ୍ୟ କର ନିରନ୍ତର, କଦାପି ଅନିଷ୍ଟ ନ କର"* ରେ ସ୍ୱାମୀଙ୍କର ସମ୍ପୂର୍ଣ୍ଣ ଶିକ୍ଷାର ସଂକ୍ଷିପ୍ତସାର ସମେତ ତାଙ୍କର ସରଳ ମାତ୍ର ପ୍ରଭାବଶାଳୀ ଉପଦେଶ ମଧ୍ୟ ଆମକୁ ତାଙ୍କ ପ୍ରତି ଓ ତାଙ୍କ ସଂଗଠନ ପ୍ରତି ଆକର୍ଷିତ କଲା । ଆମେ ଦୁହେଁ କେବଳ ନିୟମିତ ସାଇ ଭଜନରେ ଯୋଗ ଦେଲୁ ନାହିଁ ମାତ୍ର ସାଇ ସାହିତ୍ୟ ମଧ୍ୟ ଅଧ୍ୟୟନ କଲୁ । ଏହାପରେ ସ୍ୱାମୀ ଶୀଘ୍ର ଚେନ୍ନାଇ ଆସିଲେ ଏବଂ ଆମେ ଦୁହେଁ ତାଙ୍କ ଦିବ୍ୟଦର୍ଶନ ଲାଭ କରିବାର ଆଶୀର୍ବାଦ ପାଇଲୁ ।

ମୋର ମନେ ଅଛି ସ୍ୱାମୀଙ୍କର ଯଥାସମ୍ଭବ ନିକଟରେ ରହିବା ସକାଶେ ନଗର ସଂକୀର୍ତ୍ତନ ପରେ ସୁନ୍ଦରମ୍‌ରେ ପ୍ରବେଶ କରିବା ବେଳେ ପ୍ରଥମ ଧାଡ଼ିରେ ବସିବା ପାଇଁ ରାତି ତିନିଟା ବେଳୁ ଧାଡ଼ିରେ ଅପେକ୍ଷା କରିଥିଲୁ । ଭୋରୁ ସୂର୍ଯ୍ୟ ଉଦୟ ହେଉଥିବାବେଳେ

ସୁନ୍ଦରମ୍‌ର ଉପର ମହଲାରେ ଠିଆ ହୋଇ ଭକ୍ତମାନଙ୍କୁ ଆଶୀର୍ବାଦ କରିବା ମୁଦ୍ରାରେ ଦୁଇ ହାତ ଉପରକୁ ଟେକିଥିବା ସ୍ୱାମୀଙ୍କର ଦୃଶ୍ୟ ମୋ ମନରେ ଏକ ଅଲିଭା ଛାପ ଛାଡ଼ିଦେଲା । ସେତେବେଳେ ମୁଁ ଉପଲବ୍ଧି କରି ନ ଥିଲି ଯେ ଏକ ଦଶନ୍ଧି ପରେ ସ୍ୱାମୀ ମୋତେ ତାମିଲନାଡୁ ଶ୍ରୀ ସତ୍ୟସାଇ ନ୍ୟାସର ସଦସ୍ୟ ଭାବରେ ନିଯୁକ୍ତ କରିବେ ଏବଂ ତାପରେ ଶୀଘ୍ର ନ୍ୟାସୀ ପରିଷଦର ଆବାହକ ପଦକୁ ମୋତେ ଉନ୍ନୀତ କରିବେ ଠିକ୍ ସେହି ସ୍ଥାନରେ ଯେଉଁଠାରେ ମୁଁ ତାଙ୍କର ଦିବ୍ୟ ଦର୍ଶନ ଦ୍ୱାରା ଉଲ୍ଲସିତ ହୋଇ ଠିଆ ହୋଇଛି । ଏ ବିଷୟରେ ଅଧିକ କଥା ୫୬ତମ ଅଧ୍ୟାୟରେ ଅଛି ।

ଓଁ ଜୟ ସାଇରାମ !

> *"ବ୍ୟକ୍ତି ଆତ୍ମୋପଲବ୍ଧିର ମହାର୍ଘ ଲକ୍ଷ୍ୟ ପାଇଁ ଆକୁଳ ହେବା ବେଳେ ପ୍ରକୃତି ଓ ସୃଷ୍ଟିର ସବୁ ରୂପ ତାକୁ ସାହାଯ୍ୟ ଓ ସହାୟତା କରିବେ । ଲକ୍ଷ୍ୟ ଉଚ୍ଚ କର, ମହତ୍ତମ ଅଭିଯାନ ପାଇଁ ସଂକଳ୍ପ କର - ତୁମକୁ ଲକ୍ଷ୍ୟ ଆଡ଼କୁ ଆଗେଇ ନେବା ପାଇଁ ସବୁକିଛି ଠିକ୍ ହୋଇଯିବ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା,*
> *ଦିବ୍ୟ ସମ୍ଭାଷଣ : ନବମ ଭାଗ*

ଅଧ୍ୟାୟ : ୬

ସ୍ୱାମୀଙ୍କ ସଂକଳ୍ପ ଚୁମ୍ବକ ପରି ଆକର୍ଷଣକାରୀ

"ଭଗବାନଙ୍କ କୃପା ବୀମା ପରି । ଏହା ତୁମକୁ ଆବଶ୍ୟକ ସମୟରେ ଅସୀମ ଭାବରେ ସାହାଯ୍ୟ କରିବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ସପ୍ତଦଶ ଭାଗ

ପରବର୍ତ୍ତୀ ଦୁଇ ବର୍ଷ ଅର୍ଥାତ୍ ୧୯୯୨ରୁ ୧୯୯୪ ପର୍ଯ୍ୟନ୍ତ ଆମେ ନିୟମିତ ସୁନ୍ଦରମ୍‌କୁ ଯାଉଥିଲୁ, କିନ୍ତୁ ପୁଟ୍ଟପର୍ତ୍ତିକୁ ଆମର ପ୍ରଥମ ଯାତ୍ରା ତେବେ ବି ଘଟିତ ହୋଇ ନ ଥିଲା । ଏହା ନାଟକୀୟ ଶୈଳୀରେ ମାର୍ଚ୍ଚ ୧୯୯୪ରେ ଘଟିଥିଲା । ମୋ ବାପା ପ୍ରଥମେ କିପରି ବାବାଙ୍କ ସମାଲୋଚକ ଥିଲେ ତାହା ମୁଁ ପ୍ରଥମ ଅଧ୍ୟାୟରେ ବର୍ଣ୍ଣନା କରିଛି । ଶ୍ରୀ ଆୟାପ୍ପାଙ୍କ ପରମ ଭକ୍ତ ମୋ ଶ୍ୱଶୁର ମଧ୍ୟ ମୋ ବାପାଙ୍କ ପରି ପ୍ରଥମେ ସ୍ୱାମୀଙ୍କର ସମାଲୋଚକ ଥିଲେ ଏବଂ ସ୍ୱାମୀଙ୍କ ବିଷୟରେ ଯାହା ବି କହିଲେ ତାହାର ବେଳେ ବେଳେ କ୍ରୂର ସମାଲୋଚନା କରୁଥିଲେ । ମାର୍ଚ୍ଚ ୧୯୯୪ରେ ଦିନେ ମୁଁ ଓ ମୋ ପତ୍ନୀ ତାଙ୍କ ପରିବାରର ଅନ୍ୟ କେତେଜଣ ସଦସ୍ୟଙ୍କ ସହ ଚେନ୍ନାଇର ଏକ ଚାଇନିଜ୍ ରେଷ୍ଟୁରାଣ୍ଟରେ ଭୋଜନ କରୁଥିଲୁ । ହଠାତ୍ ବିନା କାରଣରେ ମୋ ଶ୍ୱଶୁର ଆମକୁ ପଚାରିଲେ, "ଆମେ କାହିଁକି ପୁଟ୍ଟପର୍ତ୍ତି ନ ଯିବା ?" ପରିବାରର ସବୁ ସଦସ୍ୟ ଚୁପ୍ ହୋଇଗଲେ, କାରଣ ସେ ସ୍ୱାମୀଙ୍କର ସମାଲୋଚକ ବୋଲି ଆମେ ସବୁ ଜାଣିଥିଲୁ । ସେ କାହିଁକି ଏହି ପ୍ରଶ୍ନ ପଚାରିଲେ ବୋଲି ତାଙ୍କୁ ପଚାରିବାକୁ କାହାର ସାହସ ନ ଥିଲା । ସାହସ ସଞ୍ଚାର କରି ମୁଁ ଜ୍ୱାଇଁ ହିସାବରେ ତାଙ୍କୁ ପଚାରିଲି, "ଆପଣ ପୁଟ୍ଟପର୍ତ୍ତି କଥା କହିଲେ କି ? ଆପଣ ପୁଟ୍ଟପର୍ତ୍ତି ଯିବାକୁ ଚାହୁଁଛନ୍ତି କି ?" ସେ ଉତ୍ତର ଦେଲେ, "କାହିଁକି ନୁହେଁ, ଆମେ କାହିଁକି ପୁଟ୍ଟପର୍ତ୍ତି ନ ଯିବା ?" ମୁଁ କହିଲି, "ନା, ମୁଁ ସେ କଥା କହୁନାହିଁ, କିନ୍ତୁ ଆପଣ ଯଦି ଆମେ ଯିବା ପାଇଁ ଚାହୁଁଛନ୍ତି ତେବେ ଆମେ ସମସ୍ତେ ପୁଟ୍ଟପର୍ତ୍ତି ଯିବା ।"

ଜଣେ ବନ୍ଧୁଙ୍କଠାରୁ ମୁଁ ପୁଟ୍ଟପର୍ତ୍ତିର ଟେଲିଫୋନ୍ ନମ୍ବର ପାଇଲି ଏବଂ ଆଶ୍ରମର ନିୟମ ନ ଜାଣି ପ୍ରାୟ ୧୦ଟା ବେଳେ ଟେଲିଫୋନ୍ କଲି । ତତ୍କାଳୀନ ସଚିବ ଶ୍ରୀ ଏସ୍. ନାରାୟଣ ଫୋନ୍ ଉଠାଇବାରୁ ମୋତେ ଆଶ୍ଚର୍ଯ୍ୟ ଲାଗିଲା । ମୋତେ ଆହୁରି

ଆଶ୍ଚର୍ଯ୍ୟ ଲାଗିଲା ଯେ ମୋର ପରିଚୟ ଦେବାବେଳେ ସେ ମୋତେ ଚିହ୍ନି ପାରିଲେ । (କେତେ ବର୍ଷ ପରେ ଶ୍ରୀ ନାରାୟଣ ମୋ ପାଖକୁ ରୋଗୀ ଭାବରେ ଆସିଲେ ଏବଂ ଏବେ ବି ତାଙ୍କ ସହ ମୋର ନିବିଡ଼ ସମ୍ପର୍କ ଅଛି) । ଆମେ ପୁଟ୍ଟପର୍ତ୍ତି ଆସିବାକୁ ଚାହୁଁଛୁ ବୋଲି ତାଙ୍କୁ କହିବା ବେଳେ ସେ କହିଲେ, "ଡାକ୍ତର, ଯଥାଶୀଘ୍ର ଆସ । କାରଣ ସ୍ୱାମୀ ସପ୍ତାହେ ଭିତରେ ପୁଟ୍ଟପର୍ତ୍ତି ଛାଡ଼ି ପାରନ୍ତି ।" ସେତେବେଳେ ଟ୍ରେନ ଟିକଟ, ବିଶେଷକରି ବହୁସଂଖ୍ୟକ ଲୋକଙ୍କ ପାଇଁ ପାଇବା କଷ୍ଟକର ଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଆମେ ତତ୍‌କ୍ଷଣାତ୍ ଟ୍ରେନ୍‌ରେ ବର୍ଥ ପାଇଗଲୁ ଏବଂ ଶୀଘ୍ର ପୁଟ୍ଟପର୍ତ୍ତିରେ ପହଞ୍ଚିଲୁ । କାର୍‌ରୁ ଓହ୍ଲାଇ ପ୍ରଶାନ୍ତିନିଳୟମ୍‌ରେ ପହଞ୍ଚିବା ବେଳେ ମୁଁ ଯେଉଁ ପ୍ରଥମ ବ୍ୟକ୍ତିଙ୍କୁ ଭେଟିଲି ସେ ଥିଲେ ଶ୍ରୀ ସତ୍ୟସାଇ ସଂଗଠନର ଶ୍ରୀ ଏନ୍. ରମଣି । ସେ ମୋ ପାଖକୁ ଧାଇଁ ଆସିଲେ । ମୁଁ ସେତେବେଳେ ତାଙ୍କୁ ଜାଣି ନ ଥିଲି, କିନ୍ତୁ ସେ ମୋତେ ଜାଣିଥିଲେ । ସେ ମୋତେ ପୂରାପୂରି ଆପଣାର ଲାଗିଲେ ଏବଂ ଆବାସ, ଭୋଜନାଳୟ ସମେତ ଆଶ୍ରମର ସବୁ ସୁବିଧା ବିଷୟରେ ଆବଶ୍ୟକ ସୂଚନା ଦେଇଦେଲେ, ଯାହା ଆମର ଆଗମନ ଓ ଅବସ୍ଥାନକୁ ଅଧିକ ସୁଖକର କରିଦେଲା । ସେତେବେଳେ ମୁଁ ଜାଣିନଥିଲି ଶ୍ରୀ ସତ୍ୟସାଇ ସଂଗଠନରେ ମୋର ଜୀବନରେ ଶ୍ରୀ ରମଣିଙ୍କର ଏକ ବଡ଼ ଭୂମିକା ରହିବ ବୋଲି । ଏକଥା ବି ମୁଁ ଉପଲବ୍ଧି କରି ନ ଥିଲି ଯେ ସ୍ୱାମୀଙ୍କ କୃପା ଓ ତାଙ୍କର ଦିବ୍ୟ ଯୋଜନା ଯୋଗୁଁ ଶ୍ରୀ ରମଣି ଦିନେ ତାମିଲନାଡୁ ଶ୍ରୀ ସତ୍ୟସାଇ ସଂଗଠନର ରାଜ୍ୟ ସଭାପତି ହେବେ ଏବଂ ମୁଁ ସେତେବେଳେ ତାମିଲନାଡୁ ଶ୍ରୀ ସତ୍ୟସାଇ ନ୍ୟାସର ଆବାହକ ଭାବରେ ତାଙ୍କ ସାଥିରେ ରହିବି । ସ୍ୱାମୀଙ୍କ ଧାରା ପ୍ରକୃତରେ ରହସ୍ୟମୟ ଓ ଚାମତ୍କାରିକ । ଅବଶ୍ୟ ସବୁଠାରୁ ବଡ଼ କଥା, ଯାହା ଆମେ ସେତେବେଳେ ଉପଲବ୍ଧି କରି ନ ଥିଲୁ ତାହା ହେଉଛି ମୋ ଶ୍ୱଶୁରଙ୍କର ମାଧ୍ୟମରେ ସ୍ୱୟଂ ଭଗବାନଙ୍କ ଦ୍ୱାରା ପୁଟ୍ଟପର୍ତ୍ତିକୁ ଆମର ଡାକରା ।

ପୁଟ୍ଟପର୍ତ୍ତିରେ ଆମର ପ୍ରଥମ ଦର୍ଶନ ବେଳେ ସ୍ୱାମୀ ଆମ ସମସ୍ତଙ୍କ ବାଟ ଦେଇ ମନ୍ଦିର ଭିତରକୁ ଗଲେ । ତାହା ଥିଲା ପରବର୍ତ୍ତୀ ବର୍ଷମାନଙ୍କରେ ହେବାକୁ ଥିବା ଅନେକ ଦର୍ଶନ ମଧ୍ୟରେ ପ୍ରଥମ ଓ ଏକ ଆହ୍ଲାଦକର ଅନୁଭୂତି । ଆମେ ସେହି ଆନନ୍ଦରେ ଥିବାବେଳେ ସେ ଅଳ୍ପ କେତେ ମିନିଟ୍ ପରେ ହଠାତ୍ ବାହାରି ଆସିଲେ ଏବଂ ମୋ ପତ୍ନୀ ରେମା ପାଖକୁ ଆସି ତାଙ୍କୁ ପାଦନମସ୍କାର ନେବାକୁ କହିଲେ । ଏହାକୁ ଅବତାରଙ୍କର ଅତି ବଡ଼ ଆଶୀର୍ବାଦ ଏବଂ ଖୁବ୍ କମ୍ ଲୋକଙ୍କୁ ମିଳୁଥିବା ସୁଯୋଗ ମନେ କରାଯାଏ । ସେ ମଧ୍ୟ ରେମା ଧରିଥିବା ବିଭୂତି ପୁଡ଼ିଆଗୁଡ଼ିକୁ ଆଶୀର୍ବାଦ କରିଥିଲେ । ଆମେ ଏହି ଆଶୀର୍ବାଦର ଗଭୀର ତାତ୍ପର୍ଯ୍ୟ ସେତେବେଳେ ଉପଲବ୍ଧି କରି ନ ଥିଲୁ । ଆମେ ତାଙ୍କର ଦିବ୍ୟତ୍ୱ, ପ୍ରେମ ଓ ଆଶୀର୍ବାଦରେ ପୂର୍ଣ୍ଣ ଓତପ୍ରୋତ ହୋଇ ଚେନ୍ନାଇ ଫେରି ଆସିଲୁ ।

ପୁଟ୍ଟପର୍ତ୍ତିକୁ ଆମର ପ୍ରଥମ ଯାତ୍ରାର ତିନିଦିନ ଭିତରେ ରେମାଙ୍କର ଡାହାଣ କାଖରେ ଏକ ଯନ୍ତ୍ରଣାଦାୟୀ ଫୁଲା ଦେଖାଗଲା ଯାହାକୁ ଆମେ ଲସିକା ଗ୍ରନ୍ଥି ଅପବୃଦ୍ଧି ବୋଲି ଜାଣିଲୁ । ଆମେ ଚେନ୍ନାଇର ପ୍ରଖ୍ୟାତ ଚିକିତ୍ସକ ଏବଂ ମାଡ୍ରାସ ମେଡ଼ିକାଲ କଲେଜ ତଥା ସରକାରୀ ଚିକିତ୍ସାଳୟ, ଚେନ୍ନାଇରେ ଆମର ଶିକ୍ଷକ ସାଇଭକ୍ତ ଡଃ ଏନ୍. ରଙ୍ଗାବାସ୍ୟମ୍‌ଙ୍କ ପାଖକୁ ଗଲୁ । ସେ ପ୍ରଥମେ ଏହି କାଖଗୁଲିକୁ ଯକ୍ଷ୍ମା ଯୋଗୁଁ ହୋଇଥାଇପାରେ ବୋଲି ଭାବିଲେ, କିନ୍ତୁ ତାହାର ବାୟୋପ୍ସି ଦରକାର ଥିଲା । ଆମେ ବାୟୋପ୍ସି କଲୁ ଏବଂ ତାହାର ରିପୋର୍ଟ ଆସିବା ବେଳେ ଆମ ଜୀବନ ସବୁଦିନ ପାଇଁ ବଦଳିଗଲା ।

ରିପୋର୍ଟ 'ସେକେଣ୍ଡରୀ ମେଟାଷ୍ଟାଟିକ କାର୍ସିନୋମାଟ୍ସ୍ ଡିପୋଜିଟ' ଭାବରେ ଆସିଲା । ତେଣୁ ତାହା କର୍କଟଜନିତ ଥିଲା । ପ୍ରଶ୍ନ ହେଲା ମୂଳ ଟ୍ୟୁମର କେଉଁଠି ଅଛି ? 'ବର୍ଷ ବର୍ଷ ଧରି ରେମାଙ୍କ ଛାତିର ଫାଇବ୍ରୋଡ଼େନୋମା' ଥିଲା, ଯାହାର ଦୁଇଥର ଚେନ୍ନାଇର ପ୍ରଖ୍ୟାତ ସର୍ଜନ ଡଃ ୟୁ ମୋହନ ରାଓ ଅସ୍ତ୍ରୋପଚାର କରିଥିଲେ । ଉଭୟଥର ରିପୋର୍ଟରେ ଫାଇବ୍ରୋଡେନୋମୋ ବୋଲି ଆସିଥିଲା । ଭେଷଜ ଛାତ୍ର ଭାବରେ ବର୍ଷ ବର୍ଷ ଧରି ଆମକୁ ଶିକ୍ଷା ଦିଆଯାଇଥିଲା ଯେ ଫାଇବ୍ରୋଡେନୋମା କେବେ କର୍କଟରେ ପରିଣତ ହୁଏ ନାହିଁ । ତେଣୁ ତାଙ୍କର ଫାଇବ୍ରୋଡେନୋମାର କିଛି ଅବଶେଷ ଥିଲେ ବି ଆମେ ତାହା ବାହାର କରି ନ ଥିଲୁ । କେତେ ବର୍ଷ ଭିତରେ ଏହି ପିଣ୍ଡୁଳାଟିର ଆକାର ଟିକିଏ ବଡ଼ ହୋଇଥିଲା । ଆମେ ତେବେ ବି ନିଶ୍ଚିତ ଥିଲୁ ଯେ ଏହି ପିଣ୍ଡୁଳାଟି କେବଳ ଫାଇବ୍ରୋଡେନୋମା ଅଟେ । କିନ୍ତୁ ଲସିକା ଗ୍ରନ୍ଥି ଅପବୃଦ୍ଧି ରିପୋର୍ଟ ସେକେଣ୍ଡରୀ ଡିପୋଜିଟ ଭାବରେ ଆସିବା ବେଳେ ଛାତି ପିଣ୍ଡୁଳାଟି ସମ୍ଭବତଃ କର୍କଟରେ ପରିଣତ ହୋଇଛି ବୋଲି ଆମକୁ ଲାଗିଲା । ତେଣୁ ଏହା ସ୍ପଷ୍ଟ ଥିଲା ଯେ ତାଙ୍କର ବକ୍ଷ କର୍କଟ ଯଥେଷ୍ଟ ବର୍ଦ୍ଧିଷ୍ଣୁ ସ୍ତରରେ ଅଛି, ଯାହା କାଖରେ ଅନେକ ଲସିକା ଗ୍ରନ୍ଥିକୁ ପ୍ରସାରିତ ହୋଇଛି ।

ଆମେ ପୁଟ୍ଟପର୍ତ୍ତି ଯିବା ପୂର୍ବରୁ ତାଙ୍କର ଛାତି ବା କାଖରେ କୌଣସି ପ୍ରକାର ସମସ୍ୟାର କିଛି ସଙ୍କେତ ବା ଲକ୍ଷଣ ନ ଥିଲା । ତତ୍‌କ୍ଷଣାତ୍ ଆମ ପାଇଁ ସ୍ପଷ୍ଟ ହୋଇଗଲା ସ୍ୱାମୀ କାହିଁକି ଆମକୁ ବିନା କାରଣରେ ପୁଟ୍ଟପର୍ତ୍ତି ଆସିବାକୁ କହିଲେ । ଅଧିକନ୍ତୁ ସେ କେବଳ ରେମାଙ୍କୁ ପାଦନମସ୍କାର ଦେଇଥିଲେ । ସେ ରେମାଙ୍କୁ ତାଙ୍କ ଜୀବନରେ ହେବାକୁ ଥିବା ଅଚାନକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ କରୁଥିଲେ, ଯେଉଁଥିପାଇଁ ତାଙ୍କର ଆଶୀର୍ବାଦ ଓ ସମର୍ଥନ ଆବଶ୍ୟକ ଥିଲା, ଯାହା ରେମା କର୍କଟ ସହ ଜୀବିତ ରହିବା ପାଇଁ ପରବର୍ତ୍ତୀ ୧୭ ବର୍ଷ କାମ କରିବ । ଏହା ଆମ ପାଇଁ ଅତ୍ୟନ୍ତ ବ୍ୟକ୍ତିଗତ ହେଲେ ବି ଏହାର ବିଶଦ ବିବରଣୀ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଦିଆଯିବ, କାରଣ ଆମ ଜୀବନର ଏହି ଅଂଶଟି

ସ୍ୱାମୀଙ୍କ ସହ ଖୁବ୍ ଛନ୍ଦା ହୋଇ ରହିଛି । ଅବଶ୍ୟ କର୍କଟ ନିଦାନ ହେବା ପରେ ଆମେ ସମସ୍ତେ ଏ ଖବର ପାଇ ବିଚଳିତ ହୋଇଗଲୁ ।

ରିପୋର୍ଟ ଶୁଣି ରେମାଙ୍କର ପ୍ରଥମ ଶବ୍ଦ ଥିଲା, "ମୋ ଝିଅ ବିଚାରୀ କ'ଣ କରିବ ?" ଆମର ଏକମାତ୍ର ଝିଅ ଅଞ୍ଜନା ବିଦ୍ୟାଳୟରେ ଥିଲା ଓ ସେତେବେଳେ ତାକୁ ୧୩ବର୍ଷ ହୋଇଥିଲା । କେତେ ବର୍ଷ ପରେ ଆମେ ଉପଲବ୍ଧି କଲୁ ଯେ ଆମର ହେବାକୁ ଥିବା ଅତ୍ୟନ୍ତ କଷ୍ଟକର ସମୟରେ ଆମକୁ ଶକ୍ତି ଦେବା ପାଇଁ ହିଁ ରେଷ୍ଟୁରାଣ୍ଟରେ ବସିଥିବା ଶ୍ୱଶୁରଙ୍କ ମାଧ୍ୟମରେ ବାବା ଆମକୁ ତାଙ୍କ ପାଖକୁ ପୁଟ୍ଟପର୍ତ୍ତି ଡକାଇଥିଲେ । ଅଧିକନ୍ତୁ ରେମାଙ୍କୁ ପାଦନମସ୍କାର ଓ ବିଭୂତି ପୁଡ଼ିଆ ଆଶୀର୍ବାଦ ଆମ ଜୀବନର ସେହି ସଙ୍କଟଜନକ ପରିସ୍ଥିତି ପାଇଁ କବଚ ସଦୃଶ ଥିଲା ।

ସେତେବେଳେ ଆମେ ଜୀବନର କି ଅରକ୍ଷିତ ସ୍ଥିତିରେ ଥିଲୁ ତାହାର ପୃଷ୍ଠଭୂମି ମୁଁ ପାଠକମାନଙ୍କୁ ଦେବି । ମୁଁ ପଞ୍ଚମ ଅଧ୍ୟାୟରେ କହିଛି ଯେ ଆମେ ବ୍ୟାଙ୍କ୍‌ରେ କିଛି ସଞ୍ଚୟ ନ ଥାଇ ୧୯୯୧ରେ ରୟପୁରମ୍‌ରେ ମୋ ପିତାଙ୍କ ଚିକିତ୍ସାଳୟ ପରିତ୍ୟାଗ କରିଥିଲୁ । ଆମେ ମଧ୍ୟ ଆମ ନିଜ କେନ୍ଦ୍ର ଆରମ୍ଭ କରିବା ପାଇଁ ଯଥେଷ୍ଟ ଋଣ କରିଥିଲୁ । ଆମର ଏକମାତ୍ର ସନ୍ତାନ ସ୍କୁଲରେ ପଢୁଥିଲା । ଅଧିକନ୍ତୁ ଗୋପାଳପୁରମ୍‌ଠାରେ ଆମ ନିଜର ମଧୁମେହ ଚିକିତ୍ସାଳୟ ନିର୍ମାଣ କରିବା ସକାଶେ ଖଣ୍ଡେ ଜମି କିଣିବାକୁ ଆଉ ଅଧିକ ଋଣ କରିବା କଥା ଆମେ ଚିନ୍ତା କରିଥିଲୁ । ଏହି ସମୟରେ ରେମା ମାରାତ୍ମକ ରୋଗରେ ପୀଡ଼ିତ ବୋଲି ନିଦାନ କରାଗଲା । ଏହି ବର୍ଷଗୁଡ଼ିକର ସିଂହାବଲୋକନ କଲେ ଆମେ କହିପାରିବୁ ଯେ ସେହି କଷ୍ଟକର ସମୟରେ ଭଗବାନ ପ୍ରେମମୟ ମାତା ଓ ପିତାଙ୍କ ପରି ଆମ ହାତ ଧରି ଆଗେଇ ନେଇଥିଲେ । ଧନ୍ୟବାଦ ସ୍ୱାମୀ, ତୁମ ବିନା ଆମ ଜୀବନ ସେ ସମୟରେ ତାଶ ଘର ପରି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥାନ୍ତା । ଆଉ ଅଧିକ କଥା ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଅଛି ।

ଓଁ ଜୟ ସାଇରାମ !

"ଶହେ ଲୋକ ପ୍ରରୋଚିତ କଲେ, ଟାଣିଲେ ବା ଠେଲିଲେ ବି କେହି ମୋ ଡାକରା ବିନା ମୋ ପାଖକୁ ଆସିପାରିବ ନାହିଁ । ଯେତେ ଆକସ୍ମିକ ମନେ ହେଲେ ବି ମୋ ବିନା ଡାକରାରେ କେହି ପୁଟ୍ଟପର୍ତ୍ତି ଆସିପାରିବ ନାହିଁ । ମୁଁ କେବଳ ସେହି ଲୋକମାନଙ୍କୁ ଆଣେ ଯେଉଁମାନେ ମୋ ଦର୍ଶନ ପାଇଁ ପ୍ରସ୍ତୁତ; ଅନ୍ୟ କାହାରିକୁ ନୁହେଁ; ଅନ୍ୟ କେହି ଏଠାକୁ ବାଟ ପାଇବ ନାହିଁ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା

ସତ୍ୟଂ ଶିବଂ ସୁନ୍ଦରମ୍ : ପ୍ରଥମ ଭାଗ

ଅଧ୍ୟାୟ : ୨

ଭଗବାନଙ୍କ ସହ ସଂପୃକ୍ତ ସ୍ୱପ୍ନ ସତ

"ମୁଁ ସ୍ୱପ୍ନରେ ଆବିର୍ଭୂତ ହୁଏ ବ୍ୟକ୍ତିକୁ କିଛି ଜଣାଇବା ପାଇଁ । ଏହା ସାଧାରଣ ଭାବରେ ବିଦିତ ସ୍ୱପ୍ନ ନୁହେଁ । ଭାବ ନାହିଁ ଯେ ତୁମେ ସ୍ୱପ୍ନରେ ଅନୁଭବ କରିଥିବା ଏହି ଘଟଣାଗୁଡ଼ିକ ତୁମର କଳ୍ପନାପ୍ରସୂତ । ତଦ୍ୱାରା ମୁଁ ତୁମର ସବୁ ସଂଶୟର ଉତ୍ତର ଦେଇଥାଏ ।"

– ଭଗବାନ ଶ୍ରୀ ସତ୍ୟସାଇ ବାବା, ସତ୍ୟଂ ଶିବଂ ସୁନ୍ଦରମ୍ : ଚତୁର୍ଥ ଭାଗ

କର୍କଟ ନିଦାନ ହେବାବେଳେ ରେମାଙ୍କର ବୟସ ଥିଲା ୩୯ । ଏକଥା ଶୁଣିବା ଆମ ଜୀବନରେ ସବୁଠାରୁ ବଡ଼ ଆଘାତ ବୋଲି ଆପଣ ଅନୁମାନ କରିପାରୁଥିବେ । ସ୍ୱାମୀଙ୍କ କୃପାରୁ ଅସ୍ତ୍ରୋପଚାର ଭଲରେ ହେଲା, ଯାହାପରେ ରେଡ଼ିଓପାଥି ଓ କେମୋପାଥି ଚାଲିଲା । ରେଡ଼ିଓପାଥି ବେଳେ ରୋମାଙ୍କର କୋବାଲ୍ଟ ଥେରାପି ଚିକିତ୍ସା ପ୍ରତି ଖୁବ୍ ପ୍ରତିକ୍ରିୟା ହେଲା । ଆମେ ଚିକିତ୍ସା ଶେଷ କରିବା ଓ ପାର୍ଶ୍ୱ ପ୍ରଭାବଗୁଡ଼ିକୁ ଅତିକ୍ରମ କରିବାରେ ତାଙ୍କୁ ସାହାଯ୍ୟ କରିବାକୁ ସ୍ୱାମୀଙ୍କୁ ଆକୁଳ ପ୍ରାର୍ଥନା କଲୁ ।

ଏହି ସମୟରେ ଦିନେ ରାତିରେ ସ୍ୱାମୀ ରେମାଙ୍କ ସ୍ୱପ୍ନରେ ଆସି ତାଙ୍କୁ ଆଉ ଏକ ଚିକିତ୍ସାଳୟ ଏବଂ ଲିନିୟର ଆକ୍ସିଲରେଟର ନାମକ ଉନ୍ନତତର ରେଡ଼ିଓପାଥି ଉପକରଣର ଦୃଶ୍ୟ ଦେଖାଇଲେ । ଆମେ ଦୁହେଁ ଡାକ୍ତର ହୋଇଥିଲେ ବି ମୁଁ ବା ମୋ ସ୍ତ୍ରୀ କେହି ପୂର୍ବରୁ ଲିନିୟର ଆକ୍ସିଲରେଟର ଦେଖିନଥିଲୁ । ସ୍ୱାମୀ ସ୍ୱପ୍ନରେ ଦେଖାଇଥିବା ଚିକିତ୍ସାଳୟକୁ ମଧ୍ୟ ଆମେ ଦେଖିନଥିଲୁ । ସ୍ୱାମୀଙ୍କର ଏହି ସ୍ୱପ୍ନ ଯୋଗୁଁ ଆମେ ଦ୍ୱିତୀୟ ମତ ନେବାକୁ ଠିକ୍ କଲୁ ଏବଂ କର୍କଟ ଚିକିତ୍ସାରେ ବିଶେଷଜ୍ଞ ପ୍ରଖ୍ୟାତ ରେଡ଼ିଓଲୋଜିଷ୍ଟ ଡଃ ସଞ୍ଜୟ ଚନ୍ଦ୍ରଶେଖରଙ୍କୁ ଭେଟିଲୁ । ରେମାଙ୍କ ରେକର୍ଡ଼ ଦେଖିବା ପରେ ଡଃ ସଞ୍ଜୟ ତତ୍କ୍ଷଣାତ୍ ଚିକିତ୍ସା କରିବାକୁ ଏବଂ ତାମିଲନାଡୁ ଚିକିତ୍ସାଳୟକୁ ଆସିବାକୁ କହିଲେ । ତାହା ବହୁତ ଦୂର ଏବଂ ସେଠାରେ ପହଞ୍ଚିବା କଷ୍ଟକର ହେଲେ ବି ଆମେ ଚେଷ୍ଟା କରିବାକୁ ଠିକ୍ କଲୁ । ଆମର ବିସ୍ମୟର କଳ୍ପନା କରନ୍ତୁ, ଆମେ ତାମିଲନାଡୁ ଚିକିତ୍ସାଳୟରେ ପହଞ୍ଚିବା ବେଳେ ସ୍ୱାମୀ ସ୍ୱପ୍ନରେ ଏହି ଚିକିତ୍ସାଳୟଟି ଦେଖାଇଥିଲେ ବୋଲି ରେମା କହିଲେ । ଆମେ ରେଡ଼ିଓଲୋଜି ବିଭାଗରେ ପହଞ୍ଚିବା ବେଳକୁ ଆଉ ଏକ ବଡ଼ ବିସ୍ମୟ ଆମକୁ

ଅପେକ୍ଷା କରି ରହିଥିଲା। ଆମେ ସେଠାରେ ଦେଖିଥିବା ଯନ୍ତ୍ରଟି ଠିକ୍ ସେଇଆ ଥିଲା ଯାହା ସ୍ୱାମୀ ରେମାଙ୍କୁ ସ୍ୱପ୍ନରେ ଦେଖାଇଥିଲେ । ତାପରେ ସମ୍ପୂର୍ଣ୍ଣ ରେଡ଼ିଓଥେରାପି ଠିକ୍ ଭାବରେ ଚାଲିଲା ଓ କୌଣସି ପାର୍ଶ୍ୱ ପ୍ରଭାବ ପଡ଼ିଲା ନାହିଁ ଏବଂ ଚିକିତ୍ସା ଶୀଘ୍ର ସଫଳତାର ସହ ସମାପ୍ତ ହେଲା । ଆମ ପାଇଁ ଏହା ଥିଲା ଏକ ଚମତ୍କାର ଯେ ସ୍ୱାମୀ ତାଙ୍କର ଅସୀମ ପ୍ରେମ ଯୋଗୁଁ ରେମାଙ୍କ ଉପରେ କୃପାବୃଷ୍ଟି କରିଥିଲେ ଏବଂ ତାଙ୍କୁ କଷ୍ଟକର ଚିକିତ୍ସା ସମାପ୍ତ କରିବାରେ ସାହାଯ୍ୟ କରିଥିଲେ ଓ ତାଙ୍କୁ କଷ୍ଟକର ପାର୍ଶ୍ୱ ପ୍ରଭାବରୁ ମଧ୍ୟ ଆରୋଗ୍ୟ କରିଥିଲେ ।

ତାପରେ କେମୋଥେରାପି ଆରମ୍ଭ ହୋଇ କେତେଥରରେ ସମାପ୍ତ ହେଲା । ମୋର ସ୍ପଷ୍ଟ ମନେ ଅଛି ପ୍ରାୟ ଭୋର ସାଢ଼େ ତିନିଟା ବେଳେ ସ୍ୱାମୀ ମୋ ସ୍ୱପ୍ନରେ ଆସିଲେ । ମୋର ସ୍ୱପ୍ନଟି ଆଜି ବି ସ୍ପଷ୍ଟ ମନେ ଅଛି । ସ୍ୱପ୍ନରେ ମୁଁ ପୁଟ୍ଟପର୍ତ୍ତିରେ ସ୍ୱାମୀଙ୍କ ସହ କଥା ହେଉଥିଲି ଏବଂ ରେମାଙ୍କ ଅସୁସ୍ଥତା କଥା କହିବାକୁ ଚେଷ୍ଟା କରୁଥିଲି; କିନ୍ତୁ ମୁଁ କହିବା ପୂର୍ବରୁ ସେ ମୋତେ କହିଲେ, "ମୁଁ ଜାଣିଛି, ଜାଣିଛି । ଏହି ରୋଗର ଚିକିତ୍ସା କଷ୍ଟକର, ନୁହେଁ କି ?" ସେ ଏକଥା ଅନେକଥର କହିଲେ । ତାପରେ ମୁଁ ତାଙ୍କୁ କହିଲି, "ସ୍ୱାମୀ, ଦୟାକରି ତାଙ୍କୁ ଆରୋଗ୍ୟ କର ।" ସ୍ୱାମୀ ମୋ ଅନୁରୋଧର ଉତ୍ତର ଦେବାପରି ମନେହେଲା ନାହିଁ । ବରଂ ସେ କହି ଚାଲିଲେ, "ରୋଗର ଚିକିତ୍ସା କଷ୍ଟକର ।" ତାପରେ ସେ ହଠାତ୍ ହାତ ଘୂରାଇ ମୋ ପାଇଁ ବିଭୂତି ସୃଷ୍ଟି କଲେ ଓ କହିଲେ, "ଏହା ତାଙ୍କୁ ଦିଅ ।" ସ୍ୱପ୍ନ ଏତେ ସୁସ୍ପଷ୍ଟ ଥିଲା ଯେ ମୋତେ ପ୍ରକୃତରେ ତାଙ୍କ ହାତରୁ ବିଭୂତି ପାଇବା ପରି ଲାଗିଲା । ହଠାତ୍ ମୁଁ ଉଠିପଡ଼ି ଶଯ୍ୟା ଚାରିପଟେ ବିଭୂତି ଖୋଜିବାକୁ ଲାଗିଲି । ସେତେବେଳେ ହିଁ ମୁଁ ତାହା ଏକ ସ୍ୱପ୍ନ ଥିଲା ବୋଲି ଜାଣିଲି । ମୁଁ ଶୋଇପଡ଼ିଲି ଏବଂ ପରଦିନ ସକାଳେ ଚା ପିଇବାବେଳେ ରେମାଙ୍କୁ ସ୍ୱପ୍ନ ବିଷୟରେ କହିଲି । ପ୍ରଥମେ ରେମା ଖୁବ୍ ରୋମାଞ୍ଚିତ ହେଲେ, କିନ୍ତୁ ଆମେ ସ୍ୱାମୀଙ୍କଠାରୁ ପ୍ରକୃତରେ ବିଭୂତି ପାଇନାହୁଁ ବୋଲି ନିରାଶ ହୋଇଗଲେ । ତେଣୁ ସେ 'ଏହା ସ୍ୱପ୍ନ' ବୋଲି କହିଲେ ଓ ଆମ ଶୟନ କକ୍ଷକୁ ଚାଲିଗଲେ । ଶୟନ କକ୍ଷରେ ଶଯ୍ୟା ପାର୍ଶ୍ୱରେ ଆମେ ସ୍ୱାମୀଙ୍କ 'ଆଜିର ଅନୁଚିନ୍ତା' ଥିବା ଛୋଟ ଟେବୁଲ୍ କ୍ୟାଲେଣ୍ଡରଟିଏ ରଖିଥାଉ । ପ୍ରତିଦିନ ସକାଳେ ସେ ପୃଷ୍ଠାଟିଏ ଲେଉଟାନ୍ତି ସେଦିନର ସନ୍ଦେଶ ପଢ଼ିବାକୁ । ସେହି ସକାଳେ ସେ ପୃଷ୍ଠା ଲେଉଟାଇବା ବେଳେ ସନ୍ଦେଶଟି ପଢ଼ି ଆଚମ୍ବିତ ହୋଇଗଲେ - "ଭଗବାନଙ୍କ ସହ ସମ୍ପୃକ୍ତ ସ୍ୱପ୍ନଗୁଡ଼ିକ ସତ୍ୟ ।" ସେ ଏତେ ବିସ୍ମିତ ଓ ଉତ୍ତେଜିତ ହୋଇଗଲେ ଯେ ମୋ ପାଖକୁ ଧାଇଁ ଆସି କହିଲେ, "ଦେଖ ଆଜିର ଅନୁଚିନ୍ତା" । ତାପରେ ମୁଁ ତାଙ୍କୁ କହିଲି ଯେ ସ୍ୱାମୀ ଆମ ସ୍ୱପ୍ନରେ

ଆସିବା ସତ ବୋଲି ସେ କହିଛନ୍ତି । ତଥାପି ତାଙ୍କଠାରୁ ସ୍ଥୁଳ ରୂପରେ ବିଭୂତି ପାଇ ନ ଥିବାରୁ ହତୋତ୍ସାହିତ ହୋଇ ସେ କହିଲେ, "ଏସବୁ ଠିକ୍, କିନ୍ତୁ ସ୍ୱାମୀ ପ୍ରକୃତରେ ଆମ ପାଇଁ ବିଭୂତି ସୃଷ୍ଟି କଲେ ମୁଁ ସନ୍ତୁଷ୍ଟ ହେବି ।"

ପର ସପ୍ତାହରେ ଏପରି ହେଲା ଯେ ମୁଁ ମୋ ସାନ ଭାଇ ଅରୁଣ ସହ ହ୍ୱାଇଟ୍‌ଫିଲ୍ଡ଼ ଆଶ୍ରମକୁ ଗଲି । ସ୍ୱାମୀ ସେଠାରେ ଅଛନ୍ତି ବୋଲି ଆମେ ଶୁଣିଥିଲୁ ଏବଂ ସପ୍ତାହାନ୍ତ ହୋଇଥିବାରୁ ଦର୍ଶନ ପାଇଁ ଯିବାକୁ ଠିକ୍ କଲୁ । ଆମେ ହ୍ୱାଇଟ୍‌ଫିଲ୍ଡ଼ ଗଲୁ, କିନ୍ତୁ ଦର୍ଶନ ସମୟରେ ଆମେ ଯେଉଁଠାରେ ବସିଥିଲୁ ସେଠାକୁ ସ୍ୱାମୀ ଆସିଲେ ନାହିଁ । ଆମେ ସେଦିନ ନିକଟ ଦର୍ଶନର ସୁଯୋଗ ପାଇଲୁ ନାହିଁ । ଆମେ ଚେନ୍ନାଇ ଫେରି ଆସିବାବେଳେ ରେମା 'ସ୍ୱାମୀଙ୍କ ବିଭୂତି କାହିଁ' ବୋଲି ପଚାରିଲେ । ମୁଁ କହିଲି, "ଦୁର୍ଭାଗ୍ୟକୁ ସ୍ୱାମୀ ଏଥର ଆମ ପାଖକୁ ଆସିଲେ ନାହିଁ ।" ସେ ଏକଥା ଶୁଣି ଖୁବ୍ ହତାଶ ହୋଇଗଲେ । ଯେହେତୁ ସ୍ୱାମୀ ମୋ ସ୍ୱପ୍ନରେ ଆସି ବିଭୂତି ସୃଷ୍ଟି କରିଥିଲେ ଏବଂ ତାପରେ 'ଭଗବାନଙ୍କ ସହ ସମ୍ପୃକ୍ତ ସ୍ୱପ୍ନଗୁଡ଼ିକ ସତ' ବୋଲି ସନ୍ଦେଶ ମିଳିଥିଲା ତେଣୁ ସେ ଭାବିଥିଲେ ଯେ ମୁଁ ଆରଥର ଦର୍ଶନ ପାଇଁ ଯିବାବେଳେ ସେ ଆମ ପାଇଁ ବିଭୂତି ସୃଷ୍ଟି କରିବେ । କର୍କଟ ଭଳି ଗୁରୁତର ରୋଗରେ ଚିକିତ୍ସିତ ହେଉଥିବା ବ୍ୟକ୍ତି ପାଇଁ ଏହା ଅତି ମହତ୍ତ୍ୱପୂର୍ଣ୍ଣ ବୋଲି ଅନୁମାନ କରିହେଉଥିବ । ଆମର ଏକମାତ୍ର ଆଶା ଥିଲା ଯେ ସ୍ୱାମୀଙ୍କ କୃପା ଆମ ସାଥିରେ ଅଛି ଏବଂ ତାଙ୍କଠାରୁ ଯେ କୌଣସି ସୃଷ୍ଟି ବା ସଙ୍କେତ ଆମ ଆଶାକୁ ଜୀବିତ ରଖିବାକୁ ଯଥେଷ୍ଟ ।

ସେଦିନ ମୁଁ ପୂର୍ବପରି ଆମ ଚିକିତ୍ସାଳୟକୁ ଗଲି । ରେମାଙ୍କର କେମୋଥେରାପି ଚାଲିଥିବାରୁ ସେ ଛୁଟିରେ ଥିଲେ । ମୁଁ ସେଦିନ କ୍ଲିନିକ୍‌ରେ ରୋଗୀମାନଙ୍କୁ ଦେଖୁଥିବା ବେଳେ ଜଣେ ନିର୍ଦ୍ଦିଷ୍ଟ ରୋଗୀକୁ ପରୀକ୍ଷା କରିବାବେଳେ ଟିକିଏ ବିସ୍ମିତ ଓ ବିଚଳିତ ହୋଇଗଲି । ବିସ୍ମିତ ଏଥିପାଇଁ ଯେ କୋଠରିରେ ମୁଁ ଆଉ ଜଣେ ଲୋକକୁ ଦେଖିଲି ଯାହାକୁ ମୁଁ ରୋଗୀର ସହାୟକ ବୋଲି ଭାବିଥିଲି । ବିଚଳିତ ଏଥିପାଇଁ ଯେ ରୋଗୀ ବା ସହାୟକ କେହି ପରସ୍ପରକୁ ଚାହୁଁ ନ ଥିଲେ । ରୋଗୀ ମୋ ପାଖରେ ବସିଥିଲା ଏବଂ ଅନ୍ୟ ଲୋକଟି କେତେ ଫୁଟ ଦୂରରେ କୋଠରି ଭିତରେ ଠିଆ ହୋଇଥିଲା, କିନ୍ତୁ ଲାଗୁଥିଲା ସତେ ଯେପରି ସେମାନେ ପରସ୍ପରର ଉପସ୍ଥିତି ବିଷୟରେ ଅବଗତ ନ ଥିଲେ । ରୋଗୀକୁ ଦେଖିସାରି ଔଷଧ ଲେଖିଦେବାବେଳେ ସେ ସେଠାରେ ଠିଆ ହୋଇଥିବା 'ସହାୟକ'କୁ ନ ଚାହିଁ ସିଧା କୋଠରିରୁ ବାହାରିଗଲା । ରୋଗୀଟି ଚାଲିଯିବା ପରେ 'ସହାୟକ' ମୋ ପାଖକୁ ଆସିଲା ଓ କହିଲା, "ଆପଣ ଯଦି କିଛି ମନେ ନ କରନ୍ତି ମୁଁ ଗୋଟିଏ କଥା ପଚାରିବି କି ?" ସେ ଏହି ରୋଗୀ ବିଷୟରେ ପଚାରିବ ବୋଲି ଭାବି ମୁଁ

କହିଲି, "ହଁ, କହନ୍ତୁ ।" ତାପରେ ସେହି ସହାୟକ ମୋତେ କହିଲା, "ଡାକ୍ତର ବାବୁ, ମୁଁ ନିକଟରେ ପୁଟ୍ଟପର୍ତ୍ତି ଯାଇଥିଲି ଏବଂ ସ୍ୱାମୀଙ୍କ ସାକ୍ଷାତକାରର ଅନନ୍ୟ ସୁଯୋଗ ପାଇଥିଲି । ସାକ୍ଷାତକାର ବେଳେ ସ୍ୱାମୀ ମୋତେ କେତେ ପୁଡ଼ିଆ ବିଭୂତି ଦେଲେ । ଗୋଟିଏ ପୁଡ଼ିଆ ଆପଣଙ୍କୁ ଦେବି ବୋଲି ମୁଁ ଭାବିଲି । ମୁଁ ଦେଲେ ଆପଣ ନେବେ କି ?"

ପ୍ରିୟ ପାଠକମାନେ, ଘଟଣାଟିର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟ ବୁଝାଇବାକୁ ମୁଁ ଟିକିଏ ବିଷୟାନ୍ତର କରୁଛି । ସେହି ସମୟରେ ଅଳ୍ପଦିନ ହେଲା ମୁଁ ସ୍ୱାମୀଙ୍କ ଭକ୍ତ ହୋଇଥିବାରୁ ମୋର ପରାମର୍ଶ କକ୍ଷରେ ବା ଚିକିତ୍ସାଳୟରେ କୌଣସିଠାରେ ସ୍ୱାମୀଙ୍କ ଛବି ରଖି ନ ଥିଲି । ବିଶ୍ୱାସ ସମ୍ପୂର୍ଣ୍ଣ ବ୍ୟକ୍ତିଗତ କଥା, ତେଣୁ ମୁଁ ଘରେ ତାଙ୍କୁ ପ୍ରାର୍ଥନା କରିବା ଉଚିତ ଏବଂ ମୋର କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଛବି ପ୍ରଦର୍ଶନ କରିବା ଉଚିତ ନୁହେଁ ବୋଲି ଭାବିଥିଲି । ଏହାପରେ କିପରି ପରିବର୍ତ୍ତନ ହେଲା ଏବଂ ସ୍ୱାମୀଙ୍କ ଛବିଗୁଡ଼ିକୁ ଆମ ଚିକିତ୍ସାଳୟରେ ରଖିବାକୁ ଆରମ୍ଭ କଲି ତାହା ଆଉ ଏକ କାହାଣୀ, ଯାହା ମୁ ଦଶମ ଅଧ୍ୟାୟରେ ବୁଝାଇବି ।

ଏବେ ବିଷୟକୁ ଫେରିବା । ମୁଁ ସମ୍ପୂର୍ଣ୍ଣ ଅପରିଚିତ 'ସହାୟକ'କୁ କହିଲି, "ହଁ, ମୁଁ ନେବି । ମୁଁ ପ୍ରକୃତରେ ସ୍ୱାମୀଙ୍କଠାରୁ ବିଭୂତି ପାଇଁ ଅପେକ୍ଷା କରିଥିଲି ।" ମୁଁ କୃତଜ୍ଞତାର ସହ ତା'ଠାରୁ ବିଭୂତି ନେଲି । ସେ ତତ୍‌କ୍ଷଣାତ ମୋ କୋଠରିରୁ ବାହାରିଗଲା । ମୁଁ ମୋ ପତ୍ନୀଙ୍କୁ ଫୋନ୍ କରି ବିଭୂତି ପାଇଛି ବୋଲି କହିଲି ନାହିଁ, ଯେହେତୁ ମୁଁ ଏହାକୁ ତାଙ୍କ ପାଇଁ ବିସ୍ମୟ କରି ରଖିବାକୁ ଚାହିଁଲି । ସନ୍ଧ୍ୟାରେ ଘରକୁ ଫେରିବାବେଳେ ମୁଁ ତାଙ୍କୁ କହିଲି, "ରେମା, ଆଜି ଆମ ଚିକିତ୍ସାଳୟରେ କ'ଣ ହେଲା ଜାଣିଛ ?" ତାଙ୍କ ଉତ୍ତର ମୋତେ ଆଶ୍ଚର୍ଯ୍ୟ କରିଦେଲା । "ତୁମେ ସ୍ୱାମୀଙ୍କଠାରୁ ବିଭୂତି ପାଇଲ କି ?" ମୁଁ ଚକିତ ହୋଇ ପଚାରିଲି, "ତୁମେ କପରି ଜାଣିଲ ?" ସେ କହିଲେ, "ତୁମେ ଯିବା ପରେ ମୁଁ କ'ଣ କରୁଥିଲି ବୋଲି ଭାବୁଛ ?" ମୁଁ ସ୍ୱାମୀଙ୍କୁ ସିଧା ପଚାରିଲି, "ସ୍ୱାମୀ, ତୁମେ ପ୍ରଥମେ ମୋ ପତିଙ୍କ ସ୍ୱପ୍ନରେ ଆସିଲ ଓ ସ୍ୱପ୍ନରେ ତାଙ୍କ ପାଇଁ ବିଭୂତି ସୃଷ୍ଟି କଲ । ତାପରେ 'ଆଜିର ଅନୁଚିନ୍ତା' ମାଧ୍ୟମରେ 'ଭଗବାନଙ୍କ ସହ ସମ୍ପୃକ୍ତ ସ୍ୱପ୍ନ ସତ' ବୋଲି ଆମକୁ କହିଲ । ତଥାପି ମୋ ସ୍ୱାମୀ ହ୍ୱାଇଟ୍‌ଫିଲ୍‌ଡ଼ ଆସିବା ବେଳେ ତୁମେ ତାଙ୍କୁ ପୂରାପୂରି ଉପେକ୍ଷା କଲ । ସ୍ୱାମୀ, ତୁମେ ଯଦି ଭଗବାନ ତେବେ ମୋ ପାଖକୁ କୌଣସିମତେ ବିଭୂତି ପଠାଇ ତାହା ପ୍ରମାଣିତ କର । ଆଉ ତୁମେ ଭଗବାନ ବୋଲି ପ୍ରମାଣ ସ୍ୱରୂପ ଆଜି ମୁଁ ତାହା ଚାହୁଁଛି ।"

ଆଜି ପର୍ଯ୍ୟନ୍ତ ମୋତେ ବିଭୂତି ଦେଇଥିବା ଅପରିଚିତ ଜଣକ କିଏ ବୋଲି ମୁଁ ଜାଣିନାହିଁ । କେହି ତାକୁ ଆସିବା ବା ଯିବା ଦେଖିନାହିଁ । ତାକୁ ମୁଁ ପୁଣି କେବେ ଦେଖିନାହିଁ । ମୁଁ କେବଳ ଏତିକି ଅନୁମାନ କରୁଛି ଯେ ସ୍ୱାମୀ ନିଜେ ବିଭୂତି ଦେବାକୁ ଆସିଥିଲେ

କିମ୍ବା କୌଣସି ବାର୍ତ୍ତାବହଙ୍କୁ ବିଭୂତି ଦେଇ ପଠାଇଥିଲେ । ସ୍ୱାମୀଙ୍କ ଧାରା ରହସ୍ୟମୟ ଏବଂ କେହି ତାହାକୁ ବୁଝାଇପାରିବ ନାହିଁ କି ବୁଝିପାରିବ ନାହିଁ । ଏପରି ଘଟଣାଗୁଡ଼ିକ ସ୍ୱାମୀଙ୍କଠାରେ ମୋର ଓ ମୋ ପତ୍ନୀଙ୍କର ଏବଂ ପରେ ମୋ ଝିଅ ଅଞ୍ଜନା ଓ ନାତି ପ୍ରଣବର ବିଶ୍ୱାସ ବୃଦ୍ଧି କରିଥିଲା । ମୋ ପତ୍ନୀ ସ୍ୱାମୀଙ୍କୁ ପ୍ରାର୍ଥନା କରି 'ମୋର ଆଜି ବିଭୂତି ଦରକାର' ବୋଲି କହୁଥିବା ବେଳେ ମୁଁ ଆଦୌ ଜାଣିନଥିବା ଜଣେ ଅପରିଚିତ ହାତରେ ସେ ବିଭୂତି ପଠାଇବାକୁ କିପରି ବୁଝାଇ ହେବ । ଅଧିକନ୍ତୁ ଅପରିଚିତ ମଧ୍ୟ ସ୍ୱାମୀଙ୍କଠାରୁ ସାକ୍ଷାତକାର ବେଳେ ବିଭୂତି ପାଇଛି ବୋଲି ସୁନିଶ୍ଚିତ କରିଥିଲା, ଯାହାର ଅର୍ଥ ତାହା ସ୍ୱୟଂ ସ୍ୱାମୀଙ୍କ ଦ୍ୱାରା ପ୍ରଦତ୍ତ ବିଭୂତି ! ପ୍ରିୟ ପାଠକମାନେ, ଏହା ସ୍ୱାମୀଙ୍କ ସର୍ବବିଦ୍ୟମତା, ସର୍ବଜ୍ଞତା ଓ ସର୍ବଶକ୍ତିମତ୍ତାର ପ୍ରମାଣ ନୁହେଁ କି ? ଏଗୁଡ଼ିକ ଭଗବାନଙ୍କ ଗୁଣ ନୁହେଁ କି ? ତେବେ ବାବା ଭଗବାନ ବୋଲି ଆମର କାହିଁକି ସନ୍ଦେହ ରହିବ ?

ଏବେ ଆପଣମାନେ ଭାବୁଥିବେ ଯେ ଏଥିରେ ମୋ ପତ୍ନୀ ସନ୍ତୁଷ୍ଟ ହୋଇଥିଲେ । କିନ୍ତୁ ସେ କ'ଣ କହିଲେ ଶୁଣନ୍ତୁ । "ହଁ, ମୁଁ ଏବେ ଖୁସି, କିନ୍ତୁ ଏ ବିଷୟରେ ଚିନ୍ତା କର । ତୁମେ ବି ସ୍ୱପ୍ନ ଦେଖିଥିଲ ? ସ୍ୱପ୍ନରେ ସ୍ୱାମୀ ବ୍ୟକ୍ତିଗତ ଭାବରେ ବିଭୂତି ସୃଷ୍ଟି କରିଥିଲେ । ଏହା ହେଉଛି ସାକ୍ଷାତକାର ବେଳେ ସ୍ୱାମୀ ଆଉ ଜଣକୁ ଦେଇଥିବା ବିଭୂତି ପୁଡ଼ିଆ । ସ୍ୱାମୀଙ୍କ କହିବା ଅନୁସାରେ ସ୍ୱପ୍ନ ଯଦି ସତ ତେବେ ସ୍ୱାମୀ ପ୍ରକୃତରେ ତୁମ ପାଇଁ ବିଭୂତି ସୃଷ୍ଟି କରିବା କଥା ।"

ଏହା ମଧ୍ୟ ଘଟିଥିଲା, କିନ୍ତୁ କିଛି ମାସ ପରେ । ଡିସେମ୍ବର ୧୯୯୪ରେ ରେମାଙ୍କର କେମୋଥେରାପି ସଫଳ ହେବା ପରେ ଆମେ ସମସ୍ତେ ସ୍ୱାମୀଙ୍କ ଦର୍ଶନ ପାଇଁ ପୁଟ୍ଟପର୍ତ୍ତି ଗଲୁ । ଏଥର ମଧ୍ୟ ମୋ ଶ୍ୱଶୁର ଆମ ସହିତ ଯାଇଥିଲେ । ସ୍ୱାମୀ ଦର୍ଶନ ପାଇଁ ଆସିବା ବେଳେ ମୋ ଶ୍ୱଶୁର ଓ ମୋ ଆଗରେ ଅଟକିଗଲେ ଏବଂ ହାତ ଘୂରାଇ ବିଭୂତି ସୃଷ୍ଟି କଲେ । ଖାଲି ଏତିକି ନୁହେଁ, ସେତେବେଳେ ସେ ମହିଳାମାନଙ୍କ ଆଡ଼କୁ ବୁଲିପଡ଼ି ଚାହିଁଲେ, ଯେଉଁଠାରେ ରେମା ବସିଥିଲେ । ସେ ବିଭୂତି ସୃଷ୍ଟି କରି ଆମକୁ ଦେବାର ରେମା ସ୍ପଷ୍ଟ ଭାବରେ ଦେଖିପାରିଥିଲେ । ତାହା ହିଁ ସେ ପ୍ରାୟ ଛଅମାସ ପୂର୍ବେ ସ୍ୱପ୍ନରେ ଦେଖାଇଥିଲେ । ଆମେ ସମସ୍ତେ ସେତେବେଳେ ସୁନିଶ୍ଚିତ ହେଲୁ ଯେ 'ଭଗବାନଙ୍କ ସହ ସମ୍ପୃକ୍ତ ସ୍ୱପ୍ନଗୁଡ଼ିକ ସତ' ବୋଲି ସ୍ୱାମୀ କହିବା ବେଳେ ତାହା ପ୍ରକୃତରେ ଘଟିଥାଏ ଓ ବାସ୍ତବ ଅଟେ । ଅବଶ୍ୟ ଆମେ ସାଇଭକ୍ତମାନେ ଜାଣୁ ଯେ ସବୁ ସ୍ୱାମୀଙ୍କ ସମୟ ଅନୁସାରେ ଘଟେ । ସ୍ୱାମୀଙ୍କ କ୍ୟାଲେଣ୍ଡର ଓ ସମୟର ସିଦ୍ଧାନ୍ତ ମଣିଷର କଳ୍ପନାଠାରୁ ଭିନ୍ନ । ଯାହା ଆବଶ୍ୟକ ତାହା ହେଉଛି ଦୃଢ଼ବିଶ୍ୱାସ ଯେ ସ୍ୱାମୀ କୌଣସି କଥା କହିଲେ ବା ପ୍ରତିଶ୍ରୁତି ଦେଲେ ଅର୍ଥ ତାହା ନିଶ୍ଚୟ କରିବେ । ସେ ବିଷୟରେ ଆମର ଟିକିଏ ବି

ସନ୍ଦେହ ରହିବା ଉଚିତ ନୁହେଁ । ଆମ ସାଇଭକ୍ତମାନଙ୍କ ପାଇଁ କିମ୍ବା ବସ୍ତୁତଃ ଭଗବାନଙ୍କର ଯେକୌଣସି ରୂପର ଉପାସନା କରୁଥିବା ଯେ କୌଣସି ଲୋକ ପାଇଁ ଯଦି ବିଶ୍ୱାସ ଦୃଢ଼ ଥାଏ ତେବେ ଏ ପ୍ରକାର ଚମତ୍କାର ନିଶ୍ଚୟ ସମ୍ଭବ । ଯେଉଁମାନଙ୍କର ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ଅଛି ସେମାନେ ମୁଁ ଯାହା ବର୍ଣ୍ଣନା କରିଛି ତାହାକୁ ନିଶ୍ଚୟ ବିଶ୍ୱାସ କରିବେ । ନାସ୍ତିକ, ଅବିଶ୍ୱାସୀ ଓ ତଥାକଥିତ ବୁଦ୍ଧିବାଦୀମାନଙ୍କ ପାଇଁ ଏଗୁଡ଼ିକ କେବଳ କାକତାଳୀୟ ନ୍ୟାୟ । ଆମ ସାଇଭକ୍ତମାନଙ୍କ ପାଇଁ ଏଗୁଡ଼ିକ କାକତାଳୀୟ ନ୍ୟାୟ (Co-incidences) ନୁହେଁ, ମାତ୍ର ସାଇନ୍ୟାୟ (Sai-incidences) ।

ଆମେ ସମସ୍ତେ ଆରମ୍ଭରୁ ସନ୍ଦେହୀ ଥାଉ । ସ୍ୱାମୀ ତାଙ୍କର ଚମତ୍କାରକୁ କହୁଥିବା 'ଭିଜିଟିଙ୍ଗ୍ କାର୍ଡ୍' ମାଧ୍ୟମରେ ତାଙ୍କର ଦିବ୍ୟତ୍ୱର ଝଲକ ଆମକୁ ବାରମ୍ବାର ଦେଖାଇବାବେଳେ ଆମର ବିଶ୍ୱାସ ଧୀରେ ଧୀରେ ପ୍ରତିଷ୍ଠିତ ହୁଏ । ସ୍ୱାମୀ କହନ୍ତି ଯେ ଆମର ବିଶ୍ୱାସ ପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ ଆମେ ତାଙ୍କୁ ଶହେ, ହଜାରେ ବା ଲକ୍ଷେ ଥର ପରୀକ୍ଷା କରିପାରୁ । କିନ୍ତୁ ତାପରେ ଆମେ ଗଭୀର ଭାବରେ ତାଙ୍କ ଉପରେ ଆସ୍ଥା ରଖିବା ଉଚିତ ଏବଂ ସେ ଯାହା କରୁଛନ୍ତି ତାକୁ ବୁଝାଇବାକୁ ବା ବୁଝିବାକୁ ଚେଷ୍ଟା କରିବା ନାହିଁ, ଏହାର କାରଣ ହେଉଛି ଆମର ମଣିଷ-ମନ ଏତେ କ୍ଷୁଦ୍ର ଯେ ତାଙ୍କର ପୂର୍ଣ୍ଣ ମହିମାକୁ ହୃଦୟଙ୍ଗମ କରିବାର ସାମର୍ଥ୍ୟ ଆମର ନାହିଁ ।

ମହାଭାରତରେ କୃଷ୍ଣଙ୍କର ଅତି ନିକଟ ଅର୍ଜୁନ ମଧ୍ୟ କୁରୁକ୍ଷେତ୍ର ଯୁଦ୍ଧକ୍ଷେତ୍ରରେ କୃଷ୍ଣ ତାଙ୍କର ଦିବ୍ୟସ୍ୱରୂପ ଦେଖାଇବା ବେଳେ ହିଁ ତାଙ୍କର ପ୍ରକୃତ ମହିମା ଜାଣିପାରିଥିଲେ । ଆମେ ଭଗବାନଙ୍କ ଭକ୍ତମାନେ ସାଇ ଅବତାର ସଶରୀରରେ ଥିବାବେଳେ ତାଙ୍କର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିବା ଉଚିତ । ଏହାକୁ ଆମ ଜୀବନର ସବୁଠାରୁ ବଡ଼ ସୌଭାଗ୍ୟ ମନେ କରିବା ଉଚିତ ।

ଓଁ ଜୟ ସାଇରାମ !

"ଭଗବାନଙ୍କ ସହ ସମ୍ପୃକ୍ତ ସ୍ୱପ୍ନଗୁଡ଼ିକ ସତ । ତୁମେ ମୋତେ ସ୍ୱପ୍ନରେ ଦେଖ, ମୁଁ ତୁମକୁ ନମସ୍କାର କରିବାକୁ ଅନୁମତି ଦିଏ, ତୁମକୁ ଆଶୀର୍ବାଦ କରେ, କୃପା ପ୍ରଦାନ କରେ, ତାହା ସତ ଅଟେ; ତାହା ମୋର ସଂକଳ୍ପ ଓ ତୁମର ସାଧନା ଯୋଗୁଁ । ପ୍ରଭୁ ଯଦି ସ୍ୱପ୍ନରେ ଆବିର୍ଭୂତ ହୁଅନ୍ତି ତେବେ ତାହା ନିଶ୍ଚୟ ତାଙ୍କର ସଂକଳ୍ପ । ଏହା ତୁମ ଇଚ୍ଛା ଅନୁସାରେ ଘଟିପାରିବ ନାହିଁ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା

ଦିବ୍ୟ ସମ୍ଭାଷଣ : ପଞ୍ଚମ ଭାଗ

ଅଧ୍ୟାୟ : ୮

ସ୍ୱାମୀ ସବୁବେଳେ ବାଟ ଦେଖାନ୍ତି

"ପ୍ରୟାସ ଓ ପ୍ରାର୍ଥନା ବଳରେ ଭାଗ୍ୟ ହାସଲ କରାଯାଇପାରେ । ପ୍ରୟାସ ଆରମ୍ଭ କର ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ସନ୍ଦେହ ନିବାରିଣୀ

ମୁଁ ଆଜି ଯାହା ହୋଇଛି ତାହା ସମ୍ପୂର୍ଣ୍ଣ ରୂପେ ସ୍ୱାମୀଙ୍କ ଯୋଗୁଁ; ସେଥିପାଇଁ ମୁଁ ତାଙ୍କ ଆଗରେ ବିନମ୍ର ପ୍ରଣତି ଜ୍ଞାପନ କରୁଛି । ଆମେ ୧୯୯୧ରେ କିପରି ଆମର ନିଜର ମଧୁମେହ ଚିକିତ୍ସାଳୟ ସ୍ଥାପନ କଲୁ ସେ ବିଷୟରେ ମୁଁ ସଂକ୍ଷେପରେ ପଞ୍ଚମ ଅଧ୍ୟାୟରେ ସୂଚାଇଥିଲି । ଏଠାରେ ତାହା ବିଶଦ ଭାବରେ ବର୍ଣ୍ଣନା କରିବି ପାଠକମାନଙ୍କୁ ଜଣାଇବାକୁ ଯେ ମୋ ଜୀବନରେ ଯାହା ବି ଟିକିଏ ସଫଳତା ହାସଲ କରିଛି ତାହା ସମ୍ପୂର୍ଣ୍ଣ ରୂପେ ସ୍ୱାମୀଙ୍କ କୃପାରୁ ।

ମୁଁ ମୋର ପିତା ଭାରତର ସୁବିଖ୍ୟାତ ମଧୁମେହବିତ୍ ପ୍ରଫେସର ଏମ୍. ବିଶ୍ୱନାଥନ୍‌ଙ୍କ ସହ ୨୦ ବର୍ଷ କାମ କରିଥିଲି - ପ୍ରଥମ ଦର୍ଶ ବର୍ଷ ମେଡ଼ିକାଲ ଛାତ୍ର ଭାବରେ, ଯେଉଁଠି ମୁଁ ତାଙ୍କ ସହ ନିବିଡ଼ ଭାବରେ ସମ୍ପୃକ୍ତ ଥିଲି ଏବଂ ଏମ୍. ଭି. ମଧୁମେହ ଚିକିତ୍ସାଳୟ ନିର୍ମାଣରେ ତାଙ୍କୁ ସାହାଯ୍ୟ କରିଥିଲି । ପରବର୍ତ୍ତୀ ୧୦ ବର୍ଷ ମୁଁ ତାଙ୍କ ସହ ଜଣେ ମଧୁମେହବିତ୍ ଭାବରେ କାର୍ଯ୍ୟ କରିଥିଲି । ୧୯୯୧ରେ ମୁଁ ଓ ମୋ ପତ୍ନୀ ଆମ ନିଜର ଏକ ଚିକିତ୍ସା କେନ୍ଦ୍ର ଆରମ୍ଭ କରିବା ପାଇଁ ଆମ ପିତାଙ୍କ କେନ୍ଦ୍ର ଛାଡ଼ିଲୁ । ଆମେ ରୟପେଟା ହାଇରୋଡ଼ରେ ଏକ ଭଡ଼ାଘରେ ଛୋଟ ଆକାରରେ ଆମର କେନ୍ଦ୍ର ଆରମ୍ଭ କଲୁ । ଆମ କେନ୍ଦ୍ରର ନାମ ସେତେବେଳେ ଥିଲା ଏମ୍. ଭି. ଡାଇବେଟସ ସ୍ପେଷାଲିଟିଜ ସେଣ୍ଟର, ଯାହା ପରେ ହେଲା ଡଃ ମୋହନସ୍ ଡାଇବେଟସ୍ ସ୍ପେଷାଲିଟିଜ ସେଣ୍ଟର । ଆମେ ଏକ ଚାରିତାଲା ଘରର ତଳ ଦୁଇ ମହଲା ଭଡ଼ାରେ ନେଇ ବହିର୍ରୋଗୀ ସେବା ଆରମ୍ଭ କଲୁ । ମାଲିକ ଥିଲେ ମାଲେସିଆ ଓ ସିଙ୍ଗାପୁରରେ ବ୍ୟବସାୟ କରୁଥିବା ଜଣେ ମୁସଲମାନ । ସେ ଆମକୁ କଥା ଦେଇଥିଲେ ଯେ ଭାରତ ସରକାରଙ୍କ ଜନଗଣନା ବିଭାଗ ଭଡ଼ାରେ ନେଇଥିବା ଉପର ଦୁଇ ମହଲା କାମ ସରିବା ପରେ ଛାଡ଼ିଦେଲେ ସେ ଆମକୁ ତାହା ଅନ୍ତର୍ରୋଗୀ ବିଭାଗ ଖୋଲିବା ପାଇଁ ଦେବେ । ଆମେ ବର୍ଷେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ

ଅପେକ୍ଷା କଲୁ । ଜନଗଣନା ବିଭାଗ ଘର ଖାଲି କରିଦେବା ପରେ ଆମେ ଘରମାଲିକଙ୍କୁ ଉପର ଦୁଇ ମହଲା ଦେବାକୁ କହିଲୁ । କିନ୍ତୁ କେତେକ ବିଚିତ୍ର କାରଣରୁ ସେ ତାଙ୍କର ପ୍ରତିଶ୍ରୁତି ଭଙ୍ଗ କରି ଆମକୁ ତାହା ଦେବାକୁ ମନା କଲେ । ଆମେ ନିୟମିତ ଭଡ଼ା ଦେଉଥିଲୁ ଓ ତାଙ୍କ ସହ ଆମର କିଛି ବିବାଦ ନ ଥିଲା । ତେଣୁ ସେ ଉପର ଦୁଇ ମହଲା ଦେବାକୁ ମନା କରିବା ଅତି ବିଚିତ୍ର ଲାଗିଲା । ଏ ବିଷୟରେ ପଚାରିବାରୁ ସେ ତାଙ୍କର ମନ ବଦଳାଇଛନ୍ତି ଏବଂ ଜଣକୁ ସମ୍ପୂର୍ଣ୍ଣ ଘରଟି ଭଡ଼ା ଦେବାକୁ ଚାହୁଁନାହାନ୍ତି ବୋଲି କହିଲେ । ସେ ଆମକୁ ଦେବା ଅପେକ୍ଷା ବରଂ ତାହା ଖାଲି ରଖିବେ ବୋଲି କହିଲେ ।

କଥାରେ ଅଛି ଭଗବାନ ଗୋଟିଏ ବାଟ ବନ୍ଦ କରିବା ବେଳେ ଅନେକ ବାଟ ଖୋଲିଦିଅନ୍ତି । ତାହା ଏହିଠାରେ ହେଉଥିଲା । "ଭଗବାନ ଯାହା କରନ୍ତି ତାହା ଆମର କଲ୍ୟାଣ ପାଇଁ" ବୋଲି ଉକ୍ତି ଉପରେ ଆମେ ସର୍ବଦା ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ । ଘରମାଲିକଙ୍କୁ ବୁଝାଇବାରେ ଆମେ ବିଫଳ ହେବା ବେଳେ ଆଉ ଗୋଟିଏ ଜାଗା ଖୋଜିବାକୁ ଆରମ୍ଭ କଲୁ । ଶୀଘ୍ର ଆମେ ପାଖରେ ଲୟଡସ ରୋଡ଼ରେ 'ଅମ୍ୟାଲସ ଚିକିତ୍ସାଳୟ' ନାମକ ଏକ ନର୍ସିଙ୍ଗ୍ ହୋମ୍ ପାଇଲୁ । ସେଠାରେ ଆମେ ଦୁଇ ମହଲା ଭଡ଼ା ନେଇ ଆମର ଅନ୍ତର୍ରୋଗୀ ସେବା ଆରମ୍ଭ କଲୁ । ତେଣୁ ଆମେ ଶୀଘ୍ର ଆମର ନିଜର ଚିକିତ୍ସାଳୟ ନିର୍ମାଣ କରିବା ସକାଶେ ଜମି ଖଣ୍ଡେ କିଣିବାକୁ ଖୋଜିଲୁ, ଯଦ୍ୱାରା ଆମେ ବହିର୍ରୋଗୀ ଓ ଅନ୍ତର୍ରୋଗୀ ସେବାକୁ ସଂଯୁକ୍ତ କରିପାରିବୁ ଏବଂ ସବୁକୁ ଗୋଟିଏ ଛାତ ତଳକୁ ଆଣିପାରିବୁ । ଅନେକ ମାସ ଖୋଜିବା ପରେ ଆମେ ଶେଷରେ ଚେନ୍ନାଇର କେନ୍ଦ୍ରସ୍ଥଳ ଗୋପାଳପୁରମ୍‌ରେ କନରାନ୍ ସ୍ମିଥ୍ ରୋଡ଼ରେ ଖଣ୍ଡେ ଜମି ପାଇଲୁ, ଯେଉଁଠାରେ ବର୍ତ୍ତମାନ ଆମର ଚିକିତ୍ସାଳୟ ଚାଲିଛି । ଅବଶ୍ୟ ଜମିମାଲିକ ଯୁକ୍ତରାଷ୍ଟ୍ରରେ ରହୁଥିଲେ ଓ ବର୍ଷକୁ ଥରେ ଚେନ୍ନାଇ ଆସୁଥିଲେ, ଯେତେବେଳେ ତାଙ୍କ ସହ କଥାବାର୍ତ୍ତା କରାଯାଇପାରିବ । ଆମେ ମାଲିକ ଆଗାମୀ ଥର ଆସିବା ବେଳେ ତାଙ୍କ ସହ ମୂଲଚାଲ କରି ଜମି କିଣିବା ସକାଶେ ଜଣେ ଦଲାଲ ସହ କଥାବାର୍ତ୍ତା କରିଥିଲୁ । ଏହା ଆମ ପାଇଁ ଅତ୍ୟନ୍ତ କଷ୍ଟକର ନିଷ୍ପତ୍ତି ଥିଲା, କାରଣ ଏକ ପକ୍ଷରେ ଆମେ ବହୁତ ଋଣ କରିସାରିଥିଲୁ ଓ ବହୁତ ଋଣ ବାକି ଥିଲା ଏବଂ ଅପର ପକ୍ଷରେ ଆମକୁ ପୁଣି ଜମି କିଣି ଘର ତିଆରି କରିବାକୁ ଆହୁରି ଋଣ କରିବାକୁ ପଡ଼ିବ । ସର୍ବୋପରି ରେମାଙ୍କର କର୍କଟ ନିଦାନ ମଧ୍ୟ ହୋଇଥିଲା ।

ଆପଣମାନେ ଆମର ଦୁର୍ଦ୍ଦଶା ଅନୁମାନ କରିପାରୁଥିବେ । ଆମେ କ'ଣ କରିବୁ ଜାଣି ନ ପାରି ଦ୍ୱନ୍ଦ୍ୱରେ ଥିଲୁ । ସତେ ଯେପରି ରାସ୍ତା ଦୁଇଭାଗ ହୋଇଯାଇଥିଲା ଏବଂ ଆମକୁ ନିଷ୍ପତ୍ତି ନେବାର ଥିଲା ଆମେ ରୟପେଟାରେ ଭଡ଼ାଘରେ ରହି ଉନ୍ନତି ନ କରିବାର

ବିପଦ ବରଣ କରିବା ଓ ନିଜ ଘର ନ କରିବା କିମ୍ବା ଗୋପାଳପୁରମ୍‌ରେ ଜମି କିଣି ପ୍ରସାରଣର ଅନ୍ୟ ବାଟ ଆପଣେଇବା ଓ ଆଉ ଅଧିକ ଋଣ କରିବାର ବଡ଼ ବିପଦର ସମ୍ମୁଖୀନ ହେବା । ଆଉ ମଧ୍ୟ ରେମାଙ୍କ ରୋଗ ଆମ ଜୀବନ ପାଇଁ ଅନ୍ୟ ଏକ ବଡ଼ ପ୍ରଶ୍ନ ଥିଲା । କ'ଣ କରିବୁ ଜାଣି ନ ପାରି ଏବଂ ପୂରାପୂରି ବିବ୍ରତ ଓ ହତାଶ ହୋଇ ମୁଁ ଓ ରେମା ପୁଟ୍ଟପର୍ତ୍ତି ଯିବାକୁ ଠିକ୍ କଲୁ । ଆମେ କହିଲୁ, "ଯଦି ସ୍ୱାମୀ ଆମକୁ ସଙ୍କେତ ଦିଅନ୍ତି ତେବେ ଆମେ ଗୋପାଳପୁରମ୍ ଜମି କିଣିବାକୁ ଆଗେଇବା । ଅନ୍ୟଥା ଆମେ ତାହା ବନ୍ଦ କରିବା ଏବଂ ରୟପେଟାରେ ଭଡ଼ାଘରେ ଚଳାଇବା ।"

ରେମାଙ୍କ ଅସ୍ତ୍ରୋପଚାର ପରେ ଓ ରେଡ଼ିଓଥେରାପି କିମ୍ବା କେମୋଥେରାପି ଆରମ୍ଭ ହେବାର କିଛିଦିନ ପୂର୍ବରୁ ପୁଟ୍ଟପର୍ତ୍ତିକୁ ଯାତ୍ରା କରାଗଲା । ଆମେ ସ୍ୱାମୀଙ୍କୁ ଚିଠିଟିଏ ଲେଖି ତାହାର ଦୁଇ କପି କରିବାକୁ ଠିକ୍ କଲୁ ଯଦ୍ୱାରା ସ୍ୱାମୀ ଆମ ଦୁହିଁଙ୍କ ଭିତରୁ ଜଣଙ୍କଠାରୁ ଚିଠି ନେବେ ବୋଲି ଆଶା କରି ଦର୍ଶନ ସମୟରେ ହାତରେ ଧରିଥିବୁ । ଚିଠିରେ ଆମେ ଲେଖିଥିଲୁ, "ପ୍ରିୟ ସ୍ୱାମୀ, ଆମେ ଆମ ଜୀବନର ଏପରି ଏକ ଅବସ୍ଥାରେ ପହଞ୍ଚିଛୁ ଯେଉଁଠି ଆମେ କ'ଣ କରିବୁ ଜାଣି ପାରୁନାହୁଁ - ଆମେ ରୟପେଟା ହାଇରୋଡ଼ରେ ଭଡ଼ାଘରେ ରହିଥିବୁ ନା ଗୋପାଳପୁରମ୍‌ରେ ଜମି କିଣି ନିଜର ଘର ତିଆରି କରିବୁ । ପ୍ରିୟ ସ୍ୱାମୀ, କେବଳ ଆପଣ ହିଁ ଏ ବିଷୟରେ ଦିଗ୍‌ଦର୍ଶନ ଦେଇପାରିବ । ଆପଣ ଯଦି ଏହି ଚିଠି ନିଅନ୍ତି ଆମେ ଏହାକୁ ଆମର ଗୋପାଳପୁରମ୍ ପ୍ରକଳ୍ପ ପାଇଁ ଆଗେଇବାର ସଙ୍କେତ ମନେ କରିବୁ । ଯଦି ନ ନିଅନ୍ତି ତେବେ ଆମେ ଏହାକୁ ରୟପେଟାର ଭଡ଼ାଘରେ ରହିବାର ସଙ୍କେତ ମନେ କରିବୁ ଏବଂ ଏହି ପ୍ରକଳ୍ପରେ ଅଗ୍ରସର ହେବୁ ନାହିଁ । ଯାହା ହେଲେ ବି ଆମେ ଖୁସି ହେବୁ ।" ଅବଶ୍ୟ ଆମେ ଚିଠିରେ ଏକଥା ଲେଖିବାର ବି ଧୃଷ୍ଟତା କରିଥିଲୁ ଯେ "ସ୍ୱାମୀ, ଏହି ସମ୍ପତ୍ତି କିଣିବା ପାଇଁ ଆମର ଟଙ୍କା ବା ଅନ୍ୟ ସାଧନ ନାହିଁ । ତେଣୁ ଆପଣ ଯଦି ଚିଠିଟି ନିଅନ୍ତି, ଦୟାକରି ଆମକୁ ଟଙ୍କା ପାଇବାରେ ସାହାଯ୍ୟ କରନ୍ତୁ, ଅନ୍ୟଥା ଆମେ ଏହି ବିଶାଳ ପ୍ରକଳ୍ପ ଆରମ୍ଭ କରିବାକୁ ସକ୍ଷମ ହେବୁ ନାହିଁ ।" ଆପଣମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ ଯେ ଆମେ ବାବାଙ୍କ ପାଖରେ ଏତେଗୁଡ଼ିଏ ସର୍ତ୍ତ ରଖିଥିଲୁ । କିନ୍ତୁ ସେସମୟରେ ଆମର ଦୁର୍ଦ୍ଦଶା ଆପଣମାନେ କଳ୍ପନା କରିପାରିଲେ ଆମର ଆବେଗ ଓ ଆମର ନୈରାଶ୍ୟ ଏବଂ ଆମେ ନାହିଁକି ଆମର ଭାଗ୍ୟ ପାଇଁ ଦିଗ୍‌ଦର୍ଶନ ଦେବାକୁ ସ୍ୱାମୀଙ୍କ ପାଖରେ ପୂର୍ଣ୍ଣ ସମର୍ପିତ ହେଲୁ ତାହା ବୁଝିପାରିବେ ।

ସ୍ୱାମୀ ଦର୍ଶନ ପାଇଁ ଆସିବାବେଳେ ମୁଁ ତୃତୀୟ ଧାଡ଼ିରେ ବସିଥିଲି । ମୁଁ ଟିକିଏ ଡରିଯାଇ ଚିଠିଟି ତାଙ୍କୁ ବଢ଼ାଇଲି ନାହିଁ, କାରଣ ସେ ଯଦି ନିଅନ୍ତି ତେବେ ଏକ ନୂତନ ଚିକିତ୍ସାଳୟ ନିର୍ମାଣ କରିବା ଆମ ଜୀବନରେ ବହୁତ ବଡ଼ ପଦକ୍ଷେପ ହେବ । କିନ୍ତୁ

ଆଶ୍ଚର୍ଯ୍ୟର କଥା ସ୍ୱାମୀ ତାଙ୍କ ହାତ ବଢ଼ାଇ ମୋଠାରୁ ଚିଠିଟି ନେଲେ । ମୁଁ ଖୁବ୍ ଆନନ୍ଦିତ ହେଲି । ମୁଁ ଯେଉଁଠି ବସିଥିଲି ସେଠାରୁ ରେମା କେଉଁଠି ବସିଛନ୍ତି ଦେଖିପାରି ନ ଥିଲି । ତେଣୁ ମୁଁ ଦର୍ଶନ ପରେ ବାହାରକୁ ଆସିବା ବେଳେ ଖୁବ୍ ଉତ୍ତେଜିତ ହୋଇ ରେମାଙ୍କୁ କହିଲି, "ହେ ରେମା ! ସ୍ୱାମୀ ଚିଠିଟି ମୋଠାରୁ ନେଲେ ।" ସେ କହିଲେ, "ତୁମେ ଜାଣିଛ ! ସେ ମୋଠାରୁ ମଧ୍ୟ ଚିଠିଟି ନେଲେ ।" ସ୍ୱାମୀ ଏକା ଦର୍ଶନରେ ଆମ ଦୁହିଁଙ୍କଠାରୁ ଚିଠି ନେଇଥିଲେ । ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ସେକାଳରେ ପୁଟପର୍ତ୍ତି ଯାଇଥିବେ, ଅନୁମାନ କରିପାରିବେ ସ୍ୱାମୀ ଏକା ଦର୍ଶନରେ ଦୁଇଜଣଙ୍କଠାରୁ ଏକା ଚଠି ନେବାର ସମ୍ଭାବନା କେତେ ! ସେଥିପାଇଁ ଆମେ ଅତି ଆନନ୍ଦିତ ହେଲୁ ଯେ ସ୍ୱାମୀ ଆମକୁ ଆମର ଗୋପାଳପୁରମ୍ ପ୍ରକଳ୍ପରେ ଅଗ୍ରସର ହେବା ପାଇଁ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ।

ପରଦିନ ମୁଁ ଦର୍ଶନ ପାଇଁ ପ୍ରଥମ ଧାଡ଼ିରେ ବସିବାର ସୁଯୋଗ ପାଇଲି । ସ୍ୱାମୀ ପୂର୍ବଦିନ ଚିଠିଟି ନେଇଛନ୍ତି ବୋଲି ମୁଁ ଖୁବ୍ ଆହ୍ଲାଦିତ ଥାଏ । ଏଥର ସ୍ୱାମୀ ମୋ ପାଖକୁ ଆସିବାବେଳେ ମୁଁ କହିଲି, "ସ୍ୱାମୀ, ଦୟାକରି ଆମ ପ୍ରକଳ୍ପକୁ ଆଶୀର୍ବାଦ କରନ୍ତୁ ।" ବିସ୍ମୟ ଓ ହତୋତ୍ସାହର କଥା ଯେ ସ୍ୱାମୀ କେବଳ ମୋତେ ଉପେକ୍ଷା କଲେ ନାହିଁ; ମାତ୍ର କ୍ରୋଧରେ ମୋ ଆଡ଼କୁ ଚାହିଁଲେ ଓ କିଛି ଉତ୍ତର ନ ଦେଇ ପଳାଇଗଲେ । ଦର୍ଶନ ପରେ ମୁଁ ଏକଥା ରେମାଙ୍କୁ କହିଲି । ଆମେ ଦ୍ୱନ୍ଦ୍ୱରେ ପଡ଼ିଲୁ ଏବଂ ସ୍ୱାମୀ କାହିଁକି ରାଗିଲେ ବୋଲି ବିସ୍ମିତ ହେଲୁ । ଆମେ ଅନେକ କଥା ଭାବିଲୁ ଏବଂ ନିର୍ବୋଧ ଭାବରେ ଅନୁମାନ କଲୁ ଯେ ଚିଠିରେ ବହୁତ ସର୍ତ୍ତ ରଖାଯାଇଥିବାରୁ ତାହା ସ୍ୱାମୀଙ୍କୁ ବିବ୍ରତ କରିଛି । ହୁଏତ ସ୍ୱାମୀ ଆମେ ଏସବୁ କଥା ଲେଖିବା ପସନ୍ଦ କରିନାହାନ୍ତି । ମନରେ ଏସବୁ କଥା ଭାବି ଆମେ ଆଶ୍ରମରେ ଶୋଇଲୁ । ପ୍ରାୟ ଭୋର ୩.୩୦ରେ ସ୍ୱାମୀ ଏକ ସ୍ୱପ୍ନରେ ଆସିଲେ, ସେ ଏବେ ବି କ୍ରୁଦ୍ଧ ଦିଶୁଥାନ୍ତି । ସେ କହିଲେ, "ତୋର ମୋ ଉପରେ ବିଶ୍ୱାସ ନାହିଁ । କାଲି ତୁ ଓ ତୋ ସ୍ତ୍ରୀ ଦୁହେଁ ଚିଠି ଧରିଥିଲ ଏବଂ ତୁମର କୌଣସି ସନ୍ଦେହ ନ ରଖିବା ପାଇଁ ମୁଁ ଦୁହିଁଙ୍କଠାରୁ ଚିଠି ନେଲି । ଏହାର ଅର୍ଥ ମୁଁ ତୁମର ପ୍ରକଳ୍ପରେ ଅଗ୍ରସର ହେବା ପାଇଁ ଆଶୀର୍ବାଦ କରିଛି । ମୁଁ ତାହା କରିବା ପରେ ପରଦିନ ତୁ ମୋତେ ପୁଣି ପ୍ରକଳ୍ପ ପାଇଁ ଆଶୀର୍ବାଦ କରିବାକୁ କହୁଛୁ ? ଏହାର ଅର୍ଥ କ'ଣ ? ଏହାର ଅର୍ଥ ତୋର ମୋ ଉପରେ ବିଶ୍ୱାସ ନାହିଁ । ତୁମର ଯଦି ମୋ ଉପରେ ବିଶ୍ୱାସ ନାହିଁ ତେବେ କାହିଁକି ମୋତେ ଆଶୀର୍ବାଦ ମାଗି ଚିଠିଦେଲ ?" ସ୍ୱାମୀ ମୋ ଉପରେ କାହିଁକି ରାଗିଛନ୍ତି ବୋଲି ହଠାତ୍ ଉପଲବ୍ଧି କରି ମୁଁ ମୋ ନିଦରୁ ଉଠି ପଡ଼ିଲି । ମୁଁ ଚୁପ୍ ହୋଇ ବସି ସ୍ୱାମୀଙ୍କୁ ପ୍ରାର୍ଥନା କଲି : "ସ୍ୱାମୀ ଦୟାକରି ମୋତେ କ୍ଷମା କରନ୍ତୁ । ମାନବୀୟ ସ୍ତରରେ ଏହା ଆମର ଦୁର୍ବଳତା ।

ଆପଣ ଆମ ଉପରେ ଆପଣଙ୍କର କୃପା ଓ ଆଶୀର୍ବାଦ ବର୍ଷା କରିବା ବେଳେ ବି ଆମର ସନ୍ଦେହ ରହୁଛି । ଏହା ଆପଣଙ୍କଠାରେ ବିଶ୍ୱାସର ଅଭାବ ଯୋଗୁଁ ନୁହେଁ, ମାତ୍ର ଆମେ ଆପଣଙ୍କଠାରୁ, ବାରମ୍ବାର ଶୁଣିବାକୁ ଚାହୁଁଥିବା ଯୋଗୁଁ । କ୍ଷମା କରନ୍ତୁ, ସ୍ୱାମୀ ।"

ଆମେ ଚେନ୍ନାଇ ଫେରିଆସି ପ୍ରକଳ୍ପ ପାଇଁ ଆଗେଇ ଯିବାକୁ ଠିକ୍ କଲୁ । ତାପରେ ଯାହା ଘଟିଲା, ତାହା ସହଜରେ ବିଶ୍ୱାସ କରିହେବ ନାହିଁ । ତାହା ମୁଁ ପରବର୍ତ୍ତୀ ଅଧ୍ୟାୟରେ ବୁଝାଇବି ।

ଓଁ ଜୟ ସାଇରାମ !

"ବାଟରେ ଆସୁଥିବା ପ୍ରତିବନ୍ଧକଗୁଡ଼ିକୁ ଆଧ୍ୟାତ୍ମିକ ମାର୍ଗର ପଥିକ ବହୁଧା କିଛି ବିରକ୍ତିର ସହ ଦେଖିଥାଏ; କିନ୍ତୁ ଏହି ପରୀକ୍ଷାଗୁଡ଼ିକ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବୋଲି ବୁଝିବାକୁ ହେବ । ତୁମେ ଛବିଟିଏ ଟାଙ୍ଗିବା ପାଇଁ କାନ୍ଥରେ କଣ୍ଟାଟିଏ ପିଟିଥାଅ । କିନ୍ତୁ ଛବି ଟାଙ୍ଗିବା ପୂର୍ବରୁ କଣ୍ଟାଟିକୁ ହଲାଇ ତାହା ଠିକ୍ ଅଛି କି ନାହିଁ ଦେଖିଥାଅ । ଯେତେ ଚେଷ୍ଟା କଲେ ବି ତାହା ହଲୁନାହିଁ ବୋଲି ତୁମେ ନିଶ୍ଚିତ ହେବା ବେଳେ ହିଁ ସେଥିରେ ଛବି ଟାଙ୍ଗିବାକୁ ଦୃଢ଼ ହୋଇଥାଅ । ତୁମେ ପରୀକ୍ଷାଗୁଡ଼ିକୁ ସ୍ୱାଗତ କରିବା ଉଚିତ, କାରଣ ତାହା ତୁମକୁ ବିଶ୍ୱାସ ଦିଏ ଓ ଉନ୍ନତି ସୁନିଶ୍ଚିତ କରେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା

ଦିବ୍ୟ ସମ୍ଭାଷଣ : ଦଶମ ଭାଗ

ଅଧ୍ୟାୟ : ୯

ସ୍ୱାମୀଙ୍କ କୃପା ମିଳିଲେ କିଛି ଅସମ୍ଭବ ନୁହେଁ

"ସେ ତୁମକୁ ସମୟ, ସ୍ଥାନ, କାରଣ, ଉପାଦାନ, ବିଚାର, ଦକ୍ଷତା, ସୁଯୋଗ, ସୌଭାଗ୍ୟ ପ୍ରଦାନ କରିଛନ୍ତି, ଆଉ ତୁମେ ତୁମ ନିଜର ଏତେ ଟିକିଏ କରିଛ । ତେଣୁ ତୁମେ କାହିଁକି ନିଜକୁ କର୍ତ୍ତା ବୋଲି ଭାବିବ ?"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱାଦଶ ଭାଗ

ଚେନ୍ନାଇକୁ ପ୍ରତ୍ୟାବର୍ତ୍ତନ କରିବା ପରେ, ଆମର ମନ ଏହି ମହାତ୍ତ୍ୱାକାଂକ୍ଷୀ ପ୍ରକଳ୍ପରେ ଅଗ୍ରସର ହେବା ପାଇଁ କିଛି ପାଣ୍ଠି ସଂଗ୍ରହ କରିବାର ଚେଷ୍ଟାରେ ଏକାଗ୍ର ହେଲା । ଯୋଜନା ଥିଲା ପ୍ରଥମେ ଯଥେଷ୍ଟ ଟଙ୍କା ସଂଗ୍ରହ କରି ଜମି କିଣିବା ଏବଂ ତାପରେ ସେହି ଜମିକୁ ପ୍ରତ୍ୟାଭୂତି ରୂପେ ରଖି ଘର ପାଇଁ ବ୍ୟାଙ୍କ ଋଣ ଉଠାଇବା । ଯେଉଁ ଲୋକମାନଙ୍କୁ ଆମେ ସାହାଯ୍ୟ ମାଗିପାରିବୁ ସେମାନେ ହେଲେ ମୋର କେତେକ ଅନୁରକ୍ତ ରୋଗୀ । କିଛି ପାଣ୍ଠି ସଂଗ୍ରହ କରିବା ଅଭିପ୍ରାୟରେ ଆମେ ପ୍ରସ୍ତାବିତ ଭବନର ନକ୍ସା ସହ ଏକ ପ୍ରପତ୍ର ଛାପିଲୁ । ଆମେ ମଧ୍ୟ କେତେକ ଶୁଭେଚ୍ଛୁଙ୍କୁ ଭାଗ ନେବା ପାଇଁ ଇଚ୍ଛା କରିପାରନ୍ତି ବୋଲି ଆମେ ଭାବି ଭାଗ ଦେବାକୁ ଚାହିଁଲୁ । ମୁଁ ଆଶା କରୁଥିଲି ଯେ ମୋର ଅନେକ ରୋଗୀ ଏକାଠି ହୋଇ କିଛି କିଛି ଟଙ୍କା ଦେଲେ ତାହା ଜମି କିଣିବାକୁ ଯଥେଷ୍ଟ ହେବ । ତଥାପି ଆମର ଏକ ମୁଖ୍ୟ ସମସ୍ୟା ରହିଲା । ଆମ କମ୍ପାନୀରେ ବିନିଯୋଗ କରିବା ପାଇଁ ମୋର ଓ ମୋ ପତ୍ନୀଙ୍କର ନିଜର ଯଥେଷ୍ଟ ଧନ ନ ଥିଲା । ତେଣୁ ଆମ ରୋଗୀମାନେ ସମସ୍ତ ଆବଶ୍ୟକ ଟଙ୍କା ଦେବାକୁ ଆଗେଇ ଆସିଲେ ବି ଆମର ଆମ ନିଜର ଚିକିତ୍ସାଳୟରେ କିଛି ସ୍ୱତ୍ୱ ରହିବ ନାହିଁ । ତେଣୁ କେଉଁଠୁ ଆମେ ଏତେ ଟଙ୍କା ପାଇପାରିବୁ ?

ପୁଟ୍ଟପର୍ତ୍ତିରୁ ଫେରିବାର ମାସକ ପରେ ଏକ ଅର୍ଥ ପ୍ରଦାନକାରୀ କମ୍ପାନୀର ଅଧ୍ୟକ୍ଷ ମୋ ପାଖକୁ ଜଣେ ରୋଗୀ ଭାବରେ ଆସିଲେ । ତାଙ୍କର ପରିଚୟପତ୍ର ଦେଖି ମୁଁ ଭାବିଲି ଆମର ପ୍ରସ୍ତାବିତ ଚିକିତ୍ସାଳୟ ପ୍ରକଳ୍ପରେ କିଛି ଭାଗ ନେବା ପାଇଁ ତାଙ୍କୁ ମୁଁ କହିପାରିବି । ତଦନୁସାରେ ତାଙ୍କୁ ଦେଖିସାରିବା ପରେ ଏ ବିଷୟରେ କହିଲି ଏବଂ ପ୍ରପତ୍ର ଦେଖାଇଲି

ଓ କହିଲି, "ଆପଣ ଆମର ପ୍ରସ୍ତାବିତ ନୂତନ ଚିକିତ୍ସାଳୟ ପ୍ରକଳ୍ପରେ କିଛି ଅଂଶ ଦେବା ପାଇଁ ଆଗ୍ରହୀ ହେବେ କି ?" ଆଶ୍ଚର୍ଯ୍ୟର କଥା ସେ ପ୍ରପତ୍ରଟିକୁ ଦେଖି କହିଲେ, "ଆପଣଙ୍କର ସମୁଦାୟ କେତେ ଟଙ୍କା ଦରକାର ? ମୁଁ ସବୁ ଟଙ୍କା ଦେବାକୁ ପ୍ରସ୍ତୁତ ଅଛି ।" ମୁଁ ବିଚଳିତ ହୋଇଗଲି, କାରଣ ସେ ମୋ ପାଇଁ ସମ୍ପୂର୍ଣ୍ଣ ଅପରିଚିତ ଥିଲେ ଏବଂ ଏହା ଥିଲା ତାଙ୍କ ସହ ମୋର ପ୍ରଥମ ଦେଖା । ମୁଁ ତାଙ୍କର ପୃଷ୍ଠଭୂମି ମଧ୍ୟ ଜାଣିନଥିଲି । ସେଥିପାଇଁ ମୁଁ ସଙ୍ଗେ ସଙ୍ଗେ ବିଷୟ ପରିବର୍ତ୍ତନ କରି କହିଲି, "ମୁଁ ଆପଣଙ୍କ ଟଙ୍କା ଫେରାଇ ଦେବି, ଆଜ୍ଞା ।" ସେହି ରାତିରେ ମୁଁ ଓ ରେମା ଏ ବିଷୟରେ ଚିନ୍ତା କଲୁ ଏବଂ ରେମା କହିଲେ, "ଏକଥା କ'ଣ ସତ ? ସେ ଲୋକଟି ଯାହା କହିଲା ଆମକୁ କ'ଣ ପୂରା ଟଙ୍କା ଦେବ ? ଆମର ସମ୍ପୂର୍ଣ୍ଣ ଆର୍ଥିକ ସମସ୍ୟା ଦୂର ହୋଇଯିବ ଏବଂ ଆମେ ସିଧା ଜମି କିଣି ପାରିବା ।" ତେଣୁ କାହିଁକି ଚେଷ୍ଟା ନ କରିବା ବୋଲି ଆମେ ଭାବିଲୁ । ପରଦିନ ସକାଳେ ମୋର ବରିଷ୍ଠ ହିସାବରକ୍ଷକଙ୍କ ସହ ସେ ଭଦ୍ରବ୍ୟକ୍ତିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦେଖା କଲି । ସେ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପଚାରିଲେ, "ଡାକ୍ତର, ମୁଁ ଆପଣଙ୍କ ପାଇଁ କ'ଣ କରିପାରିବି ?" ମୁଁ ତାଙ୍କୁ ପୂର୍ବଦିନର ଆଲୋଚନା ବିଷୟରେ ମନେ ପକାଇଲି । ମୁଁ କହିଲି, "ଆପଣ ମୋତେ ସମ୍ପୂର୍ଣ୍ଣ ଟଙ୍କା ଦେବା କଥା କହୁଥିଲେ । ଆପଣ ତାହା ମୋତେ ବ୍ୟକ୍ତିଗତ ଋଣ ଭାବରେ ଦେବେ କି, ଯାହାକୁ ମୁଁ ଆମ କମ୍ପାନୀରେ ବିନିଯୋଗ କରିବି ?" ସେ କହିଲେ, "ହଁ ଡାକ୍ତର, ମୁଁ ପ୍ରସ୍ତୁତ ଅଛି । ଆପଣଙ୍କର କେତେ ଟଙ୍କା ଦରକାର ଓ କାହା ନାମରେ ମୁଁ ଚେକ୍ ଲେଖିବି ?" ମୁଁ ମୋର ଆଖି ଓ କାନକୁ ବିଶ୍ୱାସ କରି ପାରିଲି ନାହିଁ; କିନ୍ତୁ ତାଙ୍କୁ ମୁଁ ଚାହୁଁଥିବା ପରିମାଣ କଥା କହିଲି ଏବଂ ଅଧା ମୋ ନାମରେ ଓ ଅଧା ମୋ ପତ୍ନୀଙ୍କ ନାମରେ ଦୁଇଟି ଚେକ୍ ଲେଖିବାକୁ କହିଲି ।

ଭଦ୍ରବ୍ୟକ୍ତି ତାଙ୍କ ସଚିବଙ୍କୁ ଚେକ୍ ବହି ଆଣିବାକୁ କହିଲେ । ମୋର ଅନୁରୋଧ ଅନୁସାରେ ସେ ଦୁଇଟି ଚେକ ଲେଖିଦେଲେ । ମୁଁ ଓ ମୋର ହିସାବରକ୍ଷକ ସ୍ତମ୍ଭୀଭୂତ ହୋଇଗଲୁ ଏବଂ ଯେହେତୁ କିଛି କାଗଜପତ୍ର ହେବ ବୋଲି ଭାବି ଆମେ ଅପେକ୍ଷା କଲୁ । ସେ ମୋ ଆଡ଼କୁ ଚାହିଁ କହିଲେ, "ଆଉ କିଛି ଅଛି କି ?" ମୁଁ କହିଲି, "କାଗଜପତ୍ର କ'ଣ ହେବ ? ମୁଁ କେଉଁଠି ସ୍ୱାକ୍ଷର କରିବି ?" ସେ କହିଲେ, "ଆପଣ କେଉଁଠି ସ୍ୱାକ୍ଷର କରିବା ଦରକାର ନାହିଁ । ଆପଣ ଯାଇ ପାରନ୍ତି ।" ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ ଯେଉଁ ଲୋକକୁ ମୁଁ ଗତକାଲି ପ୍ରଥମଥର ପାଇଁ ଭେଟିଥିଲି ସେ କୌଣସି କାଗଜପତ୍ରରେ ସ୍ୱାକ୍ଷର ନ କରାଇ ଏତେ ପରିମାଣରେ ଦୁଇଟି ଚେକ୍ ଲେଖିଦେଲା । ସେ ମୋତେ କେବଳ ଗୋଟିଏ କଥା ପଚାରିଲେ, "ଆପଣ ଋଣର ସୁଧ ଅନ୍ତତଃ ଦେଇ ପାରିବେ

କି ?" ମୁଁ ତାଙ୍କୁ କହିଲି, "ହଁ, ମୁଁ ନିଶ୍ଚୟ ସୁଧ ଦେବି । କିନ୍ତୁ ମୂଳଧନ ଫେରାଇବା ପାଇଁ ମୋତେ ବହୁତ ସମୟ ଲାଗିବ, ଯେହେତୁ ଏହି ଟଙ୍କାରେ ମୋତେ ପ୍ରଥମେ ଜମି କିଣିବାକୁ ହେବ, ତାପରେ ଚିକିତ୍ସାଳୟ ନିର୍ମାଣ ହେବ ।" ତାପରେ ରୋଜଗାର ଆରମ୍ଭ ହେବ ଏବଂ ତାପରେ ହିଁ ମୁଁ ଆପଣଙ୍କର ଋଣ ପରିଶୋଧ କରିପାରିବି ।" ସେ କହିଲେ, "କିଛି ଯାଏ ଆସେ ନାହିଁ, ଆପଣଙ୍କ ସମୟ ନିଅନ୍ତୁ ।"

ଏହା ସ୍ୱାମୀଙ୍କର ଆଉ ଏକ ଚମତ୍କାର ବୋଲି ଉପଲବ୍ଧି କରି ତାଙ୍କ କୋଠରିରୁ ଆମେ ବାହାରକୁ ଆସିଲୁ । ବର୍ଷକ ପରେ ସ୍ୱାମୀଙ୍କ କୃପାରୁ ମୁଁ ତାଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରାଇ ଦେଲି । କିନ୍ତୁ ସେହି ସମୟରେ ସେ ଚେକ୍ ଲେଖିନଥିଲେ ଆମେ ଜମି କିଣିପାରିନଥାନ୍ତୁ କି ଆମର ଚିକିତ୍ସାଳୟ ନିର୍ମାଣ କରିପାରିନଥାନ୍ତୁ, କିନ୍ତୁ ଆଜି ଯେପରି ହୋଇଛି ସେପରି ଏହି ଅନୁଷ୍ଠାନକୁ ବଢ଼ାଇ ପାରିନଥାନ୍ତୁ । ସ୍ୱାମୀଙ୍କ କୃପା ହିଁ ବହୁମାତ୍ରାରେ ଆମ ଉପରେ ବର୍ଷିତ ହୋଇଥିଲା । ସତକଥା କହିଲେ ଏହି ଘଟଣା ହିଁ ଆମ ଅନୁଷ୍ଠାନଗୁଡ଼ିକର ଅଭିବୃଦ୍ଧିର ପ୍ରକୃତ ଆରମ୍ଭ ଥିଲା । ଆଜି ସ୍ୱାମୀଙ୍କ କୃପାରୁ ଏହି ପୁସ୍ତକ ପ୍ରକାଶିତ ହେବା ବେଳକୁ ଆମ ମଧୁମେହ ଚିକିତ୍ସା କେନ୍ଦ୍ରର ୫୦ଟି ଶାଖା ଅଛି ଏବଂ ଏହାକୁ ଆହୁରି ଅଧିକ ପ୍ରସାରିତ କରିବା ଦିଗରେ ଆମେ ଅଛୁ ।

ଏହି କଥାର ଗୋଟିଏ ଛୋଟ ବିରୋଧାଭାସ ଅଛି । ପ୍ରାୟ ସେହି ସମୟରେ ଜଣେ ନିକଟ ସମ୍ପର୍କୀୟ ଗୋଟିଏ ଘର କିଣିବା ପାଇଁ ଅଳ୍ପ ଋଣ ଚାହୁଁଥିଲେ । ସେ ମୋତେ ପଚାରିଲେ, "ତୁମେ ଏହି ଭଦ୍ରବ୍ୟକ୍ତିଙ୍କଠାରୁ ମୋ ପାଇଁ କିଛି ଋଣ କରାଇପାରିବ କି ?" ଏହି ଘଟଣା ପରେ ମୋର ଅହଂକାର ବେଲୁନ୍ ପରି ଫୁଲି ଉଠିବାରୁ ମୁଁ ତାଙ୍କୁ କହିଲି, "କିଛି ସମସ୍ୟା ନାହିଁ । ଥରେ ତାଙ୍କୁ ଫୋନ୍ କରିଦେଲେ ହୋଇଯିବ ।" ମୋ ଅହଂକାରକୁ ଦେଖନ୍ତୁ, ମୁଁ ଏହି ଭଦ୍ରବ୍ୟକ୍ତିଙ୍କୁ ଫୋନ୍ କଲି ଏବଂ ତାଙ୍କୁ କିଛି ଋଣ ପାଇଁ କହିଲି । ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ନୈରାଶ୍ୟର କଥା ଯେ ସେ ସିଧାସଳଖ ମନା କରିଦେଲେ । ମୁଁ ମୋ କାନକୁ ବିଶ୍ୱାସ କରିପାରିଲି ନାହିଁ । ମୁଁ ତାଙ୍କୁ ପଚାରିଲି ଯେ ସେ ସେଦିନ କାହିଁକି ଏତେବଡ଼ ପରିମାଣ ଦେବାପାଇଁ ପ୍ରସ୍ତୁତ ଥିଲେ (ମୁଁ ପ୍ରକୃତରେ ସେ ଦେବାକୁ ଚାହୁଁଥିବା ଟଙ୍କାର ଅଧା ନେଇଥିଲି), କିନ୍ତୁ ବର୍ତ୍ତମାନ କମ୍ ପରିମାଣର ରାଶି ପାଇଁ ମନା କରୁଛନ୍ତି । ତାଙ୍କର ପ୍ରତ୍ୟୁତ୍ତର ମୋତେ ଆଘାତ ଦେଲା, "ଡାକ୍ତର, ତାହା ଥିଲା ଏକ ଭିନ୍ନ ଅଭିପ୍ରାୟ, ଏକ ଚିକିତ୍ସାଳୟ ପ୍ରକଳ୍ପ । ଏହା ଘର କିଣିବା ପାଇଁ ଏକ ବ୍ୟକ୍ତିଗତ ଋଣ ।" ସେତେବେଳେ ମୁଁ ମୋର ନିର୍ବୋଧତା ଉପଲବ୍ଧି କଲି । ଋଣ ପାଇବାର ଉତ୍ତେଜନାରେ ମୁଁ ଏକଥା ଭୁଲିଯାଇଥିଲି ଯେ ସ୍ୱାମୀଙ୍କ କୃପା ହିଁ ଆମ ପାଇଁ ଋଣ ଯୋଗାଇଥିଲା । ମୁଁ ନିର୍ବୋଧ

ଭାବରେ ବିଶ୍ୱାସ କରିଥିଲି ଯେ ଏସବୁ ମୋର କାର୍ଯ୍ୟ ଓ ମୋର ମହାନତା ଯୋଗୁଁ । ସେ ଏଥର ମନା କରିବା ବେଳେ ମୁଁ ସତ୍ୟକୁ ବୁଝିପାରିଲି । ସ୍ୱାମୀ ସଫଳତାର ସହ ମୋର ଅହଙ୍କାରକୁ ଫଟାଇ ଦେଇଥିଲେ ।

ସ୍ୱାମୀଙ୍କ ସହ ପରବର୍ତ୍ତୀ କଥାବାର୍ତ୍ତା ବେଳେ ସେ ବହୁଧା ମୋତେ ଚିଡ଼ାଇବା ପାଇଁ ପଚାରୁଥିଲେ, "ଡାକ୍ତର, ଏବେ ତୁମର କେତୋଟି ଶାଖା ହେଲାଣି ?" ମୁଁ ହସିଦେଇ ତାଙ୍କୁ କହୁଥିଲି, "ସ୍ୱାମୀ, ଆପଣ ମୋତେ ସବୁ ଶାଖା ଦେଇଛନ୍ତି । ବସ୍ତୁତଃ ଆପଣ ମୋତେ ସବୁ କିଛି ଦେଇଛନ୍ତି । ଆଉ ଏବେ ଆପଣ ମୋତେ ପଚାରୁଛନ୍ତି ଆମର କେତୋଟି ଶାଖା ଅଛି ।" ଏକଥା ଶୁଣି ସ୍ୱାମୀ ମୁରୁକି ହସି ସତେ ଯେପରି କହୁଥିଲେ, "ଅନ୍ତତଃ ଏବେ ତୁମେ ଉପଲବ୍ଧି କଲ ଯେ ମୁଁ ହେଉଛି କର୍ତ୍ତା, ତୁମେ ନୁହଁ ।"

ମଣିଷ ଭାବରେ ଏହା ଆମର ଦୁର୍ବଳତା । ଆମେ ଯାହା ଚାହୁଁଛୁ ତାହା ସ୍ୱାମୀଙ୍କଠାରୁ ପାଇଯିବା ବେଳେ ତତ୍‌କ୍ଷଣାତ୍ ତାଙ୍କୁ ଭୁଲିଯାଉ ଏବଂ ସବୁ ଆମର ମହାନତା ଯୋଗୁଁ ହୋଇଛି ବୋଲି ଭାବୁ । ହେ ସ୍ୱାମୀ ! ଆପଣ ଆମର ପ୍ରଭୁ ଓ ମାଲିକ । ଆପଣ ମଧ୍ୟ ଏତେ ପ୍ରେମପୂର୍ଣ୍ଣ ଯେ ଆମର ସବୁ ଅପରାଧ ଓ ଦୁର୍ବଳତାକୁ କ୍ଷମା କରନ୍ତି । ହେ ପ୍ରଭୁ ! ଆପଣଙ୍କ ବିନା ଆମେ କ'ଣ ହୋଇପାରିବୁ ? ଆମେ କିପରି ଆପଣଙ୍କୁ ଆମର ଋଣ ପରିଶୋଧ କରିପାରିବୁ ? ଆପଣ ଉଦାର ବ୍ୟକ୍ତିତ୍ୱ । ସୂର୍ଯ୍ୟ ଓ ଚନ୍ଦ୍ର ଥିବା ପର୍ଯ୍ୟନ୍ତ ଏ ପୃଥିବୀରେ ଆପଣଙ୍କ ମହିମା କୀର୍ତ୍ତିତ ହେଉ । ବର୍ତ୍ତମାନ ଓ ସବୁ ସମୟ ପାଇଁ ଆପଣଙ୍କର ପ୍ରେମ ମାନବଜାତିର ସୁରକ୍ଷା ଓ ଦିଗ୍‌ଦର୍ଶନ କରୁଥାଉ । ମୁଁ ତୁମ ଚରଣକମଳରେ ପ୍ରଣତି ଜ୍ଞାପନ କରୁଛି ।

ଓଁ ଜୟ ସାଇରାମ !

"ଶରଣ ଅର୍ଥ ସବୁ କାର୍ଯ୍ୟର ପ୍ରତ୍ୟାଖ୍ୟାନ ନୁହେଁ । ଅପର ପକ୍ଷରେ ଶରଣ ହେଉଛି କର୍ତ୍ତୃତ୍ୱବୋଧର ମିଥ୍ୟାଭାବ ଏବଂ କର୍ମଫଳ ପ୍ରତି ଅବାଞ୍ଛିତ ଆଶା ନ ରଖି ନିଜର ସବୁ କାର୍ଯ୍ୟ ପ୍ରଭୁଙ୍କୁ ଉତ୍ସର୍ଗ କରି ତୁମର ନ୍ୟାଯ୍ୟ କାର୍ଯ୍ୟ ସମ୍ପାଦନ କରିବା ସକାଶେ ନିଜର ସମସ୍ତ ଈଶ୍ୱରଦତ୍ତ ଶକ୍ତି ଓ ଦକ୍ଷତାର ସଦୁପଯୋଗ କରିବା ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଅମୃତଧାରା ୧୯୯୦

ଅଧ୍ୟାୟ : ୧୦

ସ୍ୱାମୀଙ୍କ ଭକ୍ତ ବୋଲି କହିବାକୁ ଲାଜ କର ନାହିଁ

"କେହି ଅନ୍ୟ ଜଣକର କ୍ଷୁଧା ଶାନ୍ତ କରିବାକୁ ଖାଏ ନାହିଁ କି ଅନ୍ୟ ଜଣକର ଅସୁସ୍ଥତା ଉପଶମ କରିବାକୁ ଔଷଧ ନିଏ ନାହିଁ । ତେଣୁ ଅନ୍ୟମାନେ ତୁମର ଧ୍ୟାନ ବା ଭଜନ ବିଷୟରେ କ'ଣ ଭାବୁଛନ୍ତି ସେଥିପ୍ରତି ଖାତିର କର ନାହିଁ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ :ଦଶମ ଭାଗ

ସପ୍ତମ ଅଧ୍ୟାୟରେ ମୁଁ ଉଲ୍ଲେଖ କରିଥିଲି ଯେ ବିଶ୍ୱାସ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବିଷୟ ଏବଂ ଆମ ଚିକିତ୍ସାଳୟରେ ସ୍ୱାମୀଙ୍କ ଛବି ରଖି ତାହାର ବିଜ୍ଞାପନ କରିବା ଦରକାର ନାହିଁ ବୋଲି ଭାବି ଆମେ ପ୍ରଥମେ ଆମ ଚିକିତ୍ସାଳୟରେ ସ୍ୱାମୀଙ୍କ ଛବି ନ ରଖିବାକୁ ଠିକ୍ କରିଥିଲୁ । ଗୋଟିଏ ଘଟଣା ପରେ ସବୁ ମୋ ପାଇଁ ନାଟକୀୟ ଢଙ୍ଗରେ ବଦଳିଗଲା, ଯାହା ମୁଁ ଏଠାରେ ବର୍ଣ୍ଣନା କରିବାକୁ ଚାହୁଁଛି ।

ଆମର ଗୋପାଳପୁରମ୍ ଚିକିତ୍ସାଳୟ ସମ୍ଭବ ହେବା ବିଷୟରେ ମୁଁ ଅଷ୍ଟମ ଓ ନବମ ଅଧ୍ୟାୟରେ ଲେଖିଛି । ୧୯୯୬ରେ ଆମେ ନବନିର୍ମିତ ଗୋପାଳପୁରମ୍ ଚିକିତ୍ସାଳୟର ଉଦ୍‌ଘାଟନ ପାଇଁ ପ୍ରସ୍ତୁତ ହୋଇଗଲୁ । ଉଦ୍‌ଘାଟନର କିଛିଦିନ ପୂର୍ବରୁ ମୁଁ ମୋର ଜଣେ ଫାର୍ମାସିଷ୍ଟ ବନ୍ଧୁଙ୍କଠାରୁ ଏକ ଅପୂର୍ବ ଉପହାର ପାଇଲି । ସେ ସ୍ୱାମୀଙ୍କର ଏକ ପୂର୍ଣ୍ଣାବୟବ ଛବି ଆଣିଥିଲେ । ସେ ତାହାକୁ ଗୋଟିଏ ଷ୍ଟାଣ୍ଡରେ ବନ୍ଧେଇ କରି ସେଥିରେ ଗୋଟିଏ ପଛ ଲାଇଟ୍ ଲଗାଇବାକୁ ପ୍ରସ୍ତାବ ଦେଲେ ଯଦ୍ୱାରା ଛବିଟି ଆଲୋକିତ ହେବ ଓ ରାତିରେ ବି ଦିଶିବ । ଏହା ଭାରି ବଢ଼ିଆ ଲାଗିବାରୁ ମୁଁ ତତ୍‌କ୍ଷଣାତ୍ ରାଜି ହୋଇଗଲି । ସେ ଆହୁରି ପ୍ରସ୍ତାବ ଦେଲେ ଯେ ଚେନ୍ନାଇର କାମରାଜ ସ୍ମୃତି ସଦନରେ ହେବାକୁ ଥିବା ଉଦ୍‌ଘାଟନ ଉତ୍ସବକୁ ସ୍ୱାମୀଙ୍କର ଏହି ଛବିଟିକୁ ବନ୍ଧେଇ କରି ଆଣି ଆସିବେ । ମୁଁ ଏହି ପ୍ରସ୍ତାବକୁ ଉତ୍ସାହର ସହ ସମ୍ମତି ଜଣାଇଲି ।

କାର୍ଯ୍ୟକ୍ରମ ୧ ସେପ୍ଟେମ୍ବର ୧୯୯୬ ସନ୍ଧ୍ୟା ଛଅଟା ବେଳେ ନିର୍ଦ୍ଧାରିତ ହୋଇଥିଲା । ସେଦିନ ସକାଳେ ଆମ କେନ୍ଦ୍ରରେ ଏକ ସାପ୍ତାହିକ ସମ୍ମିଳନୀ ଥିଲା ।

ଚିକିତ୍ସାଳୟ ବିଷୟରେ ଏକ ଉପସ୍ଥାପନ କରିବା ବେଳେ ଆମେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲୁ, ଯେଉଁଥିରେ ମୁଁ ସ୍ୱାମୀଙ୍କ ଛବି ଦେଖାଇଥିଲି । ସାମ୍ବାଦିକମାନଙ୍କ ସହ ମୋର ଆଲୋଚନା ବେଳେ ମୁଁ ଅନିଚ୍ଛାକୃତ ଭାବେ ଭଗବାନଙ୍କ ବିଷୟରେ ଏକ କୌତୁକ କରିଥିଲି, ଯାହା ପ୍ରତି ଜଣେ ଗଣମାଧ୍ୟମ ବ୍ୟକ୍ତି ଭୀଷଣ ପ୍ରତିକ୍ରିୟା ପ୍ରକାଶ କଲେ । ସେ ସ୍ୱାମୀଙ୍କର ନିନ୍ଦା କରିବାକୁ ଆରମ୍ଭ କଲେ, କାରଣ କିଛି ମିନିଟ୍ ପୂର୍ବରୁ ମୁଁ ସ୍ୱାମୀଙ୍କ ଛବି ଭିଡ଼ିଓରେ ଦେଖାଇଥିଲି ।

ତାଙ୍କର ଦୃଢ଼ ପ୍ରତିକ୍ରିୟାରେ ମୁଁ ଡରିଥିଲି । ଆମ କାର୍ଯ୍ୟକ୍ରମରେ ମୁଁ ପ୍ରଥମଥର ପାଇଁ ସ୍ୱାମୀଙ୍କ ଛବି ଦେଖାଇଥିବାରୁ ଫାର୍ମାସିଷ୍ଟ ବନ୍ଧୁଙ୍କୁ ଫୋନ୍ କରି ଉଦ୍‌ଘାଟନ ଉତ୍ସବକୁ ସ୍ୱାମୀଙ୍କ ଛବି ନ ଆଣିବାକୁ କହିଲି । ଏହି ପଦକ୍ଷେପ ପାଇଁ ଆଉ ଗୋଟିଏ କାରଣ ମଧ୍ୟ ମୋତେ ପ୍ରରୋଚିତ କରିଥିଲା । ଉଦ୍‌ଘାଟନ ଉତ୍ସବର ମୁଖ୍ୟ ଅତିଥି ରୂପେ ଆମେ ତାମିଲନାଡୁ ସରକାରଙ୍କର ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲୁ । ସେ ସେହି ରାଜନୈତିକ ଦଳର ଯାହାର ନେତା ଜଣେ ନାସ୍ତିକ ଭାବରେ ସୁପରିଚିତ । ଅନ୍ୟ ସମ୍ମାନିତ ଅତିଥିଜଣକ ଥିଲେ ଚେନ୍ନାଇର ଜଣେ ପ୍ରଖ୍ୟାତ ବ୍ୟକ୍ତି ଓ ମୁସଲମାନ । ସକାଳେ ଗଣମାଧ୍ୟମର ବିରୋଧୀ ପ୍ରତିକ୍ରିୟା ଯୋଗୁଁ ମୁଁ ଡରିଗଲି ଏବଂ ଭାବିଲି ଯେ ଉଦ୍‌ଘାଟନ ଉତ୍ସବରେ ସ୍ୱାମୀଙ୍କ ଛବି ନ ରଖିବା ଭଲ ହେବ ଯେହେତୁ ମୁଁ ଉପଲବ୍ଧି କଲି ଯେ କେବଳ ଦୁଇଜଣ ଅତିଥି ନୁହନ୍ତି ମାତ୍ର ଶ୍ରୋତାମଣ୍ଡଳୀରେ ମଧ୍ୟ ବିଭିନ୍ନ ମତବାଦର ଲୋକ ଥିବେ ଏବଂ ଯଦି ସେମାନଙ୍କ ମଧ୍ୟରୁ କେତେକ ଗଣମାଧ୍ୟମ ବ୍ୟକ୍ତିଙ୍କ ପରି ପ୍ରତିକ୍ରିୟା ପ୍ରକାଶ କରନ୍ତି ତେବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ହାସ୍ୟାସ୍ପଦ ଭାବରେ ବିଫଳ ହେବ ।

ସାମ୍ବାଦିକ ସମ୍ମିଳନୀ ଶେଷ କରିବା ପରେ ମୁଁ ଘରକୁ ଗଲି ଏବଂ ପତ୍ନୀ ରେମାଙ୍କୁ କହିଲି ଯେ ସ୍ୱାମୀଙ୍କ ଛବି ଉଦ୍‌ଘାଟନ ଉତ୍ସବକୁ ନ ଆଣିବା ପାଇଁ ମୁଁ ନିର୍ଦ୍ଦେଶ ଦେଇଛି । ରେମା ଏଥିପ୍ରତି କଠୋର ପ୍ରତିକ୍ରିୟା ପ୍ରକାଶ କରି କହିଲେ, "ଏପରି କାହିଁକି କଲ ? ମୋତେ ଡର ଲାଗୁଛି ଉତ୍ସବରେ କିଛି ଭୁଲ ହେବ ।" ସେ ଏକଥା କହିବାମାତ୍ରେ ଟେଲିଫୋନ ବାଜିଲା । ସନ୍ଧ୍ୟା ଉତ୍ସବର ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ତାଙ୍କୁ ସନ୍ଧ୍ୟାରେ ଏକ ଜରୁରୀ ବୈଠକ ପାଇଁ ଡାକିଥିବାରୁ ସେ ଉତ୍ସବରେ ଯୋଗ ଦେଇପାରିବେ ନାହିଁ ବୋଲି ମୋତେ କହିବାକୁ ଫୋନ୍ କରିଥିଲେ । ମୁଁ ତାଙ୍କ ସହ ଯୁକ୍ତି କରିବାକୁ ଚେଷ୍ଟା କଲି, କିନ୍ତୁ ସେ କ୍ଷମା ମାଗି ଫୋନ୍ ରଖିଦେଲେ । ଏହି କଥୋପକଥନ ଶୁଣିଥିବା ରେମା ମୋ ମୁହଁର ଆଶଙ୍କିତ ଅଭିବ୍ୟକ୍ତି ଦେଖି କହିଲେ, "ମୁଁ ତୁମକୁ କହିଲି ! ତୁମେ ସେମାନଙ୍କୁ ଉତ୍ସବକୁ ସ୍ୱାମୀଙ୍କ ଛବି ନ ଆଣିବାକୁ କହିବାର ନ ଥିଲା ।" ଏହି ଦୁର୍ଭାଗ୍ୟଜନକ

ଘଟଣା ଯୋଗୁଁ ମୁଁ ଆତଙ୍କିତ ଓ ସ୍ତମ୍ଭୀଭୂତ ହୋଇଗଲି । ଆମର ଚିକିତ୍ସାଳୟ ନିର୍ମାଣ କରିବା ପାଇଁ ଏହା ଥିଲା ଅନେକ ବର୍ଷର ଦୀର୍ଘ ସଂଘର୍ଷ । ଶେଷରେ ଉଦ୍‌ଘାଟନ ଦିନ ଏହି ସମସ୍ୟା ଆମେ ଆଶା କରୁନଥିଲୁ । ବସ୍ତୁତଃ ସକାଳେ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରୀ ଆସିବେ କି ନାହିଁ ବୋଲି ମୋତେ ବାରମ୍ବାର ପଚାରୁଥିଲେ ଏବଂ ସେ ଆସିବେ ବୋଲି ମୁଁ ସେମାନଙ୍କୁ ନିଶ୍ଚିତ କରିଥିଲି । ସେ ଯଦି ନ ଆସନ୍ତି ତେବେ ଗଣମାଧ୍ୟମ ମଧ୍ୟ ବିରୋଧୀ ହୋଇପାରନ୍ତି । ମୋର ହୃଦୟ ଭାଙ୍ଗିପଡ଼ିଲା ।

ମୁଁ ଆମ ପୂଜାଘରକୁ ଯାଇ ସ୍ୱାମୀଙ୍କ ଛବି ଆଗରେ ବସି ତାଙ୍କୁ ପ୍ରାର୍ଥନା କଲି । ମୁଁ କହିଲି ଯେ ତାଙ୍କ ଛବିକୁ ଉତ୍ସବସ୍ଥଳକୁ ନ ଆଣିବାକୁ କହି ମୁଁ ତାଙ୍କୁ ଅପମାନିତ କରିବାକୁ ଚାହୁଁ ନ ଥିଲି । ଚିକିତ୍ସାଳୟ ଉଦ୍‌ଘାଟନ ବେଳେ ସ୍ୱାମୀଙ୍କ ଛବିର ପ୍ରଦର୍ଶନକୁ ଲୋକମାନେ କି ଦୃଷ୍ଟିରେ ଦେଖିବେ ସେହି ଆଶଙ୍କା ଯୋଗୁଁ ମୁଁ ସେପରି କରିଥିଲି । କିଛି ସମୟ ପାଇଁ ମୁଁ ସ୍ୱାମୀଙ୍କ ରୂପକୁ ଚାହିଁ ଧ୍ୟାନସ୍ଥ ହୋଇଗଲି । ମୁଁ ସମୟ ଭୁଲିଗଲି, କିନ୍ତୁ ଟେଲିଫୋନ ଘଣ୍ଟି ବାଜିବା ବେଳେ ପ୍ରକୃତିସ୍ଥ ହୋଇଗଲି । ମୁଁ ଫୋନ୍ ଉଠାଇବାକୁ ଧାଇଁଯିବା ବେଳେ ମାନ୍ୟବର ମନ୍ତ୍ରୀ ମୋତେ ପୁଣି କହିଲେ ଯେ ସେ ଉତ୍ସବରେ ଯୋଗ ଦେବେ । ସେ ତାଙ୍କର ମନୋଭାବ ବଦଳାଇ ମୁଖ୍ୟମନ୍ତ୍ରୀଙ୍କୁ ବୈଠକକୁ ଘଣ୍ଟାଏ ବିଳମ୍ବ କରିବା ପାଇଁ କହିଥିଲେ, ଯଦ୍ୱାରା ସେ ଆମ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବୈଠକକୁ ଯାଇପାରିବେ ।

ପ୍ରିୟ ପାଠକମାନେ, କେତେଜଣ ମନ୍ତ୍ରୀ ଏପରି କରିବେ ? ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ବୈଠକକୁ ସ୍ଥଗିତ କରିବାକୁ କହିବେ ? ମୁଁ ସେତେବେଳେ ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବରେ ଜାଣି ନ ଥିଲି । ତେଣୁ ନିଃସନ୍ଦେହ ଏହା ସ୍ୱାମୀଙ୍କର ଆଉ ଏକ ଚମତ୍କାର । ମୁଁ ଓ ମୋ ପତ୍ନୀ ଆନନ୍ଦିତ ହେଲୁ ! ମୁଁ ଛବିଟିକୁ ଉତ୍ସବସ୍ଥଳକୁ ଆଣିବା ପାଇଁ ଫାର୍ମାସିଷ୍ଟ ବନ୍ଧୁଙ୍କୁ କହିବାକୁ ଚେଷ୍ଟା କଲି, କିନ୍ତୁ ଦୁର୍ଭାଗ୍ୟକୁ ଫୋନ୍ ଲାଗିଲା ନାହିଁ । ସେ କାଳରେ ମୋବାଇଲ ଫୋନ ନ ଥିଲା । ପୁଣି ମୁଁ ପୂଜାଘରକୁ ଯାଇ ସ୍ୱାମୀଙ୍କୁ ତାଙ୍କର ଚମତ୍କାର ପାଇଁ ଧନ୍ୟବାଦ ଦେଲି ଏବଂ ନିଜର ମୂର୍ଖାମି ଯୋଗୁଁ ଛବିଟିକୁ ଉଦ୍‌ଘାଟନ ଉତ୍ସବକୁ ନ ଆଣିବାକୁ କହିଥିବାରୁ କ୍ଷମା ମାଗିଲି ।

ଆମେ ସବୁ ବ୍ୟବସ୍ଥା କରିବା ପାଇଁ ହଲ୍‌କୁ ଶୀଘ୍ର ଗଲୁ ଏବଂ ସେଠାରେ ଆମେ ସ୍ୱାମୀଙ୍କର ଆଉ ଏକ ଲୀଳା ଦେଖି ବିସ୍ମିତ ହୋଇଗଲୁ । ସେଠାରେ ମଞ୍ଚ ଉପରେ ସୁନ୍ଦର ଭାବରେ କାଠ ଫ୍ରେମ୍‌ରେ ବନ୍ଧେଇ ହୋଇଥିବା ସ୍ୱାମୀଙ୍କ ଛବିଟି ଥିଲା । ସତେ ଯେପରି ସ୍ୱାମୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରୁଥିଲେ । କହିବା ଅନାବଶ୍ୟକ ଯେ ଆମ ଚିକିତ୍ସାଳୟର ଉଦ୍‌ଘାଟନ ନିର୍ବିଘ୍ନରେ ସମାପ୍ତ ହେଲା । ଆଉ ବାକି ସବୁ ସେମାନେ

କହିବା ପରି ଇତିହାସ ହୋଇଗଲା । ସେଦିନ ଉଦ୍‌ଘାଟିତ ଗୋପାଳପୁରମ୍‌ର ଏହି ମୁଖ୍ୟ କେନ୍ଦ୍ର ପରବର୍ତ୍ତୀ ବର୍ଷମାନଙ୍କରେ ଅନେକ ଶାଖାର ଅଭିବୃଦ୍ଧି ଆଡ଼କୁ ଘେନିଗଲା ।

ଆମେ ଆମ ହୃଦୟର ଅନ୍ତରତମ ପ୍ରଦେଶରୁ ସ୍ୱାମୀଙ୍କୁ ଧନ୍ୟବାଦ ଦେଲୁ, ମାତ୍ର ଗୋଟିଏ ପ୍ରଶ୍ନ ଲାଗି ରହିଲା । ମୁଁ ସ୍ୱାମୀଙ୍କ ଛବି ନ ଆଣିବାକୁ ନିର୍ଦ୍ଦିଷ୍ଟ ଭାବରେ ସେଦିନ ସକାଳେ କହିଥିଲି । ଛବିଟି ସେଠାକୁ ଆସିଲା କିପରି ? ଉଦ୍‌ଘାଟନ ଉତ୍ସବ ପରେ ମୁଁ ଫାର୍ମାସିଷ୍ଟ ବନ୍ଧୁଙ୍କ ଭେଟି ପଚାରିଲି, "ମୁଁ ଛବିଟିକୁ ନ ଆଣିବାପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ତାହା କିପରି ହଲ୍‌କୁ ଆସିଲା ?" ସେ ମୋତେ କ୍ଷମା ମାଗି କହିଲେ, "ଆଜ୍ଞା, ମୁଁ ତାହାକୁ ହଲ୍‌କୁ ନ ଆଣିବା ପାଇଁ କହିବାକୁ ବଢ଼େଇ ସହ ଯୋଗାଯୋଗ କରିବାକୁ ଚେଷ୍ଟା କଲି, କିନ୍ତୁ ମୁଁ ତା ସହ ଯୋଗାଯୋଗ କରିବା ବେଳକୁ ସେ ଛବିଟିକୁ ହଲ୍‌କୁ ଆଣିସାରିଥିଲା । ତାହା ବହୁତ ଓଜନିଆ ଏବଂ ତାକୁ ଫେରାଇନେବା କଷ୍ଟସାଧ୍ୟ ଥିବାରୁ ମୁଁ ତାକୁ ସେଇଠି ଛାଡ଼ିଦେଲି ।"

ମୁଁ ଉପଲବ୍ଧି କଲି ଯେ ସ୍ୱାମୀ ଆମକୁ ଅନେକ କଥା ଶିକ୍ଷା ଦେବା ପାଇଁ ଏହି ଅଦ୍ଭୁତ ଲୀଳା ଅଭିନୟ କରିଛନ୍ତି । ସେହି ଉତ୍ସବରୁ ଆରମ୍ଭ କରି ଆମର ପ୍ରଥମ ନିମନ୍ତ୍ରଣ କାର୍ଡ଼ ସବୁବେଳେ ସ୍ୱାମୀଙ୍କୁ ପଠାଯାଇଥାଏ । ସେହି ନିର୍ଦ୍ଦିଷ୍ଟ ଉତ୍ସବରେ ଆମେ ଅନେକ ଦିନ ପୂର୍ବରୁ ସ୍ୱାମୀଙ୍କୁ (ପୁଟ୍ଟପର୍ତ୍ତି) ନିମନ୍ତ୍ରଣ ପଠାଇ ଦେଇଥିଲୁ । ତେଣୁ ଏହି ଲୀଳା ମାଧ୍ୟମରେ ସ୍ୱାମୀ ପରୋକ୍ଷଭାବରେ ପ୍ରଥମ ଶିକ୍ଷା ଦେଲେ ଯେ *"ତୁମେ ମୋତେ ନିମନ୍ତ୍ରଣ କରିବା ପରେ କାହିଁକି ନ ଆସିବାକୁ କହୁଛ ?"* ଦ୍ୱିତୀୟ ଶିକ୍ଷା ଥିଲା *"ତୁମେ ଯଦି ପ୍ରକୃତରେ ମୋଠାରେ ବିଶ୍ୱାସ କର ତେବେ ମୋ ଛବିକୁ ଦେଖାଇବାକୁ କାହିଁକି ଲଜ୍ଜା ବୋଧ କରୁଛ ?"*

ଏହା ମୋ ପାଇଁ ଏକ ପରିବର୍ତ୍ତନ ବିନ୍ଦୁ ଥିଲା । ତାପରେ ମୁଁ ବିନା ଦ୍ୱିଧାରେ ଯେ କୌଣସି ସ୍ଥାନରେ ସ୍ୱାମୀଙ୍କ ଛବି ପ୍ରଦର୍ଶନ କରୁଛି । ପ୍ରଥମ ପଦକ୍ଷେପ ଭାବରେ ମୁଁ ସେହି ଛବିକୁ ଆମ ଗୋପାଳପୁରମ୍ କେନ୍ଦ୍ରର ଅଭ୍ୟର୍ଥନା ସ୍ଥଳରେ ରଖିବାକୁ ଆଦେଶ ଦେଲି ଏବଂ ଯେ ଯାହା କହିଲେ ବି ଆମେ କିଛି ଚିନ୍ତା ନ କରିବାକୁ ଠିକ୍ କଲି । ଏହା ଆମର ନିଷ୍ପତ୍ତି ଥିଲା ଏବଂ ଆମେ ତାହା କାର୍ଯ୍ୟକାରୀ କଲୁ ।

ଆଜି ପର୍ଯ୍ୟନ୍ତ ଆମର ସବୁ କେନ୍ଦ୍ରର ଅଭ୍ୟର୍ଥନା ସ୍ଥଳରେ ସ୍ୱାମୀଙ୍କ ଛବି ରଖାଯାଇଛି । ଖାଲି ସେତିକି ନୁହେଁ ଆମ କେନ୍ଦ୍ରର ବିଭିନ୍ନ ବିଭାଗମାନଙ୍କରେ ସ୍ୱାମୀଙ୍କ ବାଣୀ ଓ ତାଙ୍କର ଛବି ପ୍ରୟୋଗ କରିବାକୁ ଆରମ୍ଭ କରିବା ପାଇଁ ଆମେ ସ୍ଥିର କଲୁ, କାରଣ ତାଙ୍କର ଆଶୀର୍ବାଦ ଓ କୃପା ବିନା ଏହି ଚିକିତ୍ସାଳୟ କେବେ ଅସ୍ତିତ୍ୱକୁ ଆସି ନ ଥାନ୍ତା । ଅଧିକନ୍ତୁ, ସେହିଦିନଠାରୁ ଆମେ ଚିକିତ୍ସାଳୟରେ ବା କୌଣସି ସର୍ବସାଧାରଣ

ସ୍ଥାନରେ ସ୍ୱାମୀଙ୍କ ଛବି ନ ରଖି କୌଣସି ଉତ୍ସବ ବା ସଭା ବା ସମ୍ମିଳନୀ କେବେ ଆୟୋଜନ କଲୁ ନାହିଁ ।

ଆମ ପାଖରେ ବ୍ୟାଙ୍କ ଜମା ଶୂନ ଓ କୌଣସି ପ୍ରକାର ଆର୍ଥିକ ସହଯୋଗ ନ ଥିବାବେଳେ ସ୍ୱାମୀ ଶୂନ୍ୟରୁ ସେହି କମ୍ପାନୀର ଅଧ୍ୟକ୍ଷଙ୍କୁ ରୋଗୀ ଭାବରେ ଆମ ପାଖକୁ ଆଣିଥିଲେ । ତାଙ୍କ କୃପାରୁ ସେହି ଭଦ୍ରବ୍ୟକ୍ତି ଜମି କିଣିବାକୁ ଆମକୁ ଋଣ ଦେଇଥିଲେ । ପ୍ରତ୍ୟେକ ସ୍ତରରେ ସ୍ୱାମୀଙ୍କ କୃପା ହିଁ ଆଜି 'ଡଃ ମୋହନସ୍ ଡାଇବେଟିସ୍ ସ୍ପେଷାଲିଟିଜ ସେଣ୍ଟର'ରେ ଫଳୀଭୂତ ହୋଇଛି । ସେଥିପାଇଁ ମୁଁ ଆମ କେନ୍ଦ୍ରକୁ ତାଙ୍କୁ ଉତ୍ସର୍ଗୀତ କରିଛି ଏବଂ ସେ କେବଳ ମୋପାଇଁ ଓ ମୋ ପରିବାର ପାଇଁ ନୁହେଁ, ମାତ୍ର ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଲାଭାନ୍ୱିତ ହୋଇଥିବା ଲକ୍ଷ ଲକ୍ଷ ରୋଗୀଙ୍କ ପାଇଁ ଯାହା କରିଛନ୍ତି, ସେଥିପାଇଁ ମୁଁ ତାଙ୍କ ପ୍ରତି କୃତଜ୍ଞ ହୋଇ ରହିଛି । ଆଜି ରାସ୍ତାପଟକୁ ମୁହଁ କରିଥିବା ଆମର ଗୋପାଳପୁରମ୍ ପରିସରର ସାମନା କାନ୍ଥରେ ଆମେ ସ୍ୱାମୀଙ୍କର ମହତ୍ତ୍ୱପୂର୍ଣ୍ଣ ବାଣୀ ସବୁ ପ୍ରଦର୍ଶିତ କରିଛୁ ଯାହା ଆଠଟି ସରଳ ଶବ୍ଦରେ ଅଙ୍କିତ ହୋଇଛି : 'Love All, Serve All; Help Ever, Hurt Never' (ସମସ୍ତଙ୍କୁ ଭଲ ପାଅ, ସମସ୍ତଙ୍କର ସେବା କର; ସାହାଯ୍ୟ କର ନିରନ୍ତର, କଦାପି ଅନିଷ୍ଟ ନ କର) ।

ଏହାକୁ ଲଗାଇବା ଦ୍ୱାରା ଆମେ କହିବାକୁ ଚାହୁଁଛୁ ଯେ ଆମ ସଂଗଠନର ପ୍ରତ୍ୟେକ ସଦସ୍ୟ ଆମ ରୋଗୀମାନଙ୍କର ସେବା କରିବା କେବଳ ଯଥାସାଧ୍ୟ ଏହି ଶବ୍ଦଗୁଡ଼ିକର ଅନୁସରଣ କରିବାକୁ ଚେଷ୍ଟା କରିବେ ।

ଓଁ ଜୟ ସାଇରାମ !

"ଅନ୍ୟମାନଙ୍କର ଅନୁମୋଦନ, ପ୍ରଶଂସା ବା ସ୍ତୁତି ପାଇଁ ଇଚ୍ଛା କର ନାହିଁ କିମ୍ବା ଅନ୍ୟମାନେ ନାପସନ୍ଦ ବା ପରିହାସ କରୁଛନ୍ତି ବୋଲି ଧ୍ୟାନ ବା ଭଜନରୁ ନିବୃତ୍ତ ହୁଅ ନାହିଁ । ତୁମର ନିଜ ଆଖିରେ ଦେଖ; ନିଜ କାନରେ ଶୁଣ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ଦଶମ ଭାଗ

ଅଧ୍ୟାୟ : ୧୧

ସ୍ୱାମୀ ହିଁ ଆୟାପ୍‌ପାନ ଓ ଗୁରୁବାୟୁରାପ୍‌ପାନ

"ଜାଣ ଯେ ଏହି ସାଇରୂପ ହେଉଛି ଏକ ଦିବ୍ୟତ୍ୱକୁ ଚିହ୍ନିତ ଓ ଆରାଧିତ କରିବା ପାଇଁ ମନୁଷ୍ୟ ବ୍ୟବହାର କରିଥିବା ଓ ବର୍ତ୍ତମାନ କରୁଥିବା ସମସ୍ତ ବିବିଧ ନାମର ରୂପ । ମୁଁ ଏକରେ ସବୁ ଦେବରୂପ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ସତ୍ୟଂ ଶିବଂ ସୁନ୍ଦରମ୍ : ତୃତୀୟ ଭାଗ

ମୁଁ କିପରି ବିବାହ ପରେ ଆୟାପ୍‌ପାଙ୍କ ଭକ୍ତ ହେଲି ତାହା ତୃତୀୟ ଅଧ୍ୟାୟରେ ଉଲ୍ଲେଖ କରିଛି । ସ୍ୱାମୀ ଯେତେବେଳେ ମୋତେ ତାଙ୍କ ବେଷ୍ଟନୀକୁ ନେଲେ ଏବଂ ମୁଁ ସାଇଭକ୍ତ ହେଲି, କେତେକ ସଂଶୟ ମୋ ମନରେ ଉଦ୍ରେକ ହେବାକୁ ଲାଗିଲା । ମୁଁ ଲକ୍ଷ୍ୟ କଲି ଯେ ଶବରିମଲାର ଗୁରୁବାୟୁର ହେଉ ବା ଅନ୍ୟ କୌଣସି ମନ୍ଦିର ହେଉ, ମୁଁ ଯେ କୌଣସି ମନ୍ଦିରକୁ ଯିବାବେଳେ ମୋର ଅହରହ ପ୍ରାର୍ଥନା ଥିଲା କେବଳ 'ସାଇରାମ, ସାଇରାମ ।' ତାପରେ ମୁଁ ନିଜକୁ ପଚାରିବାକୁ ଆରମ୍ଭ କଲି, ମୁଁ ଏସବୁ ମନ୍ଦିରକୁ ଯିବି ନା 'ଚଳନ୍ତି ଠାକୁର'ଙ୍କ ପାଖରେ ରହିବା ପାଇଁ କେବଳ ପୁଟ୍ଟପର୍ତ୍ତି ଯିବି । ଯେଉଁମାନେ ଶବରିମଲା ବା ଶ୍ରୀ ଆୟାପ୍‌ପାଙ୍କ ବିଷୟରେ ପରିଚିତ ନୁହନ୍ତି ସେମାନଙ୍କ ପାଇଁ କହୁଛି ଯେ ଶବରିମଲା ଯିବା ପୂର୍ବରୁ ବୈରାଗ୍ୟରେ ସଙ୍କେତ ଭାବରେ ବେକରେ ରୁଦ୍ରାକ୍ଷମାଳା ଧାରଣ କରିବାକୁ ହୁଏ ଏବଂ ଯାତ୍ରାର ୪୧ ଦିନ ପୂର୍ବରୁ ତପଃ କରିବାକୁ ହୁଏ । ଏହି ୪୧ଦିନ ପ୍ରତ୍ୟହ ସକାଳେ ଓ ରାତିରେ ଆୟାପ୍‌ପାଙ୍କୁ ପ୍ରାର୍ଥନା କରିବାକୁ ହୁଏ । ଏପରି ଏକ ଅବସରରେ ମୁଁ ଶବରିମଲା ଯିବାପାଇଁ ସେହି 'ମାଳା' ପୁଣି ପକାଇବା ବେଳେ ତାହା ଥିଲା ଗୁରୁବାର । ସାଧାରଣତଃ ଆମ ଘରେ ଗୁରୁବାର ସନ୍ଧ୍ୟା ପ୍ରାର୍ଥନା ବେଳେ ଆମେ ସାଇଭଜନ ଗାଉ ଏବଂ ଶବରିମଲା ଋତୁରେ ଅନ୍ୟ ଦିନମାନଙ୍କର ଆୟାପ୍‌ପା ଗୀତ ଓ ପ୍ରାର୍ଥନା ଗାଉ । ଗୁରୁବାର ହୋଇଥିବାରୁ ମୁଁ କେଉଁ ପ୍ରାର୍ଥନା ଗାଇବି ଏବଂ ସ୍ୱାମୀଙ୍କ ମଙ୍ଗଳ ଆରତିରେ ଶେଷ କରିବି ନା ଆୟାପ୍‌ପା ପୂଜାରେ ଶେଷ କରିବି ସେ ବିଷୟରେ ନିଶ୍ଚିତ ନ ଥିଲି । ମୁଁ ପୂଜାଘରେ ବସି ସ୍ୱାମୀଙ୍କୁ ପ୍ରାର୍ଥନା କରୁଥାଏ ଏବଂ ଶ୍ରୀ ଆୟାପ୍‌ପାଙ୍କ ଛବିକୁ ମଧ୍ୟ ଚାହିଁ ମୋର ସମସ୍ୟା ସମାଧାନ କରିବାକୁ ଓ ଦିଗ୍‌ଦର୍ଶନ ଦେବାକୁ ପ୍ରାର୍ଥନା କରୁଥାଏ । ହଠାତ୍ ଶ୍ରୀ ଆୟାପ୍‌ପାଙ୍କ ଛବିରୁ ଏକ ବଡ଼ ଫୁଲ ସିଧା ଆସି ତଳେ ରଖାଯାଇଥିବା ସ୍ୱାମୀଙ୍କ ପାଦୁକା ଉପରେ ପଡ଼ିଲା । ମୋ ପାଇଁ ଏହା ସ୍ପଷ୍ଟ ସନ୍ଦେଶ ଥିଲା

ଯେ ମୁଁ କାହାକୁ ପ୍ରାର୍ଥନା କରୁଛି ସେଥିରେ କିଛି ଯାଏ ଆସେ ନାହିଁ ଏବଂ ମୁଁ ଭଗବାନ ବାବାଙ୍କ ମଙ୍ଗଳ ଆରତି କରିପାରେ ବୋଲି ଶ୍ରୀ ଆୟାପ୍ପାଙ୍କ ଅନୁମୋଦନ । ତେଣୁ ସେଦିନ ଆମେ ସାଇ ଭଜନ ଗାଇଲୁ ଏବଂ ସ୍ୱାମୀଙ୍କ ମଙ୍ଗଳ ଆରତିରେ ଶେଷ କଲୁ । ବର୍ତ୍ତମାନ ବୁଦ୍ଧିବାଦୀ ଓ ସମାଲୋଚକମାନେ ଏହାକୁ ଏକ କାକତାଳୀୟ ନ୍ୟାୟ ବୋଲି କହିବେ । 'ଫୁଲଟିଏ ଖସିବାକୁ ତୁମେ କିପରି ଏତେ ଗୁରୁତ୍ୱ ଦେଇପାରିବ ଓ ସେଥିରୁ ଏତେ ଅର୍ଥ ବାହାର କରିବ' ବୋଲି ସେମାନେ ପଚାରି ପାରନ୍ତି । ଏବେ ପଢ଼ନ୍ତୁ....

ମୁଁ ପରଦିନ ସକାଳ ସାଢ଼େ ପାଞ୍ଚଟାରେ ଶବରିମଲା ରତୁର ପ୍ରଥା ଭାବରେ ସକାଳ ପୂଜା କରୁଥାଏ । ଏହା ଥିଲା ଜାନୁୟାରୀ ମାସର କଥା, ଯେତେବେଳେ ଚେନ୍ନାଇରେ ପଙ୍ଖା ବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଦରକାର ହୁଏ ନାହିଁ । ଆମର ସେତେବେଳର ପୂଜାଗୃହ ବିଷୟରେ ଟିକିଏ ବୁଝାଉଛି । ଆମର ଗୋଟିଏ ପଟେ ଗୁରୁବାୟୁରାପ୍ପାନ୍ ଓ ଅପର ପାର୍ଶ୍ୱରେ ଆୟାପ୍ପାଙ୍କର ଦୁଇଟି ବଡ଼ ବଡ଼ ଛବି ଥାଏ । ମଝିରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଗୋଟିଏ ବଡ଼ ଛବି ଥାଏ । ଆମର ଦୁଇ ହଳ ରୁପା ପାଦୁକା ଥାଏ । ଏହି ପାଦୁକାଗୁଡ଼ିକ ଶ୍ରୀ ସତ୍ୟସାଇ ପାଦୁକା ନ୍ୟାସ, ମଦୁରାଇ ଦ୍ୱାରା ପୁଟ୍ଟପର୍ତ୍ତିରେ ଆୟୋଜିତ ପାଦୁକା ପୂଜାବେଳେ ଭଗବାନ ବାବାଙ୍କ ଦ୍ୱାରା ବ୍ୟକ୍ତିଗତ ଭାବରେ ଆଶିଷ ହୋଇଥିଲା । ହଳେ ପାଦୁକା ମୁଁ ଓ ମୋ ସ୍ତ୍ରୀ ନେଇଥିଲୁ ଏବଂ ଆଉ ହଳେ ମୋ ଶାଶୂ ଓ ଶଶୁର । ସ୍ୱାମୀ ପାଦୁକା ପୂଜା କରୁଥିବା ପ୍ରତ୍ୟେକ ଦମ୍ପତିଙ୍କ ପାଖକୁ ବ୍ୟକ୍ତିଗତ ଭାବରେ ଆସି ଆଶୀର୍ବାଦ କରିଥିଲେ । ସେ ମଧ୍ୟ ଆମକୁ ବିଶେଷ ଆଶୀର୍ବାଦ ଦେଇଥିଲେ ଯେ ଯଦି କେହି ନିଷ୍ଠା ଓ ନିୟମିତତାର ସହ ପାଦୁକା ପୂଜା କରେ ତେବେ ତାର ପ୍ରାର୍ଥନା ସିଧା ସ୍ୱାମୀଙ୍କ ପାଖରେ ପହଞ୍ଚିବ । ସେ ଏକଥା ମଧ୍ୟ କହିଲେ ଯେ ତାଙ୍କର ଶରୀର ବହୁଦିନ ରହିନପାରେ, କିନ୍ତୁ ପାଦୁକା ତାଙ୍କ ପାଖରେ ପହଞ୍ଚିବାର ଉପାୟ ଭାବରେ କେତେ ପୁରୁଷ ପର୍ଯ୍ୟନ୍ତ ଉପଲବ୍ଧ ହେବ । ତେଣୁ ସେ ନିୟମିତ ପାଦୁକା ପୂଜା କରିବାକୁ କହିଲେ ।

ପୂର୍ବ ସନ୍ଧ୍ୟାରେ ଫୁଲଟିଏ ଆୟାପ୍ପାଙ୍କ ଫଟୋରୁ ପାଦୁକା ଉପରେ ପଡ଼ିଥିବାରୁ ଏବେ ମୁଁ ଗୁରୁବାୟୁରାପ୍ପାନ ଛବିକୁ ଚାହିଁଲି ଓ ମନେ ମନେ କହିଲି, "ଗତକାଲି ଆୟାପ୍ପା ସ୍ୱାମୀଙ୍କ ପାଦୁକା ଉପରେ ଫୁଲ ପକାଇ ସେ ଓ ସ୍ୱାମୀ ଏକ ବୋଲି ସୂଚାଇଥିଲେ । ଆପଣଙ୍କ କଥା କ'ଣ ? ମୁଁ ମନ ଭିତରେ ଏହି ପ୍ରଶ୍ନ ପଚାରିବା ମାତ୍ରେ ଗୁରୁବାୟୁରାପ୍ପାନଙ୍କ ଛବି ଉପରେ ଲଗାଯାଇଥିବା ଫୁଲ ମଧ୍ୟ ସେହି ଛବି ତଳେ ଥିବା ସ୍ୱାମୀଙ୍କ ଦ୍ୱିତୀୟ ପାଦୁକାଯୁଗ୍ମ ଉପରେ ପଡ଼ିଲା । ଏହା ମୋ ପାଇଁ ଯଥେଷ୍ଟ ପ୍ରମାଣ ଥିଲା । ମୁଁ ଯାହା ପୂର୍ବରୁ କହିଛି କୋଠରିରେ ପଙ୍ଖା ବୁଲୁ ନ ଥିଲା । ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବନ୍ଦ ଥିଲା ଏବଂ ବାୟୁ ପୂରାପୂରି ସ୍ଥିର ଥିଲା । ତେଣୁ ଫୁଲଟି ଅକସ୍ମାତ୍ ଖସିପଡ଼ିବାର କିଛି ଉପାୟ ନ ଥିଲା । ଅଧିକନ୍ତୁ ମୁଁ ମନ ଭିତରେ ଗୁରୁବାୟୁରାପ୍ପାନଙ୍କୁ ପ୍ରାର୍ଥନା କରିବା ବେଳେ ଫୁଲ ଯେପରି ସ୍ୱାମୀଙ୍କ ପାଦୁକାରେ ପଡ଼ିଲା, ତାହା ମୋ ପାଇଁ ଯଥେଷ୍ଟ

ପ୍ରମାଣ ଥିଲା ଯେ ପୂଜାଘରେ ଥିବା ବିବିଧ ଦେବରୂପ ଏକ ଭଗବାନଙ୍କର ଏବଂ ବାବା ସେହି ଭଗବାନଙ୍କର ପ୍ରତୀକ ।

ଶବରିମଲା ତଥା ଗୁରୁବାୟୁର ଓ ଅନ୍ୟ ମନ୍ଦିରମାନଙ୍କୁ ମୋର ପରବର୍ତ୍ତୀ ଯାତ୍ରା କାଳରେ ମୁଁ ବାରମ୍ବାର ସାଇଙ୍କ ସଙ୍କେତ ପାଇଥିଲି । ଉଦାହରଣସ୍ୱରୂପ, ମୁଁ ଶବରିମଳାର ମୁଖ୍ୟ ପୂଜକଙ୍କୁ ଭେଟିବାକୁ ଯିବାବେଳେ ତାଙ୍କ ପାଖରେ ସ୍ୱାମୀଙ୍କର ଛବି ଥିଲା । ସେହିପରି ମୋର ଜଣେ ସମ୍ପର୍କୀୟଙ୍କ ବିବାହ ପାଇଁ ମୁଁ ଗୁରୁବାୟୁର ଯିବାବେଳେ ଉତ୍ସବ ସମୟରେ ସ୍ୱାମୀଙ୍କ ବିଷୟରେ ଚିନ୍ତା କଲି ଓ କହିଲି, "ଆପଣ ନିଶ୍ଚୟ ଏଠାରେ ଥିବେ!" ମୁଁ ବୁଲିପଡ଼ି ଗୋଟିଏ ବହି ଦୋକାନରେ ତାଙ୍କ ଛବି ଦେଖିଲି ।

ମୋର ସବୁ ସନ୍ଦେହ ଏବେ ସ୍ପଷ୍ଟ ହୋଇଗଲା । ମୁଁ ମୋ ଉତ୍ତର ପାଇଲି ଯେ ଜଣେ ଭଗବାନଙ୍କର ଗୋଟିଏ ରୂପକୁ ପ୍ରାର୍ଥନା କଲେ ତାହା ସବୁ ରୂପଠାରେ ପହଞ୍ଚେ ଅଥବା ଜଣେ ଭଗବାନଙ୍କର ବହୁବିଧ ରୂପରୁ ଯାହାକୁ ବି ପ୍ରାର୍ଥନା କଲେ ତାହା ପରବ୍ରହ୍ମଙ୍କଠାରେ ପହଞ୍ଚେ । ସେହିଦିନଠାରୁ ଭଗବାନ ଶ୍ରୀ ସତ୍ୟସାଇ ବାବା ମୋ ପାଇଁ ମୁଁ ପ୍ରାର୍ଥନା କରୁଥିବା ମୁଖ୍ୟ ଦେବତା ହୋଇଗଲେ ଯଦିଓ ମୁଁ ଶିବ ବା ବିଷ୍ଣୁ, ରାମ ବା କୃଷ୍ଣ, ବୁଦ୍ଧ ବା ମହାବୀର, ଜୋରାଷ୍ଟର ବା ଗୁରୁ ନାନକ, ଜିହୋବା ବା ଯୀଶୁ କିମ୍ବା ନିରାକାର ଭଗବାନ, ଅନ୍ୟ ସବୁ ରୂପକୁ ସ୍ୱୀକାର କରେ ।

ମୁଁ ବ୍ୟକ୍ତିଗତ ଭାବରେ କ୍ୱଚିତ୍ ମନ୍ଦିରକୁ ଯାଏ ଏବଂ ଯେଉଁ ମନ୍ଦିରକୁ ଯାଏ ସେଠାରେ ମୋର ସାଇ ସଙ୍କେତ ପାଏ, ଯାହା ମୋତେ ଦେଖାଇଦିଏ ଯେ ମୁଁ ଯାଉଥିବା ସବୁ ମନ୍ଦିରରେ ବାବା ଅଛନ୍ତି । ଭଗବାନଙ୍କର କୌଣସି ବା ସବୁ ରୂପକୁ ସ୍ୱୀକାର କରିବାରେ ମୋର କିଛି ସମସ୍ୟା ନାହିଁ । ଅବଶ୍ୟ ମୋର ବ୍ୟକ୍ତିଗତ ଆରାଧ୍ୟ ହେଉଛନ୍ତି ଭଗବାନ ଶ୍ରୀ ସତ୍ୟସାଇ ବାବା ଓ ଶିରିଡ଼ି ବାବା, ଯେହେତୁ ମୁଁ ଏହି ଦୁଇ ଅବତାରଙ୍କୁ ଆମର ପ୍ରିୟ ସ୍ୱାମୀ କହିବା ଅନୁସାରେ ସମାନ ମନେ କରେ । ଏହି ଚମତ୍କାର ଘଟିବା ପରଠାରୁ ମୋତେ ଲାଗିଲା ଯେ ମନ୍ଦିରମାନଙ୍କୁ ଯିବା ପରିବର୍ତ୍ତେ ଯଦି ବିକଳ୍ପ ମିଳେ ତେବେ ମୁଁ ପୁଟ୍ଟପର୍ତ୍ତି ଯିବି, ଯେଉଁଠାରେ ମୁଁ ରକ୍ତ ଓ ମାଂସର ଜୀବନ୍ତ ଭଗବାନଙ୍କୁ ଦେଖିପାରିବି ।

ଓଁ ଜୟ ସାଇରାମ!

"ଦୃଢ଼ ହୁଅ । ନିଶ୍ଚିତ ହୁଅ । ଭଗବାନ ଅଛନ୍ତି କି ବୋଲି ଯଦି କିଏ ପଚାରେ ତେବେ 'ହଁ' କହ । ସେ ଯଦି କେଉଁଠି ବୋଲି ପଚାରେ ତେବେ କଥାଟିକୁ ବାଆଁରେଇବାକୁ ଚେଷ୍ଟା କରି ଶାସ୍ତ୍ରରୁ ଉଦ୍ଧୃତି ଦେଇ ସେ ସର୍ବତ୍ର ବିଦ୍ୟମାନ ବୋଲି କହ ନାହିଁ । ଭଗବାନ ପୁଟ୍ଟପର୍ତ୍ତିରେ ଅଛନ୍ତି ବୋଲି କହ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,

ଦଶହରା ୧୯୬୪

ଅଧ୍ୟାୟ : ୧୨

ଡାକ୍ତର ଚିକିତ୍ସା କରନ୍ତି, ଭଗବାନ ଆରୋଗ୍ୟ କରନ୍ତି

"ପ୍ରେମ ଭଗବାନଙ୍କ ସ୍ୱରୂପ । ପ୍ରେମ ହିଁ ପ୍ରେମରେ ବିଲୀନ ହୋଇପାରେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୨୫ତମ ଭାଗ

ମୁଁ ଯେଉଁ ଘଟଣା ବର୍ଣ୍ଣନା କରିବାକୁ ଯାଉଛି ତାହା ୧୯୮୯ ପାଖାପାଖି ଘଟିଥିଲା, ଯେତେବେଳେ ମୁଁ ଓ ମୋ ସ୍ତ୍ରୀ ଆମ ପିତାଙ୍କ ରୟପୁରମ୍ କେନ୍ଦ୍ରରେ କାମ କରୁଥିଲୁ । ମୋର ଜଣେ ରୋଗୀ ଶ୍ରୀ ବିଶ୍ୱନାଥନ୍ ଦୀର୍ଘ ଦିନରୁ ମଧୁମେହରେ ପୀଡ଼ିତ ଥିଲେ ଏବଂ ତାଙ୍କ ପାଦ ଘାଆ ଭଲ ହେଉ ନ ଥିବାରୁ ଖୁବ୍ ଚିନ୍ତିତ ଥିଲେ । ତେଣୁ ସେ ବାବାଙ୍କ ଦର୍ଶନ ପାଇଁ ଗଲେ । ସ୍ୱାମୀ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ସାକ୍ଷାତକାର ପାଇଁ ଡାକିଲେ । ସେ ଶ୍ରୀ ବିଶ୍ୱନାଥନ୍ଙ୍କୁ କହିଲେ ଯେ ମଧୁମେହ ତାଙ୍କ ଆଖିକୁ ଆକ୍ରାନ୍ତ କଲାଣି । ଶ୍ରୀ ବିଶ୍ୱନାଥନ୍ ଆଶ୍ଚର୍ଯ୍ୟ ହୋଇ ବାବାଙ୍କୁ କହିଲେ, "କିନ୍ତୁ ସ୍ୱାମୀ, ମୁଁ ପାଦ ସମସ୍ୟା ପାଇଁ ଆସିଛି, ଚକ୍ଷୁ ସମସ୍ୟା ପାଇଁ ନୁହେଁ ।" ଶ୍ରୀ ବିଶ୍ୱନାଥନ୍ଙ୍କର ଚକ୍ଷୁର କିଛି ଲକ୍ଷଣ ନ ଥିବାରୁ ସେ ସ୍ୱାମୀଙ୍କ କଥା ଶୁଣି ପ୍ରକୃତରେ ଆଶ୍ଚର୍ଯ୍ୟ ହୋଇଗଲେ । ସ୍ୱାମୀ ତାଙ୍କୁ କହିଲେ, "ତୁମର ପାଦ ସମସ୍ୟା ନାହିଁ, ମାତ୍ର ମଧୁମେହ ଯୋଗୁଁ ରେଟିନାରେ ଲିକ୍ ହୋଇଛି ।" ସେ ବିଶ୍ୱନାଥନ୍ଙ୍କୁ ନିର୍ଦ୍ଦେଶ ଦେଲେ, "ମାଡ୍ରାଜରେ ମଧୁମେହ ବିଶେଷଜ୍ଞ ଡଃ ମୋହନ୍ଙ୍କ ପତ୍ନୀ ଡଃ ରେମାଙ୍କ ସହ ପରାମର୍ଶ କର" ଏବଂ ସେ ତାଙ୍କ ଚକ୍ଷୁ ଚିକିତ୍ସା କରିବେ ବୋଲି କହିଲେ । ପରଦିନ ଚେନ୍ନାଇକୁ ଫେରିବା ବେଳେ ଶ୍ରୀ ବିଶ୍ୱନାଥନ୍ ତାଙ୍କ ପାଦ ଘାଆ ପୂରାପୂରି ଭଲ ହୋଇଯାଇଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଅନୁସନ୍ଧାନ କରି ମୋ ପତ୍ନୀ ରେମାଙ୍କୁ ଦେଖାକଲେ । ପରୀକ୍ଷା ପରେ ରେମା ରେଟିନାରେ ଲିକ୍ ଅଛି ବୋଲି ସୁନିଶ୍ଚିତ କଲେ, ଯେଉଁଥିପାଇଁ ଲେଜର ଚିକିତ୍ସା ଆବଶ୍ୟକ । ଶୀଘ୍ର ଏହି ଚିକିତ୍ସା କରାଯାଇ ତାଙ୍କ ଚକ୍ଷୁକୁ ରକ୍ଷା କରାଗଲା । ଏହିପରି ଭାବରେ ସ୍ୱାମୀଙ୍କର ସବୁ ଭବିଷ୍ୟବାଣୀ ସତ ହୋଇଥିଲା । ସେ ବିଶ୍ୱନାଥନ୍ଙ୍କୁ କହିଥିବା ଚକ୍ଷୁ ସମସ୍ୟା ସତ ହୋଇଥିଲା । ସେ ମଧ୍ୟ ପାଦ ସମସ୍ୟା ନାହିଁ ବୋଲି କହିବାବେଳେ ଅଲୌକିକ ଭାବରେ ତାହା ପରଦିନ ଭଲ ହୋଇଯାଇଥିଲା ।

ଜଣେ ଚିକିତ୍ସକ ଓ ବୈଜ୍ଞାନିକ ଭାବରେ ମୁଁ ଭଗବାନଙ୍କ ଦ୍ୱାରା ସମ୍ପାଦିତ ପ୍ରକୃତ ଚିକିତ୍ସା ଚମତ୍କାର ଦେଖିବାର ସୁଯୋଗ ପାଇଛି, ଯଥା - କର୍କଟ (cancer)ର ଆରୋଗ୍ୟ ବା ସ୍ୱାମୀଙ୍କ ପ୍ରେମପୂର୍ଣ୍ଣ ଭାଷାରେ କର୍ତ୍ତନ (cancel) ହୋଇଛି । ମୁଁ ମଧ୍ୟ ବହୁବିଧ ମାଇଲୋମା, ସ୍କ୍ଲେରୋସିସ, ଅନାରୋଗ୍ୟ ଚର୍ମରୋଗ, ମଧୁମେହଜନିତ ପାଦ ସଂକ୍ରମଣ ଓ ଅନ୍ୟ କେତେକ ଅନାରୋଗ୍ୟ ରୋଗ ଦେଖିଛି ଯାହା ତାଙ୍କ କୃପାରୁ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଛି - ସ୍ୱାମୀଙ୍କ ଅସୀମ ପ୍ରେମର ଆଉ ଏକ ଅଭିବ୍ୟକ୍ତି ।

ମୋର ମନେ ଅଛି ସ୍ତନକର୍କଟ ହୋଇଥିବା ଜଣେ ମଧ୍ୟବୟସ୍କା ମହିଳା ମୋ ପାଖକୁ ଆସିଥିଲେ । ସ୍ତନକର୍କଟର ଅସ୍ତ୍ରୋପଚାର ପୂର୍ବରୁ ତାଙ୍କର ମଧୁମେହର ପ୍ରାକ୍ ଅସ୍ତ୍ରୋପଚାର ନିୟନ୍ତ୍ରଣ ନିମନ୍ତେ ସେ ମୋ ପାଖକୁ ଆସିବା ପୂର୍ବରୁ ଜଣେ ଶଲ୍ୟ ଚିକିତ୍ସକ ଓ କର୍କଟ ବିଶାରଦଙ୍କ ଦ୍ୱାରା ପରୀକ୍ଷିତ ହୋଇସାରିଥିଲେ । ଅସ୍ତ୍ରୋପଚାରର ପୂର୍ବଦିନ ଏହି ମହିଳାଙ୍କର ଜଣେ ଘନିଷ୍ଠ ବନ୍ଧୁ ସ୍ୱାମୀଙ୍କ ସହ କଥା ହେବାର ସୁଯୋଗ ପାଇଥିଲେ । ସେ ସ୍ୱାମୀଙ୍କୁ ରୋଗୀ ବିଷୟରେ କହିବା ପୂର୍ବରୁ ସ୍ୱାମୀ ତା' ବିଷୟରେ ସବୁ କଥା ଏବଂ ପରଦିନ ଡଃ ମୋହନ୍‌ଙ୍କ କେନ୍ଦ୍ରରେ ଅସ୍ତ୍ରୋପଚାର ହେବ ବୋଲି କହିଲେ । ତାପରେ ସେ ରୋଗୀ ପାଇଁ ବିଭୂତି ସୃଷ୍ଟି କଲେ ଏବଂ ସେ ଯତ୍ନ ନେବେ ବୋଲି କହିଲେ । ପରଦିନ ଆମ ଚିକିତ୍ସାଳୟରେ ଅସ୍ତ୍ରୋପଚାର ପାଇଁ ଆସିବା ପୂର୍ବରୁ ଏହି ମହିଳାଙ୍କର ଚିକିତ୍ସାଳୟ ଶଯ୍ୟାରେ ବିଭୂତି ସୃଷ୍ଟି ହେଲା । ସ୍ତନରୁ ମାଂସପିଣ୍ଡୁଳାକୁ କାଢ଼ି ଦିଆଗଲା; ଆଶ୍ଚର୍ଯ୍ୟର କଥା ନମୁନାରେ କର୍କଟର କୌଣସି ସଙ୍କେତ ନ ଥିଲା, ଶଲ୍ୟ ଚିକିତ୍ସକ ଓ କର୍କଟ ବିଶାରଦ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସେମାନଙ୍କର ଦୀର୍ଘ ଅନୁଭୂତିରେ ଏପରି କଥା ଦେଖିନାହାନ୍ତି ବୋଲି କହିଲେ । ଏହି ଘଟଣା ଭଗବାନଙ୍କ ମହିମାର ତିନୋଟି ଦିଗ ବୁଝାଇଥାଏ । ପ୍ରଥମତଃ ସର୍ବଜ୍ଞତା, ଯେହେତୁ ସେ ପୂର୍ବରୁ ସବୁ କଥା ବର୍ଣ୍ଣନା କରିଥିଲେ; ଦ୍ୱିତୀୟତଃ ସର୍ବବିଦ୍ୟମତ୍ତା, ଯାହା ହେଉଛି ଶଯ୍ୟା ଉପରେ ବିଭୂତି ସୃଷ୍ଟି; ତୃତୀୟତଃ ସର୍ବଶକ୍ତିମତ୍ତା, ଯେହେତୁ ସେ ତାଙ୍କର ଭକ୍ତମାନଙ୍କ ପାଇଁ ଅସୀମ ପ୍ରେମ ଯୋଗୁଁ କର୍କଟର କର୍ତ୍ତନ କରିଥିଲେ । ମୁଁ ବ୍ୟକ୍ତିଗତ ଭାବରେ ଅନ୍ୟ ଅନେକ ଲୋକଙ୍କୁ ଜାଣିଛି ଯେଉଁମାନଙ୍କର ସ୍ୱାମୀଙ୍କ କୃପା ଯୋଗୁଁ କର୍କଟର କର୍ତ୍ତନ ହୋଇଛି ଏବଂ ବିନା ଚିକିତ୍ସାରେ ସେମାନେ ଦୀର୍ଘଦିନ ବଞ୍ଚିଛନ୍ତି ।

ଆଉ ଜଣେ ମଧ୍ୟବୟସ୍କ ରୋଗୀ କଥା କହୁଛି ଯାହାର ମଳଦ୍ୱାରରେ ଅସ୍ତ୍ରୋପଚାର ହେବା ପରେ ଭୀଷଣ ଯନ୍ତ୍ରଣା ହେଉଥିଲା । ପ୍ରଥମ ଦିନ ତାକୁ ଅତି ଶକ୍ତିଶାଳୀ ପୀଡ଼ାନାଶକ ନିଦ ଔଷଧ ଦିଆଗଲା, କିନ୍ତୁ ସେ ଯନ୍ତ୍ରଣା ଯୋଗୁଁ ଶୋଇ ପାରିଲା ନାହିଁ । ପରଦିନ ସନ୍ଧ୍ୟାରେ ମୁଁ ୱାର୍ଡ଼ରେ ବୁଲୁଥିବାବେଳେ ସେ ମୋ ହାତକୁ ଧରି ପକାଇଲା ଏବଂ ତାର

ପୀଡ଼ା ଉପଶମ କରି ରାତିରେ ସୁନିଦ୍ରା ପାଇଁ ପ୍ରାର୍ଥନା କଲା । କ'ଣ କରିବି ମୁଁ ଜାଣିପାରିଲି ନାହିଁ, ଯେହେତୁ ମୁଁ ପୂର୍ବ ରାତିରେ ବହୁତ ଶକ୍ତିଶାଳୀ ଔଷଧ ଦେଇଥିଲି ଏବଂ ତାହାର କୌଣସି ପ୍ରଭାବ ନ ଥିବା ପରି ମନେ ହେଉଥିଲା । ଏହା ବର୍ତ୍ତମାନ ମୋ ଶକ୍ତିର ଊର୍ଦ୍ଧ୍ୱରେ ଏବଂ କେବଳ ସ୍ୱାମୀଙ୍କର ଦିବ୍ୟ ହସ୍ତକ୍ଷେପ ତାକୁ ଭଲ କରିପାରିବ ବୋଲି ବୁଝାଇ ମୁଁ ତାକୁ ଆଖି ବୁଜି ସ୍ୱାମୀଙ୍କୁ କଷ୍ଟ ଉପଶମ ପାଇଁ ପ୍ରାର୍ଥନା କରିବାକୁ କହିଲି । ମୁଁ କୋଠରି ଛାଡ଼ିବାର କିଛି ମିନିଟ୍ ପରେ ରୋଗୀ ଗାଢ଼ ନିଦରେ ଶୋଇଗଲା । ନର୍ସ ତାକୁ ପୂର୍ବଦିନ ଦେଇଥିବା ଔଷଧ ଦେବାକୁ ଯିବାବେଳେ ସେ ଗାଢ଼ ନିଦରେ ଶୋଇଥିବାର ଦେଖି ଔଷଧ ଦେଲା ନାହିଁ । ରୋଗୀ ସକାଳ ସାଢ଼େ ସାତଟା ପର୍ଯ୍ୟନ୍ତ ଶୋଇଲା ଏବଂ ତାକୁ କିଛି ଔଷଧ ଦିଆଯାଇନାହିଁ ବୋଲି ଶୁଣି ଆଶ୍ଚର୍ଯ୍ୟ ହେଲା ! ମୁଁ ସକାଳେ ୱାର୍ଡ଼ରେ ବୁଲିବା ବେଳେ ସେ ମୋତେ ମୁଁ ତାକୁ ଗତ ରାତିରେ ଆଖି ବୁଜିବା ପାଇଁ କହିବାବେଳେ କଣ କଲି ବୋଲି ପଚାରିଲା । ମୁଁ ସ୍ୱୀକାର କଲି ଯେ ତାର ଯନ୍ତ୍ରଣା ଉପଶମ ପାଇଁ ମୁଁ ବାବାଙ୍କୁ ପ୍ରାର୍ଥନା କରିଥିଲି । ଏକଥା ଶୁଣି ସେହି ମୁସଲମାନ ରୋଗୀଟି କହିଲା, "ଡାକ୍ତର ତୁମ ବାବା ଭଗବାନ । ନହେଲେ ଶକ୍ତିଶାଳୀ ଔଷଧ ନ ପାରିବା ବେଳେ ସେ କିପରି ମୋତେ ତତ୍‌କ୍ଷଣାତ୍ କଷ୍ଟରୁ ଆରୋଗ୍ୟ କଲେ ?"

ସ୍ୱାମୀଙ୍କ କୃପାର ଆଉ ଏକ ଦୃଷ୍ଟାନ୍ତ ହେଉଛି ମୋ ନିଜ ମାଆ, ଯାହାଙ୍କର ନିତମ୍ବ ପ୍ରତିସ୍ଥାପନ ଅସ୍ତ୍ରୋପଚାର ହୋଇଥିଲା । ଶ୍ୱାସରୋଗୀ ହେଇଥିବାରୁ ତାଙ୍କୁ ମେରୁଦଣ୍ଡରେ ଆନାସ୍ଥେସିଆ ଦିଆଯାଇଥିଲା । ଦୁର୍ଭାଗ୍ୟକୁ ଅସ୍ତ୍ରୋପଚାର ଦିନ ରାତି ଅଧକୁ ଏପିଡୁରାଲ କାନୁଲା ଖସି ବାହାରିଗଲା ଏବଂ ତାଙ୍କୁ ଭୀଷଣ ଯନ୍ତ୍ରଣା ହେବାକୁ ଲାଗିଲା । ତାଙ୍କର ନିତମ୍ବ ପ୍ରତିସ୍ଥାପନ ଅସ୍ତ୍ରୋପଚାର ହୋଇଥିବାରୁ ତାଙ୍କୁ କଡ଼େଇ ହେଲା ନାହିଁ । ଏହି ପରିସ୍ଥିତିରେ ମୁଁ ଏକମାତ୍ର କାର୍ଯ୍ୟ କଲି ଭଗବାନଙ୍କୁ ପ୍ରାର୍ଥନା କରିବା ଏବଂ ତାପରେ ତାଙ୍କୁ କିଛି ବିଭୂତି ଦେଲି । ଅଳ୍ପ କେତେ ମିନିଟ୍ ଭିତରେ ବିନା ପୀଡ଼ାନାଶକରେ ତାଙ୍କୁ ଗାଢ଼ ନିଦ ହୋଇଗଲା । ପରଦିନ ମଧ୍ୟ ତାଙ୍କୁ କୌଣସି ପୀଡ଼ାନାଶକ ଦେବା ଦରକାର ପଡ଼ିଲା ନାହିଁ ଏବଂ ଶୀଘ୍ର ସେ ପୂର୍ଣ୍ଣ ଆରୋଗ୍ୟ ହୋଇଗଲେ ।

ମୁଁ ଲେଖିବାକୁ ଚାହୁଁଥିବା ଶେଷ ରୋଗୀଟିର ଭୀଷଣ ପାଦ ସମସ୍ୟା ଥିଲା । ସଂକ୍ରମଣ ବହୁତ ଖରାପ ଥିଲା ଏବଂ ଅନେକ ଦିନ ସାଧାରଣ ଚିକିତ୍ସା କରିବା ପରେ ଆଣ୍ଠୁ ତଳକୁ କାଟି ଦେବା ହିଁ ଏକମାତ୍ର ବିକଳ୍ପ ବୋଲି ମୁଁ ଓ ଶଲ୍ୟ ଚିକିତ୍ସକ ସ୍ଥିର କଲୁ । ରୋଗୀଟି ସାଇଭକ୍ତ ଥିଲା (ଯାହା ମୁଁ ପରେ ଜାଣିଲି) । ସେ ଆମକୁ ଗୋଟିଏ ଦିନ ସମୟ ମାଗିଲା ଏବଂ ଆମେ ପରଦିନ ସ୍ଥିର କରିବାକୁ କହିଲା । ପରଦିନ ଆମେ ରୋଗୀକୁ ଦେଖିବାକୁ ଯିବାବେଳେ ସେ ହସୁଥିଲା ଏବଂ ତାର ଗୋଡ଼ କାଟିବା ଆଦୌ ଦରକାର

ନାହିଁ ବୋଲି କହିଲା । ସେ ଆମକୁ ବ୍ୟାଣ୍ଡେଜ୍ ଖୋଲି ଘାଆ ଦେଖିବାକୁ କହିଲା । ମୁଁ ଓ ଶଲ୍ୟ ଚିକିତ୍ସକ ଦେଖିଲୁ ଯେ ପୂର୍ବଦିନ ପର୍ଯ୍ୟନ୍ତ ଭଲ ହେବାର କୌଣସି ସଙ୍କେତ ନ ଥିଲେ ବି ବର୍ତ୍ତମାନ ଭଲ ହେବାର ସ୍ପଷ୍ଟ ସଙ୍କେତ ଦିଶୁଥିଲା । ଆମେ ରୋଗୀକୁ ତାର ଗୋଡ଼ କାଟିବା ଦରକାର ନୁହେଁ ବୋଲି ସେ କିପରି ଜାଣିଲା ବୋଲି ପଚାରିବା ବେଳେ ସେ କହିଲା ଯେ ଭଗବାନ ବାବା ପୂର୍ବ ରାତିରେ ସମସ୍ତେ ଶୋଇ ପଡ଼ିବା ବେଳେ ଆସିଥିଲେ, ତା ଶଯ୍ୟା ଉପରେ ବସିଲେ, ତା ଗୋଡ଼କୁ ବାଡ଼େଇଲେ ଏବଂ ସେ ଠିକ୍ ହୋଇଯିବ ଓ ତାର ଗୋଡ଼ କାଟିବା ଦରକାର ନାହିଁ ବୋଲି କହିଲେ । ବାବାଙ୍କ ପ୍ରତିଶ୍ରୁତି ଅନୁସାରେ ଅଳ୍ପଦିନ ଭିତରେ ତାର କ୍ଷତ ପୂରାପୂରି ଶୁଖିଗଲା ଏବଂ ତାର ଗୋଡ଼ କାଟିବା ଦରକାର ପଡ଼ିଲା ନାହିଁ । ବସ୍ତୁତଃ ତାର ଆଦୌ ଶଲ୍ୟ ଚିକିତ୍ସା ଦରକାର ହେଲା ନାହିଁ ।

ସର୍ବବିଦ୍ୟମାନ, ସର୍ବଜ୍ଞ ଓ ସର୍ବଶକ୍ତିମାନ ତଥା ଜୀବନ୍ତ ଭଗବାନଙ୍କର ସବୁ ଗୁଣରେ ଭୂଷିତ ସ୍ୱାମୀଙ୍କ ପାଇଁ କିଛି ଅସମ୍ଭବ ନୁହେଁ । ଆମେ ଆମର ଜୀବନକାଳରେ ଭଗବାନଙ୍କ ଦିବ୍ୟ ଉପସ୍ଥିତିରେ ଏବଂ ତାଙ୍କର ନିରନ୍ତର ସୁରକ୍ଷାରେ ରହିବା ଯୋଗୁଁ ନିଜକୁ ଅତିଶୟ ଭାଗ୍ୟବାନ ମଣୁଛୁ ।

ଏହି ଅଧ୍ୟାୟରେ ବର୍ଣ୍ଣିତ କାହାଣୀଗୁଡ଼ିକ ପରି ସାରା ପୃଥିବୀର ହଜାର ହଜାର ରୋଗୀ ସ୍ୱାମୀଙ୍କର ଦିବ୍ୟ ପ୍ରେମ ଓ କରୁଣା ବଳରେ ଆରୋଗ୍ୟ ଲାଭ କରିଛନ୍ତି । ଆମର ପ୍ରିୟ ଓ ସର୍ବକରୁଣାମୟ ପ୍ରଭୁ, ଆମର ସଦ୍‌ଗୁରୁଙ୍କୁ ତାଙ୍କର ସନ୍ତାନମାନଙ୍କ ଉପରେ ସେ ବର୍ଷା କରୁଥିବା ଅସୀମ ପ୍ରେମ ପାଇଁ ପ୍ରଣତି ଜ୍ଞାପନ କରିବା ।

ଓଁ ଜୟ ସାଇରାମ !

> *"କେହି ଦିବ୍ୟ ପ୍ରେମର ସ୍ୱଭାବ ବର୍ଣ୍ଣନା କରିପାରିବ ନାହିଁ । ଏହା କବିମାନଙ୍କର କଳ୍ପନାର ଊର୍ଦ୍ଧ୍ୱରେ । ଦିବ୍ୟପ୍ରେମ ସତ୍ତ୍ୱ, ରଜ ଓ ତମ ତିନିଗୁଣକୁ ଅତିକ୍ରମ କରେ । ଏହା ତମର ଆଳସ୍ୟ, ରଜର ବାସନା ଓ ସତ୍ତ୍ୱର ଶୀତଳତାର ଊର୍ଦ୍ଧ୍ୱରେ । ଭଗବାନଙ୍କ ପ୍ରେମ ଶୁଦ୍ଧ, ଅନାବିଳ ଓ ସମ୍ପୂର୍ଣ୍ଣ ସ୍ୱାର୍ଥରହିତ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା,*
> *ଦିବ୍ୟ ସମ୍ଭାଷଣ : ୨୮ତମ ଭାଗ*

ଅଧ୍ୟାୟ : ୧୩

"ମୁଁ ଥାଉ ଥାଉ ଭୟ କାହିଁକି ?"

"ସାଇ ଇଟା ବା ପଥର ଓ ଗୋଡ଼ିର ସୌଧରେ ରହନ୍ତି ନାହିଁ । ସେ ସମବେଦନାରେ ଉଷ୍ମ ଓ ବିଶ୍ୱ ପ୍ରେମରେ ସୁଗନ୍ଧିତ କୋମଳ ହୃଦୟରେ ବାସ କରନ୍ତି ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱିତୀୟ ଭାଗ

ସ୍ୱାମୀଙ୍କ ସହ ଆମର ସମ୍ପର୍କର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ରେମାଙ୍କର ବିବିଧ ଅସୁସ୍ଥତାର ଚତୁଃପାର୍ଶ୍ୱରେ କେନ୍ଦ୍ରିତ ଥିବାରୁ ମୁଁ ସେଥିରୁ ଆଉ କେତୋଟି ପ୍ରସଙ୍ଗ ବର୍ଣ୍ଣନା କରିବି । ୧୯୯୯ରେ ମୁଁ ଓ ରେମା ଅନ୍ତର୍ଜାତୀୟ ମଧୁମେହ କଂଗ୍ରେସ ପାଇଁ ଅଷ୍ଟ୍ରେଲିଆର ସିଡ୍‌ନିକୁ ଆମନ୍ତ୍ରିତ ହୋଇଥିଲୁ । ଆମେ ଦୁହେଁ ପୂର୍ବଦିନ ଆମର ଉପସ୍ଥାପନ ଶେଷ କରିଦେଇଥିଲୁ ଏବଂ ସେଦିନ ମୋର ଆଉ ଗୋଟିଏ ବୈଠକ ଥିଲା, ଯାହା ପରେ ଆମକୁ ଆଉ ଏକ ବୈଠକ ପାଇଁ ମେଲବୋର୍ଣ୍ଣକୁ ବିମାନଯାତ୍ରା କରି ତାପରେ ପୃଥିବୀର ଅନ୍ୟତମ ଆଶ୍ଚର୍ଯ୍ୟ ଭାବରେ ବିଦିତ ଗ୍ରେଟ ବାରିଅର ରିଫ ଦେଖିବା ପାଇଁ କେର୍ଣ୍ଣସ ଯିବାର ଥିଲା । ଦୁର୍ଭାଗ୍ୟକୁ ସିଡ୍‌ନିରୁ ଆମର ପ୍ରସ୍ଥାନର ପୂର୍ବଦିନ ରେମାଙ୍କର ଶ୍ୱାସକ୍ରିୟାରେ ସଂକ୍ରମଣ ସହ ଖୁବ୍ ଜର ହେଲା । ପରଦିନ ମେଲବୋର୍ଣ୍ଣକୁ ଯାତ୍ରା କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ସ୍ପଷ୍ଟ ଥିଲା । କ'ଣ କରିବୁ ଆମେ ନିଶ୍ଚିତ ନ ଥିବାରୁ ଖୁବ୍ ଚିନ୍ତିତ ହେଲୁ ।

ମୁଁ ସିଡ୍‌ନିରେ ମୋର କାର୍ଯ୍ୟକ୍ରମରୁ ଫେରି ଆସି ହୋଟେଲରେ ପହଞ୍ଚିଲି । ସେତେବେଳେ ମୁଁ ଉପଲବ୍ଧି କଲି ଯେ ରେମାଙ୍କ ପାଖରେ ରହିବା ପାଇଁ ତରବର ହୋଇ ହୋଟେଲକୁ ଫେରି ଆସିବା ବେଳେ ଭୁଲ୍‌ରେ ମୋ ବ୍ରିଫକେସ୍ ବୈଠକ ସ୍ଥଳରେ ଛାଡ଼ି ଆସିଛି । ମୁଁ ସମ୍ମିଳନୀ ସ୍ଥଳକୁ (ଆମ ହୋଟେଲଠାରୁ ଅଳ୍ପ ବାଟ) ଯାଇ ମୋ ବ୍ରିଫ୍‌କେସ୍ ଆଣି ଆସିବି ବୋଲି ରେମାଙ୍କୁ କହିଲି । ସେଦିନ ପର୍ଯ୍ୟନ୍ତ ପ୍ରତିଦିନ ଆମେ ଦୁହେଁ ମେନ୍ ରୋଡ଼ରେ ସମ୍ମିଳନୀ ସ୍ଥଳକୁ ଚାଲି ଚାଲି ଯାଉଥିଲୁ, ଏଥର ମୁଁ ସମ୍ମିଳନୀ ସ୍ଥଳକୁ ଚାଲି ଚାଲି ଯିବାବେଳେ ଲକ୍ଷ୍ୟ କଲି ଯେ ପାଖରେ ଗୋଟିଏ ଗଳି ଅଛି ଯାହା ମୁଖ୍ୟ ରାସ୍ତାଠାରୁ ଶାନ୍ତ ମନେ ହେଉଛି । ତେଣୁ ମୁଁ ପ୍ରଥମ ଥର ପାଇଁ ସେ ପାର୍ଶ୍ୱଗଳିରେ ଗଲି, ଆମେ କ'ଣ

କରିବୁ ବୋଲି ଚିନ୍ତାରେ ବୁଡ଼ି ରହିଲି - କୌଣସିମତେ ମେଲବୋର୍ଣ୍ଣ ଯିବୁ ନା ସିଡ୍‌ନିରେ ରହିବୁ । ଆଉ ଗୋଟିଏ ସମସ୍ୟା ହେଲା ଯେ ଆମର ହୋଟେଲ କୋଠରି କେବଳ ସେହିଦିନ ପର୍ଯ୍ୟନ୍ତ ସଂରକ୍ଷିତ ଥିଲା ଏବଂ ଆଉ ବଢ଼ାଇ ହେବ ନାହିଁ ବୋଲି ମ୍ୟାନେଜର କହିଲେ । ଯେହେତୁ ତାହା ସଂରକ୍ଷିତ ହୋଇଯାଇଛି । ଅଧିକନ୍ତୁ ବିଦେଶରେ ଚିକିତ୍ସା ଖର୍ଚ୍ଚ ପାଇଁ ଆମର ବୀମା ନ ଥିଲା ।

କଡ଼ ରାସ୍ତାରେ ଯାଉଥିବାବେଳେ ହଠାତ୍ ମୋ ହୃଦୟ ସ୍ପନ୍ଦିତ ହୋଇ ଉଠିଲା । ଠିକ୍ ମୋ ଆଗରେ ରହିଥିବା କାର୍‌ଟିରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଦୁଇ ଅଭୟ ହସ୍ତର ଏକ ବଡ଼ ଫଟୋ ଥିଲା ଓ ତଳେ ଲେଖା ଥିଲା 'Why fear when I am here' (ମୁଁ ଥାଉ ଥାଉ ଭୟ କାହିଁକି ?) ତାହା ଦେଖି ମୋର ଆନନ୍ଦ ଓ ଉତ୍ତେଜନା ବିଷୟରେ ଆପଣମାନେ ଅନୁମାନ କରିପାରୁଥିବେ । ତାହାକୁ ହିଁ ଆମେ ଅପେକ୍ଷା କରି ରହିଥିଲୁ । ସେତେବେଳେ ଆମେ ଆଉ କ'ଣ ଅଧିକ ମାଗିପାରିଥାନ୍ତୁ ? ମୁହୂର୍ତ୍ତକ ପାଇଁ ସ୍ୱାମୀଙ୍କର ସବୁ ଲୀଳା କଥା ଚିନ୍ତା କରନ୍ତୁ, ଯାହା ଏହି ଚମତ୍କାରକୁ ଘଟିତ ହେବାକୁ ଦେଇଥିଲା । ପ୍ରଥମେ ସେ ମୋ ବ୍ରିଫ୍‌କେସ୍‌କୁ ଭୁଲାଇ ଦେଲେ, ଯଦ୍ୱାରା ମୁଁ ତାହା ଆଣିବା ପାଇଁ ଫେରିବା ବେଳେ ସାଇ ସଙ୍କେତ ଦେଖିପାରିଲି । ଦ୍ୱିତୀୟତଃ ପ୍ରଥମଥର ସେ ମୋତେ କଡ଼ ରାସ୍ତାରେ ଯିବାକୁ ଦେଲେ । ମୁଁ ଏତେଦିନ କାହିଁକି ସେ ବାଟେ ଯାଇନଥିଲି ? ବୋଧହୁଏ କେବଳ ସେହିଦିନ ସେ କାର୍‌ଟି ସେଠାରେ ରହିଥିଲା । ମୁଁ ସମ୍ମିଳନୀ ସ୍ଥଳରେ ପହଞ୍ଚି ମୋ ବ୍ରିଫ୍‌କେସ୍ ଆଣିଲି ଏବଂ ସ୍ୱାମୀଙ୍କ କୃପାରୁ ସବୁ ଠିକ୍ ହେବ ବୋଲି ରେମାଙ୍କୁ କହିବା ପାଇଁ ଧାଇଁ ଆସିଲି । ରେମାଙ୍କୁ ମଧ୍ୟ ଟିକିଏ ଉପଶମ ଲାଗୁଥିଲା ।

ଆମେ ସିଡ୍‌ନିରେ ପହଞ୍ଚିବାର ପ୍ରଥମ ଦିନ ଜଣେ ଭାରତୀୟ ଡାକ୍ତରଙ୍କୁ ଭେଟିଥିଲୁ । ସେ ଆମକୁ ନୈଶ ଭୋଜନ ପାଇଁ ବାହାରକୁ ନେଇଥିଲେ । ନୈଶ ଭୋଜନ ପରେ ସେ ଆମକୁ ତାଙ୍କର ଭିଜିଟିଙ୍ଗ୍ କାର୍ଡ଼ ଦେଇଥିଲେ ଏବଂ କୌଣସି କଥା ପାଇଁ ଦରକାର ପଡ଼ିଲେ ଫୋନ୍ କରିବାକୁ କହିଥିଲେ । ଆମେ ସାଥିରେ କିଛି ଆଣ୍ଟିବାୟୋଟିକ୍ସ ନେଇ ନ ଥିବାରୁ ଏବଂ ଅଷ୍ଟ୍ରେଲିଆରେ ବିନା ପ୍ରେସ୍‌କ୍ରିପ୍‌ସନରେ ଔଷଧ କିଣି ନ ପାରିବାରୁ ଡାକ୍ତରଙ୍କୁ ଫୋନ୍ କରି ସେ ଆମକୁ କିଛି ଔଷଧ ଦେଇପାରିବେ କି ବୋଲି ପଚାରିଲି । ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ଏବଂ ମୋର କାହିଁକି ଦରକାର ବୋଲି ପଚାରିଲେ । ମୁଁ ରେମାଙ୍କର ଅସୁସ୍ଥତା ବିଷୟରେ କହିବା ବେଳେ ସେ 'ଅପେକ୍ଷା କରନ୍ତୁ, ମୁଁ ଆସୁଛି' ବୋଲି କହିଲେ ।

ଅଳ୍ପ କେତେ ମିନିଟ ଭିତରେ ସେ ଓ ତାଙ୍କ ସ୍ତ୍ରୀ ଆମକୁ ଦେଖିବାକୁ ହୋଟେଲରେ ଆସି ପହଞ୍ଚିଲେ । ସେ ଆମକୁ ହୋଟେଲ ଛାଡ଼ି ତାଙ୍କ ଘରକୁ ଚାଲି ଆସିବାକୁ ବାଧ୍ୟ କଲେ । ସବୁ ପ୍ରତିରୋଧକୁ ଏଡ଼ାଇ ଦେଇ ସେ ତାଙ୍କ କାର୍‌ରେ ତାଙ୍କ ଘରକୁ ଆମକୁ ନେଇଗଲେ । ପରବର୍ତ୍ତୀ ଚାରିଦିନ ତାଙ୍କ ପତ୍ନୀ ରେମାଙ୍କର ସେବା କରି ସୁସ୍ଥ କଲେ ଏବଂ ଡାକ୍ତର ଏକ ସ୍ଥାୟୀ ଚିକିତ୍ସାଳୟରେ ମାଗଣାରେ ରକ୍ତ ପରୀକ୍ଷା, ଏକ୍‌ସରେ ଆଦି ବ୍ୟବସ୍ଥା କରିଦେଲେ । ଅଷ୍ଟ୍ରେଲିଆରେ ପ୍ରଥମ ଥର ଭେଟିଥିବା ଏହି ଦୁଇଜଣଙ୍କର ପ୍ରେମ ଅବିଶ୍ୱାସ୍ୟ ଥିଲା ।

ତାପରେ ଆମେ ସ୍ୱାମୀଙ୍କର *'ମୁଁ ଥାଉ ଥାଉ ଭୟ କାହିଁକି ?'*ର ପ୍ରକୃତ ଅର୍ଥ ଉପଲବ୍ଧି କଲୁ, କାରଣ ସେ ପ୍ରକୃତରେ ଜଣେ ଡାକ୍ତର ଓ ତାଙ୍କ ପତ୍ନୀ ରୂପରେ ଆମର ଯତ୍ନ ନେଇଥିଲେ । ଆମେ ଘନିଷ୍ଠ ବନ୍ଧୁ ହୋଇଗଲୁ ଏବଂ କିଛି ବର୍ଷ ପରେ ସେମାନେ ଚେନ୍ନାଇ ଆସିବାବେଳେ ଆମ ଘରକୁ ଆସିଥିଲେ ଏବଂ ସିଡ୍‌ନି କଥା ସ୍ମରଣ କରି ସୁନ୍ଦର ସନ୍ଧ୍ୟାଟି କଟାଇଥିଲୁ ଏବଂ ସ୍ୱାମୀଙ୍କର ବିବିଧ ଚମତ୍କାର ସମ୍ବନ୍ଧରେ ଅଦ୍ଭୁତ ସତ୍‌ସଙ୍ଗ କରିଥିଲୁ ।

ଓଁ ଜୟ ସାଇରାମ !

"ଭଗବାନଙ୍କୁ ଭଲ ପାଇବାର ସର୍ବୋତ୍ତମ ଉପାୟ ହେଉଛି ସମସ୍ତଙ୍କୁ ଭଲ ପାଇବା ଓ ସମସ୍ତଙ୍କର ସେବା କରିବା । ଭଗବାନ ପ୍ରତ୍ୟେକଙ୍କ ଭିତରେ ବିଦ୍ୟମାନ ବୋଲି ଦୃଢ଼ ବିଶ୍ୱାସ ରଖ । ଏପରି କୌଣସି ସ୍ଥାନ ନାହିଁ ଯେଉଁଠାରେ ଭଗବାନ ନାହାନ୍ତି । ମୁଁ ଓ ତୁମେ ଏକ ବୋଲି ଥରେ ଉପଲବ୍ଧି କଲେ ତୁମେ ସର୍ବତ୍ର ଏକତ୍ୱ ଦେଖିବ, ଯାହା ସତ୍ୟ ଓ ନିତ୍ୟ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,

ଅମୃତଧାରା : ୨୦୦୦

ଅଧ୍ୟାୟ : ୧୪

"ମୁଁ ସର୍ବଦା ତୁମ ପାଖେ ପାଖେ ରହି ତୁମର ସୁରକ୍ଷା ଓ ମାର୍ଗଦର୍ଶନ କରୁଥିବି"

"ମୋର ଶକ୍ତି ଅମାପ; ମୋର ସତ୍ୟ ଅବର୍ଣ୍ଣନୀୟ, ଅପରିମେୟ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱାଦଶ ଭାଗ

ମୁଁ ପ୍ରଥମ ଅଧ୍ୟାୟରେ ଉଲ୍ଲେଖ କରିଛି ଯେ ଯଦିଓ ମୁଁ ରୟପୁରମ୍‌ଠାରେ ମୋର ବାଲ୍ୟାବସ୍ଥାରେ ଶାନ୍ତି କୁଟୀରରୁ ସାଇଭଜନ ଶୁଣିଥିଲି, ସ୍ୱିଜରଲାଣ୍ଡର ଜେନେଭାରେ ହିଁ ପ୍ରଥମ ଥର ସାଇ ଭଜନରେ ଯୋଗ ଦେଲି । ଏହା କିପରି ହେଲା ବୁଝାଉଛି । ୧୯୮୧ରେ ଘଟଣା, ମୁଁ ସେତେବେଳେ ଭଗବାନ ବାବାଙ୍କ ଭକ୍ତ ନ ଥିଲି । ମୁଁ ପଞ୍ଚମ ଅଧ୍ୟାୟରେ ଲେଖିଛି ଯେ ୧୯୯୨ରେ ମୁଁ ହ୍ୱାଇଟ୍‌ଫିଲଡ଼୍ ଆଶ୍ରମରେ ସ୍ୱାମୀଙ୍କ ଦର୍ଶନ ପାଇଁ ପ୍ରଥମ ପାଦ ପକାଇଥିଲି । ତେଣୁ ଏହି କଥାଟି ତାର ୧୧ ବର୍ଷ ପୂର୍ବର ।

ମୋର ବାପା ଡଃ ବିଶ୍ୱନାଥନ୍‌ଙ୍କୁ ସ୍ୱିଜରଲାଣ୍ଡର ଜେନେଭାଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ପାଇଁ ଆମନ୍ତ୍ରଣ କରାଯାଇଥିଲା । ମୁଁ ସେହି ବର୍ଷ ମୋର ଏମ୍.ଡ଼ି ଶେଷ କରିଥାଏ । ତେଣୁ ମୋ ବାପା ମୋତେ ତାଙ୍କ ସହ ଏହି ଯାତ୍ରାରେ ଯୋଗ ଦେବା ପାଇଁ କହିବାରୁ ମୁଁ ଏହି ସୁଯୋଗରେ ତାଙ୍କ ସହିତ ଗଲି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବୈଠକ ଭଲ ହେଲା । ଆମର ଆମନ୍ତ୍ରଣକାରୀମାନେ କହିଲେ ଯେ ଚାରିଟାବେଳେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେବା ସକାଶେ ଘଣ୍ଟାକ ପାଇଁ ବିରତି ହେବ ଏବଂ ଯେଉଁମାନେ ଚାହିଁବେ ଯୋଗ ଦେଇପାରିବେ । ଅନ୍ୟମାନେ ଆରାମ କରି ପୁସ୍ତକାଳୟରେ ସେମାନଙ୍କର ସମୟ କଟାଇପାରିବେ କିମ୍ବା ଚାଲିବାକୁ ଯାଇପାରିବେ ।

ଆମେ ଆୟୋଜକମାନଙ୍କ ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଠିକ୍ କଲୁ । ଜେନେଭାରେ ଏହା ଏକ ଖ୍ରୀଷ୍ଟିୟାନ ପ୍ରାର୍ଥନା ହୋଇଥିବ ବୋଲି ଆମେ ଭାବିଲୁ, ତଥାପି ସେଥିରେ ଯୋଗ ଦେବାକୁ ଠିକ୍ କଲୁ । ଆମକୁ ପାଖରେ ଏକ ବଡ଼ ହଲ୍‌କୁ ନିଆଗଲା ଏବଂ ଆମେ ହଲ୍‌ରେ ପ୍ରବେଶ କରିବା ବେଳେ ମଝିରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଏକ ବଡ଼ ଫଟୋ ଦେଖି ଆଶ୍ଚର୍ଯ୍ୟ ହୋଇଗଲୁ । ପ୍ରାୟ ୧୦୦ ୟୁରୋପୀୟ ପୁରୁଷ (ଧଳା ପୋଷାକରେ) ଓ ମହିଳା (ରଙ୍ଗୀନ ପୋଷାକରେ) ହଲ୍‌ରେ ବସିଥିଲେ । ଆମ ଦୁଇଜଣଙ୍କୁ ଛାଡ଼ିଦେଲେ ଆଉ କେହି ଭାରତୀୟ ନ ଥିଲେ । ତିନିଥର ଓଁକାର ପରେ ଭଜନ ଆରମ୍ଭ ହେଲା ଏବଂ ପ୍ରାୟ ଘଣ୍ଟାଏ ଚାଲିଲା । ମୁଁ ଓ ମୋ ବାପା

ଆଶ୍ଚର୍ଯ୍ୟ ହୋଇଗଲୁ । ମୋ ପାଇଁ ଏହା ସାଇ ଭଜନର ପ୍ରଥମ ଅନୁଭୂତି ଥିଲା । ମନେ ପକାଇଲେ ଏହା ବିଚିତ୍ର ଲାଗେ ଯେ ମୁଁ ଭକ୍ତ ନ ଥିବା ବେଳେ ସେଥିରେ ଯୋଗ ଦେଇଥିଲି ଏବଂ ତାହା ପୁଣି ଜେନେଭାରେ । ଆମେ ଦୁହେଁ ଏହି ୟୁରୋପୀୟମାନଙ୍କର ଶୃଙ୍ଖଳା ଓ ବାବାଙ୍କ ପ୍ରତି ଭକ୍ତିରେ ଖୁବ୍ ପ୍ରଭାବିତ ହେଲୁ । ଜୀବିତ ଥିବା ଜଣେ ଲୋକର ଫଟୋ ଆଗରେ ଏହି ଭଜନ ବୋଲାଯିବା ମୋ ପାଇଁ ଆଶ୍ଚର୍ଯ୍ୟର ବିଷୟ ଥିଲା ଏବଂ ତାହା ମୋ ଉପରେ ଗଭୀର ପ୍ରଭାବ ପକାଇଲା । ଅବଶ୍ୟ ଯାହା ମୁଁ ଉପରେ ଲେଖିଛି, ସ୍ୱାମୀଙ୍କ ଆଡ଼କୁ ପ୍ରଥମ ପାଦ ପକାଇବା ପାଇଁ ମୋତେ ଆଉ ୧୧ ବର୍ଷ ଲାଗିଥିଲା । ଏକଥା ଉଲ୍ଲେଖନୀୟ ଯେ ସ୍ୱାମୀ ମୋର ବାଲ୍ୟାବସ୍ଥାରୁ ଶେଷରେ ଭକ୍ତ ଭାବରେ ତାଙ୍କ ବେଷ୍ଟନୀରେ ମୋତେ ଗ୍ରହଣ କରିବା ପୂର୍ବରୁ ପାଦେ ପାଦେ ମୋ ଜୀବନରେ ପ୍ରବେଶ କରି ତାଙ୍କର ସର୍ବବିଦ୍ୟମତ୍ତା ପ୍ରଦର୍ଶନ କରିଥିଲେ ।

ପ୍ରିୟସ୍ୱାମୀ ! ମୋ ଜୀବନର ପ୍ରତ୍ୟେକ ସ୍ତରରେ ରହିଥିବା ଯୋଗୁଁ ମୁଁ ଜାଣିନାହିଁ କିପରି ଏ ଋଣ ପରିଶୋଧ କରିପାରିବି । ମୁଁ ତୁମକୁ ପ୍ରଣତି ଜଣାଉଛି ଏବଂ ତୁମ ଦିବ୍ୟ ପାଦପଦ୍ମରେ ନିଜକୁ ସମର୍ପିତ କରୁଛି ।

ଓଁ ଜୟ ସାଇରାମ !

'ସବୁବେଳେ, ସବୁ ସମୟରେ, ସବୁ ସ୍ଥାନରେ, ତୁମେ ଯେଉଁଠି ମୋତେ ଆବଶ୍ୟକ କର, ମୁଁ ଥାଏ । ସବୁ କଥା ଦେଶ ଓ କାଳର ସୀମା, ପ୍ରକୃତିର ନିୟମର ବିଷୟ, ମୋର ବାହ୍ୟ ରୂପ କୌଣସି ବ୍ୟତିକ୍ରମ ନୁହେଁ! ଦେହର ଓ ବାହ୍ୟ ଇନ୍ଦ୍ରିୟମାନଙ୍କର ସୀମା ଅନ୍ତର୍ଦୃଷ୍ଟି ପାଇଁ ନୁହେଁ। ସେଠାରେ ତୁମେ ମୋତେ ଯେ କୌଣସି ସମୟରେ ଓ ଯେ କୌଣସି ସ୍ଥାନରେ ଦେଖି ପାରିବ ଏବଂ ଦର୍ଶନ ପାଇ ପାରିବ । ବାହ୍ୟ ଦୃଷ୍ଟି ଉଦ୍ଦେଶ୍ୟମୂଳକ ଭାବରେ ଅଯଥେଷ୍ଟ, ତାତ୍କାଳିକ, କ୍ଷଣସ୍ଥାୟୀ, ଆକସ୍ମିକ, ଯଦ୍ଦ୍ୱାରା ତୁମେ ଅନ୍ତଃଦର୍ଶନର ଅଭିଳାଷା ଓ ପ୍ରାପ୍ତି କରିପାରିବ । ମୁଁ ଯଦି ବାରମ୍ବାର ମୋ ରୂପକୁ ତୁମଠାରୁ ପୃଥକ କରୁଥାଏ, ତେବେ ତାହା କେବଳ ତୁମକୁ ମୋ ପାଖକୁ ଆଣିବା ପାଇଁ ଏବଂ ମୋ ଉପସ୍ଥିତିକୁ ତୁମ ଭିତରକୁ ନେବା ପାଇଁ । ତାହା ହିଁ ତୁମକୁ ପରିପୂରଣ ଓ ସଚେତ କରିବ, ମୁଁ ଜାଣେ । ମୋର କୌଣସିଟି ଅନୁପସ୍ଥିତି ପ୍ରତ୍ୟାଖ୍ୟାନ ବା ଭର୍ତ୍ସନା ନୁହେଁ, ତୁମ ପାଇଁ ମୁଁ ସେସବୁ କରିଥାଏ । ଆଉ ତୁମେ ମୋ ପାଖକୁ ପ୍ରତ୍ୟାବର୍ତ୍ତନ କର ବୋଲି ସର୍ବଦା ଚାହିଁଥାଏ ।

- ଭଗବାନ ଶ୍ରୀ ସତ୍ୟସାଇ ବାବା,

A Compendium of the Teachings of Sri Sathya Sai Baba

ଅଧ୍ୟାୟ : ୧୫

ବିଶ୍ୱାସ ଦୃଢ଼ କରିବା ପାଇଁ ସ୍ୱାମୀ ପରୀକ୍ଷା କରନ୍ତି

'ମନୁଷ୍ୟ ସୁଖ ଓ ଦୁଃଖରେ, ଲାଭ ଓ କ୍ଷତିରେ ସମତା ରକ୍ଷା କରିବା ଉଚିତ । ଦୁଃଖ ବିନା ତୁମେ ସୁଖ ଉପଭୋଗ କରିପାରିବ ନାହିଁ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୨୬ତମ ଭାଗ

ମୁଁ ଷଷ୍ଠ ଅଧ୍ୟାୟରେ ରେମାଙ୍କ ଅସୁସ୍ଥତାର ଆରମ୍ଭ ଏବଂ ଏହି ଅସୁସ୍ଥତାର ଫଳସ୍ୱରୂପ ସ୍ୱାମୀଙ୍କ ସହ ଆମର ବିବିଧ ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲି । ଏବେ ମୁଁ ତାଙ୍କର ଅସୁସ୍ଥତା ବଢ଼ିବା ବିଷୟରେ କହିବି । ବର୍ଷ ପରେ ବର୍ଷ ଆମେ ରୋଗର ବୃଦ୍ଧି ବିଷୟରେ ଜାଣିବା ପାଇଁ ପରୀକ୍ଷା କରିବାକୁ ଯାଉଥିଲୁ । ଯେହେତୁ କର୍କଟ ପାଇଁ ଆଜୀବନ ସତର୍କତା ଆବଶ୍ୟକ । ଆମର କର୍କଟ ବିଶେଷଜ୍ଞ କହିଥିଲେ ଯେ ପାଞ୍ଚ ବର୍ଷ ପରେ ଅଧିକାଂଶ କର୍କଟ ଆରୋଗ୍ୟ ହୋଇଯାଏ ଏବଂ ଆଉ କିଛି ବୃଦ୍ଧି ଦେଖାଯାଉନଥିଲେ ୧୦ ବର୍ଷରେ ପ୍ରାୟ ସବୁ କର୍କଟକୁ ଆରୋଗ୍ୟ ବୋଲି ଧରି ନିଆଯାଏ । ଅବଶ୍ୟ ଔଷଧରେ କୌଣସି ପାଇଁ ୧୦୦% ନିୟମ ନାହିଁ, ସବୁବେଳେ ବ୍ୟତିକ୍ରମ ଅଛି । ସ୍ତନକର୍କଟ କ୍ଷେତ୍ରରେ ଭାରତୀୟ ମହିଳାଙ୍କ ମଧ୍ୟରେ ପାଞ୍ଚବର୍ଷ ତିଷ୍ଠିବା ହାର ୬୦% । ଏହାର ଅର୍ଥ ସ୍ତନକର୍କଟ ରୋଗ ଆରମ୍ଭ ହେବା ପରେ ୫ ବର୍ଷ ପାଇଁ ୧୦୦ରୁ କେବଳ ୬୦ ଜଣ ମହିଳା ବଞ୍ଚି ପାରନ୍ତି । ଏହି ମହିଳାମାନଙ୍କ ମଧ୍ୟରୁ କେତେକଙ୍କର ଜୀବନରେ ଯେକୌଣସି ସମୟରେ ରୋଗ ଆରମ୍ଭ ହେବାର ୨୦, ୩୦ ବା ଅଧିକ ବର୍ଷ ପରେ ବି ରୋଗ ଦେଖାଦେଇପାରେ । ବହୁ କମ୍ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ରୋଗ କଦାପି ପ୍ରତ୍ୟାବର୍ତ୍ତନ କରେ ନାହିଁ । ମୋ ମାଇଁଙ୍କର ରେମାଙ୍କର ବହୁ ବର୍ଷ ପୂର୍ବରୁ ସ୍ତନକର୍କଟ ଆରମ୍ଭ ହୋଇଥିଲା ଓ ସେ ରେମାଙ୍କଠାରୁ ଅଧିକ ଦିନ ବଂଚି ହୃଦ୍‌ରୋଗର ମରିଥିଲେ; ତାଙ୍କର କର୍କଟ ଆଉ ଫେରିନାହିଁ ।

ରେମାଙ୍କ କ୍ଷେତ୍ରରେ ସେ କର୍କଟ ଆରମ୍ଭ ହେବା ପରେ ୧୩ ବର୍ଷ ଭଲ ଥିଲେ ଏବଂ ଶୀଘ୍ର କାର୍ଯ୍ୟରେ ଲାଗିଗଲେ । ସେ ମଧୁମେହ ଚକ୍ଷୁରୋଗରେ ବିଶେଷଜ୍ଞ ଭାବରେ କେବଳ ନୁହେଁ ମାତ୍ର ଆମ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ ଭାବରେ ସବୁ ପ୍ରଶାସନିକ

କାର୍ଯ୍ୟର ପରିଚାଳନା କରି ନିଜର ଜୀବନ ଗଢ଼ିଥିଲେ । ଏହି ତେର ବର୍ଷ ମଧ୍ୟରେ ଆମ କେନ୍ଦ୍ର ରୟପେଟାର ଭଡ଼ାଘରୁ ଗୋପାଳପୁରମ୍‌ଠାରେ ଆମ ନିଜ ଘରକୁ ଆସିଥିଲା । ପରେ ଆମେ ଚେନ୍ନାଇ ଛଡ଼ା ଅନ୍ୟ ସହରମାନଙ୍କରେ ମଧ୍ୟ ଆମ କେନ୍ଦ୍ରର ଶାଖା ପ୍ରତିଷ୍ଠା କରିବାକୁ ଆରମ୍ଭ କଲୁ ଏବଂ ରେମା ଏସବୁ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ।

ପ୍ରତିବର୍ଷ ଆମେ ତାଙ୍କୁ ପରୀକ୍ଷା ପାଇଁ ନେଉଥିଲୁ ଏବଂ ନକାରାତ୍ମକ ରିପୋର୍ଟ ପାଉଥିଲୁ । ଧୀରେ ଧୀରେ ଆମେ କର୍କଟ ବିଷୟରେ ଭୁଲିଯିବାକୁ ଆରମ୍ଭ କଲୁ । ଅବଶ୍ୟ ୨୦୦୭ରେ ଆମେ କଠୋର ଆଘାତ ପାଇଲୁ । ପ୍ରାୟ ୧୩ ବର୍ଷ ପରେ ତାଙ୍କର କର୍କଟ ସମ୍ବନ୍ଧୀୟ ସବୁ ଚିକିତ୍ସା ସମାପ୍ତ ହେଲା । ତାଙ୍କର ବାର୍ଷିକ ପରୀକ୍ଷା ବେଳେ ଜଣାଗଲା ଯେ ତାଙ୍କ ଛାତିରେ ଯେଉଁଠି ସ୍ତନକର୍କଟ ହୋଇଥିଲା, ସେଠାରେ ଫୁସ୍‌ଫୁସ୍‌କୁ ଆଚ୍ଛାଦିତ କରୁଥିବା ପ୍ଲେଉରାଲ କାଭିଟିରେ ଟିକିଏ ତରଳ ପଦାର୍ଥ ଜମା ହୋଇ ରହିଛି । ଆମେ ତରଳ ପଦାର୍ଥ କାଢ଼ିନେଲୁ ଏବଂ ପ୍ରାରମ୍ଭିକ ପରୀକ୍ଷାରେ ସବୁ ନକାରାତ୍ମକ ବାହାରିବାରୁ ଉପଶମ ଲାଭ କଲୁ । ଅବଶ୍ୟ ଆମେ ଦ୍ୱିତୀୟ ମତ ପାଇଁ ନମୁନାକୁ ଆଉ ଏକ ପରୀକ୍ଷାଗାରକୁ ପଠାଇଲୁ । ଏଥିରେ ଅନିୟମିତ ଭାବେ ବର୍ଦ୍ଧିତ କୋଷ ଦେଖାଗଲା । ପ୍ରଥମ ପରୀକ୍ଷା ନକାରାତ୍ମକ ଥିବାରୁ ଆମେ ଏହି ପରୀକ୍ଷାକୁ ବିଶ୍ୱାସ କରିବାକୁ ମନା କଲୁ ଏବଂ ପୁଣି ପରୀକ୍ଷା କରାଇଲୁ; ଏଥର ଅନିୟମିତ ଭାବେ ବର୍ଦ୍ଧିତ କୋଷର ନିଶ୍ଚିତ ପ୍ରମାଣ ମିଳିଲା । ଆମେ ଆମର କର୍କଟ ବିଶେଷଜ୍ଞଙ୍କ ସହ ପରାମର୍ଶ କଲୁ ଏବଂ ତାଙ୍କଠାରୁ କର୍କଟ ମାଡ଼ିଗଲାଣି ବୋଲି ଦୁଃଖଦ ସମାଚାର ପାଇଲୁ । ମୁଁ କର୍କଟ ବିଶେଷଜ୍ଞଙ୍କ ଉପରେ ବିଶେଷ ଚାପ ପକାଇବାରୁ ସେ ମୋତେ ଏକାନ୍ତରେ କହିଲେ ଯେ ସେ ପାଞ୍ଚ ବର୍ଷ ବଞ୍ଚିବେ, କାରଣ କର୍କଟ ମାଡ଼ିଗଲେ କେହି ପାଞ୍ଚ ବର୍ଷରୁ ଅଧିକ ବଞ୍ଚନ୍ତି ନାହିଁ । ଏହା ଆମ ଜୀବନକୁ ନାଟକୀୟ ଭାବରେ ବଦଳାଇଦେଲା । ତାଙ୍କୁ ପୁଣି ଥରେ ନୁହେଁ, ଦୁଇଥର କଷ୍ଟକର କେମୋପାଥି ପ୍ରକ୍ରିୟା ଦେଇ ଯିବାକୁ ପଡ଼ିଲା । ପ୍ରତ୍ୟେକ ଥର କର୍କଟ ଉଭେଇଯିବା ଭଳି ଲାଗିବା ବେଳେ ତାହା ପୁଣି ବର୍ଦ୍ଧିଷ୍ଣୁ ତୀବ୍ରତାରେ ପ୍ରତ୍ୟାବର୍ତ୍ତନ କରୁଥିଲା ।

ମୁଁ ଏବେ ଦୁଇଟି ଭିନ୍ନ ଘଟଣା ବର୍ଣ୍ଣନା କରୁଛି । ଏଗୁଡ଼ିକ 'ସାଇ ସ୍ୱପ୍ନ' ରୂପରେ ମୋ ପତ୍ନୀ ଓ ମୋ କନ୍ୟାଙ୍କୁ ପୃଥକ ଭାବରେ ପ୍ରାୟ ଏକ ସମୟରେ ମିଳିଥିଲା । ରୋଗର ପୁନରାବର୍ତ୍ତନର ଦୁଇ ବର୍ଷ ପୂର୍ବରୁ ସ୍ୱାମୀ ମୋ ପତ୍ନୀଙ୍କୁ ସ୍ୱପ୍ନରେ କହିଥିଲେ, "ରେମା, ମୁଁ ତୁମକୁ ଆଉ ପାଞ୍ଚବର୍ଷ ଜୀବନ ଦେଇ ପାରିବି । ତାହା ଯଥେଷ୍ଟ କି? ସେ ସକାଳେ ନିଦରୁ ଉଠିବା ବେଳେ ଲୁହ ଝରାଉଥିଲେ । ସେ ପୂଜାଘରକୁ ଯାଇ ସ୍ୱାମୀଙ୍କୁ ପ୍ରାର୍ଥନା କଲେ, "ତୁମେ ମୋତେ ଏତେଦିନ ଜୀବିତ ରଖିଲ ଏବଂ ଏବେ ଏ ସମୟରେ ମୋତେ ଆଉ

ପାଞ୍ଚବର୍ଷ ଯଥେଷ୍ଟ କି ବୋଲି ପଚାରୁଛ ? ମୋ ଝିଅର ମେଡ଼ିକାଲ ପାଠ ଶେଷ ନ ହୋଇଥିବା ବେଳେ ଏହା କିପରି ଯଥେଷ୍ଟ ହେବ ସ୍ୱାମୀ ? ମରିବା ପୂର୍ବରୁ ତାକୁ ଜୀବନରେ ସ୍ଥିର ହେବା ଏବଂ ନାତି ଦେଖିବାକୁ ମୋର ଇଚ୍ଛା । ତେବେ ପାଞ୍ଚ ବର୍ଷ କିପରି ଯଥେଷ୍ଟ ହେବ ସ୍ୱାମୀ ? ତୁମେ ମୋତେ ଆଉ କିଛି ଅଧିକ ସମୟ ଦେଇପାରିବ କି ?” ସ୍ୱାମୀଙ୍କ ପ୍ରତି ତାଙ୍କର ଏହି ବଚନ ଓ ପ୍ରାର୍ଥନା ଭବିଷ୍ୟବକ୍ତା ହୋଇଥିଲା, କାରଣ ବାବା ତାଙ୍କୁ ଆଉ ଦୁଇବର୍ଷ ଦେଇଥିଲେ ଏବଂ ସେ ସ୍ୱପ୍ନ ଦେଖିବା ପରେ ଆଉ ସାତବର୍ଷ ବଞ୍ଚିଥିଲେ । ମୁଁ ଦୁଃଖର ସହ କହିବି ଯେ ଏହି ଦୁଇବର୍ଷ ସେ ଖୁବ୍ ଯନ୍ତ୍ରଣା ପାଇଥିଲେ । ମୁଁ ଏକଥା ବୁଝାଇବାକୁ ଚେଷ୍ଟା କରିବି ।

ଦୁଇ ପର୍ଯ୍ୟାୟରେ କେମୋ ଦିଆଯିବା ପରେ ଆଉ ଅଧିକ ଦେବା ଦରକାର ପଡ଼ିବାରୁ କେମୋ ଦେବା ପାଇଁ ରେମାଙ୍କ ବାହୁରେ ଶିରା ମିଳିଲା ନାହିଁ, ଯେହେତୁ ତାଙ୍କର ସବୁ ଶିରାରେ ରକ୍ତ ଜମାଟ ବାନ୍ଧିଯାଇଥିଲା । ତେଣୁ ଆମେ ଏକ ‘ପୋର୍ଟ’ ଲଗାଇବା ପାଇଁ ଠିକ୍ କଲୁ । ‘ପୋର୍ଟ’ ହେଉଛି ଶିରାଗୁଡ଼ିକର ରକ୍ତ ଜମାଟ ବାନ୍ଧିଥିବା ବେଳେ କେମୋ ଆଦି ଶକ୍ତିଶାଳୀ ଔଷଧ ପ୍ରୟୋଗ କରିବା ପାଇଁ ଛାତିର ଉପର ଭାଗରେ ଲଗାଯାଉଥିବା ଏକ କ୍ଷୁଦ୍ର ଉପକରଣ । ରେମାଙ୍କୁ ଅସ୍ତ୍ରୋପଚାର କକ୍ଷକୁ ନିଆଗଲା ଏବଂ ପୋର୍ଟ ଲଗାଯିବାବେଳେ ଶଲ୍ୟ ଚିକିତ୍ସକଙ୍କ ଭୁଲ ଯୋଗୁଁ ଏକ ରକ୍ତ ନାଳୀରେ କଣା ହୋଇଯିବା ଫଳରେ ତାଙ୍କ ଫୁସଫୁସରେ ବହୁ ପରିମାଣରେ ରକ୍ତ ଜମିଗଲା । ଅସ୍ତ୍ରୋପଚାର ଟେବୁଲରେ ହିଁ ରେମାଙ୍କର ହୃତ୍ସ୍ପନ୍ଦନ ବନ୍ଦ ହୋଇଗଲା ଏବଂ ସବୁ ସରିଗଲା ବୋଲି ଡାକ୍ତରମାନେ ଭାବିଲେ । କେତେ ମିନିଟ୍ ପର୍ଯ୍ୟନ୍ତ ସେମାନେ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କଲେ ଏବଂ ହଠାତ୍ ସେ ଜୀବନ ଫେରି ପାଇଲେ । ପରେ ଆମେ ଉପଲବ୍ଧି କଲୁ ଯେ ସ୍ୱାମୀଙ୍କ ସ୍ୱପ୍ନର ଠିକ୍ ପାଞ୍ଚ ବର୍ଷ ପରେ ଏହି ଅସ୍ତ୍ରୋପଚାର ହୋଇଥିଲା । ଅନ୍ୟ ଶବ୍ଦରେ କହିଲେ ସ୍ୱାମୀ ସମ୍ଭବତଃ ତାଙ୍କୁ କୌଣସି କଷ୍ଟ ବିନା ଏହିପରି ଯିବାକୁ ଚାହିଁଥିଲେ, କାରଣ ସେ ପର୍ଯ୍ୟନ୍ତ ତାଙ୍କର କର୍କଟଜନିତ କୌଣସି ବଡ଼ ଦୁର୍ଦ୍ଦଶା ହୋଇ ନ ଥିଲା, ବିଶେଷକରି ସେ ପର୍ଯ୍ୟନ୍ତ ସେ ଅଧିକ କଷ୍ଟ ଅନୁଭବ କରି ନ ଥିଲେ ।

ଏହି ପ୍ରକ୍ରିୟାରେ ବଞ୍ଚିଯିବା ପରେ ଜୀବନ ତାଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଲା । କାରଣ ଫୁସଫୁସରେ ରକ୍ତ ସଂକ୍ରମିତ ହୋଇଗଲା ଏବଂ ତାଙ୍କୁ ମାସାଧିକ କାଳ ଜ୍ୱର ହେଲା, ଯାହା କୌଣସି ଚିକିତ୍ସାରେ ଭଲ ହେଲା ନାହିଁ । ଏହି ସମୟରେ ସେ ସବୁ ଚିକିତ୍ସା ପ୍ରତି ବୀତସ୍ପୃହ ହୋଇଗଲେ ଏବଂ ଅନ୍ୟ କୌଣସି ଚିକିତ୍ସା ପାଇଁ ଯିବାକୁ ବା ଡାକ୍ତରଙ୍କୁ ଦେଖାଇବାକୁ ମନା କଲେ । ତାଙ୍କ ଜର ଓ ଛାତି ଭିତରେ ଯନ୍ତ୍ରଣା ଲାଗି ରହିଲା । ଏହି

ସମୟରେ ମୁଁ ପୁଟ୍ଟପର୍ତ୍ତି ଯାଇଥିଲି । ସ୍ୱାମୀ ସିଧା ମୋ ପାଖକୁ ଆସି ମୁଁ କିଛି କହିବା ପୂର୍ବରୁ ପଚାରିଲେ, "ସେ ଏବେ କିପରି ଅଛି ?" ମୁଁ ତାଙ୍କୁ କହିଲି, "ସ୍ୱାମୀ, ଜର ଓ ଯନ୍ତ୍ରଣା ହେଉଛି ଏବଂ ସେ ଅଧିକ ଚିକିତ୍ସା କରିବା ବା ଡାକ୍ତରଙ୍କୁ ଦେଖାଇବା ପାଇଁ ମନା କରୁଛନ୍ତି ।" ସ୍ୱାମୀ ମୋ ଉପରେ ଦୟାର୍ଦ୍ର ଦୃଷ୍ଟି ପକାଇ କହିଲେ, "ମୁଁ ତାହାର ଯତ୍ନ ନେବି ।" ପରଦିନ ମୁଁ ଚେନ୍ନାଇ ଫେରିଆସିଲି ଏବଂ କାଡ଼ିଓଥୋରାସିସ୍ ସର୍ଜନ ତଥା ମୋର ପୁରୁଣା ବନ୍ଧୁ ଡଃ ରାଜନ୍ ସନ୍ତୋଷମ୍‌ଙ୍କ ସହ ଏହି ସମସ୍ୟା ବିଷୟରେ ଆଲୋଚନା କଲି । ଡଃ ରାଜନ୍ ଆମ ଘରକୁ ଆସି ରକ୍ତ ଜମାଟ ଦୂର କରିବାରେ ଛାତିରେ ଏକ ବଡ଼ ଅସ୍ତ୍ରୋପଚାର କରିବା ବିଷୟରେ ରେମାଙ୍କ ସହ କଥାବାର୍ତ୍ତା କରିବାକୁ ଚାହିଁଲେ । ମୁଁ ତାଙ୍କୁ କହିଲି, "ରାଜନ୍, ସେ ତୁମ କଥା ଶୁଣିବେ ନାହିଁ, କାରଣ ଡାକ୍ତରଙ୍କୁ ଦେଖିବାକୁ ମନା କରୁଛନ୍ତି, ବଡ଼ ଅସ୍ତ୍ରୋପଚାର କଥା କ'ଣ କହିବା । ଯାହା ହେଉ, ଡଃ ରାଜନ୍ ଘରକୁ ଆସିଲେ ଏବଂ କିଛି ସମୟ ପରେ ତାଙ୍କ ସହ କଥାବାର୍ତ୍ତା ହେଲେ । ରେମା ଅସ୍ତ୍ରୋପଚାର ପାଇଁ ସମ୍ମତ ହେଲେ । ସ୍ୱାମୀଙ୍କର ଆଉ ଏକ ଚମତ୍କାର ! ସ୍ୱାମୀ ପୂର୍ବଦିନ 'ମୁଁ ତାର ଯତ୍ନ ନେବି' ବୋଲି କହିଥିଲେ ।

ଖୁବ୍ ଶୀଘ୍ର ଡଃ ରାଜନ୍ ସନ୍ତୋଷମ୍‌ଙ୍କ ଦ୍ୱାରା ତାଙ୍କର ଅସ୍ତ୍ରୋପଚାର ହେଲା ଏବଂ ଛାତିର ରକ୍ତ ଜମାଟକୁ ପୂରାପୂରି ବାହାର କରିଦିଆଗଲା । ସେ ଜ୍ୱର ବା ଯନ୍ତ୍ରଣା ବିନା ଆଉ ଦୁଇବର୍ଷ ବଞ୍ଚିଲେ । ଅବଶ୍ୟ ଏହି ଦୁଇ ବର୍ଷ ତାଙ୍କର ରୋଗ ବ୍ୟାପିବାକୁ ଲାଗିଲା ଏବଂ ଶୀଘ୍ର ଶରୀରର ସବୁ ଅଂଶକୁ ଖେଳିଗଲା । ଏହି ସମୟରେ ଅନେକ ଥର ମୁଁ ସ୍ୱାମୀଙ୍କୁ ଭେଟିବାର ସୁଯୋଗ ପାଇଲି ଏବଂ ମୁଁ ଉଲ୍ଲେଖ ନ କଲେ ବି ସେ ତାଙ୍କର ଅସୁସ୍ଥତା ପ୍ରସଙ୍ଗ ଉଠାଉଥିଲେ । ଉଦାହରଣସ୍ୱରୂପ, ମୁଁ ତାଙ୍କ ସହ ସତ୍ୟସାଇ ନ୍ୟାସ ବିଷୟରେ ଆଲୋଚନା କରିବାକୁ ଆରମ୍ଭ କରିବା ବେଳେ ସେ ରେମାଙ୍କ କଥା ଚର୍ଚ୍ଚା କରୁଥିଲେ ଏବଂ ମୋତେ ସାନ୍ତ୍ୱନା ଦେବା ପାଇଁ କିଛି କହୁଥିଲେ ।

ଇତି ମଧ୍ୟରେ ଘରେ ଚମତ୍କାର ଘଟିବାକୁ ଲାଗିଲା । ସେ ବର୍ଷ ଜୁଲାଇ ପହିଲା (ଚିକିତ୍ସକ ଦିବସ) ଗୁରୁବାର ପଡ଼ିଥିଲା । ମୁଁ ପ୍ରାର୍ଥନା କରିବାକୁ ସୁନ୍ଦରମ୍ ଗଲି । ମୁଁ ଫେରିବା ବେଳେ ରେମାଙ୍କୁ ଦେଖିବା ପାଇଁ ତାଙ୍କ କୋଠରିକୁ ଯାଇଥିବା ମୋର ଶାଶୂ ମୋତେ ପଚାରିଲେ, "ମୋହନ, ତୁମେ ତୁମ ଶୟନାଗାର କବାଟରେ କିଛି ବିଭୂତି ଲଗାଇଥିଲ କି ?" ମୁଁ କହିଲି, "ନା, କାହିଁକି ?" ସେ ମୋତେ କହିଲେ, "ଆସି ଦେଖ । ମୋତେ ଲାଗୁଛି କବାଟରେ ବିଭୂତି ଲାଗିଛି ।" କବାଟରେ ବଡ଼ ବିଭୂତି ଟୋପା ଲାଗିଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଆହୁରି ବିସ୍ମୟର କଥା ଯେ କବାଟରେ ବିଭୂତି ସୃଷ୍ଟି

ହୋଇଥିଲେ ବି ଚଟାଣରେ କିଛି ଚିହ୍ନବର୍ଣ୍ଣ ନ ଥିଲା । ତେଣୁ ଏକଥା ସ୍ପଷ୍ଟ ଯେ ମୁଁ ପ୍ରାର୍ଥନା କରିବାକୁ ସୁନ୍ଦରମ୍ ଯିବା ବେଳେ କବାଟରେ ବିଭୂତି ସୃଷ୍ଟି ହୋଇଥିଲା ।

ରେମାଙ୍କର ମଧୁମେହ ଥିଲା ଏବଂ ଶର୍କରା ସ୍ତର ଉଚ୍ଚ ଥିବାରୁ ସେ ଇନ୍‌ସୁଲିନ୍ ନେଉଥିଲେ । ଦିନେ ଇନ୍‌ସୁଲିନ୍ ନେବାକୁ ଯିବାବେଳେ ସେ ବ୍ୟବହାର କରୁଥିବା ଇନ୍‌ସୁଲିନ୍ ପେନ୍‌ରେ ବିଭୂତି ଲାଗିଥିବାର ଦେଖିଲେ । ସେହିଦିନଠାରୁ ତାଙ୍କର ଶର୍କରା ସ୍ତର କମିବାକୁ ଲାଗିଲା ଏବଂ ଆଉ ଇନ୍‌ସୁଲିନ୍ ଦରକାର ହେଲା ନାହିଁ । ଜଣେ ମଧୁମେହ ବିଶେଷଜ୍ଞ ଭାବରେ ମୁଁ ଏହା କିପରି ସମ୍ଭବ ବୋଲି ବୁଝାଇ ପାରିବି ନାହିଁ ।

ଆମ ଘରେ ସ୍ୱାମୀଙ୍କ ଚୌକି ଓ ପାଦାସନରେ, ସ୍ୱାମୀଙ୍କ ଛବିରେ, ମୁଁ ପଢୁଥିବା ବେଦ ବହିରେ, ରେମାଙ୍କ ଡାଏରୀରେ ଏବଂ ଅନ୍ୟ ସ୍ଥାନରେ ବିଭୂତି ସୃଷ୍ଟିର ଘଟଣାମାନ ହୋଇଛି ଏବଂ ପ୍ରତ୍ୟେକଟି ଆମ ଜୀବନର କୌଣସି ଏକ ଘଟଣା ସହ ସମ୍ପୃକ୍ତ ।

ଏପରି ଦୃଷ୍ଟାନ୍ତ ଅଛି ଯେତେବେଳେ ତାଙ୍କର ଯନ୍ତ୍ରଣା ହୋଇଛି ଏବଂ ଆମେ ପ୍ରାର୍ଥନା କରିବା ପରେ ଯନ୍ତ୍ରଣା ବିନା ଔଷଧରେ ଅଲୌକିକ ଭାବେ ଦୂରେଇ ଯାଇଛି । କର୍କଟ ଆରମ୍ଭ ହେବାର ପ୍ରାୟ ତିନିବର୍ଷ ପରେ, ଅର୍ଥାତ୍ ୨୦୧୦ ଶେଷ ଓ ୨୦୧୧ ଆରମ୍ଭରେ ଏକଥା ସ୍ପଷ୍ଟ ହୋଇଗଲା ଯେ ଶେଷ ସମୟ ପାଖେଇ ଆସୁଛି । ଶେଷ ପର୍ଯ୍ୟନ୍ତ ରେମା ହସହସ ଥିଲେ ଏବଂ କୌଣସି ପ୍ରକାରେ ନିରାଶ ବା ବିବ୍ରତ ନ ହୋଇ ତାଙ୍କ କାମ କରୁଥିଲେ । ମୁଁ କହିଛି ଯେ ସ୍ୱାମୀ ରେମାଙ୍କୁ ପାଞ୍ଚ ବର୍ଷ ଯଥେଷ୍ଟ କି ବୋଲି ପଚାରିଥିଲେ ଏବଂ ସେ ତାଙ୍କର ଅନେକଗୁଡ଼ିଏ ଅପୂର୍ଣ୍ଣ ଅଭିଳାଷ, ଯଥା - ଆମ ଝିଅ ପାଠପଢ଼ା ଶେଷ କରି ବାହା ହୋଇ ସନ୍ତାନ ଜନ୍ମ କରିବା ପାଇଁ କିଛି ଅଧିକ ସମୟ ପ୍ରାର୍ଥନା କରିଥିଲେ । ଅବଶ୍ୟ ସ୍ୱାମୀ ଉଲ୍ଲେଖ କରିଥିବା ପାଞ୍ଚବର୍ଷ ଶେଷ ବେଳକୁ ଏସବୁ ହୋଇଯାଇଥିଲା । ମୋ ଝିଅ ଏମ୍‌ବିବିଏସ୍ ଓ ଏମ୍‌ଡ଼ି ଉପାଧି ପାଇ ଡାକ୍ତର ହୋଇସାରିଥିଲା, ବାହା ହୋଇସାରିଥିଲା ଏବଂ ଆମର ନାତି ଜନ୍ମ ହୋଇଥିଲା । ସ୍ୱାମୀ ଏସବୁକୁ ଠିକ୍ ଭାବରେ ଯୋଜନା କରିଥିଲେ ଏବଂ ଆମ ପାଇଁ ବିସ୍ମୟର କଥା ଯେ ସେ ୫ ବର୍ଷ ଯଥେଷ୍ଟ କି ବୋଲି ପଚାରିବା ବେଳେ ସେ ଅଧିକ ସମୟ ମାଗିବାରୁ ଆଉ ଦୁଇବର୍ଷ ଆୟୁ ଦେଇଥିଲେ । ସେ ମଧ୍ୟ ୧୯୯୪ରେ ରୋଗ ଆରମ୍ଭ ହେବାବେଳେ ସେ ବହୁବର୍ଷ ବଞ୍ଚିବେ ବୋଲି କହି ତାଙ୍କର ପ୍ରତିଶ୍ରୁତି ରକ୍ଷା କରିଥିଲେ । କର୍କଟ ଦେଖା ଦେବା ପରେ ୧୭ ବର୍ଷ ପର୍ଯ୍ୟନ୍ତ ସେ ବଞ୍ଚିଥିଲେ । କର୍କଟ ଆରମ୍ଭ ହେବାବେଳେ ଆମ ଝିଅ ଅଞ୍ଜନା ୧୩ ବର୍ଷର ହୋଇଥିଲା ଏବଂ ଆମେ ଆମ ଚିକିତ୍ସା ବୃତ୍ତିର ପ୍ରାଥମିକ ସ୍ତରରେ ଥିଲୁ । ତାଙ୍କର ମୃତ୍ୟୁ ବେଳକୁ ଝିଅକୁ ୩୦ ବର୍ଷ ହୋଇଯାଇଥିଲା । ସେ ଗୋଟିଏ ସ୍ନେହଶୀଳ

ବ୍ୟକ୍ତିକୁ ବିବାହ କରି ଗୁଲୁଗୁଲିଆ ପୁଅଟିଏ ପାଇଥିଲା ଏବଂ ଆମ ଅନୁଷ୍ଠାନଗୁଡ଼ିକର ପ୍ରଶାସନ ସକାଶେ ରେମାଙ୍କ ଦ୍ୱାରା ସୁପ୍ରଶିକ୍ଷିତ ହୋଇଯାଇଥିଲା । ତେଣୁ ପଛ କଥା ମନେ ପକାଇଲେ ଲାଗୁଛି ଯେ ବିପଦ ବେଳେ ବି ସ୍ୱାମୀ ଆମ ଜୀବନର ପ୍ରତିଟି ପଦକ୍ଷେପରେ ଦିଗ୍‌ଦର୍ଶନ ଦେଇଥିଲେ । ଆମେ ସ୍ୱାମୀଙ୍କର ମହାନତା ଓ ଆମ ପ୍ରତି ଅସୀମ କୃପା ପାଇଁ କିପରି ଧନ୍ୟବାଦ ଦେଇପାରିବୁ ?

ମୁଁ ମଧ୍ୟ ଉଲ୍ଲେଖ କରିଛି ଯେ ପ୍ରାୟ ଏକା ସମୟରେ ମୋ ପତ୍ନୀ ଓ ଝିଅ ଦୁଇଟି ସ୍ୱପ୍ନ ଦେଖିଥିଲେ । ମୋ ଝିଅର ସ୍ୱପ୍ନରେ ସ୍ୱାମୀ ଦେଖାଦେଇ ସେ କଷ୍ଟକର ସମୟରେ ଗତି କରୁଛି ବୋଲି କହିଥିଲେ । ସ୍ୱପ୍ନରେ ସେ ସ୍ୱାମୀଙ୍କୁ ପଚାରିଲା, "ସ୍ୱାମୀ, ଆପଣ ମୋତେ ସାହାଯ୍ୟ କରିବେ କି ?" ଆଉ ସ୍ୱାମୀ କହିଲେ, "ହଁ, ମୁଁ ପ୍ରତ୍ୟେକ ସ୍ତରରେ ରହିବି, କିନ୍ତୁ ତୋତେ ଏହି କଷ୍ଟକର ସମୟ ଦେଇ ଗତି କରିବାକୁ ପଡ଼ିବ ।" ମୋ ଝିଅର ସ୍ୱପ୍ନର ପ୍ରକୃତ ତାତ୍ପର୍ଯ୍ୟ ତାର ଗର୍ଭାବସ୍ଥା ସମୟରେ ରେମାଙ୍କର ରୋଗ ଫେରିବା ବେଳେ ଜଣା ପଡ଼ିଥିଲା ।

ମୁଁ କହିଛି ଯେ ରେମାଙ୍କ ଜୀବନର ଶେଷ ଦୁଇ ବର୍ଷ ଅତି କଷ୍ଟକର ସମୟ ଥିଲା । ଏଠାରେ ବି ସ୍ୱାମୀଙ୍କ ସହ ଏକ ସମ୍ପର୍କ ଅଛି । ଗୋଟିଏ ସ୍ୱପ୍ନରେ ରେମା ସ୍ୱାମୀଙ୍କୁ ପଚାରିଲେ, "ସ୍ୱାମୀ, ଦୟାକରି ମୋତେ ମୋକ୍ଷ ଦିଅନ୍ତୁ ।" ମୋକ୍ଷ ଅର୍ଥ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି । ସ୍ୱାମୀ ତାଙ୍କୁ ପଚାରିଲେ, "ଝିଅ, ମୋକ୍ଷ କ'ଣ ଓ ସେଥିରେ କ'ଣ ହୁଏ ତୁ ଜାଣିଛୁ ? ତୁ ମୋକ୍ଷ ପାଇବାକୁ ହେଲେ ତୋତେ ସବୁ ପ୍ରାରବ୍ଧ କର୍ମରୁ ମୁକ୍ତ ହେବାକୁ ପଡ଼ିବ ଏବଂ ଏଥିପାଇଁ ମୋତେ ଓଦା ଗାମୁଛାକୁ ଚିପୁଡ଼ିବା ପରି ତୋତେ ଚିପୁଡ଼ିବାକୁ ହେବ । ଏହା ଅତି ଯନ୍ତ୍ରଣାଦାୟକ ପ୍ରକ୍ରିୟା ହୋଇପାରେ । ତୁ ଏଥିପାଇଁ ପ୍ରକୃତରେ ପ୍ରସ୍ତୁତ ଅଛୁ କି ?" ରେମା ଉତ୍ତର ଦେଲେ, "ହଁ ସ୍ୱାମୀ, ମୁଁ ମୋ କର୍ମରୁ ମୁକ୍ତ ହେବାକୁ ଚାହୁଁଛି; କଷ୍ଟ ହେଲେ କିଛି ଯାଏ ଆସେ ନାହିଁ ।" ଏହିପରି ଭାବରେ ସ୍ୱାମୀ ତାଙ୍କୁ ବଢ଼ାଇ ଦେଇଥିବା ଜୀବନର ଶେଷ ଦୁଇବର୍ଷ କେବଳ ତାଙ୍କ ପାଇଁ ନୁହେଁ, ଆମ ସମସ୍ତଙ୍କ ପାଇଁ କଷ୍ଟକର ଥିଲା । ତାଙ୍କ ପାଇଁ ସେ ଟିକିଏ କଷ୍ଟ ଭୋଗୁଥିଲେ । ଅବଶ୍ୟ ସେ ଏସବୁକୁ ବଡ଼ ସହିଷ୍ଣୁତା ଓ ସାହସର ସହ ସହନ କରିଥିଲେ, କାରଣ ସେ ନିଜକୁ କହୁଥିଲେ ଯେ ମୋକ୍ଷ ଲାଭ କରିବାକୁ ହେଲେ ତାଙ୍କୁ ଏହି କର୍ମଫଳ ଭୋଗିବାକୁ ହେବ ।

ପ୍ରାୟ ସେହି ସମୟରେ ନିଜ ମାଆର ସେବା ଓ ପୁଅର ଯତ୍ନ ନେବା ପାଇଁ ନିଜର କାମ ଓ ବସ୍ତୁତଃ ଜୀବନର ସବୁକିଛି ତ୍ୟାଗ କରିଥିବା ଆମ ଝିଅ ସ୍ୱାମୀଙ୍କ ଉପରେ ଖୁବ୍ କ୍ରୁଦ୍ଧ ହୋଇଥିଲା । ମାଆର ନିତିଦିନିଆ କଷ୍ଟ ଦେଖି ଓ ତାକୁ ସହି ନ ପାରି ସେ ସ୍ୱାମୀଙ୍କୁ

କହୁଥାଏ "ଆପଣ କି ଭଗବାନ? ମୋ ମାଆ ଅତି ଧର୍ମପରାୟଣା ମହିଳା । ସେ ତା ଜୀବନସାରା ଭଲ କାମ କରିଛି । ସେ ସବୁବେଳେ ସମସ୍ତଙ୍କୁ ସାହାଯ୍ୟ କରିଛି । ତାକୁ କାହିଁକି ଏପରି କଷ୍ଟ ଦିଆଯାଉଛି । ଆପଣ ତାକୁ କାହିଁକି ଏତେ କଷ୍ଟ ଦେଉଛନ୍ତି ? ଆପଣଙ୍କର ଦୟା ନାହିଁ କି ?" ସ୍ୱାମୀ ତା ସ୍ୱପ୍ନରେ ଆସି କହିଲେ, "ମା, ତୁ କାହିଁକି ମୋତେ ଏପରି ଗାଳି ଦେଉଛୁ ? ଏହା ତୋ ମାଆର ପସନ୍ଦ, ମୋର ନୁହେଁ । ସେ ମୋକ୍ଷ ଚାହିଁଲା । ଏହା କଷ୍ଟକର ହେବ ବୋଲି ମୁଁ ତାକୁ ସତର୍କ କଲି, କିନ୍ତୁ ସେ ସାହସର ସହ ଏହି ମାର୍ଗ ଚୟନ କଲା । ତେଣୁ ମୋର ଦୋଷ କାହିଁ? ମୋତେ ଗାଳି ଦେବା ଆଗରୁ ତୋ ମାଆକୁ ପଚାର ।"

ପରଦିନ ସକାଳେ ଅବିଶ୍ୱାସୀ ଅଞ୍ଜୁ ରେମାଙ୍କ ପାଖକୁ ଯାଇ ପଚାରିଲା, "ଆମ୍ମା, ତୁମେ ସ୍ୱାମୀଙ୍କୁ ମୋକ୍ଷ ମାଗିଥିଲ କି ? ଏଥିରେ ବହୁତ କଷ୍ଟ ଅଛି ବୋଲି ସେ କହିଲେ ଏବଂ ତୁମେ ସମ୍ମତ ହେଲ କି ?" ରେମା ଉତ୍ତର ଦେଲେ, "ହଁ ଅଞ୍ଜୁ, ସେ କହିଥିଲେ ଓ ମୁଁ ମୋକ୍ଷ ଚାହିଁଥିଲି ।" ଅଞ୍ଜୁ କହିଲା, "କିନ୍ତୁ ମା ତାହା ପାଗଳାମି ! ତୁମେ କାହିଁକି ତାହା କଲ ? ମୁଁ ହୋଇଥିଲେ ସ୍ୱାମୀଙ୍କୁ କହିଥାନ୍ତି ମୁଁ ଶହେଥର ଜନ୍ମ ହେବାକୁ ରାଜି ଅଛି, କିନ୍ତୁ ଏବେ ମୋତେ ଶାନ୍ତି ଦିଅ ।" ରେମା ଶାନ୍ତ ଭାବରେ କହିଲେ, "ମାଆ, ମୁଁ ଆଉ ଜନ୍ମ ହେବାକୁ ଚାହୁଁନାହିଁ । ମୁଁ ଏବେ କଷ୍ଟ ଭୋଗିବାକୁ କିଛି ମନେ କରୁନାହିଁ । ଏହା ମୋର ପସନ୍ଦ । ଏହା ତୋ ପାଇଁ କଷ୍ଟ ବୋଲି ମୁଁ ଜାଣେ, କିନ୍ତୁ ତୁ ବୁଝିବା ଦରକାର ଯେ ପ୍ରକୃତରେ କାହାକୁ ଭଲ ପାଇବାରେ ତାର ପସନ୍ଦ ଓ ନିଷ୍ପତ୍ତିକୁ ଗ୍ରହଣ କରିବା ଅନ୍ତର୍ଭୁକ୍ତ ।"

ପରବର୍ତ୍ତୀ ଅଧ୍ୟାୟରେ ମୁଁ ରେମାଙ୍କ ମୃତ୍ୟୁ ସମୟରେ ହୋଇଥିବା କେତେକ ଚମତ୍କାର କଥା ବର୍ଣ୍ଣନା କରିବି ।

ଓଁ ଜୟ ସାଇରାମ !

> *"ତୁମେ ଯଦି ଦେହ ସ୍ତରରେ ବଞ୍ଚିବାକୁ ଚାହଁ ତେବେ ତୁମେ ଖାଦ୍ୟ, ଆମୋଦପ୍ରମୋଦ, ସହଜତା, ଈର୍ଷା ଓ ଗର୍ବରେ ଛନ୍ଦି ହେବ । ଏହାକୁ ଭୁଲିଯାଅ, ଏହାର ଉପେକ୍ଷା କର, ଏହାକୁ ଅତିକ୍ରମ କର - ତୁମେ ଶାନ୍ତି, ଆନନ୍ଦ ଓ ସ୍ନିଗ୍ଧତା ପାଇବ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା,*
> *ଦିବ୍ୟ ସମ୍ଭାଷଣ : ଏକାଦଶ ଭାଗ*

ଅଧ୍ୟାୟ : ୧୬

ଭଗବାନଙ୍କର ବିଳମ୍ବ ପ୍ରତ୍ୟାଖ୍ୟାନ ନୁହେଁ

'ଥରେ ସ୍ୱାମୀ ଏକ ପ୍ରତିଶ୍ରୁତି ଦେଲେ ଅର୍ଥ ସେ ଯେ କୌଣସି ପରିସ୍ଥିତିରେ ତାହା ନିଶ୍ଚୟ ପୂରଣ କରିବେ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ, ୨୦୦୨

ସାଇଭକ୍ତ ହେବାରେ ମୋର କିଛି ଦୁଃଖ ଅଛି କି ବୋଲି ମୋତେ ବହୁଧା ପ୍ରଶ୍ନ କରାଯାଏ । ମୋର ଏକମାତ୍ର ଦୁଃଖ ହେଉଛି ଯେ ମୁଁ ଆଗରୁ ସ୍ୱାମୀଙ୍କ ବେଷ୍ଟନୀକୁ ଆସିପାରିଲି ନାହିଁ । ମୁଁ ଉଲ୍ଲେଖ କରିଛି ଯେ ମୁଁ ୧୯୯୨ରେ ସ୍ୱାମୀଙ୍କ ଶାରୀରିକ ରୂପ ଆଡ଼କୁ ପ୍ରଥମ ପଦକ୍ଷେପ ନେଇଥିଲି । ତାହା ବହୁତ ଆଗରୁ ହୋଇଥିଲେ ଭଲ ହୋଇଥାନ୍ତା, ଯଦ୍ୱାରା ମୁଁ ଓ ମୋ ପରିବାର ଆହୁରି ଅଧିକ ବର୍ଷ ସ୍ୱାମୀଙ୍କ ନିକଟ ସାନ୍ନିଧ ଲାଭ କରିପାରିଥାନ୍ତୁ, ଅବଶ୍ୟ ସ୍ୱାମୀ ଡାକିଲେ ହିଁ ଆମେ ପାଦ ପକାଇ ପାରିବୁ । ଅନ୍ୟ ଏକ ଦୁଃଖ ହେଉଛି ଯେ ମୁଁ ସ୍ୱାମୀଙ୍କ ସଂଗଠନ ଓ ନ୍ୟାସ ସହ ବହୁ ବିଳମ୍ବରେ ସମ୍ପୃକ୍ତ ହେଲି । ୨୦୦୫ରେ ହିଁ ମୁଁ ଜଣେ ନ୍ୟାସୀ ହେଲି ଏବଂ ୨୦୦୭ରେ ତାମିଲନାଡୁ ସତ୍ୟସାଇ ନ୍ୟାସର ଆବାହକ ହେଲି । ମୁଁ ସତ୍ୟସାଇ ନ୍ୟାସର ଦାୟିତ୍ୱ ନେବା ପରେ ଦୁର୍ଭାଗ୍ୟକୁ ସ୍ୱାମୀ ଆଉ ଚେନ୍ନାଇ ଆସିଲେ ନାହିଁ; ତାଙ୍କର ଚେନ୍ନାଇକୁ ଶେଷ ଗସ୍ତ ଥିଲା ଜାନୁଯାରୀ ୨୦୦୭ରେ ଏବଂ ସେତେବେଳେ ଶ୍ରୀ ଜି.କେ. ରମଣ ଆବାହକ ଥିଲେ । ସତ୍ୟସାଇ ନ୍ୟାସ, ତାମିଲନାଡୁର ଆବାହକ ଭାବରେ ମୁଁ ତାଙ୍କୁ ଥରେ ମାତ୍ର ୨୦୦୯ରେ ତାଙ୍କର କୋଡ଼ାଇକାନାଲ ଗସ୍ତ ବେଳେ ସ୍ୱାଗତ କରିପାରିଥିଲି । ସେହି ଅଳ୍ପଦିନଗୁଡ଼ିକ ମୋ ଜୀବନର ସବୁଠାରୁ ସ୍ମରଣୀୟ ସମୟ ଥିଲା । ପ୍ରାୟ ଦିନସାରା ମୁଁ ସ୍ୱାମୀଙ୍କ ସହ ଅତିବାହିତ କରିଥିଲି ଏବଂ ସ୍ୱାମୀଙ୍କ ଦିବ୍ୟ ଉପସ୍ଥିତିରେ ଭୋଜନ ମଧ୍ୟ କରିଥିଲି । ସେହି ଦିନଗୁଡ଼ିକୁ ଭୁଲିଯିବା ମୋ ପକ୍ଷରେ ଅସମ୍ଭବ; ଏହି ସ୍ମୃତିକୁ ମୁଁ ମୋର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମନେ ରଖିବି ।

ସ୍ୱାମୀ କୋଡ଼ାଇକାନାଲ ଆସିବାବେଳେ କେତେକ ବରିଷ୍ଠ କର୍ମକର୍ତ୍ତା ଓ ତାଙ୍କର ପୁରୁଣା ଭକ୍ତମାନଙ୍କ ଘରକୁ ଯିବାର ପରମ୍ପରା ଥିଲା । ସେ କୋଡ଼ାଇକାନାଲ ଆସିବା

ବେଳେ ଆମ ଘରକୁ ଆସି ପାରନ୍ତି ଭାବି ଆମେ ସେଠାରେ, ଗୋଟିଏ ଘର କିଣିଥିଲୁ । ଆମେ ଯଥୋପଯୁକ୍ତ ଭାବରେ ତାହାର ନାମ 'ସାଇ ଦର୍ଶନ' ରଖିଥିଲୁ । ଅସୁସ୍ଥ ଥିଲେ ବି ରେମା ସେ ବର୍ଷ କୋଡ଼ାଇକାନାଲ ଆସିବାକୁ ଚେଷ୍ଟା କଲେ । ଆମେ ମଧ୍ୟ ସ୍ୱାମୀଙ୍କ ଆଗମନ ପାଇଁ ଘରଟିକୁ ମରାମତି କରି ଗୋଟିଏ ଗଡ଼ାଣିଆ ଚଟାଣ ତିଆରି କଲୁ, ଯଦ୍ୱାରା ସ୍ୱାମୀ ତାଙ୍କର ଚକଲଗା ଚୌକି ବ୍ୟବହାର କରିପାରିବେ । ସ୍ୱାମୀ ଓ ତାଙ୍କର ଅତିଥିମାନଙ୍କ ପାଇଁ ରାନ୍ଧିବାକୁ ଆମେ ଚେନ୍ନାଇରୁ ଜଣେ ରୋଷଇଆ ଆଣିଥିଲୁ ଏବଂ ସ୍ୱାମୀଙ୍କ ଆଗମନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରିଥିଲୁ । ସର୍ବଭାରତୀୟ ସଭାପତି ତଥା ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ସଦସ୍ୟ ସ୍ୱର୍ଗତ ଭି. ଶ୍ରୀନିବାସନ୍‌ଙ୍କ ଅନୁମତି ନେଇ ମୁଁ ଦିନେ ସ୍ୱାମୀଙ୍କୁ ଭେଟି ଆମ ଘରକୁ ଆସିବା ପାଇଁ ଅନୁରୋଧ କଲି । ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କଲି, "ସ୍ୱାମୀ, ମୁଁ ଓ ମୋ ପତ୍ନୀ ଆମ ଘରେ ଆପଣଙ୍କ ପାଦ ପଡ଼ିବା ଚାହୁଁଛୁ ।" ସ୍ୱାମୀ ଶୁଣିଲେ, କିନ୍ତୁ କିଛି କହିଲେ ନାହିଁ । ମୁଁ ପୁଣି ଥରେ ଅନୁରୋଧ କରିବାରୁ ସେ କହିଲେ, "ମୁଁ ଆସିବି, କିନ୍ତୁ ଏବେ ନୁହେଁ ।" ମୁଁ ଖୁବ୍ ହତୋତ୍ସାହିତ ହୋଇ କ'ଣ କରିବି ବୋଲି ଶ୍ରୀନିବାସନ୍‌ଙ୍କୁ ପଚାରିଲି । ସେ ମୋତେ ଦିନେ ଅଧେ ଅପେକ୍ଷା କରି ପୁଣି ଥରେ ଅନୁରୋଧ କରିବାକୁ କହିଲେ । ତଦନୁସାରେ ମୁଁ ପୁଣି ସ୍ୱାମୀଙ୍କୁ ଭେଟି ଆମ ଘରକୁ ଆସିବାକୁ ଅନୁରୋଧ କଲି । ମୁଁ ମଧ୍ୟ କହିଲି, "ସ୍ୱାମୀ, କେବଳ ଆପଣଙ୍କୁ ସ୍ୱାଗତ କରିବା ପାଇଁ ଆମେ ଏହି ଘରଟିକୁ କିଣିଛୁ ଓ ଏହାର ନାମ 'ସାଇ ଦର୍ଶନ' ରଖିଛୁ । ମୁଁ ମଧ୍ୟ ସ୍ୱାମୀଙ୍କୁ ଭୋଜନ ପରଷିବା ପାଇଁ ରେମାଙ୍କର ହାର୍ଦ୍ଦିକ ଅଭିଳାଷ ବିଷୟରେ କହିଲି । ଏଥର ସ୍ୱାମୀ ହସିଦେଇ କହିଲେ, "ଭଲ କଥା । ମୁଁ ଭାରି ଖୁସି । କିନ୍ତୁ ମୁଁ ତୁମ ଚେନ୍ନାଇ ଘରକୁ ଆସିବି ଓ ସେଠାରେ ଭୋଜନ କରିବି । ଏ ଘରକୁ ଆସିବି ନାହିଁ ।"

ମୋର ଓ ମୋ ପତ୍ନୀଙ୍କର ହୃଦୟ ଭାଙ୍ଗିଗଲା, ଯେହେତୁ ସେ ସ୍ୱାମୀଙ୍କ ଆଗମନ ପାଇଁ ସବୁ ପ୍ରକାର ପ୍ରସ୍ତୁତି କରିଥିଲେ । ବର୍ଷକ ପରେ ସ୍ୱାମୀ ମୋତେ ଚେନ୍ନାଇ ଆସିବେ ବୋଲି କହିଲେ, କିନ୍ତୁ ତାଙ୍କର ଶାରୀରିକ ଅସୁସ୍ଥତା ଏହି ଆଗମନକୁ ସାକାର କଲା ନାହିଁ ।

ମାର୍ଚ୍ଚ ୨୦୧୧ରେ ରେମା ଦେହତ୍ୟାଗ କରିବାର ଦୁଇଦିନ ପୂର୍ବରୁ ସ୍ୱାମୀ ଚେନ୍ନାଇରେ ଆମ ଘର 'ସାଇ ଅନୁଗ୍ରହ'କୁ ଆସିବାର ଏକ ସ୍ୱପ୍ନ ଦେଖିଲି । ସ୍ୱପ୍ନରେ ସ୍ୱାମୀ ଆମ ଘରେ ସୋଫାରେ ବସିଥିଲେ ଏବଂ ମୁଁ ଓ ରେମା ଆଉ ଗୋଟିଏ ସୋଫାରେ ତାଙ୍କ ପାଖରେ ବସିଥିଲୁ । ସେତେବେଳେ ରେମା ବି ସ୍ୱପ୍ନରେ ଖୁବ୍ ଦୁର୍ବଳ ଥିଲେ ଏବଂ ଠିଆହେବା ବା ଚାଲିବା କଷ୍ଟକର ଥିଲା । ସ୍ୱପ୍ନରେ ମୁଁ ସ୍ୱାମୀଙ୍କୁ କହିଲି, "ସ୍ୱାମୀ, ଦେଖନ୍ତୁ, ରେମା କ'ଣ ହୋଇଯାଇଛନ୍ତି । ସେ ରୋଗ ଯୋଗୁଁ ଖୁବ୍ ଦୁର୍ବଳ ହୋଇ ପଡ଼ିଛନ୍ତି ।

ଏଥିରେ ସ୍ୱାମୀ ଯେଉଁ ଉତ୍ତର ଦେଲେ ତାହା ମୋତେ ବିସ୍ମିତ କରିଦେଲା । ସେ କହିଥିଲେ, "ଡାକ୍ତର, ତୁମେ କେଉଁ ରୋଗ କଥା କହୁଛ ? ରେମାଙ୍କର କିଛି ରୋଗ ନାହିଁ ।" ମୁଁ ଉତ୍ତର ଦେଲି, "ଆପଣ କ'ଣ କହୁଛନ୍ତି ସ୍ୱାମୀ ? ତାଙ୍କ ଆଡ଼କୁ ଚାହାନ୍ତୁ ! ସେ କେତେ ଦୁର୍ବଳ !" ସ୍ୱାମୀ ଉତ୍ତର ଦେଲେ, "ତୁମେ ଚାହଁ । ଦେଖ ସେ କମିତି ?" ମୁଁ ବୁଲିପଡ଼ି ରେମାଙ୍କୁ ଚାହିଁଲି ଏବଂ ତାଙ୍କଠାରେ ଏକ ରୂପାନ୍ତରଣ ଲକ୍ଷ୍ୟ କଲି । ତାଙ୍କର ସମ୍ପୂର୍ଣ୍ଣ ଶରୀର ଅପେକ୍ଷାକୃତ ଯୁବ ଓ ସୁସ୍ଥ ହୋଇଯାଇଥିଲା ଏବଂ ତାଙ୍କଠାରେ ରୋଗର କୌଣସି ଚିହ୍ନବର୍ଣ୍ଣ ନ ଥିଲା । ଏହି ସମୟରେ ରେମା ଉଠିପଡ଼ି କହିଲେ, "ଦେଖ ମୋହନ, ମୁଁ ପୂରାପୂରି ଠିକ୍ ଅଛି । ମୋର କିଛି ରୋଗ ନାହିଁ ।" ଏକଥା ଦେଖି ସ୍ୱାମୀ ହସିଲେ ଓ ମୋତେ କହିଲେ, "ତାର କୌଣସି ରୋଗ ନାହିଁ । ସେ ଅସୁସ୍ଥ ବୋଲି କେବଳ ତୁମେ ଭାବୁଛ । ମୋ ଦୃଷ୍ଟିରୁ ସେ ପୂରାପୂରି ସୁସ୍ଥ ।" ତାପରେ ମୁଁ ସ୍ୱାମୀଙ୍କୁ କହିଲି, "ସ୍ୱାମୀ, ଆପଣଙ୍କୁ ଧନ୍ୟବାଦ । ଆପଣଙ୍କର ପ୍ରେମ ଓ ଆଶୀର୍ବାଦ ପାଇଁ ମୁଁ ଆପଣଙ୍କୁ କିପରି ଧନ୍ୟବାଦ ଦେବି ଜାଣିପାରୁନାହିଁ । କିନ୍ତୁ ସ୍ୱାମୀ, ଆମର ଆଉ ଗୋଟିଏ ଅନୁରୋଧ ଅଛି । ରେମାଙ୍କର ଆପଣଙ୍କୁ ଭୋଜନ ଦେବାପାଇଁ ବଡ଼ ଆକାଂକ୍ଷା ଅଛି । ଆପଣ ତାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଭୋଜନ କରିବେ କି ?"

ସ୍ୱାମୀ ଉତ୍ତର ଦେଲେ, "ମୁଁ ତୁମ ଚେନ୍ନାଇ ଘରକୁ ଆସିବି ବୋଲି କୋଡ଼ାଇକାନାଲଠାରେ କହିଥିଲି । ମୁଁ କଥା ରଖି ଏବେ ତୁମ ଘରକୁ ଆସିଛି । ମୁଁ ରେମା ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଆସିଛି ।" ଏକଥା ଶୁଣି ରେମା ରୋଷେଇଘରକୁ ଧାଇଁଗଲେ ଏବଂ ଖାଦ୍ୟ ଆଣି ଡାଇନିଂ ଟେବୁଲ୍ ଉପରେ ରଖିଲେ । ତାପରେ ଆମେ ସ୍ୱାମୀଙ୍କୁ ଭୋଜନ କରିବାକୁ ଅନୁରୋଧ କଲୁ । ସ୍ୱାମୀ ଡାଇନିଂ ଟେବୁଲ୍ ପାଖକୁ ଗଲେ ଭୋଜନ କଲେ ଏବଂ ଭୋଜନ ଖୁବ୍ ସ୍ୱାଦିଷ୍ଟ ବୋଲି କହିଲେ । ସ୍ୱାମୀ ଘରକୁ ଆସିବା ବେଳେ ଭୋଜନ ଦେବାର ଦୀର୍ଘ ଦିନର ଅଭିଳାଷ ଥିବାରୁ ରେମା କାନ୍ଦି ପକାଇଲେ । ସେତିକିରେ ସ୍ୱାମୀ ଆମଠାରୁ ବିଦାୟ ନେଲେ ଓ ସ୍ୱପ୍ନ ଶେଷ ହୋଇଗଲା ।

ପରଦିନ ସକାଳେ ଖୁବ୍ ଉତ୍ତେଜନା ଥିଲା, ମୁଁ ରେମାଙ୍କୁ ଭେଟି ସମ୍ପୂର୍ଣ୍ଣ ସ୍ୱପ୍ନ ବିଷୟରେ କହିଲି । ରେମାଙ୍କର ଆଖି ଛଳଛଳ ହୋଇଗଲା ଏବଂ ତାଙ୍କ ମୁହଁରେ ମୁଁ ଏକ ଉଜ୍ଜ୍ୱଳତା ଲକ୍ଷ୍ୟ କଲି । ସେ ପୂର୍ଣ୍ଣ ଆନନ୍ଦରେ ଥିବା ପରି ମନେ ହେଲା । ତାଙ୍କ ଆଖିରୁ ଲୁହ ଝରାଇ ସେ କହିଲେ, "ମୋର ଆଉ କ'ଣ ଦରକାର ? ମୋର ଅନ୍ତିମ ଅଭିଳାଷ ପୂରଣ ହୋଇଛି ।"

ପ୍ରିୟ ପାଠକମାନେ, ଏକ ପୂର୍ବବର୍ତ୍ତୀ ଅଧ୍ୟାୟରେ 'ଭଗବାନଙ୍କ ସହ ସମ୍ପୃକ୍ତ ସ୍ୱପ୍ନ ସତ' ବୋଲି ମୁଁ ଲେଖିଥିଲି । ସ୍ୱାମୀ ଆମ ଚେନ୍ନାଇ ଘରକୁ ଆସିବେ ବୋଲି କହିବା

ବେଳେ ମୁଁ ତାହା ଆକ୍ଷରିକ ଦୃଷ୍ଟିରୁ ଗ୍ରହଣ କରିଥିଲି ଏବଂ ପ୍ରତ୍ୟେକ ଥର ସେ ଚେନ୍ନାଇ ଆସିବେ ବୋଲି କହିବା ବେଳେ ମୁଁ ତାହା ସଶରୀରରେ ହେବ ବୋଲି ଭାବୁଥିଲି । ମୁଁ ଭାବିନଥିଲି ଯେ ସ୍ୱାମୀ ଏପରି ଭାବରେ ଆମକୁ ଆଶୀର୍ବାଦ କରିବେ ଓ ରେମାଙ୍କର ଅନ୍ତିମ ଅଭିଳାଷ ପୂରଣ କରିବେ । ମୋତେ ଲାଗିଲା, ସତେ ଯେପରି ରେମା ତାଙ୍କର ମରଣଶରୀର ତ୍ୟାଗ କରିବା ପୂର୍ବରୁ ଏହି ଘଟଣାକୁ ଅପେକ୍ଷା କରି ରହିଥିଲେ ।

ପ୍ରିୟ ପାଠକମାନେ କଳ୍ପନା କରନ୍ତୁ - ଏହି ସ୍ୱପ୍ନ ଆମ ପାଇଁ, ବିଶେଷକରି ରେମାଙ୍କ ପାଇଁ କେତେ ତାତ୍ପର୍ଯ୍ୟପୂର୍ଣ୍ଣ । ସ୍ୱାମୀ ଯଦି ରେମାଙ୍କ ମୃତ୍ୟୁର କିଛିଦିନ ପରେ ମୋ ସ୍ୱପ୍ନରେ ଆସିଥାନ୍ତେ ମୁଁ ତାଙ୍କୁ ଏକଥା କହିପାରିନଥାନ୍ତି ଓ ତାଙ୍କର ଅଭିଳାଷ ଅସମ୍ପୂର୍ଣ୍ଣ ରହିଯାଇଥାନ୍ତା । ସ୍ୱାମୀଙ୍କ ସମୟ ଏପରି ଠିକ୍ ଯେ କେବଳ ତାଙ୍କ ପାଇଁ ଓ ତାଙ୍କ କାର୍ଯ୍ୟ ପାଇଁ ଆଚମ୍ୱିତ ହୋଇଥାଉ । ଭକ୍ତମାନଙ୍କୁ କେତେବେଳେ ଆଶୀର୍ବାଦ କରିବାକୁ ହେବ ତାହା ସ୍ୱାମୀ ଜାଣନ୍ତି ଏବଂ ସେ କେବେ ତାଙ୍କ ଭକ୍ତଙ୍କୁ ନିରାଶ କରନ୍ତି ନାହିଁ ।

ପ୍ରିୟତମ ସ୍ୱାମୀ, ଏହି ସ୍ୱପ୍ନ ଏବଂ ତୁମେ ରେମା ପାଇଁ ପଠାଇଥିବା ତୀର୍ଥ (ପର ଅଧ୍ୟାୟରେ ବର୍ଣ୍ଣିତ) ଥିଲା ତୁମେ ତାଙ୍କୁ ଦେଇଥିବା ବିଦାୟୀ ଉପହାର । ଆମେ ଜୀବନସାରା ତୁମର ଋଣୀ ହୋଇ ରହିବୁ ।

ଓଁ ଜୟ ସାଇରାମ !

"ମୁଁ ଭକ୍ତମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ସର୍ବଦା ପୂରଣ କରେ । ମୁଁ ଯାହା କିଛି କରେ ତାହା ମୋ ଭକ୍ତମାନଙ୍କ ଆନନ୍ଦ ନିମନ୍ତେ । ମୁଁ ନିଜ ପାଇଁ କିଛି ଚାହେଁ ନାହିଁ । ମୋର ନିଜର କିଛି କାମନା ନାହିଁ । ମୁଁ ଯେ କୌଣସି ପରିସ୍ଥିତିରେ ମୋର ପ୍ରତିଶ୍ରୁତି ରକ୍ଷା କରେ ଏବଂ କେବେ ଓହରିଯାଏ ନାହିଁ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ୩୫ତମ ଭାଗ

ଅଧ୍ୟାୟ : ୧୬

ମୃତ୍ୟୁ ଜୀବନର ଏକ ଘଟଣା ମାତ୍ର

'ମୃତ୍ୟୁ ଉପରେ ମନନ କର ନାହିଁ, ଏହା ଜୀବନର ଏକ ଘଟଣା ମାତ୍ର । ଭଗବାନଙ୍କ ଉପରେ ମନନ କର, ଯେ କି ସମସ୍ତ ଜୀବନର ପ୍ରଭୁ । ଜୀବନସାରା ତାଙ୍କ ବିଷୟରେ ସଚେତନ ରହ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ପଞ୍ଚମ ଭାଗ

୨୦୧୧ ଆରମ୍ଭ ସୁଦ୍ଧା ସ୍ପଷ୍ଟ ହୋଇଯାଇଥିଲା ଯେ ରେମାଙ୍କ ସ୍ୱାସ୍ଥ୍ୟ ଦ୍ରୁତଗତିରେ ହ୍ରାସ ପାଉଛି ଏବଂ ଆମେ ସମସ୍ତେ (ରେମାଙ୍କ ସମେତ) ଜାଣିଲୁ ଯେ ସେ ତାଙ୍କର ମରଶରୀର ତ୍ୟାଗ କରିବାର ସମୟ ଦୂର ନୁହେଁ । ଭବିଷ୍ୟତରେ କ'ଣ ଅଛି ନ ଜାଣି ମୁଁ କାମକୁ ଯାଉଥାଏ ଏବଂ ସବୁକିଛି ଅନିଶ୍ଚିତ ଲାଗୁଥାଏ ।

ଏବେ ମୁଁ ରେମାଙ୍କ ମୃତ୍ୟୁ ସମୟର କେତୋଟି ଘଟଣା ବର୍ଣ୍ଣନା କରିବି । ମୋ ଝିଅ ଏକମାତ୍ର ସନ୍ତାନ ସେ ରେମାଙ୍କ ପ୍ରତି ଖୁବ୍ ଆସକ୍ତ ଥିବାରୁ ପୂରାପୂରି ଭାଙ୍ଗିପଡ଼ିଥିଲା । ରେମାଙ୍କ ମୃତ୍ୟୁର ଅଳ୍ପ କେତେ ସପ୍ତାହ ପୂର୍ବରୁ ସେ ଦିନେ ଅପରାହ୍ଣରେ ଅଞ୍ଜୁକୁ ଡାକି କହିଲେ, 'ଝିଅ, ୧୭ ବର୍ଷ ତଳେ ମୋତେ କର୍କଟ ହୋଇଥିଲା, ସେଦିନରୁ ଆଜି ପର୍ଯ୍ୟନ୍ତ ମୁଁ ରୋଗ ସହ ଯୁଦ୍ଧ କରୁଛି, ସ୍ୱାମୀଙ୍କୁ ପ୍ରାର୍ଥନା କରୁଛି, ଏବଂ କେବଳ ତୋ ପାଇଁ ନିଜକୁ ଜୀବିତ ରଖିଛି । କିନ୍ତୁ ତୁ ଏବେ ସେହି ସ୍ତରରେ ପହଞ୍ଚିଲୁଣି, ଯେଉଁଠି ତୁ ନିଜ ଗୋଡ଼ରେ ଠିଆ ହୋଇପାରିବୁ, ତୁ ପ୍ରତିଦିନ ମୋର କଷ୍ଟ ଦେଖୁଛୁ ।' ଅଞ୍ଜୁ ତାଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲା । ରେମା କହିଲେ, "ଅଞ୍ଜୁ, ଏ ବିଷୟରେ ଚିନ୍ତା କର । ତୁ ଯଦି ପ୍ରକୃତରେ କାହାକୁ ଭଲ ପାଉଥାଉ ତେବେ ତୁ ତା ଦୃଷ୍ଟିକୋଣରୁ ଦେଖିବା ଉଚିତ ! ମୋତେ ଚାହାଁ ! ତୁ ମୋତେ କଷ୍ଟ ଓ ଯନ୍ତ୍ରଣାରେ ଦେଖୁଛୁ । ତୁ ମୋତେ ଏପରି ବଞ୍ଚିବା ପାଇଁ ଚାହୁଁଛୁ କି ? ତୁ ଯଦି ହଁ କହିବୁ ତେବେ ମୁଁ ଏହିପରି ରହିବି । କିନ୍ତୁ ତୁ ମୋତେ ଯିବାକୁ ଦେବା ଉଚିତ । ତାହେଲେ ହିଁ ମୁଁ ପୁଣି ଶାନ୍ତି ଓ ଆନନ୍ଦ ପାଇପାରିବି । ଏହା ତୋ ପାଇଁ ଏକ କଷ୍ଟକର ନିଷ୍ପତ୍ତି ବୋଲି ମୁଁ ଜାଣେ । ତେଣୁ ତୋର ସମୟ ନେ, କିନ୍ତୁ ଏ ବିଷୟରେ ଚିନ୍ତା କରି ମୋ ପାଖକୁ ଆସ । ମୁଁ କଥା ଦେଉଛି, ତୁ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ମୁଁ ଯିବି ନାହିଁ ।' ଏକଥା କହିବା ଅନାବଶ୍ୟକ ଯେ ସମ୍ପୂର୍ଣ୍ଣ ପରିବାର ହତୋତ୍ସାହିତ

ହୋଇଗଲା । ଅଞ୍ଜୁ ଅହରହ କାନ୍ଦୁଥାଏ, କିନ୍ତୁ ତା ଉପରେ ତାର ମାଆଙ୍କର କଥାର ଗଭୀର ପ୍ରଭାବ ପଡ଼ିଲା । ଏହି ଯନ୍ତ୍ରଣାର ସପ୍ତାହକ ପରେ ଅଞ୍ଜୁ ରେମାଙ୍କ ପାଖକୁ ଗଲା ଓ କହିଲା, "ଆମ୍ମା, ମୁଁ ପ୍ରସ୍ତୁତ ।" ରେମା ହସିଲେ ଓ କହିଲେ, "ଏବେ ମୁଁ ଶାନ୍ତିରେ ରହିପାରିବି । ଏହା ହିଁ ମୁଁ ବଢ଼ାଇଥିବା ସାହସୀ ଝିଅ ! ତୁ ତୋର କାନ୍ଦ ସାରିଛୁ । ଏବେଠାରୁ ମୁଁ ଆଉ ତୋତେ ଲୁହରେ ଦେଖିବାକୁ ଚାହୁଁନାହିଁ । ମନେରଖ ତୁ ଏହା କରୁଛୁ ଯଦ୍ଦ୍ୱାରା ତୋ ମାଆ ଖୁସି ହୋଇପାରିବ ! ଏହା ନିଃସ୍ୱାର୍ଥ ପ୍ରେମର ସାର । ମୁଁ ତୋ ପାଇଁ ଅତି ଗର୍ବିତ । ଏବେ ମୁଁ ଯିବା ପାଇଁ ପ୍ରସ୍ତୁତ । ସ୍ୱାମୀ ତୋର ଯତ୍ନ ନେବେ । ତୁ ଆଉ କାନ୍ଦିବୁ ନାହିଁ ବୋଲି କଥା ଦେ ।"

ଏହି କଥୋପକଥନର ଦୁଇ ସପ୍ତାହ ପରେ ରେମା ଦେହ ତ୍ୟାଗ କଲେ ଏବଂ ତାଙ୍କ କଥା ଅନୁସାରେ ମୋ ଝିଅ (ଅନ୍ତତଃ ସମସ୍ତଙ୍କ ଆଗରେ) ଲୁହ ଝରାଇଲା ନାହିଁ । ସେ ଦେହ ତ୍ୟାଗ କରିବାର ଦୁଇଦିନ ପୂର୍ବରୁ ମୋ ଝିଅ ମୋ ପାଖକୁ ଆସି କହିଲା, "ପାପା ! ମୁଁ ଭାବୁଛି ଶ୍ରୀ ଜି.କେ. ରମଣ ପୁଟ୍ଟପର୍ତ୍ତିରେ ଦେହତ୍ୟାଗ କରିବା ପୂର୍ବରୁ ଯେପରି ସ୍ୱାମୀଙ୍କଠାରୁ ତୀର୍ଥ ପାଇଥିଲେ ସେପରି ଆମ୍ମା ପାଆନ୍ତା କି ?" ସୁନ୍ଦରମ୍ ଫାଇନାନ୍ସର ଅଧ୍ୟକ୍ଷ ଶ୍ରୀ ଜି.କେ. ରମଣ ମୋ ପୂର୍ବରୁ ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡୁର ଆବାହକ ଥିଲେ । ସେ ପୁଟ୍ଟପର୍ତ୍ତିରେ ଦେହତ୍ୟାଗ କରିଥିଲେ ଏବଂ ମୃତ୍ୟୁ ସମୟରେ ସ୍ୱାମୀଙ୍କ ସ୍ୱହସ୍ତରୁ ତୀର୍ଥ ପାଇଥିଲେ । ମୋ ଝିଅର ଅନୁରୋଧର କି ଉତ୍ତର ଦେବି ତାହା ମୁଁ ଜାଣି ନ ଥିଲି, କାରଣ ସେ ସମୟରେ ସ୍ୱାମୀଙ୍କଠାରୁ ତୀର୍ଥ ପାଇବା ଅସମ୍ଭବ ମନେ ହୋଇଥିଲା ।

୨୫ ମାର୍ଚ୍ଚ ୨୦୧୧ରେ ରେମା ଦେହତ୍ୟାଗ କଲେ । ମୁଁ କାମକୁ ଯାଇଥିଲି ଏବଂ ଦିପହର ବେଳକୁ ଘରକୁ ଫେରି ଆସିବି ବୋଲି ରେମାଙ୍କୁ କହିଥିଲି । ପ୍ରାୟ ୧୧ଟା ବେଳେ ମୁଁ ଭଲ ଭାବରେ ଜାଣିଥିବା ଡଃ ଗୀତା ବଦ୍ରିନାଥ ମୋତେ ଫୋନ୍ କରି ସେ ମୋ ପାଖକୁ ଆସିପାରିବେ କି ବୋଲି ପଚାରିଲେ । ମୁଁ ବ୍ୟସ୍ତ ଅଛି ଏବଂ ତାଙ୍କୁ ଭେଟିବା ସମ୍ଭବ ହେବ ନାହିଁ ବୋଲି କହିଲି । ତାପରେ ସେ କହିଲେ, "ଏହା ସ୍ୱାମୀଙ୍କ ସହ ସମ୍ପୃକ୍ତ ବିଷୟ ଓ ଜରୁରୀ, ଆଉ ମୁଁ ବେଶି ସମୟ ନେବି ନାହିଁ । ମାତ୍ର ଦୁଇ ମିନିଟ୍ ସମୟ ଦେଲେ ମୁଁ ଆସି ଆପଣଙ୍କୁ କିଛି ଦେଇଯିବି ।" ସେ ସ୍ୱାମୀଙ୍କ ନାମ ନେବାରୁ ମୁଁ 'ହଁ, ଶୀଘ୍ର ଆସନ୍ତୁ, କାରଣ ମୁଁ ତାପରେ ଚାଲିଯିବି' ବୋଲି କହିଲି । ଅଳ୍ପ କେତେ ମିନିଟ ଭିତରେ ସେ ମୋ କେନ୍ଦ୍ରରେ ପହଞ୍ଚିଲେ ଏବଂ ବିସ୍ମୟର କଥା ସେ ମୋତେ ତୀର୍ଥମ୍ ଦେଲେ । ଏହି ତୀର୍ଥ, ଶିରିଡ଼ିର ଅଭିଷେକ ଜଳ ବୋଲି କହିବା ବେଳେ ମୁଁ ସ୍ତମ୍ଭୀଭୂତ ହୋଇଗଲି ଯାହା ସେ ପୂର୍ବଦିନ ଆଣି ଆସିଥିଲେ । ସେ ତାକୁ ପୂଜାଘରେ ଘରେ ରଖି

ଶୋଇବାକୁ ଯାଇଥିଲେ । ଭୋର ବେଳେ ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ସ୍ୱପ୍ନରେ ଆସି କହିଲେ, "ଏ ତୀର୍ଥ କାହା ପାଇଁ ତୁମେ ଜାଣିଛ କି ? ତୁମେ ଏହା ଡଃ ମୋହନ୍‌ଙ୍କୁ ଦେବ । ତାଙ୍କ ଘରେ ଜଣେ ଅସୁସ୍ଥ ଅଛି । କିଏ ଅସୁସ୍ଥ ବୋଲି ତାଙ୍କୁ ପଚାରିବ ନାହିଁ । ଖାଲି ଯାଇ ଏହା ତାଙ୍କୁ ଦେଇଦେବ ଏବଂ ସ୍ୱାମୀ ଏହି ତୀର୍ଥ ତାଙ୍କ ଘରେ ଅସୁସ୍ଥ ଥିବା ଲୋକକୁ ଦେବା ପାଇଁ କହିଛନ୍ତି ବୋଲି କହିବ ।" ସ୍ୱାମୀ ମଧ୍ୟ 'ଶୀଘ୍ର ଯାଅ' ବୋଲି କହିଥିଲେ । ସେ ଏହା ତିନିଥର କହିଥିଲେ, ସେଥିପାଇଁ ସେ (୧) କାହା ହାତରେ ନ ପଠାଇ ନିଜେ ଆସିଥିଲେ ଏବଂ (୨) ସ୍ୱାମୀ 'ଶୀଘ୍ର' ଶବ୍ଦ ଉଚ୍ଚାରଣ କରିଥିବାରୁ ସେ ମୋତେ ତତ୍‌କ୍ଷଣାତ୍ ଭେଟିବାକୁ ଚାହିଁଥିଲେ ।

ମୁଁ ଅତି ଆନନ୍ଦିତ ହୋଇ ତାଙ୍କୁ ଧନ୍ୟବାଦ ଦେଲି, କିନ୍ତୁ ମୋ ପତ୍ନୀ ବା ତାଙ୍କ ଅସୁସ୍ଥତା ବିଷୟରେ କିଛି କହିଲି ନାହିଁ । ତାପରେ ସେ ମୋତେ ଶିରଡ଼ିରୁ ଆଣିଥିବା ରେଶମୀ ଚାଦର ଦେଇ ଆହୁରି ବିସ୍ମିତ କରିଦେଲେ । ତାହା ଶିରିଡ଼ିରେ ବାବାଙ୍କ ଦେହରେ ପକାଯାଇଥିଲା । ଏହି ଦୁଇଟି ଧନ ଧରି ମୁଁ ଘରକୁ ଆସିଲି ଏବଂ ପ୍ରଥମେ ମୋ ଝିଅକୁ ଦେଖାଇଲି । ମୋ ଝିଅ ଖୁସି ହେଲା ଯେ ସ୍ୱାମୀଙ୍କଠାରୁ ତୀର୍ଥ ପାଇଁ ତାର ଅନୁରୋଧ ଏପରି ପ୍ରେମପୂର୍ଣ୍ଣ ଭାବରେ ପୂରଣ ହେଲା । ଆମେ ପ୍ରାୟ ଘ. ୪.୩୦ରେ ରେମାଙ୍କୁ ତୀର୍ଥ ଦେଲୁ ଏବଂ ଏହା ସ୍ୱାମୀଙ୍କଠାରୁ ଆସିଛି ବୋଲି ମୁଁ କହିଲି । ଏକଥା ଶୁଣି ସେ ଖୁବ୍ ଖୁସି ହୋଇ କହିଲେ, "ମୋର ଆଉ କ'ଣ ଦରକାର ? ସ୍ୱାମୀଙ୍କଠାରୁ ଯାହା ଦରକାର ପାଇଛି ।" ସେଦିନ ରାତି ନଅଟା ବେଳେ ରେମା ସବୁ ଆତ୍ମୀୟସ୍ୱଜନଙ୍କ ଆଗରେ ଶାନ୍ତିରେ ଦେହତ୍ୟାଗ କଲେ । ମୁଁ ଏକଥା ମଧ୍ୟ ଯୋଗ କରିବି ଯେ ଠିକ୍ ଏହି ତାରିଖ ଓ ସମୟରେ ଆମର ପ୍ରିୟ ସ୍ୱାମୀ ପୁଟ୍ଟପର୍ତ୍ତିରେ ତାଙ୍କର ଶାରୀରିକ ରୂପରେ ଶେଷ ଦର୍ଶନ ସମାପ୍ତ କରିଥିଲେ ।

ଆମେ ହେଉଛୁ ମାଲୟାଲୀ ନାୟର ଏବଂ ଆମର ପରମ୍ପରା ହେଉଛି ପରିବାରରେ କେହି ମରିଗଲେ ଅନ୍ତ୍ୟେଷ୍ଟିକ୍ରିୟା ବେଳେ ତାଙ୍କ ଶରୀରକୁ ଲାଲ୍ ରେଶମୀ କପଡ଼ାରେ ଆଚ୍ଛାଦିତ କରିବା । ସ୍ୱାମୀ ରେମାଙ୍କ ପାଇଁ ପଠାଇଥିବା ଲାଲ୍ ରେଶମୀ କପଡ଼ା ଦେଖି ଆମର ବିସ୍ମୟ ଓ ଆନନ୍ଦ ଆପଣମାନେ କଳ୍ପନା କରିପାରୁଥିବେ ! ପରଦିନ ଦାହ ପାଇଁ ଆମେ ଶିରିଡ଼ିରୁ ଆସିଥିବା ରେଶମୀ କପଡ଼ା ରେମାଙ୍କ ଉପରେ ଘୋଡ଼ାଇ ଦେଲୁ । ଶିରଡ଼ି ବାବା ଓ ସତ୍ୟସାଇ ବାବାଙ୍କର ଏହି ଦ୍ୱିଗୁଣ ଆଶୀର୍ବାଦ ଏକତ୍ର ଘଟିବାର ଏହି ବିସ୍ମୟକର ଚମତ୍କାର ଯୋଗୁଁ ଆମେ ଧନ୍ୟ ହେଲୁ । ତାହା ରେମାଙ୍କ ମୃତ୍ୟୁକୁ ଶାନ୍ତିପୂର୍ଣ୍ଣ ଓ ଗୌରବମୟ କରିଥିଲା ।

ମୁଁ ପୂର୍ବର ଏକ ଅଧ୍ୟାୟରେ କହିଛି ଯେ ଆମେ ସବୁ ଆୟାପ୍ପାଙ୍କ ଭକ୍ତ ଥିଲୁ ଏବଂ ସ୍ୱାମୀ କିପରି ଆୟାପ୍ପା ଓ ଗୁରୁବାୟୁରାପ୍ପା ବୋଲି ପ୍ରମାଣିତ କରିଥିଲେ ତାହା ମୁଁ ଏକାଦଶ ଅଧ୍ୟାୟରେ ଦେଖାଇଛି । ରେମାଙ୍କ ମୃତ୍ୟୁର ପୂର୍ବଦିନ ତାଙ୍କ ପୁତୁରା ଭୋର ସମୟରେ ସ୍ୱପ୍ନ ଦେଖିଲା ଯେ ରେମା ଶବରିମଳାଠାରେ ୧୮ ପାହାଚ ଚଢ଼ିବାକୁ ଚେଷ୍ଟା କରୁଛନ୍ତି । ସେ ସମୟରେ ଭଗବାନ ଆୟାପ୍ପା ତାଙ୍କ ଆସ୍ଥାନରୁ ତଳକୁ ଆସି ରେମାଙ୍କ ହାତ ଧରି ତାଙ୍କ ଆସ୍ଥାନକୁ ନେଇଯାଉଛନ୍ତି, ଯେଉଁଠାରେ ସେ ତାଙ୍କ ସହ ଲୀନ ହୋଇଯାଇଛନ୍ତି । ପୁଣି ଥରେ ସ୍ୱାମୀ ଆମକୁ ଦେଖାଇଲେ ଯେ ସେ ଓ ଆୟାପ୍ପା ଏକ ଓ ସମାନ । ଏହିପରି ଭାବରେ ଆମେ ପୂଜା କରୁଥିବା ସବୁ ଦେବତାଙ୍କଠାରୁ ରେମାଙ୍କୁ ଆଶୀର୍ବାଦ ମିଳିଥିଲା । ଏସବୁ ଘଟଣାରୁ ଜଣାଯାଏ ଯେ ସେ ପ୍ରକୃତରେ ମୋକ୍ଷ ଲାଭ କରିଥିଲେ, ଯାହା ଭଗବାନ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ଓଁ ଜୟ ସାଇରାମ !

> *"ତୁମେ ଭଗବାନଙ୍କଠାରୁ ଆସିଛ; ତୁମେ ତାଙ୍କ ମହିମାର ସ୍ଫୁଲିଙ୍ଗ; ତୁମେ ସେହି ଆନନ୍ଦସାଗରର ଏକ ତରଙ୍ଗ; ତୁମେ ପୁଣି ତାଙ୍କଠାରେ ବିଲୀନ ହେବା ବେଳେ ହିଁ ଆନନ୍ଦ ପାଇବ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା,*
> *ଦିବ୍ୟ ସମ୍ଭାଷଣ : ଷଷ୍ଠ ଭାଗ*

ଅଧ୍ୟାୟ : ୧୮

ପ୍ରିୟଜନ ମୃତ୍ୟୁ ପରେ ଯୋଗାଯୋଗ କରିପାରନ୍ତି

'ଧନ ଆସିପାରେ ଓ ଯାଇପାରେ । ଶାନ୍ତି ବଢ଼ିପାରେ ବା କ୍ଷୟ ହୋଇପାରେ । ପୃଥିବୀରେ ସବୁ କଥା ଚାଲିଯାଇପାରେ । କିନ୍ତୁ ଗୋଟିଏ କଥା ଅବିନଶ୍ୱର ଓ ଅପରିବର୍ତ୍ତନୀୟ । ତାହା ହେଉଛି ସ୍ଥାୟୀ ଦିବ୍ୟ ପ୍ରେମ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା : ୧୯୯୩

ରେମା ଦେହତ୍ୟାଗ କରିବାର କିଛି ମାସ ପୂର୍ବରୁ ଜାନୁୟାରୀ ୨୦୧୧ ପ୍ରଥମ ସପ୍ତାହରେ ଏକ ବିଚିତ୍ର ଘଟଣା ଘଟିଥିଲା । ଜଣେ ପୁଲିସ ଅଧିକାରୀ ମୋ କ୍ଲିନିକ୍‌କୁ ଆସି ମୋତେ ଭେଟିବାକୁ ଚାହିଁଲେ । ମୁଁ ତାଙ୍କୁ ଭିତରକୁ ଡାକି କଥା କ'ଣ ବୋଲି ପଚାରିବାବେଳେ ସେ କହିଲେ ଯେ ମୋ ନାମ ଏକ ରାଷ୍ଟ୍ରୀୟ ସମ୍ମାନ ପାଇଁ ମନୋନୀତ ହୋଇଛି । ମୁଁ ଏ ବିଷୟରେ ଅବଗତ ନ ଥିବାରୁ ବୁଝିପାରିଲି ନାହିଁ ଏବଂ ଅଧିକ ବିବରଣୀ ଦେବାକୁ କହିଲି । ସେ କହିଲେ ଯେ ମୋ ନାମ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛି । ପଦ୍ମଶ୍ରୀ ହେଉଛି ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ । ପଦ୍ମ ସମ୍ମାନ ପାଇଁ ତାଲିକାଭୁକ୍ତ ବ୍ୟକ୍ତିମାନଙ୍କର ଘୋଷଣା କରାଯିବା ପୂର୍ବରୁ ସାଧାରଣତଃ ପୁଲିସ ଯାଞ୍ଚ କରାଯାଏ ଏବଂ ଆୟକର ବିଭାଗରୁ ଅନୁମୋଦନ ଆଣିବାକୁ ପଡ଼େ ।

ମୁଁ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଥିବା ବିଷୟରେ ଅବଗତ ନ ଥିବାରୁ ଟିକିଏ ବିସ୍ମିତ ହେଲି । ସାଧାରଣତଃ ପଦ୍ମ ସମ୍ମାନ ଭାରତ ସରକାରଙ୍କ ଦ୍ୱାରା ୨୫ ଜାନୁୟାରୀରେ ପ୍ରେସ୍‌କୁ ଜଣାଇ ଦିଆଯାଇଥାଏ ଏବଂ ସାଧାରଣତନ୍ତ୍ର ଦିବସ (୨୬ ଜାନୁୟାରୀ) ଦିନ ବିବିଧ ପଦ୍ମସମ୍ମାନ ବିଜେତାଙ୍କ ବିଷୟରେ ଖବରକାଗଜରେ ବାହାରିଥାଏ । ୨୩ ଜାନୁୟାରୀ ୨୦୧୧ରେ ଚେନ୍ନାଇଠାରେ ଏକ ଚିକିତ୍ସକ ସମ୍ମିଳନୀ ଥିଲା । ସେଠାରେ ପଦ୍ମ ତାଲିକାରେ ମୋ ନାମ ଥିବା ବିଷୟରେ କିଛି ସୂଚନା ପାଇଥିବା ମୋର ଜଣେ ବନ୍ଧୁ ମୋର ସବୁ ସହକର୍ମୀଙ୍କୁ ମୁଁ ପଦ୍ମଶ୍ରୀ ପାଇପାରେ ବୋଲି କହିଲେ ଏବଂ ମୋତେ ସମସ୍ତେ ଅଭିନନ୍ଦନ ଜଣାଇବାକୁ ଲାଗିଲେ । ଦୁଇଦିନ ପରେ ପଦ୍ମସମ୍ମାନ ଘୋଷଣା କରାଯିବା ବେଳେ ସେଥିରେ ମୋ ନାମ ନ ଥିଲା । ରହସ୍ୟାତ୍ମକ ଭାବରେ

ତାହା କାଢ଼ି ଦିଆଯାଇଥିଲା । ମୁଁ ଆବେଦନ କରି ନ ଥିବାରୁ ନିରାଶ ହେଲି ନାହିଁ; କିନ୍ତୁ ଦୁଇଦିନ ପୂର୍ବରୁ ମୋର ଅନେକ ସହକର୍ମୀ ପୂର୍ବରୁ ମୋତେ ଅଭିନନ୍ଦନ ଜଣାଇଥିବାରୁ ଖୁବ୍ ଲଜ୍ଜିତ ହେଲି । ରେମା ଏକଥା ଜାଣି ମୋତେ ପଚାରିଲେ, "ତୁମେ ପଦ୍ମଶ୍ରୀ ପାଇଲ ନାହିଁ ବୋଲି ଦୁଃଖ କରୁଛ କି ?" ମୁଁ ତାଙ୍କୁ କହିଲି, "ଦେଖ ରେମା, ପ୍ରଥମେ ମୁଁ ତ ଆବେଦନ କରିନଥିଲି । ତାପରେ ମୁଁ ଏସବୁ ସମ୍ମାନ ପାଇଁ ବ୍ୟସ୍ତ ନୁହେଁ । ତୁମେ ମୋ ପାଇଁ ବେଶି ମହତ୍ତ୍ୱପୂର୍ଣ୍ଣ । ଏବେ ଏସବୁ ସମ୍ମାନ ବିଷୟରେ ଚିନ୍ତା କରିବାର ସମୟ ନୁହେଁ ।" ତାପରେ ସେ ମୋତେ ଏକ ବିଚିତ୍ର କଥା କହିଲେ, "ମୋହନ, ତୁମେ ଆରବର୍ଷ ପଦ୍ମଶ୍ରୀ ପାଇବ । ମୁଁ ଆରବର୍ଷକୁ ସଶରୀରରେ ନ ଥିଲେ ବି ତୁମକୁ କୌଣସି ମତେ ଜଣାଇଦେବି ଯେ ତୁମେ ପଦ୍ମଶ୍ରୀ ପାଇବା କଥା ମୁଁ ଜାଣିଛି । ଏ ସମୟରେ ବିଷୟଟି ମୋତେ ବିବ୍ରତ କରୁଥିବାରୁ ମୁଁ କଥାକୁ ସେଇଠି ଦବାଇ ଦେଇ କହିଲି, "ଏବେ ଏସବୁ କଥା ଚର୍ଚ୍ଚା କରିବାର ବେଳ ନୁହେଁ । ଏସବୁ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅନ୍ୟ ବିଷୟରେ କଥା ହେବା ।" ପରବର୍ଷ ଅନେକ ଲୋକ ଓ ସଂସ୍ଥା ମୋ ପାଇଁ ପଦ୍ମଶ୍ରୀ ସମ୍ମାନ ସକାଶେ ମନୋନୀତ କରିଥିବା କଥା ମୁଁ ଜାଣିନଥିଲି । ଏଥର ୨୫ ଜାନୁୟାରୀରେ ମୁଁ ଗୃହ ମନ୍ତ୍ରାଳୟରୁ ପଦ୍ମଶ୍ରୀ ସମ୍ମାନ ବିଷୟରେ ଫୋନ୍ ପାଇଲି । ଏହା ୨୫ ଜାନୁୟାରୀ ୨୦୧୨ର କଥା, ରେମାଙ୍କ ମୃତ୍ୟୁର ଠିକ୍ ଦଶ ମାସ ପରେ ।

ସେଦିନ ସକାଳେ ଫୋନ୍ ଆସିବା ଆଗରୁ ମୁଁ ସବୁଦିନ ପରି ପ୍ରାୟ ନଅଟା ବେଳେ କାମକୁ ଗଲି । ମୋର ପରାମର୍ଶ କକ୍ଷରେ ସ୍ୱାମୀଙ୍କର ଓ ରେମାଙ୍କର ବଡ଼ ଛବି ଥାଏ ଏବଂ ମୁଁ ଏ ଦୁଇଟି ଛବି ଉପରେ ପ୍ରତିଦିନ ମଲ୍ଲିମାଳ ପିନ୍ଧାଏ । ସେଦିନ ସକାଳେ ମୁଁ ଫୁଲ ଲଗାଇ ମୋ ଚୌକିରେ ବସିଲି । ସେତେବେଳେ ଏକ ବିଚିତ୍ର କଥା ଘଟିଲା । ରେମାଙ୍କ ଛବିର ଫୁଲମାଳଟି ଜୋର୍‌ରେ ହଲି ଖସି ପଡ଼ିଲା । ବିଗତ ଦଶମାସରେ ଏପରି କେବେ ହୋଇ ନ ଥିଲା । ମୁଁ ଫୁଲମାଳଟିକୁ ପୁଣି ଲଗାଇ ଦେଇ ମୋ ଚୌକିକୁ ଫେରିଗଲି । ତତ୍‌କ୍ଷଣାତ୍ ସ୍ୱାମୀଙ୍କ ଛବିର ଫୁଲମାଳଟି ହଲି ହଲି ଖସି ପଡ଼ିଲା । ମୁଁ ସେ ଫୁଲମାଳଟିକୁ ବି ଛବିରେ ଲଗାଇଦେଲି । ଏବେ ରେମାଙ୍କ ଛବିର ଫୁଲମାଳ ହଲି ଖସି ପଡ଼ିଲା । ତିନିଘଣ୍ଟା ଭିତରେ ଏପରି ଛଅଥର ହେଲା, ଯାହା ପୂର୍ବରୁ ବା ପରେ କେବେ ହୋଇନଥିଲା । ମୋ ସଚିବ ମଧ୍ୟ ଏହା ଲକ୍ଷ୍ୟ କଲେ ଏବଂ ଏକ ବିଚିତ୍ର କଥା ବୋଲି ମନ୍ତବ୍ୟ ଦେଲେ । ଶେଷରେ ପ୍ରାୟ ଦିପହରେ ଦିଲ୍ଲୀରେ ଗୃହ ସଚିବଙ୍କ କାର୍ଯ୍ୟାଳୟରୁ ପଦ୍ମଶୀ ସମ୍ମାନ ବିଷୟରେ ମୋତେ ଫୋନ୍ ଆସିବା ପରେ ଫୁଲମାଳଗୁଡ଼ିକର ହଲିବା ବନ୍ଦ ହେଲା ।

ଏହା ମୋତେ ଦୁଇଟି କଥା ଶିକ୍ଷା ଦେଲା : ରେମା ମୋତେ ପରବର୍ଷ ପଦ୍ମଶ୍ରୀ ପାଇବି ବୋଲି ଏବଂ ସେ ନ ଥିଲେ ବି ସେ ଜାଣିଛନ୍ତି ବୋଲି ମୋତେ ସୂଚନା ଦେବେ

ବୋଲି କହିଥିଲେ । ଉଭୟ ସତ ହୋଇଥିଲା । ସ୍ୱାମୀଙ୍କ ଫୁଲମାଳ ମଧ୍ୟ ହଲିବାର ବିଶେଷ ତାତ୍ପର୍ଯ୍ୟ ଥିଲା । ଉଭୟଙ୍କ ଆଶୀର୍ବାଦରୁ ମୁଁ ପଦ୍ମଶ୍ରୀ ପାଇଲି । ସ୍ୱାମୀଙ୍କ ସହ ରେମାଙ୍କ ସମ୍ପର୍କର ଏହି ଶେଷ ଅଂଶ ବିଷୟରେ ମୁଁ ବିଶଦ ଭାବରେ ଆଗାମୀ ଅଧ୍ୟାୟରେ ଲେଖିବି ।

ଅସମ୍ଭବ ମନେ ହେଉଥିବା କଥା ଦିବ୍ୟକୃପା ଯୋଗୁଁ ସମ୍ଭବ ହେବାବେଳେ, ଅର୍ଥାତ୍ ତାକୁ 'ଚମତ୍କାର' କୁହାଯାଉଥିବାବେଳେ ମୁଁ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀରେ ସମ୍ମାନିତ ହେବାର ଏହି ବିଶେଷ ଦିନରେ ଭଗବାନଙ୍କ ଆଶୀର୍ବାଦ ତଥା ମୋ ପ୍ରିୟ ପତ୍ନୀଙ୍କ ଆଶୀର୍ବାଦ ଲାଭ କରିବାରୁ ନିଜକୁ ଅତ୍ୟନ୍ତ ଧନ୍ୟ ମନେକରେ । ଏହା ମୋ ଜୀବନର ଅତ୍ୟନ୍ତ ଆମୋଦକର ଘଟଣା । ମୋ ପାଇଁ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାରଣ ଏହା ମୋତେ ଶିକ୍ଷା ଦେଲା ଯେ ଆମର ପ୍ରିୟଜନମାନେ ଦେହ ତ୍ୟାଗ କରିବାର ଦୀର୍ଘଦିନ ପରେ ବି ଆମ ସହ ସମ୍ପର୍କ ସ୍ଥାପନ କରିପାରନ୍ତି । ଏ ବିଷୟରେ ମୁଁ ଆଗାମୀ ଅଧ୍ୟାୟରେ ଲେଖିବି ।

ଓଁ ଜୟ ସାଇରାମ !

"ଭଗବାନଙ୍କ ପ୍ରେମର ପ୍ରକୃତ ସ୍ୱଭାବ ଜାଣିବା ତୁମ ପକ୍ଷରେ ସହଜ ନୁହେଁ । ତୁମେ କେବଳ ଲୌକିକ ଆସକ୍ତି ସମ୍ବନ୍ଧରେ ଅବଗତ ଯାହା ଉତ୍‌ଥାନ ଓ ପତନର ବିଷୟ । ପ୍ରକୃତ ପ୍ରେମ ଅପରିବର୍ତ୍ତନୀୟ । ଏହା ଦିବ୍ୟ । ପ୍ରେମ ହିଁ ଈଶ୍ୱର । ପ୍ରେମରେ ବାସ କର ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଅମୃତଧାରା : ୧୯୯୫

ଅଧ୍ୟାୟ : ୧୯

ମୃତ୍ୟୁ ସମାପ୍ତି ନୁହେଁ: ନୂତନ ଯାତ୍ରାର ଆରମ୍ଭ

'ଆତ୍ମା ମରେ ନାହିଁ; କେବଳ ଦେହ ମରେ । ମଣିଷ ଏକଥା ଜାଣିବା ବେଳେ ମୃତ୍ୟୁ ନିରସ୍ତ୍ର ହୋଇଯାଏ, ମୃତ୍ୟୁକୁ ଭୟ କରାଯାଏ ନାହିଁ । ମୃତ୍ୟୁ ଅଜ୍ଞାତ ପୋତାଶ୍ରୟ ଆଡ଼କୁ ଏକ ସ୍ୱାଗତଯୋଗ୍ୟ ଯାତ୍ରା ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଅଷ୍ଟମ ଭାଗ

କେତେ ଲୋକ ଯୁକ୍ତି କରନ୍ତି ଯେ ମୃତ୍ୟୁ ସମାପ୍ତି ନୁହେଁ ଏବଂ ଆତ୍ମା ବୋଲି ଏକ ସତ୍ତା ଅଛି ଯାହା ଦେହ ଓ ଇନ୍ଦ୍ରିୟମାନଙ୍କର ଊର୍ଦ୍ଧ୍ୱରେ । ଅନ୍ୟମାନେ ଏପରି କିଛି ସତ୍ତା ନାହିଁ ବୋଲି କହନ୍ତି । ଆମର ପ୍ରିୟ ଭଗବାନ କହିଛନ୍ତି ଯେ ବ୍ରହ୍ମବିଦ୍ୟା ଅନୁସାରେ ତାହା କ'ଣ ବୋଲି ଜାଣିବାକୁ କେହି ପ୍ରୟାସ ମାତ୍ର କଲେ ବି ପାପର କଳୁଷରୁ ମୁକ୍ତ ହୁଏ ।

ସ୍ୱାମୀ ନିଜେ ନଚିକେତା ଉପାଖ୍ୟାନ ବର୍ଣ୍ଣନା କରିଛନ୍ତି, ଯାହାକୁ ଯମଙ୍କ ଦ୍ୱାରା ତିନୋଟି ବର ମିଳିଥିଲା । ନଚିକେତା ଯମଙ୍କଠାରୁ ସମସ୍ତ ଲୌକିକ ଉପହାର ପ୍ରତ୍ୟାଖ୍ୟାନ କରି ଆତ୍ମା ବିଷୟରେ ଶିକ୍ଷା ଲାଭ କରିବା ପାଇଁ ସୁଯୋଗର ଉପଯୋଗ କରିବାକୁ ଚାହିଁଲା । ଯମ ନଚିକେତାର ଦୃଢ଼ତାରେ ପ୍ରୀତ ଓ ଆଗ୍ରହରେ ସନ୍ତୁଷ୍ଟ ହେବା ପରେ ତାକୁ ଆତ୍ମବିଦ୍ୟା ଓ ବ୍ରହ୍ମବିଦ୍ୟା ଶିକ୍ଷା ଦେଲେ । ନଚିକେତା ତାହା ନିର୍ଭୁଲ ଭାବରେ ହୃଦୟଙ୍ଗମ କଲା ଏବଂ ମୃତ୍ୟୁରୁ ମୁକ୍ତ ହୋଇ ଦିବ୍ୟତ୍ୱ ଲାଭ କଲା । ଯାଜ୍ଞବଲ୍କ୍ୟଙ୍କ ପତ୍ନୀ ମୈତ୍ରେୟୀ ତାଙ୍କୁ ଶାଶ୍ୱତ ଆନନ୍ଦ ପ୍ରଦାନ କରୁଥିବା ମାର୍ଗ ବିଷୟରେ ଶିକ୍ଷା ଦେବାକୁ କହିଥିଲେ । ତାପରେ ଯାଜ୍ଞବଲ୍କ୍ୟ ତାଙ୍କୁ ବ୍ରହ୍ମାଣ୍ଡ ଓ ଆତ୍ମାର ରହସ୍ୟ ବିଷୟରେ ଶିକ୍ଷା ଦେଲେ, ସେ ସମସ୍ତଙ୍କର ଭଗବାନଙ୍କ ଉପରେ ଆନ୍ତରିକ ବିଶ୍ୱାସ ଥିଲା ଏବଂ ସେମାନଙ୍କ ଜୀବନ ଏହି ବିଶ୍ୱାସ ଉପରେ ଘୂର୍ଣ୍ଣାୟମାନ ଥିଲା ।

ରେମା କିପରି ଫୁଲହାର ଚମତ୍କାର ମାଧ୍ୟମରେ ମୋ ସହ ପରୋକ୍ଷ ଭାବରେ ଯୋଗାଯୋଗ କରିଥିଲେ ତାହା ମୁଁ ପୂର୍ବ ଅଧ୍ୟାୟରେ ଲେଖିଛି । ଏ ଅଧ୍ୟାୟରେ ରେମା

ତାଙ୍କ ଦେହ ତ୍ୟାଗ କରିବା ପରେ ମୋ ସହ ସ୍ୱପ୍ନ ମାଧ୍ୟମରେ ଯୋଗାଯୋଗ କରିବା କଥା ବର୍ଣ୍ଣନା କରିବି । ଏହା ଏକାଧିକ ଥର ହୋଇଛି, କିନ୍ତୁ ଏଠାରେ ଗୋଟିଏ ଘଟଣା ବର୍ଣ୍ଣନା କରିବି ।

ରେମା ଦେହ ଛାଡ଼ିବାର ପ୍ରାୟ ଚାରି ବର୍ଷ ପରେ ୨୦୧୫ର ଏକ ପ୍ରତ୍ୟୁଷରେ ମୁଁ ଏକ ସ୍ୱପ୍ନ ଦେଖିଲି, ଯେଉଁଥିରେ ରେମା ଆସି ମୋ ସହ କଥା ହେଲେ । ଏହା ସ୍ୱାମୀଙ୍କ ସମ୍ବନ୍ଧୀୟ ସ୍ୱପ୍ନ ପରି ଅତ୍ୟନ୍ତ ସ୍ପଷ୍ଟ ଥିଲା । ଏହି ସ୍ୱପ୍ନରେ ରେମା ମୋ ପାଖକୁ ଆସିବା ବେଳେ ମୁଁ ତାଙ୍କୁ ପ୍ରସନ୍ନ ଓ ହସହସ ଦେଖିଲି ।

ଆଶ୍ଚର୍ଯ୍ୟ ହୋଇ ମୁଁ ରେମାଙ୍କୁ ପଚାରିଲି, "ରେମା, ତୁମେ ମୋତେ ଦେଖିବାକୁ ଆସିଛ କି ?" ସେ ଉତ୍ତର ଦେଲେ, "ମୁଁ ଖାଲି ତୁମକୁ ଦେଖିବାକୁ ଚାହିଁଲି ।" ତାପରେ ମୁଁ ପଚାରିଲି, "ରେମା, ତୁମେ ଏବେ କେଉଁଠି ଅଛ ? କେମିତି ଅଛ ? ତୁମେ ଖୁସି ଅଛ ତ ?" ସେ ଉତ୍ତର ଦେଲେ, "ହଁ, ମୁଁ ଭାରି ଖୁସି ଓ ମୁଁ ଶାନ୍ତିରେ ଅଛି ।" ମୁଁ ପଚାରିଲି, "ସ୍ୱାମୀ ତୁମ ପାଖରେ ଅଛନ୍ତି କି ?" ସେ ଉତ୍ତର ଦେଲେ, "ନା, ସ୍ୱାମୀ ମୋ ପାଖରେ ନାହାନ୍ତି । ସେ ବହୁତ ଦୂରକୁ ଚାଲିଯାଇଛନ୍ତି । ମୁଁ ତାଙ୍କର ବହୁତ ପଛରେ ଅଛି ।" ମୁଁ ପଚାରିଲି, "ତୁମେ ଯିବାର ବହୁତ ବର୍ଷ ହେଲାଣି, ତୁମର ଯାତ୍ରା ବହୁତ ଦୀର୍ଘ କି ?" ସେ କହିଲେ, "ହଁ । ମୋତେ ଆହୁରି ବହୁତ ବାଟ ଯିବାର ଅଛି । ମୁଁ ଖୁସି ଅଛି ବୋଲି ତୁମକୁ ଖାଲି ଜଣାଇବାକୁ ଚାହିଁଲି ।" ଏତିକିରେ ସ୍ୱପ୍ନ ଶେଷ ହୋଇଗଲା । ମୁଁ ଉଠିପଡ଼ି ଦେଖିବା ବେଳକୁ ଚାରିଟା ବାଜିଛି; ପ୍ରାୟ ଏହି ସମୟରେ ମୁଁ ସ୍ୱାମୀଙ୍କ ସ୍ୱପ୍ନ ଦେଖିଥାଏ ।

ଏହି ସ୍ୱପ୍ନରୁ ମୁଁ କ'ଣ ଶିକ୍ଷା କଲି ? ଏହା ମୋ ପାଇଁ ଅତ୍ୟନ୍ତ ସ୍ପଷ୍ଟ ନ ଥିଲା । କିନ୍ତୁ ଗୋଟିଏ ସ୍ପଷ୍ଟ ସନ୍ଦେଶ ଥିଲା ଯେ ସେ ଯେଉଁଠି ଥାଆନ୍ତୁ ନା କାହିଁକି ଖୁସିରେ ଅଛନ୍ତି । ଦ୍ୱିତୀୟତଃ ସେ ସ୍ୱାମୀଙ୍କ ବିଷୟରେ ଜାଣିଛନ୍ତି ବୋଲି ମୋତେ କହିଲେ; ସ୍ୱାମୀ ବହୁତ ଦୂରକୁ ଚାଲିଯାଇଛନ୍ତି ଏବଂ ସେ ଯାତ୍ରା କରିଚାଲିଛନ୍ତି । ମୁଁ ଜାଣିଲି ଯେ ଆମର ପ୍ରିୟଜନ ସେମାନଙ୍କ ଦେହ ଛାଡ଼ିବା ପରେ ବି ଆମ ସହ ଯୋଗାଯୋଗ କରିପାରିବେ । ମୁଁ କହିଛି ଯେ ଅନ୍ୟ କେତୋଟି ଦୃଷ୍ଟାନ୍ତ ଅଛି ଯେତେବେଳେ ସେ ମୋ ସହିତ, ମୋ ଝିଅ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହିତ ଯୋଗାଯୋଗ କରିଛନ୍ତି । ତେଣୁ ମୋର ବିଶ୍ୱାସ ଯେ ଆମର ପ୍ରିୟଜନ ଆମକୁ ଛାଡ଼ିଗଲେ ବି କୌଣସି ନା କୌଣସି ପ୍ରକାରରେ ଆମ ସଂସ୍ପର୍ଶରେ ରହିଥାନ୍ତି ।

ଚିରବିଦ୍ୟମାନ ସତ୍ୟସାଇ ବାବା

ସ୍ୱାମୀ ବହୁଧା ଶରୀରକୁ ପାଣିଫୋଟକା, ମନକୁ ଚଞ୍ଚଳ ଓ ଅସ୍ଥିର ବୋଲି କହିଥାନ୍ତି । ସେଥିପାଇଁ ମନୁଷ୍ୟ ଭାବରେ ବ୍ରହ୍ମ ବା ଆତ୍ମ ଜ୍ଞାନ ହାସଲ କରିବାକୁ ସେ ଆମକୁ ନିର୍ଦ୍ଦେଶ ଦେଇଥାନ୍ତି । ମୋର ଦୃଢ଼ ବିଶ୍ୱାସ ଯେ ଆମେ ଭକ୍ତମାନେ ଭଗବାନଙ୍କର ପ୍ରଭୂତ ଆଶୀର୍ବାଦ ଲାଭ କରିଛେ, ଯେ କି ଆମର ଭ୍ରମ ଦୂର କରିବାକୁ ଏବଂ ଆତ୍ମଦୃଷ୍ଟି ବିକଶିତ କରି ଜୀବନର ଚରମ ଲକ୍ଷ୍ୟ ମୁକ୍ତି ଲାଭ କରିବାକୁ ଆମକୁ ସାହାଯ୍ୟ କରିବା ପାଇଁ ମାନବ ରୂପରେ ଅବତରଣ କରିଛନ୍ତି ।

ଓଁ ଜୟ ସାଇରାମ !

> *"ମୃତ୍ୟୁ ଜୀବନକୁ ଦୁର୍ବଳ ଓ ନିର୍ବାପିତ କରୁଥିବା କେତେକ ବିକାଶ ସହ ସମ୍ପୃକ୍ତ । ଏହା ଆତ୍ମାକୁ ପ୍ରଭାବିତ କରେ ନାହିଁ । ଆତ୍ମାର ମୃତ୍ୟୁ ନାହିଁ । ଏହା ବିନଷ୍ଟ ହୋଇପାରିବ ନାହିଁ । ଅତଏବ ମୃତ୍ୟୁକୁ ଭୟ କରିବା ଉଚିତ ନୁହେଁ । ମୃତ୍ୟୁ ଜୀବନର ଆଉ ଏକ ସ୍ତର । ଜଣେ ଯେତେ ଅସୁସ୍ଥ ବା ଯେତେ ଭୟଙ୍କର ଭାବରେ ଆଘାତପ୍ରାପ୍ତ ହେଉନା କାହିଁକି, ମୃତ୍ୟୁ କେବଳ ଠିକ୍ ସମୟରେ ହିଁ ହେବ । ବଞ୍ଚିବାର ଅଭିଳାଷ ଶେଷ ହୋଇଗଲେ ଆଉ ଜନ୍ମ ହେବ ନାହିଁ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା,*
> *ବିଦ୍ୟାବାହିନୀ*

ଅଧ୍ୟାୟ : ୨୦

ସ୍ୱାମୀ ସର୍ବଦା ପ୍ରାର୍ଥନାର ଉତ୍ତର ଦିଅନ୍ତି

'ଭକ୍ତି ଓ ବିଶ୍ୱାସ ହେଉଛି ଦୁଇଟି ଆହୁଲା ଯାହାଦ୍ୱାରା ତୁମେ ଭବସାଗର ଉପରେ ନାବ ଚଳାଇପାରିବ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ପ୍ରଥମ ଭାଗ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଭକ୍ତ ହେବାରେ ପରିସ୍ଥିତିର ଯୋଗଦାନ ବିଷୟରେ ମୁଁ ପୂର୍ବରୁ ଲେଖିଛି । ଆମର ଗୋଟିଏ ଝିଅ ଥିଲା ଅଞ୍ଜନା, ଯେ କି ଏବେ ମଧ୍ୟ ଜଣେ ଡାକ୍ତର ଓ ମଧୁମେହବିତ୍ । ସେ ସ୍ୱାମୀଙ୍କ ଭକ୍ତ ହେବା ପାଇଁ କିଛି ବର୍ଷ ଲାଗିଲା । ଏ ଅଧ୍ୟାୟରେ ମୁଁ ତାର କେତେକ ଅନୁଭୂତି ବର୍ଣ୍ଣନା କରିବି ।

ସେ ସ୍ୱାମୀଙ୍କୁ ଗ୍ରହଣ କରିବା ପୂର୍ବରୁ ଆମେ ସ୍ୱାମୀଙ୍କ ଭକ୍ତ ହେବା ବିଷୟରେ ଚିନ୍ତିତ ଥିଲା ବୋଲି କହୁଥିଲା, କାରଣ ଭଗବାନଙ୍କ ବିଷୟରେ ତାର ଧାରଣା ହେଉଛି ଯାହାଙ୍କ ବିଷୟରେ ଆମେ ଜାଣିନାହୁଁ କି ଭେଟିନାହୁଁ; ଯେ ସାଧାରଣ ମଣିଷ ପରି ଚଳୁଛି, ଚାଲୁଛି ଓ ଆମ ସହ କଥା ହେଉଛି, ସେ ନୁହେଁ । ସେ ଭାବୁଥିଲା ଯେ ସେ ଆୟାପ୍ପାଙ୍କ ଭକ୍ତ ଭାବରେ ଠିକ୍ ଅଛି ଏବଂ କେବଳ ଆୟାପ୍ପାଙ୍କୁ ବିଶ୍ୱାସ କରିବାକୁ ଚାହୁଁଛି । ମୁଁ ଓ ମୋ ପତ୍ନୀ ତାକୁ କହିଲୁ, "ଯେ କୌଣସି ଭଗବାନଙ୍କ ଉପରେ ବିଶ୍ୱାସ କର, ଯେହେତୁ ଭଗବାନଙ୍କର ସବୁ ରୂପ ଏକ ।" ସେ କିଛି ବର୍ଷ ପର୍ଯ୍ୟନ୍ତ ଭଗବାନ ବାବାଙ୍କୁ ଭଗବାନ ଭାବରେ ଗ୍ରହଣ କରିବାକୁ ନାରାଜ ଥିଲା । ଅବଶ୍ୟ କେତେବେଳେ ଜଣକୁ ଭକ୍ତ ଭାବରେ ଗ୍ରହଣ କରିବାକୁ ହେବ ତାହା ସ୍ୱାମୀ ଜାଣନ୍ତି ଓ ବିଶ୍ୱାସ କରନ୍ତି ।

ଅଞ୍ଜୁର ପ୍ରାରମ୍ଭିକ ଭୟ ଥିଲା ଯେ ସ୍ୱାମୀ ଜଣେ ଯାଦୁକର ଏବଂ ସେ ହାତସଫେଇ ଦ୍ୱାରା ଯାଦୁକର ପରି ତଥାକଥିତ ଚମତ୍କାର ସମ୍ପାଦନ କରୁଛନ୍ତି । ଶୀଘ୍ର ସ୍ୱାମୀ ତାଙ୍କର ଅସୀମ କୃପା ଓ ପ୍ରେମ ବଳରେ ତାର ଏହି ଭୟକୁ ଏକ ସ୍ୱପ୍ନ ଦ୍ୱାରା ଦୂର କରିଦେଲେ । ଏହି ସ୍ୱପ୍ନରେ ଅଞ୍ଜୁ ଦଳେ ପିଲାଙ୍କ ସହ ସ୍ୱାମୀଙ୍କ ପାଖରେ ଗୋଟିଏ ବରଗଛ ମୂଳେ ବସିଥିଲା । ସ୍ୱାମୀ ପିଲାମାନଙ୍କ ସହ କଥାବାର୍ତ୍ତା କରୁଥିବା ଓ ଖେଳୁଥିବା ବେଳେ ହଠାତ୍ ଅଞ୍ଜୁ ଆଡ଼କୁ ବୁଲିପଡ଼ି ତାଙ୍କର ହାତ ଦେଖାଇ କହିଲେ, "ଦେଖ, କିଛି ଯାଦୁ ନାହିଁ, କେବଳ ଶୁଦ୍ଧ ପ୍ରେମ ।" ପରଦିନ ସକାଳେ ଉଠିବା ବେଳେ ସ୍ୱାମୀଙ୍କ ପ୍ରତି ଅଞ୍ଜୁର ଭୟ

ସବୁଦିନ ପାଇଁ ଦୂର ହୋଇଯାଇଥିଲା । ଏହା ପରିବର୍ତ୍ତେ ସେ ତାଙ୍କ ପ୍ରତି ଗଭୀର ପ୍ରେମ ଅନୁଭବ କଲା ।

ଅଞ୍ଜୁ ଜୀବନରେ ଅନେକଗୁଡ଼ିଏ ଚମତ୍କାର ଶୀଘ୍ର ତାକୁ ସ୍ୱାମୀଙ୍କ ବେଷ୍ଟନୀକୁ ନେଇ ଆସିଲା । ଏଥିରୁ କେତୋଟି କଥା ଅତି ତୁଚ୍ଛ ଲାଗିପାରେ, କିନ୍ତୁ ସେ ସମୟରେ ତାହା ସ୍ୱାମୀଙ୍କର ସର୍ବବ୍ୟାପକତା, ସର୍ବଜ୍ଞତା ଓ ସର୍ବଶକ୍ତିମତ୍ତା ବିଷୟରେ ଅଞ୍ଜୁକୁ ନିଶ୍ଚିତ କରାଇଥିଲା । ଆମେ ସେତେବେଳେ ନୁଙ୍ଗାବକ୍କମ୍‌ଠାରେ ରହୁଥିଲୁ । ଦିନେ ଫ୍ରିଜ୍ ଖୋଲିଲା ବେଳେ ଅଞ୍ଜୁ ଅଜାଣତରେ ରେମା ସ୍ନେହର ସହ ପ୍ରସ୍ତୁତ କରିଥିବା ରୋଜ ମିଲ୍କ ବୋତଲଟିକୁ ଭାଙ୍ଗିଦେଲା । ରେମା ଖୁବ୍ ଶୃଙ୍ଖଳାବାଦୀ ଥିଲେ ଏବଂ ସେ ଏକଥା ଜାଣିଲେ ନିଶ୍ଚୟ ଅଞ୍ଜୁକୁ ଗାଳିଦେବେ । ଏକଥା ଜାଣି ଅଞ୍ଜୁ ଡରିଗଲା ଓ କାନ୍ଦି ପକାଇଲା ।

ତାକୁ ଶାନ୍ତ କରିବା ପାଇଁ ମୁଁ ନୁଙ୍ଗାବକ୍କମ୍‌ରେ ଆମର ପ୍ରିୟ ରେଷ୍ଟୁରାଣ୍ଟ 'କେକସ୍ ଏଣ୍ଡ୍ ବେକସ୍'କୁ ନେଲି । ଆମେ ଖାଇବା ପାଇଁ ଆଦେଶ କରୁଥିବା ବେଳେ ଅଞ୍ଜୁ କାନ୍ଦି ପକାଇଲା ଏବଂ ସେ କିପରି ମାଆଙ୍କ ରାଗର ସମ୍ମୁଖୀନ ହେବ ବୋଲି ଡରିଗଲା । ମୁଁ ଜାଣିନାହିଁ କ'ଣ ମୋତେ ପ୍ରରୋଚିତ କଲା, ମୁଁ ତାକୁ କହିଲି, "ଠିକ୍ ଅଛି ଅଞ୍ଜୁ, ମୁଁ ତୋତେ କହୁଛି ବାବା ଭଗବାନ, ଯଦି ଏବେ ଏକ ଚମତ୍କାର ହୁଏ, ତେବେ ତୁ ତାଙ୍କୁ ବିଶ୍ୱାସ କରିବୁ କି ?"

ଅଞ୍ଜୁ କହିଲା, "କି ଚମତ୍କାର ପାପା ?" ମୁଁ କହିଲି, "ଯଦି ଆମେ ଘରକୁ ଯାଉ ଏବଂ ତୋ ମାଆ ତୋତେ ଗାଳି ନ ଦିଏ ତେବେ ତୁ ଏହାକୁ ଚମତ୍କାର ବୋଲି ଭାବିବୁ କି ?" ଅଞ୍ଜୁ କହିଲା, "ନିଶ୍ଚୟ ପାପା । କିନ୍ତୁ ଏହା ହୋଇପାରିବ ନାହିଁ । ଆମ୍ମା ୧୦୦% ମୋତେ ଦଣ୍ଡ ଦେବ ।" ମୁଁ କହିଲି, "ଅଞ୍ଜୁ, ଏହା ତୋର ବାବାଙ୍କ ପ୍ରତି ପରୀକ୍ଷା । ଏହି ଚମତ୍କାର ପାଇଁ ତାଙ୍କୁ ପ୍ରାର୍ଥନା କର, ଆଉ ତୁ ଦେଖିବୁ ଆମ୍ମା ତୋତେ ଗାଳିଦେବ ନାହିଁ ।" ତାକୁ ଏପରି ଦୃଢ଼ ଭାବରେ କହିବା ପରେ ମୁଁ ଚିନ୍ତାରେ ପଡ଼ିଗଲି । ଯଦି ନ ହୁଏ ? ତେଣୁ ମୁଁ ମଧ୍ୟ ଆଖି ବନ୍ଦ କରି ବାବାଙ୍କୁ ପ୍ରାର୍ଥନା କଲି, ଯେପରି ରେମା ଅଞ୍ଜୁକୁ ଗାଳି ବା ମାଡ଼ ନ ଦିଏ । ତାପରେ ବାବାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ମୁଁ ଅଞ୍ଜୁକୁ କହିଲି, "ଆମେ ଘରକୁ ଯିବାବେଳେ କ'ଣ ହେଉଛି ଦେଖ ।" ଅଞ୍ଜୁ ମଧ୍ୟ ପ୍ରଥମ ଥର ପାଇଁ ବାବାଙ୍କୁ ପ୍ରାର୍ଥନା କଲା ।

କେତେ ମିନିଟ୍ ଭିତରେ ଆମେ ଘରକୁ ଫେରି ଆସିଲୁ ଏବଂ ରେମା ମଧ୍ୟ ସେତେବେଳକୁ ଘରକୁ ଫେରି ଆସିଥିଲେ । ଭୟର ସହିତ ଅଞ୍ଜୁ ରେମାଙ୍କ ପାଖକୁ ଗଲା ଏବଂ ଘଟଣା ବିଷୟରେ ତାଙ୍କୁ କହିଲା । ଆଶ୍ଚର୍ଯ୍ୟଜନକ ଭାବରେ ରେମା ହସିଦେଇ

କହିଲେ, "ଚିନ୍ତା କରନା ଅଞ୍ଜୁ, ଏପରି ହୁଏ । ଆସନ୍ତା ଥର ପାଇଁ ସାବଧାନ ।" ଅଞ୍ଜୁ ଅବାକ୍ ହୋଇଗଲା ଓ ତା' ମୁହଁରେ ଅବିଶ୍ୱାସ ଦେଖାଗଲା । କ'ଣ ହେଲା ସେ ବିଶ୍ୱାସ କରିପାରିଲା ନାହିଁ । ସେ ମୋ ଆଡ଼କୁ ଚାହିଁ କହିଲା, "ପାପା, ଏହା ସ୍ୱାମୀଙ୍କର ଏକ ଚମତ୍କାର କି ?" ମୁଁ ଉତ୍ତର ଦେଲି, "ହଁ ଅଞ୍ଜୁ, ଭଗବାନ ତୋତେ ତାଙ୍କର ସର୍ବଜ୍ଞତା, ସର୍ବବିଦ୍ୟମତ୍ତା ଓ ସର୍ବଶକ୍ତିମତ୍ତା ପ୍ରଦର୍ଶନ କରିବା ପାଇଁ ଏହା ଗୋଟିଏ ଚମତ୍କାର ମାତ୍ର ।" ଏହି ଘଟଣା ଥିଲା ଭଗବାନ ଅଞ୍ଜୁକୁ ପରମ ଭକ୍ତରେ ପରିଣତ କରିବା ସକାଶେ ତା' ଉପରେ ବୃଷ୍ଟି କରିଥିବା ଅନେକ ଚମତ୍କାର, ସ୍ୱପ୍ନ ଓ ଆଭାସମାନଙ୍କର ପ୍ରାରମ୍ଭ ବିନ୍ଦୁ ।

ଅଞ୍ଜୁ ପାଇଁ ସେତେବେଳେ ଓ ଆଜି ପର୍ଯ୍ୟନ୍ତ ଆମ ଭଗବାନ ସତ୍ୟସାଇ ବାବା ରୂପ ଅପେକ୍ଷା ଅଧିକ ଥର ତାଙ୍କର ଶିରଡ଼ି ବାବା ରୂପରେ ଆସିଛନ୍ତି, ଯଦିଓ ସେ ଉଭୟ ବାବାଙ୍କର ଆଶୀର୍ବାଦ ପାଇ ଆସିଛି । ଆମର ନୁଙ୍ଗାମ୍ବକ୍କମ୍ ଘରେ ଆମ ସୋଫା ଆଗରେ ସତ୍ୟସାଇ ବାବାଙ୍କର ଏକ ବଡ଼ ଛବି ଝୁଲୁଥାଏ । ଦିନେ ଅଞ୍ଜୁ ସ୍ୱପ୍ନ ଦେଖିଲା । ସ୍ୱପ୍ନରେ ଶିରଡ଼ି ବାବା ଆମ ଘରକୁ ଆସି ସୋଫା ଉପରେ ବସି ପଡ଼ିଲେ । ସ୍ୱପ୍ନରେ ଅଞ୍ଜୁ ଦେଖିଲା ଯେ ଶିରଡ଼ି ବାବା ଯାହା କରୁଛନ୍ତି ସତ୍ୟସାଇ ବାବା ଛବିରେ ସେଇଆ କରୁଛନ୍ତି । ଉଦାହରଣସ୍ୱରୂପ, ଶିରଡ଼ି ବାବା ହାତ ଉଠାଇଲେ ସତ୍ୟସାଇ ବାବା ବି ଛବିରେ ସେପରି କରୁଥାଆନ୍ତି । ଏହା ଶିରଡ଼ି ବାବା ଓ ସତ୍ୟସାଇ ବାବା ଏକ ଓ ସମାନ ବୋଲି ତାକୁ ନିଶ୍ଚିତ କଲା ।

ସ୍ୱାମୀଙ୍କ ଭକ୍ତ ଭାବରେ ଅଞ୍ଜୁ ଜୀବନର ପ୍ରକୃତ ପ୍ରସ୍ଥାନବିନ୍ଦୁ ଆସିଥିଲା ଚେନ୍ନାଇରେ ଚର୍ଚ୍ଚ ପାର୍କ ସ୍କୁଲରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେବାବେଳେ । ସେ ଲିଖିତ ପରୀକ୍ଷାରେ ଭଲ କରିଥିଲା, କିନ୍ତୁ ଶେଷ ଦିନ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନର ପ୍ରାୟୋଗିକ ପରୀକ୍ଷା ପୂର୍ବରୁ ତାକୁ ଖୁବ୍ ଜର ହେଲା ଏବଂ ସେ ଖୁବ୍ ଦୁର୍ବଳ ହୋଇଗଲା ଓ ଠିଆ ବି ହୋଇପାରିଲା ନାହିଁ । ଆମେ ସମସ୍ତେ ଭାବିଲୁ ଯେ ସେ ପରୀକ୍ଷା ଦେଇ ପାରିବ ନାହିଁ, ଆଉ ସେପରି ସ୍ଥଳେ ବର୍ଷେ ପୁନରାବୃତ୍ତି କରିବାକୁ ପଡ଼ିବ । ସେ ଭଗବାନ ବାବାଙ୍କୁ ଗଭୀର ପ୍ରାର୍ଥନା କଲେ ସବୁ ଠିକ୍ ହୋଇଯିବ ବୋଲି ଆମେ ତାକୁ କହିଲୁ । ସେ ପରୀକ୍ଷା ଦେବା ସକାଶେ ଭଗବାନଙ୍କୁ ଅହରହ ପ୍ରାର୍ଥନା କରି ଚାଲିଲା ।

ଅବଶ୍ୟ ପରୀକ୍ଷା ଦିନ ସକାଳେ ତାର ଖୁବ୍ ଜର ଥିଲା ଏବଂ ସେ ଏତେ ଦୁର୍ବଳ ହୋଇଯାଇଥିଲା ଯେ ରେମା ତାକୁ ସ୍କୁଲକୁ ନେଇକରି ଗଲେ ଏବଂ ଜଣେ ଶିକ୍ଷକଙ୍କ ଦାୟିତ୍ୱରେ ଛାଡ଼ିଲେ, ଯେ ଅଞ୍ଜୁ ସହିତ ପ୍ରାୟୋଗିକ ପରୀକ୍ଷାଶାଳା ପର୍ଯ୍ୟନ୍ତ ଗଲେ । ଅଞ୍ଜୁ ଖୁବ୍ ଜରରେ ପରୀକ୍ଷାଗାରରେ ପ୍ରବେଶ କଲା ଏବଂ ଶିଢ଼ି ଚଢ଼ିଯିବା ଯୋଗୁଁ ବେହୋସ୍ ହେବାକୁ ଯାଉଥିଲା । ହଠାତ୍ ଏକ ଚମତ୍କାର ଘଟିଲା । ସେ ପରୀକ୍ଷାଗାରକୁ ଛୁଇଁବାମାତ୍ରେ

ଜ୍ୱର ଛାଡ଼ିଯିବା ପରି ଲାଗିଲା, ମୁଣ୍ଡ ଭଲ ଲାଗିଲା ଏବଂ ସେ ତା ଦେହ ଭିତରକୁ ଶକ୍ତି ପ୍ରବାହିତ ହେବା ପରି ଅନୁଭବ କଲା । ଶକ୍ତିରେ ଋଦ୍ଧିମନ୍ତ ହୋଇ ସେ ପ୍ରଥମେ ରସାୟନ ବିଜ୍ଞାନ ଓ ପରେ ପଦାର୍ଥବିଜ୍ଞାନ ପରୀକ୍ଷା ଦେଲା । ଆଶ୍ଚର୍ଯ୍ୟର କଥା ସେ ପରୀକ୍ଷାରେ କେବଳ ଭଲ କଲା ନାହିଁ ମାତ୍ର ୧୦୦% ଠିକ୍ କଲା, ଯାହା ସେ ତା ସ୍କୁଲରେ ବି କରି ନ ଥିଲା । ପରୀକ୍ଷାଫଳ ବାହାରିବା ବେଳେ ସେ ପୂରା ନମ୍ବର ରଖିଥିଲା ।

ସେ ତାର ଏହି ଶେଷ ପରୀକ୍ଷା ସାରି ପରୀକ୍ଷାଗାରରୁ ବାହାରିବା ବେଳେ ବେହୋସ ହୋଇଗଲା । ତାର ଜର ପୁଣି ଫେରି ଆସିଲା ଏବଂ ସେ ପ୍ରାୟ ସପ୍ତାହେ କାଳ ଚିକିତ୍ସାଳୟରେ ରହିବା ଦରକାର ପଡ଼ିଲା । ସେ ପରୀକ୍ଷା ହଲରେ ପ୍ରବେଶ କରିବା ବେଳେ ଜର କିପରି ଚାଲିଗଲା ? ତାର ମସ୍ତିଷ୍କ କିପରି ଠିକ୍ ରହିଲା? ସେ କିପରି ପରୀକ୍ଷାରେ ଏତେ ଭଲ କଲା ? ଏସବୁ ସଂଶୟର ଏକମାତ୍ର ଉତ୍ତର ହେଉଛି ଯେ ଏସବୁ କେବଳ ସ୍ୱାମୀଙ୍କର ଅସୀମ ଆଶୀର୍ବାଦରୁ । ଏହି ଚମତ୍କାରର ତା ଉପରେ ଏକ ସ୍ଥାୟୀ ପ୍ରଭାବ ରହିଲା ଏବଂ ସେ ବର୍ତ୍ତମାନ ଦୃଢ଼ ଭାବରେ ସ୍ୱାମୀଙ୍କୁ ବିଶ୍ୱାସ କରିବାକୁ ଆରମ୍ଭ କଲା ।

ପ୍ରାୟ ଏହି ସମୟରେ ଆମେ କେରଳରେ କୁମାରକୋମକୁ ଛୁଟିରେ ବୁଲିବାକୁ ଯାଇଥିଲୁ । ମୁଁ ବହୁଧା ଅଞ୍ଜୁକୁ ବିଚିତ୍ର ସ୍ଥାନମାନଙ୍କରେ ଏବଂ ବସ୍ତୁତଃ ପୃଥିବୀର ଯେ କୌଣସି ସ୍ଥାନକୁ ଗଲେ ବି ସ୍ୱାମୀଙ୍କର କିପରି ଅନୁଭୂତି କରିଥାଏ ତାହା ବୁଝାଉଥାଏ । କୁମାରକୋମ ଏକ ଘନ ଜଙ୍ଗଲରେ ଅବସ୍ଥିତ । ଆମେ ତା ଭିତରେ ପ୍ରବେଶ କରୁଥିବାବେଳେ ଅଞ୍ଜୁ ମୋତେ ପଚାରିଲା, "ପାପା, ତୁମେ କହୁଛ ଯେ ତୁମେ ସବୁଠାରେ ସାଇ ସଙ୍କେତ ପାଇଥାଅ । ତୁମେ ଏଠାରେ ପାଇବ କି?" ଏହା ଥିଲା ହିରଣ୍ୟକଶିପୁ ତାର ଭଗବତ୍ ପ୍ରେମୀ ପୁଅ ପ୍ରହ୍ଲାଦକୁ ପଚାରିବା ଭଳି, "ଭଗବାନ ଏହି ଖୁଣ୍ଟରେ ବି ଅଛନ୍ତି କି?" ଆଖିପତା ନ ପକାଇ ପୂର୍ଣ୍ଣ ବିଶ୍ୱାସର ସହ ମୁଁ ଉତ୍ତର ଦେଲି, "ଅବଶ୍ୟ, ଏଠାରେ ମଧ୍ୟ ମୁଁ ସାଇ ସଙ୍କେତ ପାଇବି ।" ଅଞ୍ଜୁ କହିଲା, "ମୁଁ ଏହି ଜଙ୍ଗଲରେ ଓ ଏହି ନିବାସରେ ସାଇ ସଙ୍କେତ ପାଇଲେ ସ୍ୱାମୀଙ୍କୁ ବିଶ୍ୱାସ କରିବି ।"

ଆମେ ହୋଟେଲ୍‌କୁ ଯାଇ ବହୁତ ଗରମ ହେଉଥିବାରୁ ଆରାମ ପାଇଁ ସିଧା ସନ୍ତରଣ କୁଣ୍ଡକୁ ଗଲୁ । ମୁଁ ଓ ଅଞ୍ଜୁ କୁଣ୍ଡରେ ଥିବାବେଳେ କମଳା ରସ ପାଇଁ ମୁଁ ୱେଟରକୁ କହିଲି । ୱେଟର କୁଣ୍ଡ ପାଖକୁ ଆସି ହାତ ଯୋଡ଼ି 'ସାଇରାମ' କହିଲା । ଏକଥା ଶୁଣି ଅଞ୍ଜୁ ଅବାକ୍ ହୋଇଗଲା । ବସ୍ତୁତଃ ତାର ରୋମାଞ୍ଚ ହେଲା । ୱେଟର ଆମକୁ କହିଲା ଯେ ସେ ଓ ତା ପରିବାର ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଭକ୍ତ ତଥା ତା ମାମୁଁ ସମିତି ଆବାହକ ଏବଂ ପ୍ରତି ଗୁରୁବାର ଏହି ଉପାନ୍ତ ସ୍ଥାନରେ ଭଜନ ହୁଏ ।

ମୁଁ ହସିଦେଇ ଅଞ୍ଜୁକୁ ଚାହିଁଲି ଏବଂ ଏହା ସ୍ୱାମୀଙ୍କର ଆଉ ଏକ ଲୀଳା ବୋଲି ଜାଣିଲି । ଏଠାରେ ଆମେ ପଞ୍ଚତାରକା ହୋଟେଲରେ ଥିଲୁ ଏବଂ ଆମର ସମ୍ପୂର୍ଣ୍ଣ ଅପରିଚିତ ୱେଟର ଆମକୁ 'ସାଇରାମ' କହି ସ୍ୱାମୀ ଓ ତାଙ୍କ ସଂଗଠନ ବିଷୟରେ କହିଲା । ବସ୍ତୁତଃ ମୁଁ ଅବାକ୍ ହୋଇଗଲି ଏବଂ ଆମେ ସାଇଭକ୍ତ ବୋଲି ସେ କିପରି ଜାଣିଲା ବୋଲି ପଚାରିଲି । ମୁଁ ମୋ ଚେନ୍‌ରେ ଲଗାଇଥିବା ଗୋଟିଏ ଛୋଟ ରୁପା ପଦକକୁ ସେ ଦେଖିଥିଲା ବୋଲି କହିଲା । ପାଠକମାନେ ଲକ୍ଷ୍ୟ କରନ୍ତୁ, ଆମେ ସନ୍ତରଣ କୁଣ୍ଡରେ ଥିଲୁ । ଚେନ୍‌ଟି ପାଣି ତଳେ ଥିଲା ଏବଂ ସେଥିରେ ଏକ ସେଣ୍ଟିମିଟର ବ୍ୟାସର ଛୋଟ ପଦକ ଲାଗିଥିଲା, ସେ କୁଣ୍ଡ ପାଖକୁ ଆସିବାବେଳେ ଅଳ୍ପ କେତେ ମୁହୂର୍ତ୍ତରେ କିପରି ଦେଖିପାରିଲା ? ହଁ ଦେଖିଲେ ବି ପଞ୍ଚତାରକା ହୋଟେଲର ୱେଟର ଆଦେଶ ନେବା ପୂର୍ବରୁ ବ୍ୟକ୍ତିଗତ କଥା କହିବା ସ୍ୱାଭାବିକ କି ? ଏହା ଅତ୍ୟନ୍ତ ଅସ୍ୱାଭାବିକ । କିନ୍ତୁ ସ୍ୱାମୀଙ୍କ ପାଇଁ ସବୁ ସମ୍ଭବ । ଏହି ଚମତ୍କାର ଅଞ୍ଜୁ ପାଇଁ ଥିଲା ଏବଂ ବସ୍ତୁତଃ ସ୍ୱାମୀଙ୍କ ଆଡ଼କୁ ତା ଜୀବନର ପରିବର୍ତ୍ତନବିନ୍ଦୁ ଥିଲା । ପ୍ରିୟ ସ୍ୱାମୀ, ଆମେ କିପରି ଆପଣଙ୍କୁ ଧନ୍ୟବାଦ ଦେଇପାରିବୁ ? ଆପଣଙ୍କର ଜୟ ହେଉ ।

ଓଁ ଜୟ ସାଇରାମ !

> *"ଭଗବାନ କେଉଁଠି ବୋଲି ପଚରାଯିବା ବେଳେ ଲୋକମାନେ ଆକାଶ ବା କୌଣସି ଦୂର ଅଞ୍ଚଳକୁ ଦେଖାନ୍ତି । ତେଣୁ ସେ ନିଜକୁ ପ୍ରକଟ ନ କରିବା କିଛି ବିଚିତ୍ର ନୁହେଁ । ସେ ତୁମ ଭିତରେ, ତୁମ ସାଥିରେ, ତୁମ ପଛରେ ଓ ତୁମ ଚାରିପଟେ ଅଛନ୍ତି ବୋଲି ଉପଲବ୍ଧି କର; ତାଙ୍କୁ ସର୍ବତ୍ର ଦର୍ଶନ ଓ ଅନୁଭବ କରିହେବ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା*

ଅଧ୍ୟାୟ : ୨୧

ପ୍ରେମ ଶୁଦ୍ଧ ହେଲେ ସ୍ୱାମୀ ଭଭା ହୁଅନ୍ତି

"ତୁମର ଯଦି ଭଗବାନଙ୍କ ପ୍ରତି ଶୁଦ୍ଧ, ପବିତ୍ର, ନିଃସ୍ୱାର୍ଥ ପ୍ରେମ ଥାଏ ତେବେ ଭଗବାନ ସେହି ମୁହୂର୍ତ୍ତରେ ତୁମ ଆଗରେ ଆବିର୍ଭୂତ ହେବେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା : ୧୯୯୬

ପୂର୍ବ ଅଧ୍ୟାୟରେ ମୁଁ ମୋ ଝିଅ ସ୍ୱାମୀଙ୍କ ଭକ୍ତ ହେବା କଥା ବର୍ଣ୍ଣନା କରିଥିଲି । ଏହି ଅଧ୍ୟାୟରେ ସ୍ୱାମୀଙ୍କ ସହ ମୋ ନାତିର ଅନୁଭୂତି ବର୍ଣ୍ଣନା କରିବି । ମୋ ନାତି ପ୍ରଣବକୁ ଏବେ ଏହି ବହି ଛପା ହେବାବେଳକୁ ନଅ ବର୍ଷ । ମୋ ପତ୍ନୀ ରେମା ମରିବା ବେଳକୁ ତାକୁ ପ୍ରାୟ ତିନି ବର୍ଷ ହୋଇଥିଲା । ସେ ଅଢ଼େଇ ବର୍ଷର ହୋଇଥିବାବେଳେ ଆମେ ରେମାଙ୍କ ସହ ପୁଟ୍ଟପର୍ତ୍ତି ଯାତ୍ରା କଲୁ । ତାହା ଥିଲା ଚେନ୍ନାଇ ବାହାରକୁ ପ୍ରଣବର ପ୍ରଥମ ଓ ରେମାଙ୍କର ଶେଷ ଯାତ୍ରା । ରେମା ପ୍ରଥମ ଧାଡ଼ିରେ ବସିଥାନ୍ତି ଏବଂ ଅଞ୍ଜୁ ପ୍ରଣବକୁ କୋଳରେ ଧରି ତାଙ୍କ ପଛରେ । ପୁଟ୍ଟପର୍ତ୍ତିରେ ସେମାନେ ଶୃଙ୍ଖଳା ବିଷୟରେ ଖୁବ୍ ଦୃଢ଼ ଏବଂ ପିଲାମାନଙ୍କୁ ପାଟି କରିବାକୁ ବା ଏଣେତେଣେ ଦୌଡ଼ିବାକୁ ଦିଅନ୍ତି ନାହିଁ । ତେଣୁ ପ୍ରଣବକୁ ଚୁପ୍‌ଚାପ ବସିବାକୁ ସତର୍କ କରାଗଲା । ସୁଖଦ ଆଶ୍ଚର୍ଯ୍ୟ ଯେ ସ୍ୱାମୀ ତାଙ୍କର ଚକଲଗା ଚୌକିରେ ଆସି ରେମା ଆଗରେ ଅଟକିଲେ ଏବଂ ପାଦନମସ୍କାର ନେବାକୁ କହିଲେ । ଏହା ଆମ ପାଇଁ ପରମ ଆଶୀର୍ବାଦର ମୁହୂର୍ତ୍ତ ଥିଲା । ରେମା ସ୍ୱାମୀଙ୍କ ପାଖକୁ ଯିବାକୁ ଉଠିପଡ଼ି ପାଦ ଛୁଇଁଲେ । ସେହି ମୁହୂର୍ତ୍ତରେ ସମସ୍ତଙ୍କ ଅଲକ୍ଷ୍ୟରେ ପ୍ରଣବ ଅଞ୍ଜୁ କୋଳରୁ ଉଠିପଡ଼ି ରେମା ଖାଲି କରିଥିବା ଜାଗା ଦେଇ ସ୍ୱାମୀଙ୍କ ପାଖରେ ପହଞ୍ଚିଗଲା ଏବଂ ତାଙ୍କ ହାତ ଧରି ହଲାଇବାକୁ ଲାଗିଲା ଓ କହିଲା, "ହାଲୋ ସ୍ୱାମୀ ।" ଏସବୁ ଏତେ ଶୀଘ୍ର ହେଲା ଯେ ସେବାଦଳ ତାକୁ ଅଟକାଇବାକୁ ବେଳ ପାଇଲେ ନାହିଁ । ସମସ୍ତେ ହସିଲେ ଓ ଅଞ୍ଜୁ ଡରିଯାଇ 'ପ୍ରଣବ, ଚାଲିଆ' ବୋଲି ଡାକ ପକାଇଲା । ରେମା ମଧ୍ୟ ପ୍ରଣବକୁ ଧରି ନେଇ ଆସିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ସ୍ୱାମୀ ତାକୁ ଅଟକାଇଲେ, ତାକୁ ଚାହିଁ ହସିଲେ, ପାଖକୁ ଡାକିଲେ, ଆଶୀର୍ବାଦ କଲେ ଓ ବିଭୂତି ପୁଡ଼ିଆଟିଏ ଦେଲେ । ଅତି ବାଲ୍ୟ ଅବସ୍ଥାରେ ପାଇଥିବା ସ୍ୱାମୀଙ୍କର ଏହି ଆଶୀର୍ବାଦ ଯୋଗୁଁ ସେ ସ୍ୱାମୀଙ୍କ ପ୍ରତି ଅତିଶୟ ଆସକ୍ତ ହୋଇ ରହିଲା । ସେ ନିଜେ ଅନେକ ଭଜନ ଶିଖିଛି ଏବଂ ବହୁଧା ଆମେ ଜାଣି ନ ଥିବା ନୂଆ ଭଜନ ଗାଇ ଆମକୁ ଚମକାଇ ଦେଉଛି ।

ଦିନେ ତାକୁ ୨ ବର୍ଷ ହୋଇଥିବା ବେଳେ ମୁଁ ଓ ମୋ ଝିଅ ପୂଜାଘରେ ସବୁଦିନ ପରି ସ୍ୱାମୀଙ୍କ ପାଦୁକା ପୂଜା କରୁଥିଲୁ । ହଠାତ୍ ପ୍ରଣବ କହିଲା, "ଦେଖ, ଦେଖ, ସ୍ୱାମୀ ଆସିଛନ୍ତି ।" ଆମେ ଦୁହେଁ ତାକୁ ପଚାରିଲୁ, "ପ୍ରଣବ, କାହାନ୍ତି ?" ସେ ଏକ ନିର୍ଦ୍ଦିଷ୍ଟ ଦିଗକୁ ଦେଖାଇ କହିଲା, "ଦେଖ, ତୁମେ ସ୍ୱାମୀଙ୍କୁ ଦେଖିପାରୁନାହଁ ? ସେ ଆମକୁ ଚାହିଁ ହସୁଛନ୍ତି ଓ ହାତ ହଲାଉଛନ୍ତି ।" ଅବଶ୍ୟ ଆମେ ଦୁହେଁ ସ୍ୱାମୀଙ୍କୁ ଦେଖିପାରିଲୁ ନାହିଁ, କିନ୍ତୁ ସ୍ୱାମୀ ତାଙ୍କର ଅସୀମ କରୁଣାରୁ ଅମାୟିକ ଶିଶୁଟିର ଆନ୍ତରିକ ଭକ୍ତି ଓ ଅସୀମ ପ୍ରେମ ଯୋଗୁଁ ପ୍ରଣବ ଆଗରେ ଦେଖାଦେଲେ । ଏପରି କିଛି ମିନିଟ୍ ଚାଲିଲା । ସେ କଳ୍ପନା ଓ ଭାବନାରୁ କହୁନାହିଁ ବୋଲି ଜାଣିବା ପାଇଁ ଆମେ ଅନେକ ପ୍ରକାର ପ୍ରଶ୍ନ କଲୁ । ମାତ୍ର ସେ ଦେଉଥିବା ସ୍ୱାମୀଙ୍କର ସ୍ପଷ୍ଟ ବର୍ଣ୍ଣନାରୁ ଏବଂ ସେ ଏପରି କଳ୍ପନା କରିବା ପାଇଁ ଖୁବ୍ ଛୋଟ ହୋଇଥିବାରୁ ସ୍ୱାମୀ ତା ଆଗରେ ସଶରୀରରେ ଆବିର୍ଭୂତ ହୋଇଥିଲେ ବୋଲି ନିଶ୍ଚିତ ହେଲୁ । କେବଳ ସ୍ୱାମୀ ହିଁ ତାଙ୍କର ଅସୀମ ଓ ନିଃସର୍ତ୍ତ ପ୍ରେମ ଯୋଗୁଁ ଏପରି କାର୍ଯ୍ୟ କରିଥିଲେ ଯେଉଁଥିପାଇଁ ଆମେ ନିଜକୁ ଆଶିଷ୍ଟ ମନେ କରୁଛୁ ଯେ ସେ ଆମ ପୂଜାଗୃହରେ ଉଭା ହୋଇ ମୋ ନାତିକୁ ଦର୍ଶନ ଦେଇଥିଲେ ।

ଓଁ ଜୟ ସାଇରାମ !

> *"ପ୍ରକୃତ ଭକ୍ତି ହେଉଛି ତାହା ଯାହା ତୁମର ପ୍ରେମକୁ ଫଳ ନିର୍ବିଶେଷରେ, କୌଣସି ପାରିତୋଷିକ ଆଶା ନ କରି ଭଗବାନଙ୍କ ଆଡ଼କୁ ନିରନ୍ତର ପ୍ରବାହିତ ହୋଇଥାଏ ।"*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା,*
> *ଦିବ୍ୟ ସମ୍ଭାଷଣ ୧୯୮୭*

ଅଧ୍ୟାୟ : ୨୨

ସ୍ୱାମୀଙ୍କ ସହ ଯୁକ୍ତ ହେବାରେ ବିଳମ୍ବ ନାହିଁ

"ତୁମେ ଜଣେ ବ୍ୟକ୍ତି ନୁହଁ, ମାତ୍ର ତିନିଜଣ : ତୁମେ ନିଜକୁ ଯାହା ବୋଲି ଭାବୁଛ, ଅନ୍ୟମାନେ ତୁମକୁ ଯାହା ବୋଲି ଭାବୁଛନ୍ତି, ତୁମେ ପ୍ରକୃତରେ ଯାହା ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୩୪ତମ ଭାଗ

ମୁଁ ପ୍ରଥମ ଅଧ୍ୟାୟରେ ମୋ ପିଲାଦିନର ଗୋଟିଏ ଘଟଣା ଉଲ୍ଲେଖ କରିଛି, କିପରି ମୋ ବାପା ଅନ୍ୟ ଅନେକ ଲୋକଙ୍କ ପରି ଆମକୁ ସ୍ୱାମୀଙ୍କ ଦର୍ଶନ ପାଇଁ ଯିବାକୁ ବିରୋଧ କରୁଥିଲେ ଏବଂ କିପରି ଏକ ସ୍ୱପ୍ନ ଦେଖିବା ଫଳରେ ସେସବୁ ହଠାତ୍ ବଦଳିଗଲା । ପରବର୍ତ୍ତୀ କାଳରେ ମୁଁ ଭଗବାନ ବାବାଙ୍କର ଭକ୍ତ ହେବାବେଳେ ଅନେକ ଥର ସ୍ୱାମୀଙ୍କ ବିଷୟରେ ବାପାଙ୍କ ସହ ଚର୍ଚ୍ଚା କରୁଥିଲି । ସ୍ୱଭାବତଃ ମୋ ବାପା ଜଣେ ଅତ୍ୟନ୍ତ ଶାନ୍ତ ଓ ଗମ୍ଭୀର ବ୍ୟକ୍ତି; ସେ ବେଶି କଥାବାର୍ତ୍ତା କରନ୍ତି ନାହିଁ । ତେଣୁ ଯେତେବେଳେ ମୁଁ ବାବାଙ୍କ ବିଷୟରେ କହେ ସେ କୌଣସି ଅନୁକୂଳ ବା ପ୍ରତିକୂଳ ମନ୍ତବ୍ୟ ନ ଦେଇ ଶୁଣନ୍ତି । ତେଣୁ ସେ ସ୍ୱାମୀଙ୍କୁ ବିଶ୍ୱାସ କରୁଛନ୍ତି କି ନାହିଁ ଏବଂ ମୁଁ ଯାହା କହୁଛି ସେ ସମ୍ବନ୍ଧରେ ସେ କ'ଣ ଭାବୁଛନ୍ତି ସେ ବିଷୟରେ ମୋର କିଛି ଧାରଣା ହେଉନଥିଲା ।

ଫେବୃୟାରୀ ୧୯୯୬ ଶେଷରେ ହାଇଦ୍ରାବାଦଠାରେ ମଧୁମେହ ସମ୍ମିଳନୀରେ ମୁଁ ମୋ ବାପାଙ୍କ ସହ ଯୋଗ ଦେଇଥିଲି । ସମ୍ମିଳନୀ ସରିବା ପରେ ଆମେ ହାଇଦ୍ରାବାଦ ବିମାନବନ୍ଦରରେ ପହଞ୍ଚିଲୁ । ମୋ ବାପା ବହି ଦୋକାନକୁ ଯାଇ ମାଆଙ୍କ ପାଇଁ ବହିଟିଏ କିଣିବାକୁ କହିଲେ । ଏହା ଖୁବ୍ ବିଚିତ୍ର ଥିଲା, କାରଣ ମୁଁ ତାଙ୍କୁ କେବେ ମାଆଙ୍କ ପାଇଁ ବହି କିଣିବାର ଦେଖି ନ ଥିଲି । ଆମେ ବହି ଦୋକାନକୁ ଯିବାବେଳେ ବାପା ଦୋକାନୀକୁ ସାଇବାବାଙ୍କ ବିଷୟରେ ବହିଟିଏ ମାଗିଲେ । ଦୋକାନୀ ତତ୍କ୍ଷଣାତ୍ ଶିରଡ଼ି ବାବାଙ୍କ ଉପରେ ବହିଟିଏ ଆଣିଦେଲା । କିନ୍ତୁ ମୋ ବାପା କହିଲେ, "ନା, ସତ୍ୟସାଇ ବାବାଙ୍କ ବିଷୟରେ ।" ଦୋକାନୀ କ୍ଷମା ମାଗି କହିଲା, "ମୋ ପାଖରେ ସତ୍ୟସାଇ ବାବାଙ୍କ ବିଷୟରେ ବହି ନାହିଁ ।" ମୋ ବାପା ନିରାଶ ହୋଇଗଲେ ଏବଂ ରାଗିଯାଇ କହିଲେ,

"ତୁମେ ହାଇଦ୍ରାବାଦରେ ରହୁଛ ଏବଂ ସତ୍ୟସାଇ ବାବାଙ୍କ ବିଷୟରେ ତୁମର ବହି ନାହିଁ । ତୁମେ କାହିଁକି ସତ୍ୟସାଇ ବାବାଙ୍କ ଉପରେ ବହି ରଖୁନାହଁ ?" ମୋତେ ଆଶ୍ଚର୍ଯ୍ୟ ଲାଗିଲା, କାରଣ ସେ ବାବାଙ୍କ ବହିରେ ଆଗ୍ରହୀ ଥିବେ ବୋଲି ମୁଁ ଜାଣିନଥିଲି । ସେ ଶିରଡ଼ି ବାବାଙ୍କ ବିଷୟରେ ବହି କିଣିବାକୁ ଆଗ୍ରହୀ ନ ଥିବାରୁ ମାଆଙ୍କ ପାଇଁ ଆଉ କିଛି ଆଧ୍ୟାତ୍ମିକ ବହି କିଣିହେବ ବୋଲି ମୁଁ ତାଙ୍କୁ ବୁଝାଇଲି । ମୁଁ ଶ୍ରୀ ରାଜଗୋପାଳାଚାରୀଙ୍କ ଦ୍ୱାରା ରାମାୟଣ ଉପରେ ଲିଖିତ ବହିଟିଏ ବାଛିଲି । ସେ ହତୋତ୍ସାହିତ ଜଣା ପଡ଼ିଲେ, କିନ୍ତୁ ଯାହା ହେଉ ସେ ବହିଟି କିଣିଲେ । ମୁଁ ତାପରେ ତାଙ୍କୁ କହିଲି, "ତୁମେ ମାଆଙ୍କ ପାଇଁ ପ୍ରଥମ ଥର ଏହି ବହିଟି କିଣୁଥିବାରୁ ଏଥିରେ କାହିଁକି ସ୍ୱାକ୍ଷର କରୁନାହଁ ?" ସେ ସମ୍ମତ ହେଲେ ଓ ବହିରେ ସ୍ୱାକ୍ଷର କଲେ ।

ଏହା ରବିବାରର କଥା । ସୋମବାରରୁ ଗୁରୁବାର ପର୍ଯ୍ୟନ୍ତ ପରବର୍ତ୍ତୀ ଚାରିଦିନ ମୋ ବାପା ସାଇଭଜନ ଶୁଣିବା ପାଇଁ ଚାହିଁଲେ । ମାଆ ସଙ୍ଗେ ସଙ୍ଗେ କ୍ୟାସେଟ୍ ରେକର୍ଡ଼ର ବ୍ୟବସ୍ଥା କରିଦେଲେ ଏବଂ ତିନିଦିନ ସେ ଭଜନ ଶୁଣିଲେ । ଚତୁର୍ଥ ଦିନ ୨୯ ଫେବୃୟାରୀ ୧୯୯୬ ଗୁରୁବାରରେ ରେକର୍ଡ଼ ବାଜିଲା ନାହିଁ । ମାଆ ଆଉ ଗୋଟିଏ କ୍ୟାସେଟ ଲଗାଇଲେ ତାହା ବି ଚାଲିଲା ନାହିଁ । ସେଦିନ ମୋ ବାପା ଭଜନ ଶୁଣିପାରିଲେ ନାହିଁ । ପରେ ଆମେ ଉପଲବ୍ଧି କଲୁ ଯେ ଏହା ଅଶୁଭ ସାଇ ସଙ୍କେତ ଥିଲା । ସେହି ରାତିରେ ମୋ ବାପା ନିଦରେ ଶାନ୍ତିରେ ଦେହ ତ୍ୟାଗ କଲେ । ଆଜି ପର୍ଯ୍ୟନ୍ତ ମୁଁ ଜାଣିନାହିଁ ସେ କାହିଁକି ଜୀବନର ଶେଷ ଚାରିଦିନ ସ୍ୱାମୀଙ୍କ ସହ ସମ୍ପୃକ୍ତ ରହିଲେ, ଯାହା ସେ କେବେ ବି ତାଙ୍କ ଜୀବନରେ କରିନଥିଲେ । ସେ କାହିଁକି ମାଆ ପାଇଁ ବହିଟିଏ କିଣିବାକୁ ଚାହିଁଲେ ? କ୍ୟାସେଟ୍ ରେକର୍ଡ଼ର କାହିଁକି ତିନିଦିନ ଭଲ ଚାଲିଲା ଏବଂ ବାପାଙ୍କର ପ୍ରୟାଣ ଦିନ କାହିଁକି ନୁହେଁ ? ଏହି ପ୍ରଶ୍ନଗୁଡ଼ିକ ଅଦ୍ୟାବଧି ଅନୁତ୍ତରିତ ରହିଛି । କଥା ଏହିଠାରେ ଶେଷ ନୁହେଁ ।

ମୋ ମାଆ ପ୍ରଥମେ ଏହି ବହି ପଢ଼ିଲେ ନାହିଁ ଓ ଥାକରେ ରଖିଦେଲେ । ମୋ ପିତାଙ୍କ ମୃତ୍ୟୁର କିଛି ମାସ ପରେ ଭଗବାନ ବାବା ତାଙ୍କ ସ୍ୱପ୍ନରେ ଆସି କହିଲେ, "ତୁମେ କାହିଁକି ତୁମ ସ୍ୱାମୀ ଦେଇଥିବା ରାମାୟଣ ବହି ପଢୁନାହଁ ? ତାହା ଭଲ ବହି । ତାହା ଇଂରାଜୀରେ ଏବଂ ତୁମକୁ ଟିକିଏ କଷ୍ଟ ହୋଇପାରେ, ତଥାପି ପଢ଼ ।" ମୋ ମାଆ ଆନନ୍ଦିତ ହୋଇଗଲେ ଏବଂ ପରଦିନ ଅତ୍ୟନ୍ତ ଉତ୍ତେଜିତ ହୋଇ ମୋତେ ଏ କଥା କହିଲେ । ପ୍ରିୟ ପାଠକମାନେ, ଆପଣମାନେ ଏଥିରେ ସମ୍ପର୍କ ଦେଖୁଛନ୍ତି କି ? ମୋ

ବାପା ବାବାଙ୍କ ଉପରେ ବହିଟିଏ କିଣିବାକୁ ଚାହୁଁଥିଲେ, ଯାହା ଉପଲବ୍ଧ ନ ଥିଲା । ତାପରେ ଆମେ ରାମାୟଣ ବହି ବାଛିଲୁ ଏବଂ ଶେଷରେ ବାବା ସ୍ୱପ୍ନରେ ଆସି ମାଆଙ୍କୁ ସେଇଟି ପଢ଼ିବାକୁ କହିଲେ । ଆମ ପାଇଁ ଏହା ସ୍ୱାମୀଙ୍କ ଲୀଳାର ଅଂଶବିଶେଷ ଏବଂ ତାଙ୍କର ସର୍ବଜ୍ଞତା ପ୍ରଦର୍ଶନ କରେ ଯେ ସେ ଆମ ଜୀବନରେ ଘଟୁଥିବା ପ୍ରତିଟି କଥାକୁ ଜାଣନ୍ତି ।

ମୋ ପିତାଙ୍କ ମୃତ୍ୟୁ ଓ ସ୍ୱାମୀଙ୍କ ମଧ୍ୟରେ ଆଉ ଏକ ସମ୍ପର୍କ ଅଛି । ମୋ ପିତାଙ୍କ ମୃତ୍ୟୁ ପରେ ମୋ ମାଆ ଅନେକ ଘଣ୍ଟା ନକାରାତ୍ମକ ସ୍ଥିତିରେ ରହିଲେ । ସେ ମୋତେ କହୁଥାନ୍ତି, "ସ୍ୱାମୀଙ୍କୁ ପ୍ରାର୍ଥନା କରି ତାଙ୍କ ଜୀବନ ବଢ଼ାଇ ଦେବାକୁ କହ ।" ବାପା ମରିଯାଇଛନ୍ତି ବୋଲି ଆମେ ସମସ୍ତେ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲୁ, କିନ୍ତୁ ତାହା ସ୍ୱୀକାର କରିବାକୁ ତାଙ୍କୁ କିଛି ସମୟ ଲାଗିଲା । ତିନି ମାସ ପରେ ମୁଁ ଯୁକ୍ତରାଜ୍ୟର କେମ୍ବ୍ରିଜ୍‌ଠାରେ ମଧୁମେହ ପାଠ୍ୟକ୍ରମ ଶିକ୍ଷା ଦେଉଥାଏ । ସେ ରାତିରେ ସ୍ୱାମୀ ମୋ ସ୍ୱପ୍ନରେ ଆସି କହିଲେ, "ମାଆଙ୍କୁ କହ, ମୁଁ ତୁମ ବାପାଙ୍କର ଅଢ଼େଇ ବର୍ଷ ଜୀବନ ବଢ଼ାଇ ଦେଇ ସାରିଥିଲି ।" ମୁଁ ସକାଳେ ଉଠିବାବେଳେ ଦ୍ୱନ୍ଦ୍ୱରେ ପଡ଼ିଲି, କାରଣ ମୁଁ ସ୍ୱାମୀଙ୍କ କଥାର ଅର୍ଥ ବୁଝିପାରିଲି ନାହିଁ । କେଉଁ ଅଢ଼େଇ ବର୍ଷ ବିଷୟରେ ସ୍ୱାମୀ କହୁଛନ୍ତି ?

ମୁଁ ଯୁକ୍ତରାଜ୍ୟରୁ ଫେରିବା ପରେ ମାଆଙ୍କୁ ଭେଟିଲି । ସେ ମୋତେ ସ୍ୱାମୀଙ୍କୁ ପ୍ରାର୍ଥନା କରିବା ପାଇଁ କହିବା ବେଳେ 'ବଢ଼ାଇ ଦେବା' କଥା କହିଥିଲେ ଏବଂ ସ୍ୱାମୀ ମଧ୍ୟ ସ୍ୱପ୍ନରେ ସେହି ଶବ୍ଦର ପ୍ରୟୋଗ କରିଥିଲେ ବୋଲି ମନେ ପକାନ୍ତୁ । ମୁଁ ତାଙ୍କୁ ଏ ସ୍ୱପ୍ନ ବିଷୟରେ କହିବାବେଳେ ସେ କହିଲେ, "ହଁ, ସ୍ୱାମୀ ଯାହା କହିଲେ ତାହା ଠିକ୍ ।" ମୁଁ ଚକିତ ହୋଇଗଲି ଏବଂ କହିଲି "ମାନେ ?" ସେ ମୋତେ ଏକ ଗୁପ୍ତ କଥା କହିଲେ, ଯାହା ପୂର୍ବରୁ କାହାକୁ କହିନଥିଲେ । ଅନେକ ବର୍ଷ ପୂର୍ବେ ଜଣେ ଜ୍ୟୋତିଷ କହିଥିଲେ ଯେ ମୋ ବାପା ୭୦ ବର୍ଷ ବୟସରେ ମରିବେ । ସେ ଜ୍ୟୋତିଷଙ୍କୁ ବିଶ୍ୱାସ ନ କରି ଆଉ ଦୁଇଜଣ ଜ୍ୟୋତିଷଙ୍କ ପାଖକୁ ଗଲେ । ମୋ ବାପା ୭୦ ବର୍ଷରେ ମରିବେ ବୋଲି ଉଭୟ ସୁନିଶ୍ଚିତ କଲେ ।

ମୋ ମାଆ ବିଚଳିତ ହୋଇଗଲେ ଏବଂ ମୋ ବାପାଙ୍କ ପାଇଁ ନିରନ୍ତର ପ୍ରାର୍ଥନା କରି ଚାଲିଲେ । ମୋ ବାପାଙ୍କୁ ୭୦ ବର୍ଷ ହେବାବେଳେ ତାଙ୍କର ଏକ ଶଲ୍ୟ ଚିକିତ୍ସା ହୋଇଥିଲା । ସେତେବେଳେ ତାଙ୍କର ରକ୍ତଚାପ ଓ ରକ୍ତପ୍ରବାହ ଏତେ କମିଗଲା ଯେ ସେ ମରିଯିବେ ବୋଲି ମୁଁ ଭାବିଲି । ଅବଶ୍ୟ ସେ ବଞ୍ଚିଲେ । ସେ ପ୍ରକୃତରେ ମରିବା

ବେଳକୁ ତାଙ୍କୁ ସାଢ଼େ ବାସ୍ତରୀ ବର୍ଷ ହୋଇଥିଲା । ମୋ ମାଆ ଏବେ ଆଶ୍ୱସ୍ତ ହେଲେ ଯେ ସ୍ୱାମୀ ଅଢ଼େଇ ବର୍ଷ ଜୀବନ ବଢ଼ାଇ ଦେଇଥିଲେ ।

ସ୍ୱାମୀଙ୍କ ପ୍ରତି ଆଗ୍ରହ ଦେଖାଉନଥିବା ମୋ ବାପା କିପରି ଜୀବନର ଶେଷଦିନମାନଙ୍କରେ ହଠାତ୍ ସ୍ୱାମୀଙ୍କ ଉପରେ ବିଶ୍ୱାସ ବଢ଼ାଇଲେ ତାହା ମୋ ପାଇଁ ଏବେ ବି ଏକ ରହସ୍ୟ । ଅଧିକନ୍ତୁ ତାଙ୍କ ମୃତ୍ୟୁ ମାଧ୍ୟମରେ ସେ ସ୍ୱାମୀଙ୍କ ସହ ତାଙ୍କର ସମ୍ପର୍କ ପ୍ରତିଷ୍ଠା କରିଥିଲେ । ସ୍ୱାମୀ ବାପାଙ୍କୁ ଅନେକ ପ୍ରକାରେ ଆଶୀର୍ବାଦ କରିଥିବାରୁ ମୁଁ ଓ ମୋ ମାଆ ତଥା ପରିବାରର ସବୁ ସଦସ୍ୟ ନିଜକୁ ଅତିଶୟ ଧନ୍ୟ ମନେକରୁ ।

ସ୍ୱାମୀ ଆମେ ଆପଣଙ୍କ ପ୍ରତି ସର୍ବଦା କୃତଜ୍ଞ ରହିବୁ, କାରଣ ଆମ ଜୀବନର ପ୍ରତିଟି ଘଟଣା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଆପଣଙ୍କ ସହ ସମ୍ପୃକ୍ତ ।

ଓଁ ଜୟ ସାଇରାମ !

"ଦିବ୍ୟ ପ୍ରେମ ହେଉଛି ନିର୍ଗୁଣ, ନିରଞ୍ଜନ, ସନାତନ ନିକେତନ, ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ, ନିର୍ମଳସ୍ୱରୂପିଣମ୍ । ଏତାଦୃଶ ଦିବ୍ୟପ୍ରେମ ସର୍ବବ୍ୟାପୀ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା
ଦିବ୍ୟ ସମ୍ଭାଷଣ : ୩୪ତମ ଭାଗ

ଅଧ୍ୟାୟ : ୨୩

ସ୍ୱାମୀଙ୍କର ପ୍ରତିଟି ଶବ୍ଦ ବେଦବାକ୍ୟ

"ତୁମେ ମୋତେ ତୁମର ଦିଗ୍‌ଦର୍ଶକ ଭାବରେ ପାଇବାର ସୌଭାଗ୍ୟକୁ ଉପଲବ୍ଧି କର ନାହଁ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱିତୀୟ ଭାଗ

ମୁଁ ପଞ୍ଚମ ଅଧ୍ୟାୟରେ ୧୯୯୧ରେ ରୟପେଟାଠାରେ ଭଡ଼ାଘରେ ଆମର କେନ୍ଦ୍ର ଆରମ୍ଭ କରିବା ସମ୍ବନ୍ଧରେ ଉଲ୍ଲେଖ କରିଛି । ୧ ସେପ୍ଟେମ୍ବର ୧୯୯୨ରେ ଆମ କେନ୍ଦ୍ରର ପ୍ରଥମ ବାର୍ଷିକୀ ଅବସରରେ ଆମେ ଏକ ବଡ଼ ଉତ୍ସବ କରିବାକୁ ଠିକ୍ କଲୁ । ମୁଁ ବାପାଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରିଥିଲି ଏବଂ ପୂର୍ବରୁ ମାର୍ଚ୍ଚ ମାସରୁ ସେ ଦିନଟିକୁ ଉତ୍ସବ ପାଇଁ ଖାଲି ରଖିବାକୁ କହିଥିଲି । ସେ ତତ୍‌କ୍ଷଣାତ୍ ରାଜି ହୋଇଥିଲେ । ଅବଶ୍ୟ ସେ ସମ୍ମତ ହେବା ପରେ ସ୍ୱାମୀ ମୋ ସ୍ୱପ୍ନରେ ଆସିଲେ ଏବଂ କହିଲେ, "ତୁମ ବାପା ତୁମ ଉତ୍ସବ ପାଇଁ ଆସିବାକୁ ରାଜି ହୋଇଥିଲେ ବି ସେ ଆସିବେ ନାହିଁ । ଚିନ୍ତା କର ନାହିଁ, ତୁମେ ତୁମ ବହିଟି ତାଙ୍କୁ ଉତ୍ସର୍ଗ କରିପାରିବ ।" ମୁଁ ସକାଳେ ଉଠି ପଡ଼ିଲି ଏବଂ ଦୁଇଟି କାରଣରୁ ଦ୍ୱିଧାରେ ପଡ଼ିଲି । ଗୋଟିଏ ହେଲା ମୋ ବାପା ଉତ୍ସବକୁ ଆସିବାକୁ ସମ୍ମତ ହୋଇଛନ୍ତି, କିନ୍ତୁ ବାବା ମନା କରୁଛନ୍ତି, ତାହା ମଧ୍ୟ ବହୁ ମାସ ପୂର୍ବରୁ । ଦ୍ୱିତୀୟତଃ ସ୍ୱାମୀ ମୋତେ ମୋ ବହିଟି ତାଙ୍କୁ ଉତ୍ସର୍ଗ କରିବାକୁ କହିଲେ । ସେ କେଉଁ ବହି କଥା କହୁଛନ୍ତି ବୋଲି ଚିନ୍ତା କଲି ।

ମୁଁ ସେଦିନ ମୋ କେନ୍ଦ୍ରକୁ ଗଲି ଏବଂ ରୋଗୀମାନଙ୍କୁ ଦେଖିବାରେ ବ୍ୟସ୍ତ ରହିଲି । ହଠାତ୍ ମୋର ଜଣେ ରୋଗୀ, 'ବନାନ' ନାମରେ ଲେଖୁଥିବା ଜଣେ ପ୍ରଖ୍ୟାତ ତାମିଲ ଲେଖକ ମୋତେ କହିଲେ, "ତୁମେ କାହିଁକି ମଧୁମେହ ବିଷୟରେ ତାମିଲରେ ବହି ଲେଖୁନାହଁ ?" ମୋର ତାମିଲ ଭଲ ନୁହେଁ ଏବଂ ମୋ ପାଖରେ ବହି ଲେଖିବାକୁ ସମୟ ନାହିଁ ବୋଲି କହିବାରୁ ସେ କହିଲେ, "ଚିନ୍ତା କର ନାହିଁ, ତୁମେ ପୂର୍ବରୁ ଲେଖିଥିବା କିଛି ଲେଖା ମୋତେ ଦିଅ । ମୁଁ ସେଗୁଡ଼ିକ ଅନୁବାଦ କରି ବହି ରୂପରେ ସଂକଳିତ କରିଦେବି । ମୁଁ ତୁମ ପାଇଁ ସବୁ କାମ କରିବି । ତୁମେ ଖାଲି ମୋତେ ସାମଗ୍ରୀ ଦିଅ ।" ତାଙ୍କ କଥା ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା, କାରଣ ପୂର୍ବରାତ୍ରିର ସ୍ୱପ୍ନରେ ବାବା 'ବହି'

କଥା ଉଲ୍ଲେଖ କରିଥିଲେ । ମୁଁ ସମ୍ମତ ହେଲି ଏବଂ ତାଙ୍କୁ ମୋର ବ୍ୟାଖ୍ୟାନ ଓ ପ୍ରକାଶିତ ଲେଖା ପ୍ରଭୃତି ଉପରେ ଆଧାରିତ ଯଥେଷ୍ଟ ସାମଗ୍ରୀ ଦେଲି । ଆଉ କେତେ ମାସ ଭିତରେ ସେ କୃପାପୂର୍ବକ ସେସବୁକୁ ତାମିଲରେ ମଧୁମେହ ଉପରେ ଏକ ପୁସ୍ତକ ରୂପରେ ସଂକଳିତ କରିଦେଲେ ।

ଅଗଷ୍ଟ ୧୯୯୨ ପ୍ରାରମ୍ଭରେ ମୋ ମାତାପିତା ଆଟଲାଣ୍ଟାରେ ରହୁଥିବା ମୋ ଭଉଣୀ ପାଖକୁ ଯୁକ୍ତରାଷ୍ଟ୍ର ଆମେରିକା ଗଲେ । ସେ ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ଭାରତକୁ ଫେରିବେ ଏବଂ ଆମ ବାର୍ଷିକୋତ୍ସବରେ ଯୋଗଦେବେ ବୋଲି ମୋତେ କହିଥିଲେ । ସେ କିନ୍ତୁ ଯୁକ୍ତରାଷ୍ଟ୍ର ଯିବା ପରେ ଘଟଣାକ୍ରମ ବଦଳିଲା । ମୋ ଭଉଣୀ ସେପ୍ଟେମ୍ବର ପ୍ରଥମ ସପ୍ତାହରେ କିଛି ଛୁଟି ପାଇପାରିଲା । ତେଣୁ ଭଉଣୀ ମୋତେ ଫୋନ୍ କରି ମାତାପିତା ଆଉ କିଛିଦିନ ରହିଲେ ସେପ୍ଟେମ୍ବରରେ ସେମାନେ ବୁଲାବୁଲି କରିବାକୁ ଯାଇପାରନ୍ତେ ବୋଲି କହିଲା । ମୁଁ ଅନିଚ୍ଛାସତ୍ତ୍ୱେ ରାଜି ହେଲି । ତେଣୁ ମୋ ପିତା ବାର୍ଷିକୋତ୍ସବରେ ଯୋଗ ଦେଇପାରିଲେ ନାହିଁ । ଅବଶ୍ୟ ସେହି ଉତ୍ସବ ବେଳେ 'ମଧୁମେହ' ପୁସ୍ତକଟି ଉନ୍ମୋଚିତ ହେଲା ଏବଂ ତାହା ମୁଁ ପିତାଙ୍କୁ ଉତ୍ସର୍ଗ କରିଥିଲି । ସ୍ୱାମୀଙ୍କ କୃପାରୁ ଉତ୍ସବ ଖୁବ୍ ସଫଳ ହେଲା । ସ୍ୱାମୀ ପାଞ୍ଚମାସ ପୂର୍ବରୁ ମାର୍ଚ୍ଚରେ ସ୍ୱପ୍ନରେ ଏହି ଘଟଣାକ୍ରମ ବର୍ଣ୍ଣନା କରିଥିଲେ । ଏହା ସ୍ୱାମୀଙ୍କର ସର୍ବଜ୍ଞତାର ଏବଂ ସେ କିପରି ଭକ୍ତମାନଙ୍କୁ ପ୍ରତ୍ୟେକ ପଦକ୍ଷେପରେ ଦିଗ୍‌ଦର୍ଶନ ଦିଅନ୍ତି ତାହାର ଆଉ ଏକ ଦୃଷ୍ଟାନ୍ତ ।

ଓଁ ଜୟ ସାଇରାମ !

> *"ଭଗବାନ ହିଁ ଏକମାତ୍ର ପ୍ରକୃତ ଗୁରୁ । ତାଙ୍କୁ ଡାକ ଏବଂ ସେ ତୁମକୁ ଦିଗ୍‌ଦର୍ଶନ ଦେବେ । ସେ ତୁମ ହୃଦୟରେ ତୁମକୁ ସାହାଯ୍ୟ, ସୁରକ୍ଷା ଓ ଦିଗ୍‌ଦର୍ଶନ ଦେବାକୁ ସଦା ପ୍ରସ୍ତୁତ ଅଛନ୍ତି ।*
>
> *- ଭଗବାନ ଶ୍ରୀ ସତ୍ୟସାଇ ବାବା*
>
> *(ହିସଲପ୍‌ଙ୍କ କଥୋପକଥନ)*

ଅଧ୍ୟାୟ : ୨୪

ବ୍ୟକ୍ତିଗତ ସାଧନା ଅପରିହାର୍ଯ୍ୟ

"ପ୍ରତ୍ୟେକ ପ୍ରାର୍ଥନା, ଜପ ବା ପୂଜାରେ ବ୍ୟବହୃତ ପ୍ରତ୍ୟେକଟି ଶବ୍ଦ ହୃଦୟକନ୍ଦରରୁ ବାହାରିବା ଉଚିତ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା : ୧୯୯୭

ଆମ ହିନ୍ଦୁ ଶାସ୍ତ୍ରରେ ପାଦୁକା ପୂଜାକୁ ଅତି ପବିତ୍ର ମନେ କରାଯାଏ । ଉଦାହରଣସ୍ୱରୂପ, ରାମାୟଣରେ ଶ୍ରୀରାମ ସିଂହାସନ ତ୍ୟାଗ କରି ୧୪ ବର୍ଷ ବନକୁ ଯିବାବେଳେ ତାଙ୍କ ଭାଇ ଭରତ ଶ୍ରୀରାମଙ୍କ ପାଦୁକା ନେଇ ସିଂହାସନରେ ସ୍ଥାପନ କରିଥିଲେ ଏବଂ ପ୍ରତୀକାତ୍ମକ ଭାବରେ ରାମ ନିଜେ ତାଙ୍କ ପାଦୁକା ମାଧ୍ୟମରେ ୧୪ବର୍ଷ ଶାସନ କରିଥିଲେ । ପାଦୁକାର ପବିତ୍ରତା ବର୍ଣ୍ଣନା କରିବା ପାଇଁ ଶାସ୍ତ୍ରମାନଙ୍କରେ ଅନ୍ୟ ଅନେକ ଦୃଷ୍ଟାନ୍ତ ଅଛି । ପାଦୁକା ପୂଜା ସ୍ୱୟଂ ପ୍ରଭୁଙ୍କର ପୂଜା କରିବା ସହ ସମାନ ବୋଲି ମଧ୍ୟ କୁହାଯାଇଛି ।

ଶ୍ରୀ ପିଏସଏଏସ ଶ୍ରୀନିବାସ ଚେଟ୍ଟିୟାର ଓ ତାଙ୍କ ବାପା ଶ୍ରୀ ପିଏସ୍ଏ ସୁବ୍ରହ୍ମଣ୍ୟମ୍ ଚେଟ୍ଟିୟାର (ଶ୍ରୀ ସାଇ ପାଦୁକା ନ୍ୟାସ, ମଦୁରାଇ ମାଧ୍ୟମରେ) ଅନେକ ବର୍ଷ ଧରି ପୁଟ୍ଟପର୍ତ୍ତିରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପାଇଁ ପବିତ୍ର ପାଦୁକା ପୂଜା ଅନୁଷ୍ଠିତ କରି ଆସିଛନ୍ତି ଏବଂ ଏହା ଏକ ବଡ଼ ଉତ୍ସବ ହୋଇଛି । ଥରେ ପାଦୁକା ପୂଜା ବେଳେ ପାଦୁକା ପାଇଥିବା ମୁଁ ଓ ମୋ ପତ୍ନୀ ଏବଂ ମୋ ଶାଶୂ-ଶ୍ୱଶୁର ଅନ୍ୟ ଶତାଧିକ ଭକ୍ତଙ୍କ ସହ ଯୋଗ ଦେଇଥିଲୁ । ସ୍ୱାମୀ ନିଜେ ପାଦୁକାଗୁଡ଼ିକ ଉପରେ ଅକ୍ଷତ ପକାଇ ଆଶୀର୍ବାଦ କରିଥିଲେ । ପାଦୁକା ପୂଜା ସମୟରେ ସମ୍ଭାଷଣ ଦେଇ ସେ କହିଲେ, ଯେ କେହି ପାଦୁକା ପୂଜା ନିୟମିତ ଭାବରେ କରେ ସେ ସିଧା ମୋ ପାଖକୁ ଆସିବ ।

ଆମେ ଆମ ଘରକୁ ପାଦୁକା ଆଣିବା ଦିନଠାରୁ ପ୍ରତିଦିନ ପାଦୁକା ପୂଜା, ସତ୍ୟସାଇ ଅଷ୍ଟୋତ୍ତର ଶତନାମ ପାଠ ଓ ପାଦୁକାରେ ପୁଷ୍ପ ଅର୍ପଣ କରି ଆସୁଛୁ । ଗୁରୁବାର ଦିନ ଆମେ ପାଦୁକା ଅଭିଷେକ କରୁ । ମୁଁ ବହୁ ସମୟରେ ଯାତ୍ରା କରୁଥିବାରୁ ଯିବା ବେଳେ ସାଥିରେ ପାଦୁକା ନେଇ ଯାଏ ନାହିଁ କିନ୍ତୁ ପାଦୁକାର ମାନସିକ ଛବି ବା ଫଟୋ

ହାତରେ ନେଇଯାଏ ଏବଂ ପ୍ରତୀକାତ୍ମକ ଭାବରେ ଘରେ କରିବା ଭଳି ପାଦୁକା ପୂଜା କରେ । (ନିକଟରେ ମୁଁ ପକେଟ ସାଇଜର ପାଦୁକା ପାଇ ସାଙ୍ଗରେ ନେଉଛି ।) ମୋ ଝିଅ ବା ନାତି ଘରେ ଥିଲେ ପାଦୁକା ପୂଜା ସେମାନଙ୍କ ଦ୍ୱାରା ହୁଏ । ମୁଁ ଜାଣିବାରେ ଏସବୁ ବର୍ଷ ମୁଁ କେବଳ ଦିନଟିଏ ପାଦୁକା ପୂଜା କରିବାକୁ ଭୁଲି ଯାଇଥିଲି ।

ଏହା ଅନେକ ବର୍ଷ ପୂର୍ବର କଥା । ଏପରି ହେଲା ଯେ ମୋ ପତ୍ନୀ ସେଦିନ ପୁଟ୍ଟପର୍ତ୍ତି ଯାଇଥିଲେ । ମୁଁ ଚେନ୍ନାଇରେ ଥିଲି ଏବଂ ମୋର ବୃତ୍ତିଗତ କାର୍ଯ୍ୟ ସହ ମୋ ଝିଅ କଥା ବୁଝୁଥିଲି ସେଦିନ ସଂଧ୍ୟାରେ ମୁଁ ପାଦୁକା ପୂଜା କରିବାକୁ ପୂରାପୂରି ଭୁଲିଗଲି । ସେହି ରାତିରେ ସ୍ୱାମୀ ମୋ ସ୍ୱପ୍ନରେ ଆସିଲେ । ସେ ଆମ ଘରକୁ ଅତିଥି ରୂପରେ ଆସି ଆମର ଅତିଥି ଗୃହକୁ ଗଲେ ଏବଂ ମୋ ଉପରେ ରାଗିବା ଭଳି ମନେହେଲେ । ଆମେ ତାଙ୍କୁ ଦେଇଥିବା ଖାଦ୍ୟ ମଧ୍ୟ ସେ ଖାଇବାକୁ ମନା କଲେ ଏବଂ ରାତ୍ରିଭୋଜନ ନ କରି ଶୋଇବାକୁ ଗଲେ । ଆମେ ସ୍ୱାଭାବିକ ଭାବରେ ବିବ୍ରତ ହୋଇଗଲୁ ଏବଂ ସ୍ୱାମୀଙ୍କ ପାଖକୁ ଯାଇ ପଚାରିଲୁ, "ସ୍ୱାମୀ, ଆମେ କିଛି ଭୁଲ କରିଛୁ କି ? ଆପଣ ଆମ ଉପରେ କାହିଁକି ରାଗିଛନ୍ତି ? ଦୟାକରି ଶୋଇବା ପୂର୍ବରୁ କିଛି ଭୋଜନ କରନ୍ତୁ ।"

ସ୍ୱାମୀ କହିଲେ, "ଗୁରୁଙ୍କ ପାଇଁ ସବୁଠାରୁ ହୀନ କାର୍ଯ୍ୟ ହେଉଛି ତାଙ୍କୁ ଭୋକରେ ରଖିବା । ମୁଁ ଆଜି ଭୋକିଲା ରହିବି, କାରଣ ମୁଁ ତୁମ ଉପରେ ବହୁତ ରାଗିଛି ।" ସ୍ୱାମୀଙ୍କୁ ରାଗିବା ଦେଖି ଆମେ ପୂରାପୂରି ବିଚଳିତ ଓ ହତୋତ୍ସାହିତ ହୋଇଗଲୁ । ତାପରେ ସ୍ୱାମୀ କହିଲେ, "ତୁମେ ଆଜି ପାଦୁକା ପୂଜା କରିଛ କି ? ତୁମର ମୋ ବିଷୟରେ ଚିନ୍ତା

କରିବାକୁ ବେଳ ନାହିଁ । ପାଦୁକା ପୂଜା କରିବାକୁ ପୂରାପୂରି ଭୁଲିଗଲ ।" ଏତିକିବେଳେ ମୁଁ ଶେଯରୁ ଉଠି ପଡ଼ିଲି ଓ ଦେଖିଲି ସାଢ଼େ ତିନିଟା ବାଜିଛି । ମୁଁ ସିଧା ପୂଜାଗୃହକୁ ଗଲି ଏବଂ ତତ୍‌କ୍ଷଣାତ୍ ପାଦୁକା ପୂଜା କଲି । ଏହି ଘଟଣାରୁ ମୁଁ ଜାଣିଲି ଯେ ଆମେ ଯାହା ବି ବାହ୍ୟାଚାର କରୁଛୁ ତାହା ପ୍ରକୃତରେ ସ୍ୱାମୀଙ୍କ ପାଖରେ ପହଞ୍ଚୁଥାଏ ।

ତେଣୁ ପ୍ରତିଦିନ ଆମେ ତାଙ୍କୁ ପ୍ରାର୍ଥନା କରୁ ବା କୌଣସି ପୂଜା କରୁ, ଆମର ପ୍ରାର୍ଥନା ନିଶ୍ଚିତ ଭାବରେ ସ୍ୱାମୀଙ୍କ ପାଖରେ ପହଞ୍ଚେ । ଏହା ପୁଣି ମୋତେ ସ୍ୱାମୀ ସର୍ବଜ୍ଞ ବୋଲି ପ୍ରମାଣିତ କଲା । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ମୁଁ କେବେ ପାଦୁକା ପୂଜା ବନ୍ଦ କରିନାହିଁ, ଯେହେତୁ ସ୍ୱାମୀ ମୋତେ ସୁନ୍ଦର ଭାବରେ ଏହି ପାଠ ଶିକ୍ଷା ଦେଇଥିଲେ ।

ଓଁ ଜୟ ସାଇରାମ !

"ସବୁ ଭକ୍ତ ପ୍ରଭୁଙ୍କର ପାଦପୂଜାର ସୁଯୋଗ ପାଆନ୍ତି ନାହିଁ । ସୁଯୋଗ ମିଳିଲେ ବି ଅଧିକାଂଶ ଲୋକ ତାହାକୁ ଭୌତିକ ଅଭିପ୍ରାୟରେ ବିନିଯୋଗ କରନ୍ତି । ବିଷ୍ଣୁଙ୍କ ପତ୍ନୀ ମହାଲକ୍ଷ୍ମୀ ହେଉଛନ୍ତି ପାଦକୁ ସମଗ୍ର ସୃଷ୍ଟିର ଉତ୍ସ ମନେ କରି ପ୍ରଭୁଙ୍କ ପାଦପୂଜାରେ ସମ୍ପୂର୍ଣ୍ଣ ସମର୍ପିତ ହେବାର ମହାନ୍ ଦୃଷ୍ଟାନ୍ତ । ସେଗୁଡ଼ିକ ସ୍ୱୟଂ ବ୍ରହ୍ମାଙ୍କ ଦ୍ୱାରା ବିଧୌତ ବୋଲି ଜାଣି ଏବଂ ଏହି ପାଦ କିପରି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ମାପି ପାରିଲା ବୋଲି ଆଶ୍ଚର୍ଯ୍ୟ ହୋଇ ଏବଂ ସେଗୁଡ଼ିକୁ ସର୍ବବ୍ୟାପୀ ବୋଲି ସମ୍ମାନ ଦେଇ ପରମ ପବିତ୍ର ଭାବରେ ସେ ଧରି ରଖିଛନ୍ତି ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ୧୯ଶ ଭାଗ

ଅଧ୍ୟାୟ : ୨୫

ପ୍ରାର୍ଥନା ସ୍ୱାମୀଙ୍କ ପାଖରେ ପହଞ୍ଚିବାର ପ୍ରମାଣ

"ମୁଁ ସବୁ; ସବୁଠାରେ ବିଦ୍ୟମାନ, ସର୍ବଜ୍ଞ, ସର୍ବଶକ୍ତିମାନ ଓ ସର୍ବବ୍ୟାପୀ; ତେଣୁ ମୁଁ ଯାହା ଇଚ୍ଛା କରେ ତତ୍କ୍ଷଣାତ୍ ଘଟିତ ହୁଏ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ସ୍ପିରିଟ୍ ଏଣ୍ଡ ମାଇଣ୍ଡ

ଭଗବାନଙ୍କୁ ବର୍ଣ୍ଣନା କରିବା ପାଇଁ ତିନୋଟି ଗୁଣର ପ୍ରୟୋଗ କରାଯାଏ – **ସର୍ବବିଦ୍ୟମତ୍ତା**, ଯାହାର ଅର୍ଥ ଭଗବାନ ଏକ ସମୟରେ ବିଭିନ୍ନ ସ୍ଥାନରେ ଆବିର୍ଭୂତ ହୋଇପାରିବେ; **ସର୍ବଶକ୍ତିମତ୍ତା**, ଯାହାର ଅର୍ଥ ସାଧାରଣ ମଣିଷ ଯାହା କରିବା କଥା କଦାପି କଳ୍ପନା କରିପାରିବ ନାହିଁ ତାହା କରିବାର ପରମ ଶକ୍ତି ତାଙ୍କର ଅଛି; ଏବଂ ଶେଷରେ **ସର୍ବଜ୍ଞତା**, ଯାହା ଭଗବାନଙ୍କର ସବୁ କଥା ଜାଣିପାରିବାର ଦିଗକୁ ସୂଚିତ କରେ । ଏହି ଅଧ୍ୟାୟରେ ମୁଁ ନିଜେ ଅନୁଭବ କରିଥିବା ଭଗବାନଙ୍କର ସର୍ବଜ୍ଞତାର କେତେ ଦୃଷ୍ଟାନ୍ତ ଦେବି ।

୨୦୦୫ରେ ଆମେ କେତେଜଣ ନୂତନ ଭାବରେ ତାମିଲନାଡୁ ଶ୍ରୀ ସତ୍ୟସାଇ ନ୍ୟାସରେ ଅନ୍ତର୍ଭୁକ୍ତ ହେବା ପରେ ନ୍ୟାସ ଆବାହକ ଶ୍ରୀ ଜି.କେ. ରମଣ ସବୁ ନ୍ୟାସୀମାନଙ୍କୁ ସ୍ୱାମୀଙ୍କ ସହ ପରିଚିତ କରାଇବା ପାଇଁ ହ୍ୱାଇଟ୍‌ଫିଲ୍ଡ୍ ଆଶ୍ରମକୁ ଆଣିବାର ଅନୁମତି ନେଇଥିଲେ । ଏହାର ପୂର୍ବାଭାସ ରୂପରେ ହ୍ୱାଇଟ୍‌ଫିଲ୍ଡ୍‌କୁ ଆମର ଯାତ୍ରାର ସପ୍ତାହେ ପୂର୍ବରୁ ରେମାଙ୍କର ଆଉ ଏକ ଅସୁସ୍ଥତା ଦେଖାଦେଲା । ହଠାତ୍ ତାଙ୍କର କାନଦୋଷ ବାହାରି ଶ୍ରବଣ ଶକ୍ତି ହରାଇବା ପରି ଲାଗିଲା । ମୁଁ ତାଙ୍କୁ ମୋର ସହପାଠୀ ଓ ପ୍ରିୟ ବନ୍ଧୁ, ପ୍ରଖ୍ୟାତ କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡଃ ମୋହନ୍ କାମେଶ୍ୱରନ୍‌ଙ୍କ ପାଖକୁ ନେଲି । ସେ ଏହାକୁ ଐନ୍ଦ୍ରିୟ ସ୍ନାୟବିକ ବଧିରତା ବୋଲି ନିଦାନ କଲେ, ଯେଉଁଥିପାଇଁ ଷ୍ଟିରଏଡ୍ ଇଞ୍ଜେକସନ୍ ଦେବାକୁ ହେବ । ସେ ବିମାନ ଯାତ୍ରା କରିବା ଉଚିତ ନୁହେଁ ବୋଲି ମଧ୍ୟ କହିଲେ । ରେମା ଖୁବ୍ ନିରାଶ ହୋଇଗଲେ, କାରଣ ସେ ସ୍ୱାମୀଙ୍କ ଦର୍ଶନ ନିମନ୍ତେ ଏବଂ ସପରିବାର ସ୍ୱାମୀଙ୍କ ସାକ୍ଷାତ୍କାର ପାଇଁ ହ୍ୱାଇଟ୍‌ଫିଲ୍ଡ୍ ଯାତ୍ରାକୁ ଚାହିଁ ରହିଥିଲେ । ଷ୍ଟିରଏଡ୍‌ରୁ ଚିକିତ୍ସା ଆରମ୍ଭ ହେଲା । ଆଉ ଆମେ ହ୍ୱାଇଟ୍‌ଫିଲ୍ଡ୍‌କୁ ଯିବାର ଦିନକ ପୂର୍ବରୁ ଏକ ଚମତ୍କାର ଘଟିଲା ।

ହଠାତ୍ ସେ ତାଙ୍କ ଶ୍ରବଣ ଶକ୍ତି ଫେରି ପାଇଲେ ଏବଂ ଆମେ ଡଃ ମୋହନ କାମେଶ୍ୱରନ୍‌କୁ କହିବା ବେଳେ ସେ ପରଦିନ ହ୍ୱାଇଟ୍‌ଫିଲ୍ଡ଼ ଯିବା ପାଇଁ ଆମକୁ ଅନୁମତି ଦେଲେ । ରେମାଙ୍କ ଆନନ୍ଦର ସୀମା ରହିଲା ନାହିଁ ଏବଂ ଆମେ ଭଜନରେ ଯୋଗଦେଇ ଓ ଆନନ୍ଦମୟ ଦର୍ଶନ ଲାଭ କରି ସ୍ୱାମୀଙ୍କ ପାଦପଦ୍ମରେ ହ୍ୱାଇଟ୍‌ଫିଲ୍ଡ଼ରେ ରହିଲୁ । ଭଜନ ଶେଷ ହେବା ପରେ ବିଳମ୍ବିତ ଅପରାହ୍ନରେ ଆମକୁ ସାକ୍ଷାତକାର ପାଇଁ ଡକାଗଲା । କିନ୍ତୁ ଯାହା ଭାଗ୍ୟରେ ଥିଲା ସ୍ୱାମୀ କେବଳ ନ୍ୟାସୀମାନଙ୍କୁ ଡାକିଲେ, ସେମାନଙ୍କ ପରିବାରକୁ ନୁହେଁ । ପରିବାରର ସଦସ୍ୟମାନେ ହତୋତ୍ସାହିତ ହେଲେ ଏବଂ ଭଜନ ହଲ୍‌ରେ ବସିଲେ । ଇତି ମଧ୍ୟରେ ରେମା ନିଜର ଶ୍ରବଣ ଶକ୍ତି ଫେରି ପାଇଥିବାରୁ ଏବଂ ଏହି ଅସୁସ୍ଥତାରୁ ଆରୋଗ୍ୟ ହୋଇଥିବାରୁ ସ୍ୱାମୀଙ୍କୁ ଧନ୍ୟବାଦ ଦେଇ ଚୁପ୍‌ଚାପ ପ୍ରାର୍ଥନା କରୁଥାନ୍ତି । ଆମେ ସାକ୍ଷାତକାର କକ୍ଷରେ ଥାଉ ଏବଂ ସ୍ୱାମୀ ବିବିଧ ବିଷୟରେ ଆଲୋଚନା କରୁଥାନ୍ତି । ହଠାତ୍ ସେ ମୋ ଆଡ଼କୁ ବୁଲିପଡ଼ି କହିଲେ, *"ଡାକ୍ତର, ତୁମ ସ୍ତ୍ରୀକୁ 'ଧନ୍ୟବାଦ ସ୍ୱାମୀ, ଧନ୍ୟବାଦ ସ୍ୱାମୀ' ନ କହିବାକୁ ଯାଇ କହ । ସେ ମୋତେ ଧନ୍ୟବାଦ ଦେବା ଦରକାର ନାହିଁ । ଭକ୍ତ କାହିଁକି ମୋତେ ଧନ୍ୟବାଦ ଦେବ ? ଭକ୍ତମାନଙ୍କର ଯତ୍ନ ନେବା ମୋର କାମ, ତେଣୁ ଧନ୍ୟବାଦ ଦେବାର ପ୍ରଶ୍ନ ନାହିଁ । ମୋତେ ଧନ୍ୟବାଦ ଦେବା ପାଇଁ ତାଙ୍କୁ ମନା କର ।"* ସେ ଏକଥା କହି ତାପରେ ସାକ୍ଷାତକାର କକ୍ଷରେ ଥିବା ଓମାନର ଜଣକ ସହ ଏବଂ କେତେଜଣ ନ୍ୟାସୀଙ୍କ ସହ କଥା ହେଲେ । ପାଞ୍ଚ ମିନିଟ୍ ପରେ ସେ ପୁଣି ମୋ ଆଡ଼କୁ ବୁଲି କହିଲେ, *"ଡାକ୍ତର ସେ ଧନ୍ୟବାଦ ସ୍ୱାମୀ କହି ଚାଲିଛି । ତାର ଧନ୍ୟବାଦ ମୋ ପାଖକୁ ବାରମ୍ବାର ଆସୁଛି ।"* କୋଠରିରେ ସମସ୍ତେ ଚକିତ ହୋଇଗଲେ, କିନ୍ତୁ ଆମେ କିଛି କହିପାରିଲୁ ନାହିଁ ।

ସାକ୍ଷାତକାର ଶେଷ ହେବା ପରେ ଆମେ ସମସ୍ତେ ବାହାରକୁ ଆସିଲୁ ଏବଂ କେତେକ ନ୍ୟାସୀ ରେମାଙ୍କୁ ସେ ଭଜନ ହଲ୍‌ରେ ବସି 'ଧନ୍ୟବାଦ ସ୍ୱାମୀ' କହୁଥିଲେ କି ବୋଲି ପଚାରିଲେ । ରେମା ଆଶ୍ଚର୍ଯ୍ୟ ହୋଇ କହିଲେ, "ହଁ । ମୁଁ ମନେ ମନେ ଏକଥା କହୁଥିଲି । ଆପଣ କିପରି ଜାଣିଲେ ?" ନ୍ୟାସୀମାନେ ତାଙ୍କୁ କହିଲେ ଯେ ସ୍ୱାମୀ ଆମକୁ ଏକଥା ସାକ୍ଷାତକାର କୋଠରିରେ କହିଲେ ଏବଂ ତାହା ତାଙ୍କ ପାଖରେ ପହଞ୍ଚିଛି ବୋଲି ସୂଚାଇଲେ । ଆମ ପାଇଁ ଏହା ଏକ ପ୍ରତ୍ୟକ୍ଷ ପ୍ରମାଣ ଯେ ଆମ ପ୍ରାର୍ଥନା ସ୍ୱାମୀଙ୍କ ପାଖରେ ପହଞ୍ଚିଥାଏ ଏବଂ ଏହା ତାଙ୍କର ସର୍ବଜ୍ଞତାର ଏକ ସ୍ଥୂଳ ପ୍ରମାଣ । ଅର୍ଥାତ୍ ଯାହା ସବୁ ଯେଉଁଠି ହେଉଛି ତାହା ସ୍ୱାମୀ ଜାଣନ୍ତି ।

ସେହି ସାକ୍ଷାତକାର ବେଳେ ସ୍ୱାମୀଙ୍କ ସର୍ବଜ୍ଞତାର ଅନେକ ନିଦର୍ଶନ ସାକ୍ଷାତକାର କକ୍ଷରେ ଥିବା ପ୍ରତ୍ୟେକଙ୍କ ପାଇଁ ସ୍ପଷ୍ଟ ହୋଇଥିଲା । ସ୍ୱାମୀ ମୋ ବାମ ହାତକୁ ଦେଖିଲେ, ଅନାମିକା ଆଙ୍ଗୁଠିରେ ମୁଁ ଦୁଇଟି ମୁଦି ପିନ୍ଧିଥିଲି । ସେ ଗୋଟିକ ପରେ ଗୋଟିଏ ମୁଦିକୁ ଛୁଇଁଲେ ଓ କହିଲେ, "ବାହାଘର ମୁଦି ଓ ୨୫ତମ ବାର୍ଷିକୋତ୍ସବର ମୁଦି ।" ସେ ମଧ୍ୟରେ ସେଠାରେ ଉପସ୍ଥିତ ପ୍ରତ୍ୟେକଙ୍କୁ ସେମାନଙ୍କ ଜୀବନରେ ଘଟିଥିବା ରୋଗ ଆଦି ବ୍ୟକ୍ତିଗତ ଅନୁଭୂତି ବିଷୟରେ କହିଲେ, ଯାହା ସମ୍ଭବତଃ ସେଇମାନେ କେବଳ ଜାଣିଥିଲେ । ପ୍ରାୟ ଘଣ୍ଟାଏ କାଳ ଭଗବାନଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ରହି, ତାଙ୍କ ସର୍ବଜ୍ଞତାର ବିଭିନ୍ନ ଦିଗକୁ ଅନୁଭବ କରିବା ଦୃଷ୍ଟିରୁ ଏହା ମୋ ଜୀବନର ସର୍ବାଧିକ ଆହ୍ଲାଦକ ଓ ସ୍ମରଣୀୟ ଅନୁଭୂତି ଥିଲା ଏହି ସାକ୍ଷାତବେଳେ ଭାତ ଓ ମଧୁମେହ ମଧ୍ୟରେ ସମ୍ପର୍କ ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ମୁଁ ଆଗାମୀ ଅଧ୍ୟାୟରେ ବିଶଦ ଭାବରେ ବର୍ଣ୍ଣନା କରିବି ।

ଥରେ ମୁଁ ତାମିଲନାଡୁ ସତ୍ୟସାଇ ନ୍ୟାସ ବିଷୟରେ ଆଲୋଚନା କରିବା ପାଇଁ ସ୍ୱାମୀଙ୍କୁ ଭେଟିବା ବେଳେ ମୋ ପାଖରେ କେତେଗୁଡ଼ିଏ ଫାଇଲ ଥିଲା ଏବଂ ସବୁ ଫାଇଲ ତଳେ କେହି ନ ଦେଖିପାରିବା ଭଳି ମୁଁ ରେମାଙ୍କ ବର୍ତ୍ତମାନର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଖଣ୍ଡେ କାଗଜରେ ଲେଖିଥିଲି । ସ୍ୱାମୀ ମୋ ପାଖକୁ ଆସିବା ବେଳେ ମୁଁ ତାଙ୍କ ସହ ନ୍ୟାସ ବିଷୟରେ କଥାବାର୍ତ୍ତା ହେଲି । ସେ ହଠାତ୍ କହିଲେ, "କାଗଜ କାଢ଼ ।"

ସେ କ'ଣ କହୁଛନ୍ତି ବୁଝି ନ ପାରି ମୁଁ ତାଙ୍କ ଆଡ଼କୁ ଚାହିଁଲି । ସେ ନିର୍ଦ୍ଦିଷ୍ଟ କରି କହିଲେ, "ଫାଇଲ୍‌ଗୁଡ଼ିକ ତଳେ ରଖିଥିବା କାଗଜଟିକୁ କାଢ଼ ।" ପୁଣିଥରେ ସ୍ୱାମୀଙ୍କ ସର୍ବଜ୍ଞତାର ପରିପ୍ରକାଶ । ମୁଁ ସବୁ ଫାଇଲ ତଳେ ଥିବା କାଗଜଟିକୁ କାଢ଼ିଲି । ସେ ତାହା ନେଲେ, ପଢ଼ିଲେ ଏବଂ ମୋ ପିଠି ଥାପୁଡ଼େଇ ଚାଲିଗଲେ । ଏଥର ରେମା ଟିକିଏ କଷ୍ଟକର ସମୟ ଦେଇ ଗତି କରୁଥିବାବେଳେ ଏହି ଘଟଣା ପରେ ସେ ଟିକିଏ ଉପଶମ ଅନୁଭବ କଲେ । ଏଥିରୁ ଭକ୍ତମାନଙ୍କ ବିଷୟରେ ସ୍ୱାମୀଙ୍କର କେତେ ଚିନ୍ତା ତାହା ଜଣାପଡ଼େ । ତାଙ୍କର ପ୍ରେମ ଅମାପ, ଅସୀମ ଓ ନିଃସର୍ତ୍ତ ଏବଂ ତାଙ୍କର ଦିବ୍ୟକୃପା ଲାଭ କରୁଥିବାରୁ ଆମେମାନେ ଭାଗ୍ୟବାନ ।

ଓଁ ଜୟ ସାଇରାମ !

"ମୁଁ ତୁମମାନଙ୍କ ସହ ବୁଲୁଛି, ତୁମ ପରି ଖାଉଛି ଏବଂ ତୁମ ସହ କଥା ହେଉଛି ବୋଲି ତୁମେ ଏହି ବିଶ୍ୱାସରେ ବିଭ୍ରାନ୍ତ ହେଉଛ ଯେ ଏହା ଏକ ସାଧାରଣ ମଣିଷର ଦୃଷ୍ଟାନ୍ତ । ଏହି ଭୁଲ ପ୍ରତି ସାବଧାନ ହୁଅ । ମୋ ଦିବ୍ୟତ୍ୱ ଯେ କୌଣସି ମୁହୂର୍ତ୍ତରେ ତୁମ ଆଗରେ ପ୍ରକଟ ହୋଇପାରେ; ସେହି ମୁହୂର୍ତ୍ତ ପାଇଁ ତୁମକୁ ପ୍ରସ୍ତୁତ ରହିବାକୁ ପଡ଼ିବ ।"

– ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଅଷ୍ଟମ ଭାଗ

ଅଧ୍ୟାୟ : ୨୬

ବିଜ୍ଞାନ ଶେଷରେ ଦିବ୍ୟତ୍ୱର ଆରମ୍ଭ

"ନୀତିହୀନ ରାଜନୀତି, ଚରିତ୍ରରହିତ ଶିକ୍ଷା, ମାନବିକତା ବିହୀନ ବିଜ୍ଞାନ ଏବଂ ନୈତିକତା ବିରହିତ ବାଣିଜ୍ୟ କେବଳ ଅନୁପଯୋଗୀ ନୁହେଁ, ମାତ୍ର ନିଶ୍ଚିତ ଭାବରେ ବିପଜ୍ଜନକ ମଧ୍ୟ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ସପ୍ତମ ଭାଗ

ଗତ ଅଧ୍ୟାୟରେ ମୁଁ ସ୍ୱାମୀଙ୍କ ସର୍ବଜ୍ଞତା ବିଷୟରେ କହିଥିଲି ଏବଂ ଏକ ଅଦ୍ଭୁତ ସାକ୍ଷାତକାରର ସନ୍ଦର୍ଭ ଦେଇଥିଲି, ଯେଉଁଥିରେ ଆମେ ପ୍ରିୟ ଭଗବାନଙ୍କ କୃପାର ଆଶୀର୍ବାଦ ଲାଭ କରିଥିଲୁ । ସ୍ୱାମୀ କହନ୍ତି ଏଗୁଡ଼ିକ 'ଇଣ୍ଟରଭ୍ୟୁ' ନୁହେଁ ମାତ୍ର 'ଇନରଭ୍ୟୁ' (ଅନ୍ତର୍ଦର୍ଶନ) ଯେହେତୁ ଏହା ଭିତରକୁ ଚାହିଁବାକୁ ଏକ ସୁଯୋଗ ଦିଏ ଏବଂ ସ୍ୱାମୀ ତୁମକୁ ସାକ୍ଷାତକାରବେଳେ ମୂଲ୍ୟବାନ ମୁହୂର୍ତ୍ତର ଅପୂର୍ବ ସୁଯୋଗ ପ୍ରଦାନ କରନ୍ତି । ବିନମ୍ରତାର ସହ ମୁଁ କହିବି ଯେ ମୋ ଜୀବନରେ ଯାହା ସବୁ ଅମୂଲ୍ୟ ବସ୍ତୁ ମୁଁ ପାଇଛି, ତାହା ସ୍ୱାମୀଙ୍କ ଦ୍ୱାରା ପ୍ରଦତ୍ତ ସାକ୍ଷାତକାରଠାରୁ ଅଧିକ ମୂଲ୍ୟବାନ ବୋଲି ମୁଁ ଭାବୁନାହିଁ । ସୁନା, ହୀରା ବା ଅନ୍ୟ କୌଣସି ବସ୍ତୁ ଦିବ୍ୟ ସାନ୍ନିଧ୍ୟ ଦ୍ୱାରା ପ୍ରଦତ୍ତ ସୌଭାଗ୍ୟ ଓ ଆନନ୍ଦ ସହ ସମାନ ହୋଇପାରିବ ନାହିଁ । ଏହାକୁ ବୁଝିବା ପାଇଁ ଅନୁଭୂତି କରିବାକୁ ହେବ ।

ଗତ ଅଧ୍ୟାୟରେ ମୁଁ ସୂଚିତ କରିଥିବା ସେହି ସାକ୍ଷାତକାରରେ ସ୍ୱାମୀ ବୈଜ୍ଞାନିକ ବିଷୟ ସମେତ ସବୁ ବିଷୟରେ ତାଙ୍କର ଜ୍ଞାନ ଦ୍ୱାରା ତାଙ୍କର ସର୍ବଜ୍ଞତା ପୁଣି ପ୍ରଦର୍ଶନ କରିଥିଲେ । ସେହି ସାକ୍ଷାତକାରରେ ଘଟିଥିବା ଏପରି ଏକ ଘଟଣା ମୁଁ ଟିକିଏ ବିଶଦ ଭାବରେ ଏହି ଅଧ୍ୟାୟରେ ବର୍ଣ୍ଣନା କରିବି ।

ସାକ୍ଷାତକାର ଚାଲିଥିବାବେଳେ ସ୍ୱାମୀ ହଠାତ୍ ମୋ ଆଡ଼କୁ ବୁଲିପଡ଼ି ପଚାରିଲେ, *"ଡାକ୍ତର, ଆମ ଦେଶରେ ମଧୁମେହ ବୃଦ୍ଧିର କାରଣ କ'ଣ?"* ସ୍ୱାମୀଙ୍କ ପ୍ରଶ୍ନରେ ମୁଁ ଚକିତ ହୋଇଗଲି, ଯେହେତୁ ସେ ମୋ ବୃତ୍ତି ଓ ବିଶେଷକରି ମୁଁ ସମ୍ପୃକ୍ତ ଥିବା ଗବେଷଣା କାର୍ଯ୍ୟ ସମ୍ବନ୍ଧରେ କିଛି ପଚାରିବେ ବୋଲି ମୁଁ ଆଶା କରି ନ ଥିଲି । ସେତେବେଳେ ଆମେ ମଧୁମେହର ବଂଶଗତ ଦିଗ ଉପରେ କାର୍ଯ୍ୟ କରୁଥିଲୁ ଏବଂ କେତେକ ନୂତନ ବଂଶାନୁକ୍ରମିକ ଦିଗ ପାଇଥିଲୁ ଯାହା ଭାରତରେ ମଧୁମେହ ଥିବା ଲୋକମାନଙ୍କ ପାଇଁ ଅନନ୍ୟ । ମୁଁ ଭାବିଲି ସ୍ୱାମୀ ବୋଧହୁଏ ଏ ବିଷୟରେ ପଚାରୁଛନ୍ତି, ମୋର ଅହଙ୍କାର ବଢ଼ିଗଲା ଓ ମୁଁ କହିଲି, "ସ୍ୱାମୀ, ଭାରତୀୟମାନଙ୍କର କେତେକ ଅନନ୍ୟ ଜିନ୍ ଅଛି ।"

ସ୍ୱାମୀ ହସିଦେଇ କହିଲେ, *"କିନ୍ତୁ ୪୦ ବର୍ଷ ତଳେ ଆମର ସେହି ଜିନ୍ ଥିଲା । ତେବେ ୪୦ ବର୍ଷ ତଳେ ମଧୁମେହ କାହିଁକି କମ୍ ଥିଲା ଏବଂ ଏବେ ହଠାତ୍ ବଢ଼ିଗଲା ?"* ମୁଁ ଅବାକ୍ ହୋଇଗଲି । ମୁଁ ଏକ ଦ୍ୱିତୀୟ ଉତ୍ତର ଦେଲି, "ସ୍ୱାମୀ, ଲୋକମାନଙ୍କର ଶାରୀରିକ ଶ୍ରମ କମିଯାଇଛି । ଲୋକମାନେ ବ୍ୟାୟାମ କରୁନାହାନ୍ତି କି ଆଗ ଭଳି ଶାରୀରିକ ପରିଶ୍ରମ କରୁନାହାନ୍ତି ।" ସ୍ୱାମୀ ମୋ କଥାରେ ସମ୍ମତ ହୋଇ କହିଲେ, *"ତୁମେ ଆଂଶିକ ଭାବରେ ଠିକ୍, କିନ୍ତୁ ଏହା ଏକମାତ୍ର କାରଣ ନୁହେଁ ।"* ମୁଁ କିଛି ସମୟ ଭାବିଲି ଏବଂ ସ୍ୱାମୀଙ୍କଠାରୁ ଜାଣିବା ଠିକ୍ ମନେ କଲି । ମୁଁ କହିଲି, "ସ୍ୱାମୀ ! ମୁଁ ଆପଣଙ୍କ ପ୍ରଶ୍ନର ଉତ୍ତର ଦେଇ ପାରୁନାହିଁ । ଦୟାକରି ଆପଣ କହନ୍ତୁ ।" ସ୍ୱାମୀ କହିଲେ, *"ମୁଁ ତୁମକୁ ପଚାରିବାର କାରଣ ହେଉଛି ଯେ ତୁମେ ଜଣେ ବୈଜ୍ଞାନିକ । ତୁମ ଫାଇଲ୍‌ରେ ଡାଟା ରହିଛି । କିନ୍ତୁ ଦୁର୍ଭାଗ୍ୟକୁ ତୁମେ ଗବେଷଣାର ଏହି ଦିଗ ପ୍ରତି ଧ୍ୟାନ ଦେଇନାହଁ । ବିଶେଷକରି ଦକ୍ଷିଣ ଭାରତରେ ମଧୁମେହ ବୃଦ୍ଧିର କାରଣ ହେଉଛି ଅତ୍ୟଧିକ ଅରୁଆ ଭାତ ଖାଇବା ।"* ମୁଁ ଏହି ଉତ୍ତର ଆଶା କରି ନ ଥିଲି ।

ବସ୍ତୁତଃ ଏକଥା ସତ ଯେ ଆମେ ଭାରତୀୟମାନଙ୍କର ଖାଦ୍ୟାଭ୍ୟାସ ସମ୍ବନ୍ଧରେ ବିବରଣୀ ସଂଗ୍ରହ କରିଥିଲୁ ଏବଂ ଦକ୍ଷିଣ ଭାରତୀୟମାନଙ୍କ ସମ୍ବନ୍ଧରେ ବିଶଦ ଅଧ୍ୟୟନ କରିଥିଲୁ, କିନ୍ତୁ ସ୍ୱାମୀ ଯାହା ଠିକ୍ ଭାବରେ କହିଲେ, ଆମେ ଆମର ଆହାର ବିବରଣୀକୁ ଲକ୍ଷ୍ୟ କରି ନ ଥିଲୁ । ତାପରେ ସ୍ୱାମୀ ଅନ୍ୟମାନଙ୍କ ଆଡ଼କୁ ଚାହିଁ କହିଲେ, *"ଅତ୍ୟଧିକ ଅରୁଆ ଭାତ ଖାଇଲେ କାହିଁକି ମଧୁମେହ ହୋଇପାରେ, ତାହା ତୁମେମାନେ ଜାଣ କି ?"* ସମସ୍ତେ ଚୁପ୍ ରହିଲେ । ତାପରେ ସ୍ୱାମୀ ବିଶଦ ବିବରଣୀ ଦେଇ କହିଲେ, *"ଅତ୍ୟଧିକ ଅରୁଆ ଭାତ ଖାଇଲେ ତାହା ଶର୍କରା ସ୍ତର ବୃଦ୍ଧି କରେ । ରକ୍ତଶର୍କରା ସ୍ତର ବଢ଼ିବାକୁ ଆରମ୍ଭ କଲେ ଅତ୍ୟଧିକ ଇନ୍‌ସୁଲିନ୍ ଅଗ୍ନ୍ୟାଶୟରୁ ବାହାରି ଆସେ । ତୁମେ ଯେତେ ଅଧିକ ଭାତ ଖାଇବ ସେତେ ଇନ୍‌ସୁଲିନ୍ ଅଗ୍ନ୍ୟାଶୟରୁ ବାହାରିବ । ଶରୀର କିଛି ସମୟ ପାଇଁ ଏହାର କ୍ଷତିପୂରଣ କରିପାରେ, କିନ୍ତୁ ତୁମେ, ବିଶେଷକରି ଯେଉଁମାନେ ମଧୁମେହ ପ୍ରବଣ, ଅଧିକାଧିକ ଭାତ ଖାଇଲେ ଅଗ୍ନ୍ୟାଶୟରୁ ଇନ୍‌ସୁଲିନ ସରିଯାଏ ଏବଂ ତୁମର ମଧୁମେହ ବଢ଼ିଯାଏ ।"* ତାପରେ ସେ ମୋ ଆଡ଼କୁ ଚାହିଁ ହସିଲେ ଓ କହିଲେ, *"ଡାକ୍ତର ମୁଁ ଠିକ୍ ନା ?"* ମୁଁ ଲଜ୍ଜିତ ହୋଇ ହଁ କଲି, ଯେହେତୁ ମୁଁ କାମ କରୁଥିବା ବିଷୟରେ ସ୍ୱାମୀଙ୍କର ଗଭୀର ଜ୍ଞାନ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ଫେରିଯାଇ ବିଶଦ ଅଧ୍ୟୟନ କରିବି ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଲି ।

ଚେନ୍ନାଇ ପ୍ରତ୍ୟାବର୍ତ୍ତନ କରିବା ପରେ ମୁଁ ମୋର ଖାଦ୍ୟ ଓ ପୁଷ୍ଟିସାର ଗବେଷଣା ଦଳଙ୍କ ପାଖକୁ ଗଲି ଏବଂ ସେମାନଙ୍କୁ କହିଲି, "ପଥ୍ୟ ବିଷୟରେ ଆମ ପାଖରେ ଥିବା

ବିବରଣୀକୁ ବାହାର କରିବା ଏବଂ ଅରୁଆ ଭାତ ଖାଇବା ଓ ମଧୁମେହ ସହ ତାର ସମ୍ପର୍କକୁ ଦେଖିବା ।" ଆନନ୍ଦମୟ ବିସ୍ମୟ ଭାବରେ ଆମେ ଦେଖିଲୁ ଠିକ୍ ଯାହା ସ୍ୱାମୀ କହିଥିଲେ ମଧୁମେହ ଓ ଅରୁଆ ଭାତ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ଚେନ୍ନାଇରେ ସର୍ବାଧିକ ପ୍ରାୟ ୪୦୦ ଗ୍ରାମ୍ ଭାତ ଖାଉଥିବା ଲୋକଙ୍କର ମଧୁମେହ ଚେନ୍ନାଇରେ ସର୍ବନିମ୍ନ ୨୦୦ ଗ୍ରାମ୍ ଭାତ ଖାଉଥିବା ଲୋକଙ୍କଠାରୁ ଚାରିଗୁଣ ଅଧିକ ଥିଲା । ଏହା ପରିବାରର ମଧୁମେହ ଇତିହାସ, ଶରୀରର ଓଜନ, ଶାରୀରିକ କାର୍ଯ୍ୟ, ଆୟ ପ୍ରଭୃତି ସବୁ ପ୍ରସଙ୍ଗରେ ସଂଶୋଧନ ପରେ ବି ସ୍ଥିର ରହିଥିଲା । ତେଣୁ ସ୍ୱାମୀ ଏ ବିଷୟରେ ପୂରାପୂରି ଠିକ୍ ଥିଲେ । ଏହିପରି ଭାବରେ ସ୍ୱାମୀ ବୈଜ୍ଞାନିକମାନଙ୍କର ବୈଜ୍ଞାନିକ ଓ ଡାକ୍ତରମାନଙ୍କର ଡାକ୍ତର ବୋଲି ମୋ ଆଗରେ ପ୍ରମାଣିତ କଲେ । ଏହା ମୋ ପାଇଁ ମଧ୍ୟ ଏକ ଅତ୍ୟନ୍ତ ବିନମ୍ରକାରୀ ଅନୁଭୂତି ଥିଲା, କାରଣ ପ୍ରତ୍ୟେକ କ୍ଷେତ୍ରରେ ଯେଉଁଠି ମୁଁ ନିଜକୁ ବିଶେଷଜ୍ଞ ଓ ବୈଜ୍ଞାନିକ ମନେ କରୁଥିଲି, ସ୍ୱାମୀ ତାଙ୍କର ସର୍ବଜ୍ଞତା ପ୍ରଦର୍ଶନ କରିଥିଲେ । ତାହା ହିଁ ସ୍ୱାମୀ ଏବଂ ତାହା ହିଁ ଦିବ୍ୟତ୍ୱ !

ସ୍ୱାମୀ, ମୁଁ ଆପଣଙ୍କର ଦିବ୍ୟ ଜ୍ଞାନ ଆଗରେ ବିନମ୍ରତା ଓ ଶରଣାଗତିର ସହ ପ୍ରଣାମ ନିବେଦନ କରୁଛି । ବିଶ୍ୱର ସ୍ରଷ୍ଟା ଭାବରେ ଆପଣ ସବୁ କଥା ଜାଣନ୍ତି, ଅନେକ ବୈଜ୍ଞାନିକଙ୍କୁ ବିଜ୍ଞାନ ବିଷୟରେ ଅନେକ କଥା, ଯାହା ପୂର୍ବରୁ ଅଜ୍ଞାତ ଥିଲା, ଶିକ୍ଷା ଦେଇଛନ୍ତି । ଆପଣଙ୍କୁ ଆମର ପ୍ରାର୍ଥନା – ଆମକୁ ଦିଗ୍‌ଦର୍ଶନ ଦେଇ ଚାଲନ୍ତୁ ଏବଂ ଆମେ ବିଜ୍ଞାନରେ ଖୋଜୁଥିବା ସତ୍ୟ ପାଇଁ ଆମକୁ ଆଶୀର୍ବାଦ କରନ୍ତୁ । ପ୍ରକୃତରେ ଆପଣଙ୍କର ସର୍ବଜ୍ଞତା ହିଁ ସମଗ୍ର ମାନବଜାତିକୁ ଦିଗ୍‌ଦର୍ଶନ ଦିଏ ଓ ଆଶୀର୍ବାଦ କରେ ।

ଅରୁଆ ଭାତର ଏହି କାହାଣୀ ଶେଷ କରିବାକୁ ଏହି ଗବେଷଣା ପତ୍ର ସେତେବେଳେ ଲେଖାଗଲା ଏବଂ 'ବ୍ରିଟିଶ ଜର୍ଣ୍ଣାଲ ଅଫ୍ ନ୍ୟୁଟ୍ରିସନ୍'ରେ ପ୍ରକାଶିତ ହେଲା । ଏହି ପ୍ରସଙ୍ଗରେ ମୁଁ ଭାଷଣ ଦେବାବେଳେ କହେ ଯେ ସ୍ୱାମୀ ଏହି ପତ୍ରର ମୂଳ ଲେଖକ, କାରଣ ସେ ହିଁ ଆମକୁ ଏହି କାମର ପ୍ରତ୍ୟେକ ଦିଗରେ ଦିଗ୍‌ଦର୍ଶନ ଦେଇଥିଲେ । ଅରୁଆ ଭାତର କାହାଣୀ ଏଠାରେ ଶେଷ ହେଲା ନାହିଁ । ଅରୁଆ ଭାତ ଖାଇବା ଓ ମଧୁମେହ ମଧ୍ୟରେ ଏହି ସଂକ୍ରମଣର ଯୋଗସୂତ୍ର ପ୍ରତିଷ୍ଠା କରିବା ପରେ ଆମେ ଆମ ଗବେଷଣା କେନ୍ଦ୍ରର ଖାଦ୍ୟ ଓ ପୁଷ୍ଟିତତ୍ତ୍ୱ ବିଭାଗରେ ଅନ୍ୟ ପ୍ରକଳ୍ପ ସବୁ ଆରମ୍ଭ କଲୁ । ଆମେ ଉଷୁନା ଚାଉଳର ଅଧ୍ୟୟନ କଲୁ ଏବଂ ଏହା ବିଭିନ୍ନ ପ୍ରକାର ଉଷୁନା ଚାଉଳ ଉତ୍ପାଦନରେ ପରିଣତ ହେଲା, ଯାହା ଆମେ ବଜାରକୁ ଆଣିପାରିଲୁ ।

ପରବର୍ତ୍ତୀ କେତେ ବର୍ଷ ଆମେ ଉଷୁନା ଚାଉଳ ଉପରେ କାମ କଲୁ, କିନ୍ତୁ ମଧୁମେହ ନିୟନ୍ତ୍ରଣ ଦୃଷ୍ଟିରୁ ଉଷୁନା ଚାଉଳ ଅରୁଆ ଚାଉଳଠାରୁ ଭଲ ହୋଇଥିଲେ ବି

ଅନେକ ଲୋକ ଉଷୁନା ଚାଉଳର ରୂପ ବା ସ୍ୱାଦକୁ ପସନ୍ଦ କଲେ ନାହିଁ । ସେଥିପାଇଁ ଆମେ ମଧୁମେହ ରୋଗୀମାନଙ୍କ ପାଇଁ ଉପଯୋଗୀ ଅରୁଆ ଚାଉଳ ବାହାର କରିବାକୁ ଚେଷ୍ଟା କରି କୃଷି ବୈଜ୍ଞାନିକଙ୍କ ସହ ଆଲୋଚନା ଆରମ୍ଭ କଲୁ । ଆମେ ନିର୍ଦ୍ଦିଷ୍ଟ ଭାବରେ ଏକ ପ୍ରକାର ଅରୁଆ ଚାଉଳ ପାଇବାକୁ ଚେଷ୍ଟା କରୁଥିଲୁ ଯାହା ଅଧିକ ତନ୍ତୁଯୁକ୍ତ ଓ ଶ୍ୱେତସାର ପ୍ରତିରୋଧକ ହୋଇଥିବ ଏବଂ ସେଥିପାଇଁ ସାଧାରଣ ଅରୁଆ ଚାଉଳ ଭଳି ଶୀଘ୍ର ରକ୍ତଶର୍କରା ସ୍ତର ବଢ଼ିବ ନାହିଁ । ୨୦୦ ଭିନ୍ନ ଓ ନୂତନ ପ୍ରକାରର ଅରୁଆ ଚାଉଳକୁ ପରୀକ୍ଷା କରିବା ପରେ ସ୍ୱାମୀଙ୍କ କୃପାରୁ ଆମେ ଏକ ପ୍ରକାର ଅରୁଆ ଚାଉଳ ପାଇଲୁ ଯାହା ପୃଥିବୀରେ ଅନ୍ୟ ଅରୁଆ ଚାଉଳ ଅପେକ୍ଷା ପାଞ୍ଚ ଗୁଣ ଅଧିକ ତନ୍ତୁଯୁକ୍ତ ଓ ବହୁତ କମ୍ ଗ୍ଲାଇସେମିକ ସୂଚୀ ବିଶିଷ୍ଟ । ତାପରେ ଏହି ଚାଉଳର ଅନେକ ଗବେଷଣାତ୍ମକ ଅଧ୍ୟୟନ କରାଗଲା ଏବଂ ଆମେ ଏହି ଚାଉଳର ଫଳପ୍ରଦତା ଦେଖାଇ ପାରିଲୁ । ଭାରତ ସରକାର ମଧ୍ୟ ଏହି ଗବେଷଣାରେ ସାହାଯ୍ୟ କଲେ । ସ୍ୱାମୀଙ୍କ କୃପାରୁ ଏହି ଚାଉଳ ବର୍ତ୍ତମାନ ତାମିଲନାଡୁ ତଥା ଭାରତର ଅନ୍ୟ ଅଞ୍ଚଳର ଅଧିକାଂଶ ସୁପର ବଜାରମାନଙ୍କରେ ଉପଲବ୍ଧ ।

ମଧୁମେହ ରୋଗୀମାନଙ୍କ ପାଇଁ ଉପଯୁକ୍ତ ନୂତନ ଅରୁଆ ଚାଉଳର ଆବିଷ୍କାର ନିମନ୍ତେ ଏତେବର୍ଷର କାର୍ଯ୍ୟକୁ ଦେଖିଲେ ସ୍ୱାମୀ ମୋତେ ସାକ୍ଷାତକାର ବେଳେ ପଚାରିଥିବା ସେହି ସରଳ ପ୍ରଶ୍ନଟି ମନକୁ ଆସେ । "ମଧୁମେହ ବଢ଼ିବାର କାରଣ କ'ଣ ?" ଏସବୁ କେବଳ ସ୍ୱାମୀଙ୍କର ବିଶାଳ ଓ ଅସୀମ ଜ୍ଞାନକୁ ଦର୍ଶାଏ । ଏହାକୁ ଆମେ 'ସର୍ବଜ୍ଞତା' ବୋଲି କହୁ । ସ୍ୱାମୀ ଆମକୁ ବାରମ୍ବାର କହିଛନ୍ତି ଯେ ସେ କିଏ ବା କ'ଣ ତାହା ଆମେ କଳ୍ପନା ବି କରିପାରିବା ନାହିଁ । ଏହା ହେଉଛି ସ୍ୱାମୀଙ୍କ ମହାନତା, କାରଣ ସେ ବସ୍ତୁତଃ ମନୁଷ୍ୟ ରୂପରେ ଦିବ୍ୟତ୍ୱ ।"

ଓଁ ଜୟ ସାଇରାମ !

> ***"ଯେଉଁମାନଙ୍କର ପ୍ରକୃତ ଅନୁସନ୍ଧିତ୍ସୁ ଭାବ ଅଛି ସେମାନେ ହିଁ ପୃଥିବୀରେ ପ୍ରକୃତ ଜ୍ଞାନ ବିସ୍ତାର କରିପାରିବେ । କେବଳ ଉପରଠାଉରିଆ ଜ୍ଞାନରେ କିଛି ଲାଭ ନାହିଁ । ପ୍ରତ୍ୟକ୍ଷ ଅନୁଭୂତି ଜନିତ ଜ୍ଞାନକୁ ଅତିକ୍ରମ କରିବା ଭଳି କିଛି ଜ୍ଞାନ ନାହିଁ । ଏହା ଆତ୍ମ-ପ୍ରୟାସ, ଉପକ୍ରମ, ଦୃଢ଼ସଂକଳ୍ପ ଓ ଅଧ୍ୟବସାୟ ବଳରେ ଆହରଣ କରାଯିବା ଉଚିତ ।"***
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା, ସତ୍ୟସାଇ ବାହିନୀ**

ଅଧ୍ୟାୟ : ୨୭

ସ୍ୱାମୀଙ୍କ ପ୍ରେମ - ସହସ୍ରମାତାଙ୍କ ପ୍ରେମ

"ଭଗବାନ ତୁମର ନିକଟତମ । ସେ ମାତା, ପିତା, ଗୁରୁ, ବନ୍ଧୁ, ମାର୍ଗଦର୍ଶକ ଓ ଅଭିଭାବକ । ତାଙ୍କୁ ଡାକ, ସେ ତତ୍‌କ୍ଷଣାତ୍ ଉତ୍ତର ଦେବେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଅଷ୍ଟମ ଭାଗ

ମୋ ସହ କାମ କରୁଥିବା ମୋର କର୍ମଚାରୀ ଓ ଛାତ୍ରମାନଙ୍କ ଦ୍ୱାରା ସ୍ୱାମୀଙ୍କର ଅନେକ ଚମତ୍କାର ଅନୁଭୂତ ହୋଇଛି । ସେଗୁଡ଼ିକ ଏହି ପୁସ୍ତକରେ ବର୍ଣ୍ଣନା କରିବା ପାଇଁ ବହୁତ ଅଧିକ, କିନ୍ତୁ ଅଳ୍ପ କେତୋଟି ବର୍ଣ୍ଣନା କରୁଛି ।

ଡଃ ପୁଙ୍ଗତାଇ ଆମ ଗବେଷଣା ପ୍ରତିଷ୍ଠାନର ନୈଦାନିକ ପରୀକ୍ଷଣର ମୁଖ୍ୟ ଏବଂ ତାଙ୍କର ଭଗବାନ ବାବାଙ୍କ ସହ ବହୁସଂଖ୍ୟକ ଅନୁଭୂତି ଅଛି । ସ୍ୱାମୀଙ୍କର ୩୦ ଜାନୁୟାରୀ ୨୦୦୭ରେ ସଶରୀରରେ ଚେନ୍ନାଇ ଆସିବା ବେଳର ଘଟଣାଟି କହୁଛି । ସେତେବେଳେ ପୁଙ୍ଗତାଇ ଗର୍ଭାବସ୍ଥାରେ ଥାଆନ୍ତି ଏବଂ ଯେ କୌଣସି ସମୟରେ ପ୍ରସବ ହୋଇଯିବା ଆଶା କରାଯାଉଥାଏ । ସେ ସୁନ୍ଦରମ୍ ଆସି ସ୍ୱାମୀଙ୍କୁ ଦେଖି ତାଙ୍କର ଆଶୀର୍ବାଦ ଲାଭ କରିବାକୁ ଦୃଢ଼ ଇଚ୍ଛା ପ୍ରକାଶ କଲେ । ଏପରି ଅବସ୍ଥାରେ ମୁଁ ତାଙ୍କୁ ଭିତରକୁ ଆସି ଦୀର୍ଘ ସମୟ ସୁନ୍ଦରମ୍‌ରେ ବସିବାକୁ ମନା କଲି । ବରଂ ତାଙ୍କୁ ସୁନ୍ଦରମ୍ ଫାଟକ ପାଖକୁ ଆସି ଦୂରରୁ ସ୍ୱାମୀଙ୍କ ଦର୍ଶନ କରିବାକୁ ପ୍ରସ୍ତାବ ଦେଲି, ଯେହେତୁ ସେ ଦୀର୍ଘ ସମୟ ବସିବା କିମ୍ବା ଭିଡ଼ ଭିତରେ ଚିପି ହୋଇଯିବା ଠିକ୍ ନ ଥିଲା । ସେ ସମ୍ମତ ହୋଇ ତାଙ୍କର ଜନ୍ମଦିନ ଥିବାରୁ ୩୦ ଜାନୁୟାରୀରେ ଆସିବା ପାଇଁ କହିଲେ । ଯେଉଁ ସମୟରେ ସେ ସୁନ୍ଦରମ୍ ଆସିବା କଥା ସେତେବେଳେ ଆମକୁ ସନ୍ଦେଶ ମିଳିଲା ଯେ ସ୍ୱାମୀ ମୁଖ୍ୟ ପ୍ରାର୍ଥନା ଗୃହରେ ନ୍ୟାସୀମାନଙ୍କୁ ଭେଟିବେ । ସ୍ୱାମୀଙ୍କ ଦର୍ଶନ ସେଦିନ କରିହେବା ବିଷୟରେ ମୁଁ ସନ୍ଦିଗ୍ଧ ବୋଲି ପୁଙ୍ଗତାଇଙ୍କୁ ଖବର ଦେଲି । ସେହି ଗସ୍ତ କାଳରେ ସ୍ୱାମୀ ମଧ୍ୟ ତିରୁବଣମିୟୁରଠାରେ ଅତିରୁଦ୍ର ମହାଯଜ୍ଞ କାର୍ଯ୍ୟକ୍ରମକୁ ଯାଉଥିଲେ । ସାଧାରଣତଃ ସେ ସକାଳେ ସୁନ୍ଦରମ୍‌ରେ ଦର୍ଶନ ଦେଇ ଅପରାହ୍ଣ ସଂଧ୍ୟାରେ ତିରୁବଣମିୟୁର ଯାଉଥିଲେ, ଯେଉଁଠାରେ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥାଏ ।

ଡଃ ପୁଙ୍ଗତାଇଙ୍କୁ ଏହି ସନ୍ଦେଶ ପଠାଇବା ପରେ ମୁଁ ଓ ଅନ୍ୟ ନ୍ୟାସୀମାନେ ସୁନ୍ଦରମ୍‌ର ମୁଖ୍ୟ ହଲ ଭିତରେ ସମବେତ ହୋଇ ସ୍ୱାମୀଙ୍କ ଆସିବାକୁ ଅପେକ୍ଷା କରି ରହିଲୁ । ସ୍ୱାମୀ ଉପରେ ମହଲାରେ ତାଙ୍କ କୋଠରିରୁ ତଳକୁ ଆସିଲେ, କିନ୍ତୁ ଆମକୁ ଭେଟିବା ପାଇଁ ହଲ୍‌କୁ ନ ଆସି ସେ ତିରୁବଣମିୟୁର ଯିବେ ବୋଲି କହିଲେ । ଆମେ ସମସ୍ତେ ସ୍ୱାମୀଙ୍କ ଦର୍ଶନ ପାଇଁ ହଲ୍‌ରେ ଅପେକ୍ଷା କରିଥିବାରୁ ଆଶ୍ଚର୍ଯ୍ୟ ହୋଇଗଲୁ । ସ୍ୱାମୀ ସଙ୍ଗେ ସଙ୍ଗେ କାର୍ ଭିତରକୁ ଯାଇ ଅଳ୍ପ କେତେମିନିଟ ମଧ୍ୟରେ ସୁନ୍ଦରମ୍ ପରିସର ବାହାରକୁ ଚାଲିଗଲେ । ସୁନ୍ଦରମ୍ ଫାଟକ ବାହାରେ ଅପେକ୍ଷା କରିଥିବା ପୁଙ୍ଗତାଇ ହଠାତ୍ ସ୍ୱାମୀଙ୍କୁ କାର୍ ଭିତରକୁ ଯାଇ ତାଙ୍କ ବାଟେ ଯିବାର ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସେ ପ୍ରାୟ ଦୁଇଫୁଟ ଦୂରରେ ଠିଆ ହୋଇଥିଲେ । ଅଧିକନ୍ତୁ ସେ ଅଭୟ ହସ୍ତରେ ଆଶୀର୍ବାଦ କଲେ ଏବଂ ତାଙ୍କୁ ଚାହିଁ ହସିଲେ ମଧ୍ୟ । ଅପ୍ରତ୍ୟାଶିତ ଭାବରେ ଦିବ୍ୟ ଆଶୀର୍ବାଦ ଲାଭ କରିବାରେ ପୁଙ୍ଗତାଇଙ୍କ ବିସ୍ମୟ ଓ ଆନନ୍ଦ କଥା କଳ୍ପନା କରିପାରୁଛନ୍ତି କି ? ଶ୍ରୀ ସତ୍ୟସାଇ ସେବା ସଂଗଠନ ଓ ନ୍ୟାସର ବରିଷ୍ଠ କର୍ମକର୍ତ୍ତାମାନେ ସ୍ୱାମୀଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିବା ବେଳେ ତାଙ୍କର ତିରୁବଣମିୟୁରକୁ ଯାତ୍ରା ବିସ୍ମୟକର ଥିଲା । ପୁଙ୍ଗତାଇ ଆନନ୍ଦାଶ୍ରୁର ସହ ଘରକୁ ଗଲେ । ୩ ଫେବୃୟାରୀରେ ପୁଙ୍ଗତାଇ ସୁସ୍ଥ ବାଳିକା ମେଘନାକୁ ଜନ୍ମ ଦେଲେ । ଏହି ବହି ଲେଖିବା ବେଳକୁ ମେଘନାକୁ ୧୦ ବର୍ଷ ହୋଇଯାଇଛି ଓ ସେ ସ୍ୱାମୀଙ୍କର ପରମ ଭକ୍ତ । ସେ ସ୍ୱାମୀଙ୍କ ଭଜନରେ ନିୟମିତ ଯୋଗ ଦେଉଛି ଏବଂ ସୁନ୍ଦର ଭଜନ ଗାଉଛି । ପୁଙ୍ଗତାଇଙ୍କ ପାଇଁ କି ଆଶୀର୍ବାଦ ଏବଂ ସାଇମା'ଙ୍କ ଦ୍ୱାରା ଭକ୍ତର ଅଭିଳାଷ ପୂରଣ କରିବାର କି ଅଦ୍ଭୁତଶୈଳୀ !

କାହାଣୀଟିକୁ ଶେଷ କରିବା । ସ୍ୱାମୀ ଶୀଘ୍ର ଆସିଲେ ନାହିଁ । ପରେ ଅପରାହ୍ଣରେ ସେ ସୁନ୍ଦରମ୍‌ର ପ୍ରାର୍ଥନା ଗୃହରେ ଆମେ ବସିଥିବା ଦୁଇ ଧାଡ଼ି ମଝିରେ ଚାଲି ଆମ ସହ କଥା ହୋଇ ଓ ଆମକୁ ଆଶୀର୍ବାଦ କରି ଅତ୍ୟନ୍ତ ଦିବ୍ୟ ଓ ତୃପ୍ତିପ୍ରଦ ଦର୍ଶନ ପ୍ରଦାନ କଲେ ।

ଦ୍ୱିତୀୟ ଚମତ୍କାର ମୋର ସଚିବ ଲିଗି ସହ ସମ୍ପୃକ୍ତ । ସେ ଖ୍ରୀଷ୍ଟିୟାନ୍ ଭାବରେ ବଢ଼ିଥିଲା, ମାତ୍ର ଜଣେ ହିନ୍ଦୁକୁ ବାହା ହୋଇଥିଲା । ସେ ମୋ ପାଖରେ କାମ କରୁଥିବାବେଳେ ସ୍ୱାମୀଙ୍କ ଚମତ୍କାରର ଅନେକ ଘଟଣା ଦେଖିଛି ଏବଂ ଅନୁଭବ କରିଛି । କିନ୍ତୁ ଏହି ନିର୍ଦ୍ଦିଷ୍ଟ ଘଟଣାଟି ତା ଜୀବନକୁ ପୂରାପୂରି ବଦଳାଇ ଦେଲା ଓ ତାକୁ ସାଇଭକ୍ତ କରିଦେଲା ।

ଲିଗି ସାଧାରଣତଃ ମୋର ମୁଖ୍ୟ ପରାମର୍ଶ କକ୍ଷ ବାହାରେ ସଂଲଗ୍ନ ଏକ କ୍ଷୁଦ୍ର ପ୍ରକୋଷ୍ଠରେ ବସିଥାଏ । ଦିନେ ମୁଁ ୱାର୍ଡ଼ରେ ରୋଗୀମାନଙ୍କୁ ଦେଖିବା ପାଇଁ ଉପର ମହଲାକୁ ଯିବାକୁ ମୋ କାର୍ଯ୍ୟାଳୟରୁ ବାହାରିବା ବେଳେ ଲିଗି ମୋତେ ପଚାରିଲା, "ଆଜ୍ଞା, ତିରୁମଙ୍ଗଲମ୍‌ଠାରେ ପରବର୍ତ୍ତୀ ସାଇକୃପା ନିଃଶୁଳ୍କ ଚିକିତ୍ସା କେନ୍ଦ୍ର ପାଇଁ ଔଷଧ ତାଲିକା ପ୍ରସ୍ତୁତ କରିବାକୁ ଯିବି କି ?" ଆମେ ଶ୍ରୀ ସତ୍ୟସାଇ ସେବା ସଂଗଠନ ସହ ଦରିଦ୍ର ରୋଗୀମାନଙ୍କର ନିୟମିତ ସେବା କରୁ; ଆମେ ବ୍ୟୟ ବହନ କରିପାରୁନଥିବା ଦରିଦ୍ର ରୋଗୀମାନଙ୍କର ନିଃଶୁଳ୍କ ପରୀକ୍ଷା, ଚିକିତ୍ସା କରିବା ସହ ଔଷଧ ଯୋଗାଇଥାଉ । ଏହି ଔଷଧ ତାଲିକା ବିଷୟରେ ସେ ପଚାରିଥିଲା । ମୁଁ ତାକୁ "ହଁ ଲିଗି, ତାଲିକା କର" କହି ଉପର ମହଲାକୁ ଗଲି । କିଛି ସମୟ ପରେ ମୁଁ ତଳକୁ ଆସିବା ବେଳେ ମୋ କକ୍ଷ ବାହାରେ କ୍ଷୁଦ୍ର ପ୍ରକୋଷ୍ଠଠାରେ ଖୁବ୍ ହୋ-ହଲ୍ଲା ହେଉଥିଲା । ଔଷଧ ଆଣିବା ସକାଶେ ଫାର୍ମାସୀକୁ ଯିବା ପାଇଁ ଲିଗି କୋଠରିରୁ ବାହାରିବାମାତ୍ରେ ତା ବସିବା ସ୍ଥାନ ଉପରେ ଛାତରେ ଥିବା ପଙ୍ଖାଟି ତଳକୁ ଖସିପଡ଼ି ତାର ଚୌକି, ଟେବୁଲ ଏବଂ ମୋର ଅନେକ ଟ୍ରଫି ଓ ପୁରସ୍କାର ଥିବା କାଚ ଆଲମିରାଟିକୁ ଭାଙ୍ଗିଦେଲା । ଏହା ଲିଗି କୋଠରି ଛାଡ଼ିବାର ମାତ୍ର ଦୁଇ ସେକେଣ୍ଡ ପରେ ଘଟିଥିଲା । ସେ ସେଠାରେ ଠିଆ ହୋଇଥିଲେ ପଙ୍ଖାଟି ସିଧା ତା ମୁଣ୍ଡ ଉପରେ ପଡ଼ି ସାଙ୍ଘାତିକ ଦୁର୍ଘଟଣାରେ ପରିଣତ ହୋଇଥାନ୍ତା ।

ପାଠକମାନେ, ସ୍ମରଣ କରନ୍ତୁ, ସେ କେଉଁ କାମ ପାଇଁ କୋଠରିରୁ ବାହାରିଥିଲା ? ସ୍ୱାମୀଙ୍କ କାମରେ – ସାଇକୃପା ପାଇଁ ଔଷଧ ସଂଗ୍ରହ କରିବାକୁ । ସେ ଆଉ ମିନିଟିଏ ରହିଥିଲେ ତାର ଜୀବନ ସବୁଦିନ ପାଇଁ ବଦଳି ଯାଇଥାନ୍ତା । ସ୍ୱାମୀ ତାଙ୍କର ଅସୀମ କରୁଣାରୁ ଏହି ଭୟଙ୍କର ଦୁର୍ଘଟଣାରୁ ତାକୁ ରକ୍ଷା କଲେ । ଲିଗି ଡରିଗଲା, କିନ୍ତୁ ତତ୍‌ସହିତ ସ୍ୱାମୀଙ୍କର ରକ୍ଷାକାରୀ ହସ୍ତ ଏବଂ ତାହା କିପରି ତାକୁ ସମ୍ଭାବ୍ୟ ମୃତ୍ୟୁରୁ ରକ୍ଷା କଲା, ତାହା ଉପଲବ୍ଧି କଲା । ଏହା ଲିଗିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା ଏବଂ ସେହି ମୁହୂର୍ତ୍ତରୁ ସେ ସାଇଭକ୍ତ ହୋଇଗଲା । ପରେ ତାର ପୁଅ ଜନ୍ମ ହେବାବେଳେ ତାକୁ ସାଇପ୍ରେତେବ ନାମ ଦେଲା ।

ଆଉ ଏକ ଚମତ୍କାର ମୋର ଆଉ ଜଣେ ସଚିବ ବଲ୍ଲୀ ସହ ସମ୍ପୃକ୍ତ । ସେ ସ୍ୱାମୀଙ୍କ ଭକ୍ତ ଏବଂ ମୋର ସବୁ ବ୍ୟାଖ୍ୟାନ ଉପସ୍ଥାପନରେ ସାହାଯ୍ୟ କରେ ତଥା ମୋର ବିବିଧ ଗବେଷଣାତ୍ମକ ରଚନା ଟଙ୍କିତ କରେ । ଦିନେ ବଲ୍ଲୀ କାମ ପରେ ଘରକୁ

ଫେରୁଥିଲା । ପ୍ରାୟ ସନ୍ଧ୍ୟା ସାତଟା ହୋଇଥିଲା ଏବଂ ସେ ତାର ଦ୍ୱିଚକ୍ର ଯାନ ଚଳାଉଥିଲା । ଅନ୍ଧାର ହୋଇଥିବାରୁ ସେ ହଠାତ୍ ରାସ୍ତାର ମଧ୍ୟଭାଗରେ ଧକା ଖାଇ ଗାଡ଼ିରୁ ପଡ଼ି ବେହୋସ ହୋଇଗଲା । କେତେଜଣ ପଥିକ ଅଟକିଯାଇ ତା ପର୍ସ ଖୋଜି ତା ସ୍ୱାମୀ ସହ ଯୋଗାଯୋଗ କଲେ । ସ୍ୱାମୀ ତାକୁ ଆମ ଚିକିତ୍ସାଳୟକୁ ନେଇ ଆସି ମୋତେ ଫୋନ୍ କଲା । ମୁଁ ଚିକିତ୍ସାଳୟକୁ ଯାଇ ମୁଣ୍ଡରେ ଭୀଷଣ ଆଘାତ ଯୋଗୁଁ କୋମା ଅବସ୍ଥାରେ ଥିବାର ଦେଖିଲି । ପାଖ ପରୀକ୍ଷଣ କେନ୍ଦ୍ରରେ ମସ୍ତିଷ୍କର ସ୍କାନ କରିବା ପାଇଁ ମୁଁ ତା ସ୍ୱାମୀ ସହ ବଲ୍ଲୀକୁ ନେଇକରି ଗଲି । ତାର ଖପୁରି ନଷ୍ଟ ହୋଇ ଯାଇଥିବାରୁ ମସ୍ତିଷ୍କର କ୍ରିୟାଶୀଳତା ଦ୍ରୁତ ଗତିରେ ହ୍ରାସ ପାଉଥାଏ । ପ୍ରାୟ ମରଣାସନ୍ନ ଅବସ୍ଥା ! ତତ୍କ୍ଷଣାତ୍ ତାର ଅସ୍ତ୍ରୋପଚାର କରାନଗଲେ ଆରୋଗ୍ୟର ସମ୍ଭାବନା ନ ଥିଲା ।

ଆମେ ତାକୁ ସହରର ସର୍ବୋତ୍ତମ ଚିକିତ୍ସାଳୟକୁ ନେଇ ଜରୁରୀକାଳୀନ ବିଭାଗରେ ପହଞ୍ଚିବାବେଳେ ସେଠାରେ ରୋଗୀମାନଙ୍କର ଭିଡ଼ ଥିବାର ଦେଖିଲୁ । ନର୍ସମାନଙ୍କର ଧର୍ମଘଟ ଯୋଗୁଁ ରୋଗୀମାନେ ଗଦା ହୋଇଥାନ୍ତି । ସେଠାରେ କାମ କରୁଥିବା ମୋର ଜଣେ ସ୍ନାୟୁଶଲ୍ୟ ଚିକିତ୍ସକ ବନ୍ଧୁଙ୍କୁ ଡାକି ମୁଁ ପରିସ୍ଥିତିର ଗମ୍ଭୀରତା ବିଷୟରେ ବୁଝାଇଲି । ମୁଁ ତାଙ୍କୁ ଡାକିବାବେଳେ ସେ ଅସ୍ତ୍ରୋପଚାର ସାରି ଘରକୁ ଫେରୁଥିଲେ । ସେ ତତ୍କ୍ଷଣାତ୍ ଚିକିତ୍ସାଳୟକୁ ଫେରିବାକୁ ସମ୍ମତ ହେଲେ । ପରବର୍ତ୍ତୀ ସମସ୍ୟା ଥିଲା ଚିକିତ୍ସାଳୟରେ ଶଯ୍ୟା ଖାଲି ନ ଥିବାରୁ ତାକୁ ଚିକିତ୍ସାଳୟରେ ଭର୍ତ୍ତି କରିବା, ଅଧିକନ୍ତୁ ସବୁ ଅସ୍ତ୍ରୋପଚାର କକ୍ଷ ଅଧିକୃତ ଥିଲା ।

ମୁଁ ବସିପଡ଼ି ସ୍ୱାମୀଙ୍କୁ ପ୍ରାର୍ଥନା କଲି, କାରଣ ସେ ହିଁ ଏହି ଅସମ୍ଭାବ୍ୟ ଅବସ୍ଥାରୁ ଉଦ୍ଧାର କରିପାରିବେ । ତାପରେ ଚମତ୍କାର ପର୍ଯ୍ୟାୟ ଘଟିବାକୁ ଲାଗିଲା । ଅଳ୍ପ କେତେ ମିନିଟ୍ ଭିତରେ ସ୍ନାୟୁଶଲ୍ୟ ଚିକିତ୍ସକ ପହଞ୍ଚିଗଲେ । ଠିକ୍ ସେହି ସମୟରେ ଗୋଟିଏ ଅସ୍ତ୍ରୋପଚାର କକ୍ଷ ଖାଲି ହେଲା । ଆମକୁ ସିଧା ଅସ୍ତ୍ରୋପଚାର କକ୍ଷକୁ ନେଇଯିବାକୁ କୁହାଗଲା । ଜଟିଳ ଅସ୍ତ୍ରୋପଚାର ଥିଲା, କିନ୍ତୁ ସ୍ୱାମୀଙ୍କ କୃପାରୁ ସବୁ ଠିକ୍‌ଠାକ୍ ହେଲା । ଅସ୍ତ୍ରୋପଚାର ସରିବା ବେଳକୁ ଚାମତ୍କାରିକ ଭାବରେ ଏକ ଶଯ୍ୟା ମିଳିଗଲା ଏବଂ ସେହି ଚିକିତ୍ସାଳୟରେ ବଲ୍ଲୀର ଚିକିତ୍ସା ଚାଲିଲା । ଅଳ୍ପଦିନ ମଧ୍ୟରେ ସେ ଆରୋଗ୍ୟ ହେବାକୁ ଲାଗିଲା । ଆରମ୍ଭରୁ ତାର କେତେକ ସ୍ନାୟବିକ ଅଭାବ ଥିଲା, କିନ୍ତୁ ସ୍ୱାମୀଙ୍କ କୃପାରୁ ସେଗୁଡ଼ିକ ଧୀରେ ଧୀରେ ଦୂର ହୋଇଗଲା ଏବଂ ସେ ପୂରାପୂରି ଭଲ ହୋଇଗଲା ।

ଏହି ମରଣାସନ୍ନ ଅବସ୍ଥା ବଲ୍ଲୀକୁ ପୂର୍ଣ୍ଣ ରୂପାନ୍ତରିତ କରିଦେଲା ଏବଂ ସେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ପରମ ଭକ୍ତ ହୋଇଗଲା ।

କର୍ମଚାରୀମାନଙ୍କ ଦ୍ୱାରା ଅନୁଭୂତ ଏହି ଚମତ୍କାରଗୁଡ଼ିକ ସ୍ୱାମୀଙ୍କ କୃପାର ଉତ୍କୃଷ୍ଟ ନିଦର୍ଶନ । ସ୍ୱାମୀ ବହୁଧା କହନ୍ତି, *"ମୁଁ ଏହି ଚମତ୍କାରଗୁଡ଼ିକ ସମ୍ପାଦିତ କରେ ନାହିଁ । ସେସବୁ ତୁମର ଆଧ୍ୟାତ୍ମିକ ବ୍ୟାଙ୍କ୍‌ରୁ ତୁମ ପାଖକୁ ଆସନ୍ତି । ତୁମେ ଯଦି ତୁମର ଆଧ୍ୟାତ୍ମିକ ବ୍ୟାଙ୍କରେ ଯଥେଷ୍ଟ ପୁଣ୍ୟ ସଞ୍ଚୟ କରିଥାଅ ତେବେ ବିପଦରେ ପଡ଼ିବା ବେଳେ ତାହା ମୋର କୃପା ରୂପରେ ତୁମ ପାଖକୁ ଆସିବ ଏବଂ ରକ୍ଷା କରିବ ।"* ସ୍ୱାମୀ, ଆମେ ଆପଣଙ୍କର ବିନମ୍ର ଭକ୍ତ ଏବଂ ଆପଣ କି ପ୍ରକ୍ରିୟାରେ କାମ କରନ୍ତି ତାହା ଆମେ ବୁଝୁନା । ଆମେ କେବଳ ଏତିକି ଜାଣୁ ଯେ ଆପଣ ଆମର ଦିବ୍ୟ ମାତାପିତା ଏବଂ ବସ୍ତୁତଃ ସହସ୍ରମାତାଙ୍କର ଏକ ରୂପ । ଆପଣଙ୍କର ପ୍ରେମ ନିଃସର୍ତ୍ତ । ଆପଣଙ୍କର କୃପା ତାତ୍‌କ୍ଷଣିକ । ଆପଣ ସର୍ବଦା କହନ୍ତି, "ମୁଁ ଥାଉ ଥାଉ ଭୟ କାହିଁକି ?" ଏକଥା ସତ, ପ୍ରିୟ ସ୍ୱାମୀ । ଆମେ ଆପଣଙ୍କ ଉପରେ ଆସ୍ଥା ରଖି ଆପଣଙ୍କ କାମ କରିବା ବେଳେ ଆପଣ ସର୍ବଦା ଆମର ଯତ୍ନ ନିଅନ୍ତି । ଆପଣଙ୍କ ଉପରେ ଆସ୍ଥା ରଖିଥିବା ଲିଗି, ପୁଙ୍ଗତାଇ ଓ ବଲ୍ଲୀ ଭଳି ସାରା ପୃଥିବୀର ଲକ୍ଷ ଲକ୍ଷ ଭକ୍ତଙ୍କୁ ଆପଣଙ୍କର ଅସୀମ ପ୍ରେମ ଆଶୀର୍ବାଦ କରି ଚାଲୁ ।

ଓଁ ଜୟ ସାଇରାମ !

"କର୍ମର ନିୟମ ଏକ ଲୌହ ନିୟମ ନୁହେଁ । ଆଶୀର୍ବାଦକୁ ଆମନ୍ତ୍ରିତ କରୁଥିବା ଉତ୍ସର୍ଗ ଦ୍ୱାରା, ଶୁଚିତା ଦ୍ୱାରା ଏହାର ପ୍ରଭାବକୁ ସଂଶୋଧିତ ଏବଂ ଏହାର କଠୋରତା ହ୍ରାସ କରାଯାଇପାରେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା

ଦିବ୍ୟ ସମ୍ଭାଷଣ, ୧୦ ଅପ୍ରେଲ ୧୯୬୫

ଅଧ୍ୟାୟ : ୨୮

ସ୍ୱାମୀ କରି ନ ପାରିବା ଭଳି କିଛି ଅଛି କି ?

"ମୋର ବିଶ୍ଳେଷଣ କରିବାକୁ ଚେଷ୍ଟା କର ନାହିଁ । ବରଂ ମୋର ଅନୁଭୂତି କର । ମୋ ଜୀବନ ଭିତରକୁ ଗଭୀର ଲମ୍ଫ ପ୍ରଦାନ କର ଏବଂ ତା ଭିତରେ ତୁମେ ମହାଜ୍ଞାନର ମୋତିଗୁଡ଼ିକୁ ପାଇବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ସାଇନନ୍ଦନ

ଅଳ୍ପ କେତେ ବର୍ଷ ତଳେ ମୁଁ କିଛି ଡାକ୍ତର ବନ୍ଧୁଙ୍କ ସହ ଚେନ୍ନାଇରେ ସବେରା ହୋଟେଲର ଅଭ୍ୟର୍ଥନା କେନ୍ଦ୍ରଠାରେ ଠିଆ ହୋଇ ସ୍ୱାମୀଙ୍କ ବିଷୟରେ କଥା ହେଉଥିଲି । ଜଣେ ବନ୍ଧୁ ଥିଲେ ସଂପ୍ରତି ତାମିଲନାଡୁ ଶ୍ରୀ ସତ୍ୟସାଇ ସେବା ସଂଗଠନର ଭେଷଜ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ଡଃ ଇ. ପ୍ରଭୁ । ସେ ଅନେକ ବର୍ଷ ଧରି ସ୍ୱାମୀଙ୍କର ଜଣେ ପରମ ଭକ୍ତ ଥିଲେ । ଅନ୍ୟ ଦୁଇଜଣ ଭକ୍ତ ନ ଥିଲେ । ସେମାନଙ୍କୁ ସ୍ୱାମୀଙ୍କ ବିଷୟରେ କିଛି କହିବା ପରେ ମୁଁ ସେମାନଙ୍କୁ ସ୍ୱାମୀଙ୍କ ଛବି ଦେବା କଥା ଭାବିଲି । ମୁଁ ସାଧାରଣତଃ ମୋ ପର୍ସରେ ସ୍ୱାମୀଙ୍କର କେତୋଟି ଅତିରିକ୍ତ ଛବି ରଖିଥାଏ । ମୁଁ ସ୍ୱାମୀଙ୍କ ଛବିଗୁଡ଼ିକୁ କାଢ଼ି ଗଣିବା ବେଳେ ଦୁର୍ଭାଗ୍ୟକୁ ମାତ୍ର ଦୁଇଟି ଥିଲା, ଯଦିଓ ପ୍ରଭୁଙ୍କ ସମେତ ତିନିଜଣ ଡାକ୍ତର ଥିଲେ । ମୁଁ ପ୍ରଭୁଙ୍କୁ କହିଲି, "ସାଇରାମ ପ୍ରଭୁ, ଆପଣ କିଛି ମନେ ନ କଲେ ମୁଁ ଏହି ଛବି ଦୁଇଟିକୁ ଅନ୍ୟ ଦୁଇଜଣ ଡାକ୍ତରଙ୍କୁ ଦେବି । ଆପଣ ସ୍ୱାମୀଙ୍କ ଭକ୍ତ ଏବଂ ଆପଣ ବହୁ ସମୟରେ ସ୍ୱାମୀଙ୍କ ଛବି ପାଇଥାନ୍ତି; ମୋ ପାଖରେ ମାତ୍ର ଦୁଇଟି ଛବି ଅଛି ।" ଡଃ ପ୍ରଭୁ ସଙ୍ଗେ ସଙ୍ଗେ କହିଲେ, "ଚିନ୍ତା କରନ୍ତୁ ନାହିଁ ଆଜ୍ଞା ! ଆପଣ ସେମାନଙ୍କୁ ନିଅନ୍ତୁ ।"

ମୁଁ ଛବିଗୁଡ଼ିକୁ କାଢ଼ି ଗୋଟିଏ ପ୍ରଥମ ଡାକ୍ତରଙ୍କୁ ଦେଲି ଏବଂ ମୋ ହାତରେ ଆଉ ଗୋଟିଏ ରହିଲା । ମୁଁ ତାହା ଦ୍ୱିତୀୟ ଡାକ୍ତରଙ୍କୁ ଦେବାକୁ ଯିବାବେଳେ ମୋ ହାତରେ ଟିକିଏ ଆଲୋଡ଼ନ ଅନୁଭବ କଲି । ଆଉ ଦେଖନ୍ତୁ, ସ୍ୱାମୀଙ୍କର ସେହି ଛବିଟି ଦ୍ୱିଗୁଣିତ ହୋଇଯାଇଥିଲା ଏବଂ ଏବେ ମୋ ହାତରେ ଦୁଇଟି ଛବି ଥିଲା । ଅବିଶ୍ୱାସୀମାନେ ମୋ ପାଖରେ ମୂଳରୁ ତିନୋଟି ଥିଲା ଏବଂ ମୁଁ ସେଗୁଡ଼ିକୁ ଠିକ୍ ଭାବରେ ଗଣି ନ ଥିଲି ବୋଲି କହି ପାରନ୍ତି । ଏହା ସମ୍ଭବ ନୁହେଁ, କାରଣ ମୁଁ ଦୁଇଥର ଗଣିଥିଲି । ହାତରେ ଧରିଥିବାବେଳେ ମୁଁ ମଧ୍ୟ ଛବିଟି ଗତି କରିବାର ଅନୁଭୂତି କରିଥିଲି ଏବଂ ହଠାତ୍ ସେପରି

ଏକ ଛବି ପାଇଥିଲି । ଅତଏବ ଛବିଟି ଦ୍ୱିଗୁଣିତ ହୋଇଥିବା ସୁସ୍ପଷ୍ଟ । ତେଣୁ ଦ୍ୱିତୀୟ ଛବିଟି ଦ୍ୱିତୀୟ ଡାକ୍ତରଙ୍କୁ ଦେବା ପରେ ଏହି ଅତିରିକ୍ତ ଛବିଟି ଡଃ ପ୍ରଭୁଙ୍କୁ ଦିଆଯାଇପାରିଲା ।

ତିନିଜଣଯାକ ଡାକ୍ତର ଅବିଶ୍ୱାସର ସହ ଏହି ଦୃଶ୍ୟ ଦେଖୁଥିଲେ । ମୋ ପାଇଁ ଏହା ଏକ ବିନମ୍ର ଅନୁଭୂତି ଥିଲା, କାରଣ ମୁଁ ଡଃ ପ୍ରଭୁଙ୍କୁ ସ୍ୱାମୀଙ୍କ ଛବି ନ ଦେବା ପାଇଁ ସ୍ଥିର କରିଥିଲି । ସ୍ୱାମୀ ଯେପରି ମୋତେ ଥଟ୍ଟା କରି କହିଥିଲେ, "କିଏ ମୋ ଛବି ପାଇବ ତାହା ସ୍ଥିର କରିବାକୁ ତୁ କିଏ ?" ଏପରି ଅନ୍ତତଃ ଅଧାଡଜନ ଥର ଛବି ବହୁଗୁଣିତ ହୋଇଛି ମୁଁ ଲୋକମାନଙ୍କୁ ବିତରଣ କରିବା ବେଳେ ।

ସ୍ୱାମୀ ସଶରୀରରେ ଥିବାବେଳେ ବିଭୂତି ଛଡ଼ା ପଦକ, ଡଲାର, ଚେନ୍, ମୁଦି, ଛବି ପ୍ରଭୃତି ଅନେକ ପଦାର୍ଥ ସୃଷ୍ଟି କରିଛନ୍ତି, ଯାହାର ତାଲିକା ଅସରନ୍ତି । ତେଣୁ ସେ ଛବିକୁ ବହୁଗୁଣିତ କରିପାରିବେ ନାହିଁ କି ? ଅଧିକନ୍ତୁ ଏହା କେବଳ ମୋର ନୁହେଁ, ଅନେକଙ୍କର ଅନୁଭୂତି ଯେ ଛବି, ବିଭୂତିପୁଡ଼ିଆ ଆଦି ବହୁଗୁଣିତ ହୋଇଛି । ସ୍ୱାମୀ ଉପସ୍ଥିତ ବା ଅନୁପସ୍ଥିତ ଥିବାବେଳେ ଲୋକମାନଙ୍କୁ ଖୁଆଇବା ପାଇଁ ଯଥେଷ୍ଟ ମନେ ହେଉନଥିବା ଖାଦ୍ୟ ଆଶାତୀତ ଭାବରେ ବଢ଼ିଯାଇ ଦ୍ୱିଗୁଣ ଲୋକଙ୍କ ପାଇଁ ଯଥେଷ୍ଟ ହେବାର ଅନେକ ନିଦର୍ଶନ ରହିଛି । ଯୀଶୁଙ୍କ ସମୟରେ ଏପରି ଚମତ୍କାର ହୋଇଛି । ଭଗବାନ ବାବାଙ୍କ ଜୀବନ କାଳରେ ଏପରି ଅନେକଥର ହୋଇଛି, ଯାହା ଅନେକ ଲୋକଙ୍କ ଦ୍ୱାରା ତାଙ୍କ ଜୀବନଚରିତରେ ଲିପିବଦ୍ଧ ହୋଇଛି ।

ଉଟକାମଣ୍ଡରେ ସ୍ୱାମୀଙ୍କ ମନ୍ଦିର ସାଇ କୈଳାଶଠାରେ ଘଟିଥିବା ଏପରି ଏକ ଚମତ୍କାର ମୁଁ ବର୍ଣ୍ଣନା କରୁଛି । ଶ୍ରୀ ସତ୍ୟସାଇ ସେବା ସଂଗଠନ, ତାମିଲନାଡୁ ଦ୍ୱାରା ଆମେ ଅନେକ ନିଃଶୁଳ୍କ ମଧୁମେହ ଶିବିର ଆୟୋଜନ କରୁଥିଲୁ । ସେତେବେଳେ ମୁଁ ସ୍ୱାମୀଙ୍କର ଅନେକ ଲୀଳା ଓ ଚମତ୍କାର ଦେଖିବାର ସୁଯୋଗ ପାଇଛି । ଏଗୁଡ଼ିକ ପର ଅଧ୍ୟାୟରେ ବର୍ଣ୍ଣନା କରିବି । ଏ ଅଧ୍ୟାୟ ସହ ସମ୍ବନ୍ଧିତ ଗୋଟିଏ ଚମତ୍କାର ଏଠାରେ ବର୍ଣ୍ଣନା କରୁଛି । ଅଗଷ୍ଟ ୨୦୧୪ରେ ଶିବିର ପୂର୍ବଦିନ ମୁଁ ନୀଲଗିରି ସାଇ ସଂଗଠନର ଜିଲ୍ଲା ସଭାପତି ଡଃ ରାମୁଙ୍କ ସହ ଶିବିର ଆୟୋଜନ ବିଷୟ ଚର୍ଚ୍ଚା କରୁଥିଲି । ମୁଁ ସାଇ କୈଳାଶରେ ପ୍ରବେଶ କରିବା ବେଳେ ଡଃ ରାମୁ ଶିବିର ପାଇଁ ନିମନ୍ତ୍ରଣ ପତ୍ରଟିଏ ଦେଲେ । ଆମେ ଆଲୋଚନା କରୁଥିବା ବେଳେ ମୁଁ ନିମନ୍ତ୍ରଣରେ ଥିବା କାର୍ଯ୍ୟକ୍ରମକୁ ପଢ଼ି ତାକୁ ପୁଣି ଲଫାପାରେ ରଖିଦେଲି ।

ପ୍ରସ୍ଥାନ କରିବା ପୂର୍ବରୁ ମୁଁ ସ୍ୱାମୀଙ୍କ ଆଶୀର୍ବାଦ ନେବାକୁ ଚାହିଁଲି, ତେଣୁ ନିମନ୍ତ୍ରଣ ପତ୍ରଟିକୁ ସ୍ୱାମୀଙ୍କ ପାଦପୀଠିକାରେ ରଖି ସ୍ୱାମୀଙ୍କ ଆସନ ଆଗରେ ପ୍ରଣାମ

କଲି । ଉଠିପଡ଼ି ନିମନ୍ତ୍ରଣ ପତ୍ରଟିକୁ ସ୍ୱାମୀଙ୍କ ପାଦପୀଠିକାରୁ ଫେରାଇ ଆଣିବା ବେଳେ ମୋ ହାତ ହଲିବା ଭଳି ଲାଗିଲା, ଯାହା ଡଃ ରାମୁ ମଧ୍ୟ ଲକ୍ଷ୍ୟ କଲେ । ମୋ ହାତରେ ଗୋଟିଏ ବଦଳରେ ଦୁଇଟି ନିମନ୍ତ୍ରଣ ପତ୍ର ଥିଲା । ଉପରୋକ୍ତ ଛବିଟି ପରି ନିମନ୍ତ୍ରଣ ପତ୍ରଟି ଆପେ ଆପେ ଦ୍ୱିଗୁଣିତ ହୋଇଯାଇଥିଲା । ମୁଁ ଶତପ୍ରତିଶତ ନିଶ୍ଚିତ ଯେ ସେ ପର୍ଯ୍ୟନ୍ତ ମୋ ପାଖରେ ମାତ୍ର ଗୋଟିଏ ନିମନ୍ତ୍ରଣ ପତ୍ର ଥିଲା । ତାହା ଦ୍ୱିଗୁଣିତ ହେବାବେଳେ ମୋ ହାତରେ ଏକ ଭିନ୍ନ ଆଲୋଡ଼ନ ହୋଇଥିଲା । ଦୁଇଫୁଟ ଦୂରରେ ଥିବା ଡଃ ରାମୁ ତାହା ଲକ୍ଷ୍ୟ କରି 'କ'ଣ ହେଲା' ବୋଲି ପଚାରିଲେ । ସ୍ୱାମୀ ଏପରି ଅନନ୍ୟ ଭାବରେ ମଧୁମେହ ଶିବିରକୁ ଆଶୀର୍ବାଦ କରିଥିଲେ ବୋଲି ଆମେ ସମସ୍ତେ ଧନ୍ୟ ହେଲୁ ।

ପୁସ୍ତକ ଆରମ୍ଭରେ ଏବଂ ଅନ୍ୟ ଅନେକ ଅଧ୍ୟାୟରେ ମୁଁ ଉଲ୍ଲେଖ କରିଛି ଯେ ଏପରି ଚମତ୍କାର କାହିଁକି ହୁଏ କିମ୍ବା ଏଗୁଡ଼ିକର ତାତ୍ପର୍ଯ୍ୟ କ'ଣ ତାହା ମଣିଷମାନଙ୍କ ପକ୍ଷରେ ନିର୍ଣ୍ଣୟ କରିବା ଅସମ୍ଭବ । ଅବିଶ୍ୱାସୀମାନେ ମୋତେ ପଚାରନ୍ତି, "ଦୁଇ କାହିଁକି, ତିନି ବା ଦଶ କାହିଁକି ନୁହେ ?" ଚମତ୍କାରରେ ବିଶ୍ୱାସ କରୁ ନ ଥିବା ବ୍ୟକ୍ତି ଏପରି ପ୍ରଶ୍ନ ପଚାରିପାରେ, ଏଥିରେ ମୋର କିଛି ଅଭିଯୋଗ ନାହିଁ । ଏପରି ପ୍ରଶ୍ନଗୁଡ଼ିକର ଉତ୍ତର ମଧ୍ୟ ମୋ ପାଖରେ ନାହିଁ । ଆମ ଭକ୍ତମାନଙ୍କ ପାଇଁ ଏହି ଘଟଣାଗୁଡ଼ିକରେ ପ୍ରଭୁ ତାଙ୍କର ଚମତ୍କାର, ଅର୍ଥାତ୍ 'ଭିଜିଟିଙ୍ଗ କାର୍ଡ଼' ଦେଖାଇଥାନ୍ତି ଓ ତାଙ୍କର ଦିବ୍ୟତ୍ୱ ପ୍ରକଟ କରିଥାନ୍ତି । ଏଥିପାଇଁ ଆମେ ନିଜକୁ ବିଶେଷ ଆଶୀର୍ବାଦ ପ୍ରାପ୍ତ ବା ପ୍ରଭୁଙ୍କ ପାଇଁ ଅନନ୍ୟ ମନେ କରୁନା । ମୁଁ କଥାବାର୍ତ୍ତା ହୋଇଥିବା ହଜାର ହଜାର ଲୋକଙ୍କଠାରୁ ଏପରି ଅସଂଖ୍ୟ ଚମତ୍କାର ବିଷୟରେ ଶୁଣିଛି । ଭଗବାନଙ୍କ ଭକ୍ତମାନଙ୍କ ମଧ୍ୟରୁ ହଜାରକେ ଜଣେ ବୋଧହୁଏ ସେମାନଙ୍କ ଅନୁଭୂତି କହିବେ, ଯାହା ଏହି ପୁସ୍ତକରେ ବର୍ଣ୍ଣିତ ଅନୁଭୂତିଗୁଡ଼ିକଠାରୁ ଅଧିକ ବିସ୍ମୟକର । ଆମ ଭକ୍ତମାନଙ୍କ ପାଇଁ ଏହା ସତ୍ୟର ମୁହୂର୍ତ୍ତ; ଏହା ଦିବ୍ୟତ୍ୱ ସହ ଏକ କ୍ଷଣିକ ମାର୍ଜନୀ । ଏହାକୁ ତାଙ୍କ ଦିବ୍ୟ ପାଦପଦ୍ମରେ ରଖିଥିବା ନିମନ୍ତ୍ରଣ ପତ୍ରଟିକୁ ସେ ପାଇଛନ୍ତି ବୋଲି କହିବାର ତାଙ୍କର ଅନନ୍ୟ ଶୈଳୀ ଭାବରେ ଆମେ ଗ୍ରହଣ କରିଥାଉ । କହିବା ଅନାବଶ୍ୟକ ଯେ ଶିବିର ଅତିଶୟ ସଫଳ ହୋଇଥିଲା ।

ଓଁ ଜୟ ସାଇରାମ !

ସାଇଙ୍କ ଶକ୍ତି ଅସୀମ । ଏହା ଚିର ଅଭିବ୍ୟକ୍ତ । ଶକ୍ତିର ସବୁ ରୂପ ଏହି ସାଇଙ୍କ ହାତରେ ଅଛି ।

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ନବମ ଭାଗ

ଅଧ୍ୟାୟ : ୨୯

ଯେଉଁଠି ବି ସ୍ୱାମୀଙ୍କ କାମ ହୁଏ ସେ ଥାଆନ୍ତି

"ମୁଁ ମୋର ବିଶ୍ୱସ୍ତତାର ନିଦର୍ଶନ ଦେଖାଇବା ପରେ ହିଁ ତୁମର ସଂଶୋଧନ କରିବାକୁ ସଂକଳ୍ପବଦ୍ଧ । ସେହି କାରଣରୁ ମୁଁ ଚମତ୍କାର, ଅର୍ଥାତ୍ ମାନବୀୟ ସାମର୍ଥ୍ୟ ଓ ବୋଧଶକ୍ତିର ଊର୍ଦ୍ଧ୍ୱରେ ଥିବା କାର୍ଯ୍ୟ ମାଧ୍ୟମରେ ବାରମ୍ବାର ମୋର ସ୍ୱଭାବ ଘୋଷଣା କରିଥାଏ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱିତୀୟ ଭାଗ

ପୂର୍ବ ଅଧ୍ୟାୟରେ ମୁଁ ଉତକାମଣ୍ଡର ସାଇ କୈଳାଶଠାରେ ଘଟିଥିବା ନିମନ୍ତ୍ରଣ ଚମତ୍କାର ବିଷୟରେ କହିଥିଲେ । ଏହି ଅଧ୍ୟାୟରେ ମୁଁ ସେଠାରେ ଘଟୁଥିବା ଚମତ୍କାରଗୁଡ଼ିକ ବିଷୟରେ ଆଉ ଟିକିଏ ଅଧିକ କହିବି, ଯେଉଁଠାରେ ନିୟମିତ ଭାବରେ ସ୍ୱାମୀଙ୍କ ଉପସ୍ଥିତି ଦୃଶ୍ୟମାନ ବୋଲି ମୋର ବିଶ୍ୱାସ । ସାଇ କୈଳାଶର ପୃଷ୍ଠଭୂମି ବିଷୟରେ ପଦେ । ସ୍ୱାମୀ ସଶରୀରରେ ଥିବାବେଳେ ଜଣେ ଭକ୍ତ ସାଇ କୈଳାଶ ସମ୍ପତ୍ତି ଦାନ କରିଥିଲେ ଏବଂ ସ୍ୱାମୀ ଏହି ମନ୍ଦିର ନିର୍ମାଣରେ ଖୁବ୍ ଆଗ୍ରହ ପ୍ରକାଶ କରିଥିଲେ । ବସ୍ତୁତଃ ସ୍ୱାମୀ ନୀଳଗିରିର ଜିଲ୍ଲା ସଭାପତି ଡଃ ରାମୁଙ୍କ ସହ ସାଇ କୈଳାଶ ମନ୍ଦିର ନିର୍ମାଣ ବିଷୟରେ ଆଲୋଚନା କରୁଥିବାର ମୁଁ ଶୁଣିଛି । ତାଙ୍କ କୋଠରି କେଉଁଠି ହେବ, ଝୁଲା କେଉଁଠି ରହିବ, ମନ୍ଦିରର ତଳ ମହଲା କିପରି ହେବ ପ୍ରଭୃତି ବିଷୟରେ ସେ ବିଶଦ ନିର୍ଦ୍ଦେଶ ଦେଇଥିଲେ । ସ୍ୱାମୀ ମଧ୍ୟ ନକ୍ସା ଦେଖୁଥିଲେ ଓ ନିର୍ମାଣର ପ୍ରତ୍ୟେକ ସ୍ତରରେ ଆବଶ୍ୟକ ପରିବର୍ତ୍ତନ କରୁଥିଲେ । 'ମୁଁ ଉତକାମଣ୍ଡ ଆସିବି' ବୋଲି ସେ ଡଃ ରାମୁଙ୍କୁ କହିବାର ମଧ୍ୟ ମୁଁ ଶୁଣିଛି । ଅନେକ ବର୍ଷ ପୂର୍ବେ ସ୍ୱାମୀ ସଶରୀରରେ ଉତକାମଣ୍ଡ ଆସିବା ବନ୍ଦ କରିଦେବା ଆମକୁ ଟିକିଏ ବିଚିତ୍ର ଲାଗେ । ସ୍ୱାମୀ ଉତକାମଣ୍ଡରେ ନବମ ଦଶକରେ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ କରିବା ବେଳେ ସେଠାକୁ ଯାଉଥିଲେ । ପରେ ସବୁ ଛାତ୍ରଙ୍କୁ ପୁଟପର୍ତ୍ତିରେ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଗଲା ଏବଂ ଉତକାମଣ୍ଡ ବିଦ୍ୟାଳୟ ବନ୍ଦ ହୋଇଗଲା । ପରବର୍ତ୍ତୀ ସମୟରେ ସ୍ୱାମୀ ଉତକାମଣ୍ଡ ଯିବା ବନ୍ଦ କରିଦେଲେ ଏବଂ ଗ୍ରୀଷ୍ମକାଳର

ଅବସ୍ଥାନ କୋଡ଼ାଇକାନାଲକୁ ବଦଳାଇ ଦେଲେ ଓ ସାଇଶ୍ରୁତିକୁ ତାଙ୍କର ଗ୍ରୀଷ୍ମ ନିବାସ କଲେ । ଅପ୍ରେଲ ଓ ମଇର ଗ୍ରୀଷ୍ମକାଳର ତାଙ୍କ ଦର୍ଶନ ପାଇଁ ହଜାର ହଜାର ଲୋକ କୋଡ଼ାଇକାନାଲ ଆସୁଥିଲେ । ତେଣୁ ସ୍ୱାମୀ 'ମୁଁ ଉତକାମଣ୍ଡ ଆସିବି' ବୋଲି କହିବା ବେଳେ ଆମେ ସମସ୍ତେ ବିସ୍ମିତ ହୋଇଗଲୁ ।

ନିର୍ମାଣ ଶେଷ ହେବା ବେଳକୁ ସ୍ୱାମୀ ସଶରୀରରେ ଥିଲେ । ଦୁର୍ଭାଗ୍ୟକୁ ୨୪ ଅପ୍ରେଲ ୨୦୧୧ରେ ମହାସମାଧି ହେଲା । ମହାସମାଧି ପରେ ପ୍ରାୟ ବର୍ଷେ କାଳ କିଛି ହେଲା ନାହିଁ ଏବଂ ସେ ଉତକାମଣ୍ଡ ଆସିବେ ବୋଲି କହିଥିବାରୁ ସାଇ କୈଳାଶର ଉଦ୍‌ଘାଟନ ବିଳମ୍ୱିତ ହେଲା । ୨୦୧୨ରେ ତତ୍କାଳୀନ ସର୍ବଭାରତୀୟ ସଭାପତି ତଥା କେନ୍ଦ୍ରୀୟ ନ୍ୟାସ ସଦସ୍ୟ ଶ୍ରୀ ଭି. ଶ୍ରୀନିବାସନ୍ ଡଃ ରାମୁ ଓ ଉତକାମଣ୍ଡର ଭକ୍ତମାନଙ୍କୁ ସାଇ କୈଳାଶ ଖୋଲିବାର ବେଳ ହେଲାଣି ଏବଂ ସେମାନେ ଉଦ୍‌ଘାଟନ ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି କହିଲେ । ମଇ ୨୦୧୨ରେ ମନ୍ଦିର ଉଦ୍‌ଘାଟନ ପୂର୍ବରୁ ବିଭିନ୍ନ ବିଧିବିଧାନ କରାଗଲା । ଏହି ସମୟରେ ଏକ ବିଚିତ୍ର ଚମତ୍କାର ଘଟିଲା, ଯାହା ମୁଁ ଉଦ୍‌ଘାଟନ ବେଳେ ନ ଥିବାରୁ ସ୍ୱଚକ୍ଷୁରେ ଦେଖିନାହିଁ । ଅବଶ୍ୟ ଏ ବିଷୟରେ ମୁଁ ଶୁଣିଛି ଏବଂ ଯଥାସାଧ୍ୟ ତାହା ପରୀକ୍ଷା କରିଛି, ତେଣୁ ସେହି ଚମତ୍କାର ବିଷୟରେ ଏଠାରେ ଲେଖୁଛି ।

ସ୍ୱାମୀଙ୍କର କେତେକ ଅନୁଷ୍ଠାନର ନିର୍ମାଣରେ ସମ୍ପୃକ୍ତ ଜଣେ ଇଞ୍ଜିନିୟର ଭକ୍ତ ଉଦ୍‌ଘାଟନ ପୂର୍ବଦିନ ସାଇ କୈଳାଶ ଦେଖିବାକୁ ଚାହିଁଲେ । କର୍ତ୍ତବ୍ୟରତ ସେବାଦଳ ତାଙ୍କୁ ଅନିଚ୍ଛାସତ୍ତ୍ୱେ ଉପର ମହଲାକୁ ଯିବାକୁ ଦେଲେ । ଯେହେତୁ ପରଦିନ ଉଦ୍‌ଘାଟନ ପାଇଁ ସବୁ ପ୍ରସ୍ତୁତି ହେଉଥାଏ । ସେ ଉପର ମହଲାକୁ ଯିବା ବେଳେ ହଠାତ୍ ଝୁଲାରେ ସ୍ୱାମୀଙ୍କର ଛବିଟିଏ ଥିବାର ଦେଖିଲେ । ପୁଣି ଚାହିଁବାବେଳେ ସ୍ୱାମୀଙ୍କ ଛବି ନୁହେଁ, ବିଗ୍ରହ ଦିଶିଲା । ସେ ପାଖକୁ ଯାଇ ସ୍ୱୟଂ ସ୍ୱାମୀଙ୍କୁ ଦେଖିଲେ । ସ୍ୱାମୀ ତାଙ୍କୁ ଚାହିଁ ହସିଲେ । ତାପରେ ସେ ସ୍ୱାମୀଙ୍କୁ ଝୁଲାରେ ବସି ଝୁଲୁଥିବାର ଦେଖିଲେ । ପ୍ରଥମେ ସେ ଖୁବ୍ ଡରିଗଲେ, କାରଣ ମହାସମାଧିର ବର୍ଷକରୁ ଅଧିକ ସମୟ ପରେ ସେ ସ୍ୱାମୀଙ୍କୁ ସଶରୀରରେ ଦେଖିବାକୁ ଆଶା କରୁନଥିଲେ । ତାପରେ ସେ ତଳକୁ ଧାଇଁ ଆସି ଅନ୍ୟମାନଙ୍କୁ କହିଲେ ଏବଂ ଅନେକ ଭକ୍ତ ଉପରକୁ ଦୌଡ଼ିଗଲେ । ସେମାନେ ଉପରକୁ ଯିବା ବେଳେ ସ୍ୱାମୀ ନ ଥିଲେ, ମାତ୍ର ଝୁଲା ଝୁଲୁଥିଲା ।

ମୁଁ ଏହି ଝୁଲା ବିଷୟରେ ବର୍ଣ୍ଣନା କରୁଛି । ତାହା ଇସ୍ପାତ ଚେନରେ ଟଙ୍ଗାଯାଇଥିବା କାଠର ଏକ ନିଦା ଝୁଲା । ତାହା ଏତେ ଓଜନିଆ ଯେ ତାକୁ ଜଣେ ନ ଠେଲିଲେ ହଲିବ ନାହିଁ । ଅଧିକନ୍ତୁ ଉତ୍ତକାମଣ୍ଡ ଥଣ୍ଡା ଜାଗା ହୋଇଥିବାରୁ ଛାତ ପଙ୍ଖାର ଆବଶ୍ୟକତା ନ ଥିଲା । ଭିତରକୁ ଥଣ୍ଡା ପବନ ଆସିବାକୁ ନ ଦେବା ପାଇଁ ସବୁ ଝରକା ବନ୍ଦ ଥିଲା । ତେଣୁ କୋଠରି ଭିତରେ ପବନର ଦୁଲୁକା ନଥିଲା, ତଥାପି ଏହି ଭକ୍ତମାନେ ଝୁଲାକୁ ହଲୁଥିବାର ଦେଖିଲେ ।

ମୁଁ ମଧ୍ୟ ଦୁଇଥର ଏହି ଝୁଲା ଝୁଲୁଥିବାର ଦେଖିଛି । ପ୍ରଥମ ଥର ଆମେ ଏକ ଶିବିର ପାଇଁ ମୋ ସହକର୍ମୀଙ୍କ ସହ ମନ୍ଦିର ଚାରିପଟେ ବୁଲି ଦେଖୁଥିବା ବେଳେ । ଦ୍ୱିତୀୟ ଥର ଆମେ କୋଠରିରେ ବସି ଭଜନ ଆରମ୍ଭ କରିବା ବେଳେ । ଝୁଲା ଭଜନ ଆରମ୍ଭ ହେବା ବେଳେ ହଲିବାକୁ ଲାଗିଲା ଏବଂ ଭଜନ ପରେ ବନ୍ଦ ହେଲା ।

ସାଇ କୈଳାଶ ଉଦ୍‌ଘାଟିତ ହେବା ପରେ ସେଠାରେ ସ୍ୱାମୀଙ୍କ ଉପସ୍ଥିତି ଅଧିକାଧିକ ହେବାରେ ଲାଗିଲା । ତାଙ୍କର ଶୟନଗୃହ, ବୈଠକଖାନା ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବିଭୂତି ବା କୁଙ୍କୁମ ରୂପରେ ତାଙ୍କର ପାଦଚିହ୍ନ ଦେଖିବାକୁ ମିଳିଲା । ଉପର ମହଲାରେ ସ୍ୱାମୀଙ୍କ କକ୍ଷ ଏବଂ ତଳ ମହଲାରେ ମୁଖ୍ୟ ପ୍ରାର୍ଥନା ଗୃହରେ ଥିବା ବାବାଙ୍କର ଛବିଗୁଡ଼ିକରେ ବିଭୂତି, କୁଙ୍କୁମ, ଚନ୍ଦନ ଓ ଅକ୍ଷତ ନିୟମିତ ସୃଷ୍ଟି ହେବାକୁ ଲାଗିଲା । ବିଭୂତି ସୃଷ୍ଟି ହେବା ପରେ କେବଳ ନୁହେଁ, ମାତ୍ର ଥରେ ସୃଷ୍ଟି ହେବା ବେଳେ ବି ମୁଁ ବ୍ୟକ୍ତିଗତ ଭାବରେ ଦେଖିଛି ।

ଶେଷ ଘଟଣାଟି ସେଠାରେ ଆମେ ଏକ ନିଃଶୁଳ୍କ ଶିବିର ଆୟୋଜିତ କରିବା ପରେ ହୋଇଥିଲା । ସେହି ସମୟରେ ମୋର ନାତି ପ୍ରଣବର ଡେଙ୍ଗୁ ବୋଲି ନିଦାନ ହୋଇଥିଲା । ମୁଁ ସାଇ କୈଳାଶରେ ଶିବିର ପରିଚାଳନା କରୁଥିଲି ଏବଂ ପ୍ଲେଟ୍‌ଲେଟ୍ ସ୍ତର ବିପଜ୍ଜନକ ଭାବରେ ନିମ୍ନରେ ପହଞ୍ଚି ଯାଇଥିବାରୁ ମୋ ଝିଅ ଖୁବ୍ ଚିନ୍ତିତ ଥିଲା । ଏପରି ନିମ୍ନ ସ୍ତରରେ ରକ୍ତସ୍ରାବର ସମ୍ଭାବନା ଅଛି, ଯାହା ଖୁବ୍ ବିପଜ୍ଜନକ ହୋଇପାରେ । ମୁଁ ସାଇ କୈଳାଶ ଶିବିରରେ ମୋ ସହକର୍ମୀମାନଙ୍କ ସହ ଶହ ଶହ ରୋଗୀ ଦେଖି ସେମାନଙ୍କର ନିଃଶୁଳ୍କ ଯତ୍ନ ନେଉଥିଲି ।

ଶିବିର ଶେଷରେ ଜଣେ ସାମ୍ବାଦିକ ଶିବିର ବିଷୟରେ ଲେଖିବାକୁ ଚାହିଁଲେ । ଆମେ ଗୋଟିଏ କୋଠରିରେ ବସି ଶିବିର ବିଷୟରେ ଆଲୋଚନା କରୁଥିବା ବେଳେ

ହଠାତ୍ ଆମେ ବସିଥିବା କୋଠରିଟି ଭିତରେ ଥିବା ସ୍ୱାମୀଙ୍କର ଗୋଟିଏ ବଡ଼ ଛବିରେ ବିଭୂତି ସୃଷ୍ଟି ହେବାକୁ ଲାଗିଲା । ଆମେ ଦୁହେଁ ତାହା ଦେଖି ବିସ୍ମିତ ହୋଇଗଲୁ । ମୁଁ କିଛି ବିଭୂତି ଚେନ୍ନାଇ ଆଣି ସନ୍ଧ୍ୟାରେ ମୋ ନାତିକୁ ଦେଲି । ତାହାପରେ ତତ୍କ୍ଷଣାତ୍ ପ୍ଲେଟଲେଟ୍ ସ୍ତର ବଢ଼ିବାକୁ ଲାଗିଲା, ଜର କମିଗଲା ଏବଂ ଡେଙ୍ଗୁ ଆରୋଗ୍ୟ ହୋଇଗଲା ।

ସ୍ୱାମୀ, ଆମେ ଆପଣଙ୍କୁ କିପରି ଧନ୍ୟବାଦ ଦେଇପାରିବୁ? ଆପଣ ନିଜର ଭକ୍ତମାନଙ୍କ ଉପରେ ବର୍ଷା କରି ଚାଲିଥିବା ଅସୀମ ଓ ଅନନ୍ତ ପ୍ରେମ ପାଇଁ ଆମେ କିପରି ଆମର ଋଣ ପରିଶୋଧ ବା କୃତଜ୍ଞତା ଜ୍ଞାପନ କରିପାରିବୁ? ଆପଣଙ୍କର ପ୍ରତିଟି ଚମତ୍କାର ଆପଣଙ୍କଠାରେ ଆମର ବିଶ୍ୱାସ ବୃଦ୍ଧି କରୁଛି ।

ଓଁ ଜୟ ସାଇରାମ !

> *"ମୋର ଚମତ୍କାରଗୁଡ଼ିକ ଭଗବାନଙ୍କ ଅସୀମ ଶକ୍ତିର ଅଂଶ ଏବଂ କୌଣସି ପ୍ରକାରେ ଯୋଗଶକ୍ତିର ଉତ୍ପାଦନ ନୁହେଁ । ମୋର ଦିବ୍ୟ ସଂକଳ୍ପ ମୁହୂର୍ତ୍ତକ ଭିତରେ ପଦାର୍ଥ ଆନୟନ କରିବ । ମୁଁ ସର୍ବତ୍ର ବିଦ୍ୟମାନ ।"*
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା**
>
> **(A Compedium of Teachings of Sathya Sai Baba)**

ଅଧ୍ୟାୟ : ୩୦

ସ୍ୱାମୀଙ୍କ ବିଦ୍ୟମତ୍ତାର ଅନୁଭୂତି

"ଲୋକମାନେ ନିଜକୁ ସଂଶୟମୁକ୍ତ କରିବା, ଜୀବନର ପ୍ରକୃତ ତାତ୍ପର୍ଯ୍ୟ ହୃଦୟଙ୍ଗମ କରିବା ଏବଂ ବିଶ୍ୱାସ ଓ ସ୍ଥିରତା ସହ ନିର୍ଦ୍ଦେଶକୁ ସ୍ୱାଗତ କରିବା ଉଚିତ ।"

– ଭଗବାନ ଶ୍ରୀ ସତ୍ୟସାଇ ବାବା, ସନ୍ଦେହ ନିବାରିଣୀ

ପୂର୍ବବର୍ତ୍ତୀ ଦୁଇ ଅଧ୍ୟାୟରେ ମୁଁ ସାଇ କୈଳାଶଠାରେ ଘଟିଥିବା କେତୋଟି ଚମତ୍କାର ବିଷୟରେ ଉଲ୍ଲେଖ କରିଛି । ମୁଁ କେତେଥର ସାଇ କୈଳାଶ ଯାଇଛି ଏବଂ ପ୍ରତ୍ୟେକଥର ସେହି ଚମତ୍କାର ହେଉଥିବାର ଦେଖିଛି । ସାଇ ମନ୍ଦିର ଭିତରେ କେବଳ ନିୟମିତ ବିଭୂତି, କୁଙ୍କୁମ ସୃଷ୍ଟି ନୁହେଁ, ମାତ୍ର ତାଙ୍କର ଶାରୀରିକ ଉପସ୍ଥିତିର ପ୍ରମାଣ ମଧ୍ୟ ରହିଛି । ଥରେ ଶିବିର ଚାଲିଥିବା ବେଳେ ଆମେ ଉପର ମହଲାରେ ସ୍ୱାମୀଙ୍କ ଟେବୁଲ ଉପରେ ଖାଦ୍ୟ ପରିବେଷଣ କରିଥିଲୁ ଏବଂ ତାପରେ ଅବଶିଷ୍ଟ ଖାଦ୍ୟ ତଳ ମହଲାରେ ଆମର ମଧ୍ୟାହ୍ନ ଭୋଜନ ପାଇଁ ପ୍ରସାଦ ରୂପରେ ନେଇଥିଲୁ । ପ୍ରତ୍ୟେକ ଥର ତଳକୁ ଯିବାବେଳେ ଆମେ ଦ୍ୱାର ବନ୍ଦ କରି ଚାବି ଆମ ପାଖରେ ରଖୁଥିଲୁ । ତେଣୁ କେହି ଉପର ମହଲାରେ ସ୍ୱାମୀଙ୍କ କକ୍ଷରେ ପ୍ରବେଶ କରିପାରୁନଥିଲା । ଆମେ ପ୍ରାୟ ତିନିଟା ବେଳେ ମଧ୍ୟାହ୍ନ ଭୋଜନ ସାରି ସ୍ୱାମୀଙ୍କ ପାଇଁ ରଖାଯାଇଥିବା ପାତ୍ରଗୁଡ଼ିକୁ ସଫା କରିବା ପାଇଁ ଉପର ମହଲାକୁ ଯିବା ବେଳେ ବନ୍ଦ ରଖିଥିବା ପାତ୍ରଗୁଡ଼ିକ ଖୋଲାଯାଇଥିବାର ଏବଂ ସ୍ୱାମୀ ଖାଦ୍ୟକୁ ଥାଳିରେ ରଖି କିଛି ଖାଦ୍ୟ ଖାଇଥିବାର ଦେଖି ସ୍ତମ୍ଭୀଭୂତ ହୋଇଯାଇଥିଲୁ । ସବୁଠାରୁ ଆଶ୍ଚର୍ଯ୍ୟଜନକ ଥିଲା ଯେ ସେ ଗୋଟିଏ ବେଲାରେ ତାଙ୍କର ହାତ ବି ଧୋଇଥିଲେ । ଏଠାରେ ସ୍ୱାମୀ ଆମକୁ ଦେଖାଇଥିଲେ ଯେ ସେ କେବଳ ଆମେ ଦେଇଥିବା ମଧ୍ୟାହ୍ନ ଭୋଜନ ଗ୍ରହଣ କରିନାହାନ୍ତି ମାତ୍ର ତାହାର ପ୍ରମାଣ ମଧ୍ୟ ହାତ ଧୋଇ ଦେଖାଇ ଦେଇଛନ୍ତି ।

ଆମେ ବହୁ ସମୟରେ ତାଙ୍କର ଶାରୀରିକ ଉପସ୍ଥିତିର ଅନ୍ୟ ପ୍ରମାଣ ଦେଖିଥାଉ । ଦିନେ ଦିନେ ସ୍ୱାମୀ ତାଙ୍କ ବିଛଣା ବ୍ୟବହାର କରିଥିବାର ପ୍ରମାଣ ମିଳେ । ବିଛଣା ଚଦର କୋଚାମୋଚା ହୋଇଯାଇଥାଏ । ବେଳେ ବେଳେ ତାଙ୍କ ବିଛଣା ଉପରେ ଆମେ

ରଖିଥିବା କମ୍ବଳ ଝୁଲାକୁ ଚାଲିଯାଇଥାଏ । ଦିନେ ସକାଳେ ଆମେ ସାଇ କୈଳାଶରେ ପ୍ରବେଶ କରିବା ବେଳେ ବାଲକୋନିକୁ ଥିବା କବାଟଟି ଖୋଲା ଥିଲା । ବୋଧହୁଏ ପୂର୍ବ ରାତିରେ ଆମେ ପ୍ରସ୍ଥାନ କରିବା ବେଳେ କବାଟ ଦେବାକୁ ଭୁଲିଯାଇଛୁ ଭାବି ଉପର ମହଲାକୁ ଧାଇଁଗଲୁ । ଆଶ୍ଚର୍ଯ୍ୟର କଥା, ଆମେ ଉପର ମହଲା ହଲରେ ପଶିବା ବେଳେ ଚଟାଣ ଉପରେ ଚନ୍ଦନ, କୁଙ୍କୁମ ଓ ବିଭୂତି ବିଛାଡ଼ି ହୋଇ ପଡ଼ିଥିବାର ଦେଖିଲୁ । ଆମେ ବାଲ୍‌କୋନିକୁ ଯିବା ବେଳେ ସାଧାରଣତଃ ବାବାଙ୍କର ଶୟନ କକ୍ଷରେ ରଖାଯାଉଥିବା ସ୍ୱାମୀଙ୍କ ଚୌକି ବଡ଼ ବୈଠକଖାନା ଅତିକ୍ରମ କରି ବାଲ୍‌କୋନି ପର୍ଯ୍ୟନ୍ତ ଯାଇଥିଲା । ସତେ ଯେପରି ସ୍ୱାମୀ ରାତିରେ ଦ୍ୱାର ଖୋଲି ତାଙ୍କ ଚୌକିକୁ ଶୟନ କକ୍ଷରୁ ବାଲ୍‌କୋନିକୁ ନେଇ ସେଠାରେ ସେହି ଚୌକି ଉପରେ ବସିଥିଲେ ।

ଓଁ ଜୟ ସାଇରାମ !

> *"ଏହି ଚମତ୍କାରଗୁଡ଼ିକ ହେଉଛି କେବଳ ଥୋପ, ଯେଉଁଥିରେ ମୁଁ ସେମାନଙ୍କୁ ମୋ ପ୍ରତି ଆକର୍ଷିତ କରେ । ଥରେ ସେମାନଙ୍କର ବିଶ୍ୱାସ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଗଲେ ସେମାନେ ଧୀରେ ଧୀରେ ଚମତ୍କାରଗୁଡ଼ିକର ଊର୍ଦ୍ଧ୍ୱକୁ ଦେଖନ୍ତି ଏବଂ ମୁଁ ପ୍ରକୃତରେ ଯାହା ଦେବାକୁ ଆସିଛି – ଜ୍ଞାନ ଓ ଆନନ୍ଦ ପାଇଁ ହାତ ପତାନ୍ତି ।"*
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା, ସତ୍ୟସାଇ ଅମୃତବର୍ଷିଣୀ**

ଅଧ୍ୟାୟ : ୩୧

ଭଗବାନଙ୍କ କାମ କଲେ ସେ ଆମର ଯତ୍ନ ନିଅନ୍ତି

"କୂଅରୁ ପାଣି କାଢ଼ିବା ପାଇଁ ତୁମକୁ ଦୃଢ଼ ବିଶ୍ୱାସର ରଜ୍ଜୁ ହାସଲ କରିବାକୁ ହେବ । ଅବଶ୍ୟ ଲୋକମାନଙ୍କର ଆଜି ଏତାଦୃଶ ବିଶ୍ୱାସ ନାହିଁ । ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ବୃଦ୍ଧି କଲେ ହିଁ ମାନବ ମାଧବରେ ରୂପାନ୍ତରିତ ହେବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୩୯ତମ ଭାଗ

କିଛିବର୍ଷ ତଳେ ସ୍ୱାମୀଙ୍କ ସହ ଏକ ସାକ୍ଷାତକାର ବେଳେ ସର୍ବସାଧାରଣଙ୍କ ଚିକିତ୍ସା କରିବା ବିଷୟରେ ଆଲୋଚନା ହୋଇଥିଲା । ସ୍ୱାମୀ ସେବା କରିବାରେ ଚିକିତ୍ସକମାନଙ୍କର ମହତ୍ତ୍ୱ ବିଷୟରେ ଉଲ୍ଲେଖ କଲେ । ସେହି ସମୟରେ ସ୍ୱାମୀ କୋଡ଼ାଇକାନାଲରେ ତାଙ୍କର ସାଇଶ୍ରୁତି ଆଶ୍ରମ ବିଷୟରେ କହିଲେ ଯେ ତାହା ସେ କୋଡ଼ାଇକାନାଲକୁ ଯିବା ଛଡ଼ା ଅନ୍ୟ ସମୟରେ ବ୍ୟବହୃତ ହେଉନାହିଁ । ସେଠାରେ ବର୍ଷସାରା ଚିକିତ୍ସା ଶିବିର ଆୟୋଜନ କରିବା ପାଇଁ ସେ ପ୍ରସ୍ତାବ ଦେଲେ । ମୁଁ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ, ଆମେ କୋଡ଼ାଇକାନାଲରେ ମଧୁମେହ ଚିକିତ୍ସା ଶିବିର କରିପାରିବୁ କି ?"

"ହଁ, କର । ମୋର ଆଶୀର୍ବାଦ ଅଛି" ବୋଲି ସ୍ୱାମୀ କହିବା ବେଳେ ମୁଁ ଆହ୍ଲାଦିତ ହୋଇ ଉଠିଲି । ତାପରେ ସେ ସ୍ପଷ୍ଟ ନିର୍ଦ୍ଦେଶ ଦେଲେ, *"ଚିକିତ୍ସା ସୁବିଧା ପାଉ ନ ଥିବା ଗାଆଁର ଦରିଦ୍ର ଲୋକମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କର । ସେମାନଙ୍କୁ ରୋଗର ପ୍ରତିଷେଧକ ଦିଗ ବିଷୟରେ ମଧ ଶିକ୍ଷା ଦିଅ ।"* ସ୍ୱାମୀଙ୍କ ଆଶୀର୍ବାଦ ଓ ଦିଗ୍‌ଦର୍ଶନରେ ଆମେ ସାଇଶ୍ରୁତିରେ ନିୟମିତ ମଧୁମେହ ଚିକିତ୍ସା ଶିବିର ଆରମ୍ଭ କଲୁ ଏବଂ ଏହି ଶିବିରଗୁଡ଼ିକ ଖୁବ୍ ଲୋକପ୍ରିୟ ହେଲା ।

ଆମେ ଶୁକ୍ରବାର ସକାଳେ ଶିବିର ପାଇଁ ବ୍ୟବସ୍ଥା ଆରମ୍ଭ କରୁଥିଲୁ, ଯାହା ସନ୍ଧ୍ୟା ସୁଦ୍ଧା ପ୍ରସ୍ତୁତ ହୋଇଯାଉଥିଲା । ତାପରେ ଶନିବାର ଓ ରବିବାର ଶିବିର ଚାଲୁଥିଲା

ଏବଂ ଆମେ ରବିବାର ସନ୍ଧ୍ୟା ସୁଦ୍ଧା ଶିବିର ଶେଷ କରୁଥିଲୁ । ଏପରି ଏକ ଅବସରରେ କୋଡ଼ାଇକାନାଲରେ ଭୀଷଣ ବର୍ଷା ହେଉଥିବାରୁ ଶିବିର ହେଇପାରିବ କି ନାହିଁ ବୋଲି ଆମେ ଚିନ୍ତିତ ହେଲୁ । ବର୍ଷା ଅନେକ ଦିନ ଧରି, ଏପରି କି ଆମେ ଶୁକ୍ରବାର ଦିନ ସବୁ ବ୍ୟବସ୍ଥା କରୁଥିବାବେଳେ ନିରବଛିନ୍ନ ଭାବରେ ଚାଲିଥିଲା ଏବଂ ଆଉ ତିନି-ଚାରିଦିନ ଭୀଷଣ ବର୍ଷା ହେବ ବୋଲି ପାଣିପାଗର ପୂର୍ବାନୁମାନ ଥିଲା । ବର୍ଷା ହେଲେ ଲୋକମାନେ ଆସିପାରିବେ ନାହିଁ ଏବଂ ଶିବିର ଧୋଇ ହୋଇଯିବ ବୋଲି ଆମେ ଖୁବ୍ ଚିନ୍ତିତ ହେଲୁ । ମୋ କେନ୍ଦ୍ରରୁ ଡାକ୍ତର ଓ ଟେକ୍‌ନିସିଆନ୍‌ଙ୍କ ସମେତ ସମୁଦାୟ ୩୬ଜଣ ଲୋକ, ଖାସ୍ କରି ଏହି ଅଭିପ୍ରାୟରେ କୋଡ଼ାଇକାନାଲ ଯାଇଥିଲେ । ଶୁକ୍ରବାର ସନ୍ଧ୍ୟାରେ ଆମେ ଶିବିର ପାଇଁ ସବୁ ବ୍ୟବସ୍ଥା ଶେଷ କରିବା ବେଳେ ବି ବର୍ଷା ଚାଲିଥାଏ । ଆମେ ସମସ୍ତେ ପ୍ରାର୍ଥନା ଗୃହରେ ବସି କୌଣସିମତେ ଶିବିର ଚାଲିବା ସକାଶେ ପ୍ରାର୍ଥନା କଲୁ । ରାତିସାରା ବର୍ଷା ଚାଲିଲା, କିନ୍ତୁ ଭୋରୁ ଭୋରୁ ପୂରାପୂରି ବନ୍ଦ ହୋଇଗଲା ଏବଂ ସୂର୍ଯ୍ୟ ବାହାରି ଆସିଲେ । ଶନିବାର ଓ ରବିବାର ଶିବିର ସାରା ଟୋପାଏ ପାଣି ପଡ଼ିଲା ନାହିଁ । ଶେଷ ରୋଗୀଟି ଯିବା ପରେ ଆମେ ଶିବିର ଶେଷରେ ସବୁ ଭଙ୍ଗାଭଙ୍ଗି କରିବା ପରେ, ପୁଣି ବର୍ଷା ହେଲା । ଶିବିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସ୍ୱାମୀ ଆମ ପାଇଁ ପାଗ ପୂରାପୂରି ସଫା କରିଦେଇଥିଲେ । ଏହା ଆମ ପାଇଁ କି ଆଶୀର୍ବାଦ !

ସ୍ୱାମୀଙ୍କ ଜୀବନରେ ଆମେ ଏପରି ଘଟଣା ଶୁଣିଛୁ । ଥରେ ସେ ଏକ ଭକ୍ତସମୂହକୁ ଉଦ୍‌ବୋଧନ ଦେଉଥିବାବେଳେ ଭୀଷଣ ଝଡ଼ ଓ ବର୍ଷା ହେଲା । ସ୍ୱାମୀ ତାଙ୍କର ହାତ ହଲାଇ ସେ ଭାଷଣ ଦେଉଥିବା ସ୍ଥାନରେ ବର୍ଷା ବନ୍ଦ କରି ଦେଇଥିଲେ । ସ୍ୱାମୀ ସବୁବେଳେ କହନ୍ତି, *"ଯେଉଁଠାରେ ମୋର କାର୍ଯ୍ୟ ହୁଏ ଏବଂ ଯେଉଁଠାରେ ମୋର ଯଶ କୀର୍ତ୍ତନ କରାଯାଏ ସେଠାରେ ମୁଁ ନିଜକୁ ଅଭିବ୍ୟକ୍ତ କରେ ।"* ସ୍ୱାମୀଙ୍କ ଇଚ୍ଛା ହେଉଛି ତାଙ୍କ ସଂକଳ୍ପ ଏବଂ ସେ କଦାପି ମିଥ୍ୟା କହନ୍ତି ନାହିଁ ।

ସ୍ୱାମୀ ଆମକୁ ବର୍ଷାରୁ ରକ୍ଷା କରିଥିବା ବିଷୟରେ ଆମ ଜୀବନରେ ଏକ ଅନୁରୂପ ଘଟଣା ଘଟିଥିଲା । ମୋ ଝିଅ ବାହାଘର ୩୧ ଅକ୍ଟୋବର ୨୦୦୪ରେ ନିର୍ଦ୍ଧାରିତ ହୋଇଥିଲା । ସକାଳେ ବିବାହ ଓ ସନ୍ଧ୍ୟାରେ ବନ୍ଧୁମିଳନ ପାଇଁ ଆମେ ସବୁ ବ୍ୟବସ୍ଥା କରିଥିଲୁ ଏବଂ ହଜାର ହଜାର ଅତିଥିଙ୍କୁ ନିମନ୍ତ୍ରଣ କରିଥିଲୁ । ଏହା ପୂର୍ବରୁ ଅନେକ ଦିନ ଧରି ବର୍ଷା ହେଉଥିଲା ଏବଂ ୩୦ ଅକ୍ଟୋବର ରାତିରେ ବର୍ଷା ବନ୍ଦ ହେଲା । ଆମେ

ବାହାରେ ବଫେ ବ୍ୟବସ୍ଥା କରିଥିବାରୁ ସବୁ ନିଶ୍ଚୟ ଧୋଇ ହୋଇଯିବ ବୋଲି ଭାବି କିଛି ପରିବର୍ତ୍ତନ କରିବାର ଯୋଜନା କଲୁ । ଅଲୌକିକ ଭାବରେ ୩୧ ସକାଳେ ବିବାହ ସମୟରେ ଟିକିଏ ଝିପିଝିପି ବର୍ଷା (ଯାହାକୁ ଶୁଭ ଶକୁନ କୁହାଯାଏ) ପରେ ବର୍ଷା ପୂରା ବନ୍ଦ ହୋଇଗଲା । ମଧ୍ୟାହ୍ନ ଭୋଜନ ତଥା ବନ୍ଧୁମିଳନ ଓ ରାତ୍ରିଭୋଜନ ସବୁ ଘଣ୍ଟା ଚାଲିବା ଭଳି ଚାଲିଲା । ଆମ ଯୋଜନା ଅନୁସାରେ ବାହାରେ ବଫେ ବି ହେଲା । ପରଦିନ ଅର୍ଥାତ୍ ୧ ନଭେମ୍ବରରେ ପୁଣି ବର୍ଷା ଆରମ୍ଭ ହୋଇ କେତେଦିନ କାଳ ଚାଲିଲା । ବିବାହ ସକାଶେ ସ୍ୱାମୀ ଆମକୁ ବର୍ଷାରୁ କ୍ଷାନ୍ତ କଲେ ବୋଲି ଆମକୁ ଲାଗିଲା ।

ସ୍ୱାମୀ ମୋ ଝିଅର ବାହାଘରକୁ କିପରି ଆଶୀର୍ବାଦ କଲେ ତାହା ମୁଁ ଆର ଅଧ୍ୟାୟରେ ଲେଖିବି ।

ଓଁ ଜୟ ସାଇରାମ !

"ସାଇଶକ୍ତିର କିଛି ସୀମା, କିଛି ପ୍ରତିବନ୍ଧକ, କିଛି ବାଧା ବା ବିରୋଧ ନାହିଁ । ତୁମେ ବିଶ୍ୱାସ କର ବା ନ କର ସାଇଶକ୍ତି ପୃଥିବୀକୁ ଆକାଶରେ ଓ ଆକାଶକୁ ପୃଥିବୀରେ ବଦଳାଇ ଦେଇପାରେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ଦଶମ ଭାଗ

ଅଧ୍ୟାୟ : ୩୨

ସ୍ୱାମୀଙ୍କଠାରୁ ବ୍ୟକ୍ତିଗତ ଅନୁଗ୍ରହ ମାଗିପାରିବା କି ?

"ପ୍ରାର୍ଥନା କରିବା ତୁମର କାମ । ପ୍ରାର୍ଥନାର କ'ଣ ହେବ ତାହା ଭଗବାନଙ୍କ କୃପା ଉପରେ ନିର୍ଭରଶୀଳ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା

ମୋ ଝିଅ ବାହାଘର ପାଇଁ ପାଗ ବଦଳିବାରେ ସ୍ୱାମୀ କିପରି ଆମକୁ ସାହାଯ୍ୟ କଲେ ତାହା ମୁଁ ପୂର୍ବବର୍ତ୍ତୀ ଅଧ୍ୟାୟରେ ଉଲ୍ଲେଖ କରିଛି । ବିବାହ କିପରି ହେଲା ସେ ବିଷୟରେ ଟିକିଏ କହୁଛି । ମୋ ଝିଅ ଏମ୍.ବି.ବି.ଏସ୍. ଶେଷ କରୁଥିଲା ଏବଂ ତାର ଇଣ୍ଟର୍ଣସିପ୍ କରୁଥିଲା । ସେତିକିବେଳେ ଆମେ ଭାରତର ବିବାହ ପରମ୍ପରା ଅନୁସାରେ ତା ପାଇଁ ସମ୍ବନ୍ଧ ଖୋଜିବାକୁ ଆରମ୍ଭ କଲୁ । ଆମେ ଅନେକଗୁଡ଼ିଏ ବିବାହ ପ୍ରସ୍ତାବ ପାଇଲୁ ଏବଂ ଶେଷରେ ଗୋଟିକରେ ସ୍ଥିର ହେଲୁ । ସେ ପିଲାଟି କାଲିକଟ ଭେଷଜ ମହାବିଦ୍ୟାଳୟରୁ ଏମ୍.ଡ଼ି. ଶେଷ କରୁଥାଏ । ପରିବାରର ସୁନାମ ଥିଲା ଏବଂ ଜାତକ ଭଲ ଭାବରେ ମିଶିଯାଉଥିଲା । ଥରେ ତ୍ରିଚୁର ଯିବାବେଳେ ପରିବାରମାନେ ସ୍ୱଳ୍ପ ସମୟ ପାଇଁ ଭେଟିଲେ ଏବଂ ଦମ୍ପତି ମଧ୍ୟ ପରସ୍ପରକୁ ପସନ୍ଦ କରିବା ଭଳି ମନେ ହେଲା । ବିବାହ ହେବ ବୋଲି ଆମକୁ ଜଣାଗଲା । ତାପରେ ମୋ ଝିଅ ଗୋଟିଏ ବୋମା ପକାଇଲା ।

ବିବାହ ନିମନ୍ତେ ଅନ୍ତିମ ନିଷ୍ପତ୍ତି ନେବାକୁ ପୁଅର ମାତାପିତା ଆଗେଇ ଆସିବା ବେଳେ ମୋ ଝିଅ ଅଞ୍ଜୁ ମୋତେ ସ୍ପଷ୍ଟ ଭାବରେ କହିଲା, "ପାପା, ଆମେ ସ୍ୱାମୀଙ୍କଠାରୁ ସ୍ପଷ୍ଟ ସ୍ୱୀକୃତି ନ ପାଇବା ଯାଏ ଏହି ବାହାଘରରେ ଆଗେଇବା ନାହିଁ । ସେତେବେଳେ ୨୦୦୪ରେ ମୁଁ ସ୍ୱାମୀଙ୍କର ଲକ୍ଷ ଲକ୍ଷ ଭକ୍ତଙ୍କ ଭିତରେ ଜଣେ ଥିଲି । ମୁଁ ସଂଗଠନରେ ସଂପୃକ୍ତ ନ ଥିଲି କି ନ୍ୟାସୀ ନ ଥିଲି । ସେତେବେଳେ ସ୍ୱାମୀଙ୍କ ଚାରିପଟେ କେତେ ହଜାର ଭକ୍ତ ଥିଲେ ଏବଂ ସେ ନ ଚାହିଁଲେ ତାଙ୍କ ପାଖକୁ ଯିବା କାହା ପକ୍ଷରେ ସମ୍ଭବ ନ ଥିଲା । ଏହି ପୃଷ୍ଠଭୂମିରେ ମୋ ଝିଅ ଏହି ସର୍ତ୍ତ ରଖିବା ବେଳେ ମୁଁ ଡରିଗଲି, କାରଣ

ସ୍ୱାମୀଙ୍କ ପାଖକୁ କିପରି ଯାଇ ଏହି ପ୍ରଶ୍ନଟି ପଚାରିବି ସେ ବିଷୟରେ ମୋର କିଛି ଧାରଣା ନ ଥିଲା । ସେ ଅସମ୍ଭବ କଥା ମାଗୁଛି ବୋଲି ମୁଁ ତାକୁ କହିଲି, କିନ୍ତୁ ସେ କଠୋର ଥିଲା ଓ କହିଲା, "ସ୍ୱାମୀ ଯାହାକୁ କହିବେ ମୁଁ କେବଳ ତାକୁ ବାହା ହେବି । ମୋର ବିଶ୍ୱାସ ଦୃଢ଼ ଅଛି । ସ୍ୱାମୀ ହଁ ନ କହିବା ଯାଏ ମୁଁ କାହାରିକୁ ବାହା ହେବି ନାହିଁ ।"

ଠିକ୍ ସେହି ସମୟରେ ସ୍ୱାମୀଙ୍କର ଦିବ୍ୟ ଯୋଜନା ଅନୁସାରେ ମୋତେ ବେଙ୍ଗାଲୁରୁରେ ଏକ ବୈଠକରେ ଯୋଗ ଦେବାକୁ ପଡ଼ିଲା । ସ୍ୱାମୀ ହ୍ୱାଇଟ୍‌ଫିଲ୍ଡ଼ରେ ଅଛନ୍ତି ବୋଲି ମଧ୍ୟ ମୁଁ ଶୁଣିଲି । ଏଥର ସ୍ୱାମୀ ଏକ ଛୋଟ ଦୁର୍ଘଟଣାରୁ ଭଲ ହେଉଥିଲେ ଏବଂ ସେଥିପାଇଁ ତାଙ୍କର ନିୟମିତ ଦର୍ଶନ ହେଉ ନ ଥିଲା । ବସ୍ତୁତଃ ପୂର୍ବ ଦୁଇଦିନ ସ୍ୱାମୀ ଦର୍ଶନ ଦେଇ ନ ଥିଲେ । ମୁଁ ମଧ୍ୟ ମାତ୍ର ଦିନକ ପାଇଁ ବେଙ୍ଗାଲୁରୁ ଯାଇଥିଲି ଏବଂ ସ୍ୱାମୀଙ୍କ ଦର୍ଶନ ପାଇଁ ତାଙ୍କ ସହ କଥା ହେବାକୁ ଚେଷ୍ଟା କରିବା ସକାଶେ ସେଦିନ ସକାଳେ ହ୍ୱାଇଟ୍‌ଫିଲ୍ଡ଼ ଗଲି । ପୂର୍ବଦିନ ମୁଁ ସ୍ୱାମୀଙ୍କୁ ଅବିରତ ପ୍ରାର୍ଥନା କରିଥିଲି । ଆକ୍ଷରିକ ଦୃଷ୍ଟିରୁ ପ୍ରତି ମୁହୂର୍ତ୍ତରେ ମୁଁ ତାଙ୍କ ଦର୍ଶନ ପାଇଁ ତାଙ୍କ ସହ କଥା ହେବାର ସୁଯୋଗ ପାଇବା ସକାଶେ ସ୍ୱାମୀଙ୍କୁ ପ୍ରାର୍ଥନା କରୁଥିଲି । ମୁଁ ମଧ୍ୟ ସ୍ୱାମୀଙ୍କୁ ଚିଠିଟିଏ ଲେଖିଥିଲି । ତାହାକୁ ମୁଁ ମୋ ପକେଟ୍‌ରେ ରଖିଥିଲି ଏଇଆ ଭାବି ଯେ କଥା ହୋଇ ନ ପାରିଲେ ଅନ୍ତତଃ ଚିଠିଟି ବଢ଼ାଇ ଦେବି ବିବାହ ପାଇଁ ଆଶୀର୍ବାଦ ଦେବା ସକାଶେ ପ୍ରାର୍ଥନା କରି । ସେ ଦର୍ଶନ ସମୟରେ ମୋ ପାଖକୁ ଆସିଲେ ହିଁ ଏସବୁ ସମ୍ଭବ ହୋଇପାରିବ, ଅବଶ୍ୟ ଯଦି ସେ ଦର୍ଶନ ପାଇଁ ବାହାରକୁ ବାହାରନ୍ତି ।

ମୁଁ ସକାଳ ସାତଟା ପୂର୍ବରୁ ହ୍ୱାଇଟ୍‌ଫିଲ୍ଡ଼ରେ ପହଞ୍ଚିଲି ଏବଂ ପ୍ରତ୍ୟେକ ଦର୍ଶନ ଧାଡ଼ିରେ ବସିଯାଇଥିବାର ଦେଖି ଆଶ୍ଚର୍ଯ୍ୟ ହେଲି । ମୁଁ ଦର୍ଶନ ହଲ୍ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କଲି, କିନ୍ତୁ କର୍ତ୍ତବ୍ୟରତ ସେବାଦଳ ଖୁବ୍ ଦୃଢ଼ ଥିଲେ । ସେ ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ପଠାଉଥିଲେ ଏବଂ ମୋତେ ପ୍ରବେଶ କରିବାକୁ ଦେଲେ ନାହିଁ ।

ଶେଷରେ ମୁଁ ଦୁଇଦିନ ଆଗରୁ ହ୍ୱାଇଟ୍‌ଫିଲ୍ଡ଼ରେ ଥିବା ତାମିଲନାଡୁର ଏକ ଦଳରେ ମିଶିଗଲି । ସେବାଦଳ ଜଣକ ପରେ ଜଣେ ସେହି ଦଳକୁ ଭିତରକୁ ଯିବାକୁ ଦେଉଥାନ୍ତି । ସେ କିନ୍ତୁ ମୋତେ ଅଟକାଇ ଦେଇ କହିଲେ, "ତୁମେ ଏହି ଦଳର ନୁହଁ ।" ତାହା ଅବଶ୍ୟ ସତ, କାରଣ ମୁଁ ହଲ୍‌ରେ ପଶିବାର ଉଦ୍‌ବେଗ ଯୋଗୁଁ ଏହି ଦଳରେ ମିଶିଯାଇଥିଲି । ଏହି ସମୟରେ ମୁଁ ମୋର ଶାନ୍ତି ହରାଇ ତାଙ୍କୁ ରୁକ୍ଷ ଭାବରେ ପଚାରିଲି, "ମୁଁ ଏ ଦଳରେ ଆସିଛି କି ନାହିଁ ସେଥିରେ ତୁମର କ'ଣ ଯାଏ ଆସେ ? ତୁମେ କାହିଁକି ମୋତେ ଭିତରକୁ ଯିବାକୁ ଦେଉନାହଁ ?" ମୁଁ ତାଙ୍କ ଉତ୍ତର ଶୁଣି ବିସ୍ମିତ ହୋଇଗଲି । ସେ

କହିଲେ, "ଆପଣ କୌଣସି ଭିନ୍ନ ଅଭିପ୍ରାୟରେ ଏଠାକୁ ଆସିଥିବେ ଏବଂ ସେମାନେ ଏଠାରେ ଭିନ୍ନ ଅଭିପ୍ରାୟରେ ଅଛନ୍ତି । ସେଥିପାଇଁ ମୁଁ ଆପଣଙ୍କୁ ସେମାନଙ୍କ ସହ ଯିବାକୁ ମନା କରୁଛି । ଦୟାକରି ଏଠାରେ ଅପେକ୍ଷା କରନ୍ତୁ ।"

ମୁଁ ଖୁବ୍ ହତାଶ ହୋଇଗଲି ଓ ବାହାରକୁ କ୍ରୁଦ୍ଧ ଦିଶିଲି । ଅବଶ୍ୟ ଅପେକ୍ଷା କରିବା ଛଡ଼ା ମୋର ଆଉ କିଛି ବିକଳ୍ପ ନ ଥିଲା । କେତେ ମିନିଟ ପରେ ସେବାଦଳ ଫେରି ଆସି ମୋତେ ଡାକିଲେ ଏବଂ ମୋତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସିବାକୁ କହିଲେ । ମୋତେ ସେ କାହିଁକି ସେଠାରେ ବସିବାକୁ କହିଲେ ମୁଁ ନିଶ୍ଚିତ ନ ଥିଲି, କିନ୍ତୁ ତର୍କ କରିବା ମିଜାଜ୍‌ରେ ମୁଁ ନ ଥିଲି । ମୁଁ ବସିପଡ଼ିବା ପରେ ଦେଖିଲି ଯେ ତାମିଲନାଡୁ ଦଳ ମୋ ପଟେ କିଛି ଫୁଟ ଦୂରରେ ବସିଛନ୍ତି । ସମୟ ଅତିକ୍ରାନ୍ତ ହେଲା ଏବଂ ମୁଁ ଆଗ୍ରହର ସହ ଅପେକ୍ଷା କରିଥାଏ । ଦର୍ଶନରେ ବସିଥିବା ଲୋକମାନେ କହିଲେ ଯେ ସ୍ୱାମୀ ଦୁଇଦିନ ହେଲା ଆସି ନ ଥିବାରୁ ଆଜି ଆସିବେ କି ନାହିଁ କିଛି ନିଶ୍ଚିତତା ନାହିଁ । ଆସିଲେ ମଧ୍ୟ ସେ ତାଙ୍କର ଛୋଟ ବ୍ୟାଟେରୀ ଗାଡ଼ିରେ ଆସିବେ । ଏପରି ସ୍ଥଳେ ସେଦିନ ତାଙ୍କ ସହ କଥା ହେବା ମୋ ପାଇଁ ଅସମ୍ଭବ ହେବ ।

ହଠାତ୍ ନୀରବତା ବ୍ୟାପିଗଲା ଏବଂ ଆମେ ସ୍ୱାମୀଙ୍କୁ ଦର୍ଶନ ହଲ୍‌କୁ ଚାଲି ଚାଲି ଆସୁଥିବାର ଦେଖିଲୁ । ସେ ମୋ ଆଗରେ ବସିଥିବା ଜଣେ ଲୋକ ପାଖକୁ ସିଧା ଆସିଲେ ଏବଂ ତାପରେ ମୋ ପାଖରେ ବସିଥିବା ଲୋକ ପାଖକୁ । ସେ କିଛି ସମୟ ତା ସହ କଥା ହେବା ପରେ ମୋ ଆଗରେ ଆସି ଠିଆହେଲେ ।

ମୁଁ ଅବାକ୍ ହୋଇଗଲି ଓ କ'ଣ କହିବି ଜାଣିପାରିଲି ନାହିଁ । ସ୍ୱାମୀ ହସିଦେଇ କହିଲେ, *"ତୁମେ ମୋତେ କ'ଣ ପଚାରିବାକୁ ଚାହୁଁଥିଲ, ପଚାର ।"* ରୋମାଞ୍ଚିତ ହୋଇ ମୁଁ ମୋ ପକେଟ୍‌ରୁ ଚିଠିଟି କାଢ଼ି ତାଙ୍କୁ ଦେଲି । ସେ ଚିଠିଟିକୁ ନେଇ କହିଲେ, *"ଚିଠି ପାଇଁ ବ୍ୟସ୍ତ ହୁଅ ନାହିଁ । ମୋତେ କ'ଣ ପଚାରିବ ପଚାର ।"* ଭଗବାନଙ୍କ ଛଡ଼ା ଆଉ କିଏ ମୋର ଭାବନା ଓ ମୋର ଆବଶ୍ୟକତା ଜାଣିବ ! ମୁଁ ସ୍ୱାମୀଙ୍କ ଦ୍ୱାରା ପ୍ରଦତ୍ତ ସୌଭାଗ୍ୟର ଉପଯୋଗ କରି କହିଲି, "ସ୍ୱାମୀ, ମୋ ଝିଅ ପାଇଁ ଏକ ବିବାହ ପ୍ରସ୍ତାବ ଆସିଛି । ସ୍ୱାମୀ ହଁ କହିଲେ ଆମେ ଆଗେଇବୁ । ନ ହେଲେ ବନ୍ଦ କରିଦେବୁ ।" ମୁଁ ପିଲାଟି କିଏ, କେଉଁଠାର ବା ଅନ୍ୟ କୌଣସି ସୂଚନା ଦେଇ ନ ଥିଲି । ମୋ ଆଗରେ ଠିଆ ହୋଇଥିବା ସ୍ୱାମୀ ଟିକିଏ ଆଖି ବୁଜିଦେଲେ, ଯାହା ମୋତେ ବହୁତ ସମୟ ଭଳି ଲାଗିଲା । ସ୍ୱାମୀ ଭାବିବା ଭଳି ମୋତେ ଲାଗିଲା । ସେ ପିଲାଟିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖୁଥିବେ । ସେହି ଅନ୍ତରାଳ ପରେ ସ୍ୱାମୀ ଆଖି ଖୋଲି କହିଲେ, *"ଭଲ ପିଲା । ବାହାଘର ପାଇଁ ଆଗେଇ ଯାଅ ।"* ତାପରେ ସେ ହାତ ଘୂରାଇ ବିଭୂତି ସୃଷ୍ଟି

କଲେ ଏବଂ ତାହା ମୋତେ ଦେଇ କହିଲେ, "ମୋ ଆଶୀର୍ବାଦ ସହ ଏହା ଝିଅକୁ ଦିଅ ।" ଆଉ କ'ଣ ଅଧିକ ମୁଁ (ବା ସେ) ଆଶା କରିଥାନ୍ତି ? ତାପରେ ସେ ସେଠାରୁ ମହିଳାମାନଙ୍କ ଆଡ଼କୁ ଗଲେ, ଜଣେ ମହିଳାଙ୍କ ସହ କଥା ହେଲେ । ତାପରେ ତାଙ୍କ କାର ଆସିବାକୁ ଇଙ୍ଗିତ କଲେ ଓ ସେଥିରେ ବସି ପଳାଇ ଗଲେ । ସେଦିନ ସେ ମାତ୍ର ଚାରିଜଣଙ୍କ ସହ କଥା ହୋଇଥିଲେ, ସେମାନଙ୍କ ମଧ୍ୟରୁ ମୁଁ ଜଣେ । ସେଦିନ ଦର୍ଶନ ହଲ୍‌ରେ କେତେ ହଜାର ଲୋକ ଥିଲେ ।

ପୂର୍ବଜନ୍ମର କର୍ମ ନା ତାଙ୍କଠାରେ ଦୃଢ଼ବିଶ୍ୱାସ, କ'ଣ ସେଦିନ ମୋତେ ତାଙ୍କ ଆଶୀର୍ବାଦ ଲାଭ କରିବାକୁ ଦେଲା ତାହା ମୁଁ ଆଜିଯାଏ ଜାଣିନାହିଁ । ମୁଁ ପ୍ରକୃତରେ କାନ୍ଦି କାନ୍ଦି ବାହାରକୁ ଆସିଲି ଏବଂ ମୋ ଝିଅକୁ ଫୋନ୍ କଲି । ଆବେଗ ଯୋଗୁଁ ବାଷ୍ପରୁଦ୍ଧ କଣ୍ଠରେ ମୁଁ ତାଙ୍କୁ କହିଲି, "ଅଞ୍ଜୁ, ହୋଇଗଲା । ସ୍ୱାମୀ ପ୍ରସ୍ତାବକୁ ଆଶୀର୍ବାଦ କରିଛନ୍ତି । ଆମେ ଏବେ ବାହାଘର ପାଇଁ ଆଗେଇଯିବା ।" ବାକି ସବୁ ଇତିହାସ । ମୁଁ ବିବାହର ସପ୍ତାହକ ପୂର୍ବରୁ ବିବାହ ନିମନ୍ତ୍ରଣ ନେଇ ପୁଟ୍ଟପର୍ତ୍ତିରେ ସ୍ୱାମୀଙ୍କୁ ଭେଟିଲି । ଏଥର ଆରତି ବେଳେ ସେ ମୋତେ ବିବାହ ନିମନ୍ତ୍ରଣ ପତ୍ର ଧରିଥିବାର ଦେଖି ସିଧା ମୋ ପାଖକୁ ଆସିଲେ, ନିମନ୍ତ୍ରଣ ପତ୍ରଟିକୁ ନେଲେ ମୋ ଝିଅ ଓ ଜ୍ୱାଇଁଙ୍କ ନାମ ଦୁଇଥର ପଢ଼ି କହିଲେ, *"ଡଃ ଅଞ୍ଜନା, ଡଃ ରଞ୍ଜିତ, ଭାରି ବଢ଼ିଆ, ଭାରି ବଢ଼ିଆ ।"* ସ୍ୱାମୀଙ୍କଠାରୁ ଗୋଟିଏ ହ୍ୱାଇଟ୍‌ଫିଲ୍ଡ଼ରେ ଓ ଗୋଟିଏ ପୁଟ୍ଟପର୍ତ୍ତିରେ ପାଇଥିବା ଦୁଇ ପାନ ଆଶୀର୍ବାଦ ଯୋଗୁଁ ଆମେ ବିବାହ ସମୟରେ ତାଙ୍କର ଉପସ୍ଥିତି ଅନୁଭବ କରିବା କିଛି ବିଚିତ୍ର ନ ଥିଲା । ତାପରେ ଦମ୍ପତି ପାଇଁ ତାଙ୍କର ଆଶୀର୍ବାଦ ସବୁବେଳେ ମିଳିଲା ।

ଓଁ ଜୟ ସାଇରାମ !

> *"ତାଙ୍କ କୃପାରେ ବିଶ୍ୱାସ କର ଏବଂ ଏକ ଗୁଣବାନ୍ ଜୀବନ, ଦୁର୍ବଳ ସେବାରେ ସମର୍ପିତ ଜୀବନ, ତାଙ୍କ ଶକ୍ତି ଓ ମହିମାର ଚିନ୍ତନରେ ଅତିବାହିତ ଜୀବନ ଯାପନ କର । ଭଲ ଭାବରେ ତୁମର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ପ୍ରାର୍ଥନା କର । ଭଗବାନ ନିଶ୍ଚୟ ତୁମ ପ୍ରାର୍ଥନାର ଉତ୍ତର ଦେବେ ।"*
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା,**
> **ଦିବ୍ୟ ସମ୍ଭାଷଣ : ନବମ ଭାଗ**

ଅଧ୍ୟାୟ : ୩୩

ଚେନ୍ନାଇରେ ସ୍ୱାମୀଙ୍କ ସର୍ବବିଦ୍ୟମତ୍ତାର ଅନୁଭୂତି

'ମୋଠାରୁ ତୁଚ୍ଛ ପଦାର୍ଥ ପାଇଁ ଲାଳାୟିତ ହୁଅ ନାହିଁ, କିନ୍ତୁ ମୋ ପାଇଁ ଲାଳାୟିତ ହୁଅ; ଆଉ ତୁମେ ପୁରସ୍କୃତ ହେବ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, The Embodiment of Love

ସ୍ୱାମୀ ସବୁବେଳେ କହିଛନ୍ତି ଯେ ଯେଉଁଠାରେ ତାଙ୍କର ଯଶୋଗାନ କରାଯାଏ ବା ତାଙ୍କର କାର୍ଯ୍ୟ କରାଯାଏ ଏବଂ ଆମେ ଯଦି ଆକୁଳତାର ସହ ପ୍ରାର୍ଥନା କରୁ ତେବେ ସେ ଉପସ୍ଥିତ ରହିବେ । ବହୁ ସମୟରେ ତାଙ୍କ ନାମରେ କିଛି କାମ କରିବାବେଳେ ସ୍ୱାମୀ କୌଣସି ନା କୌଣସି ରୂପରେ ପ୍ରକଟ ହୁଅନ୍ତି ବୋଲି ସାଇଭକ୍ତମାନେ ଜାଣନ୍ତି । ସ୍ୱାମୀଙ୍କ ଆବାସ ତଥା ତାମିଲନାଡୁ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓ ନ୍ୟାସର ମୁଖ୍ୟାଳୟ ଚେନ୍ନାଇର ସୁନ୍ଦରମ୍‌ଠାରେ ସ୍ୱାମୀଙ୍କର କାର୍ଯ୍ୟ ଭାବରେ କିଛି କରିବା ବେଳେ ସ୍ୱାମୀଙ୍କର ସର୍ବବିଦ୍ୟମତ୍ତା ଦେଖିବାର ସୌଭାଗ୍ୟ ଆମେ ପାଇଥାଉ । ଏହିପରି ଭାବରେ ତାଙ୍କ ଜନ୍ମଦିନ ବା ଶିବରାତ୍ରି କିମ୍ବା ଅନ୍ୟ କୌଣସି ଶୁଭ ଅବସରରେ ଆମେ ବହୁଧା ସୁନ୍ଦରମ୍‌ରେ ତାଙ୍କର ଏକ ବା ଏକାଧିକ ଛବିରେ ବିଭୂତି ସୃଷ୍ଟି ହେଉଥିବାର ଦେଖିଥାଉ । ବସ୍ତୁତଃ ଏତେ ବିଭୂତି ତାଙ୍କ ଛବିରେ ସୃଷ୍ଟି ହୁଏ ଯେ ଆମେ ସେଗୁଡ଼ିକୁ ସଂଗ୍ରହ କରି ଶହ ଶହ ଭକ୍ତଙ୍କୁ ବିତରଣ କରିଥାଉ । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦ୍ୱାରା ୧୯୪୯ରେ ପ୍ରତିଷ୍ଠା କରାଯାଇଥିବା ଗିଣ୍ଡିର ଶିରଡ଼ି ସାଇ ମନ୍ଦିରରେ ମଧ୍ୟ ସମାନ ଅନୁଭୂତି ମିଳିଥାଏ । ଏହି ମନ୍ଦିରରେ ମଧ୍ୟ ଆମେ ନିୟମିତ ବ୍ୟବଧାନରେ ଚମତ୍କାର ଘଟିବା ଏବଂ ବିଭୂତି, କୁଙ୍କୁମ ଆଦି ସୃଷ୍ଟି ହେବାର ଦେଖିଥାଉ ।

ସୁନ୍ଦରମ୍‌ରେ କୌଣସି ଶୁଭ ଉତ୍ସବ ହେବାବେଳେ ଆମେ ସ୍ୱାମୀଙ୍କ ସର୍ବବ୍ୟାପକତାର ଦର୍ଶନ କରିବା ବିଷୟରେ ପ୍ରାୟ ନିଶ୍ଚିତ ଥାଉ । କାର୍ଯ୍ୟକ୍ରମ ଶେଷରେ ମଙ୍ଗଳ ଆରତି କରିବା ବେଳେ ସ୍ୱାମୀଙ୍କ ଛବିରୁ ଫୁଲ ବା ପୂରା ଫୁଲମାଳ ଖସିବାର ଅନେକ ଘଟଣା ଆମେ ଦେଖିଛୁ । ତାଙ୍କ ପାଦପୀଠ ଘୁଞ୍ଚିବାର ଲୋକମାନେ ଦେଖିଛନ୍ତି । ମୋ ଝିଅ ସମେତ ଅନେକ ଭକ୍ତ ସୁନ୍ଦରମ୍‌ର ଉପର ମହଲାରେ ରଖାଯାଇଥିବା ଝୁଲା ବିନା ପଙ୍ଖା ବା ପବନରେ ଆଗକୁ ପଛକୁ ଝୁଲୁଥିବାର ଦେଖିଛନ୍ତି ।

ସୁନ୍ଦରମ୍‌ରେ ପୁରୁଷମାନଙ୍କର ମୁଖ୍ୟ ଦ୍ୱାରଦେଶକୁ ମୁହଁ କରି ବାରଣ୍ଡାରେ ଗୋଟିଏ ବଡ଼ ଛବି ରଖାଯାଇଛି । ୨୮ ମାର୍ଚ୍ଚ ୨୦୧୧, ଯେଉଁଦିନ ସ୍ୱାମୀଙ୍କୁ ସୁପର ସ୍ପେଷାଲିଟି ଚିକିତ୍ସାଳୟ ନିଆଗଲା, ପ୍ରାୟ ସେହି ସମୟରେ ଏହି ଛବିରୁ ବିଭୂତି ସୃଷ୍ଟି ହେଲା । ଆଜି ପର୍ଯ୍ୟନ୍ତ ଏହି ବିଭୂତି ସେହି ଛବିରେ ଦେଖାଯାଇପାରେ । ପରବର୍ତ୍ତୀ ସମୟରେ ଏହି ଛବି ଉପରେ ଏକ କାଚ ଆବରଣ ଲଗାଇ ଦିଆଗଲା, ଯଦ୍ଦ୍ୱାରା ଲୋକମାନେ ବିଭୂତିକୁ ସ୍ପର୍ଶ କରିପାରିବେ ନାହିଁ ।

ଆଉ ଥରେ ଆମେ ହଠାତ୍ ବାରଣ୍ଡାରେ ଏହି ଛବିରୁ ତଥା ମୁଖ୍ୟ ହଲ୍‌କୁ ଯାଇଥିବା କଂକ୍ରିଟ ବାଟରେ ସ୍ୱାମୀଙ୍କ ପାଦଚିହ୍ନ ପଡ଼ିଥିବାର ଦେଖିଲୁ । ଏକ ପାଦଚିହ୍ନ ଛବିରୁ ମନ୍ଦିର ପର୍ଯ୍ୟନ୍ତ ଓ ଆଉ ଏକ ମନ୍ଦିରରୁ ଛବି ପର୍ଯ୍ୟନ୍ତ ଯାଇଥିଲା । ସତେ ଯେପରି ସ୍ୱାମୀ ମନ୍ଦିର ଆଡ଼କୁ ଯାଇ ସେଠାରୁ ପୁଣି ଫେରିଆସିଥିଲେ । ପାଦଚିହ୍ନ ପ୍ରଥମେ ବିଭୂତିରେ ଥିଲା ଏବଂ ତାପରେ ଟାଣ ହୋଇ ଧଳାରଙ୍ଗ ପରି ହୋଇଯାଇଥିଲା । ଏହା ଅନେକ ବର୍ଷ ଧରି ପ୍ରତ୍ୟେକଙ୍କ ପାଇଁ ଦର୍ଶନୀୟ ହୋଇ ରହିଥିଲା । କିଛି କାଳ ପର୍ଯ୍ୟନ୍ତ ପାଦଚିହ୍ନକୁ ଆଚ୍ଛାଦିତ କରିଥିବା ଏକ କାଚବାକ୍ସ ରଖାଯାଇଥିଲା ଏବଂ ହଜାର ହଜାର ଲୋକ ଏହି ଚମତ୍କାର ଦର୍ଶନ କରିଛନ୍ତି ।

ଥରେ ସୁନ୍ଦରମ୍ ଭିତରେ ସାଇ ସୁନ୍ଦରେଶ୍ୱର ମନ୍ଦିରରେ ଅଭିଷେକ କରାଯାଉଥିବା ବେଳେ ଲିଙ୍ଗ ଉପରେ ଢଳାଯାଉଥିବା ଅଭିଷେକ ଜଳରେ ସ୍ଫଟିକ ଲିଙ୍ଗ ଓ ଏକ ଶାଳଗ୍ରାମ ସୃଷ୍ଟି ହୋଇଥିଲା । ଏହି ସ୍ଫଟିକ ଲିଙ୍ଗଗୁଡ଼ିକୁ ସୁନ୍ଦରମ୍‌ରେ ସୁରକ୍ଷିତ ରଖାଯାଇଛି ଏବଂ ଯେ କେହି ତାକୁ ଦେଖିପାରିବ । ନଭେମ୍ବର ୨୦୧୫ରେ ସ୍ୱାମୀଙ୍କ ଆସନ ପାଖରେ ତଥା ଉପର ମହଲାରେ ଝୁଲା ଉପରେ ଅକ୍ଷତ ପକାଯାଇଥିବାର ଦିଶିଥିଲା ।

ଆମେ ମଧ୍ୟ ଶାନ୍ତିବେଦିକା ମଣ୍ଡପରେ ସାଇ ସୁନ୍ଦରେଶ୍ୱର ଲିଙ୍ଗ ଉପରେ ରଖାଯାଇଥିବା ସ୍ୱାମୀଙ୍କ ଛବିରେ ତଥା ମୁଖ୍ୟ ବେଦିକାର ଅନେକ ଛବିରେ ବିଭୂତି ଆବିର୍ଭାବ ଦେଖିଛୁ । ଛୋଟ ପ୍ରାର୍ଥନା ଗୃହରେ ଥିବା ସ୍ୱାମୀଙ୍କ ଛବିରେ ତାଙ୍କ ଚୌକିରେ, ପାଦପୀଠିକାରେ ଏବଂ ସୁନ୍ଦରମ୍‌ର ଶିରିଡ଼ି ସାଇବାବା ମନ୍ଦିର ଭିତରେ ତାଙ୍କ ଛବି ଉପରେ ମଧ୍ୟ ବିଭୂତି ସୃଷ୍ଟି ହୋଇଥିଲା ।

୨୦୧୭ରେ ସୁନ୍ଦରମ୍‌ରୁ ଆରମ୍ଭ ହୋଇଥିବା ପୁଟ୍ଟପର୍ତ୍ତିକୁ ଯୁବ ପଦଯାତ୍ରାରେ ଆମେ ଚେନ୍ନାଇରୁ ପୁଟ୍ଟପର୍ତ୍ତି ପର୍ଯ୍ୟନ୍ତ ୩୭୦ କି.ମି. ଯାତ୍ରା କରୁଥିବା ଯୁବକମାନଙ୍କୁ ଯାତ୍ରାରମ୍ଭ କରିବାକୁ ସଙ୍କେତ ଦେଉଥିବା ବେଳେ ପ୍ରଥମେ ସ୍ୱାମୀଙ୍କ ଛବିରୁ ଫୁଲଟିଏ, ତାପରେ ଆଉ ଗୋଟିଏ, ପୁଣି ଆଉ ଗୋଟିଏ ଓ ଶେଷରେ ଫୁଲମାଳଟି ଖସିଲା । ଏସବୁ

ଶୀଘ୍ର ଶୀଘ୍ର ହେଲା ଏବଂ ତଦ୍ଦ୍ୱାରା ସ୍ୱାମୀ ଉତ୍ସବ ସମୟରେ ତାଙ୍କର ଉପସ୍ଥିତି ଓ ଆଶୀର୍ବାଦ ପ୍ରଦର୍ଶନ କରିଥିଲେ । ଏହି ଚମତ୍କାର ଦେଖିଥିବା ଲୋକମାନଙ୍କ ମଧ୍ୟରେ ମୁଁ ଥିଲି ।

ଉଭୟ କୋଡ଼ାଇକାନାଲ ଓ ଉତକାମଣ୍ଡଠାରେ ଶିବିରର ଆରମ୍ଭରେ ବା ଶେଷରେ ଆମେ ସ୍ୱାମୀଙ୍କର ଉପସ୍ଥିତି ଓ ଆମ କାର୍ଯ୍ୟକଳାପ ସମ୍ବନ୍ଧରେ ତାଙ୍କ ଅବଗତି ସୂଚିତ କରି ସ୍ୱାମୀଙ୍କ ଛବିରୁ ଫୁଲ ଖସିଥିବା ଦେଖିବାର ସୌଭାଗ୍ୟ ପାଇଥିଲୁ । ଜଣେ ଆଇଏଏସ୍ ଅଫିସରଙ୍କ ଘର ତଥା ଆନ୍ନାନଗରରେ ସାଇ ସାହାରା ସମେତ ବିଭିନ୍ନ ସ୍ଥାନରେ ସତ୍‌ସଙ୍ଗ ଓ ଭଜନ ପରେ ମୁଁ ସ୍ୱାମୀଙ୍କ ସର୍ବବିଦ୍ୟମତାକୁ ଦର୍ଶାଇ ବିଭୂତି, କୁଙ୍କୁମ ଓ ଅନ୍ୟ ଦ୍ରବ୍ୟ ସୃଷ୍ଟି ହୋଇଥିବାର ଦେଖିଛି ।

ଏକଥା ନୁହେଁ ଯେ ଆମେ ଭକ୍ତମାନେ ଦିବ୍ୟତ୍ୱର ଏହି ପରିପ୍ରକାଶ ଦେଖିବା ଦରକାର । କିନ୍ତୁ ସ୍ୱାମୀ ତାଙ୍କର ଅସୀମ କରୁଣା ଓ ପ୍ରେମରୁ ଏପରି ଚମତ୍କାର ରୂପରେ ତାଙ୍କର ଦିବ୍ୟ ପରିପ୍ରକାଶ ମାଧ୍ୟମରେ ଆଶୀର୍ବାଦ ବର୍ଷା କରି ଚାଲିଥାନ୍ତି । ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ଏହି ପରିପ୍ରକାଶଗୁଡ଼ିକୁ ଦେଖିନଥିବା ନୂଆ ଭକ୍ତମାନେ ମଧ୍ୟ ବହୁ ସମୟରେ ଥାଆନ୍ତି ଯେଉଁମାନଙ୍କ ମନରେ ଏହାର ଗଭୀର ଓ ଅଲିଭା ଛାପ ପଡ଼ିଥାଏ ।

ଆମକୁ ନିରନ୍ତର ଆଶୀର୍ବାଦ କରୁଥିବାରୁ ଏବଂ ଆପଣ ଆରମ୍ଭ କରିଥିବା ମହତ୍ କାର୍ଯ୍ୟ ଚାଲୁ ରଖିବାକୁ ଆମକୁ ଦିଗ୍‌ଦର୍ଶନ ଦେଉଥିବାରୁ ଆପଣଙ୍କୁ ଧନ୍ୟବାଦ ସ୍ୱାମୀ ! ଆମେ ଆପଣଙ୍କ କାମ କରିବା ପାଇଁ କେବଳ ନିମିତ୍ତ ହୋଇଥିବାରୁ ଆମ ଜୀବନର ପ୍ରତିଟି ସୋପାନରେ ଆପଣଙ୍କର ଦିଗ୍‌ଦର୍ଶନ ବାଞ୍ଛା କରି ଆପଣଙ୍କୁ ପ୍ରାର୍ଥନା କରୁଛୁ ।

ଓଁ ଜୟ ସାଇରାମ !

> ***"ଦିବ୍ୟ ଶକ୍ତିର ପରିପ୍ରକାଶକୁ ଯାଦୁବିଦ୍ୟା ବୋଲି ଭାବିବା ଉଚିତ ନୁହେଁ । ମନେରଖ, ଏପରି କିଛି ନାହିଁ ଯାହା ଦିବ୍ୟଶକ୍ତି ହାସଲ କରି ନ ପାରିବ । ଏହା ପୃଥିବୀକୁ ଆକାଶରେ ଓ ଆକାଶକୁ ପୃଥିବୀରେ ପରିଣତ କରିଦେଇପାରେ । ମାନବୀୟ ଯାଦୁବିଦ୍ୟା (magic) ହେଉଛି ଭଗବାନଙ୍କର ତର୍କଶାସ୍ତ୍ର (logic) ।"***
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା,**
> **ବାବା ସତ୍ୟସାଇ, ଦ୍ୱିତୀୟ ଭାଗ**

ଅଧ୍ୟାୟ : ୩୪

'ସୁନ୍ଦରମ୍ ମଧ୍ୟ ମୋ ଘର'

'ଏହି ଅନନ୍ୟ ଅବତାରରେ ପ୍ରତ୍ୟେକଟି କାର୍ଯ୍ୟ ଏକ ବିସ୍ମୟକର ଚମତ୍କାର ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଭାଗବତ ବାହିନୀ

ପୂର୍ବୋକ୍ତ ଦୁଇ ଅଧ୍ୟାୟ ଅନୁସାରେ ସୁନ୍ଦରମ୍‌ରେ ନିୟମିତ ଚମତ୍କାର ଘଟୁଥିଲା । ସୁନ୍ଦରମ୍ ଆସୁଥିବା ଭକ୍ତମାନଙ୍କ ସହ କଥା ହେଲେ ସେମାନେ ସୁନ୍ଦରମ୍‌ରେ ପାଇଥିବା ଅନେକ ଅନୁଭୂତି ବିଷୟରେ କହିବେ । ଏପରି କି ଯେଉଁମାନେ ଭକ୍ତ ନୁହନ୍ତି ମାତ୍ର କିଛି ଜିନିଷ ଯୋଗାଇବା ଭଳି ଅନ୍ୟ କୌଣସି ଅଭିପ୍ରାୟରେ ସୁନ୍ଦରମ୍ ଆସିଥାନ୍ତି ସେମାନେ ବି କୌଣସି ନା କୌଣସି ଭାବରେ ତତ୍‌କ୍ଷଣାତ୍ ସ୍ୱାମୀଙ୍କର ଦିବ୍ୟ ଉପସ୍ଥିତି ଅନୁଭବ କରିଥିବା କଥା କହିଥାନ୍ତି । ସୁନ୍ଦରମ୍ ଆସିଥିବା ଲୋକମାନଙ୍କ ଦ୍ୱାରା ବର୍ଣ୍ଣିତ ସ୍ୱାମୀଙ୍କର ସର୍ବବିଦ୍ୟମତ୍ତା ସମ୍ବନ୍ଧରେ ବହୁତ ଘଟଣା ଶୁଣିବାର ସୌଭାଗ୍ୟ ମୋତେ ମଧ୍ୟ ମିଳିଥିଲା ।

ତାମିଲନାଡୁ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ ଓ ସ୍ୱାମୀଙ୍କର ପରମ ଭକ୍ତ ଶ୍ରୀ ସାଇକୁମାର, ଆଇ.ଏ.ଏସ୍. ତାଙ୍କର ଗୋଟିଏ ସ୍ୱପ୍ନ ବୃତ୍ତାନ୍ତ ଶୁଣାଇଥାନ୍ତି, ଯାହା ଏଠାରେ ଅବତାରଣା କରିବା ସମୀଚୀନ । ସେ ପୁଟ୍ଟପର୍ତ୍ତି ଯିବା ପାଇଁ ସ୍ୱାମୀଙ୍କ ଆଶିଷ କାମନା କରି ପ୍ରାର୍ଥନା କରୁଥାନ୍ତି । ଥରେ ସ୍ୱାମୀ ତାଙ୍କୁ ସ୍ୱପ୍ନରେ ଦେଖା ଦେଇ ସେ ସୁନ୍ଦରମ୍ ଆସିଲେ ବି ଯଥେଷ୍ଟ ହେବ କହିବା ସହ 'ସୁନ୍ଦରମ୍ ବି ମୋର ଘର' ବୋଲି କହିଲେ । ସେ ଆହୁରି ମଧ୍ୟ ଶ୍ରୀ ସାଇକୁମାରଙ୍କୁ ଯାହା କହିଲେ ତାହା ଆମକୁ ବହୁତ ମର୍ମାହତ କଲା । ସ୍ୱାମୀ କହିଲେ, 'ତୁ ରାଜ୍ୟ ସଭାପତି ଓ ନ୍ୟାସ ଆବାହକ(ମୁଁ ନିଜେ)ଙ୍କୁ କହିବୁ ଯେ ସେମାନେ ମୋର ବ୍ୟକ୍ତିଗତ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉନାହାନ୍ତି - ଯଥା ସୁନ୍ଦରମ୍‌ର ଉପର ମହଲାରେ ମୋ କୋଠରିରୁ ମୋର ଶେଯ ଓ ତକିଆ କାଢ଼ି ନିଆଯାଇଛି । ସେମାନେ ମୋ ପାଇଁ ପାଣି ବି ରଖୁନାହାନ୍ତି । ମୁଁ ମୋର ସ୍ଥୁଳ ଶରୀର ତ୍ୟାଗ କରିଛି ବୋଲି ସେମାନେ ମୋ କୋଠରିର ଯତ୍ନ ନେବା ଓ ମୋତେ ଆରାମ ଦେବାର ଆବଶ୍ୟକତା ନାହିଁ ବୋଲି ଭାବୁଛନ୍ତି ।' ଶ୍ରୀ ସାଇକୁମାର ତାଙ୍କର ସ୍ୱପ୍ନ ବୃତ୍ତାନ୍ତ ଆମକୁ କହିବା ବେଳେ ମୁଁ ଓ ରାଜ୍ୟ ସଭାପତି ଦୁହେଁ ମର୍ମାହତ ହୋଇଥିଲୁ । ଏହା ସତ୍ୟ ଯେ ସ୍ୱାମୀଙ୍କ ମହାସମାଧି ପରେ ଆମେ ଉପର ମହଲାରେ ତାଙ୍କ କୋଠରିକୁ ଯିବା ବନ୍ଦ କରି ଦେଇଥିଲୁ । ମହାସମାଧି ପରେ ବିଛଣା, ବିଛଣା ଚଦର ଓ ତକିଆ କଢ଼ା ହୋଇ ଅନ୍ୟତ୍ର ରଖାଯାଇଥିବା ସତ ବୋଲି ଆମେ ଅନୁସନ୍ଧାନ କରି ଜାଣିଲୁ । ପରଦିନ ହିଁ ଆମେ ସ୍ୱାମୀଙ୍କ କୋଠରିକୁ ସ୍ୱାମୀ ସଶରୀରରେ ଥିବା ବେଳ ପରି ପୁଣି ସଜାଇ ଦେଲୁ । ପରବର୍ତ୍ତୀ ସମୟରେ ସ୍ୱାମୀ ସେ

କୋଠରି ବ୍ୟବହାର କରୁଥିବାର ସଙ୍କେତ ଆମେ ଲକ୍ଷ୍ୟ କରିପାରିଥିଲୁ । ସ୍ୱାମୀଙ୍କ ଶୋଇବା ଘର ଓ ବୈଠକର ଠିକ୍ ବାହାର ପଟେ ଗୋଟିଏ ବଡ଼ ବାରଣ୍ଡାରେ ଝୁଲାଟିଏ ଲାଗିଥାଏ । ସେଠାରେ ଚଳମାନ ଇସ୍ପାତ ବାଡ଼ ବି ଥାଏ । ଦିନେ ଦିନେ ଇସ୍ପାତ ବାଡ଼ ଘୁଞ୍ଚାଯାଇଥିବାର ଆମେ ଦେଖୁ, ଯେଉଁଥିରୁ ସ୍ୱାମୀ ସେ ବାରଣ୍ଡାରେ ଚଲାବୁଲା କରିଛନ୍ତି ବୋଲି ଜଣାଯାଏ । ଥରେ ସ୍ୱାମୀଙ୍କ ଝୁଲା ଉପରେ ଆମେ ରଖୁଥିବା ରୁମାଲଟି ଅନ୍ତର୍ଦ୍ଧାନ ହୋଇଯାଇଥିଲା ।

ଏକ ଗୁରୁବାର ଦିନ ମୋ ଝିଅ ପ୍ରାର୍ଥନା କରିବା ପାଇଁ ସୁନ୍ଦରମ୍ ଯାଇଥିବା ବେଳେ ଉତ୍କଟ ଥଣ୍ଡାରେ ମେରୁଦଣ୍ଡ ଥରାଇ ଦେବାଭଳି ଏକ ଭୟଙ୍କର ଅନୁଭୂତି ହୋଇଥିଲା । ସେ ଦୋଳି ଆଗରେ ଠିଆ ହୋଇ ସ୍ୱାମୀଙ୍କୁ ପ୍ରାର୍ଥନା କରି କହୁଥିଲା, "ସ୍ୱାମୀ, ମୁଁ ତ ମୋ ମାଆଙ୍କୁ ହରାଇ ବହୁତ ଦୁଃଖ ଅନୁଭବ କରୁଛୁ । ମୁଁ ପ୍ରତିଦିନ ଆପଣଙ୍କୁ ଓ ତାଙ୍କୁ ପ୍ରାର୍ଥନା କରୁଛି, ହେଲେ ସେ ଆପଣଙ୍କ ପାଖରେ ଅଛନ୍ତି ଓ ଆପଣ ମୋ ପ୍ରାର୍ଥନା ଶୁଣିପାରୁଛନ୍ତି ବୋଲି ମୁଁ କେମିତି ଜାଣିବି ? ମୁଁ ଜାଣିବାକୁ ଚାହୁଁଛି । ଯଦି ମୋ ମାଆ ଆପଣଙ୍କ ପାଖରେ ଅଛନ୍ତି ଓ ଆପଣ ମୋ ପ୍ରାର୍ଥନା ଶୁଣୁଛନ୍ତି ତାହେଲେ ଏହି ଝୁଲା ହଲିବାର ମୋତେ ଦେଖାନ୍ତୁ ।" କି ଆଶ୍ଚର୍ଯ୍ୟ ଦେଖନ୍ତୁ, ତତ୍‌କ୍ଷଣାତ୍ ସେ ଝୁଲା ଆପେ ଆପେ ହଲିବାକୁ ଲାଗିଲା । ମୋ ଝିଅ କାନ୍ଦି ପକାଇଲା ଏବଂ ତୁରନ୍ତ ସେବାଦଳ ଓ ସଂଗଠନର ଅନ୍ୟାନ୍ୟ ସଭ୍ୟମାନଙ୍କୁ ଡାକିଲା, ସମସ୍ତେ ଝୁଲା ଝୁଲୁଥିବାର ଦେଖିଲେ । ତା ପରବର୍ତ୍ତୀ ଗୁରୁବାର ଦିନ ମଧ୍ୟ ସେ ସେଠାକୁ ଯାଇ ସ୍ୱାମୀଙ୍କୁ ଆଉ ଥରେ କହିଲା, "ସ୍ୱାମୀ, ସେଦିନ କ'ଣ ମୋର ପ୍ରାର୍ଥନା ଯୋଗୁଁ ଝୁଲା ହଲିଥିଲା ?" ଆଉ ଆଶ୍ଚର୍ଯ୍ୟର କଥା, ଝୁଲା ପୁଣି ହଲିବାକୁ ଲାଗିଲା । ସେଠାରେ ସେତେବେଳେ ଠିଆ ହୋଇଥିବା ସମସ୍ତେ ଏହା ଦେଖିଥିଲେ । ମୁଁ ସୂଚାଇ ଦେବାକୁ ଚାହେଁ ଯେ ଝୁଲା ରଖାଯାଇଥିବା ସ୍ଥାନକୁ ପବନ ବାଜେ ନାହିଁ । ଅଧିକନ୍ତୁ ଝୁଲା ବି ବହୁତ ଓଜନିଆ । ତେଣୁ ଝୁଲା ହଲିବା ଏକ ଚମତ୍କାର ବ୍ୟତୀତ ଅନ୍ୟ କିଛି ହୋଇନପାରେ । ପୃଥିବୀର ବିଭିନ୍ନ ପ୍ରାନ୍ତରେ ସ୍ୱାମୀଙ୍କର ସର୍ବବ୍ୟାପକତା ଲକ୍ଷିତ ହେଉଥିବା ଭଳି ସୁନ୍ଦରମ୍‌ରେ ବିବିଧ ରୂପରେ ତାଙ୍କର ପରିପ୍ରକାଶ ଦର୍ଶନ କରିବାର ସୌଭାଗ୍ୟ ଆମେ ବି ପାଇଥିଲୁ ।

ସୁନ୍ଦରମ୍‌ରେ ବିଭୂତି ସୃଷ୍ଟି ହେବା ଏକ ସାଧାରଣ ଘଟଣା ବୋଲି ପୂର୍ବ ଅଧ୍ୟାୟରେ ମୁଁ କହିସାରିଛି, ଏପରି ବହୁ ପ୍ରକାର ଚମତ୍କାର ସୁନ୍ଦରମ୍‌ରେ ଘଟିଚାଲିଛି । ଆମେ ଚେନ୍ନାଇ ଓ ତାମିଲନାଡୁର ସାଇ ଆଶ୍ରିତମାନେ ସ୍ୱାମୀଙ୍କର ଏହି ପରିପ୍ରକାଶ ଦେଖି ନିଜକୁ ଭାଗ୍ୟବାନ ମନେକରୁ । ଏହାକୁ ଆମେ ଦିବ୍ୟପ୍ରେମର ବୃଷ୍ଟି ବୋଲି ଧରି ନେଇଥାଉ ।

ମହାସମାଧି ପରେ ସୁନ୍ଦରମ୍‌ରେ ସ୍ୱାମୀଙ୍କ ସଶରୀର ଉପସ୍ଥିତିର ଆଉ ଏକ ଘଟଣା ହୋଇଥିଲା, ଯେତେବେଳେ ଚେନ୍ନାଇର ମୁଦିଚୁର ନିକଟବର୍ତ୍ତୀ ପାର୍ବତୀ ନଗର ସମିତିର ବାଳବିକାଶ ପିଲାମାନେ ସୁନ୍ଦରମ୍ ଆସିଥିଲେ । ଏହା ଏକ ଗୁରୁବାର ଥିଲା ଏବଂ ଗୁରୁବାର ଦିନ ହିଁ ସ୍ୱାମୀଙ୍କ କୋଠରିର ଦର୍ଶନ ନିମନ୍ତେ ଭକ୍ତମାନଙ୍କ ପାଇଁ ଉପର ମହଲାରେ

ସ୍ୱାମୀଙ୍କ ଶୋଇବା ଘରର ଝରକା ଖୋଲା ରଖାଯାଇଥାଏ । ସେଦିନ ସ୍ୱାମୀଙ୍କର ଅନୁଗତ ଭକ୍ତ ଛୋଟ ପିଲାଟିଏ ହଠାତ୍ ସ୍ୱାମୀ ଗୋଟିଏ ତଉଲିଆରେ ନିଜର ବାଳ ପୋଛି ପୋଛି ଗାଧୁଆ ଘରୁ ବାହାରୁଛନ୍ତି ବୋଲି ଦେଖିବାକୁ ପାଇଲା । ସେ ପିଲାଟି ସ୍ୱାମୀ ସ୍ୱାମୀ ବୋଲି ଜୋର୍‌ରେ ଡାକି ଦେବାବେଳେ ସେ ପିଲାମାନଙ୍କୁ ଧରି ଆସିଥିବା ତାଙ୍କ ସମିତିର ଆବାହକ ଝରକାବାଟେ ଅନାଇ ଦେବାରୁ ଆଇନାରେ ବାବାଙ୍କର ପ୍ରତିବିମ୍ବ ଦେଖିବାକୁ ପାଇଲେ । ଆଉ ଥରେ ମଧ୍ୟ ସୁନ୍ଦରମ୍ ଓ ସେବାଦଳର ତତ୍ତ୍ୱାବଧାୟକ ଶ୍ରୀ ଏମ୍.ଆର୍. ଚନ୍ଦ୍ରନ୍ ସ୍ୱାମୀଙ୍କ କୋଠରିରୁ ବାହାରୁଥିବା ସଜଫୁଲର ସୁଗନ୍ଧ ଆଘ୍ରାଣ କରିବାର ସୌଭାଗ୍ୟ ପାଇଥିଲେ, ଯଦିଓ କୌଣସି ଫୁଲ ସେତେବେଳେ ରଖାଯାଇ ନ ଥିଲା । ଏହି ସମସ୍ତ ଅଲୌକିକ ଘଟଣା ସୁନ୍ଦରମ୍‌ରେ ସ୍ୱାମୀଙ୍କର ସର୍ବବିଦ୍ୟମତ୍ତାର ଅନ୍ୟ ପ୍ରମାଣ ।

ମୁଁ ଆଉ ଏକ ହାସ୍ୟାସ୍ପଦ ଚମତ୍କାର ସହ ଏହି ଅଧ୍ୟାୟଟି ସମାପ୍ତ କରିବି; ଯାହା ସୁନ୍ଦରମ୍‌ରେ ୧୯ ମଇ ୨୦୧୫ରେ ଘଟିଥିଲା । ଏ ଘଟଣାଟି ସ୍ୱାମୀଙ୍କ ସର୍ବବିଦ୍ୟମତ୍ତାର ପୁନଃ ପ୍ରଦର୍ଶନ କରିଥିଲା । ସେଦିନ ଚେନ୍ନାଇର ଚାରୋଟି ସତ୍ୟସାଇ ଜିଲ୍ଲାର ମହିଳାମାନେ ସହସ୍ରନାମ ପୂଜା କରିବାକୁ ସୁନ୍ଦରମ୍ ଆସିଥିଲେ । ସୁନ୍ଦରମ୍‌ରେ ଥିବା ଆମ୍ବ ଗଛରୁ ପଡ଼ିଥିବା ଚାରୋଟି ଆମ୍ବକୁ ପ୍ରସାଦ ରୂପରେ ମହିଳାମାନଙ୍କୁ ପ୍ରଦତ୍ତ ହୋଇଥିଲା । କିନ୍ତୁ ସେମାନେ ଦ୍ୱନ୍ଦ୍ୱରେ ପଡ଼ି କହିଲେ, ଆମେ ୩୬ଜଣ ଅଛୁ । ଚାରୋଟି ଆମ୍ବକୁ କିପରି ବାଣ୍ଟିବୁ? ଏକଥା ଶୁଣି ସୁନ୍ଦରମ୍‌ର ତତ୍ତ୍ୱାବଧାୟକ ଶ୍ରୀ ଏମ୍.ଆର. ଚନ୍ଦ୍ରନ କହିଲେ, "ସ୍ୱାମୀଙ୍କୁ ପ୍ରାର୍ଥନା କର, ସେ ଅଧିକ ଆମ୍ବ ଦେବେ ।" ଏହା କହିବା ମାତ୍ରେ ଜୋର୍‌ରେ ପବନ ବହିଲା ଓ ଆମ୍ବଗଛଟି ହଲିବାକୁ ଲାଗିଲା । ପ୍ରାୟ ୧୦୦ ଆମ୍ବ ଗଛରୁ ତଳେ ପଡ଼ିଗଲା ଓ ତାପରେ ପବନ ବନ୍ଦ ହୋଇଗଲା । ଲାଗିଲା ସତେ ଯେପରି ସ୍ୱାମୀ ସେମାନଙ୍କ କଥା ଶୁଣିପାରି ମହିଳା ଭକ୍ତମାନଙ୍କ କାମନା ପୂରଣ କରିବାକୁ ଯଥେଷ୍ଟ ଆମ୍ବ ଦେଲେ । ମହିଳାମାନେ ସେମାନଙ୍କ ପ୍ରାର୍ଥନାର ତାତ୍‌କାଳିକ ପୂର୍ତ୍ତି ଦେଖି ଅତିଶୟ ଆନନ୍ଦିତ ହେଲେ ଏବଂ ପ୍ରତ୍ୟେକ ଏକାଧିକ ଆମ୍ବ ଧରି ଘରକୁ ଗଲେ । ଏହି ଘଟଣାଟି ସୁନ୍ଦରମ୍‌ରେ ସ୍ୱାମୀଙ୍କର ନିରନ୍ତର ଉପସ୍ଥିତିର ଆଉ ଏକ ନିଦର୍ଶନ ।

ଓଁ ଜୟ ସାଇରାମ !

"ଭଲ ପାଅ, ଭଲ ପାଅ, ଭଲ ପାଅ । ମୁଁ ସମସ୍ତଙ୍କୁ ଭଲ ପାଏ ଏବଂ ସମସ୍ତଙ୍କୁ ଭଲ ପାଇବାକୁ କହେ । ମୋର ସର୍ବଶ୍ରେଷ୍ଠ ସମ୍ପଦ ହେଉଛି ପ୍ରେମ । ଲୋକମାନେ ମୋର ଶକ୍ତି ଓ ମୋର ଚମତ୍କାର ବିଷୟରେ କହନ୍ତି, କିନ୍ତୁ ମୋ ପ୍ରେମ ହେଉଛି ସବୁଠାରୁ ବଡ଼ ଚମତ୍କାର । ସମସ୍ତେ ଏହି ପ୍ରେମରେ ଭାଗ ନେବା ଉଚିତ । ତାହେଲେ ହିଁ ଏକତା ରହିବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ୨୩ତମ ଭାଗ

ଅଧ୍ୟାୟ : ୩୫

'ସ୍ୱାମୀଙ୍କ ଲୀଳା ଅକଳ୍ପନୀୟ'

'ମୁଁ ଯେତେବେଳେ ତୁମକୁ କୌଣସି କାର୍ଯ୍ୟର ଦାୟିତ୍ୱ ଦେଇଥାଏ, ତାହା ତୁଲାଇବାର ଶକ୍ତି ମଧ୍ୟ ସ୍ୱାଭାବିକ ଭାବରେ ପ୍ରଦାନ କରିଥାଏ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା

ପୂର୍ବ ଅଧ୍ୟାୟମାନଙ୍କରେ ସୁନ୍ଦରମ୍‌ରେ ଘଟିଥିବା ବିଭିନ୍ନ ଚମତ୍କାର ବିଷୟରେ ଆମେ ପଢ଼ିଲେ । ବର୍ତ୍ତମାନ ମୁଁ ଆପଣମାନଙ୍କୁ ନିକଟ ଅତୀତରେ ଜାନୁୟାରୀ ୨୦୧୬ରେ ସୁନ୍ଦରମ୍‌ରେ ଘଟିଥିବା ଜେନେରେଟରର ଚମତ୍କାର ବିଷୟରେ କହିବି । ମୁଁ ମୋର ଜଣେ ବନ୍ଧୁ ଡଃ ଏସ୍.ପି. ରାଜଶେଖରଙ୍କୁ ସୁନ୍ଦରମ୍‌କୁ ନିମନ୍ତ୍ରଣ କରିଥିଲି । ସେ ଓ ତାଙ୍କ ପରିବାରର ସଦସ୍ୟ ସ୍ୱାମୀ ଓ ତାଙ୍କ ଦିବ୍ୟଲୀଳା ବିଷୟରେ ଶୁଣିବାକୁ ଉତ୍ସୁକ ଥିଲେ । ଆମେ ଅନେକ ସମୟରେ ସ୍ୱାମୀଙ୍କ ଲୀଳା ବିଷୟରେ ମଧ୍ୟ ଚର୍ଚ୍ଚା କରୁଥିଲୁ । ମୁଁ ଏହି ଅବସରରେ ସେମାନଙ୍କୁ ସୁନ୍ଦରମ୍ ଆସି ଭଜନରେ ବସି ତଥା ସ୍ୱାମୀଙ୍କ ଆଶୀର୍ବାଦ ପାଇବା ପାଇଁ ନିମନ୍ତ୍ରଣ କରିଥିଲି । ସଂଧ୍ୟା ଘ. ୬.୩୦ମି. ପରେ ସେ ସସ୍ତ୍ରୀକ ଆସିବେ ବୋଲି କହିଥିଲେ । ମୁଁ ଏହି କଥା ସୁନ୍ଦରମ୍‌ର ତତ୍ତ୍ୱାବଧାୟକ ଶ୍ରୀ ଏମ୍. ଆର ଚନ୍ଦ୍ରନ୍‌ଙ୍କୁ ଜଣାଇ ଦେଇଥିଲି ।

ସମୟ ପାଖାପାଖି ସଂଧ୍ୟା ଘ. ୬.୩୦ ହେବ । ମୁଁ ଡଃ ରାଜଶେଖରଙ୍କୁ ସ୍ୱାଗତ କରିବା ପାଇଁ ସୁନ୍ଦରମ୍‌କୁ ଯିବାକୁ ବାହାରିବା ବେଳେ ଶ୍ରୀ ଚନ୍ଦ୍ରନ୍ ଫୋନ୍‌ରେ ମୋତେ କହିଲେ ଯେ ବର୍ତ୍ତମାନ ସୁନ୍ଦରମ୍‌ରେ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଘଟିଛି । ତେଣୁ ପୂରା ସୁନ୍ଦରମ୍ ପରିସର ଅନ୍ଧକାର ମଧ୍ୟରେ ରହିଛି । ଅଳ୍ପ ସମୟ ମଧ୍ୟରେ ବିଦ୍ୟୁତ୍ ଶକ୍ତି ଆସିଯିବାର କୌଣସି ସମ୍ଭାବନା ଅଛି କି ବୋଲି ମୁଁ ତାଙ୍କୁ ପଚାରିଲି । ସେ କହିଲେ, ବେଳେ ବେଳେ ଏହା ତୁରନ୍ତ ଆସିଯାଏ ଓ ଅନ୍ୟ କେତେବେଳେ ବହୁତ ସମୟ ମଧ୍ୟ ନେଇଥାଏ । ଏହା ଉପରେ କୌଣସି କଳନା କିମ୍ବା ଅନୁମାନ କରାଯାଇପାରିବ ନାହିଁ । ମୁଁ ଡଃ ରାଜଶେଖରଙ୍କୁ ଘରୁ ବାହାରି ଗଲେଣି କି, ନଚେତ୍ ଆଜିର ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପଇଁ କହିବି ଭାବି ଦୂରଭାଷରେ ସଂଯୋଗ ସ୍ଥାପନ କଲି । କିନ୍ତୁ ସେ କହିଲେ, ମୁଁ ଘର ଛାଡ଼ି ଅଧାରାସ୍ତା ହେଲିଣି । ମୁଁ ସୁନ୍ଦରମ୍‌ରେ ପହଞ୍ଚିବାବେଳେ ଦେଖିଲି ଚାରିଆଡ଼ ଅନ୍ଧକାର । ମୁଁ ଡରିଗଲି । ମୁଖ୍ୟ ମନ୍ଦିରରେ ଜଳୁଥିବା ଏକ ଛୋଟ ବତୀ ବ୍ୟତୀତ ସମଗ୍ର ସୁନ୍ଦରମ୍ ଅନ୍ଧକାର ଥିଲା । ମୁଁ ସୁନ୍ଦରମ୍ ମଧ୍ୟକୁ ପ୍ରବେଶ କରି ପ୍ରାର୍ଥନା କଲି ଏବଂ ଭଜନ ସମାପ୍ତ ହେବାବେଳେ ହଲ୍‌ରୁ ବାହାରକୁ ଆସିଲି । ସେହି ସମୟରେ ମୋ ମୁଣ୍ଡକୁ

ଗୋଟିଏ କଥା ଭୁକିଲା । ଗୋଟିଏ ଛୋଟିଆ ଇନ୍‌ଭରଟର ଦ୍ୱାରା ଗୋଟିଏ ଅଥବା ଦୁଇଟି ବିଦ୍ୟୁତ୍ ବଲ୍‌ବ ଜଳିପାରୁଛି, ଯାହା ସୁନ୍ଦରମ୍‌କୁ ସମ୍ପୂର୍ଣ୍ଣ ମାତ୍ରାରେ ଆଲୋକିତ କରିପାରୁନାହିଁ । ଯଦି ଗୋଟିଏ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ହୋଇଥାନ୍ତା, ତେବେ ତାହା ବୋଧେ ସମ୍ପୂର୍ଣ୍ଣ ସୁନ୍ଦରମ୍ ପାଇଁ ଯଥେଷ୍ଟ ହୋଇ ପାରନ୍ତା । ସ୍ୱାମୀଙ୍କ ପ୍ରକୋଷ୍ଠ ସୁନ୍ଦରମ୍‌ର ଉପର ମହଲାରେ ଅବସ୍ଥିତ । ସେଠାରେ ମଧ୍ୟ ବିଦ୍ୟୁତ୍ ବଲ୍‌ବ ଜଳୁନାହିଁ । ସମଗ୍ର ସ୍ଥଳ ଅନ୍ଧକାରରେ ଆଚ୍ଛାଦିତ ହୋଇ ରହିଛି । ମୋ ଗୃହରେ ଗୋଟିଏ ସ୍ୱତଃଚାଳିତ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ଅଛି । ଫଳରେ ବିଦ୍ୟୁତ୍ ଶକ୍ତି ବିଚ୍ଛିନ୍ନ ହେବା ସଂଗେ ସଂଗେ ଘରେ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ରର ଶକ୍ତି ଦ୍ୱାରା ଘରଟି ପୁଣି ଆଲୋକିତ ହୋଇଯାଏ । ଅଥଚ ସ୍ୱାମୀ ଯେଉଁଠି ରହୁଛନ୍ତି, ତାଙ୍କ ଦିବ୍ୟ ସନ୍ନିଧି ଏତେ ଅନ୍ଧକାରରେ ରହିଛି ! ମୋତେ ଲାଗିଲା ମୁଁ ଭାରି ସ୍ୱାର୍ଥପର । ସେହି ସମୟରେ ମୁଁ ସ୍ଥିର କଲି ଯେ ସୁନ୍ଦରମ୍ ପାଇଁ ଗୋଟିଏ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର କିଣା ହୋଇ ଆସିବ । ସଙ୍ଗେ ସଙ୍ଗେ ମୁଁ ମୋ ଝିଅକୁ ଫୋନ୍ କଲି । ମୋ ଝିଅ ଏହା ଶୁଣି ଖୁସି ହୋଇଗଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ମୋତେ ପ୍ରଶ୍ନ କଲା, 'ବାପା ! ଆପଣଙ୍କର ଏପରି କଥାରେ ମୁଁ ବହୁତ ଖୁସି, କିନ୍ତୁ ଏହା କ'ଣ ଏହି ସମୟରେ ଏହି ମୁହୂର୍ତ୍ତରେ କରିବା ଆବଶ୍ୟକ ?' କାରଣ ସେହି ସମୟରେ ଆମର ଆର୍ଥିକ ଅବସ୍ଥା ଟିକିଏ ଜଟିଳ ଥାଏ । ଆମ ପାଖରେ ଯେତିକି ପରିମାଣର ଅର୍ଥ ଥିଲା, ତାହା ଏହି କାମ ପାଇଁ ଯଥେଷ୍ଟ ନ ଥିଲା । ତେଣୁ ସେ ପୁଣି କହିଲା, 'ବାପା ! ଆପଣ ଯଦି ଏହି କଥାଟିକୁ ସମସ୍ତଙ୍କ ସମ୍ମୁଖରେ ରଖନ୍ତି, ତେବେ ବୋଧହୁଏ ଅନେକ ଲୋକ ଖୁସିରେ କିଛି ମାତ୍ରାରେ ଅର୍ଥ ଦେଇ, ଏହି ପ୍ରକଳ୍ପ ପାଇଁ କିଛି ସାହାଯ୍ୟ କରିଛନ୍ତି ଭାବି ଖୁସି ହୋଇପାରିବେ !' ମୁଁ ତାକୁ କହିଲି, 'ନା.... ନା..... ଏହି କଥାଟି ମୁଁ ସୁନ୍ଦରମ୍‌ରେ ଥିଲାବେଳେ ମୋ ମୁଣ୍ଡକୁ ଆସିଲା । ତେଣୁ ମୁଁ ଏକା ହିଁ ଏହା କରିବି । ତେଣୁ ଗଲାବେଳେ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ବରାଦ କରିଯିବି । ପରେ ଯାହା ବି ହେବ ସ୍ୱାମୀ ବୁଝିବେ ।'

ଡଃ ରାଜଶେଖରଙ୍କୁ ଟର୍ଚ୍ଚ ଲାଇଟ୍ ସାହାଯ୍ୟରେ ସୁନ୍ଦରମ୍ ବୁଲାଇ ଦେଖାଇଲି ଏବଂ ତାଙ୍କୁ ସ୍ୱାମୀଙ୍କ ଫଟୋଚିତ୍ର ଓ ବିଭୂତି ଦେଇ ଘରକୁ ଫେରିଲି । ମୁଁ ଘରେ ପହଞ୍ଚିବା ବେଳେ ମୋ ଗୃହର ଆରକ୍ଷୀ ମୋତେ ଗୋଟିଏ ଲଫାପା ବଢ଼ାଇଦେଲା । ଏହା ଏକ ଚିଠି ଯାହା, ଆୟକର ବିଭାଗ ତରଫରୁ ଆସିଯାଏ । ମୁଁ ଘର ଭିତରକୁ ଯାଇ ଯେତେବେଳେ ଚିଠିଟିକୁ ଖୋଲି ପଢ଼ିବା ଆରମ୍ଭ କଲି ସେଥିରେ ଯାହା ଲେଖାଥିଲା, ପଢ଼ି ଆଶ୍ଚର୍ଯ୍ୟ ହୋଇଗଲି । ସେଥିରେ ଲେଖାଥିଲା ଯେ ଅନେକ ବର୍ଷର ଆୟକର ବିଭାଗର ସମୀକ୍ଷା କରି ମୋତେ ଗୋଟିଏ ଉତ୍ତମ ମୂଲ୍ୟ ଫେରାଇଥାନ୍ତି । ଏହା ପଢ଼ି ମୋ ଆଖିରୁ ଲୁହ ବାହାରି ଆସିଥିଲା ଓ ମୁଁ ଜାଣି ପାରିଲି ଏହା ହେଉଛି ସ୍ୱାମୀଙ୍କର ଅନ୍ୟ ଏକ ଲୀଳା । ମୁଁ

ସୁନ୍ଦରମ୍‌ରେ ଥିବା ଅବସ୍ଥାରେ ସ୍ୱାମୀ ମୋର ଏକ ପରୀକ୍ଷା ନେଇଥିଲେ ଏବଂ ମୁଁ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ସ୍ୱାମୀ ନିଜେ ତାଙ୍କ ଆଡୁ ମୋ ପାଖକୁ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ପାଇଁ ଧନରାଶିର ବ୍ୟବସ୍ଥା କରିଦେଇଥିଲେ ।

ପରଦିନ ମୁଁ ସକାଳୁ ଅତି ଉତ୍ସୁକତାର ସହିତ ମୋର ଅର୍ଥ ବିଭାଗର ମୁଖ୍ୟବ୍ୟକ୍ତିଙ୍କୁ ଡକାଇ ଚେକ୍‌ଟିକୁ ତାଙ୍କ ହାତକୁ ବଢ଼ାଇଦେଲି । ଗତକାଲି ସୁନ୍ଦରମ୍‌ଠାରେ ଘଟିଥିବା ଦିବ୍ୟଲୀଳା ବିଷୟରେ ମଧ୍ୟ ସବୁ କଥା କହିଲି ।

ମୋ ସହିତ ଅନ୍ୟ ଏକ ଅଦ୍ଭୁତ ଘଟଣା ମଧ୍ୟ ଘଟିଥିଲା । କିଛି ବର୍ଷ ପୂର୍ବରୁ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ଅତି ମୋଟା ଓ ଅଧିକ ମାତ୍ରାର ଟଙ୍କା ମୋଠାରୁ ଧାର ନେଇଥିଲେ । କିଛି ବର୍ଷ ହେବ ସେ ମୋତେ ସେହି ଟଙ୍କା ଫେରାଇ ପାରିନଥିଲେ । ପ୍ରକୃତ ପକ୍ଷରେ ଦୁଇଦିନ ତଳେ ମୋତେ ଫୋନ୍‌ରେ କହିଥିଲେ ଯେ ମୋତେ ସେହି ଟଙ୍କା ଫେରାଇବା ପାଇଁ ଆହୁରି କିଛି ସମୟ ଆବଶ୍ୟକ । ମୁଁ ଏପର୍ଯ୍ୟନ୍ତ ତାହା ଫେରାଇବା ପାଇଁ ଅକ୍ଷମ । ଗତ ସଂଧ୍ୟାରେ ଯେତେବେଳେ ମୁଁ ସୁନ୍ଦରମ୍‌ଠାରେ ଥାଏ, ମୋର ହିସାବରକ୍ଷକ ମୋତେ ଫୋନ୍ କରି କହିଲେ ଯେ ମୋଠାରୁ ଟଙ୍କା ନେଇଥିବା ମୋର ବନ୍ଧୁ ସବୁତକ ଟଙ୍କା ଗୋଟିଏ ଚେକ୍ ମାଧ୍ୟମରେ ପଠାଇ ଦେଇଛନ୍ତି । ବର୍ତ୍ତମାନ ମୋ ପାଖରେ ଆୟକର ବିଭାଗରୁ ଆସିଥିବା ଟଙ୍କା ଓ ମୋ ବନ୍ଧୁ ମୋତେ ଫେରାଇ ଦେଇଥିବା ଟଙ୍କା ମିଶାଇଲେ ମୋ ପାଖରେ ପର୍ଯ୍ୟାପ୍ତ ପରିମାଣର ଟଙ୍କା ଥିଲା, ଯାହାଦ୍ୱାରା 'ସୁନ୍ଦରମ୍' ପାଇଁ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ଖୁସିରେ କିଣାଯାଇପାରିବ । ପ୍ରକୃତ ପକ୍ଷରେ ମୋ ପାଖରେ ଅଧିକ ଟଙ୍କା ମହଜୁଦ୍ ଥିବାରୁ ବହୁତ ଦିନ ଧରି ପଡ଼ି ରହିଥିବା ସୁନ୍ଦରମ୍‌ର ଶୌଚାଳୟର ମରାମତି ନିମନ୍ତେ ମୁଁ ସେହି ଅର୍ଥ ଦେବାରେ ସକ୍ଷମ ହୋଇପାରିଥିଲି । ସ୍ୱାମୀଙ୍କ ଧାରା ରହସ୍ୟାତ୍ମକ, କିନ୍ତୁ ତାଙ୍କର ପ୍ରେମ ସର୍ବଦା ଅସୀମ ଓ ନିଃସର୍ତ୍ତ । ଏହା ମଧ୍ୟ ଆମକୁ ଆମେ ତାଙ୍କର ନିମିତ୍ତ, ମାତ୍ର ସେ ହିଁ ପ୍ରକୃତ କର୍ତ୍ତା ବୋଲି ଶିକ୍ଷା ଦିଏ ।

ଓଁ ଜୟ ସାଇରାମ !

> *"ନିଜକୁ ସର୍ବଦା ସ୍ମରଣ କରାଇଦିଅ ଯେ ଭଗବାନ ହିଁ କର୍ତ୍ତା ଏବଂ ତୁମେ ତାଙ୍କ ହାତରେ ଏକ ନିମିତ୍ତ ମାତ୍ର । ଭଗବାନଙ୍କ ସଂକଳ୍ପ ରହିଲେ ହିଁ ତୁମେ ଜୀବନରେ ଯେ କୌଣସି କଥା ହାସଲ କରିପାରିବ । ନିଜର କର୍ତ୍ତବ୍ୟ ସମ୍ପାଦନ କର ଏବଂ ସଂସାରରେ ଯାହା କିଛି ଘଟୁଛି ତାହାର ଏକ ସାକ୍ଷୀ ହୋଇ ରହ ।"*
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା,**
> **ଦିବ୍ୟ ସମ୍ଭାଷଣ : ୪୨ତମ ଭାଗ**

ଅଧ୍ୟାୟ : ୩୬

ବିଷ୍ଣୁକୃପା ଅପ୍ରତ୍ୟାଶିତ ଭାବରେ ଆସେ

'ତୁମେ କରୁଥିବା ସବୁ କାମକୁ ଭଗବାନଙ୍କ କାମ ବୋଲି ବିଶ୍ୱାସ କର; ତାହେଲେ ସର୍ବବିଦ୍ୟମାନ ଈଶ୍ୱର ଫଳାଫଳର ଦାୟିତ୍ୱ ନେବେ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା : ୧୯୭୪

ନିମ୍ନରେ ବର୍ଣ୍ଣିତ ଘଟଣା ଦୁଇଟି ଶ୍ରୀ ସତ୍ୟସାଇ ସେବା ସଂଗଠନ, ତାମିଲନାଡୁର ଏକ ପୁରୁଣା ଅନୁଷ୍ଠାନ ଶ୍ରୀ ସତ୍ୟସାଇ ନିବାସ, ପେରାମ୍ବୁର, ଚେନ୍ନାଇରେ ଘଟିତ ଚମତ୍କାର ସମ୍ବନ୍ଧୀୟ । ଏହି ଚମତ୍କାରଗୁଡ଼ିକୁ ଯେଉଁମାନେ ସ୍ୱଚକ୍ଷୁରେ ଦେଖିଥିଲେ ଓ ଯାହା ବର୍ଣ୍ଣନା କରିଥିଲେ ତାହା ହିଁ ମୁଁ ଲେଖୁଛି । ଏହି ଚମତ୍କାରଗୁଡ଼ିକ ସହିତ ମୁଁ ସଂପୃକ୍ତ ନୁହେଁ ।

୧୯୫୮ ମସିହାରେ ଚେନ୍ନାଇର ପେରାମ୍ବୁରରେ ଶ୍ରୀ ସତ୍ୟସାଇ ନିବାସ ନିର୍ମାଣ କାମ ଚାଲିଥାଏ । ସେ ସମୟରେ ଶ୍ରୀ ସତ୍ୟସାଇ ନିବାସ ଚତୁଃପାର୍ଶ୍ୱ ଅଞ୍ଚଳର ରକ୍ଷଣାବେକ୍ଷଣ ଭଲ ନ ଥିଲା, ଉପଯୁକ୍ତ ରାସ୍ତା ମଧ୍ୟ ନ ଥିଲା । ୨୩ ମାର୍ଚ୍ଚ ୧୯୫୮ରେ ସ୍ୱାମୀ ଭିତ୍ତିପ୍ରସ୍ତର ସ୍ଥାପନ କଲା ପରେ ଶ୍ରୀ ସତ୍ୟସାଇ ନିବାସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମଝିରେ ସ୍ୱାମୀଙ୍କ କୋଠରିର ବାକିଆ କାମ ସମ୍ପୂର୍ଣ୍ଣ କରିବା ପାଇଁ ଗୋଡ଼ିପଥର ଅତ୍ୟନ୍ତ ଆବଶ୍ୟକ ହେଲା । ହଠାତ୍ କୌଣସି ଅଜ୍ଞାତ ସ୍ଥାନରୁ ଜଣେ ଟ୍ରକ୍‌ଚାଳକ ଗୋଡ଼ିପଥର ବୋଝେଇ ଟ୍ରକ୍‌ଟିଏ ଆଣି ସେ ଜାଗାରେ ଢାଳି ଦେଇ ଟ୍ରକ୍ ମାଲିକ ଏହା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଲା । ଏହି ଘଟଣାରେ ସାଇନିବାସର ଭକ୍ତମାନେ ହତ୍‌ବଡ଼େଇ ଯାଇଥିଲେ । ପରବର୍ତ୍ତୀ ସମୟରେ ବାବାଙ୍କୁ ଭେଟିଲାବେଳେ ସେ ସେମାନଙ୍କୁ ଗୋଡ଼ିପଥର ସବୁ ପାଇଲ ବୋଲି ପଚାରିଥିଲେ ।

ଏହି ଘଟଣାର ପଚାଶ ବର୍ଷ ପରେ ଜୁନ ୨୦୧୩ରେ ଶ୍ରୀ ସତ୍ୟସାଇ ନିବାସର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ଆରମ୍ଭ ହେଲା । ପୁଣି ଗୋଡ଼ିପଥର ଆବଶ୍ୟକ ହେଲା । ୨୦୧୩ ଅଗଷ୍ଟ ମଧ୍ୟରାତ୍ରରେ ଗୋଡ଼ିପଥର ବୋଝେଇ ଟ୍ରକ୍‌ଟିଏ ଆସି ପହଞ୍ଚିବାର ଦେଖାଗଲା । ସେ ଟ୍ରକ୍‌ର ଚାଳକ ୧୮ ବର୍ଷର ବାଳକଟିଏ । ସେ ବାବାଙ୍କୁ କେବେ ଦେଖିନଥିଲା କି ପେରାମ୍ବୁର କେବେ ଆସିନଥିଲା । ଏକ ବର୍ଷଣମୁଖର ମଧ୍ୟରାତ୍ରରେ ପେରାମ୍ବୁରରେ ସତ୍ୟସାଇ ନିବାସକୁ ଖୋଜି ଖୋଜି ପହଞ୍ଚିଲା ଏବଂ କିଏ ଜଣେ ଫାଟକ ଖୋଲିବା ପାଇଁ ଚାରିଆଡ଼କୁ ଅନାଇଲା । କାହାକୁ ନ ପାଇ ସେ ତାର ମାଲିକକୁ ଫୋନ୍ କରିବା ପାଇଁ ଟ୍ରକ୍ ଭିତରକୁ ଗଲା ।

ହଠାତ୍ ଶୂନ୍ୟରୁ ଭଗବାନ ବାବାଙ୍କୁ ଫାଟକ ଆଗରେ ଠିଆ ହୋଇଥିବାର ସେ ଦେଖିଲା । ବାବାଙ୍କୁ ନ ଜାଣି ଓ ପୂର୍ବରୁ କେବେ ନ ଦେଖି ସତ୍ୟସାଇ ନିବାସର କିଏ

ହୋଇଥିବେ ଭାବି ଚାଳକ ତାଙ୍କୁ ପଚାରିଲା, ଏ ଗୋଡ଼ିପଥରକୁ ମୁଁ କେଉଁଠି ଢାଳିବି ? ବାବାଙ୍କଠାରୁ କିଛି ଉତ୍ତର ନ ପାଇ ସେ ଫାଟକ ଖୋଲି, ଭିତରକୁ ଗାଡ଼ି ନେଇ ଗୋଡ଼ିପଥର ସବୁ ଢାଳିଦେଲା । ତାପରେ ସେ ବାବାଙ୍କୁ ଉପର ମହଲାରେ ଠିଆ ହୋଇ କୌଣସି ଗୋଟିଏ ଜିନିଷ ଆଡ଼େ ହାତ ଦେଖାଇ ତେଲୁଗୁରେ କଣ କହୁଥିବାର ଦେଖିଲା । ଚାଳକ ତେଲୁଗୁ ବୁଝେ ନାହିଁ କି ଯାହାଙ୍କୁ ଦେଖିଲା ସେ ବାବା ବୋଲି ଜାଣେ ନାହିଁ । ସେ ଟ୍ରକ୍‌ରୁ ଜିନିଷ ଖାଲି କରିଦେଲା ।

ପରେ ବିଲ୍‌ରେ ଦସ୍ତଖତ ଆଦି ଔପଚାରିକ କାର୍ଯ୍ୟ ଶେଷ କରିବା ପାଇଁ ସଂଗଠନର ବରିଷ୍ଠ ସଭ୍ୟ ଶ୍ରୀ ଜି ସୁବ୍ରହ୍ମଣ୍ୟମ୍‌ଙ୍କୁ ଭେଟିବାବେଳେ ଟ୍ରକ୍ ଚାଳକ ସେ ଟ୍ରକ୍‌ରୁ ଗୋଡ଼ିପଥର ଖଲାସ କଲାବେଳେ ସେଠି ଯିଏ ଥିଲେ ସେ ଲୋକ କିଏ ବୋଲି ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କୁ ପଚାରିଲା । ସେଦିନ ରାତିରେ ପ୍ରବଳ ବର୍ଷା ହେଉଥିବାରୁ ସତ୍ୟସାଇ ନିବାସରେ କେହି ନ ଥିଲେ ବୋଲି ସେ କହିଲେ । ତାପରେ ଚାଳକ ଦେଖିଥିବା ସେ ଲୋକର ହୁଲିଆ ବର୍ଣ୍ଣନା କରନ୍ତେ ସମସ୍ତେ ଅନୁଭବ କରିଥିଲେ ଯେ ଚାଳକ ଯେଉଁ ଲୋକକୁ ଦେଖିଲା ସେ ବାବାଙ୍କ ଛଡ଼ା ଅନ୍ୟ କେହି ନୁହନ୍ତି ।

ପ୍ରଥମ ଘଟଣାଟି ସ୍ୱାମୀ ସଶରୀରରେ ଥିବାବେଳେ ଓ ଦ୍ୱିତୀୟ ଘଟଣାଟି ତାଙ୍କ ମହାସମାଧିର ଦୁଇବର୍ଷ ପରର ବୋଲି ପାଠକମାନେ ଦୟାକରି ଧ୍ୟାନ ଦେବେ । ଭଗବାନ ଶ୍ରୀ ସତ୍ୟସାଇ ବାବା ଏବେ ବି ଜୀବିତ ଅଛନ୍ତି ଏହା କଣ ପ୍ରମାଣିତ କରୁନାହିଁ କି ? ଏହାର ପରବର୍ତ୍ତୀ ଅଧ୍ୟାୟ ଏହି କଥାର ଆଉ ଏକ ପ୍ରମାଣ ।

ଓଁ ଜୟ ସାଇରାମ !

"ଭଗବାନ ସର୍ବତ୍ର ବିଦ୍ୟମାନ । ତେଣୁ ତୁମେ ମୋ ଉପସ୍ଥିତିରୁ ଦୂରେଇ ଯିବାବେଳେ ଭିନ୍ନ ପ୍ରକାରେ ଆଚରଣ କର ନାହିଁ । ସର୍ବଦା ଓ ସର୍ବତ୍ର ମୋର ଉପସ୍ଥିତି ସମ୍ବନ୍ଧରେ ସଚେତନ ହୁଅ, ଛୋଟ ଛୋଟ କାମ କରିବା ବେଳେ ବି ସଜାଗ ହୁଅ । ହୃଦୟ ଭିତରେ ଓ ବାହାରେ ନୀରବତା ରକ୍ଷା କର । ଗୀତା କହେ, ଭଗବାନଙ୍କର କରଚରଣ ସର୍ବତ୍ର ଅଛି । ଅନ୍ୟ କୌଣସି ଶବ୍ଦ ବାଧା ନ ଦେବାବେଳେ ତାଙ୍କର ପଦଧ୍ୱନି ଶୁଣିପାରିବ । ଭଗବାନ ତାଙ୍କର ଅସୀମ କରୁଣାରୁ ଭକ୍ତର ଅଭିଳଷିତ ରୂପ ଗ୍ରହଣ କରନ୍ତି । ସେ ଶୁଦ୍ଧତା । ସେ ପରମଜ୍ଞାନ । ସେ ସଦାମୁକ୍ତ, ସଦା କୃପାମୟ । ଭଗବତ୍ ଚେତନା ବୃଦ୍ଧି କର, ପ୍ରତ୍ୟେକ ଜୀବ ଭିତରେ ତାଙ୍କୁ ଦେଖ ଓ ତାଙ୍କର ସେବା କର ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ଚତୁର୍ଦ୍ଦଶ ଭାଗ

ଅଧ୍ୟାୟ : ୩୨

ସଶରୀରରେ ସ୍ୱାମୀଙ୍କ ପୁନରାବିର୍ଭାବ

'ଭଗବାନ ହିଁ ତୁମର ପ୍ରକୃତ ବନ୍ଧୁ । ତୁମେ ତାଙ୍କୁ ଭୁଲିଯାଇପାର, କିନ୍ତୁ ସେ କଦାପି ତୁମକୁ ଭୁଲିବେ ନାହିଁ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୩୬ତମ ଭାଗ

ଗତ ଅଧ୍ୟାୟରେ ମୁଁ ମହାସମାଧିଠାରେ ଆମର ପ୍ରିୟ ଭଗବାନଙ୍କୁ ରକ୍ତ-ମାଂସ ଶରୀରରେ ଦର୍ଶନ କରିଥିବା ଟ୍ରକ୍ ଚାଳକ କଥା କହିଥିଲି । ଏବେ ମୁଁ ସ୍ୱାମୀଙ୍କ ହ୍ୱାଇଟ୍‌ଫିଲ୍ଡ଼ ବୃନ୍ଦାବନ ଆଶ୍ରମଠାରେ ଛଅଜଣିଆ ସୁରକ୍ଷାକର୍ମୀ ଦଳର ୨୫ ବର୍ଷୀୟ ଆନନ୍ଦ ବିଷୟରେ କହିବି । ରେଡ଼ିଓ ସାଇର ଶ୍ରୀ ଅରବିନ୍ଦ ବାଳସୁବ୍ରହ୍ମଣ୍ୟମ୍ ତା ବିଷୟରେ କହିଥିବା କଥାର କେତେକ ଅଂଶ ମୁଁ ଏଠାରେ ଦେଉଛି ।

ଆନନ୍ଦ ଉତ୍ତର-ପଶ୍ଚିମ କର୍ଣ୍ଣାଟକରେ ବେଲଗାଓଁ ଜିଲ୍ଲାର କଲ୍ଲୋଲିର । ସେ ବୃନ୍ଦାବନକୁ ଆସିବା ପୂର୍ବରୁ ହାଇସ୍କୁଲ ପାଠ ଶେଷ କରି ତା ଗାଆଁ ପାଖରେ ଏକ ସୁରକ୍ଷା କର୍ମୀ ଭାବରେ କାମ କରୁଥିଲା । ସେ ତା' ଗାଆଁରେ ଏକ ସମିତିରେ ବାବାଙ୍କ ଛବି ଦେଖିଥିଲା, କିନ୍ତୁ ସେଗୁଡ଼ିକୁ ସବୁବେଳେ ସଂଶୟ ଓ ଅବମାନନାର ସହ ଦେଖୁଥିଲା । ମହାସମାଧିରେ ୨୦୧୨ରେ ସ୍ୱାମୀ ତା ସ୍ୱପ୍ନରେ ଉଭା ହୋଇ ତାକୁ ତାଙ୍କ ଜିନିଷପତ୍ର ବସ୍‌ଷ୍ଟପ୍‌କୁ ନେବାକୁ କହିଲେ ଏବଂ ସେଠାରେ ପହଞ୍ଚି ତାକୁ ତାଙ୍କ ସହ ବସ୍‌ରେ ଯିବାକୁ କହିଲେ । ଆନନ୍ଦ ମନା କରିବାରୁ ସ୍ୱାମୀ ବସ୍ ଭିତରୁ କହିଲେ, "ତୁ ଯଦି ମୋ ସାଥିରେ ନ ଆସୁ ତେବେ ମୁଁ ଆସି ତୋତେ ନେଇଯିବି ।" ସ୍ୱପ୍ନ ଏହିଠାରେ ଶେଷ ହେଲା ଏବଂ ପରଦିନ ଆନନ୍ଦର ସାଙ୍ଗ ତା ପାଖକୁ ଆସି ବହୁତ ଅଧିକ ଦରମାରେ ବେଙ୍ଗାଲୁରେ ଏକ ଚାକିରି ବିଷୟରେ ସୂଚନା ଦେଲା । ଶ୍ୱାସ ରୋଗ ଯୋଗୁଁ ଦିନକୁ ଦିନ ଦୁର୍ବଳ ହୋଇ ପଡୁଥିବା ମାଆର ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ କରୁଥିବାରୁ ଆନନ୍ଦ ବି ଖୁସି ହେଲା । ଚାକିରିଟି ଶ୍ରୀ ସତ୍ୟସାଇ ସେବା ସଂଗଠନ ମାଧ୍ୟମରେ ବୋଲି ତା ସାଙ୍ଗ କହିଲା । ଏକଥା ଶୁଣି ଆନନ୍ଦ ଚମକି ପଡ଼ିଲା । ସ୍ୱାମୀ ତାକୁ ନେଇଯିବେ ବୋଲି ସ୍ୱପ୍ନରେ କହିଥିଲେ ।

ମାଆ ଓ ପରିବାରର ଆଶୀର୍ବାଦ ନେଇ ଆନନ୍ଦ ବେଲଗାଓଁରୁ ବେଙ୍ଗଲୁରୁ ଗଲା । ତାକୁ ପ୍ରଥମେ ଶ୍ରୀ ସତ୍ୟସାଇ ସେବା ସଂଗଠନରେ ତାଲିମ ନେବାକୁ ତାମିଲନାଡୁ ପଠାଗଲା । ଦୁଇ ମାସର ତାଲିମ ବେଳେ ସେ ସ୍ୱାମୀଙ୍କ ଉପସ୍ଥିତିର ଅନୁଭୂତି କଲା, ଯାହାର ବିଶଦ ବର୍ଣ୍ଣନା ରେଡ଼ିଓ ସାଇ ୱେବ୍‌ସାଇଟ୍‌ରେ ଅଛି ।

ତାଲିମ ପରେ ୨୦୧୩ରେ ହ୍ୱାଇଟ୍‌ଫିଲ୍‌ଡ଼ରେ ସ୍ୱାମୀଙ୍କ ଆବାସ ତ୍ରୟୀ ବୃନ୍ଦାବନରେ ତାକୁ କାମ ଦିଆଗଲା । ତାଲିମ ବେଳେ ସ୍ୱାମୀଙ୍କ ଉପସ୍ଥିତିର ଅନୁଭୂତି କରିବା ସତ୍ତ୍ୱେ ତାଙ୍କର ଦିବ୍ୟତ୍ୱ ସମ୍ବନ୍ଧରେ ଆନନ୍ଦ ନିଶ୍ଚିତ ନ ଥିଲା । ସେ ସ୍ୱାମୀଙ୍କୁ ଭଗବାନ ଭାବରେ ଗ୍ରହଣ କରିପାରିନଥିଲା; ଆଉ ବଡ଼ କଥା ହେଉଛି ଯେ ସେ ଗାଆଁରେ ଏକୁଟିଆ କଷ୍ଟ ଭୋଗୁଥିବା ରୋଗିଣୀ ମାଆ ବିଷୟରେ ଚିନ୍ତିତ ଥିଲା । ତାପରେ ଆନନ୍ଦ ସ୍ୱାମୀଙ୍କୁ ପରୀକ୍ଷା କରିବା ପାଇଁ ଠିକ୍ କରି କହିଲା, "ତୁମେ ମୋ ମାଆକୁ ଆରୋଗ୍ୟ କରିଦେଲେ ମୁଁ ତୁମକୁ ଭଗବାନ ବୋଲି ସ୍ୱୀକାର କରିବି ଏବଂ ମୋର ସାରା ଜୀବନ ତୁମ ପାଇଁ ଉତ୍ସର୍ଗ କରିଦେବି ।"

ସେ ପ୍ରତି ରାତିରେ ତ୍ରୟୀ ବୃନ୍ଦାବନରେ ପରିକ୍ରମା କରିବାକୁ ଲାଗିଲା । ସେ ସ୍ୱାମୀଙ୍କୁ କହିଲା, 'ମୁଁ ତୁମକୁ ଆଉ ପାଞ୍ଚ ଦିନ ଦେଉଛି । ତାପରେ ମୋ ମାଆ ଭଲ ନ ହେଲେ ମୁଁ ତୁମକୁ ଠକ ବୋଲି ଭାବିବି ।' ସେ ଆଉ ଚାରିଦିନ ପରିକ୍ରମା କଲା । ପଞ୍ଚମ ଦିନ ଥିଲା ଗୁରୁବାର । ଆନନ୍ଦ ହତୋତ୍ସାହିତ ଓ କ୍ରୋଧିତ ହୋଇ ସ୍ୱାମୀଙ୍କୁ ଗାଳିଦେବାକୁ ଲାଗିଲା । ସେତେବେଳେ ସେ ହଠାତ୍ କ'ଣ ଗୋଟିଏ ଛାଇରେ ଯାଉଥିବାର ଦେଖିଲା । ସେ ଡରିଗଲା ଓ ଶୀଘ୍ର ଶୀଘ୍ର ଚାଲିଲା । ସେ ଶୀଘ୍ର ଶୀଘ୍ର ପଳାଇଯିବା ବେଳେ ଏକ ସ୍ୱର ଶୁଣିଲା, "ବାଙ୍ଗାରୁ, ରହ ।"

ସେ ସ୍ୱରକୁ ଉପେକ୍ଷା କରିବାକୁ ଚେଷ୍ଟା କରି ଯିବାକୁ ଲାଗିଲା; କିନ୍ତୁ ସ୍ୱର ପୁଣି ଉଚ୍ଚ ହୋଇ ତାକୁ ଡାକିଲା । ସେ ଅଟକି ଯାଇ ବୁଲି ପଡ଼ିଲା ଓ ଆଶ୍ଚେଇ ପଡ଼ିଲା । ସେ ସ୍ୱାମୀଙ୍କୁ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଚାହୁଁଥିବାର ଦେଖିଲା । ତା ମାଆ ଠିକ୍ ହୋଇଯିବ ବୋଲି ଆଶ୍ୱାସନା ଦେଇ ସ୍ୱାମୀ ଉଭେଇ ଗଲେ । ପରଦିନ ମାଆ ତାକୁ ଫୋନ୍ କରି ସେ ହଠାତ୍ ପୂରାପୂରି ଠିକ୍ ହୋଇଗଲେ ବୋଲି କହିଲା । ଆନନ୍ଦ ଏବେ ସ୍ୱାମୀଙ୍କ ଦିବ୍ୟତ୍ୱ ବିଷୟରେ ନିଶ୍ଚିତ ହେଲା ଏବଂ ତାପରେ ତାର ବିଶ୍ୱାସ ଦୃଢ଼ ହେଲା ।

ମୁଁ ତ୍ରୟୀ ବୃନ୍ଦାବନ ଯାଇ ଆନନ୍ଦକୁ ଭେଟିଥିଲି । ମୁଁ ଏକଥା ବିଷୟରେ ତାକୁ ପଚାରିଥିଲି । ଶେଷରେ ଆନନ୍ଦ ସଶରୀରରେ ସ୍ୱାମୀଙ୍କ ଦର୍ଶନ ପାଇଥିବା ବିଷୟରେ ମୁଁ

ନିଶ୍ଚିତ ହେଲି । ପ୍ରିୟ ପାଠକମାନେ, ଏ ବହିରେ ମୁଁ ଅନେକ ଥର କହିଛି ଯେ ସ୍ୱାମୀଙ୍କର ଏତାଦୃଶ କାର୍ଯ୍ୟ ପାଇଁ ମୋ ପାଖରେ କିଛି କୈଫିୟତ ନାହିଁ । ତାଙ୍କୁ କ୍ୱଚିତ ଜାଣିଥିବା ଲୋକମାନଙ୍କୁ ସେ ଦିବ୍ୟ ଦର୍ଶନ ଦିଅନ୍ତି । କିନ୍ତୁ ତାଙ୍କର ଅନେକ ପରମ ଭକ୍ତ ଏହି ଆଶୀର୍ବାଦ ପାଇନାହାନ୍ତି । ଏହି ରହସ୍ୟ ପଛରେ ନିଶ୍ଚୟ କିଛି ପୂର୍ବଜନ୍ମର କର୍ମ ଥିବ ।

ଓଁ ଜୟ ସାଇରାମ !

"ଭଗବାନଙ୍କୁ ତୁମର ମାତା, ପିତା, ବନ୍ଧୁ ଓ ସର୍ବସ୍ୱ ମନେକର । ସେ ପ୍ରତ୍ୟେକ ବ୍ୟକ୍ତିର ମାତା, ପିତା, ବନ୍ଧୁ, ସଖା, ଜ୍ଞାନ ଓ ଧନ । ଏକମାତ୍ର ସ୍ଥାୟୀ ବନ୍ଧୁ ହେଉଛନ୍ତି ଭଗବାନ । ତୁମେ ପ୍ରକୃତ ପ୍ରେମର ଅନୁଭୂତି କରିବାକୁ ଚାହୁଁଥିଲେ ଭଗବାନଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ରଖ । ଭଗବାନଙ୍କ ପ୍ରେମ ସ୍ଥିର । ଏହା କଦାପି ହ୍ରାସ ପାଏ ନାହିଁ । ତୁମେ ଯେତେ ମାତ୍ରାରେ କଷ୍ଟ ଭୋଗିପାର, ତଥାପି ତୁମେ ଭଗବାନଙ୍କର । ତୁମେ ତାଙ୍କର ଓ ସେ ତୁମର । ତୁମେ ଓ ଭଗବାନଙ୍କ ମଧ୍ୟରେ କୌଣସି ତୃତୀୟ ବ୍ୟକ୍ତି ଆସିପାରିବ ନାହିଁ । ଭଗବାନ ହିଁ ତୁମର ପ୍ରକୃତ ବନ୍ଧୁ । ତୁମେ ତାଙ୍କୁ ଭୁଲିଯାଇପାର, କିନ୍ତୁ ସେ କଦାପି ତୁମକୁ ଭୁଲିବେ ନାହିଁ । ତୁମର ମୃତ୍ୟୁ ପରେ ବି ସେ ତୁମ ସହ ରହିବେ । ଜଣେ ଭଗବାନଙ୍କୁ ତୁମର ପ୍ରକୃତ ବନ୍ଧୁ ମନେ କର । ଶେଷରେ ତୁମେ ତାଙ୍କ ସହ ଏକ ହେବ । ଭଗବାନ ତୁମର ପ୍ରକୃତ ବନ୍ଧୁ, ତାହା ହିଁ ସତ୍ୟ । ଏତାଦୃଶ ଦୃଢ଼ ଆସ୍ଥା ରଖ । ତେବେ ଭଗବାନ ସର୍ବଦା ତୁମ ଯତ୍ନ ନେବେ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ୩୭ତମ ଭାଗ

ଅଧ୍ୟାୟ : ୩୮

ଭଗବାନ ବିଭିନ୍ନ ପ୍ରକାରେ ପ୍ରାର୍ଥନାର ଉତ୍ତର ଦିଅନ୍ତି

'ବିଭୂତି କେବଳ ଭସ୍ମକୁ ବୁଝାଏ ନାହିଁ । ଏହା ଭଗବାନଙ୍କ ପ୍ରତ୍ୟେକ ଈଶ୍ୱରୀୟ ଗୁଣ ପାଇଁ ପ୍ରଯୁଜ୍ୟ । ଏହା ଭଗବାନଙ୍କର ପ୍ରତ୍ୟେକ ଶକ୍ତିକୁ ସୂଚିତ କରିଥାଏ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୩୧ତମ ଭାଗ

ସ୍ୱାମୀଙ୍କ ଚମତ୍କାର ଏତେ ଅଧିକ ଯେ ସବୁଗୁଡ଼ିକୁ ବର୍ଣ୍ଣନା କରିବା କଷ୍ଟକର । ବାସ୍ତବରେ ସ୍ୱାମୀଙ୍କ ଭକ୍ତମାନଙ୍କ ଜୀବନରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ରୂପରେ ଅନେକ ଛୋଟ ଛୋଟ ଅଲୌକିକ ଘଟଣା ଘଟିଚାଲିଛି । ଲୋକମାନଙ୍କୁ ପ୍ରେରଣା ଯୋଗାଇବା ଏବଂ ସେମାନଙ୍କର ବିଶ୍ୱାସକୁ ଦୃଢ଼ କରିବାର ଆଶା ହିଁ ସେମାନଙ୍କ ସହ ଏହି ଚମତ୍କାରଗୁଡ଼ିକୁ ବାଣ୍ଟିବାର ଏକମାତ୍ର ଉଦ୍ଦେଶ୍ୟ । ଯେ ଭକ୍ତ ନୁହେଁ ତାକୁ ଏଗୁଡ଼ିକ ଅବିଶ୍ୱସନୀୟ କିମ୍ୱା ବିରକ୍ତିକର ଲାଗିପାରେ । ସନ୍ଦେହୀମାନେ ଏଥିରେ ହସିବେ ଏବଂ ଏହାକୁ ଚମତ୍କାରର ନାମ ଦିଆଯାଇଥିବା କାକତାଳୀୟ ନ୍ୟାୟ ବୋଲି କହିବେ । ଆମ ସାଇଭକ୍ତମାନଙ୍କ ପାଇଁ ସେଗୁଡ଼ିକ କାକତାଳୀୟ ନ୍ୟାୟ ନୁହେଁ, କାରଣ ସେଗୁଡ଼ିକ ବାରମ୍ୱାର ଘଟିଚାଲିଛି ଏବଂ କେତେକ ପ୍ରସଙ୍ଗରେ ଆମେ ସେଗୁଡ଼ିକୁ ତାଙ୍କର ଚମତ୍କାର ବୋଲି ଗ୍ରହଣ କରିଥାଉ ।

ଆଗକାଳରେ ପୁଟ୍ଟପର୍ତ୍ତି ଯିବାବେଳେ ଆମେ ବେଙ୍ଗଲୁରୁ ଯାଏ ଟ୍ରେନ୍‌ରେ ଯାଇ ସେଠାରୁ ପୁଟ୍ଟପର୍ତ୍ତି ପାଇଁ ଏକ ଘରୋଇ ଟ୍ୟାକ୍ସି ଯୋଗାଡ଼ କରୁଥିଲୁ । ସେମିତି ଏକ ଘଟଣାକ୍ରମରେ ଆମେ ରେଳରୁ ଓହ୍ଲାଇଲୁ ଏବଂ ଟ୍ୟାକ୍ସି ଚାଳକ ଆମକୁ ନେଇ ଟ୍ୟାକ୍ସିଯାଏ ଆସିଲା । ସେ ଯେତେବେଳେ କାର୍‌ର ଦୁଆର ଖୋଲିବା ପାଇଁ ଚେଷ୍ଟା କଲା, କିଛି ବିଚିତ୍ର କାରଣ ପାଇଁ କାର୍‌ର ଦୁଆର ଖୋଲିଲା ନାହିଁ । ସେ ଚାବି ଲଗାଇ ତାକୁ ଖୋଲିବା ପାଇଁ ଚେଷ୍ଟା କଲା, ଚାବି ବାହାର କରି ପୁଣି ବାରମ୍ୱାର ଚେଷ୍ଟା କଲା, କିନ୍ତୁ ଦୁଆର ଖୋଲିଲା ନାହିଁ । ସେଥିପାଇଁ ଆମେ କାର୍ ଭିତରକୁ ପଶି ପାରିଲୁ ନାହିଁ ଏବଂ ଆମକୁ ବାହାରେ ଅପେକ୍ଷା କରିବା ପାଇଁ ପଡ଼ିଲା । ସେ ସେଠାରେ ଥିବା ଅନ୍ୟ କେତେକ ଗାଡ଼ି ଚାଳକଙ୍କୁ ଡାକିଲା ଏବଂ ସେମାନେ ମଧ୍ୟ ଚେଷ୍ଟା କଲେ । କିନ୍ତୁ ଦୁଆର ଖୋଲିଲା

ନାହିଁ । ଏମିତି ପ୍ରାୟ ୧୦-୧୫ ମିନିଟ୍ ଯାଏ ଚାଲିବା ପରେ ହଠାତ୍ ମୋତେ ଲାଗିଲା, 'ସ୍ୱାମୀଙ୍କୁ ପ୍ରାର୍ଥନା କରି ତାଙ୍କ ବିଭୂତି ବ୍ୟବହାର ନ କରିବା କାହିଁକି ?' ଗାଡ଼ିଚାଳକ, ସାହାଯ୍ୟ ପାଇଁ ଅନ୍ୟ କାହାକୁ ଡାକିବା ପାଇଁ ବାହାରକୁ ଯାଇଥିବାବେଳେ ଏବଂ ଅନ୍ୟ କେହି ଦେଖୁନଥିବା ବେଳେ, ମୋ ପର୍ସରେ ଥିବା ଏକ ଛୋଟ ପୁଡ଼ିଆରୁ ଅଛ କିଛି ବିଭୂତି ନେଇ ସ୍ୱାମୀଙ୍କୁ ପ୍ରାର୍ଥନା କରି ଗାଡ଼ିଚାଳକ ପାଖ କାର୍ ଦୁଆରରେ ବିଞ୍ଚିଦେଲି । ତାପରେ କାର୍‌ଚାଳକକୁ ଫେରି ଆସିବାକୁ ଡାକିଲି ଏବଂ ଏବେ ପୁଣି ଥରେ ଚେଷ୍ଟା କରି ଦେଖିବାକୁ କହିଲି । ସେ ପୁଣି ଥରେ ଚେଷ୍ଟା କଲା । ବାଃ - ଦରଜା ଖୋଲିଗଲା । ସେ ଆଶ୍ଚର୍ଯ୍ୟଚକିତ ହୋଇଗଲା, କାରଣ ଦୁଆର ଖୋଲିବାକୁ ସେ ଅନେକ ସମୟ ଧରି ସଂଘର୍ଷ ଜାରି ରଖିଥିଲା । ସେ ମୋତେ ପଚାରିଲା, "ଏହା କିପରି ହେଲା ?" ମୁଁ କେବଳ ହସିଲି ଏବଂ ଏହା ସ୍ୱାମୀଙ୍କର ଅନୁଗ୍ରହ ବୋଲି କହିଲି ।

ଆମେ ଲୋକମାନଙ୍କୁ ଏହିପରି ଘଟଣାଗୁଡ଼ିକ ବିଷୟରେ କହିଲେ, ତାହା ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଥାଏ । କିଛି ଲୋକ କହନ୍ତି, 'ଏପରି ଛୋଟ ଛୋଟ ଜିନିଷ ପାଇଁ ତୁମେ ସ୍ୱାମୀଙ୍କୁ ପ୍ରାର୍ଥନା କରିବା ଉଚିତ କି ? ଆମେ କେବଳ ଅନ୍ୟମାନଙ୍କ ପାଇଁ ସ୍ୱାମୀଙ୍କୁ ପ୍ରାର୍ଥନା କରିବା ଉଚିତ, ନିଜ ପାଇଁ ନୁହେଁ ।' ମୁଁ ଏପରି ଦୃଷ୍ଟିକୋଣ ସହ ଏକମତ ନୁହେଁ, କାରଣ ମଣିଷ ହିସାବରେ ଆମେ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରୁ ଆଗକୁ ବଢ଼ିବାକୁ ସକ୍ଷମ ହୋଇ ପାରୁନାହିଁ, ଏମିତି ଛୋଟ ଛୋଟ ଜିନିଷ ପାଇଁ ମଧ୍ୟ ପ୍ରାର୍ଥନା କରିବାରେ କିଛି ଭୁଲ ଥାଇପାରେ ବୋଲି ମୁଁ ଭାବୁନାହିଁ । ମୋ ପାଇଁ ଏହି ଚମତ୍କାରଗୁଡ଼ିକ ଈଶ୍ୱରଙ୍କର ସର୍ବବିଦ୍ୟମତ୍ତା ଏବଂ ସର୍ବଶକ୍ତିମତ୍ତାର ପ୍ରଦର୍ଶନ । ସେଥିପାଇଁ ମୋ ମତରେ, ଆମେ ବ୍ୟକ୍ତିଗତ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ପାଇଁ ପ୍ରାର୍ଥନା କରିପାରିବା । ତଥାପି ଏହା ସ୍ୱୀକାର୍ଯ୍ୟ ଯେ ଅନ୍ୟ କାହାପାଇଁ ପ୍ରାର୍ଥନା କରିବା ଭଲ, କାରଣ ଏଗୁଡ଼ିକ ନିଃସ୍ୱାର୍ଥ ଏବଂ ଏହାର ଫଳାଫଳ ଦ୍ରୁତତର ଏବଂ ନାଟକୀୟ ଭଙ୍ଗୀରେ ହୋଇଥାଏ ।

ଅବଶ୍ୟ ବିଭୂତି ରୋଗ ଆଦି ଭଲ କରୁଥିବାର ଅନେକ ଦୃଷ୍ଟାନ୍ତ ମଧ୍ୟ ଅଛି, ଯାହା ମୁଁ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ବର୍ଣ୍ଣନା କରିବି । ମୁଁ ଏହି ଅଧ୍ୟାୟକୁ ଏକ ଚମକପ୍ରଦ ସୁନ୍ଦରମ୍ ବିଭୂତି ଚମତ୍କାରିତା ସହ ଶେଷ କରିବି । ଏହା ରେମା ଅସୁସ୍ଥ ଥିବା ବେଳେ ସମସ୍ତଙ୍କ ପାଇଁ ଏକ ଯନ୍ତ୍ରଣାଦାୟକ ସମୟର କଥା । ଏକ ଗୁରୁବାର ଦିନ ଅଞ୍ଜୁ, ଦୁଇ ବର୍ଷର ପୁଅ ପ୍ରଣବ ଏବଂ ଚାକରାଣୀ ଚନ୍ଦ୍ରଲେଖା ସୁନ୍ଦରମ୍‌କୁ ପ୍ରାର୍ଥନା ପାଇଁ ଯାଇଥିଲେ । ମୁଖ୍ୟ ପ୍ରାର୍ଥନା କକ୍ଷକୁ ଯିବା ପରେ ସେମାନେ ସୁନ୍ଦରମ୍‌ରେ ଥିବା ଶିରଡ଼ି ସାଇ ମନ୍ଦିରରେ

ପ୍ରାର୍ଥନା କରିଥିଲେ । ପ୍ରାର୍ଥନା ପରେ, ସେ ତିନିଜଣ ମନ୍ଦିର ଚାରିପାଖରେ ଚାଲୁଥିବାବେଳେ ଧଳା ସାର୍ଟ ଏବଂ ଧଳା ଧୋତି ପିନ୍ଧିଥିବା ଜଣେ ବୃଦ୍ଧଙ୍କୁ ଦେଖିବାକୁ ପାଇଲେ । ସେ ଅଞ୍ଜୁ ପାଖକୁ ଆସି, ଦୁଇହାତ ବଢ଼ାଇ ଖଣ୍ଡିଏ ଧଳାକାଗଜରେ ତାଙ୍କୁ କିଛି ବିଭୂତି ଦେଇ କହିଲେ, 'ଏହା ତୁମ ମା'ଙ୍କ ପାଇଁ, ଏହାକୁ ମୁଁ ତୁମକୁ ଦେବାକୁ ଭାବିଲି ।' ଅଳ୍ପ କେତେ ମିନିଟ୍ ମଧ୍ୟରେ ଏହା ସବୁ ଘଟିଗଲା । ଅଞ୍ଜୁ ହାତରେ ଥିବା ବିଭୂତିକୁ ଚାହିଁ ତାଙ୍କୁ ଧନ୍ୟବାଦ ଜଣାଇବାକୁ ତାଙ୍କ ଆଡ଼କୁ ଚାହିଁଲା । ସେ ଚାଲି ଯାଇଥିଲେ । ପ୍ରିୟ ପାଠକଗଣ, ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ସୁନ୍ଦରମ୍ ଯାଇଛନ୍ତି, ସେମାନେ ଜାଣନ୍ତି ଯେ ଶିରଡ଼ି ସାଇ ମନ୍ଦିର ଏକ ଖୋଲା ସ୍ଥାନରେ ଅବସ୍ଥିତ ଏବଂ ଆପଣ ଆଖପାଖର ସବୁ ଲୋକଙ୍କୁ ଦେଖିପାରିବେ । କିନ୍ତୁ କ୍ଷଣକ ପୂର୍ବରୁ ସେଠାରେ ଥିବା ବ୍ୟକ୍ତିଜଣକ ସେଠାରେ ଆଉ ନ ଥିଲେ । ଏହା କୌଣସି ପ୍ରକାରର ମତିଭ୍ରମ ନୁହେଁ ବୋଲି ନିଶ୍ଚିତ କରିବାକୁ ଅଞ୍ଜୁ ଚାକରାଣୀ ଆଡ଼କୁ ଚାହିଁଲା । ଚାକରାଣୀ ମଧ୍ୟ ତାଙ୍କୁ ଦେଖିଥିଲା । ଅଧିକନ୍ତୁ ଅଞ୍ଜୁ ହାତରେ ବିଭୂତି ରହିଥିଲା । କହିବା ବାହୁଲ୍ୟ ଯେ ସେଇ ବିଭୂତି ରେମାଙ୍କୁ ବହୁ ମାତ୍ରାରେ ସାହାଯ୍ୟ କଲା ଏବଂ ତାଙ୍କୁ ଯନ୍ତ୍ରଣାରୁ ବହୁତ ଆରାମ ଦେଲା ।

ବର୍ଷ ବର୍ଷ ଧରି ଅନେକ ଭିନ୍ନ ଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଁ ବିଭୂତି ବ୍ୟବହାର କରିବା ଆରମ୍ଭ କରିଛି ଏବଂ ମୁଁ ନିଶ୍ଚିତ ଯେ ପ୍ରତ୍ୟେକ ଥର ସ୍ୱାମୀ ତାଙ୍କ ଚମତ୍କାରିତା ବଳରେ ସମସ୍ୟାଗୁଡ଼ିକର ସମାଧାନ କରିଛନ୍ତି ଯାହାକୁ ଆମେ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଦେଖିବାକୁ ପାଇବା ।

ଓଁ ଜୟ ସାଇରାମ !

> *"ମୋର ଚମତ୍କାର ପ୍ରଦର୍ଶନ ମୋ ଦିବ୍ୟତ୍ୱର ପ୍ରମାଣ । ଲୋକମାନଙ୍କ ପ୍ରତି ମୋର ପ୍ରେମକୁ ସେମାନଙ୍କର ହୃଦ୍‌ବୋଧ କରାଇବା ପାଇଁ ଏବଂ ପ୍ରତିବଦଳରେ ସେମାନଙ୍କ ଭକ୍ତି ସୁରକ୍ଷିତ କରିବା ପାଇଁ, ଏହା ମୋର ଏକ ପ୍ରକାରର 'ପରିଚୟ ପତ୍ର' । ଯେହେତୁ ମୋ ପ୍ରେମର କୌଣସି ଆକାର ନାହିଁ, ମୋ ପ୍ରେମର ପ୍ରମାଣ ସ୍ୱରୂପ ମୁଁ ବିଭିନ୍ନ ପଦାର୍ଥ ସୃଷ୍ଟି କରିଥାଏ । ଏହା ସାଙ୍କେତିକ ମାତ୍ର ।"*
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା,**
> **ସ୍ପିରିଟ୍ ଏଣ୍ଡ୍ ମାଇଣ୍ଡ୍**

ଅଧ୍ୟାୟ : ୩୯
ଚିକିତ୍ସା ସହ ଆଧ୍ୟାତ୍ମିକତାର ମିଶ୍ରଣ

'କେବଳ ମୋ ଅନୁଗ୍ରହ ମାଧ୍ୟମରେ ଉନ୍ନତି ସମ୍ଭବ ବୋଲି ତୁମେ କହିପାର । କିନ୍ତୁ ଯଦିଓ ମୋ ହୃଦୟ ନବନୀତ ପରି କୋମଳ, ତୁମ ପ୍ରାର୍ଥନାର ଉଷ୍ମତା ବଳରେ ହିଁ ଏହା ତରଳିପାରେ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ପଞ୍ଚଦଶ ଭାଗ

ଜଣେ ଡାକ୍ତର ଏବଂ ଅଧିକନ୍ତୁ ଜଣେ ବୈଜ୍ଞାନିକ ହୋଇ ମଧ୍ୟ ମୁଁ କିପରି ଚମତ୍କାରିତାକୁ ବିଶ୍ୱାସ କରିପାରୁଛି ବୋଲି ଲୋକମାନେ ପ୍ରାୟତଃ ମୋତେ ପଚାରିଥାନ୍ତି । ଚମତ୍କାରିତାକୁ ଗ୍ରହଣ କରିବା ଯୁକ୍ତିଯୁକ୍ତ କି ବୋଲି ସେମାନେ ପଚାରନ୍ତି । ବାସ୍ତବରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଚମତ୍କାରିତାର ଘୋର ବିରୋଧୀ ଏବଂ ସେମାନଙ୍କର ତା ଉପରେ କୌଣସି ବିଶ୍ୱାସ ନାହିଁ । ଚିନିକୁ ନ ଚାଖିବା ପର୍ଯ୍ୟନ୍ତ ତୁମେ ତାର ମଧୁରତା ଜାଣି ପାରିବ ନାହିଁ ବୋଲି ସ୍ୱାମୀ ସର୍ବଦା କହିଆସିଛନ୍ତି । ମଧୁରତା ବିଷୟରେ ବିଶଦ ବର୍ଣ୍ଣନା କରି ଚିନିର ସ୍ୱାଦ ଜାଣିବା ସମ୍ଭବ ହୋଇପାରିବ ନାହିଁ । କିନ୍ତୁ ଥରେ ଚିନିର ସ୍ୱାଦ ଚାଖିଲେ, ପ୍ରକୃତରେ ମଧୁରତା କଣ, ତାହା ତୁମେ ଜାଣିପାରିବ । ଚମତ୍କାରିତା ମଧ୍ୟ ସମାନ ଧରଣର । ଏହା ବିଷୟରେ ଯେତେ କହିଲେ ବା ପଢ଼ିଲେ ମଧ୍ୟ ତାର ପ୍ରତ୍ୟକ୍ଷ ଅନୁଭୂତି ସହ ଏହା ସମାନ ହେବ ନାହିଁ ।

ପୁନଶ୍ଚ, ଜଣେ ବିଶେଷଜ୍ଞ ହିସାବରେ, ମୁଁ ମୋ ଚିକିତ୍ସା ପଦ୍ଧତି ସହ ଆଧ୍ୟାତ୍ମିକତାକୁ ଯୋଡ଼ିଥାଏ କି ବୋଲି ଲୋକମାନେ ମୋତେ ପଚାରିଥାନ୍ତି । ମୋ ଉତ୍ତର ଅତ୍ୟନ୍ତ ସରଳ । ଗୋଟିଏ ଅନ୍ୟଟି ସହ ପ୍ରତିଯୋଗିତା କରୁଥିବା ପରି ନୁହେଁ । ମଣିଷ ହିସାବରେ ଆମେ ସର୍ବୋତ୍ତମ କାର୍ଯ୍ୟ କରିବା ଉଚିତ ବୋଲି ଏହି ପୁସ୍ତକରେ ମୁଁ ଅନେକଥର ଉଲ୍ଲେଖ କରିଛି । ସ୍ୱୀୟ ଜ୍ଞାନ କିମ୍ବା ଶାରୀରିକ କିମ୍ବା ମାନସିକ ଦକ୍ଷତା ବଳରେ ଆମେ ଅନେକ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିପାରୁ । କିନ୍ତୁ ଆମ ଶକ୍ତିର ସୀମା ବାହାରେ ଏପରି ଅନେକ ଉଦାହରଣ ଅଛି, ଯାହା ପାଇଁ ଏବଂ ବିଶେଷକରି ତାହା ଅନ୍ୟ କାହାକୁ ସାହାଯ୍ୟ କରିବା ପାଇଁ ହୋଇଥିଲେ, ଭଗବାନଙ୍କ ଆଡ଼କୁ ପ୍ରାର୍ଥନାର ହାତ ବଢ଼ାଇବାରେ କୌଣସି ଭୁଲ ନାହିଁ, ଏହା ମୋର ବିନମ୍ର ମତ ।

ଦୁଇଟି ଘଟଣାରେ ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କରି ତାଙ୍କର କିଛି ବିଭୂତି ଦେଇ ଯାହା ଚମତ୍କାର ସିଦ୍ଧ ହେଲା, ସେ ବିଷୟରେ ଏହି ଅଧ୍ୟାୟରେ ବର୍ଣ୍ଣନା କରିବି । କିଛି ବର୍ଷ ପୂର୍ବେ ଜଣେ ମଧ୍ୟବୟସ୍କା ମହିଳା ମୋ ସହ ପରାମର୍ଶ ପାଇଁ ଆସିଥିବା କଥା ମୋର ମନେ ପଡୁଛି । ଏହା ସ୍ୱାମୀଙ୍କ ସଶରୀରରେ ଥିବା ସମୟର କଥା । ସେ ଅତ୍ୟନ୍ତ ଅବସାଦଗ୍ରସ୍ତ ଥିଲେ ଏବଂ ମୋ ଦ୍ୱାରା ନିର୍ଦ୍ଧାରିତ ଅଧିକ ମାତ୍ରାର ଔଷଧ ସେବନ କରି ମଧ୍ୟ ତାଙ୍କର ରକ୍ତଶର୍କରା ନିୟନ୍ତଣାଧୀନ ରହୁ ନ ଥିବା କଥା ମୁଁ ଲକ୍ଷ୍ୟ କରିଥିଲି । କିଛି ପାରିବାରିକ ସମସ୍ୟା ତାଙ୍କୁ ଅତ୍ୟଧିକ ଚିନ୍ତାଗ୍ରସ୍ତ କରୁଥିଲା ବୋଲି ତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରି ମୁଁ ଜାଣିବାକୁ ପାଇଲି । ମୁଁ ତାଙ୍କ ମନରେ ବିଶ୍ୱାସ ଜନ୍ମାଇବା ପରେ, ତାଙ୍କ ଝିଅର ବାହାଘରକୁ ଦୀର୍ଘ ୧୨ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାର କୌଣସି ସନ୍ତାନ ନ ହେବା ତାଙ୍କ ଚିନ୍ତାର କାରଣ ବୋଲି ସେ କାନ୍ଦି କାନ୍ଦି କହିଲେ । ଏହା ତାର ପାରିବାରିକ ଜୀବନକୁ ପ୍ରଭାବିତ କରିବାକୁ ଲାଗିଲାଣି ଏବଂ ଶାଶୂଘର ଲୋକେ ତାର ବନ୍ଧ୍ୟାତ୍ୱ ପାଇଁ ତାକୁ ଦୋଷ ଦେଉଛନ୍ତି । ଏକଥା ଶୁଣି ମୁଁ ଦୁଃଖାଭିଭୂତ ହୋଇଗଲି ଏବଂ ତାଙ୍କ କଥା ଧୈର୍ଯ୍ୟ ସହକାରେ ଶୁଣି ସାରିବା ପରେ, 'ମୁଁ ତାଙ୍କୁ ଯାହା କରିବା ପାଇଁ କହିବି, ସେ କରିବେ କି?' ବୋଲି ପଚାରିଲି । ସେ ରାଜି ହୋଇଗଲେ । ମୁଁ ତାଙ୍କୁ ନିମ୍ନଲିଖିତ ପ୍ରକାରେ କରିବା ପାଇଁ କହିଲି -

୧. ମୁକ୍ତ ହୃଦୟରେ ସେ ଏକ ବ୍ୟକ୍ତିଗତ ପତ୍ର ଆମର ପ୍ରିୟ ଭଗବାନଙ୍କୁ ଲେଖିବେ ଏବଂ ପତ୍ରଟିରେ ଝିଅର ସନ୍ତାନପ୍ରାପ୍ତି ପାଇଁ ତାଙ୍କ ଅନୁଗ୍ରହ ଭିକ୍ଷା କରିବେ ।

୨. ମୁଁ ତାଙ୍କୁ କିଛି ବିଭୂତି ପୁଡ଼ିଆ ଦେଇ ଝିଅକୁ ଦେବା ପାଇଁ କହିଲି ଏବଂ ପ୍ରତିଦିନ ସକାଳେ ଏବଂ ରାତିରେ ବିଭୂତିକୁ ଅଳ୍ପ ପାଣିରେ ମିଶାଇ ପିଇବା ପାଇଁ ବତାଇଲି ।

୩. ମୁଁ ମଧ୍ୟ ତାଙ୍କୁ ସ୍ୱାମୀଙ୍କର ଛବି ଦେଇ, ସେ ଓ ତାଙ୍କ ଝିଅ ପ୍ରତିଦିନ ବାବାଙ୍କୁ ଦୃଢ଼ ଭାବରେ ପ୍ରାର୍ଥନା କରିବା ପାଇଁ କହିଲି ।

ମୋର ଏହି ପରାମର୍ଶ ପରେ ତାଙ୍କ ଚିନ୍ତାର ଉପଶମ ହେଲା । ତିନି ମାସ ପରେ ଉକ୍ତ ରୋଗୀଙ୍କୁ ମୁଁ ପୁଣି ଥରେ ଦେଖିଲି । ରୋଗୀଜଣକ ଅତ୍ୟନ୍ତ ଉଲ୍ଲସିତ ଥିବା ପରି ମୋତେ ଲାଗିଲା । ସେ ମୋ କୋଠରିରେ ପ୍ରବେଶ କରି ମୋ ପାଦ ଛୁଇଁଲେ । ପୂର୍ବର ଘଟଣାଟିକୁ ମୁଁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଥିବାରୁ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିଲି । ଲୁହଭରା ଆଖିରେ ସେ ପୂର୍ବକଥା ମନେ ପକାଇଦେଇ କହିଲେ, "ଡାକ୍ତର ବାବୁ! ମୋ ଝିଅ ଗର୍ଭବତୀ ହୋଇଛି । ଆପଣଙ୍କୁ କିପରି ଭାବରେ ଧନ୍ୟବାଦ ଦେବି ଜାଣି ପାରୁନାହିଁ । ଏତେବେଳେ ଯାଇ ତିନି ମାସ ପୂର୍ବେ ଘଟିଥିବା ଘଟଣାଟିକୁ ମୁଁ ସମ୍ପୂର୍ଣ୍ଣ ମନେପକାଇ

ପାରିଲି ଏବଂ ତାଙ୍କୁ କହିଲି, "ଦେଖ, ଏଥିରେ ମୋର କିଛି ହାତ ନ ଥିଲା, ମୁଁ ସ୍ୱାମୀଙ୍କ ଉପକରଣ ମାତ୍ର ଥିଲି । ମୁଁ ଆପଣଙ୍କୁ କରିବାକୁ କହିଥିବା ସମସ୍ତ କଥା କରିଥିଲେ କି ?" ସେ କହିଲେ, "ହଁ ଡାକ୍ତର ବାବୁ ! ଆମେ ସବୁ କରିଥିଲୁ ।" ମୁଁ ତାଙ୍କୁ କହିଲି, "ଏହା ସମ୍ପୂର୍ଣ୍ଣ ଭାବରେ ସ୍ୱାମୀଙ୍କ ଅନୁଗ୍ରହ । ବୋଧହୁଏ ଆପଣ ତାଙ୍କ ଆଡ଼କୁ ଡ଼ାକି ତାଙ୍କୁ ପ୍ରାର୍ଥନା କରିବା ଯାଏ ସେ ଅପେକ୍ଷାରେ ଥିଲେ ଏବଂ ଆପଣ ତାହା କରିବା ମାତ୍ରେ, ସେ ଆପଣଙ୍କ ଉପରେ ଅନୁଗ୍ରହର ବର୍ଷା କରିଛନ୍ତି ।" ପିଲା ଜନ୍ମ ହେବା ପରେ ତାଙ୍କୁ ସାଥିରେ ନେଇ, ସମ୍ପୂର୍ଣ୍ଣ ପରିବାର ପୁଟ୍ଟପର୍ତ୍ତି ଯାଇ ଭଗବାନ ବାବାଙ୍କୁ ତାଙ୍କର ଅସୀମ ପ୍ରେମ ଏବଂ ଅନୁଗ୍ରହ ପାଇଁ କୃତଜ୍ଞତା ଜଣାଇବାକୁ ମୁଁ ତାଙ୍କୁ ଅନୁରୋଧ କଲି । ଅବଶ୍ୟ ସେ ପିଲାଟିକୁ ସାଥିରେ ପୁଟ୍ଟପର୍ତ୍ତି ନେଇ ସ୍ୱାମୀଙ୍କ ଆଶୀର୍ବାଦ ଲାଭ କରିଥିଲେ । ଭଗବାନ ବାବାଙ୍କ ଅନୁଗ୍ରହକୁ ଅଶେଷ ଧନ୍ୟବାଦ, ତାଙ୍କ ପ୍ରେମ ବଳରେ ସମଗ୍ର ପରିବାରଟି ରୂପାନ୍ତରିତ ହୋଇଯାଇଛି ।

ମୋର ଜଣେ ସହକର୍ମୀଙ୍କ ସମ୍ପର୍କୀୟଙ୍କ ସହ ମଧ୍ୟ ସମାନ ଧରଣର ଘଟଣା ଘଟିଥିଲା । ଏହି ସହକର୍ମୀଜଣକ ବଡ଼ ବିବ୍ରତ ଅବସ୍ଥାରେ ମୋ ପାଖକୁ ଆସିଲେ । ତାଙ୍କ ଦୁଃଖର କାରଣ ପଚାରିବାରୁ ସେ ଏକା ପ୍ରକାର କାହାଣୀଟିଏ ବର୍ଣ୍ଣନା କଲେ । ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଥିବା ତାଙ୍କ ନଣନ୍ଦର ଅନେକ ବର୍ଷ ପୂର୍ବେ ବିବାହ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସନ୍ତାନଟିଏ ନ ଥିବା କାରଣରୁ ତାଙ୍କ ପରିବାର ବିବ୍ରତ ଅବସ୍ଥାରେ ରହୁଥିଲେ । ମୁଁ ତାଙ୍କୁ ବିଭୂତି, ସ୍ୱାମୀଙ୍କର ଗୋଟିଏ ଛବି ଏବଂ ତାଙ୍କର ଗୋଟିଏ ବହି ଦେଇ ନଣନ୍ଦଙ୍କ ପାଖକୁ ପଠାଇଦେବାକୁ କହିଲି । ସେହିଦିନଠାରୁ ତାଙ୍କ ନଣନ୍ଦ, ଭଗବାନ ବାବାଙ୍କ ଅନୁଗ୍ରହ ପ୍ରାପ୍ତି ପାଇଁ ପ୍ରାର୍ଥନା କରିବାକୁ ଏବଂ ଅବିରତ ତାଙ୍କୁ ଚିନ୍ତା କରିବାକୁ କହିଲି । ସହକର୍ମୀଙ୍କ ସାଥିରେ ଏହି ଘଟଣାଟି ୨୦୧୬ ମସିହାରେ ଅର୍ଥାତ୍ ମହାସମାଧିର ପାଞ୍ଚବର୍ଷ ପରେ ଘଟିଥିଲା । କିଛିଦିନ ପରେ ସେ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ମୋ କୋଠରିକୁ ଆସି କହିଲେ, "ମହାଶୟ ! ଚମତ୍କାର ଘଟିଛି ।" ଚମତ୍କାରଟି କଣ ବୋଲି ତାଙ୍କୁ ପଚାରିବାରୁ ସେ ବିଭୂତି ସହ ସ୍ୱାମୀଙ୍କ ବହି ଏବଂ ସ୍ୱାମୀଙ୍କ ଛବି ଆମେରିକା ପଠାଇଥିଲେ ବୋଲି କହିଲେ । ମୋ କହିବା ଅନୁସାରେ, ତାଙ୍କ ନଣନ୍ଦ ସ୍ୱାମୀଙ୍କୁ ପ୍ରାର୍ଥନା କରିଚାଲିଥିଲେ । ବିଭୂତି ପହଞ୍ଚିବା ଦିନ ସେ ଗର୍ଭ ପରୀକ୍ଷା ପାଇଁ ଯାଇଥିଲେ ଏବଂ ସେ ଗର୍ଭବତୀ ଥିବା ପ୍ରମାଣିତ ହୋଇଥିଲା ।

ଲକ୍ଷ୍ୟ କରିବାର କଥା ଯେ ମୁଁ ବର୍ଣ୍ଣନା କରିଥିବା ଦୁଇଟି ଯାକ ଘଟଣାରେ, ସେମାନେ ଅନେକ ବର୍ଷ ଧରି ବିବାହିତ ଥାଇ ବିଭିନ୍ନ ଡାକ୍ତରଙ୍କ ସହ ପରାମର୍ଶ କରି ସମସ୍ତ ସମ୍ଭବ ଚିକିତ୍ସା ବ୍ୟବସ୍ଥା କରିଥିଲେ ମଧ୍ୟ ଗର୍ଭଧାରଣ କରିବାକୁ ସମର୍ଥ ହୋଇପାରି

ନ ଥିଲେ । ଦୁଇଟିଯାକ ଘଟଣାରେ, କେବଳ ସ୍ୱାମୀଙ୍କୁ ନିର୍ମଳ ପ୍ରାର୍ଥନାର ଶକ୍ତି ବଳରେ ସେମାନେ ସନ୍ତାନପ୍ରାପ୍ତିର ସୌଭାଗ୍ୟ ଲାଭ କରିଥିଲେ । ପ୍ରଥମ ଘଟଣାଟି ମହାସମାଧି ପୂର୍ବର, ଯେତେବେଳେ ରୋଗୀଟି ପୁଟ୍ଟପର୍ତ୍ତିରେ ସଶରୀରରେ ଥିବା ସ୍ୱାମୀଙ୍କୁ ପତ୍ରଟିଏ ଲେଖିଥିଲା । ଦ୍ୱିତୀୟ ଘଟଣାଟି ମହାସମାଧି ପରର, ଯେତେବେଳେ ଶରୀରରେ ନ ଥିବା ସ୍ୱାମୀଙ୍କୁ ପ୍ରାର୍ଥନା କରି ଚମତ୍କାର ଘଟିପାରିଥିଲା ।

ପ୍ରିୟ ପାଠକଗଣ, ଏହା କଣ ଦର୍ଶାଉଛି ? ସ୍ୱାମୀ ସ୍ୱଦେହରେ ଥାଆନ୍ତୁ କିମ୍ବା ନ ଥାଆନ୍ତୁ, ତାଙ୍କ ଚମତ୍କାର ଘଟିଚାଲିଛି ବୋଲି ଏହା କେବଳ ଦର୍ଶାଉଛି । ସେ ଏବେ ମଧ୍ୟ ଆମ ସହ ଅଛନ୍ତି । ଭଗବାନ ଶ୍ରୀ ସତ୍ୟସାଇ ବାବା ଏବେ ମଧ୍ୟ ଜୀବିତ ଅଛନ୍ତି ଏବଂ ଆମ ସହ ଅଛନ୍ତି ବୋଲି ମୁଁ ଜୋର ଦେଇ କହିପାରିବି । ତଥାପି ତାଙ୍କର ଭୌତିକ ଶରୀର ନ ଥିଲେ ମଧ୍ୟ ତାଙ୍କ ଅରୂପ ସତ୍ତା ବା ପବିତ୍ର ଜୀବାତ୍ମା ସ୍ୱରୂପ ମାଧ୍ୟମରେ ସେ ଆମ ସହ ସଂଯୁକ୍ତ ହୋଇ ରହିଛନ୍ତି ବୋଲି ଆମକୁ ଦୃଢ଼ବିଶ୍ୱାସ ଏବଂ ପ୍ରତ୍ୟୟ ରଖିବା ପାଇଁ ପଡ଼ିବ ।

ସ୍ୱାମୀ ସର୍ବଦା ଆମ ବିଶ୍ୱାସର ପରୀକ୍ଷା ନେଇଥାନ୍ତି । ଆମେ ଅନୁଭବ କରୁଥିବା ତଥାକଥିତ ଅନେକ ବିଘ୍ନ, ପରୀକ୍ଷା ଓ ନିରୀକ୍ଷା ତାଙ୍କ ସହ ଦୃଢ଼ ଭାବରେ ସଂଯୁକ୍ତ ହେବାପାଇଁ ଏବଂ ଆମ ବିଶ୍ୱାସକୁ ବର୍ଦ୍ଧିତ କରିବା ପାଇଁ ସୁଯୋଗ ମାତ୍ର । ଆମେ ତାଙ୍କୁ ଦୃଢ଼ ଭାବରେ ଧରି ପାରିଲେ ଏବଂ ଆମ ପ୍ରାର୍ଥନାକୁ ତୀବ୍ରତର କରିପାରିଲେ, ସ୍ୱାମୀ ନିଶ୍ଚିତ ଭାବରେ ଆଖି ଖୋଲିବେ ଏବଂ ଭକ୍ତମାନଙ୍କୁ ଆଶିଷ ପ୍ରଦାନ କରିବେ ।

ଓଁ ଜୟ ସାଇରାମ !

"ଦୈବପ୍ରୀତି ହିଁ ତୁମର ସମସ୍ତ ଅଶାନ୍ତି ଏବଂ ଯନ୍ତ୍ରଣାର ଉପଚାର । ଭଗବାନଙ୍କ ପ୍ରେମ, ବତୀଘରର ଆଲୋକ ସଦୃଶ । ଏହା ତୁମକୁ ଠିକ୍ ରାସ୍ତା ଦେଖାଇଥାଏ । ତୁମ ଜୀବନତରୀକୁ ଦୈବୀ ପ୍ରେମର ବତୀଘର ଆଡ଼କୁ ମୁହାଇଁ ଦିଅ । ଆନନ୍ଦ ପାଇବ ହିଁ ପାଇବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ, ୧୯୯୬

ଅଧ୍ୟାୟ : ୪୦

ସ୍ୱାମୀ ଡାକ୍ତରମାନଙ୍କର ଡାକ୍ତର

'ତୁମେ ପୂର୍ଣ୍ଣ ଆନ୍ତରିକତାର ସହ ପ୍ରାର୍ଥନା କଲେ ଉତ୍ତର ନିଶ୍ଚୟ ମିଳିବ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ପଞ୍ଚମ ଭାଗ

ଥରେ ମୁଁ ଅତ୍ୟନ୍ତ ଦୁଃଖୀ ମନେ ହେଉଥିବା ଏକ ବୟସ୍କ ଦମ୍ପତିଙ୍କ ଚିକିତ୍ସା କରୁଥିଲି । କଥା କ'ଣ ବୁଝିବା ବେଳକୁ ସେମାନେ କହିଲେ ଯେ ଅଷ୍ଟ୍ରେଲିଆରେ ରହୁଥିବା ସେମାନଙ୍କର ଝିଅ ଓ ନାତି ପାଖକୁ ସେମାନଙ୍କର ଯିବାର ଅଛି । ଦୁର୍ଭାଗ୍ୟକୁ ପିଲାଟିର କଥା କହିବା ବୟସ ହୋଇଯାଇଥିଲେ ବି ସେ କହିବା ଆରମ୍ଭ କରି ନ ଥିଲା । ସେମାନେ ଅନେକ ଶିଶୁଚିକିତ୍ସକ ଓ ବାକ୍‌ଚିକିତ୍ସକଙ୍କ ପାଖକୁ ଯାଇଥିଲେ ବି କିଛି ଫଳ ହୋଇ ନ ଥିଲା ଏବଂ ପିଲାଟି କଥା କହିବ କି ନାହିଁ ବୋଲି ସେମାନଙ୍କର ସନ୍ଦେହ ହେଉଥିଲା । ମୁଁ ଏକଥା ଶୁଣିବାରୁ ମୋର ହୃଦୟ ବିଗଳିତ ହେଲା ଏବଂ ମୁଁ ଗଭୀର ଭାବରେ ସ୍ୱାମୀଙ୍କୁ ପ୍ରାର୍ଥନା କଲି । ମୁଁ ମଧ୍ୟ ସେମାନଙ୍କୁ କିଛି ବିଭୂତି ପୁଡ଼ିଆ ଓ ସ୍ୱାମୀଙ୍କ ଛବି ଦେଇ ତାହାକୁ ଅଷ୍ଟ୍ରେଲିଆରେ ତାଙ୍କ ନାତିକୁ ଦେବାକୁ କହିଲି ।

ଦୁଇ ମାସ ପରେ ସେମାନେ ଆନନ୍ଦାଶ୍ରୁ ଝରାଇ ଆସିଲେ ଏବଂ କହିଲେ ଯେ ସେମାନେ ମେଲବର୍ଣ୍ଣରେ ପହଞ୍ଚି ନାତିକୁ ବିଭୂତି ଦେବାର ଦୁଇଦିନ ପରେ ସେ କଥା କହିବାକୁ ଆରମ୍ଭ କଲା ଓ ପରେ ସ୍ପଷ୍ଟ ଭାବରେ କହିପାରିଲା । ତଥାପି ସେମାନେ ବିବ୍ରତ ଥିଲେ ଯେ ସେ କଥା କହି ପାରୁଥିଲେ ବି ଚାଲିପାରୁ ନ ଥିଲା । ମୁଁ ପୁଣି ସେମାନଙ୍କୁ ବିଭୂତି ପୁଡ଼ିଆ ଦେଇ ସ୍ୱାମୀଙ୍କୁ ପ୍ରାର୍ଥନା କରିବାକୁ କହିଲି । କିଛି ସପ୍ତାହ ପରେ ପିଲାଟି ଏବେ ଭଲ ଭାବରେ ଚାଲୁଛି ବୋଲି ଖବର ପାଇଲି ।

ସ୍ୱାମୀଙ୍କ ପ୍ରେମ ଅସୀମ ଓ ଅନନ୍ତ । ଅବଶ୍ୟ କେବଳ ଗଭୀର ପ୍ରାର୍ଥନା ଦ୍ୱାରା ଆମେ ତାଙ୍କ ପାଖରେ ପହଞ୍ଚିପାରିବା ଓ ତାଙ୍କ ଆଶୀର୍ବାଦ ଲାଭ କରିପାରିବା । ଆମେ ଆମ ହୃଦୟର ଅନ୍ତରତମ ପ୍ରଦେଶରୁ ତାଙ୍କୁ ପ୍ରାର୍ଥନା କଲେ ଏବଂ ତାଙ୍କ ଦିବ୍ୟ ପାଦପଦ୍ମରେ

ନିଜକୁ ସମର୍ପି ଦେଲେ ଏପରି ଚମତ୍କାର ଘଟିପାରେ । ଅବଶ୍ୟ ସେ ଚାହିଁଲେ ହିଁ ଏପରି ହେବ, ଅର୍ଥାତ୍ ତାଙ୍କ ସଂକଳ୍ପ ଥିଲେ । ପ୍ରିୟ ସ୍ୱାମୀ, ଆପଣ ଆମ ଉପରେ ବର୍ଷଣ କରିଥିବା ପ୍ରେମ ପାଇଁ ଆମେ କିପରି ଧନ୍ୟବାଦ ଦେଇପାରିବୁ ?

ଓଁ ଜୟ ସାଇରାମ !

"ଭଗବାନ ଭକ୍ତ ତାଙ୍କ ଆଡ଼କୁ ଧାଉଁଥିବା ଦ୍ରୁତ ଗତିରୁ ଅଧିକ ବେଗରେ ଭକ୍ତ ପାଖକୁ ଧାଆଁନ୍ତି । ତୁମେ ତାଙ୍କ ଆଡ଼କୁ ଗୋଟିଏ ପାଦ ପକାଇଲେ ସେ ତୁମ ଆଡ଼କୁ ଶହେ ପାଦ ପକାନ୍ତି । ସେ ମାଆ ବା ବାପାଙ୍କଠାରୁ ଅଧିକ । ସେ ତୁମକୁ ଭିତରୁ ପୋଷଣ କରନ୍ତି, ଯେପରି ସେ ତାଙ୍କ ଉପରେ ବିଶ୍ୱାସ ରଖିଥିବା ଏତେ ସନ୍ଥଙ୍କର ପୋଷଣ କରିଛନ୍ତି ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ, ତୃତୀୟ ଭାଗ

ଅଧ୍ୟାୟ : ୪୧

ଭଗବାନଙ୍କ ମହିମା ଅନ୍ୟମାନଙ୍କୁ ଜଣାନ୍ତୁ

'ଭଗବାନ ଯେ କୌଣସି ରୂପରେ ମଧ୍ୟ ଆବିର୍ଭୂତ ହୋଇ ପାରିବେ - ଏହା ତୁମର ହୃଦ୍‌ବୋଧ ହେବା ଉଚିତ । ତୁମେ ପସନ୍ଦ କରୁନଥିବା ଏବଂ ଆଶା କରିନଥିବା ରୂପରେ ଥିବା ଦିବ୍ୟତ୍ୱକୁ ଅସ୍ୱୀକାର କର ନାହିଁ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୧୯୭୧

ଏହି ବହିରେ ଲେଖାଯାଇଥିବା ଘଟଣାଗୁଡ଼ିକ ବିଷୟରେ ଏବଂ ଏ ବହି ଲେଖିବାର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିବା ମୋ ପକ୍ଷରେ ଠିକ୍ ହେବ କି ବୋଲି ମୁଁ ଅନେକ ସମୟରେ ନିଜକୁ ପ୍ରଶ୍ନ କରେ ? ଏହା କଣ କେବଳ ମୁଁ ଖଣ୍ଡିଏ ବହି ବାହାର କରିପାରିଥିବାର ଅହଂକାରର ତୁଷ୍ଟୀକରଣ ପାଇଁ ବା ମୋର ସ୍ୱାମୀଙ୍କ ସହ କିଛି ବିଶେଷ ସମ୍ପର୍କ ଅଛି ବୋଲି ଧାରଣା ଦେବା ପାଇଁ ଉଦ୍ଦିଷ୍ଟ ? ମୁଁ ପାଠକମାନଙ୍କୁ ଜଣାଇ ଦେବାକୁ ଚାହେଁ ଯେ ଏଗୁଡ଼ିକ ସତରେ ମୋର ଏ ବହି ଲେଖିବାର କାରଣ ନୁହେଁ । ଏହିପରି ଘଟଣା ବା ତଥାକଥିତ ଚମତ୍କାରଗୁଡ଼ିକ ବିଷୟରେ ପ୍ରଥମେ ଲେଖିବା ଉଚିତ କି ନୁହେଁ, ଏହାକୁ ନେଇ ମୋ ଭିତରେ ଚାଲିଥିବା ଏକ ଆଭ୍ୟନ୍ତରୀଣ ବିତର୍କ ହେତୁ ମୁଁ ଏ ବହି ଲେଖିବାରେ ବର୍ଷ ବର୍ଷ ଧରି ବିଳମ୍ବ କରିଥିଲି ଏବଂ ଲେଖିବା ପାଇଁ ଏତେ ଅଧିକ ସମୟ ନେଇଥିଲି । ଅନାଶ୍ରିତ ଏବଂ ସନ୍ଦେହୀମାନେ କଣ ଭାବିବେ ? ହେତୁବାଦୀମାନେ କଣ ଭାବିବେ ? ମୋ ମନର ଗୋଟିଏ ପାର୍ଶ୍ୱ ମୋତେ ଏପରି ପ୍ରଶ୍ନମାନ ପଚାରି ଚାଲିଥିବାବେଳେ ଅପର ପାର୍ଶ୍ୱ 'ସ୍ୱାମୀ କଣ ଭାବିବେ ଏବଂ ସେ ମୋତେ କଣ କରିବା ପାଇଁ ଚାହାନ୍ତି' ବୋଲି ପଚାରୁଥାଏ । ଏହାର ଉତ୍ତର ସରଳ ଥିଲା, କାରଣ ମୁଁ ଏ ବିଷୟରେ ସ୍ୱାମୀଙ୍କୁ ବ୍ୟକ୍ତିଗତ ଭାବରେ ପଚାରିଛି ।

୧୩ ଅପ୍ରେଲ ୨୦୦୮ ତାମିଲ ନୂତନ ବର୍ଷରେ ସ୍ୱାମୀ ମୋତେ ଆଶୀର୍ବାଦ ଦେଇ ତାଙ୍କ ଉପସ୍ଥିତିରେ କହିବାର ସୁଯୋଗ ଦେଇଥିଲେ । ମାଇକ ପାଖକୁ ଯାଇ କହିବା ପୂର୍ବରୁ ମୁଁ ଭଗବାନଙ୍କ ପାଖକୁ ଯାଇ ଆଶୀର୍ବାଦ ନେଲି ଏବଂ ଘଟିଥିବା କିଛି ଡାକ୍ତରୀ ଚମତ୍କାର ବିଷୟରେ କହିପାରିବି କି ବୋଲି ପଚାରିଲି । ସ୍ୱାମୀ ତାଙ୍କ ଚମତ୍କାରଗୁଡ଼ିକ ବିଷୟରେ କହିବା ଠିକ୍ ହେବ ବୋଲି ମୋତେ ଆଶ୍ୱାସନା ଦେଇ କହିଲେ, "ଯା,

କହ" । ତେଣୁ ଚମତ୍କାରଗୁଡ଼ିକୁ ଲୋକମାନଙ୍କୁ ଜଣାଇଲେ ସ୍ୱାମୀ କିଛି ମନେ କରିବେ ନାହିଁ ବୋଲି ମୁଁ ଜାଣିଗଲି । ସ୍ୱାମୀଙ୍କୁ ନେଇ ଅଗଣିତ ଘଟଣା ସ୍ୱାମୀଙ୍କ ଭକ୍ତମାନଙ୍କଦ୍ୱାରା ଲିଖିତ ବିଭିନ୍ନ ବହିରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ କି ସେମାନଙ୍କ ସହ ଘଟିଥିବା ଚମତ୍କାରଗୁଡ଼ିକ ବିଷୟରେ ବର୍ଣ୍ଣନା କରିବା ପାଇଁ ସେ ନିଜେ ମଧ୍ୟ କହିଛନ୍ତି । ତେଣୁ ଏ ବହିରେ ଘଟଣାଗୁଡ଼ିକ ବର୍ଣ୍ଣନା କରି ମୁଁ ଠିକ୍ କରିଛି ବୋଲି ମୋର ହୃଦ୍‌ବୋଧ ହୋଇଛି ।

ମୁଁ ବର୍ଣ୍ଣନା କରିବାକୁ ଯାଉଥିବା ଘଟଣାଟି ପ୍ରାୟ ଦୁଇଥର ଘଟିଛି ଏବଂ ଏହି ଅଧ୍ୟାୟରେ ଏଗୁଡ଼ିକୁ ଯଥୋଚିତ କରିବା ପାଇଁ ଚେଷ୍ଟା କରିବି । ତାମିଲନାଡୁ ସରକାରଙ୍କ ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ଶ୍ରୀ ସାଇକୁମାରଙ୍କ ବାସଭବନରେ ଆଇ.ଏ.ଏସ୍. ଅଧିକାରୀମାନଙ୍କ ସାଇ ପାଠଚକ୍ରରେ ସ୍ୱାମୀଙ୍କ ବିଷୟରେ କହିବା ପାଇଁ ମୋତେ ନିମନ୍ତ୍ରଣ କରାଯାଇଥିଲା । ମୋ ବକ୍ତବ୍ୟରେ ମୁଁ ବିଶ୍ୱାସର ଶକ୍ତି ଏବଂ ଦୃଢ଼ ବିଶ୍ୱାସ ଥିଲେ କିପରି ଚମତ୍କାର ଘଟିବା ସମ୍ଭବପର, ସେ ବିଷୟରେ କହୁଥିଲି । ବୋଧହୁଏ ମୁଁ କିଛି ମାତ୍ରାରେ ଉତ୍ତେଜିତ ହୋଇଯାଇ ଠିଆ ହୋଇଥିବା ସ୍ଥାନ ପାଖରେ ଥିବା ସ୍ୱାମୀଙ୍କର ଏକ ଫଟୋକୁ ଚାହିଁ କହିଲି, "ଉଦାହରଣସ୍ୱରୂପ, ଆମେ ଯଦି ଏହି ଫଟୋ ଉପରେ ଧ୍ୟାନ କେନ୍ଦ୍ରିତ କରି ସ୍ୱାମୀଙ୍କୁ ପ୍ରାର୍ଥନା କରୁ ଏବଂ ଫଟୋ ଉପରେ ବିଭୂତି ସୃଷ୍ଟି ହୁଏ, ଏଥିରେ ଆମର ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।" ଫଟୋଟିରେ ବିଭୂତି ସୃଷ୍ଟି ହେବା ଜଣେ ବ୍ୟକ୍ତିର ବିଶ୍ୱାସ କିମ୍ବା ସ୍ୱାମୀଙ୍କ ଅନୁଗ୍ରହର ଚରମ ପରୀକ୍ଷା ନୁହେଁ ବୋଲି ମୁଁ ତୁରନ୍ତ ମୋ କଥାରେ ଯୋଡ଼ିଦେଲି । ସ୍ୱାମୀଙ୍କର ଅନେକ ପରମ ଭକ୍ତ ଅଛନ୍ତି ଯେଉଁମାନଙ୍କ ଘରେ ବିଭୂତି ସୃଷ୍ଟି ବା ସେପରି କିଛି ଚମତ୍କାର ଘଟିନାହିଁ ।

ମୁଁ ମୋର ବକ୍ତବ୍ୟ ଶେଷ କରି ଆରତି ନେଲି ଏବଂ ଆମେ ପ୍ରସାଦ ପାଇବା ପାଇଁ ପାଦ ବଢ଼ାଇଛୁ କି ନାହିଁ, ସଂଗଠନର ଜଣେ ବରିଷ୍ଠ ସଦସ୍ୟ ମୋତେ ତାଗିଦ କରି କହିଲେ, "ତୁମେ ସାଧାରଣ ସଭାରେ ଏପରି ବିଭୂତି ସୃଷ୍ଟି ହେବ ଇତ୍ୟାଦି କହିବା ଉଚିତ ନୁହେଁ ।" ମୋ କଥାକୁ ସମର୍ଥନ କରିବାକୁ ଯାଇ ମୁଁ କହିଲି, "ମହାଶୟ ! ସୃଷ୍ଟି ହେବ ବୋଲି ମୁଁ କହିନାହିଁ । ମୁଁ କେବଳ କହିଥିଲି ଯେ ଯଦି ଏହା ସୃଷ୍ଟି ହୁଏ, ତେବେ ସେଥିରେ ଆମର ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବିଭୂତି ସୃଷ୍ଟି ହେବା ଜଣେ ଭକ୍ତର ବିଶ୍ୱାସ କିମ୍ବା ସ୍ୱାମୀଙ୍କ ଅନୁଗ୍ରହର ଚରମ ପରୀକ୍ଷା ନୁହେଁ ବୋଲି ମଧ୍ୟ ମୁଁ ସ୍ପଷ୍ଟ କରିଥିଲି ।" କିନ୍ତୁ ସେ ବୁଝିଲେନି ଏବଂ କହିଲେ, "ସଂଗଠନର ଜଣେ ବରିଷ୍ଠ ସଦସ୍ୟ ହିସାବରେ ମୁଁ ତୁମକୁ କହିଦେବାକୁ ଉଚିତ ମଣୁଛି ଯେ ତୁମେ ଏପରି କହିବା ଉଚିତ ନୁହେଁ । ଏକଥା ଶୁଣି ମୋତେ ଟିକିଏ ଖରାପ ଲାଗିଲା ଏବଂ ଅତ୍ୟନ୍ତ ଆଗ୍ରହରେ ଏପରି କହି କିଛି ଭୁଲ କଲି କି ବୋଲି ଭାବି ବିସ୍ମିତ ହେଲି ।

ପରଦିନ ସକାଳେ ମୁଁ ଏକ ସଭାରେ ପାଇବାକୁ ଥିବା ପୁରସ୍କାର ଗ୍ରହଣ କରିବା ପାଇଁ କୋଇମ୍ବାଟୁର ଅଭିମୁଖେ ଯାତ୍ରା କଲି । ସଭା ଶେଷ ହେବା ପରେ ଚେନ୍ନାଇ ଫେରିବାକୁ ବିମାନ ଧରିବା ପାଇଁ ଅପରାହ୍ଣରେ ବିମାନବନ୍ଦରରେ ପହଞ୍ଚିଲି । ଠିକ୍ ସେତିକି ବେଳେ ଯାହାଙ୍କ ଘରେ ମୁଁ ପୂର୍ବଦିନ ବକ୍ତୃତା ଦେଇଥିଲି ସେହି ଶ୍ରୀ ସାଇକୁମାରଙ୍କଠାରୁ ଏକ ହ୍ୱାଟ୍ସଆପ ବାର୍ତ୍ତା ପାଇ ଆଶ୍ଚର୍ଯ୍ୟ ହୋଇଗଲି । ଆମେ ସମସ୍ତେ ପ୍ରସାଦ ପାଇବା ପାଇଁ ଯେତେବେଳେ ଘରୁ ଗୋଡ଼ କାଢ଼ିଥିଲୁ, ଠିକ୍ ସେତିକିବେଳେ ମୁଁ ଦେଖାଇଥିବା ସେହି ଫଟୋଟିରେ ବିଭୂତି ସୃଷ୍ଟି ହେବାକୁ ଲାଗିଲା ଏବଂ ପରଦିନ ସୁଦ୍ଧା ଫଟୋ ଉପରେ ବହୁ ପରିମାଣର ବିଭୂତି ସୃଷ୍ଟି ହୋଇସାରିଥିଲା । ଫଟୋ ଉପରେ ବିଭୂତି ଦେଖାଉଥିବା ଏକ ଛବି ମଧ୍ୟ ସେ ଦୟାକରି ମୋତେ ପଠାଇଥିଲେ ।

ମୁଁ ଏହାକୁ ପାଇ ଅତ୍ୟନ୍ତ ଆନନ୍ଦିତ ହେଲି, କାରଣ ମୁଁ ଏହାକୁ ସ୍ୱାମୀଙ୍କଠାରୁ ଏକ ପ୍ରତ୍ୟକ୍ଷ ଇଙ୍ଗିତ ଭାବରେ ଗ୍ରହଣ କଲି ଯେ ଯଦି ଜଣେ ହୃଦୟରୁ କହୁଛି ଏବଂ ସଠିକ୍ ଦୃଷ୍ଟିକୋଣ ନେଇ କହୁଛି, ତେବେ ସ୍ୱାମୀଙ୍କ ବିଭୂତି ସୃଷ୍ଟି ବା ତାଙ୍କର ଅନ୍ୟ କୌଣସି ଚମତ୍କାର ବିଷୟରେ କହିବାରେ କିଛି ଭୁଲ ନାହିଁ ।

୧୦ ଜୁଲାଇ ୨୦୧୩ରେ ଚେନ୍ନାଇରେ କ୍ରୋମପେଟସ୍ଥ ନେମିଲିଚେରୀ ଶ୍ରୀ ସତ୍ୟସାଇ କମ୍ୟୁନିଟି ସେଣ୍ଟରର ଉଦ୍‌ଘାଟନୀ ଉତ୍ସବରେ ଏକ ସମାନ ଧରଣର ଘଟଣା ଘଟିଥିଲା । ଏହି ଉତ୍ସବରେ, 'ବିଶ୍ୱାସ ଥିଲେ, ପର୍ବତ ମଧ୍ୟ କିପରି ଗତିଶୀଳ ହୋଇପାରେ' ବୋଲି ପ୍ରବାଦ ବିଷୟରେ ମୁଁ ବକ୍ତବ୍ୟ ରଖିଥିଲି । ସେହି ପରିପ୍ରେକ୍ଷୀରେ ମୁଁ ପୁଣି ଥରେ ବର୍ଣ୍ଣନା କରିଥିଲି ଯେ ଯଦି ଏଠାରେ ସ୍ୱାମୀ କୌଣସି ବି ରୂପ ନେଇ ତାଙ୍କ ସର୍ବବ୍ୟାପକତା ଦେଖାନ୍ତି କିମ୍ବା ସ୍ୱାମୀଙ୍କ ଆଶିଷର ନିଦର୍ଶନ ସ୍ୱରୂପ ବିଭୂତି ସୃଷ୍ଟି ହୁଏ, ତେବେ ମୁଁ ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବି ନାହିଁ । ସମସ୍ତଙ୍କର ବକ୍ତୃତା ସରିବା ପରେ ସ୍ୱାମୀଙ୍କ ଛବି ଏବଂ ଅନାବରଣ ହୋଇଥିବା ଫଳକ ଉପରେ ବିଭୂତି ସୃଷ୍ଟି ହୋଇଥିବାର ଦେଖି ଆମେମାନେ ଅତିଶୟ ଆଶ୍ଚର୍ଯ୍ୟାନ୍ୱିତ ହେଲୁ ।

ଚେନ୍ନାଇର ଟି. ନଗରରେ ଶ୍ରୀମତୀ ସୌନ୍ଦର୍ଯ୍ୟା କୃଷ୍ଣମୂର୍ତ୍ତି ଏବଂ ତାମିଲନାଡୁ ସତ୍ୟସାଇ ସେବା ସଂଗଠନର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ଟି.ଜି. କୃଷ୍ଣମୂର୍ତ୍ତିଙ୍କ ଦ୍ୱାରା ପରିଚାଳିତ ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ରରେ ଘଟିଥିବା ଆଉ ଏକ ଘଟଣା ମୋର ମନେ ଅଛି । ସେଠାରେ ଏକ ବାର୍ଷିକ ଉତ୍ସବ ସମୟରେ, ସ୍ୱାମୀଙ୍କର ଏକ ଛବି ଉପରେ ବିଭୂତି ସୃଷ୍ଟି ହେବାକୁ ଲାଗିଲା । ଏପରି ଘଟଣା ଥରେ ନୁହେଁ ବରଂ ବିଭିନ୍ନ ସ୍ଥାନରେ ଅନେକ ଥର ଘଟିବା କେବଳ ଏହା ଦର୍ଶାଉଛି ଯେ ଯେଉଁଠାରେ ବି ତାଙ୍କ ମହିମା ଗାନ କରାଗଲେ କିମ୍ବା ଲୋକମାନେ କୌଣସି ଭଲ କାମ ପାଇଁ ଏକତ୍ରିତ ହେଲେ ଏବଂ ସମୟକୁ ପବିତ୍ର

ଆଳାପ ଏବଂ ପ୍ରାର୍ଥନାରେ ବିତାଉଥିଲେ ସ୍ୱାମୀ କରିଥିବା ପ୍ରତିଜ୍ଞା ପାଳନ ପାଇଁ ନିଜକୁ ପ୍ରକାଶ କରି ଚାଲିଥିବେ । ସନ୍ଦେହୀମାନେ ଏକଥା ମଧ୍ୟ କହିପାରନ୍ତି ଯେ ଯେଉଁ ଘଟଣାଗୁଡ଼ିକରେ ବିଭୂତି ସୃଷ୍ଟି ହୋଇନାହିଁ, ତାହା ବିଷୟରେ କଣ କୁହାଯିବ ? ଏହାର ଅର୍ଥ କ'ଣ ସ୍ୱାମୀ ସେତେବେଳେ ଉପସ୍ଥିତ ନ ଥିଲେ ? ନିଶ୍ଚିତ ଭାବରେ ନୁହେଁ । କିନ୍ତୁ କାହିଁକି ଯେ କେବଳ କେତୋଟି ଘଟଣାରେ ଏହା ଘଟିଥାଏ, ତାର ଉତ୍ତର ମୋ ପାଖରେ ନାହିଁ । ସ୍ୱାମୀ ସଶରୀରରେ ଥିବାବେଳେ ମଧ୍ୟ ତାଙ୍କ ଲୀଳାସମୂହ ସର୍ବଦା ରହସ୍ୟମୟ ଥିଲା । ଆମେ ତାଙ୍କୁ ବୁଝିବା କିମ୍ବା ବିଶ୍ଳେଷଣ କରିବା ପାଇଁ ଚେଷ୍ଟା କରିବା ଉଚିତ ନୁହେଁ, କାରଣ ମାନବର ମନ ତାଙ୍କୁ ବୁଝିବା ପାଇଁ ସକ୍ଷମ ନୁହେଁ ବୋଲି ସେ ଅନେକ ଥର କହିଛନ୍ତି ।

ଯାହା ବି ହେଉ, ଏହି ଆଲୋଚନାକୁ ଜାରି ରଖିବା ପାଇଁ ଯଦି ଆମେ ପ୍ରକୃତରେ ବିଶ୍ୱାସ କରୁ ଯେ ସ୍ୱାମୀ ସର୍ବଦା ଆମ ସହିତ ଅଛନ୍ତି, ତେବେ ଆମେ ତାଙ୍କ ଉପସ୍ଥିତିର ଭୌତିକ ପ୍ରକଟନ ଦେଖିବାର ଆବଶ୍ୟକତା ନାହିଁ । ଯେହେତୁ ସ୍ୱାମୀ ଆମର ହୃଦୟବାସୀ, ଆମ ଉପରେ ସର୍ବଦା ତାଙ୍କର ଆଶୀର୍ବାଦ ରହିଥିବ । ତାପରେ ବି ଯଦି ଆମେ ଏଭଳି ଭୌତିକ ପ୍ରକଟନ ଦେଖୁଁ, ତେବେ ନିଜକୁ ଭଗବତ୍ କୃପା ଧନ୍ୟ ବୋଲି ଭାବିବା ଉଚିତ ।

ଓଁ ଜୟ ସାଇରାମ !

"କେବଳ ମୋ ହସ୍ତଚାଳନାରୁ ସୃଷ୍ଟି ହେଉଥିବା ପଦାର୍ଥମାନଙ୍କ ବିଷୟରେ ଶୁଣି ମୋ ପ୍ରତି ଆକର୍ଷିତ ହୁଅ ନାହିଁ । ଆଖି ବନ୍ଦ ରଖି ହଠାତ୍ କୌଣସି ସିଦ୍ଧାନ୍ତରେ ଉପନୀତ ହୁଅ ନାହିଁ । ଲକ୍ଷ୍ୟ କର, ଅଧ୍ୟୟନ କର ଓ ମୂଲ୍ୟାୟନ କର ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ, ପ୍ରଥମ ଭାଗ

ଅଧ୍ୟାୟ : ୪୨

ଭଗବାନଙ୍କ ପାଇଁ ପ୍ରକୃତରେ ଆକୁଳ ହେଲେ ସେ ଉଭା ହେବେ

'ମୁଁ ତୁମ ପ୍ରତ୍ୟେକଙ୍କ ଭିତରେ ଅଛି, ତେଣୁ ତୁମର ସାମାନ୍ୟତମ ଭାବତରଙ୍ଗ ବିଷୟରେ ମୁଁ ଅବଗତ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ନବମ ଭାଗ

ଆମ ନୈଦାନିକ ପରୀକ୍ଷଣର ମୁଖ୍ୟ ଡଃ ପୁଙ୍ଗତାଇଙ୍କ ବିଷୟରେ ୨୭ତମ ଅଧ୍ୟାୟରେ ମୁଁ କହିଛି । ଡଃ ପୁଙ୍ଗତାଇ ଆଉ ଗୋଟିଏ ଚମତ୍କାର ସହିତ କିପରି ଜଡ଼ିତ ତାହା ମୁଁ ଏବେ କହୁଛି । ପୁରୁଣା ଚେନ୍ନାଇ ବିମାନବନ୍ଦରରେ (ଯାହା ବର୍ତ୍ତମାନ ପୁନର୍ନିର୍ମିତ ଓ ସମ୍ପ୍ରସାରିତ ହୋଇ ଆଭ୍ୟନ୍ତରୀଣ ବିମାନବନ୍ଦର ଓ ଅନ୍ତର୍ଜାତୀୟ ବିମାନବନ୍ଦରର ରୂପ ନେଇଛି) ହିଗିନ୍‌ବୋଥାମ୍‌ସ ନାମରେ ବହି ଦୋକାନଟିଏ ଥାଏ । ସେ ବହି ଦୋକାନଟି ଏପରି ସ୍ଥାନରେ ଯେ ବିମାନବନ୍ଦରରେ ପ୍ରବେଶ କରିବାମାତ୍ରେ ନଜର ପ୍ରଥମେ ସେ ବହି ଦୋକାନ ଉପରେ ପଡ଼ିବ । ତାର କାଚଝରକାରେ ସ୍ୱାମୀଙ୍କର ଏକ ଛବି ସ୍ପଷ୍ଟ ଭାବରେ ଲଗାଯାଇଥାଏ । ମୁଁ ମଧ୍ୟ ବାବାଙ୍କର ଆଉ ଗୋଟିଏ ଛବି ସେ ଦୋକାନ ମାଲିକଙ୍କୁ ଦେଇଥିଲି ଯାହାକୁ ସେ ଦୟାପରବଶ ହୋଇ ସେଠାରେ ଲଗାଇଥିଲେ ।

ପାଠକମାନେ ସମ୍ଭବତଃ ଜାଣନ୍ତି ଯେ ମୁଁ ବହୁତ ସମୟରେ ଗସ୍ତରେ ଯାଏ । ପ୍ରତ୍ୟେକ ଥର ଚେନ୍ନାଇ ବିମାନବନ୍ଦରରେ ପଶିବାବେଳେ ମୁଁ ସ୍ୱାମୀଙ୍କର ସେହିସବୁ ଛବିକୁ ଅନାଏ ଓ ବିମାନ ଭିତରକୁ ଯିବା ପାଇଁ ତନଖି ଫାଟକରେ ତନଖି ପୂର୍ବରୁ ସ୍ୱାମୀଙ୍କୁ ପ୍ରାର୍ଥନା କରିଥାଏ । ଏହା ମୋର ଅଭ୍ୟାସରେ ପଡ଼ିଯାଇଥାଏ । ବେଙ୍ଗାଲୁରୁରେ ଏକ ନୈଦାନିକ ପରୀକ୍ଷଣ ସଭାରେ ଯୋଗ ଦେବା ପାଇଁ ଥରେ ମୁଁ ଓ ଡଃ ପୁଙ୍ଗତାଇ ସାଙ୍ଗ ହୋଇ ଯିବାର ଥିଲା । ତେଣୁ ମୁଁ ଡଃ ପୁଙ୍ଗତାଇଙ୍କୁ ସେଦିନ ବିମାନବନ୍ଦରରେ ଭେଟିବି ବୋଲି କହିଥିଲି ।

ମୁଁ ବିମାନବନ୍ଦରରେ ପଶିବାବେଳେ ତୁରନ୍ତ ଡଃ ପୁଙ୍ଗତାଇଙ୍କୁ ଖୋଜିବା ଆରମ୍ଭ କଲି । ଫଳରେ କାଚଝରକାରେ ଥିବା ବାବାଙ୍କ ଦର୍ଶନ କରିବାକୁ ଭୁଲିଗଲି । ମୋର ତନଖି ସାରି ବୋର୍ଡ଼ିଙ୍ଗ କାର୍ଡ଼ ହାସଲ କରି ନିରାପତ୍ତା ପରୀକ୍ଷା ଶେଷ କରି ବିମାନ ଆରୋହଣ କରିବାକୁ ଉପରମହଲାକୁ ଚାଲିଗଲି । ଡଃ ପୁଙ୍ଗତାଇଙ୍କ ପାଖରେ ବସି କଥାବାର୍ତ୍ତା ହେଉଥିବା

ସମୟରେ ମୋର ହଠାତ୍ ମନେ ପଡ଼ିଗଲା ତନଖି ପୂର୍ବରୁ ବାବାଙ୍କୁ ପ୍ରାର୍ଥନା କରିବା ମୁଁ ଭୁଲିଯାଇଛି, ଯାହା ମୁଁ ନିୟମିତ କରିଥାଏ । ମୋତେ ବହୁତ ଖରାପ ଲାଗିଲା, ମୁଁ ବ୍ୟସ୍ତ ହୋଇ କଣ କରିବି ବୋଲି ଭାବିବାକୁ ଲାଗିଲି ହେଲେ କିଛି ରାସ୍ତା ନ ଥିଲା, ଯେହେତୁ ମୁଁ ନିରାପତ୍ତା ପରୀକ୍ଷା କାମ ସାରିଦେଇଛି ।

ଏପରି ଭାବନା ମୋ ମନ ଭିତରକୁ ଆସିବାର କିଛି କ୍ଷଣ ଭିତରେ ହଠାତ୍ କିଏ ଜଣେ ସ୍ୱାମୀଙ୍କର ଗୋଟିଏ ଛବି ମୋ ମୁହଁ ପାଖରେ ଆଣି ଲଗାଇଦେଲା । ମୁଁ ସାମାନ୍ୟ ଚମକିପଡ଼ି ତୁରନ୍ତ ପ୍ରକୃତିସ୍ଥ ହୋଇଗଲି । ମୁଁ ଉପରକୁ ଚାହିଁ ଦେଖେ ତ ଜଣେ ଭଦ୍ରବ୍ୟକ୍ତି ମୋର ଜଣେ ରୋଗୀ ବୋଲି ମୋତେ କହିଲେ । ସେ ଆହୁରି କହିଲେ, "ଡାକ୍ତର ବାବୁ, ସ୍ୱାମୀଙ୍କର ଏ ଛବିଟି ଆପଣଙ୍କୁ କେମିତି ଲାଗୁଛି ?" ମୁଁ ସମ୍ପୂର୍ଣ୍ଣ ଭାବରେ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲି, କାରଣ ମୁଁ କେବେ ଆଗରୁ ଏ ରୋଗୀଙ୍କୁ ଦେଖିନଥିଲି । ଆଜି ପର୍ଯ୍ୟନ୍ତ ମୁଁ ମନେପକାଇ ପାରୁନାହିଁ ସେ କିଏ ଏବଂ ସେ ହଠାତ୍ କାହିଁକି ବାବାଙ୍କ ଛବି ମୋ ଆଗକୁ ଆଣିଲେ । କେବଳ କାହିଁକି ମୁଁ ସ୍ୱାମୀଙ୍କୁ ଭୁଲିଗଲି ବୋଲି ମନେ ମନେ ଭାବୁଥିଲି; ଆଉ ଏ କଥା ବି ମୋ ପାଖରେ ବସିଥିବା ଡଃ ପୁଙ୍ଗତାଇଙ୍କୁ କହିନଥିଲି ।

ଛବିଟି ମୋତେ ଦେଖାଇ ସେ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ତାପରେ ମୁଁ ଆଉ ତାଙ୍କୁ ଦେଖିପାରିଲି ନାହିଁ । ମୁଁ ଚାରିଆଡ଼କୁ ଅନାଇ ତାଙ୍କୁ ଖୋଜିଲି ହେଲେ ସେ କେଉଁଆଡ଼େ ଚାଲିଯାଇଥିଲେ । ମୋତେ ସେହି ଛବିଟି ଦେଖାଇବା ପାଇଁ ସେ ଯେପରି ଆସିଥିଲେ ଓ ଅଚାନକ ଚାଲିଗଲେ । ମୋ ଆଖିରେ ଲୁହ ଆସିଗଲା । ଡଃ ପୁଙ୍ଗତାଇ ଏହା ଦେଖିପାରି ବ୍ୟସ୍ତ ହୋଇ କଣ କିଛି ଭୁଲ ହୋଇଗଲା କି ବୋଲି ପଚାରିଲେ । ମୁଁ ତାଙ୍କ ଆଗରେ ଆମୂଳଚୂଳ ସବୁ ବର୍ଣ୍ଣନା କଲି । ଜଣେ ସାଇଭକ୍ତ ଭାବରେ ତାଙ୍କ ଆଖିରେ ବି ଲୁହ ଆସିଯାଇଥିଲା । ଆମେ ଦୁହେଁ ମିଶି ଆମ ପ୍ରତି ସ୍ୱାମୀଙ୍କର ଅସୀମ ପ୍ରେମର ଆନନ୍ଦ ଏବଂ ଅଗଣିତ ଭକ୍ତଙ୍କର ପ୍ରତିଟି ଅଭିଳାଷ ପୂରଣ କରିବାର କୃପା ଅନୁଭବ କରିଥିଲୁ ।

ଓଁ ଜୟ ସାଇରାମ !

> *"ମୋ ସ୍ଥାନ ତୁମ ଭିତରେ, ତୁମ ସାଥିରେ ଏବଂ ତୁମର କାମଠାରେ ଅଛି । ମୁଁ ତୁମ ପ୍ରଚେଷ୍ଟାର ଏକ ଅଂଶ, ଏକ ଅଂଶୀଦାର ଓ ଭୋକ୍ତା । ତୁମେ ପ୍ରେରଣା ବା ନିର୍ଦ୍ଦେଶ ମାଗିବା ବେଳେ ମୁଁ ତୁମକୁ ପ୍ରେରିତ ଓ ନିର୍ଦ୍ଦେଶିତ କରିବାକୁ ଅଛି ।"*
>
> **- ଭଗବାନ ଶ୍ରୀ ସତ୍ୟସାଇ ବାବା,**
> **ଦିବ୍ୟ ସମ୍ଭାଷଣ, ଦଶମ ଭାଗ**

ଅଧ୍ୟାୟ : ୪୩

ଭଗବାନ ସର୍ବବ୍ୟାପୀ

'ଭଗବାନ ଏଠାରେ ଅଛନ୍ତି ଓ ସେଠାରେ ନାହାନ୍ତି ବୋଲି ସନ୍ଦେହ କର ନାହିଁ । ତୁମେ ତାଙ୍କୁ ଯେଉଁଠି ବି ଖୋଜିଲେ ପାଇବ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଷୋଡ଼ଶ ଭାଗ

ମୁଁ ୧୯୯୨ରେ ସ୍ୱାମୀଙ୍କର ଭକ୍ତ ହେବା ପରଠାରୁ ଏକ ବିଚିତ୍ର ଘଟଣା ଘଟିବାକୁ ଲାଗିଲା । ଦେଶର ଯେ କୌଣସି ଅଂଶକୁ ଯାତ୍ରା କଲେ ବି (ମୁଁ ମାସକୁ ହାରାହାରି ୩-୪ଥର ଯାଇଥାଏ) ପ୍ରତ୍ୟେକ ଥର କୌଣସି ନା କୌଣସି ପ୍ରକାରେ ସ୍ୱାମୀଙ୍କର ପରିପ୍ରକାଶ ଦେଖିଥାଏ । ସେଥିରୁ କେତୋଟି ଏ ଅଧ୍ୟାୟରେ ବର୍ଣ୍ଣନା କରିବି । ମୁଁ ସ୍ପଷ୍ଟ କରିଦେଉଛି ଯେ ତାହା ସତ୍ୟସାଇ ବାବା ବା ଶିରଡ଼ି ସାଇ ବାବା ରୂପରେ ହୋଇଥାଏ ଏବଂ ପ୍ରତିଥର ବଦଳୁଥାଏ । ଉଭୟ ବାବା ମୋ ପାଇଁ ସମାନ ହୋଇଥିବାରୁ ମୁଁ ସେମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ । ତେଣୁ ଏହି ଅଧ୍ୟାୟରେ ମୁଁ 'ସ୍ୱାମୀ'ଙ୍କୁ ଭେଟିଲି କହିବା ବେଳେ ତାହା ଦୁଇ ବାବାଙ୍କ ମଧ୍ୟରୁ ଯେ କୌଣସି ଜଣେ ହୋଇପାରନ୍ତି । ସାଧାରଣତଃ ମୁଁ କୌଣସି ସ୍ଥାନରେ ଓହ୍ଲାଇ ବିମାନବନ୍ଦରରୁ ବାହାରିବା ବେଳେ କୌଣସି ଗାଡ଼ିରେ 'ଓଁ ସାଇରାମ' ବା ବାବାଙ୍କ ଛବି ବା ତାଙ୍କର ସନ୍ଦେଶ ଥିବାର ଦେଖିଥାଏ । ବସ୍ତୁତଃ ମୁଁ ଚେନ୍ନାଇ ବିମାନବନ୍ଦରକୁ ଯିବାବେଳେ ଏହି ଘଟଣା ଆଗରୁ ଘଟିଥାଏ । ସେଠାରେ ମୋ ଆଗରେ ସ୍ୱାମୀଙ୍କ ପ୍ରତୀକ ଥିବା କାର୍‌ଟିଏ ଥାଏ । ଥରେ ଥରେ ମୋ ଆଗରେ ଥିବା କାର୍‌ଟି ବିମାନବନ୍ଦରରେ ପହଞ୍ଚିବା ପର୍ଯ୍ୟନ୍ତ ରହିଥାଏ, ସତେ ଯେପରି ତାହା ମୋତେ ବିମାନବନ୍ଦରକୁ ନେଇଯାଉଛି । ଏପରି ଅନେକ ଥର ହୋଇଛି ।

ସାଇଭକ୍ତ ହେବାର ପ୍ରାରମ୍ଭିକ କାଳରେ ଥରେ ମୁଁ ଦିଲ୍ଲୀ ଯାଇଥିଲି । ଦିଲ୍ଲୀ ରାସ୍ତାରେ ମୋର ପ୍ରାତଃଭ୍ରମଣ ବେଳେ ହଠାତ୍ ମୁଁ ସ୍ୱାମୀଙ୍କ କଥା ଚିନ୍ତା କଲି ଏବଂ ତାଙ୍କୁ କହିଲି, "ସ୍ୱାମୀ, ଆପଣ ମୋ ଆଗରେ ଏବେ ଦେଖାଦେବେ କି ?" ଏହି ଭାବନା ମୋ ମନକୁ ଆସିବା ମାତ୍ରେ ମୁଁ ରାସ୍ତାର ଦୁଇ ପାଖକୁ ପୃଥକ କରୁଥିବା ବିଭାଜିକାରେ ଥିବା ବତୀଖୁଣ୍ଟରେ ଶିରଡ଼ି ବାବାଙ୍କର ଏକ ପୋଷ୍ଟର ଦେଖିଲି । ସେତିକି ନୁହେଁ ୨୦-୩୦ଟି ଖୁଣ୍ଟରେ ଏପରି

ଥିଲା । ବାବାଙ୍କ ଛବି ସେଠାରେ କାହିଁକି ଥିଲା ଏବଂ ମୁଁ ଭାବିବା ମାତ୍ରେ ତାହା ଦେଖାଗଲା ସେ ବିଷୟରେ ମୁଁ ଅଦ୍ୟାବଧି ନିଶ୍ଚିତ ନୁହେଁ । ପରବର୍ତ୍ତୀ ସମୟରେ ଏପରି ଘଟଣା ନିୟମିତ ହୋଇଗଲା । ବର୍ଷ ବର୍ଷ ଧରି ମୁଁ ଯେଉଁଠି ପ୍ରାତଃଭ୍ରମଣରେ ଯିବାବେଳେ 'ଆପଣ କେଉଁଠି' ବୋଲି ସ୍ୱାମୀଙ୍କୁ ପଚାରେ ଏବଂ ସ୍ୱାମୀ କୌଣସି ନା କୌଣସି ରୂପରେ ମୋତେ ଦର୍ଶନ ଦିଅନ୍ତି । ମୁଁ ସେ ସମୟର ଅନେକଗୁଡ଼ିଏ ଫଟୋ ଉଠାଇ ରଖିଛି । ଏଗୁଡ଼ିକ ମୁମ୍ବଇ, ପୁଣେ, ଗୋଆ, ଦିଲ୍ଲୀ, ହାଇଦ୍ରାବାଦ, ବେଙ୍ଗଲୁରୁ ଆଦି ବିଭିନ୍ନ ନଗରୀରେ, ଏପରିକି ଭାରତର ଉତ୍ତର ପୂର୍ବ ରାଜ୍ୟମାନଙ୍କରେ ବି ହୋଇଛି ।

ଗୋଆ ଘଟଣା ମୋର ଭଲ ଭାବରେ ମନେ ଅଛି, କାରଣ ମୁଁ ଏହି ଖ୍ରୀଷ୍ଟିୟାନ ବହୁଳ ନଗରୀରେ ମୋର ସାଇ ସଙ୍କେତ ପାଇବି କି ନାହିଁ ବୋଲି ଭାବୁଥିଲି । ଥରେ ୩୦ ମିନିଟ୍ ଚାଲିବା ଭିତରେ ମୁଁ ଅନ୍ତତଃ ୫-୬ଟି ସାଇ ସଙ୍କେତ ପାଇବାର ଆଶୀର୍ବାଦ ଲାଭ କରିଥିଲି ।

ଆଉଥରେ ମୁଁ ଦିଲ୍ଲୀରେ ପ୍ରାତଃଭ୍ରମଣରେ ଯିବା ବେଳେ କୌଣସି ସାଇ ସଙ୍କେତ ପାଇଲି ନାହିଁ । ଶେଷରେ ହୋଟେଲକୁ ଫେରିବା ବେଳେ ଫାଟକ ଆଗରେ ଥିବା ଏକ ଗଛରେ ଗଣେଶଙ୍କ ଛବି ଦେଖିଲି । ସାଇ ସଙ୍କେତ ପାଇଲି ନାହିଁ ବୋଲି ମୋତେ ଟିକିଏ ଖରାପ ଲାଗିଲା ଏବଂ ମୁଁ ସ୍ୱାମୀଙ୍କୁ କହିଲି, "ଆପଣ ଏହି ଛବି ପଛପଟେ ଲୁଚିଛନ୍ତି କି ?" ମୁଁ ଗଣେଶଙ୍କ ଛବିଟିକୁ ଲେଉଟାଇବାବେଳେ ତାହା ପଛପଟେ ବାବାଙ୍କ ଛବି ଦେଖି ଅବାକ୍ ହୋଇଗଲି ।

ସ୍ୱାମୀ ତାଙ୍କୁ ପ୍ରକଟ କରିବାର ଆଉ ଏକ ବାଟ ହେଉଛି ମୁଁ ଟ୍ୟାକ୍ସିରେ ଉଠିବା ବେଳେ ତା ଭିତରେ ସ୍ୱାମୀଙ୍କ ଛବି ବା ମୂର୍ତ୍ତି ଦେଖିଥାଏ । ଏହା ଏପରି ଘଟିଥାଏ ଯେ କୌଣସି ଟ୍ୟାକ୍ସିରେ ସ୍ୱାମୀଙ୍କ ଛବି ନ ଥିଲେ ମୋତେ ଆଶ୍ଚର୍ଯ୍ୟ ଲାଗେ ।

ମୁଁ ମୋ ପରିବାର ସହ ମହାବଳିପୁରମ୍‌ରେ ଜିଆରଟି ରାଡ଼ିସନ ବ୍ଲୁ ରିସୋର୍ଟକୁ ଯାଇଥିଲି । ଆମେ କୋଠରିଟିଏ ନେଇ ସମୁଦ୍ର କୂଳକୁ ଯିବାକୁ ଚାହିଁଲୁ । ବାହାରକୁ ବାହାରିବା ବେଳେ ମୁଁ ସ୍ୱାମୀଙ୍କୁ ପଚାରିଲି, "ଏବେ ଏହି ରେସୋର୍ଟ ଭିତରେ ଆପଣ କିପରି ଦେଖାଦେବେ ?" ମୁଁ ତତ୍‌କ୍ଷଣାତ୍ ସମୁଦ୍ର କୂଳରେ ଗୋଟିଏ ଡଙ୍ଗାରେ ତାଙ୍କର ଛବି ଦେଖିବାବେଳେ ମୋର ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯିବା ପରି ଲାଗିଲା । ହେ ଦେବ ! ଆପଣ ପ୍ରକୃତରେ ସର୍ବବ୍ୟାପୀ ।

ନିକଟରେ ଏକ ଯାତ୍ରା ବେଳେ ମୁଁ ପ୍ରାତଃଭ୍ରମଣ ପାଇଁ ଯାଇଥିଲି, କିନ୍ତୁ ଥରେ 'ସାଇ'ଙ୍କ ସଙ୍କେତ ନ ପାଇ ନିରାଶ ହୋଇ ହୋଟେଲକୁ ଫେରିଲି । ଫାଟକରେ ପ୍ରବେଶ କରିବା ବେଳେ ମୁଁ ପଚାରିଲି, "ସ୍ୱାମୀ, ଆଜି କ'ଣ ହେଲା ? ପ୍ରଥମ ଥର ପାଇଁ ଆପଣ ମୋ ପ୍ରାତଃଭ୍ରମଣ ବେଳେ ଆସିନାହାନ୍ତି ।" ସେତେବେଳେ ମୁଁ ହୋଟେଲର ସୁରକ୍ଷା କର୍ମୀଙ୍କୁ ଦେଖି ଚକିତ ହୋଇଗଲି । ତା ଜାମାର ବ୍ୟାଜ୍‌ରେ 'ଓଁ ସାଇ' ସଙ୍କେତ ଖୋଦିତ ଥିଲା । ସେହି ସୁରକ୍ଷା ସେବା ପ୍ରତିଷ୍ଠାନର ନାମ ଥିଲା 'ଓଁ ସାଇ ସିକ୍ୟୁରିଟି', ତେଣୁ ମୁଁ ମୋର 'ସାଇ' ପ୍ରତୀକ ପାଇଗଲି ।

ଓଁ ଜୟ ସାଇରାମ !

"ତୁମେ ମୋର ଯେତିକି ନିକଟ ମୁଁ ତୁମର ସେତିକି ନିକଟ । ନାମ ସ୍ମରଣ କରିବା ବେଳେ ରୂପ ଜାଗ୍ରତ ହୁଏ । ରୂପ ସ୍ମରଣ କଲେ ନାମ ଜାଗ୍ରତ ହୁଏ । ନାମ ଓ ରୂପ ଅବିଚ୍ଛେଦ୍ୟ । ତାହା ହେଉଛି ଉପସ୍ଥିତିର ଅର୍ଥ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଫାଇଣ୍ଡିଙ୍ଗ ଗଡ଼

ଅଧ୍ୟାୟ : ୪୪

ସ୍ୱାମୀ ତୁମଠାରୁ ଦୂରରେ ନାହାନ୍ତି

'ଭଗବାନ ତୁମ ନିଜର ହୃଦୟ ପରି ପ୍ରିୟତମ ଓ ନିକଟତମ ବୋଲି ଜାଣ । ତାଙ୍କୁ ପ୍ରାର୍ଥନା କର । ତାଙ୍କର ଉତ୍ତର ନିଶ୍ଚିତ ଭାବରେ ତତ୍‌କ୍ଷଣାତ୍ ମିଳିଯିବ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ନବମ ଭାଗ

ମୋର ପ୍ରଥମ ଜାପାନ ଯାତ୍ରା କଥା । ୧୯୯୪ରେ ଜାପାନର କୋବେଠାରେ ଏକ ଅନ୍ତର୍ଜାତୀୟ ମଧୁମେହ ବିଶେଷଜ୍ଞ ସମ୍ମିଳନୀରେ ଯୋଗ ଦେବା ପାଇଁ ମୁଁ ନିମନ୍ତ୍ରିତ ହୋଇଥିଲି । ଗୁରୁବାର ଦିନ ମୁଁ ଜାପାନରେ ପହଞ୍ଚି ବିମାନ ବନ୍ଦରରୁ ହୋଟେଲକୁ ଯାଉଥିବା ବେଳେ ଏଠାରେ ଜାପାନରେ ସାଇ ଭଜନରେ ଯୋଗ ଦେଇପାରିବି କି ବୋଲି ଭାବି ଭାବି ହୋଟେଲରେ ପହଞ୍ଚିଲି । ଏହାର ସମ୍ଭାବନା ବିଷୟରେ ଏଣୁତେଣୁ ଭାବି ଏହା ଏକ ସ୍ୱପ୍ନ ବୋଲି ନିଜକୁ କହିଲି । ମୋ ଆଗରେ ଥିବା ଭାଷାଜନିତ କଷ୍ଟ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ଅତିକ୍ରମ କରି ମୁଁ କିପରି ସାଇ ଭଜନରେ ଯୋଗ ଦେଇପାରିବି ? ଅଧିକନ୍ତୁ କୋବେରେ ସାଇ କେନ୍ଦ୍ର ଥିବ କି ? ତାହା ହେଉଛି ଇଣ୍ଟରନେଟ ଓ ଗୁଗୁଲ ନଥିବା ବେଳର କଥା !

ମନରେ ଏହି ଚିନ୍ତା ରଖି ମୁଁ ହୋଟେଲରେ ପ୍ରବେଶ କଲି ଏବଂ ସ୍ୱାଗତ କକ୍ଷଠାରେ ବଡ଼ ବଡ଼ ଅକ୍ଷରରେ 'ପ୍ରଶାନ୍ତି' ଲେଖାଯାଇଥିବାର ଦେଖି ମୋର ହୃତ୍‌ସ୍ପନ୍ଦନ ବଢ଼ିଗଲା । ମୁଁ ଅଭ୍ୟର୍ଥନାକାରୀଙ୍କ ପାଖକୁ ଯାଇ ପ୍ରଶାନ୍ତି କ'ଣ ବୋଲି ପଚାରିଲି । ପ୍ରଶାନ୍ତିର ଅର୍ଥ ବିଷୟରେ ତାଙ୍କର ଧାରଣା ନ ଥିବାରୁ ସେ ମୋତେ ବୁଝାଇ ପାରିଲେ ନାହିଁ । ପ୍ରବେଶର ଔପଚାରିକତା ଶେଷ କରିବା ପରେ ମୁଁ ପୁଣି ତାଙ୍କ ପାଖକୁ ଯାଇ ପଚାରିଲି, "ଆପଣ ଏହି ପ୍ରଶାନ୍ତି ବିଷୟରେ କିଛି ଅଧିକ ବତାଇ ପାରିବେ କି ? ଏହି ଶବ୍ଦର ଅର୍ଥ କ'ଣ ଓ ଏଠାରେ କାହିଁକି ଏହା ଲେଖାଯାଇଛି ?" ତାପରେ ସେ ତାଙ୍କର ଜଣେ ଜାପାନୀ ସହକର୍ମୀଙ୍କୁ ପଚାରିଲେ ଏବଂ ସେହି ହୋଟେଲର ମାଲିକ ସେହି ଶବ୍ଦ ରଖିବା ପାଇଁ କହିଛନ୍ତି ବୋଲି କହିଲେ । ସେ କ'ଣ ଜଣେ ସାଇଭକ୍ତ କି ବୋଲି ମୁଁ ପଚାରିବାରୁ ସେମାନେ ଏହା ନ ଜାଣିଥିବା ପରି ମନେ ହେଲା । କିନ୍ତୁ ମୋର ଆଗ୍ରହ ଦେଖି ମୁଁ

ଚାହିଁଲେ ସେମାନଙ୍କ ମାଲିକଙ୍କୁ ହୋଟେଲର ଉପର ମହଲାରେ ତାଙ୍କ କାର୍ଯ୍ୟାଳୟକୁ ଯାଇ ଭେଟିପାରିବି ବୋଲି ସେମାନେ କହିଲେ ।

ମୋର ପ୍ରବେଶ ଔପଚାରିକତା ଶେଷ କରିବା ପରେ ମୁଁ ହୋଟେଲ ମାଲିକଙ୍କୁ ଭେଟିବାକୁ ଗଲି ଏବଂ ତାଙ୍କ କୋଠରିରେ ସ୍ୱାମୀଙ୍କର ଛବିଟିଏ ଦେଖି ଆନନ୍ଦରେ ବିସ୍ମିତ ହେଲି । ସେ ଖୁବ୍ କମ୍ ଇଂରାଜୀ କହୁଥିଲେ ଏବଂ ପ୍ରାୟ ଜାପାନୀରେ କହୁଥିଲେ । ମୁଁ ସ୍ୱାମୀଙ୍କ ଛବିକୁ ଦେଖାଇବାରୁ ସେ ତତ୍‌କ୍ଷଣାତ୍ କହିଲେ, "ହଁ, ହଁ, ସାଇବାବା, ସାଇବାବା ।" ସେ କ'ଣ ଜଣେ ଭକ୍ତ ଓ ତାଙ୍କ ହୋଟେଲ୍‌ରେ ଥିବା ପ୍ରଶାନ୍ତି ଶବ୍ଦର ତାଙ୍କର ଭକ୍ତ ହେବା ସହ କିଛି ସମ୍ବନ୍ଧ ଅଛି କି ବୋଲି ପଚାରିବାରୁ ସେ କହିଲେ, "ହଁ, ହଁ, ପ୍ରଶାନ୍ତି, ପ୍ରଶାନ୍ତି, ପ୍ରଶାନ୍ତିନିଳୟମ୍ ।' ସେ ଜଣେ ଭକ୍ତ ବୋଲି ମୁଁ ଜାଣିଲି ଏବଂ ସେ ମୋତେ ପଚାରିଲେ, "ଆପଣ ଭଜନରେ ଯୋଗ ଦେବାକୁ ଚାହୁଁଛନ୍ତି କି ?" ହୋଟେଲରେ ପଶିବା ପୂର୍ବରୁ ତାହା ହିଁ ମୋର କାମନା ହୋଇଥିବାରୁ ମୁଁ ହତଚକିତ ହୋଇ ପଡ଼ିଲି । ତାହା ପାଖରେ କେଉଁଠି କି ବୋଲି ପଚାରିବାବେଳେ ସାଇକେନ୍ଦ୍ର ମୁଁ ରହୁଥିବା ହୋଟେଲଠାରୁ ଚାଲିବା ବାଟ ବୋଲି ଶୁଣି ଆହୁରି ବିସ୍ମିତ ହୋଇଗଲି । ଅଧିକନ୍ତୁ ସେ ମୋତେ ସେହି ସନ୍ଧ୍ୟାରେ ସେଠାକୁ ନେଇଯିବାକୁ କହିଲେ ।

ତେଣୁ କିଛି କାମ ନ ଥିବାରୁ ସେହି ସନ୍ଧ୍ୟାରେ ମୁଁ ସାଇ ଭଜନରେ ଯୋଗ ଦେଲି । ଅଧିକାଂଶ ଭଜନ ଜାପାନୀରେ ଥିଲା, କିନ୍ତୁ ଅଳ୍ପ କେତୋଟି ଇଂରାଜୀରେ ଓ କେତୋଟି ପାରମ୍ପରିକ ଭଜନ ବୋଲାଯାଇଥିଲା । ମୋଟ ଉପରେ ଏହା ଏକ ଅନନ୍ୟ ଅନୁଭୂତି ଥିଲା ଏବଂ ମୁଁ ଜାପାନୀ ଭକ୍ତମାନଙ୍କ ଦ୍ୱାରା ପ୍ରଦର୍ଶିତ ଭକ୍ତି ଦେଖି ଚକିତ ହୋଇଗଲି । ସେଦିନ ସାଇକେନ୍ଦ୍ରରେ ମୁଁ କେବଳ ଜଣେ ଅଣ-ଜାପାନୀ ଥିଲି । ସେମାନେ ମଧ୍ୟ ମୋତେ ରହି ଭଜନ ପରେ ବିତରଣ କରାଯାଉଥିବା ପ୍ରସାଦ ଗ୍ରହଣ କରିବାକୁ ବାଧ୍ୟ କଲେ ।

ମୁଁ ସ୍ୱାମୀଙ୍କ ଭକ୍ତ ନ ଥିବା ବେଳେ ଜେନେଭାରେ ଯୋଗ ଦେଇଥିବା ବିଦେଶରେ ମୋର ପ୍ରଥମ ସାଇଭଜନ ଛଡ଼ା ଏହା ଥିଲା ବିଦେଶରେ ସାଇ ଭଜନରେ ଯୋଗଦେବାରେ ମୋର ପ୍ରଥମ ଅନୁଭୂତି ଏବଂ ଏହାକୁ ଅନନ୍ୟ ଅନୁଭୂତି ବୋଲି ମୁଁ ସ୍ୱୀକାର କରିବି । ଏହା ପ୍ରକୃତରେ ମୋର ଆଖି ଖୋଲିଦେଲା ଏବଂ ମୋତେ ଲାଗିଲା ଯେ ମୁଁ ମୋର ବୃତ୍ତିଗତ କାର୍ଯ୍ୟରେ ବ୍ୟାପକ ଭ୍ରମଣ କରୁଥିବାବେଳେ ଯଦି କୌଣସିମତେ ସାଇ ଭଜନରେ

ଯୋଗ ଦେଇପାରିବି କିମ୍ବା ଅନ୍ତତଃ ସାଇ କେନ୍ଦ୍ରକୁ ଯାଇପାରିବି ତାହା ମୋର ବ୍ୟକ୍ତିଗତ ସାଧନା ହେବ ଏବଂ ମୁଁ ବୃତ୍ତି ସହ ଆଧ୍ୟାତ୍ମିକ କାର୍ଯ୍ୟକୁ ସଂଯୋଗ କରିବାର ଅଦ୍ଭୁତ ଶୈଳୀ ହେବ । ଆଉ ମୁଁ ପୃଥିବୀରେ ଯେଉଁଠିକୁ ଗଲେ ବି ସ୍ୱାମୀଙ୍କ ସହ ସଂଯୁକ୍ତ ହୋଇପାରିବି । ସ୍ୱାମୀଙ୍କ କୃପାରୁ ଏହା କିପରି ସମ୍ଭବ ହେଲା ତାହା ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ବର୍ଣ୍ଣିତ ।

ଓଁ ଜୟ ସାଇରାମ !

"ବେଦମାନେ ଘୋଷଣା କରନ୍ତି, 'ଦୂରାତ୍ ଦୂରେ ଅନ୍ତିକୋଚ' । ଏହାର ଅର୍ଥ ଭଗବାନ ତୁମେ ତାଙ୍କଠାରୁ ଯେତିକି ଦୂରରେ ବୋଲି ଭାବୁଛ ସେତିକି ଦୂରରେ ଓ ଯେତେ ନିକଟରେ ବୋଲି ଭାବୁଛ ସେତିକି ନିକଟରେ ଅଛନ୍ତି । ତୁମ ନିଜର ଭାବନା ହିଁ ଦୂରତ୍ୱ ନିର୍ଦ୍ଧାରଣ କରେ । ଦୂରତା ବା ନିକଟତା ସର୍ବବ୍ୟାପୀ ଭଗବାନଙ୍କ ସହ ସମ୍ପୃକ୍ତ ନୁହେଁ । ସେ ପୃଥିବୀର ସୂକ୍ଷ୍ମତମ ଅଣୁରେ ଓ ବୃହତ୍ତମ ବସ୍ତୁରେ ଅଛନ୍ତି ।"

-ଭଗବାନ ଶ୍ରୀ ସତ୍ୟସାଇ ବାବା,

ଅମୃତଧାରା : ୧୯୯୧

ଅଧ୍ୟାୟ : ୪୫

ଆମେ ସ୍ୱାମୀଙ୍କୁ ପ୍ରେମରେ ବାନ୍ଧିପାରିବା

'ତୁମେ ଶାରୀରିକ ଦୃଷ୍ଟିରୁ ଦୂରରେ ଥାଇପାର, କିନ୍ତୁ ମାନସିକ ଦୃଷ୍ଟିରୁ ମୋ ପାଖରେ ଅଛ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ପଞ୍ଚମ ଭାଗ

୧୯୯୯ରେ ଥାଇଲାଣ୍ଡର ବ୍ୟାଙ୍କକଠାରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ବ୍ୟାଖ୍ୟାନ ଦେବା ପାଇଁ ମୋତେ ନିମନ୍ତ୍ରଣ କରାଯାଇଥିଲା । କହିବା ପାଇଁ ମୋର ପାଳି ପଡ଼ିବାର ଠିକ୍ ପୂର୍ବରୁ ଜଣେ ଅପରିଚିତ ହଠାତ୍ ମୋ ପାଖକୁ ଆସି କହିଲେ, "ସାଇରାମ ! ଆପଣଙ୍କ ବ୍ୟାଖ୍ୟାନ ପାଇଁ ଶୁଭକାମନା ।" ମୁଁ ତାଙ୍କୁ ପୂର୍ବରୁ ଦେଖିନଥିଲି ଏବଂ ସେ କିଏ ଓ ମୁଁ ଜଣେ ସାଇଭକ୍ତ ବୋଲି ସେ କିପରି ଜାଣିଲେ ଭାବି ଆଶ୍ଚର୍ଯ୍ୟ ହେଲି । ମୋର ବ୍ୟାଖ୍ୟାନ ପରେ ପରେ ମୁଁ ତାଙ୍କୁ ଖୋଜିଲି, କିନ୍ତୁ ସେ ଶ୍ରୋତାମଣ୍ଡଳୀରେ କେଉଁଠି ଦେଖାଗଲେ ନାହିଁ । ଠିକ୍ ମୋର ବ୍ୟାଖ୍ୟାନ ପୂର୍ବରୁ ବିଦେଶରେ କେହି ଜଣେ ମୋତେ 'ସାଇରାମ' କହିବାକୁ ଆସିବା ମୋତେ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ସେ ସ୍ୱାମୀଙ୍କର ଜଣେ ବାର୍ତ୍ତାବହ ହୋଇଥିବେ ବୋଲି ମୁଁ ଭାବିଲି ।

ସେଦିନ ଗୁରୁବାର ଥିଲା ଏବଂ ସାଇ ଭଜନରେ ଯୋଗ ଦେବାପାଇଁ ମୋର ଗଭୀର ଅଭିଳାଷ ହେଲା । ଆମେ ବ୍ୟାଙ୍କକ୍‌ଠାରୁ ବହୁ ଦୂରରେ ମହିଡୋଲ ବିଶ୍ୱବିଦ୍ୟାଳୟରେ ରହୁଥାଉ । ମୁଁ ବ୍ୟାଙ୍କକ୍‌ରେ ସାଇକେନ୍ଦ୍ର ବିଷୟରେ ଜାଣିବାକୁ ଚେଷ୍ଟା କଲି, କିନ୍ତୁ ଭାଷା ସମସ୍ୟା ଯୋଗୁଁ କେହି ମୋତେ ଦିଗ୍‌ଦର୍ଶନ ଦେଇପାରିଲେ ନାହିଁ । ପୁନଶ୍ଚ ସେତେବେଳେ ଇଣ୍ଟରନେଟ ଉପଲବ୍ଧ ନ ଥିବାରୁ ମୁଁ ସୂଚନା ଖୋଜି ପାରିଲି ନାହିଁ, ଯେପରି ସହଜରେ ଆମେ ଆଜି କରିପାରୁଛେ । ବହୁ କଷ୍ଟରେ ମୁଁ ଏକ ସାଇକେନ୍ଦ୍ର ଠାବ କଲି, କିନ୍ତୁ ତାହା ବିଶ୍ୱବିଦ୍ୟାଳୟ ପରିସରଠାରୁ ୨୦-୩୦ କି.ମି. ଦୂର ଥିଲା । ଆହୁରି ମଧ୍ୟ ସେତେବେଳେ ବ୍ୟାଙ୍କକ୍‌ରେ ଯାତାୟାତ ବ୍ୟବସ୍ଥା ପୃଥିବୀରେ ସବୁଠାରୁ ଖରାପ ଥିଲା । ଯାହା ବି ହେଉ ମୁଁ ଭଜନ ଯିବାକୁ ଠିକ୍ କଲି ଏବଂ ଗୋଟିଏ ଟ୍ୟାକ୍ସିରେ ଗଲି । ବାଟରେ ମୁଁ ଭାବୁଥାଏ ସେମାନେ ଥାଇ ଗୀତ ଗାଇବେ ନା ଭାରତରେ ଆମେ ପରିଚିତ ଥିବା ଭଜନ ଗାଇବେ ? କେତୋଟି ଅନ୍ତତଃ ମୁଁ ଜାଣିଥିବା ଭଜନ ଥିବ ବୋଲି

ମୁଁ ଆଶା କଲି । ମୁଁ ନିଜକୁ କହିଲି ଯେ ସେମାନେ 'ମାନସ ଭଜରେ ଗୁରୁଚରଣମ୍' ଗାଇଲେ ସାଇକେନ୍ଦ୍ରକୁ ମୋର ଆଗମନ ବିଷୟରେ ସ୍ୱାମୀ ଜାଣନ୍ତି ବୋଲି ସଙ୍କେତ ପାଇବି । ମୁଁ ଠିକ୍ ଭଜନ ସମୟରେ ପହଞ୍ଚିଲି । ପ୍ରଥମଟି ଏଇ ଥାଇ ଗୀତ ଥିଲା ଏବଂ ଆଶ୍ଚର୍ଯ୍ୟର କଥା ଦ୍ୱିତୀୟଟି ଥିଲା 'ମାନସ ଭଜରେ ଗୁରୁଚରଣମ୍' । ସ୍ୱାମୀ ମୋ ପ୍ରାର୍ଥନା ଶୁଣିଛନ୍ତି ବୋଲି ଉପଲବ୍ଧି କରି ଲୁହ ମୋ ଗାଲ ପର୍ଯ୍ୟନ୍ତ ଝରି ଆସିଲା ଏବଂ ମୋ ହୃଦୟ ଆନନ୍ଦରେ ଭରିଗଲା । ଭଜନ ସରିବା ପରେ ମୁଁ ବିଶ୍ୱବିଦ୍ୟାଳୟ ପରିସରକୁ ଫେରି ଆସିଲି ।

ବିଶ୍ୱବିଦ୍ୟାଳୟ ପରିସରରେ ପହଞ୍ଚିବା ବେଳକୁ ବହୁତ ରାତି ହୋଇଯାଇଥିଲା । କ୍ଳାନ୍ତ ହୋଇ ମୁଁ ଶୋଇପଡ଼ିଲି ଏବଂ ଏକ ସୁନ୍ଦର ସ୍ୱପ୍ନ ଦେଖିଲି । ସେହି ସ୍ୱପ୍ନରେ ମୁଁ ପୁଟ୍ଟପର୍ତ୍ତିରେ ସ୍ୱାମୀଙ୍କ ପାଖରେ ବସିଥିଲି ଏବଂ ସ୍ୱାମୀ କେତେଜଣ ଭକ୍ତଙ୍କ ସହ କଥା ହେଉଥିଲେ । ମୋତେ ଦେଖାଇ ସେ କହିଲେ, "ଆଜି ମୋ ଭଜନରେ ଯୋଗ ଦେବାକୁ ସେ କେତେ କଷ୍ଟ କଲା ଜାଣିଛ ? ସେ ଥାଇଲାଣ୍ଡରେ ଅଛି ଓ ତାକୁ ବହୁତ ବାଟ ଯିବାକୁ ପଡ଼ିଲା । ବିଚରା ଭାଷା ବି ଜାଣିନଥିଲା । ତଥାପି ସେ ଭଜନରେ ଯୋଗ ଦେବାକୁ ଗଲା, ମୁଁ ଭାରି ଖୁସି, ଭାରି ଖୁସି ।" ଏହା କହି ସେ ମୋତେ ଚାହିଁ ହସିଲେ । ମୁଁ ଅବର୍ଣ୍ଣନୀୟ ଭାବରେ ଆହ୍ଲାଦିତ ହେଲି । ଅତି ଆନନ୍ଦରେ ଉଠିପଡ଼ି ସ୍ୱାମୀ ତାଙ୍କର ଅସୀମ କରୁଣାରୁ ମୋତେ ଏହି ଅଦ୍ଭୁତ ସ୍ୱପ୍ନ ଆଶୀର୍ବାଦ କରି ପୁଣି ତାଙ୍କର ସର୍ବବ୍ୟାପକତା ଓ ସର୍ବଜ୍ଞତା ପ୍ରଦର୍ଶନ କରିଛନ୍ତି ।

ଓଁ ଜୟ ସାଇରାମ !

"ମୁଁ ଦୂରତ୍ୱକୁ ମାଇଲ ବା ମିଟରରେ ମାପେ ନାହିଁ; ମୁଁ ସବୁବେଳେ ତୁମ ସାଥିରେ, ତୁମ ଭିତରେ, ତୁମ ପାଖରେ ଅଛି; କେବଳ ତୁମେ ମୋ ବିଷୟରେ ଅବଗତ ହେବା ଏବଂ ମୋ ଉପସ୍ଥିତିର ଉପଯୋଗ କରିବା ଦରକାର ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା

ଦିବ୍ୟ ସମ୍ଭାଷଣ : ପଞ୍ଚମ ଭାଗ

ଅଧ୍ୟାୟ : ୪୬

ସ୍ୱାମୀ ସର୍ବଦା ଆମ କାର୍ଯ୍ୟ ବିଷୟରେ ଅବଗତ

'ପୃଥିବୀରେ ଏପରି କିଛି ନାହିଁ ଯାହା ପ୍ରାର୍ଥନା ଦ୍ୱାରା ହାସଲ କରି ନ ହେବ । ପ୍ରାର୍ଥନା କଠୋରତମ ହୃଦୟକୁ ବିଗଳିତ କରେ । ପୂର୍ଣ୍ଣ ହୃଦୟରେ ପ୍ରାର୍ଥନା କର ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା : ୨୦୦୦

ଜୁଲାଇ ୨୦୧୨ରେ ମୁଁ ଦକ୍ଷିଣ ଆମେରିକାର ବ୍ରାଜିଲରେ ସାଓପଲୋକୁ ଯାଇଥିଲି । ଏହା ଥିଲା ଦକ୍ଷିଣ ଆମେରିକାକୁ ମୋର ପ୍ରଥମ ଯାତ୍ରା । ବ୍ରାଜିଲରେ କଥିତ ଭାଷା ହେଉଛି ପର୍ତ୍ତୁଗୀଜ ଏବଂ ବହୁତ କମ୍ ଲୋକ ଇଂରାଜୀ କହନ୍ତି । ସେଦିନ ଗୁରୁବାର ଥିଲା । ସେଦିନ ମୁଁ ଅପେକ୍ଷାକୃତ ଫାଙ୍କା ଥିଲି, କାରଣ ପରଦିନଠାରୁ ମୁଁ ସମ୍ମିଳନୀରେ ବ୍ୟସ୍ତ ରହିବି । ମୁଁ ମୋ ହୋଟେଲ କୋଠରିରେ ବସି ଅନ୍ତତଃ କିଛି ସମୟ ପାଇଁ ସାଓପଲୋ ସାଇକେନ୍ଦ୍ରକୁ ଯାଇ ପାରିବି କି ବୋଲି ଭାବୁଥିଲି । ଭାଷା ସମସ୍ୟା ଯୋଗୁଁ ମୁଁ ସେହି ଭାବନା ଦୂର କରିଦେଲି, ସେହି ସ୍ଥାନରେ ଭାଷା ନ ଜାଣି ନିଜ ସ୍ଥାନରୁ ବାହାରକୁ ବାହାରିବା ନିରାପଦ ନୁହେଁ ।

ମୁଁ ସାଇକେନ୍ଦ୍ରକୁ ଯିବା ବିଷୟରେ ଭାବିବାର ଅଳ୍ପ କେତେ ମିନିଟ୍ ମଧ୍ୟରେ ଚେନ୍ନାଇରେ ମୋର ଜଣେ ସାଇଭକ୍ତ ଛାତ୍ରଠାରୁ ମୁଁ ସାଓପଲୋରେ କୌଣସି ସାଇ କେନ୍ଦ୍ରକୁ ଯାଉଛି କି ବୋଲି ଇ-ମେଲଟିଏ ପାଇଲି । ମୁଁ ଉତ୍ତର ଦେଲି, "ମୁଁ ଏ ବିଷୟରେ ଭାବୁଥିଲି, କିନ୍ତୁ ଭାଷା ଜନିତ ଅସୁବିଧା ଯୋଗୁଁ ମୁଁ ଯିବି କି ନାହିଁ ବୋଲି ଦ୍ୱିଧାରେ ଅଛି । ଏହାଛଡ଼ା କେଉଁଠାରେ ସାଇକେନ୍ଦ୍ର ଅଛି ମୁଁ ଜାଣିନାହିଁ ।" ଚାମତ୍କାରିକ ଭାବରେ ମୋର ଛାତ୍ର ମଙ୍ଗାଲୁରୁରେ କାହା ସହ ଫୋନ୍‌ରେ ସଂଯୁକ୍ତ କରିଦେଲା, ସେ ଆମେରିକାରେ ଜଣକ ସହ ଯୋଡ଼ି ଦେଲା, ଯେ ସାଓପଲୋରେ ଜଣକୁ ଜାଣିଥିଲା । ଅଳ୍ପ ସମୟ ମଧ୍ୟରେ ମୁଁ କେବଳ ସାଇକେନ୍ଦ୍ରର ଠିକଣା ପାଇଲି ନାହିଁ ମାତ୍ର ଯୋଗାଯୋଗ ନିମନ୍ତେ ଜଣେ ବ୍ୟକ୍ତିଙ୍କ ନାମ ଓ ଫୋନ୍ ନମ୍ବର ପାଇଲି ।

ଏହି ଚମତ୍କାରକୁ ବିଶ୍ୱାସ କରିନପାରି ମୁଁ ତଳକୁ ଯାଇ ଅଭ୍ୟର୍ଥନାକାରୀଙ୍କୁ ଏହି କେନ୍ଦ୍ରକୁ ଯିବାକୁ ଚାହୁଁଛି ବୋଲି କହିଲି । ସେମାନେ ଫୋନ୍ ଲଗାଇ କେନ୍ଦ୍ର ବନ୍ଦ ହୋଇଯାଇଛି ଏବଂ ଶନିବାର ଦିନ ଖୋଲିବ ବୋଲି ସନ୍ଦେଶ ପାଇଲେ । ମୁଁ ସଂପୃକ୍ତ ବ୍ୟକ୍ତିଙ୍କୁ ମୁଁ ସେଦିନ ଖାଲି କେନ୍ଦ୍ରକୁ ଯାଇ ପାରିବି କି ବୋଲି ପଚାରିବାକୁ ସେମାନଙ୍କୁ କହିଲି । କିନ୍ତୁ କେନ୍ଦ୍ର ବନ୍ଦ ହୋଇଯାଇଛି ଓ ସେଦିନ କୌଣସିମତେ ଯାଇ ହେବ ନାହିଁ ବୋଲି ଖବର ମିଳିଲା । ନିରାଶ ଓ ସ୍ୱାମୀଙ୍କ ପ୍ରତି କ୍ଷୁବ୍ଧ ହୋଇ ମୁଁ ସ୍ୱାମୀଙ୍କ ସହ କଥା ହେବାକୁ ଲାଗିଲି, "ଠିକ୍ ଅଛି ସ୍ୱାମୀ, ଆପଣ ଯଦି ମୋତେ ଯାଇ ଆପଣଙ୍କୁ ଦେଖିବାକୁ ଚାହୁଁନାହାନ୍ତି, ତେବେ ମୁଁ ଯିବି ନାହିଁ । ବରଂ ବଜାରକୁ ଯିବି ।"

ମୁଁ ଏକ ନିକଟବର୍ତ୍ତୀ ମଲ୍‌କୁ ଯିବାକୁ ଠିକ୍ କଲି । ଟ୍ୟାକ୍ସିରେ ମଲ୍‌କୁ ଯାଇ ଭିତରକୁ ପଶିବା ବେଳେ ମୁଁ ଚକିତ ହୋଇଗଲି । କାରଣ ଠିକ୍ ମୋ ଆଗରେ ଏକ ଦୋକାନରେ ସ୍ୱାମୀଙ୍କ ଛବି ଥିଲା । ମୋତେ ପ୍ରଥମେ ସ୍ୱପ୍ନ ଦେଖିବା ପରି ଲାଗିଲା, କିନ୍ତୁ ପାଖକୁ ଯିବାବେଳେ ସ୍ୱାମୀଙ୍କ ଛବି ରଖାଯାଇଥିବାର ଦେଖିଲି । ମୁଁ ଦୋକାନ ଭିତରକୁ ଗଲି । ଦୁଇଜଣ ବ୍ରାଜିଲୀୟ ମହିଳା ଥିଲେ । ମୁଁ ସ୍ୱାମୀଙ୍କ ଛବିକୁ ଦେଖାଇ ତାଙ୍କ ବିଷୟରେ ପଚାରିଲି, କିନ୍ତୁ ସେମାନେ ସ୍ୱାମୀ କିଏ ଜାଣିନଥିଲେ । ମୁଁ ମୋ ହାତର ମୁଦି ଦେଖାଇ ସେହି ଛବି ସେଠାରେ ରଖାଯାଇଛି ବୋଲି ସେମାନଙ୍କୁ କହିଲି । କିନ୍ତୁ ସେମାନେ ବୁଝିପାରିଲେ ନାହିଁ । ମୋତେ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା ଯେ ଦୋକାନରେ ସ୍ୱାମୀଙ୍କ ଛବି ଅଛି, କିନ୍ତୁ ସେମାନେ ସ୍ୱାମୀଙ୍କ ବିଷୟରେ କିଛି ଜାଣନାହିଁ । ସେତେବେଳେ ମୁଁ ବୁଝିଲି ଯେ ଛବିଟି ମୋ ପାଇଁ । ସ୍ୱାମୀଙ୍କୁ ଦେଖିବା ସକାଶେ ସାଇକେନ୍ଦ୍ରକୁ ଯିବା ପାଇଁ ମୋର ଗଭୀର ଆକୁଳତା ଥିବାରୁ ସ୍ୱାମୀ ନିଜେ ମଲ୍‌ରେ ମୋ ଆଗରେ ପ୍ରକଟ ହେଲେ । ହେ ସ୍ୱାମୀ! ଆପଣ ଆମ ଭକ୍ତମାନଙ୍କ ପାଇଁ ଯାହା କରୁଛନ୍ତି, ସେଥିପାଇଁ ଆମେ କିପରି ଆପଣଙ୍କୁ ଧନ୍ୟବାଦ ଦେଇପାରିବୁ!

ମୁଁ ଦୋକାନ ଭିତରକୁ ଯାଇ ଧୂପକାଠି ବିକ୍ରି ହେଉଥିବାର ଏବଂ ଡବା ଉପରେ ସ୍ୱାମୀଙ୍କ ଛବି ଥିବାର ଦେଖିଲି । ମୁଁ ଧୂପକାଠି ଡବା ଉଠାଇ ସେଥିରୁ ବେଙ୍ଗାଲୁରୁରେ ତିଆରି ହୋଇ ବ୍ରାଜିଲ ଆସିଥିବାର ଜାଣିଲି । ମୁଁ ଧୂପକାଠି ଓ ସ୍ୱାମୀଙ୍କ ବିଷୟରେ ଦୋକାନରେ କାମ କରୁଥିବା ମହିଳାମାନଙ୍କୁ କହିଲି, କିନ୍ତୁ ସେମାନେ ବିକିବା ଛଡ଼ା ଆଉ କିଛି ଜାଣିନଥିବା ପରି ଚାହିଁଲେ । ମୁଁ ଅନେକ ଧୂପକାଠି ଡବାର ଫଟୋ ଉଠାଇ

ହୋଟେଲକୁ ଫେରି ଆସିଲି । ଘଟଣାଟି ମୁଁ ସମାଧିରେ ଥିବା ପରି ମନେ ହେଲା, କିନ୍ତୁ ମୋ ହାତରେ ପ୍ରକୃତରେ ଧୂପକାଠି ଡବା ଥିଲା ପ୍ରମାଣ ଭାବରେ ଯେ ମୁଁ ସାଓପଲୋରେ ସ୍ୱାମୀଙ୍କୁ ଦେଖିଛି । ପ୍ରିୟ ପାଠକଗଣ, ଭାରତରେ ମଧ୍ୟ ଧୂପକାଠି ଡବାରେ ସ୍ୱାମୀଙ୍କ ଛବି ଥିବା ସାଧାରଣ କଥା ନୁହେଁ । ମୋ ପାଇଁ ଏହା ଥିଲା ସ୍ୱାମୀଙ୍କ ସର୍ବବିଦ୍ୟମତାର ଆଉ ଏକ ପରିପ୍ରକାଶ ।

କଥା ଏଇଠି ସରିନାହିଁ । ଶନିବାର ଦିନ ସମ୍ମିଳନୀ ଛଅଟା ପର୍ଯ୍ୟନ୍ତ ହେବାର ଥିଲା ଏବଂ ତାପରେ ସାତଟାବେଳେ ସମୂହ ରାତ୍ରିଭୋଜନ ଥିଲା । ସାଓପଲୋ ସାଇକେନ୍ଦ୍ରର ଦୁଇଜଣ ମୋ ସହ ଯୋଗାଯୋଗ କରି ଛଅଟାରୁ ସାତଟା ଭଜନ ହେବ ଏବଂ ମୁଁ ଭଜନରେ ଯୋଗ ଦେବାକୁ ଚାହିଁଲେ ସେମାନେ ମୋତେ ହୋଟେଲରୁ ନେଇଯିବେ ବୋଲି କହିଲେ । ସମ୍ମିଳନୀ କାର୍ଯ୍ୟକ୍ରମ ଯୋଗୁ ମୁଁ ପ୍ରଥମେ ମନା କଲି । କିନ୍ତୁ ଆଉ ଏକ ଚମତ୍କାର ହେଲା ଯେ ସମ୍ମିଳନୀର କାର୍ଯ୍ୟକ୍ରମ ବଦଳିଗଲା ଏବଂ କାର୍ଯ୍ୟକ୍ରମ ପାଞ୍ଚଟାରେ ସରିବ ଓ ରାତ୍ରି ଭୋଜନ ୮ଟାରେ ହେବ ବୋଲି ଠିକ୍ ହେଲା । ଏହା ମୋତେ ସାଇ କେନ୍ଦ୍ରକୁ ଯାଇ ଭଜନରେ ଯୋଗ ଦେବାକୁ ଯଥେଷ୍ଟ ସମୟ ଦେଲା । ମୁଁ ପୁଣି ସାଇକେନ୍ଦ୍ରର ଲୋକମାନଙ୍କ ସହ ଯୋଗାଯୋଗ କଲି ଏବଂ ସେମାନେ ମୋତେ ହୋଟେଲରୁ ନେଇଯିବାକୁ ରାଜି ହେଲେ । ଘଟଣାରେ ଏହି ପରିବର୍ତ୍ତନ ଯୋଗୁଁ ମୁଁ ସାଓପଲୋରେ ଭଜନରେ ଯୋଗ ଦେଇପାରିଲି ଏବଂ ଏହା ମୋ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ହୋଇଗଲା ।

ଓଁ ଜୟ ସାଇରାମ!

"ଗଭୀର ଆକୁଳତାର ସହ ଦିନକୁ ଅନ୍ତତଃ ଥରେ ଭଗବାନଙ୍କ ମନନ କର । ତାହେଲେ ହିଁ ତୁମେ ଭଗବାନଙ୍କ ଦର୍ଶନ ପାଇବ । ଭଗବାନ ଅଛନ୍ତି, କିନ୍ତୁ ତାଙ୍କୁ ଖାଲି ଆଖିରେ ଦେଖିହେବ ନାହିଁ । ତୁମେ ସାଂସାରିକ ମାୟାରୁ ମୁକ୍ତ ହେବା ବେଳେ ହିଁ ତାଙ୍କୁ ଦେଖାଯାଇ ପାରିବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,

ଦିବ୍ୟ ସମ୍ଭାଷଣ : ୩୨ତମ ଭାଗ

ଅଧ୍ୟାୟ : ୪୭

ସ୍ୱାମୀ ଭକ୍ତମାନଙ୍କ ସହ ଯୋଗାଯୋଗ କରନ୍ତି କିପରି

'ଆତ୍ମଜ୍ଞାନର ଅନୁଭୂତି ଓ ଆତ୍ମାନନ୍ଦର ଉପଭୋଗ ପାଇଁ ଭକ୍ତି ହେଉଛି ସର୍ବୋତ୍ତମ ସାଧନ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା : ୧୯୯୦

ପୂର୍ବ ଅଧ୍ୟାୟମାନଙ୍କରେ ବର୍ଣ୍ଣିତ ଅନୁଭୂତିଗୁଡ଼ିକ ପରେ ମୁଁ ଯେତେବେଳେ ବି ବିଦେଶକୁ ଗଲେ ବିଭିନ୍ନ ଦେଶରେ ଆମର ସାଇଭାଇ ଓ ଭଉଣୀମାନଙ୍କୁ ଭେଟିବା ପାଇଁ ସାଇ କେନ୍ଦ୍ରମାନଙ୍କୁ ଯିବାର ସୁଯୋଗ ଖୋଜିବାକୁ ଲାଗିଲି । ଥରେ ମୋର ସିଙ୍ଗାପୁର ଯାତ୍ରା ବେଳେ ମୋଲମେଁ ରୋଡ଼ରେ ଅବସ୍ଥିତ ସତ୍ୟସାଇ ବାବା କେନ୍ଦ୍ରକୁ ଯିବାର ସୌଭାଗ୍ୟ ପାଇଥିଲି । ମୁଁ ଆସିବି ବୋଲି କାହାକୁ ଜଣାଇ ନ ଥିଲି ଏବଂ ଜଣେ ଭକ୍ତ ଭାବରେ ଯାଇଥିଲି । ମୁଁ ଶୀଘ୍ର ପହଞ୍ଚିଯାଇ ମନ୍ଦିରରେ ବସିଥିଲି, ମୋତେ ଶୋଷ ଲାଗିଲା । ଭଜନ ଆରମ୍ଭ ହୋଇ ନ ଥିବାରୁ ମୁଁ ହଲରୁ ବାହାରକୁ ଆସିଲି । ସଂଗଠନର କାହାକୁ ଦେଖି ମୁଁ ପାଣି କେଉଁଠି ପାଇବି ବୋଲି ପଚାରିଲି । ସେ ମୋ ପାଇଁ ପାଣି ଗିଲାସେ ଆଣିବାକୁ ତଳକୁ ଗଲେ ।

ସେହି ଭଦ୍ରବ୍ୟକ୍ତି ଆସିବା ପୂର୍ବରୁ ମୁଁ ଏକ ଯୁବ ଭାରତୀୟ ଦମ୍ପତିଙ୍କୁ କେନ୍ଦ୍ରର ଫାଟକ ଭିତରେ ପଶୁଥିବାର ଦେଖିଲି, ସେମାନେ ମୋ ଆଡ଼କୁ ଆଶ୍ଚର୍ଯ୍ୟ ମୁଦ୍ରାରେ ଚାହିଁଲେ । ସେମାନେ ମୋ ପାଖକୁ ଆସିବା ବେଳେ ଅବିଶ୍ୱାସର ସହ ମୁଣ୍ଡ ହଲାଇଲେ । ଯୁବକଜଣକ ପଚାରିଲେ, "ଆପଣ ଚେନ୍ନାଇର ଡଃ ଭି. ମୋହନ କି ?" ମୁଁ ଆଶ୍ଚର୍ଯ୍ୟ ହୋଇ ହଁ ବୋଲି କହିଲି । ଯୁବକଙ୍କ ଆଖି ଛଳଛଳ ହୋଇଗଲା ଏବଂ ସେମାନେ ନିଜ ଆଖିକୁ ବିଶ୍ୱାସ ନ କରି ପାରିବା ଭଳି ପରସ୍ପରକୁ ଚାହିଁଲେ । ସେମାନେ ମୋତେ କାହାଣୀଟି କହିବାରୁ ସେମାନଙ୍କ ବିସ୍ମୟର କାରଣ ମୁଁ ବୁଝିପାରିଲି । ମୁଁ ରେଡ଼ିଓ ସାଇରେ ଦେଇଥିବା ବ୍ୟାଖ୍ୟାନମାଳାକୁ ସେମାନେ ଗତ କେତେଦିନ ଧରି ଶୁଣିଥିଲେ । ସେମାନେ ସାଇକେନ୍ଦ୍ରକୁ ଆସିବାର କିଛି ସମୟ ପୂର୍ବରୁ ମୋ ଶେଷ ବ୍ୟାଖ୍ୟାନଟି ଶୁଣିଥିଲେ । ବ୍ୟାଖ୍ୟାନ ଶେଷ ହେବା ପରେ ସେହି ଯୁବକ ତାଙ୍କ ସ୍ତ୍ରୀଙ୍କୁ କହିଲେ, "ଆମେ କିପରି ଡଃ ମୋହନଙ୍କୁ ଭେଟିପାରିବା ?" ସେମାନେ ଗୁଗୁଲ୍‌ରେ ମୋର ଛବି ଦେଖିଲେ । ସେମାନେ ମୋଲମେଁ କେନ୍ଦ୍ରରେ ପଶିବା ପୂର୍ବରୁ ଆଗାମୀ ଥର ଭାରତକୁ ଆସିବା ବେଳେ କୌଣସିମତେ ମୋତେ ଭେଟିବେ ବୋଲି କଥାବାର୍ତ୍ତା ହେଉଥିଲେ । ସେମାନେ ରେଡ଼ିଓ ସାଇରେ ମୋର ବ୍ୟାଖ୍ୟାନଗୁଡ଼ିକ ଶୁଣିଛନ୍ତି ବୋଲି ଜଣାଇବା

ପାଇଁ ମୋତେ ଇ-ମେଲଟିଏ ପଠାଇବା କଥା ବି ଭାବୁଥିଲେ । ଏପରି ସମୟରେ ସେମାନେ ସାଇକେନ୍ଦ୍ରର ଫାଟକରେ ପ୍ରବେଶ କରିବା ବେଳେ ମୋତେ ସେମାନଙ୍କ ଆଗରେ ଦେଖିଲେ । ସେମାନେ ଏହି ଚମତ୍କାରକୁ ବିଶ୍ୱାସ କରିପାରିଲେ ନାହିଁ ଏବଂ ମୋତେ ପ୍ରଶ୍ନ ପଚାରି ଚାଲିଲେ, "ଆପଣ କେବେ ସିଙ୍ଗାପୁର ଆସିଲେ ? ଆପଣ ଏହି କେନ୍ଦ୍ରକୁ କିପରି ଆସିଲେ ?" ସିଙ୍ଗାପୁରରେ ଅନେକ ସାଇକେନ୍ଦ୍ର ଅଛି ଏବଂ ମୁଁ କିପରି ଏହି କେନ୍ଦ୍ରକୁ ବାଛିଲି ବୋଲି ସେମାନେ ଜାଣିବାକୁ ଚାହିଁଲେ । ମୁଁ ଗୁଗୁଲ୍‌ରେ ସିଙ୍ଗାପୁର ସାଇକେନ୍ଦ୍ରମାନଙ୍କୁ ଖୋଜି ଏହାର ଠିକଣା ପାଇ ଆସିଲି ବୋଲି କହିଲି ।

ପ୍ରିୟ ପାଠକେ, ଏହି ଚମତ୍କାର ଘଟିବା ପାଇଁ ହୋଇଥିବା ସବୁ ସାଇ ଘଟଣାଗୁଡ଼ିକୁ କଳ୍ପନା କରନ୍ତୁ । ପ୍ରଥମେ ମୁଁ ଶୀଘ୍ର ଆସିଲି । ଦ୍ୱିତୀୟରେ ଶୋଷ ହେବାରୁ ବାହାରକୁ ବାହାରିଲି । ତୃତୀୟରେ ପାଣି ସେଠାରେ ମିଳିଥିଲେ ମୁଁ ପିଇଦେଇ ମନ୍ଦିରରେ ଯାଇ ବସିଥାନ୍ତି । ଏପରି ହୋଇଥିଲେ ମୁଁ ଏହି ଦମ୍ପତିଙ୍କୁ ଦେଖିପାରିନଥାନ୍ତି । ଭଦ୍ରବ୍ୟକ୍ତି ପାଣି ଆଣିବାକୁ ତଳକୁ ଯିବାରୁ ମୁଁ ସେଠାରେ ଏକୁଟିଆ ଅପେକ୍ଷା କଲି । ସେଥିପାଇଁ ଦମ୍ପତି ମୋତେ ଲକ୍ଷ୍ୟ କରିପାରିଲେ । ସେହି ମୁହୂର୍ତ୍ତରେ ସେମାନେ ସାଇ କେନ୍ଦ୍ର ଭିତରେ ପ୍ରବେଶ କଲେ । ଏସବୁ ପ୍ରକୃତରେ ଅବିଶ୍ୱାସ୍ୟ । ମୁଁ ଏହି ବହିରେ ବାରମ୍ବାର ଲେଖିଛି ଯେ ସାଇଭକ୍ତମାନଙ୍କ ପାଇଁ କିଛି ଆକସ୍ମିକ ଘଟଣା (co incidences) ନୁହେଁ, କେବଳ 'ସାଇଘଟଣା' (Sai incidences) ।

କଥା ଏଇଠି ସରିଲା ନାହିଁ । ଭଜନ ପରେ ସେମାନେ ସିଙ୍ଗାପୁରରେ ଅନ୍ୟ ସାଇକେନ୍ଦ୍ରମାନଙ୍କରେ ସେମାନଙ୍କର କେତେକ ବନ୍ଧୁଙ୍କୁ ଜଣାଇ ଦେଲେ, ଯେଉଁମାନେ ତତ୍‌କ୍ଷଣାତ୍ ମୋ ସହ ସମ୍ପର୍କ କରି ସିଙ୍ଗାପୁରରେ ଆଉ କେତୋଟି ସାଇକେନ୍ଦ୍ରକୁ ଆସିବା ପାଇଁ ଅନୁରୋଧ କଲେ । ତେଣୁ ମୁଁ ସିଙ୍ଗାପୁରରେ ବହୁ ଅଧିକ ସାଇଭାଇ ଓ ଭଉଣୀମାନଙ୍କୁ ଭେଟିପାରିଲି ଏବଂ ସେମାନଙ୍କ ସହ ସୁନ୍ଦର ସତ୍‌ସଙ୍ଗ ହେଲା । ସ୍ୱାମୀଙ୍କ ଧାରା ରହସ୍ୟମୟ ଓ ଜଟିଳ । ସେ ବିନ୍ଦୁଗୁଡ଼ିକୁ ଯୋଡ଼ିବା ପରି ଯେପରି ଭାବରେ ଲୋକମାନଙ୍କୁ ଯୋଡ଼ନ୍ତି ତାହା ଏକ ଚମତ୍କାର ।

ଓଁ ଜୟ ସାଇରାମ !

"ବହୁତ୍ୱ ଭାବକୁ ଅତିକ୍ରମ କର ଏବଂ ଏକତ୍ୱ ଭାବର ଅନୁଶୀଳନ କର, ଯାହା ବିବାଦ, ଶୋକ, କଷ୍ଟ ଓ ଗର୍ବ ସମାପ୍ତ କରିବ । ଏକା ପରଦାରେ ବିଭିନ୍ନ ରୂପ ପରି, ବହୁବିଧ ରଙ୍ଗ ଓ ୱାଟ୍‌ର ହେଲେ ବି ଏକା ବିଜୁଳି ଶକ୍ତିରେ ଜଳୁଥିବା ବଲ୍‌ବ ପରି ସମସ୍ତଙ୍କୁ ଏକା ଭଗବାନଙ୍କର ଅଭିବ୍ୟକ୍ତି ଭାବରେ ଦେଖ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ନବମ ଭାଗ

ଅଧ୍ୟାୟ : ୪୮

ସାନ ଡିଏଗୋ ସାଇ ଡିଏଗୋରେ ପରିଣତ

'ଭଗବାନ ଗୋଟିଏ ସ୍ଥାନରେ ପ୍ରକଟ ହୁଅନ୍ତି ବୋଲି ଭାବିବା ଏବଂ ସେହି ସ୍ଥାନକୁ ଯାତ୍ରା କରିବା ଏକ ଦୟନୀୟ ଅନ୍ଧବିଶ୍ୱାସ । ସେ ସବୁଠାରେ, ସମସ୍ତଙ୍କ ଭିତରେ, ସବୁ ସମୟରେ ଅଛନ୍ତି । ସେ ହିଁ ଦେଶ ଓ କାଳରେ ଭରି ରହିଥିବା ଶକ୍ତି ଏବଂ ସେ ହିଁ ସଂଘଟଣ ଭାବରେ ପ୍ରକଟ ହେଉଥିବା ଶକ୍ତି ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ତୃତୀୟ ଭାଗ

ମଇ ୨୦୧୩ରେ ମୁଁ ଏକ ଭେଷଜ ସମ୍ମିଳନୀରେ ଯୋଗ ଦେବା ପାଇଁ ସପରିବାର କାଲିଫର୍ଣ୍ଣିଆର ସାନ ଡିଏଗୋକୁ ଯାଇଥିଲି । ସେଠାରେ ସାଇକେନ୍ଦ୍ର କେଉଁଠି ସେ ବିଷୟରେ ଆମର କିଛି ଧାରଣା ନ ଥିଲା । ହୋଟେଲ କୋଠରିରେ ମୋ ଝିଅ ଅଞ୍ଜୁ ମୋ ସାଥିରେ ଥାଏ । ପରଦିନ ଗୁରୁବାର ହୋଇଥିବାରୁ କୌଣସି ସାଇକେନ୍ଦ୍ରରେ ସାଇ ଭଜନରେ ଯୋଗ ଦେଇପାରିଲେ ଭଲ ହୁଅନ୍ତା ବୋଲି ମୁଁ ତାକୁ କହୁଥିଲି । ସେତିକିବେଳେ ଫୋନ ବାଜିଲା ତାହା ଥିଲା ମୋର ବନ୍ଧୁ ଓ ସହପାଠୀ ଡଃ ସୁନ୍ଦର ମୁଦଲିୟାରଙ୍କର, ଯେ ସାନ ଡିଏଗୋରେ ସୁପରିଚିତ ଏଣ୍ଡୋକ୍ରିନୋଲୋଜିଷ୍ଟ । ସୁନ୍ଦର ସାଇଭକ୍ତ ନ ଥିଲେ । ପରଦିନ ସାନ ଡିଏଗୋ ସାଇକେନ୍ଦ୍ରକୁ ଯିବା ପାଇଁ ମୋର ବେଳ ହେବ କି ପଚାରିବା ବେଳେ ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ସାଇକେନ୍ଦ୍ରକୁ ଯିବା ବିଷୟରେ ସୁନ୍ଦରଙ୍କୁ କିଛି କହି ନ ଥିଲି । ତେଣୁ ଖୁବ୍ ଆଶ୍ଚର୍ଯ୍ୟ ହୋଇ ମୁଁ ଓ ଅଞ୍ଜୁ ସେହି କଥା ଆଲୋଚନା କରୁଥିଲୁ ବୋଲି କହିଲି । ତାଙ୍କର ଜଣେ ସାଇଭକ୍ତ ଡାକ୍ତର ବନ୍ଧୁ(ଡଃ ଅନୁ ରାଜଶେଖରନ୍)ଙ୍କୁ ମୁଁ ଏକ ସମ୍ମିଳନୀରେ ଯୋଗ ଦେବାକୁ ଆସିଛି ବୋଲି କହିବାବେଳେ ସେ ତତ୍‌କ୍ଷଣାତ୍ ତାଙ୍କୁ ସେ ସାଇକେନ୍ଦ୍ରରେ ଭଜନରେ ଯୋଗ ଦେବାକୁ ଆଗ୍ରହୀ ହେବେ କି ବୋଲି ପଚାରିଥିଲେ । କିଛି ସମୟ ପରେ ସୁନ୍ଦର ପୁଣି କହିଲେ ଯେ ସେମାନେ ସତ୍‌ସଙ୍ଗର ଅଂଶବିଶେଷ ଭାବରେ ସାଇକେନ୍ଦ୍ରରେ ମୁଁ ଏକ ବ୍ୟାଖ୍ୟାନ ଦେବା ପାଇଁ ଚାହୁଁଛନ୍ତି । ମୁଁ ସଙ୍ଗେ ସଙ୍ଗେ ରାଜି ହୋଇଗଲି ।

ପରଦିନ ସକାଳେ ଆମର କାମ ନ ଥିବାରୁ ନାତି ପ୍ରଣବ ସହ ଆମେ ବିଶ୍ୱବିଖ୍ୟାତ ସାନ ଡିଏଗୋ ଚିଡ଼ିଆଖାନା ଗଲୁ । ଚିଡ଼ିଆଖାନା ଏତେ ବଡ଼ ଯେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେବା ପାଇଁ ବସ୍ ଅଛି । ଆମେ ଚାରିଆଡ଼େ ବୁଲିବାବେଳେ ହଠାତ୍ ଗୋଟିଏ ବସ୍‌ରେ 'ସାଇ ଡିଏଗୋ' ଲେଖା ଥିବାର ମୁଁ ଦେଖିଲି । ମୋତେ ସେମିତି ଦିଶୁଛି କି ବୋଲି ଭାବି ଝିଅକୁ ପଚାରିବାରୁ ସେ ମଧ୍ୟ 'ସାଇ ଡିଏଗୋ' ଲେଖାଥିବା ସୁନିଶ୍ଚିତ କଲା । ବସ୍ କାହିଁକି 'ସାଇ ଡିଏଗୋ' ଲେଖା ଥିଲା ତାହା ମୁଁ ଆଜି ପର୍ଯ୍ୟନ୍ତ ଜାଣିପାରିନାହିଁ । ସାନର 'ଏନ୍' ଅକ୍ଷରଟି ଘଷି ହୋଇଯାଇ 'ଆଇ' ହୋଇଯାଇଛି ବୋଲି ମୁଁ ଭାବିଲି । ତାପରେ ଆମେ ବସ୍ ପାଖକୁ ଯାଇ ଭଲ ଭାବରେ ଦେଖିଲୁ, କିନ୍ତୁ ସେପରି ଦିଶିଲା ନାହିଁ । ସ୍ପଷ୍ଟ ଭାବରେ 'ସାଇ ଡିଏଗୋ' ଲେଖାଥିଲା ।

ସନ୍ଧ୍ୟାରେ ସାଇ କେନ୍ଦ୍ରରେ ବ୍ୟାଖ୍ୟାନ ଦେବା ବେଳେ ମୁଁ ସାନ ଡିଏଗୋ ସାଇକେନ୍ଦ୍ରର ଭକ୍ତମାନଙ୍କୁ କୌତୁକ କରି କହିଲି ଯେ ସାନ ଡିଏଗୋରେ ସ୍ୱାମୀଙ୍କ ବିଷୟରେ କହିବା ଦରକାର ନାହିଁ, ଯେହେତୁ ସ୍ୱାମୀ 'ସାନ ଡିଏଗୋ'କୁ 'ସାଇ ଡିଏଗୋ'ରେ ବଦଳାଇ ଦେଇଛନ୍ତି । ମୁଁ ମଧ୍ୟ ବସ୍‌ର ଛବିଟି ଦେଖାଇଲି । ଆମ ପାଇଁ ସମ୍ପୂର୍ଣ୍ଣ ଘଟଣାଟି ଥିଲା ସ୍ୱାମୀଙ୍କର ଆଉ ଏକ ଲୀଳା । ଆମେ ସାଇକେନ୍ଦ୍ରକୁ ଯିବା କଥା ଭାବିବା ବେଳେ ସୁନ୍ଦରଙ୍କ ଫୋନ୍ ଆସିଲା । ତାହା ମୋତେ ସାଇକେନ୍ଦ୍ରରେ ବ୍ୟାଖ୍ୟାନ ଦେବା ପାଇଁ ଯିବାରେ ପରିଣତ ହେଲା । ସର୍ବୋପରି ସାନ ଡିଏଗୋ ଚିଡ଼ିଆଖାନାରେ 'ସାଇ ଡିଏଗୋ' ଚମତ୍କାର ଆମକୁ ସ୍ୱାମୀଙ୍କ ସର୍ବବ୍ୟାପକତା ପ୍ରଦର୍ଶନ କରିଥିଲା ।

ଓଁ ଜୟ ସାଇରାମ !

"ତୁମର ଚକ୍ଷୁକୁ ରୂପର ସୁନ୍ଦରତାରେ, କାନକୁ ତାଙ୍କର ରହସ୍ୟାତ୍ମକ ଲୀଳାରେ, ହୃଦୟକୁ ତାଙ୍କ ମହିମାର ମଧୁରତାରେ ଭରିଦିଅ । ତାଙ୍କୁ ସର୍ବତ୍ର ଦେଖିବା ପାଇଁ ନିଜକୁ ପ୍ରେରିତ କର । ପ୍ରତ୍ୟେକ ପାହାଡ଼ ଓ ଉପତ୍ୟକାରେ, ପ୍ରତ୍ୟେକ ମନୁଷ୍ୟ ଓ ପଶୁରେ, ପ୍ରତ୍ୟେକ ବୃକ୍ଷ, ପକ୍ଷୀ ଓ ପତଙ୍ଗରେ ତାଙ୍କର ବିଦ୍ୟମତାର ଚିନ୍ତନ କର । ତୁମେ ପ୍ରକୃତରେ ସେହି ଦୃଷ୍ଟିରୁ ଆନନ୍ଦରେ ଆହ୍ଲାଦିତ ହୋଇ ଉଠିବ ।"

– ଭଗବାନ ଶ୍ରୀ ସତ୍ୟସାଇ ବାବା
ଦିବ୍ୟ ସମ୍ଭାଷଣ : ତୃତୀୟ ଭାଗ

ଅଧ୍ୟାୟ : ୪୯

ସ୍ୱାମୀ ଆମକୁ ଜଣ ଜଣ କରି ଯୋଡ଼ନ୍ତି

'ତୁମେ ଭଗବାନଙ୍କ ନାମ ଉପରେ ଏକାଗ୍ର ହେଲେ ତୁମର ସବୁ କାମନା ପୂରଣ ହୋଇଯିବ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ, ୧୯୮୭

ଅନେକ ବର୍ଷ ପୂର୍ବେ ମୁଁ ଓ ମୋ ପତ୍ନୀ ରେମା ଏକ ସମ୍ମିଳନୀ ପାଇଁ ଜୟପୁର ଯାଇଥିଲୁ । ୭ ଫେବୃୟାରୀରେ ଆମର ବିବାହ ବାର୍ଷିକୀ ଥିବାରୁ ଆମେ ଦୁହେଁ ସାଇ ଭଜନରେ ଯୋଗ ଦେବାକୁ କିମ୍ବା ଅନ୍ତତଃ ଜୟପୁରରେ କୌଣସି ସାଇକେନ୍ଦ୍ରକୁ ଯିବାକୁ ଚାହୁଁଥିଲୁ । ଆମେ କେଉଁଠିକୁ ଯାଇପାରିବୁ ଜାଣିବା ପାଇଁ ସ୍ଥାନୀୟ ସାଇ ସଂଗଠନ ଲୋକମାନଙ୍କ ସହ ଯୋଗାଯୋଗ କଲୁ । ଜୟପୁରରେ ସତ୍ୟସାଇ ନ୍ୟାସ ଦ୍ୱାରା ଏକ ମହିଳା କଲେଜ ଚାଲୁଥିଲେ ବି ସେଠାରେ କୌଣସି ନିୟମିତ ସାଇକେନ୍ଦ୍ର ନାହିଁ ବୋଲି ଜାଣି ଆମେ ଆଶ୍ଚର୍ଯ୍ୟ ହୋଇଗଲୁ । ଆମ ବିବାହ ବାର୍ଷିକୀରେ ସାଇକେନ୍ଦ୍ରକୁ ଯାଇ ପାରୁନଥିବାରୁ ଆମେ ଦୁହେଁ ଖୁବ୍ ହତୋତ୍ସାହିତ ହେଲୁ ।

ଆମେ ହୋଟେଲ୍‌ରେ ରହିବାକୁ ଠିକ୍ କଲୁ, କିନ୍ତୁ ଆମେ କାହିଁକି ଜୟପୁରରେ ସ୍ୱାମୀଙ୍କ ଦର୍ଶନ ପାଇଲୁ ନାହିଁ ବୋଲି ତାଙ୍କୁ ଅଭିଯୋଗ କଲୁ । ଆମେ ଆମର ସନ୍ଧ୍ୟା ପ୍ରାର୍ଥନା ସାରି ଆମ କୋଠରିରେ ଖାଇବା ମଗାଇଲୁ । ଘଣ୍ଟି ବାଜିଲା ଏବଂ ପରିଚାରକ କୋଠରିରେ ପ୍ରବେଶ କରିବା ବେଳେ 'ସାଇରାମ' କହି ଅଭିବାଦନ କଲା । ଆମକୁ ଚୌକିରୁ ପଡ଼ିଯିବା ଭଳି ଲାଗିଲା, କାରଣ ଅଳ୍ପ କେତେ ମିନିଟ୍ ପୂର୍ବରୁ ଆମେ ବାବାଙ୍କୁ ଅଭିଯୋଗ କରିଥିଲୁ । ବିସ୍ମିତ ହୋଇ ଆମେ ତାକୁ ପଚାରିଲୁ, "ଆମେ ସାଇଭକ୍ତ ବୋଲି ତୁମେ କିପରି ଜାଣିଲ ?" ସେ କବାଟ ଖୋଲିବା ବେଳେ ଆମ ଟେବୁଲ ଉପରେ ବାବାଙ୍କ ଛବି ଦେଖିଲା ବୋଲି କହିଲା । ସେ ଆନ୍ଧ୍ରପ୍ରଦେଶର, କିନ୍ତୁ ଜୟପୁରରେ କାମ କରୁଛି ଏବଂ ତା ପରିବାର ଦୀର୍ଘଦିନର ଭକ୍ତ ବୋଲି ସେ କହିଲା । ଆମେ ସେବା ପାଇଁ ତାକୁ ବକ୍ସିସ୍ ଦେବାବେଳେ ସେ ସାଇ ଭକ୍ତଠାରୁ ବକ୍ସିସ୍ ନେବ ନାହିଁ ବୋଲି କହି ମନା କଲା । ଆମେ ତା କଥା ଶୁଣି ଲଜ୍ଜିତ ହୋଇଗଲୁ ।

ପରଦିନ ଆମେ ହୋଟେଲ ଭିତରେ ଚାଲିବାକୁ ଗଲୁ । ଏହା ଥିଲା ପଞ୍ଚତାରକା ହୋଟେଲରେ ରୂପାନ୍ତରିତ ହୋଇଥିବା ରାମବାଗ ପ୍ରାସାଦ । ସେତେବେଳେ ଏହି ହୋଟେଲରେ ଏକ ପୁରୁଣା ରେଳ ଇଞ୍ଜିନର ନମୂନା ଥିଲା । କୌତୂହଳବଶତଃ ମୁଁ ଇଞ୍ଜିନରେ ଚଢ଼ିଗଲି ଏବଂ ଆଶ୍ଚର୍ଯ୍ୟର କଥା ମୁଁ ସେହି ଇଞ୍ଜିନର କ୍ୟାବିନ ଭିତରେ

ସତ୍ୟସାଇ ବାବାଙ୍କର ଏକ ଛବି ଦେଖିଲି । ଏହା ଆମେ ହୋଟେଲକୁ ଆସିଥିବା ପରଦିନ ୮ ଫେବୃୟାରୀର କଥା ।

ସକାଳେ ଚାଲିବା ପରେ ଆମେ ସମ୍ମିଳନୀକୁ ଯିବାକୁ ପ୍ରସ୍ତୁତ ହେଲୁ ଏବଂ ଏକ ଟ୍ୟାକ୍ସି ଡାକିଲୁ । ଆମେ ଦୁହେଁ ଟ୍ୟାକ୍ସି ଭିତରକୁ ପଶିବା ବେଳେ ଆଉ ଗୋଟିଏ ଆଶ୍ଚର୍ଯ୍ୟ ଥିଲା । ଟ୍ୟାକ୍ସି ଭିତରେ ସତ୍ୟସାଇ ବାବାଙ୍କର ଛବିଟିଏ ଥିଲା । ମୁଁ ହିନ୍ଦୀ କହେ ନାହିଁ, କିନ୍ତୁ ମୋ ସ୍ତ୍ରୀ କହନ୍ତି । ତେଣୁ ସେ ଚାଳକକୁ ସେ କିପରି ଏହି ଛବି ପାଇଲା ବୋଲି ପଚାରିଲେ । ଆଉ ତାର ଉତ୍ତର ଶୁଣି ଆମେ ସ୍ତମ୍ଭୀଭୂତ ହୋଇଗଲୁ । ସେ ଜାଣିନାହିଁ ବୋଲି କହିଲା । ସେ କିଏ ବୋଲି ପଚାରିବାବେଳେ ତାହା କାହାର ଛବି ସେ ଜାଣିନାହିଁ ବୋଲି କହିବାରୁ ଆମେ ଅଧିକ ଆଶ୍ଚର୍ଯ୍ୟ ହୋଇଗଲୁ । ସେ ସତ୍ୟସାଇ ବାବା ବୋଲି ଆମେ କହିଲୁ, କିନ୍ତୁ ସେ ତାଙ୍କ ନାମ ଶୁଣିନଥିବା ପରି ମନେ ହେଲା ।

ମୁଁ ୪୬ତମ ଅଧ୍ୟାୟରେ ଯେପରି ବର୍ଣ୍ଣନା କରିଛି, ସାଓପଲୋରେ ଧୂପକାଠି ବିକୁଥିବା ମହିଳାମାନେ ଦୋକାନରେ ବାବାଙ୍କ ଛବି ଥିଲେ ବି ତାଙ୍କ ବିଷୟରେ ଜାଣିନଥିବା ପରି ଏଠାରେ ଜୟପୁରରେ ଟ୍ୟାକ୍ସିଚାଳକ ତା ଗାଡ଼ିରେ ସତ୍ୟସାଇ ବାବାଙ୍କ ଛବି ଥିଲେ ବି ସେ କିଏ ଜାଣିନଥିଲା । ଏହା ସ୍ପଷ୍ଟ ଯେ ସ୍ୱାମୀ ଆମ ପ୍ରାର୍ଥନା ଶୁଣିଥିଲେ ଏବଂ ପୂର୍ବଦିନ ଜୟପୁରରେ ସାଇକେନ୍ଦ୍ରକୁ ଯାଇ ପାରିନଥିବାର ଦୁଃଖ ଯୋଗୁଁ ସେ ତାଙ୍କର କୃପା ଭାବରେ ଆମକୁ ଏସବୁ ସାଇ ସଙ୍କେତ ପ୍ରଦାନ କରିଥିଲେ ।

ଏସବୁ ଚମତ୍କାର ଓ ସାଇ ଲୀଳା ବିଷୟରେ ଅଦ୍ଭୁତ କଥା ହେଉଛି ଯେ ସେଗୁଡ଼ିକ ଘଟିବାର ଦଶନ୍ଧି ଦଶନ୍ଧି ପରେ ବି ଆମ ସ୍ମୃତିରୁ ଅପସରି ଯାଇନାହିଁ ଏବଂ ଆମେ ପ୍ରତିଟି ଚମତ୍କାର ଓ ପ୍ରତିଟି ଘଟଣାକୁ ନିକଟରେ ଘଟିବା ଭଳି ସ୍ପଷ୍ଟ ଭାବରେ ମନେ ରଖିଛୁ । ଏହା ଏକ ଚମତ୍କାର, କାରଣ ଆମେ ଅତୀତର ଏତେଗୁଡ଼ିଏ କଥା କ୍ୱଚିତ ମନେ ରଖିପାରୁ, କିନ୍ତୁ ସ୍ୱାମୀଙ୍କ ଚମତ୍କାରଗୁଡ଼ିକର ଅନୁଭୂତି କରିବା ବେଳେ ସେଗୁଡ଼ିକୁ ଚିରଦିନ ପାଇଁ ମନେ ରଖିଥାଉ । ଏହା ବିଶ୍ୱାସ କରିବା ପାଇଁ ଅନୁଭୂତି କରିବାକୁ ହେବ ।

ଓଁ ଜୟ ସାଇରାମ !

> *"ବସ୍ତୁ ମାଗ ନାହିଁ । ଭଗବାନଙ୍କ ପାଇଁ ଅଭିଳାଷ କର । ତାହା ପ୍ରକୃତ ଭକ୍ତି । ଏହି ଭାବରେ ତୁମେ ଜୀବନ ଯାପନ କରିବା ଉଚିତ । ତୁମକୁ ଯାହା ସବୁ ପାଇବାକୁ ହେବ ତାହା ହେଲା ଭଗବାନଙ୍କ ପ୍ରେମ । ତୁମକୁ ଯାହା ସବୁ କରିବାକୁ ହେବ ତାହା ହେଉଛି ନାମସ୍ମରଣ ।"*
>
> - ଭଗବାନ ଶ୍ରୀ ସତ୍ୟସାଇ ବାବା
>
> ଦିବ୍ୟ ସମ୍ଭାଷଣ, ୧୯୮୬

ଅଧ୍ୟାୟ : ୫୦

ଚମତ୍କାରର ଚମତ୍କାର

'ତୁମେ ଯେଉଁଠି ବି ଥାଅ ମୁଁ ଆସିବି । ତୁମେ ଯେଉଁଠି ବି ରହ ମୁଁ ସେଠାକୁ ଆସିବି ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱିତୀୟ ଭାଗ

ମଇ ୨୦୧୬ରେ ଆଗାମୀ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବହୁଜନବ୍ୟାପୀ ବ୍ୟାଧି ସମ୍ବନ୍ଧରେ ଚାଲୁଥିବା ଏକ ଗବେଷଣା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧିତ୍ସୁ ବୈଠକରେ ଯୋଗ ଦେବା ପାଇଁ ମୁଁ ରୋମରେ ଥିଲି; ମୁଁ ଏଥିରେ ମଧ୍ୟ ଜଣେ ଅନୁସନ୍ଧିତ୍ସୁ ଥିଲି । ଏହି ଅଧ୍ୟୟନର ନୂତନ ଅପ୍ରକାଶିତ ପରିଣତିକୁ ପ୍ରକାଶନ ନିମନ୍ତେ ପ୍ରେରଣ କରାଯିବା ପୂର୍ବରୁ ଆଲୋଚନା ନିମନ୍ତେ ଅନୁସନ୍ଧିତ୍ସୁମାନଙ୍କ ଆଗରେ ଉପସ୍ଥାପିତ କରାଯିବା କଥା । ଏହି ନିର୍ଦ୍ଦିଷ୍ଟ ଅଧିବେଶନରେ ପଥ୍ୟ ଏବଂ ହୃଦ୍‌ଧମନୀ ରୋଗ ଓ ମଧୁମେହ ସହ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଖାଦ୍ୟ ଗ୍ରହଣ ସମ୍ବନ୍ଧରେ ଆଲୋଚନା ହେଉଥିଲା । ଅତ୍ୟଧିକ ଅରୁଆ ଭାତ ଖାଇବା ଭାରତରେ ମଧୁମେହ ବଢ଼ିବାର କାରଣ ବୋଲି ସ୍ୱାମୀ କହିବା କଥା ମୁଁ ଷଡ଼ବିଂଶ ଅଧ୍ୟାୟରେ ଲେଖିଛି । ମୁଁ ଉପସ୍ଥାପନଗୁଡ଼ିକୁ ଶୁଣୁଥାଏ । ବହୁ ପରିମାଣରେ ତଥ୍ୟ ଦିଆଯାଉଥିବାରୁ ମୁଁ ସବୁଗୁଡ଼ିକୁ ଭଲ ଭାବରେ ବୁଝିବା ପାଇଁ ପରେ ସେହି ସ୍ଲାଇଡ଼୍‌ଗୁଡ଼ିକୁ ପୁଣି ଅଧ୍ୟୟନ କରିବାକୁ ଚାହିଁ ମୋ ମୋବାଇଲ ଫୋନ କ୍ୟାମେରାରେ ସବୁ ସ୍ଲାଇଡ଼୍‌ଗୁଡ଼ିକର ଛବି ଉଠାଇ ଚାଲିଲି ।

ଛବିଗୁଡ଼ିକ ଯଥେଷ୍ଟ ସ୍ପଷ୍ଟ କି ନୁହେଁ ତାହା ଜାଣିବା ପାଇଁ ପ୍ରତି କେତେ ମିନିଟ୍‌ରେ ସେଗୁଡ଼ିକୁ ଦେଖୁଥାଏ । ଅଧ୍ୟୟନ ସ୍ପଷ୍ଟ ପ୍ରଦର୍ଶିତ ହୋଇଥିଲା ଯେ ଶ୍ୱେତସାରର ଆଧିକ୍ୟ ଦୃଢ଼ ଭାବରେ ହୃଦ୍‌ଧମନୀ ରୋଗ ସହିତ ସମ୍ପୃକ୍ତ । ହୃଦ୍‌ଧମନୀ ରୋଗ ଶ୍ୱେତସାରର ଅବଦାନ ବୋଲି ଯେଉଁ ସାଧାରଣ ବିଶ୍ୱାସ ଅଛି ତାହାକୁ ଏହି ଅଧ୍ୟୟନ ଦ୍ୱାରା ଅସ୍ୱୀକାର କରାଯାଇଥିଲା । ମୁଁ ସ୍ଲାଇଡ଼୍‌ଗୁଡ଼ିକୁ ଦେଖୁଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବରେ ସ୍ଲାଇଡ଼୍‌ଗୁଡ଼ିକ ମଧ୍ୟରେ ସ୍ୱାମୀଙ୍କ ଛବି ଥିବାର ଦେଖିଲି ।

ଆହୁରି ଆଶ୍ଚର୍ଯ୍ୟର କଥା ଯେ ମୁଁ ତାହା ଠିକ୍ ହୃଦ୍‌ଧମନୀ ରୋଗ ସହ ଶ୍ୱେତସାରର ସମ୍ପର୍କ ବିଷୟରେ ତଥ୍ୟ ପ୍ରଦାନ କରାଯାଉଥିବାବେଳେ ସ୍ଲାଇଡ଼୍‌ଟି ଆସିଥିଲା । ମୁଁ ଏଥିରୁ

ସନ୍ଦେଶ ପାଇଲି ଯେ ସ୍ୱାମୀ ମୋତେ କହୁଛନ୍ତି, "ମୁଁ ଏକଥା ଅନେକ ବର୍ଷ ପୂର୍ବେ ତୁମକୁ କହିସାରିଛି ।" ହଁ, ଏକଥା ସତ ଯେ ସ୍ୱାମୀ ଅନେକ ବର୍ଷ ପୂର୍ବେ ମୋତେ ଅତ୍ୟଧିକ ଶ୍ୱେତସାର ଭୋଜନ ଏବଂ ମଧୁମେହ ଓ ହୃଦ୍‌ଧମନୀ ରୋଗ ମଧ୍ୟରେ ସମ୍ପର୍କ ବିଷୟରେ କହିଥିଲେ । ଏହି ପ୍ରବନ୍ଧଟି ପରବର୍ତ୍ତୀ ସମୟରେ ପ୍ରତିଷ୍ଠିତ ଭେଷଜ ପତ୍ରିକା 'ଦି ଲାନ୍‌ସେଟ'ରେ ପ୍ରକାଶିତ ହୋଇଥିଲା ।

ଏହା ମୋ ପାଇଁ ଘଟିଥିବା ସର୍ବାଧିକ ଚିତ୍ତାକର୍ଷକ ଚମତ୍କାର । ମହାସମାଧିର ପାଞ୍ଚ ବର୍ଷ ପରେ ମୋବାଇଲ ଫୋନ୍ କ୍ୟାମେରାରେ ସ୍ୱାମୀଙ୍କ ଛବି ଉଠିବା, ଆଉ ତାହା ମଧ୍ୟ ପବିତ୍ର ରୋମ ନଗରୀରେ, ପ୍ରକୃତରେ ଅବିଶ୍ୱାସ୍ୟ । ସେଦିନ ପରବର୍ତ୍ତୀ ସମୟରେ ମୁଁ ଭାଟିକାନକୁ ଯିବାର ସୁଯୋଗ ପାଇବା ବେଳେ ମୋର ଚିନ୍ତା ସ୍ୱାମୀମୟ ହୋଇଯାଇଥିଲା, କାରଣ ସେ ମୋତେ ରୋମରେ ହିଁ ଏହି ଅଦ୍ଭୁତ ଚମତ୍କାର ଆଶୀର୍ବାଦ କରିଥିଲେ । ଏହା ମୋତେ ସ୍ୱାମୀ ଓ ଯୀଶୁଙ୍କ ମଧ୍ୟରେ ଆଉ ଏକ ସମ୍ପର୍କ ବିଷୟରେ ଭାବିବାକୁ ଦେଇଥିଲା । ସ୍ୱାମୀଙ୍କ ମହାସମାଧି ୨୪ ଅପ୍ରେଲ ୨୦୧୧ରେ ହୋଇଥିଲା, ଯାହା ଥିଲା ଇଷ୍ଟର ରବିବାର । ଇଷ୍ଟର ରବିବାର ଦିନ ସ୍ୱାମୀ ତାଙ୍କର ମହାସମାଧି ଦିନଟିକୁ ଚୟନ କରିବା ଏକ କାକତାଳୀୟ ନ୍ୟାୟ ବୋଲି ବିଶ୍ୱାସ କରିବା ମୋ ପକ୍ଷରେ କଷ୍ଟକର । ରୋମରେ ତାଙ୍କ ଛବି ଦେଖିଯିବାର ଏହି ଅପୂର୍ବ ଚମତ୍କାର ମାଧ୍ୟମରେ ସେ ପୁଣି ଥରେ ମୋ ଆଗରେ ତାଙ୍କର ସର୍ବବ୍ୟାପକତା, ସର୍ବଜ୍ଞତା ଓ ସର୍ବଶକ୍ତିମତ୍ତା ବିଷୟରେ ସୁନିଶ୍ଚିତ କରିଥିଲେ ।

ଓଁ ଜୟ ସାଇରାମ !

"ଭଗବାନଙ୍କ କଳ୍ପନା କର, ତାଙ୍କୁ ତୁମ ପାଇଁ ସର୍ବାଧିକ ପ୍ରିୟ ଦିବ୍ୟ ରୂପରେ ଅନୁଭବ କର.... ଏହା ଯୀଶୁଖ୍ରୀଷ୍ଟ, କୃଷ୍ଣ, ଦିବ୍ୟମାତା ବା ବାବାଙ୍କର ରୂପ ହୋଇପାରେ, ଯାହାକୁ ଆମ ଭିତରୁ ଅନେକ ଅତିପ୍ରିୟ ରୂପରେ ଭଲ ପାଉ.... ଯାହା ଦିବ୍ୟ ମହିମାରେ ଉଦ୍ଭାସିତ ହୋଇଥାଏ, ସତେ ଯେପରି ଆମକୁ ଆନନ୍ଦ ଦେବା ପାଇଁ ସେହି ରୂପରେ ଆବିର୍ଭୂତ ହୋଇଛନ୍ତି । ଭଗବାନଙ୍କୁ ଦର୍ଶନ କର, ତାଙ୍କ ରୂପର କଳ୍ପନା କର, ତାଙ୍କୁ ପ୍ରାର୍ଥନା କର, ତାଙ୍କୁ ସେହି ସ୍ଥାନରୁ ଆଣ, ଉପରେ ତାଙ୍କ ହାତକୁ ନିଅ ଏବଂ ସକାଳେ ଉଠିବାଠାରୁ ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ତାଙ୍କରି ଯତ୍ନରେ ନିଜକୁ ସମର୍ପି ଦେଇ ତାଙ୍କ ହାତକୁ ଧରିରଖ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ମାଇ ବାବା ଆଣ୍ଡ ଆଇ

ଅଧ୍ୟାୟ : ୫୧

ଭକ୍ତର ଅଭିଳଷିତ ରୂପରେ ଭଗବାନ ଦେଖା ଦିଅନ୍ତି

'ଭଗବାନ ତାଙ୍କର ଅସୀମ ଅନୁଗ୍ରହରୁ ଭକ୍ତର ବାଞ୍ଛିତ ରୂପ ଗ୍ରହଣ କରିଥାନ୍ତି ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ନବମ ଭାଗ

ପୂର୍ବ ଅଧ୍ୟାୟମାନଙ୍କରେ, ମୁଁ ବିଦେଶରେ ଥିବାବେଳେ ଘଟିଥିବା ବିଭିନ୍ନ ସାଇ ଚମତ୍କାର ବିଷୟରେ ବର୍ଣ୍ଣନା କରିଛି । ଏହି ଅଧ୍ୟାୟରେ ଇଣ୍ଡୋନେସିଆର ବାଲିରେ ଘଟିଥିବା ଏକ ଚମତ୍କାର ବିଷୟରେ ମୁଁ ବର୍ଣ୍ଣନା କରିବାକୁ ଚାହୁଁଛି । ଆମ ୧୯୭୨ ଏମ୍.ବି.ବି.ଏସ୍ ବ୍ୟାଚର ସାଥୀମାନଙ୍କର ନିୟମିତ ଭାବରେ ବିଭିନ୍ନ ସ୍ଥାନରେ ବନ୍ଧୁ ମିଳନ ହୋଇଥାଏ । ୨୦୧୩ ମସିହାରେ ବାଲିଠାରେ ଆମର ବନ୍ଧୁ ମିଳନ ହୋଇଥିଲା । ପ୍ରଥମ କେତେଦିନ, ଆମେ ବିଭିନ୍ନ ସ୍ଥାନ ପରିଭ୍ରମଣରେ ଗଲୁ । କିନ୍ତୁ ଗୁରୁବାର ଦିନ ଅନ୍ୟ ସାଥୀମାନେ ଅଧିକ ସ୍ଥାନ ଦର୍ଶନ ଏବଂ କିଛି କିଣାକିଣି ପାଇଁ ବାହାରକୁ ଯିବାକୁ ସ୍ଥିର କଲାବେଳେ ସମ୍ଭବ ହୋଇପାରିଲେ, ସାଇ କେନ୍ଦ୍ରଟିଏ ବୁଲିଯିବା ପାଇଁ ମୋର ପ୍ରବଳ ଇଚ୍ଛା ହେଲା ।

ମୋର ଏହି ଇଚ୍ଛା ବିଷୟରେ ଶୁଣି ଜଣେ ଡାକ୍ତର ଦମ୍ପତି ଡଃ ପରମଶିବମ୍ ଏବଂ ତାଙ୍କ ସ୍ତ୍ରୀ ଡଃ ଗୌରୀ ପରମଶିବମ୍ ଏବଂ ଅନ୍ୟ ଜଣେ ଡାକ୍ତର ଡଃ ଷଣ୍ମୁଖନାଥନ୍ ମଧ୍ୟ ମୋ ସହିତ ଆସିବାକୁ ଇଚ୍ଛା କଲେ । ଡଃ ଗୌରୀ ମୋତେ କହିଲେ, "ମୁଁ ବାବାଙ୍କ ଭକ୍ତ ନୁହେଁ, ମୁଁ ଶିବଙ୍କ ଭକ୍ତ । ତେଣୁ ସମ୍ଭବ ହେଲେ ମୁଁ ଏକ ଶିବ ମନ୍ଦିରକୁ ଯିବାକୁ ଚାହୁଁଛି ।" ପ୍ରତି ସପ୍ତାହରେ ସେ 'ଦକ୍ଷିଣମୁହାଁ ଶିବ' ଥିବା ଏକ ମନ୍ଦିରକୁ ଯାଇ ଦର୍ଶନ କରନ୍ତି ଏବଂ କେବଳ ଶିବ ନୁହେଁ ବରଂ ସମ୍ଭବ ହେଲେ, 'ଦକ୍ଷିଣମୁହାଁ ଶିବ'ଙ୍କୁ ଦର୍ଶନ କରିବାକୁ ଇଚ୍ଛା କରୁଛନ୍ତି ବୋଲି ସେ ଭାବପ୍ରବଣ ହୋଇ କହିଲେ । ସ୍ୱାମୀ ହିଁ ପ୍ରକୃତରେ ଶିବ ଏବଂ ସ୍ୱାମୀଙ୍କୁ ଦର୍ଶନ କରି ସେ ଶିବଙ୍କୁ ଦର୍ଶନ କରିବେ ବୋଲି ମୁଁ ତାଙ୍କୁ ବୁଝାଇବାକୁ

ଚେଷ୍ଟା କଲି । ସେ ସମ୍ପୂର୍ଣ୍ଣ ସମ୍ମତ ନ ହେଲେ ମଧ୍ୟ ମୋ ସହିତ ଆସିବାକୁ ରାଜି ହୋଇଥିଲେ । କିନ୍ତୁ ଆମ ପାଇଁ ସମସ୍ୟା ଥିଲା, ବାଲିରେ ସାଇ କେନ୍ଦ୍ର କେଉଁଠାରେ ଅଛି ଆମର ଧାରଣା ନ ଥିଲା ।

ଆମେ ରହିଥିବା ରିସୋର୍ଟର ଅଭ୍ୟର୍ଥନାଗୃହକୁ ଗଲୁ ଏବଂ ବାଲିରେ କୌଣସି ସାଇ କେନ୍ଦ୍ର ଅଛି କି ବୋଲି ଅଭ୍ୟର୍ଥନାକାରୀଙ୍କୁ ପଚାରିଲୁ । ରିସୋର୍ଟର ଜଣେ ଅଭ୍ୟର୍ଥନାକାରୀ ସାଇଭକ୍ତ ବୋଲି ସେମାନଙ୍କ କଥାରୁ ଜାଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା । ସେ ବ୍ୟକ୍ତିଜଣକ ଶିରଡ଼ି ବାବାଙ୍କ ଭକ୍ତ ନା ସତ୍ୟସାଇ ବାବାଙ୍କ ଭକ୍ତ ବୋଲି ମୁଁ ପଚାରିଲି । ମୋତେ ଜାଣି ଆଶ୍ଚର୍ଯ୍ୟ ଲାଗିଲା, ସେମାନେ ଶିରଡ଼ି ବାବାଙ୍କ ବିଷୟରେ କିଛି ଶୁଣିନାହାନ୍ତି ବରଂ ସତ୍ୟସାଇ ବାବାଙ୍କୁ ଜାଣିଛନ୍ତି । ସେଦିନ ସେହି ଭଦ୍ରବ୍ୟକ୍ତିଙ୍କର ଛୁଟି ଥିବାରୁ ମୋତେ ଅପେକ୍ଷା କରିବା ପାଇଁ କହି ସେମାନେ ସାଙ୍ଗେ ସାଙ୍ଗେ ତାଙ୍କ ସାଥିରେ କଥା ହେଲେ ଏବଂ ବାଲିରେ ଥିବା ସାଇ କେନ୍ଦ୍ରର ଠିକଣା ତାଙ୍କଠାରୁ ପାଇଲେ । ଆମେ ରହୁଥିବା ରିସୋର୍ଟର ଅତି ନିକଟରେ ଏହା ଥିବାର ଜାଣି ଆମେମାନେ ଆଶ୍ଚର୍ଯ୍ୟାଭିଭୂତ ହୋଇଗଲୁ । ସେହି ଦିନ ଅପରାହ୍ଣରେ ଆମେ ସାଇ କେନ୍ଦ୍ରକୁ ଗଲୁ । ଆମେ ସାଇ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିଛୁ କି ନାହିଁ, ଶିରଡ଼ି ବାବାଙ୍କୁ ମନେ ପକାଇ ଦେଉଥିବା ପରି ଲମ୍ବା ଧଳା କେଶ ଥିବା ଜଣେ ବୃଦ୍ଧ ଆମକୁ ଦେଖା କଲେ । ସତେ ଯେପରି ସେ ଆମକୁ ଅପେକ୍ଷା କରି ରହିଥିଲେ । ବଡ଼ ସାଇ କେନ୍ଦ୍ରଟିକୁ ବୁଲାଇ ଦେଖାଇ ଦେବେ ବୋଲି ସେ ଆମକୁ ପ୍ରସ୍ତାବ ଦେଲେ ।

ଆମେ ବୁଲୁଥିବାବେଳେ ଦେଖିଲୁ କେନ୍ଦ୍ରର ଗୋଟିଏ ଭାଗରେ ଶିବଙ୍କର ଏକ ମୂର୍ତ୍ତି ଏବଂ ଏକ ଲିଙ୍ଗ ରହିଛି । ଶିବଙ୍କୁ ଦେଖିବାକୁ ଇଚ୍ଛା କରିଥିବା ଡଃ ଗୌରୀ ଅତ୍ୟନ୍ତ ଉଲ୍ଲସିତ ହୋଇଗଲେ, କାରଣ ଗୋଟିଏ ସାଇ କେନ୍ଦ୍ର ମଧ୍ୟରେ ଶିବଙ୍କର ମୂର୍ତ୍ତି ଦେଖିବେ ବୋଲି ସେ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ ।

ଆମେ ଶିବ ମୂର୍ତ୍ତି ନିକଟକୁ ଗଲୁ ଯେଉଁଠି ଆମ ପାଇଁ ଅଧିକରୁ ଅଧିକ ଆଶ୍ଚର୍ଯ୍ୟ କଥା ସବୁ ରହିଥିଲା ପ୍ରଥମ କଥା, ଡଃ ଗୌରୀଙ୍କ ଅଭିଳାଷ ଅନୁଯାୟୀ ଶିବଙ୍କର ମୂର୍ତ୍ତି ଦକ୍ଷିଣ ଦିଗକୁ ମୁହଁ କରି ରହିଥିଲେ । ଅଧିକ ଆଶ୍ଚର୍ଯ୍ୟଜନକ କଥା ହେଲା ଲିଙ୍ଗ ଏବଂ ଶିବଙ୍କ ମୂର୍ତ୍ତିର ଠିକ୍ ପଛରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଏକ ବିରାଟ ଚିତ୍ର ଥିଲା ଏବଂ ମୂର୍ତ୍ତି ସମ୍ମୁଖରେ ଛିଡ଼ା ହୋଇ ଜଣେ ଶିବ ଏବଂ ସ୍ୱାମୀ ଉଭୟଙ୍କୁ ଦେଖିପାରିବେ, ସତେ ଯେପରି ଦୁହେଁ ପରସ୍ପର ସହ ସମାନ୍ତରାଳ ଭାବରେ ରହିଛନ୍ତି ।

ଚିରବିଦ୍ୟମାନ ସତ୍ୟସାଇ ବାବା

ସେତେବେଳକୁ ଡଃ ଗୌରୀ, ଯାହା ସବୁ ଦେଖିଲେ ତାକୁ ବିଶ୍ୱାସ କରି ନ ପାରି ଆନନ୍ଦାଶ୍ରୁ ଗଡ଼ାଉଥିଲେ । ମୁଁ ତାଙ୍କୁ କହିଲି, 'ତୁମର ଶିବଙ୍କୁ ଦର୍ଶନ କରିବା ଇଚ୍ଛା ଯେ କେବଳ ପୂର୍ଣ୍ଣ ହେଲା ତାହା ନୁହେଁ, ତାହା ମଧ୍ୟ ଏକ ଦକ୍ଷିଣମୁହାଁ ଶିବ । ସ୍ୱାମୀ ଏବଂ ଶିବ ଅଭିନ୍ନ ବୋଲି ମୁଁ କହିଥିଲି ନା । ସ୍ୱାମୀଙ୍କ ଚିତ୍ର ଶିବଙ୍କ ମୂର୍ତ୍ତି ସହ ସମାନ ଧାଡ଼ିରେ ରହିବା ଏହାର ଦୃଷ୍ଟାନ୍ତ । ସତେ ଯେପରି ସେ ଆଉ ଶିବ ଏକ ବୋଲି ସ୍ୱାମୀ ଆମକୁ କହୁଛନ୍ତି ।'

ଆମେ ସାଇ କେନ୍ଦ୍ରର ଚମତ୍କାର ଭଜନରେ ମଧ୍ୟ ଯୋଗ ଦେଲୁ । ଭଜନ ଚାଲୁଥିବା ସମୟରେ ଆଉ ଗୋଟିଏ ଚମତ୍କାର ସଂଘଟିତ ହେଲା । ଡଃ ଷଣ୍ମୁଖନାଥନ୍ ପ୍ରଥମ ଥର ପାଇଁ ଏକ ସାଇ କେନ୍ଦ୍ରକୁ ଆସି ସାଇ ଭଜନରେ ଯୋଗ ଦେଇଥିଲେ । ଭଜନ ଚାଲୁଥିବା ବେଳେ ଭଜନ ହଲରେ ଥିବା ଶିରଡ଼ି ବାବାଙ୍କ ମୁଖ୍ୟ ଚିତ୍ରରେ ଶିରଡ଼ି ବାବାଙ୍କ ଆଖି ବୁଲୁଥିବା ପରି ତାଙ୍କୁ ଲାଗିଲା । ଏହାକୁ ତାଙ୍କର କଳ୍ପନା ବୋଲି ଭାବି ସେ ତାଙ୍କ ଆଖି ବନ୍ଦ କରି ପୁଣି ଖୋଲିଲେ ଏବଂ ଏପରି ବାରମ୍ବାର ଘଟୁଥିବାର ଦେଖି ନିଶ୍ଚିତ ହେଲେ । ଆମେ ସାଇ କେନ୍ଦ୍ରରୁ ବାହାରକୁ ଆସିବା ମାତ୍ରେ, ସେ ଆନନ୍ଦରେ ଉଲ୍ଲସିତ ହୋଇ ଦେଖିଥିବା ଚମତ୍କାର ବିଷୟରେ ବର୍ଣ୍ଣନା କଲେ । ପରବର୍ତ୍ତୀ ସମୟରେ, ତିନିଜଣଯାକ ଡାକ୍ତର, ନିଜ ନିଜ ସହରର ସାଇ କେନ୍ଦ୍ରକୁ ଯିବା ଆରମ୍ଭ କରି ଦେଇଥିଲେ । ପରେ ପରବର୍ତ୍ତୀ ବ୍ୟାଚ ବନ୍ଧୁ ମିଳନମାନଙ୍କରେ ଆମେ ସ୍ୱାମୀଙ୍କ ବିଷୟରେ ଅନେକ ସତ୍‌ସଙ୍ଗ କରିଥିଲୁ । ବାଲିର ଏହି ଚମତ୍କାର ଆମ ଜୀବନରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥିଲା ।

ଓଁ ଜୟ ସାଇରାମ !

"ତୁମ ପୂର୍ବ ପରିଚିତ ପଥରେ ତୁମ ପସନ୍ଦର ଭଗବାନଙ୍କ ପୂଜା କରିଚାଲ, ତାହେଲେ ଯାଇ ତୁମେ ମୋର ନିକଟରୁ ନିକଟତର ହେଉଛ ବୋଲି ଜାଣିବାକୁ ପାଇବ, କାରଣ ସମସ୍ତ ନାମ ମୋର ଏବଂ ସମସ୍ତ ରୂପ ମଧ୍ୟ ମୋର । ମୋତେ ଦେଖିବା ପରେ ଏବଂ ମୋ କଥା ଶୁଣିବା ପରେ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ପଞ୍ଚମ ଭାଗ

ଅଧ୍ୟାୟ : ୫୨

ରାମାୟଣ କେବଳ ଏକ ପୌରାଣିକ କଥା ନୁହେଁ

'ଭଗବାନଙ୍କ ଚିନ୍ତା କର, ଭଗବାନଙ୍କୁ ଦେଖ, ଭଗବାନଙ୍କୁ ଶୁଣ, ଭଗବାନଙ୍କୁ ପାନ କର, ଭଗବାନଙ୍କୁ ଭଲପାଅ । ଏହା ଅଜ୍ଞାନତା ନଷ୍ଟ କରିବାର ଲକ୍ଷ୍ୟ ଏବଂ ଭଗବାନଙ୍କ ସହ ଏକ ବୋଲି ତୁମର ପ୍ରକୃତ ସ୍ୱଭାବ ଉପଲବ୍ଧି କରିବା ପାଇଁ ସହଜ ମାର୍ଗ, ରାଜମାର୍ଗ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ସାଧନା ଅଫ୍ ଲଭ୍

ପୂର୍ବ ଅଧ୍ୟାୟରେ ମୁଁ ଆମର ପୂର୍ବତନ ଏମ୍‌ବିବିଏସ୍ ସହପାଠୀମାନଙ୍କର ବନ୍ଧୁମିଳନ ଏବଂ ୨୦୧୩ରେ ବାଲିରେ ଆମର ବନ୍ଧୁମିଳନର ଚମତ୍କାର ବିଷୟରେ ବର୍ଣ୍ଣନା କରିଥିଲି । ଏଥର ଜାନୁୟାରୀ ୨୦୧୭ରେ ଶ୍ରୀଲଙ୍କାରେ ବନ୍ଧୁମିଳନ ବେଳେ ଘଟିଥିବା ପରବର୍ତ୍ତୀ ଚମତ୍କାର ବିଷୟରେ ବର୍ଣ୍ଣନା କରୁଛି । ଶ୍ରୀଲଙ୍କାକୁ ଯିବାବେଳେ ଆମକୁ ରାମସୀତା ମନ୍ଦିରକୁ ନିଆଯାଇଥିଲା । ସ୍ଥାନୀୟ ବିଶ୍ୱାସ ଅନୁସାରେ ଏହି ସ୍ଥାନରେ ସୀତାଙ୍କୁ ରାବଣ ବନ୍ଦୀ କରି ରଖିଥିଲା ଏବଂ ହନୁମାନ ସୀତାଙ୍କୁ ଭେଟିଥିଲା । ଆମେ ଏହି ମନ୍ଦିରକୁ ବସ୍‌ରେ ଯିବାବେଳେ ମୋ ମନରେ ପ୍ରଶ୍ନ ଉଠିଲା, 'ଏହା ପ୍ରକୃତରେ ସତ ନା କେବଳ ଏକ ପୌରାଣିକ କଥା ?' ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କଲି, "ସ୍ୱାମୀ ଏହା ଯଦି ପ୍ରକୃତରେ ରାବଣ ଦ୍ୱାରା ସୀତାଙ୍କୁ ବନ୍ଦୀ କରି ରଖାଯାଇଥିବା ସ୍ଥାନ ହୋଇଥାଏ ତେବେ ଏହା ସତ୍ୟ ବୋଲି ନିଶ୍ଚିତ କରିବା ଭଳି କିଛି ସଙ୍କେତ ମୋତେ ଦେଖାନ୍ତୁ ।" କିଛି ସମୟ ପରେ ଆମେ ମନ୍ଦିରଠାରେ ପହଞ୍ଚି ବସ୍‌ରୁ ଓହ୍ଲାଇଲୁ ।

ଏହା ଅପେକ୍ଷାକୃତ ଏକ କ୍ଷୁଦ୍ର ମନ୍ଦିର । ଟୋରୋଣ୍ଟୋ, କାନାଡ଼ାରେ ପ୍ରଖ୍ୟାତ ପ୍ଲାଷ୍ଟିକ ଶଲ୍ୟ ଚିକିତ୍ସକ ମୋର ପ୍ରିୟବନ୍ଧୁ ଡଃ ନନ୍ଦଗୋପାଳଙ୍କ ସହ ମୁଁ ପ୍ରାର୍ଥନା କରିବାକୁ ମନ୍ଦିରକୁ ଗଲି । ହଠାତ୍ ଶ୍ରୀରାମ ବିଗ୍ରହର ପୁଷ୍ପମାଲ୍ୟ ହଲିବାକୁ ଲାଗିଲା ଓ ଗୋଟିଏ ପାଖକୁ ଆସିଗଲା । କେବଳ ଆମେ ଦୁଇଜଣ ତାହା ଲକ୍ଷ୍ୟ କଲୁ ଏବଂ ଆଶ୍ଚର୍ଯ୍ୟ ହୋଇ ପରସ୍ପରକୁ ଚାହିଁଲୁ । ପୂଜାରୀ ଆରତି କରିବା ପାଇଁ ଗର୍ଭଗୃହରେ ପ୍ରବେଶ କଲେ ଏବଂ ପୁଷ୍ପମାଲ୍ୟଟି ଗୋଟିଏ ପାର୍ଶ୍ୱକୁ ଢଳିଯାଇଥିବାର ଦେଖି ତାକୁ ଠିକ୍ କରିଦେଲେ । ମୁଁ

ସ୍ୱାମୀଙ୍କୁ ଏକ ସଙ୍କେତ ଦେବାକୁ ପ୍ରାର୍ଥନା କରିଥିବାରୁ ଏହାକୁ ରାବଣଦ୍ୱାରା ସୀତାଙ୍କୁ ବନ୍ଦୀ କରାଯାଇଥିବା ସ୍ଥାନ ବୋଲି ସୁନିଶ୍ଚିତ କରିବାର ସଙ୍କେତ ମନେ କଲି ।

ବର୍ତ୍ତମାନ ସିମେଣ୍ଟ ଚଟାଣରେ ଏକ ବୃହତ୍ ପାଦଚିହ୍ନ ମଧ୍ୟ ଅଛି, ଯାହାକୁ ହନୁମାନଙ୍କ ପାଦ ବୋଲି ବିଶ୍ୱାସ କରାଯାଏ ।



ସ୍ୱାମୀ, ଆମେ ପୃଥିବୀରେ ଯେଉଁଠିକୁ ଗଲେ ବି ଆପଣ କୌଣସି ନା କୌଣସି ରୂପରେ ଆବିର୍ଭୂତ ହେଉଥିବା ଦୃଷ୍ଟିରୁ ଆମେ ବସ୍ତୁତଃ ଭାଗ୍ୟବାନ । ନିରନ୍ତର ଆମ ପାଖରେ ରହୁଥିବାରୁ ଓ କୃପା ପ୍ରଦାନ କରୁଥିବାରୁ ଆପଣଙ୍କୁ ଧନ୍ୟବାଦ ।

ଓଁ ଜୟ ସାଇରାମ !

"ତୁମେ ଦିବ୍ୟ ଦୃଷ୍ଟି ବିକଶିତ କଲେ ଭଗବାନଙ୍କୁ ସବୁଥିରେ ଦର୍ଶନ କରିବ.... ତୁଳା ବସ୍ତ୍ରର ମୌଳିକ ଆଧାର ହୋଇଥିବା ପରି ଭଗବାନ ଏହି ସଂସାରର ମୌଳିକ ଆଧାର । ଯେଉଁଠିକୁ ଚାହିଁବ ସେଠାରେ ସେ ଅଛନ୍ତି ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ୩୯ତମ ଭାଗ

ଅଧ୍ୟାୟ : ୫୩
ବିଫଳତା ଆମ ବିଶ୍ୱାସକୁ ହ୍ରାସ ନ କରୁ

'ସମଚିତ୍ତ ଲୋକମାନେ ହିଁ ସକ୍ରିୟ, କାରଣ ତାହା ହିଁ ତାଙ୍କର କର୍ତ୍ତବ୍ୟ, ବିଜୟ-ପରାଜୟରେ ସେମାନେ ବିଚଳିତ ହୁଅନ୍ତି ନାହିଁ। ଭଗବଦ୍ ଇଚ୍ଛାରେ କରାଯାଉଥିବା କାର୍ଯ୍ୟଗୁଡ଼ିକର ଫଳାଫଳ ସେମାନେ ଉପାସନା ମାଧ୍ୟମରେ ଭଗବାନଙ୍କୁ ସମର୍ପିତ କରିଥାନ୍ତି। ସେମାନେ ଜାଣନ୍ତି ଯେ ସେମାନେ ଈଶ୍ୱରଙ୍କ ହାତରେ ଆୟୁଧ ମାତ୍ର।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଏକାଦଶ ଭାଗ

ଆମ କେନ୍ଦ୍ରର ଅଧିକାଂଶ ଶାଖା ଭାରତବର୍ଷରେ ଅବସ୍ଥିତ। ହେଲେ ପରୀକ୍ଷାମୂଳକ ଭାବେ କିଛି ବର୍ଷ ପାଇଁ ମସ୍କାଟରେ ଆମର ଗୋଟିଏ ଶାଖା ଖୋଲିଥିଲୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସେତେ ଭଲ ନ ଚାଲିବାରୁ ଜାନୁୟାରୀ ୨୦୧୭ରେ ଆମେ ସେ ଶାଖାକୁ ବନ୍ଦ କରି ଆମ ବ୍ୟାବସାୟିକ କାର୍ଯ୍ୟକଳାପକୁ ଭାରତରେ କେନ୍ଦ୍ରୀଭୂତ କରିବା ପାଇଁ ସ୍ଥିର କଲୁ। ଏ ବିଷୟର ଅବତାରଣା କରିବାର ଉଦ୍ଦେଶ୍ୟ ଏହି ଯେ କିଛି ବର୍ଷ ପୂର୍ବେ ଥରେ ଉଡ଼ାଜାହାଜରେ ଦିଲ୍ଲୀ ଯିବାବେଳେ ମୋର ଜଣେ ଡାକ୍ତର ବନ୍ଧୁଙ୍କ ସହିତ ଏ ବିଷୟରେ ଏକ ଭାବୋଦ୍ଦୀପକ ଆଲୋଚନା ହୋଇଥିଲା। ସେ ଡାକ୍ତର ସ୍ୱାମୀଙ୍କ ଭକ୍ତ ନ ଥିଲେ। ମୁଁ ସ୍ୱାମୀଙ୍କ ବିଷୟରେ ଓ ମୋତେ ନେଇ ସ୍ୱାମୀଙ୍କ ସହିତ ଘଟିଥିବା ବିଭିନ୍ନ ଚମତ୍କାରିତା କଥା ସବୁ କହିବା ଆରମ୍ଭ କଲି। ଦିଲ୍ଲୀ ପାଖାପାଖି ହେଲାବେଳକୁ ସେ ମୋତେ କହିଥିଲେ, "ମୋହନ, ତୁମେ ଯାହା ସବୁ ବର୍ଣ୍ଣନା କଲ ସେଥିରୁ ବହୁତଗୁଡ଼ିଏ ତୁମ ସଫଳତାର କାହାଣୀ। ତୁମକୁ ମୁଁ କିଛି ପଚାରିବି କି? ମନେକର ସଫଳତା ବ୍ୟତିରେକେ ତୁମେ ଯଦି ତୁମ ଜୀବନରେ କେତେବେଳେ ବିଫଳତାର ସମ୍ମୁଖୀନ ହୁଅ ତେବେ ବାବାଙ୍କ ପ୍ରତି ତୁମର ବିଶ୍ୱାସ ଅତୁଟ ରହିବ ନା ନାହିଁ?" ଏହା ଗୋଟିଏ ଅପ୍ରତ୍ୟାଶିତ କଠୋର ଖୋଲା ପ୍ରଶ୍ନ ଥିଲା ଯାହା ମୋତେ ଚିନ୍ତା କରିବାକୁ ପଡ଼ିଲା। ତାଙ୍କୁ କିନ୍ତୁ ମୋର ଉତ୍ତର ଥିଲା ଯେ "ମୁଁ ଭଗବାନ ବାବାଙ୍କୁ ପ୍ରାର୍ଥନା କରେ ଓ ଆଶା କରେ ଯଦି ବି ମୁଁ ବାରମ୍ବାର ବିଫଳତାର ସମ୍ମୁଖୀନ ହୁଏ ତଥାପି ତାଙ୍କ ପ୍ରତି ମୋର ବିଶ୍ୱାସ ଦୋଳାୟିତ ନ ହେଉ।" ତେଣୁ ମସ୍କାଟ ଉଦାହରଣ ଆମ ପାଇଁ ଏପରି ଏକ ବିଫଳତା ଥିଲା ଯେଉଁଠି ଆମର ସର୍ବୋତ୍ତମ ପ୍ରଚେଷ୍ଟା ସତ୍ତ୍ୱେ ଆମେ ସେ ଶାଖାକୁ କାର୍ଯ୍ୟକ୍ଷମ କରି ପାରିନଥିଲୁ ଓ ସେହି ପ୍ରକ୍ରିୟାରେ ଆମେ ବହୁତ ବଡ଼ ଆକାରର ଆର୍ଥିକ କ୍ଷତି ସହିଥିଲୁ। କହିବାକୁ ଗଲେ ମସ୍କାଟ ଅଭିଜ୍ଞତା ମୋ ପାଇଁ ବହୁତ ବଡ଼ ଥିଲା। ସେଥିପାଇଁ ମସ୍କାଟ

ସହ ସଂପୃକ୍ତ ବିବିଧ ସାଇ ଚମତ୍କାରିତାକୁ ଏହି ଅଧ୍ୟାୟରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିବାର ଔଚିତ୍ୟ ଅନୁଭବ କଲି ।

ଥରେ ଘଟଣାକ୍ରମେ କାର୍ଯ୍ୟାଳୟ ସମ୍ବନ୍ଧୀୟ ଏକ ଅତ୍ୟନ୍ତ ଦରକାରୀ କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ମୁଁ ମସ୍କାଟ ଯିବାପାଇଁ ସ୍ଥିର କଲି ଏବଂ ଟିକେଟ୍ ବି କରିଦେଲି । ଯେଉଁଦିନ ମୁଁ ମସ୍କାଟରେ ରହିବା କଥା ସେହିଦିନ ପୁଟ୍ଟପର୍ତ୍ତିରେ ରହି ଶ୍ରୀ ସତ୍ୟସାଇ ଭ୍ରାମ୍ୟମାଣ ଚିକିତ୍ସାକେନ୍ଦ୍ର, ଚେନ୍ନାଇ ପ୍ରକଳ୍ପର ପ୍ରସ୍ତୁତୀକରଣ ବିଷୟରେ ଏକ ଉପସ୍ଥାପନା ଦେବାପାଇଁ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସରୁ (ଯେଉଁଥିରେ ସେତେବେଳେ ମୁଁ ସଭ୍ୟ ନ ଥିଲି) ମୋତେ ଫୋନ୍‌ରେ ନିର୍ଦ୍ଦେଶ ଆସିଲା । ମୁଁ ଦ୍ୱନ୍ଦ୍ୱରେ ପଡ଼ିଗଲି, କାରଣ ମସ୍କାଟ ଯିବା ପାଇଁ ସବୁ ପ୍ରକାରର ପ୍ରସ୍ତୁତି, ଏପରି କି ଟିକେଟ କରିସାରିଥିଲି ଏବଂ ହଠାତ୍ ଯେତେବେଳେ ପୁଟ୍ଟପର୍ତ୍ତି ଯିବାପାଇଁ ନିର୍ଦ୍ଦେଶ ପାଇଲି ଏହାକୁ ସ୍ୱାମୀଙ୍କର ମୋ ପ୍ରତି ଏକ "ପରୀକ୍ଷା" ଭାବି ମସ୍କାଟ ଗସ୍ତ ବାତିଲ କରି ଓ ପୁଟ୍ଟପର୍ତ୍ତି ଯିବାକୁ ସ୍ଥିର କଲି ।

ନ୍ୟାସୀମାନଙ୍କ ପାଖରେ ଉପସ୍ଥାପନା ଶେଷ କରି ମୁଁ ସାଇକୁଲବନ୍ତ ମଣ୍ଡପକୁ ଦର୍ଶନ ପାଇଁ ଆସିଲି । ଭଜନ ସରିଯାଇଥିଲା, ମହାସମାଧିରେ ମୋର ପ୍ରାର୍ଥନା ଶେଷକରି ଠିକ୍ ଉଠିପଡ଼ିଲା ବେଳକୁ ହଠାତ୍ ଏକ ଆଶ୍ଚର୍ଯ୍ୟ କଥା ଦେଖିଲି । ସ୍ୱାମୀଙ୍କ ସିଂହାସନ କଡ଼ରେ ଯେଉଁ ଛୋଟ ପାର୍ଶ୍ୱ ଟେବୁଲଟି ଉପରେ ତାଙ୍କ ପାଇଁ ପାଣି ଗିଲାସ ରଖାଯାଏ ସେଠି ଓଟର ଗୋଟିଏ ଛୋଟ ପ୍ରତିମୂର୍ତ୍ତି ରଖାଯାଇଛି । ତାକୁ ଭଲ ଭାବରେ ନିଖେଇ ଦେଖିଲାବେଳକୁ ତାହା ମୁଁ ମସ୍କାଟରେ କିଣିଥିବା ଠିକ୍ ସେଇଭଳି ଓଟଟି ଥିଲା ଯାହାକୁ ମୋ ଘରେ ମୁଁ ରଖିଥିଲି । ମୁଁ ଆଚମ୍ବିତ ହୋଇଯାଇଥିଲି ଯେ ସ୍ୱାମୀଙ୍କ ସିଂହାସନ ପାଖରେ ପ୍ରଥମଥର ପାଇଁ ପାଣିଗ୍ଲାସ ବଦଳରେ ଗୋଟିଏ ଓଟର ପ୍ରତିମୂର୍ତ୍ତି ଦେଖିବାକୁ ପାଇଲି, ତାହା ପୁଣି ସେହିଦିନ ଯେଉଁଦିନ ମୁଁ ପୁଟ୍ଟପର୍ତ୍ତିରେ ମୋର ଉପସ୍ଥାପନା କରିବା ପାଇଁ ଆସିଥିଲି । ମୁଁ ଏହାକୁ ଏହି ଅର୍ଥରେ ନେଲି ଯେପରି ସ୍ୱାମୀ ମୋତେ କହୁଛନ୍ତି ସେ ଜାଣନ୍ତି ମୁଁ ମସ୍କାଟ କାର୍ଯ୍ୟକ୍ରମ ବାତିଲ କରିଛି ଓ ତା ବଦଳରେ ପୁଟ୍ଟପର୍ତ୍ତି ଆସିଛି ।

ଏହାର କିଛିଦିନ ପରେ ଆଉଥରେ ଅନ୍ୟ ଗୋଟିଏ ଉତ୍ସବରେ ମୁଁ ପୁଟ୍ଟପର୍ତ୍ତି ଆସିଥାଏ । ସାଇକୁଲବନ୍ତ ହଲ୍‌ରେ ଦର୍ଶନ ସମୟରେ ବସିଥିବାବେଳେ ଯେହେତୁ ଆଉଥରେ ମସ୍କାଟ ଗସ୍ତ ସମୟ ପାଖେଇ ଆସୁଥାଏ କେମିତି ଟିକିଏ ମସ୍କାଟ ସାଇକେନ୍ଦ୍ର ସହିତ ଯୋଗାଯୋଗ ହୋଇପାରନ୍ତା କି ବୋଲି ବସି ଭାବୁଥାଏ । ଦର୍ଶନ ପରେ ମସ୍କାଟରୁ ହଠାତ୍ କଲ୍‌ଟିଏ ପାଇ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସାଇମନୋହର ନାମରେ ଜଣେ ସେପଟରୁ ଲାଇନ୍‌ରେ ଥାନ୍ତି, ଯିଏ ପରେ ମୋର ଜଣେ ଘନିଷ୍ଠ ବନ୍ଧୁ ହୋଇପାରିଥିଲେ । ସେ ମୋତେ ତାଙ୍କ ପରିଚୟ ଦେଲେ ଓ କେବେ ମୁଁ ମସ୍କାଟ ଆସୁଛି ବୋଲି ପଚାରିଲେ । ମୁଁ ଶୁଣି ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପଚାରିଲି । ସେ କହିଲେ ସେଠାର ସାଇକେନ୍ଦ୍ରଗୁଡ଼ିକରେ ଉଦ୍‌ବୋଧନ ଦେବାପାଇଁ ସେ ମୋତେ ନିମନ୍ତ୍ରଣ କରିବାକୁ ଚାହୁଁଛନ୍ତି । ଏସବୁ କଣ ଘଟୁଛି ବୋଲି ମୁଁ ବିଶ୍ୱାସ କରିପାରୁନଥିଲି । ଏଠାରେ ମୁଁ ଚିନ୍ତା କରୁଛି କିପରି

ସାଇକେନ୍ଦ୍ର ସହ ଯୋଗାଯୋଗ କରିବି ତ କିଛି ମିନିଟ ଅନ୍ତରରେ ସାଇକେନ୍ଦ୍ର, ମସ୍କାଟରୁ ମୋତେ ନିମନ୍ତ୍ରଣ ଆସୁଛି । ଏହିପରି ବିନ୍ଦୁଗୁଡ଼ିକୁ ଯୋଡ଼ିବା ଭଳି ସ୍ୱାମୀ ତାଙ୍କ ଭକ୍ତମାନଙ୍କୁ ପରସ୍ପର ସହିତ ଯୋଡ଼ି ଦିଅନ୍ତି ।

ପରବର୍ତ୍ତୀ ଗସ୍ତମାନଙ୍କରେ କମ୍ ସମୟ ପାଇଁ ହେଲେ ବି ମୁଁ ମସ୍କାଟର ସାଇ ଭାଇ-ଭଉଣୀମାନଙ୍କ ସହ ମିଶି ଓ ସେଠାର ସାଇକେନ୍ଦ୍ରମାନଙ୍କରେ ପ୍ରବଚନ ଦେବାରେ ବହୁତ ଆନନ୍ଦ ପାଇଥିଲି । ଘଟଣାକ୍ରମେ ଥରେ ସ୍ୱାମୀଙ୍କ ଲୀଳା ଓ ଚମତ୍କାରିତା ବିଷୟରେ କହିବାବେଳେ ସ୍ୱାମୀଙ୍କ ଫଟୋରୁ କିପରି ଫୁଲ ଓ ମାଳା ଖସିବାର ମୁଁ ବହୁବାର ଦେଖିଥିବା କଥା ବର୍ଣ୍ଣନା କରୁଥିଲି । ମୁଁ ଦର୍ଶକମାନଙ୍କୁ ସାମ୍ନା କରି ସ୍ୱାମୀଙ୍କ ଫଟୋ ଆଡ଼କୁ ପଛ କରି କହୁଥାଏ । ଦର୍ଶକମାନେ ଜୋର୍‌ରେ ତାଳି ମାରିବାର ଶୁଣି ମୁଁ ଭାବିଲି, ମୁଁ ଠିକ୍ କହୁଛି ବୋଲି ସେମାନେ ମୋତେ ଉତ୍ସାହିତ କରିବା ପାଇଁ ମୋ କଥାରେ ତାଳି ମାରୁଛନ୍ତି । ମାତ୍ର ମୋ କଥା ସରିବା ପରେ ମୁଁ ହୃଦ୍‌ବୋଧ କଲି ଯେତେବେଳେ ମୁଁ ସ୍ୱାମୀଙ୍କ ଫଟୋରୁ ଫୁଲ ଓ ମାଳା ଖସିବା ବିଷୟରେ ବର୍ଣ୍ଣନା କରି କହୁଥିଲି ମୋ ପଛରେ ଥିବା ସ୍ୱାମୀଙ୍କ ଫଟୋରୁ ସେତିକିବେଳେ ଫୁଲଟିଏ ଖସିଥିବାର ଦର୍ଶକମାନେ ଦେଖିଥିଲେ ଓ ସେଇଥିପାଇଁ ସେମାନେ ତାଳି ମାରିଥିଲେ ।

ଏହିପରି ବହୁତ ଚମତ୍କାର ମୋର ମସ୍କାଟ ଗସ୍ତ ସହିତ ଯୋଡ଼ିହୋଇ ରହିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ମସ୍କାଟ ନୁହେଁ ବାହାରିନ, ଦୁବାଇ, କୁଓ୍ୱେଟ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବି ସାଇପରିବାରର ଅଗଣିତ ଭକ୍ତମାନଙ୍କ ସହିତ ମୁଁ ନିବିଡ଼ ବନ୍ଧୁତା ସ୍ଥାପନ କରିପାରିଥିଲି । ମଧ୍ୟପ୍ରାଚ୍ୟ ଦେଶମାନଙ୍କରେ ଅଗଣିତ ସାଇକେନ୍ଦ୍ରଗୁଡ଼ିକରେ ଚମତ୍କାର ସତ୍‌ସଙ୍ଗ ଓ ଭଜନରେ ଯୋଗଦେବା ମୋର ଅତ୍ୟନ୍ତ ଆନନ୍ଦଦାୟକ ଅନୁଭୂତି ଥିଲା ।

ଓଁ ଜୟ ସାଇରାମ !

"ମନେରଖ ସଫଳତା ଓ ବିଫଳତା ତୁମର ପ୍ରୟାସ ବା ସାଧନା ବା ଏପରି ଅନ୍ୟ କୌଣସି କାର୍ଯ୍ୟ ଉପରେ ନିର୍ଭର କରେ ନାହିଁ । ତୁମ ନିଜ ପ୍ରୟାସରେ ତୁମେ କୌଣସି କଥା ହାସଲ କରିବାକୁ ସମର୍ଥ ହୋଇଛ ବୋଲି ଭ୍ରମ କରିବା ଦ୍ୱାରା ନିଜର ଅହଂକାର ବଢ଼ାଉଛ । ଚାରିଆଡ଼କୁ ଚାହିଁଲେ ତୁମେ ଅନେକ ଦୃଷ୍ଟାନ୍ତ ପାଇବ, ଯେଉଁଥିରେ ସର୍ବାଧିକ ପ୍ରୟାସ ସତ୍ତ୍ୱେ ତୁମେ ସଫଳତା ପାଇନାହଁ, ମାତ୍ର ଅନ୍ୟ ଅନେକ କ୍ଷେତ୍ରରେ କମ୍ ବା ବିନା ପ୍ରୟାସରେ ଅଯାଚିତ ଭାବରେ ସଫଳତା ମିଳିଛି । ତୁମର ସବୁ କାର୍ଯ୍ୟକୁ ଭଗବାନଙ୍କୁ ଉତ୍ସର୍ଗ କରିବା ଦ୍ୱାରା, ସେଗୁଡ଼ିକୁ ପ୍ରଭୁଙ୍କ କାମ ବୋଲି ମନେ କରିବା ଦ୍ୱାରା ଏବଂ ଭଗବାନଙ୍କଠାରେ ଅଟଳ ବିଶ୍ୱାସର ସହ ସେଗୁଡ଼ିକୁ ସମ୍ପାଦନ କରିବା ଦ୍ୱାରା ଅଳ୍ପ ବା ବିନା ପ୍ରୟାସରେ ତୁମେ ନିଶ୍ଚୟ ସଫଳତା ହାସଲ କରିପାରିବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,

ଅମୃତଧାରା : ୧୯୯୦

ଅଧ୍ୟାୟ : ୫୪

ସାଇ ପାଗଳାମିର ମଧୁରତା

'ମନୁଷ୍ୟଙ୍କୁ ଆକ୍ରାନ୍ତ କରୁଥିବା ସବୁ ପାଗଳାମି ମଧ୍ୟରେ ଭଗବତ୍ ପାଗଳାମି ଖୁବ୍ କମ୍ କ୍ଷତିକାରକ ଓ ସର୍ବାଧିକ ଲାଭଜନକ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ପ୍ରଥମ ଭାଗ

ସାଇଭକ୍ତ ଭାବରେ ଆମେ ଯେଉଁ ଗୋଟିଏ କାର୍ଯ୍ୟ କରିବାକୁ ଚେଷ୍ଟା କରୁ ତାହା ହେଉଛି ଆମେ କରୁଥିବା ସବୁକିଛି ସ୍ୱାମୀଙ୍କୁ ଉତ୍ସର୍ଗ କରିବା । ପରେ ସାଇଭକ୍ତମାନେ ପ୍ରତ୍ୟେକ କଥାରେ ପ୍ରକୃତରେ ସାଇଙ୍କୁ ଦେଖିବାକୁ ଆରମ୍ଭ କରନ୍ତି । ଜଣେ ଅନାଶ୍ରିତ ପାଇଁ ତାହା ଯେତେ ହାସ୍ୟାସ୍ପଦ ମନେ ହେଉ ନା କାହିଁକି ସାଇଭକ୍ତମାନଙ୍କ ପାଇଁ ଏହାର ବଡ଼ ତାତ୍ପର୍ଯ୍ୟ ଅଛି, ଯେତେବେଳେ ଆମେ ଆମର ପ୍ରାୟ ସାଇଙ୍କୁ ସର୍ବତ୍ର ଓ ସବୁବସ୍ତୁରେ ଦେଖିବାକୁ ଆରମ୍ଭ କରୁ । ଏହାର କେତୋଟି ଉଦାହରଣ ନିମ୍ନରେ ଦିଆଯାଇଛି ।

ଥରେ ମୋର ଜାପାନ ଯାତ୍ରାବେଳେ ଜାପାନର ଅନେକ ସ୍ଥାନରେ 'ସାଇ' ଶବ୍ଦ ଲକ୍ଷ୍ୟ କରିଥିଲି । ଏହାର ଆମ ସାଇମାତାଙ୍କ ସହ କିଛି କରିବାର ନାହିଁ ବୋଲି ମୁଁ ସ୍ୱୀକାର କରୁଛି । କେବଳ 'ସାଇ' ଶବ୍ଦ ଅନେକ ସ୍ଥାନରେ ଥିଲା । ଉଦାହରଣସ୍ୱରୂପ, ମୁଁ ଓସାକାରେ ଅବତରଣ କରିବା ବେଳେ ବିମାନବନ୍ଦରର ନାମ କନସାଇ ଅନ୍ତର୍ଜାତୀୟ ବିମାନବନ୍ଦର ଦେଖି ଆହ୍ଲାଦିତ ହୋଇଥିଲି । ବସ୍ତୁତଃ ପୂରା ନାମ ହେଉଛି କନସାଇ କକୁସାଇ, ଯାହାର ଅର୍ଥ କନସାଇ ଅନ୍ତର୍ଜାତୀୟ । ମୁଁ ଓସାକାରୁ କ୍ୟୋଟୋକୁ ଯିବା ପାଇଁ ଯେଉଁ ଟ୍ରେନ୍ ଧରିଲି ତାହାର ନାମ ଥିଲା 'କନସାଇ ଏୟାରପୋର୍ଟ ଲାଇନ୍' । ପରଦିନ ପ୍ରାତଃ ଭ୍ରମଣ ବେଳେ ମୁଁ ସମ୍ମିଳନୀରେ ଯୋଗ ଦେଇଥିବା ସଭା କେନ୍ଦ୍ର ନିକଟରେ ଥିବା ସୁଡ଼ଙ୍ଗ ପଥରେ 'ସାଇ' ସଙ୍କେତ ଥିବାର ଲକ୍ଷ୍ୟ କରିଥିଲି । ଓସାକାରୁ ବ୍ୟାଙ୍କକକୁ ବିମାନରେ ଉଠିବାବେଳେ ମୁଁ ପଢ଼ିବା ପାଇଁ ଖଣ୍ଡିଏ ପତ୍ରିକା ଧରି ପକାଇଲି ଏବଂ ସେଥିରେ 'ସାଇ ଜୟ ପ୍ରତିଷ୍ଠାନ' ବିଷୟରେ ପଢ଼ିଲି । ବ୍ୟାଙ୍କକ୍ ବିମାନବନ୍ଦରରେ ମୁଁ ପ୍ରକୃତରେ 'ସାଇ ଜୟ ପ୍ରତିଷ୍ଠାନ' ଦେଖିଲି । ତା ପାଖ ଦୋକାନଟିର ନାମ ଥିଲା ସାଇ ୟାଇ ର୍ୟାକ୍ ।

ବ୍ରାଜିଲର ସାଓପଲୋକୁ ଯିବାବେଳେ 'ପ୍ରସ୍ଥାନ' ପାଇଁ ପର୍ତ୍ତୁଗୀଜ ଶବ୍ଦ 'ସାଇଦା' ଦେଖି ଆହ୍ଲାଦିତ ହୋଇଥିଲି । ଏଥିରେ ମଧ୍ୟ 'ସାଇ' ଥିଲା । ଏହାକୁ ଧନ୍ୟ କହିବ ବ୍ରାଜିଲରେ ସବୁଠାରେ ମୁଁ ଏହି 'ସାଇ' ଦେଖିଲି ।

ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ମଧୁମେହ ବିଶେଷଜ୍ଞ ସମ୍ମିଳନୀରେ ମୁଁ ଏକ ଶବ୍ଦ ଦେଖିଲି ଯେଉଁଥିରେ ସାଇ ଥିଲା - 'ଏଇସାଇ' ।

ଚିରବିଦ୍ୟମାନ ସତ୍ୟସାଇ ବାବା

କାନାଡ଼ାରେ ମିସିସୋଗାଠାରେ ପ୍ରାତଃ ଭ୍ରମଣରେ ଯିବାବେଳେ ମୁଁ ଏହି ସଙ୍କେତ ଦେଖିଲି । 'ଡିସ୍‌ପୋଜାଲ' ଶବ୍ଦଟି 'ଡିସ୍‌ପୋସାଇ' ହୋଇଥିଲା । ଅବିଶ୍ୱାସ୍ୟ ହେଉଛି ଯେ ମୁଁ ସ୍ୱାମୀଙ୍କୁ "ଆପଣ ଭାରତରେ ମୋର ପ୍ରାତଃ ଭ୍ରମଣ ବେଳେ ଆସନ୍ତି । କାନାଡ଼ା କଥା କ'ଣ ?" କହିବା ବେଳେ ଏହା ଦେଖିଥିଲି ।

ଆମେରିକାର ନିଉଜରସୀଠାରେ ମୋର ଜଣେ ବନ୍ଧୁ ଓ ସହକର୍ମୀ ଡଃ ସି.ଏସ୍. ପିଚୁମଣି ଚାଉଳ ଗବେଷଣାରେ ମୋର ଆଗ୍ରହ ଜାଣିବାରୁ ବିଭିନ୍ନ ପ୍ରକାର ଚାଉଳ ଦେଖାଇବା ପାଇଁ ମୋତେ ଏକ ଭାରତୀୟ ତେଜରାତି ଦୋକାନକୁ ନେଇଗଲେ । ଚାଉଳ ବିକ୍ରି ହେଉଥିବା ଥାକରେ ମୁଁ ଶିରଡ଼ି ସାଇଙ୍କ ଛବି ସହ ସାଇବାବା ଲିଖିତ ଥିବା ଏବଂ ଆଉ ଏକ ଥାକରେ 'ସାଇରାମ ସୋନାମସୁରୀ' ଲେଖାଥିବାର ଦେଖିଲି ।

ମୁଁ ନିଉଜରସୀର ଏକ କାର୍‌ରେ 'ସାଇସ ଅସ' ନାମଫଳକ ଥିବାର ଦେଖିଲି । ଏକ ଭୋଜନାଳୟକୁ ଯିବାବେଳେ ପରିଚାରକ ନାମ ଥିଲା 'ସାଇ' । ମୁଁ ନିଉଜରସୀରେ ସାଇ କାର୍ଯ୍ୟକ୍ରମ ଥିବା ଆଉ ଦୁଇଟି ଉତ୍ସବକୁ ଯାଇଥିଲି ଏବଂ ସେଠାରେ ଶିରଡ଼ି ସାଇ ଓ ସତ୍ୟସାଇଙ୍କ ଛବି ଦେଖିଥିଲି ।

ମୁଁ ଏକ ପୁରସ୍କାର ପାଇବା ପାଇଁ କାନାଡ଼ାରେ ୱିନିପେଗ ଯାଇଥିଲି । ମୋର ଆମନ୍ତ୍ରଣକାରୀ ମୋତେ ଏକ ଭାରତୀୟ ଭୋଜନାଳୟକୁ ନେଇଗଲେ ଏବଂ ସେଠାରେ ମୁଁ ଶିରଡ଼ି ସାଇଙ୍କ ବିଗ୍ରହ ଦେଖିଲି ।

ପ୍ରିୟ ପାଠକମାନେ, ଏସବୁକୁ ବି 'ସାଇ ପାଗଳାମି' କୁହାଯାଇପାରେ । ଆମର ପ୍ରିୟ ସାଇଙ୍କର ଆମେ ଭକ୍ତମାନେ ଯାହା କିଛି ଦେଖିଲେ ବି ଓ ଯେଉଁଠିକୁ ଗଲେ ବି ତାଙ୍କୁ ଦେଖିବାକୁ ଚାହିଁଥାଉ । ଏହି ପ୍ରସଙ୍ଗରେ ଏହି ଅଧ୍ୟାୟର ଆରମ୍ଭରେ ଓ ଶେଷରେ ଦିଆଯାଇଥିବା ସୂକ୍ତିଗୁଡ଼ିକ ଚିତ୍ତାକର୍ଷକ । ତେଣୁ ସ୍ୱାମୀ 'ସବୁ ପାଗଳାମିରେ ଈଶ୍ୱର (ସାଇ) ପାଗଳାମି କମ୍ କ୍ଷତିକାରକ ଓ ସର୍ବାଧିକ ଲାଭଜନକ' ବୋଲି କହିବା ବେଳେ ଆମେ ଭକ୍ତମାନେ ଉତ୍ସାହିତ ହେଉ ଯେ ଆମେ ବଢ଼ାଇଥିବା ଏହି ସାଇ ପାଗଳାମି ବିଷୟରେ ଖରାପ ଭାବିବା ଉଚିତ ନୁହେଁ ।

ଓଁ ଜୟ ସାଇରାମ !

"ସଂସାରୀ ବ୍ୟକ୍ତି ପାଇଁ ଈଶ୍ୱରାସକ୍ତ ପାଗଳ ମନେ ହୋଇପାରେ ଏବଂ ଏଥିପାଇଁ ସେ ଲୋକ ହସିପାରେ । କିନ୍ତୁ ଈଶ୍ୱରାସକ୍ତ ପାଇଁ ସଂସାରୀ ବ୍ୟକ୍ତିଟି ପାଗଳ, ନିର୍ବୋଧ, ବିଭ୍ରାନ୍ତ, ଅନ୍ଧ ମନେହେବ । ମଣିଷକୁ ହଇରାଣ କରୁଥିବା ସବୁ ପାଗଳାମି ମଧ୍ୟରେ ଈଶ୍ୱର ପାଗଳାମି ସର୍ବନିମ୍ନ କ୍ଷତିକାରକ ଓ ସର୍ବାଧିକ ଲାଭପ୍ରଦ । ପାଗଳ ଶାସକ ଓ ପାଗଳ ନିର୍ଦ୍ଦେଶକମାନଙ୍କ ଯୋଗୁଁ ପୃଥିବୀର ଅକଥନୀୟ କ୍ଷତି ହୋଇଛି; କିନ୍ତୁ ଭଗବତ୍ ପାଗଳାମିରୁ ସଂହତି, ଶାନ୍ତି, ଭ୍ରାତୃତ୍ୱ, ପ୍ରେମ ବ୍ୟତୀତ ଆଉ କିଛି ଆସିନାହିଁ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,

ଦିବ୍ୟ ସମ୍ଭାଷଣ, ୧୯୫୫

ଅଧ୍ୟାୟ : ୫୫

ସାଇଙ୍କ ଅନୁଗ୍ରହରୁ 'ସାଇ ଅନୁଗ୍ରହ'

'ପ୍ରଭୁଙ୍କ ଅନୁଗ୍ରହ ରହିଲେ କୌଣସି ଗ୍ରହ ବା ଗ୍ରହଯୋଗ ତୁମର କ୍ଷତି କରିପାରିବେ ନାହିଁ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ଦ୍ୱିତୀୟ ଭାଗ

ଆମେ କିପରି ଆମର ଘର 'ସାଇ ଅନୁଗ୍ରହ' ଲାଭ କଲୁ ତାହାର ଚିତ୍ତାକର୍ଷକ କାହାଣୀ ଏହି ଅଧ୍ୟାୟରେ ବର୍ଣ୍ଣନା କରିବି ଏବଂ କେଉଁ ପରିସ୍ଥିତିରେ ଏହା ସମ୍ଭବ ହେଲା ଓ ଏହି ନାମ କାହିଁକି ଯଥୋପଯୁକ୍ତ ତାହା ବୁଝାଇବି ।

ଆମେ ମୋ ବାପାଙ୍କ ଅନୁଷ୍ଠାନ ଛାଡ଼ିବାର ପ୍ରଥମ କେତେ ବର୍ଷ ମୁଁ ଓ ମୋ ପତ୍ନୀ ଶଶୁର ଘରେ ନୁଙ୍ଗମ୍ବକ୍କମ୍‌ରେ ରହିଥିଲୁ । ୧୯୯୮ରେ ଆମେ ନୁଙ୍ଗମ୍ବକ୍କମ୍ ଛାଡ଼ିବାକୁ ଠିକ୍ କଲୁ, ଯେହେତୁ ତାହା ଖାଲୁଆ ଅଞ୍ଚଳରେ ଥିଲା ଏବଂ ଚେନ୍ନାଇରେ ଭୀଷଣ ବର୍ଷା ହେବାବେଳେ ଆପ୍ଲାବିତ ହୋଇଯାଉଥିଲା । ତାପରେ ଚେନ୍ନାଇରେ କେଉଁଠିକୁ ଯିବୁ ବୋଲି ଆମେ ଖୋଜିବାକୁ ଲାଗିଲୁ ଏବଂ ଆମ ନିଜର ଏକ ସ୍ୱାଧୀନ ଘର ପାଇଁ ଆଗ୍ରହୀ ଥିଲୁ । ଆମେ ବିଭିନ୍ନ ଅଞ୍ଚଳରେ ଦେଖିବାରେ କେତେ ମାସ ଚାଲିଗଲା ଏବଂ ମୋ ପତ୍ନୀ ରେମାଙ୍କର ଇଚ୍ଛା ଥିଲା ଆମେ ବୋଟକ୍ଲବ ଅଞ୍ଚଳରେ ରହିବାକୁ । ଏହା ସହରର ଅନ୍ୟତମ ବ୍ୟୟବହୁଳ ଇଲାକା ଏବଂ ଏହି ଅଞ୍ଚଳରେ ସମ୍ପତ୍ତି କିଣିବା ପାଇଁ ଆମ ପାଖରେ ଟଙ୍କା ନଥିଲା, ଘରଟିଏ କିଣିବା ପାଇଁ ଆମକୁ ବହୁତ ଋଣ ଦରକାର ଥିଲା । ସେଠାରେ ଘରଟିଏ ପାଇବା ମଧ୍ୟ କଷ୍ଟକର ଥିଲା, କାରଣ ସେଠାରେ ରହୁଥିବା ଅଧିକାଂଶ ଲୋକ ସେହି ସ୍ଥାନରୁ ଯିବା ପାଇଁ ଚାହୁଁନଥିଲେ ।

ଦିନେ ଖବରକାଗଜରେ ବୋଟକ୍ଲବରେ ଆର୍କ ବିଶପ ମଡିଆସ ଆଭେନ୍ୟୁରେ ଗୋଟିଏ ଘର ବିକ୍ରି ହେବ ବୋଲି ଏକ ବିଜ୍ଞାପନ ବାହାରିଥିଲା । ଆମକୁ ଘର ଚାରିପଟ ଦେଖାଇବା ବେଳେ ଘରଟି ପୂରା ଖାଲି ଥିବାର ଦେଖିଲୁ । ଆମେ ବାସଗୃହ ଭିତରକୁ ଯିବାବେଳେ ସେ କୋଠରିରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଛବିଟିଏ ଦେଖିଲୁ ।

ଅଧିକନ୍ତୁ ପୂଜାଘରକୁ ଯିବାବେଳେ ଆମେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଛୋଟ ଛବିଟିଏ ଦେଖିଲୁ । ଏଥିରେ ରୋମାଞ୍ଚିତ ହୋଇ ମୁଁ ଓ ମୋ ପତ୍ନୀ ମାଲିକଙ୍କୁ ସେ ବାବାଙ୍କ ଭକ୍ତ କି ବୋଲି ପଚାରିଲୁ । ସେ ଉତ୍ତର ଦେଲେ, "ନା, ମୁଁ ଭକ୍ତ ହୋଇନଥିବାରୁ ଛବିଗୁଡ଼ିକ ଏଠାରେ ଛାଡ଼ି ଦେଇଛି ।" ଆମେ ଏହାକୁ ବାବା ଆମେ ଘରଟି କିଣିବାକୁ ଚାହୁଁଛନ୍ତି ବୋଲି ସଙ୍କେତ ଭାବରେ ଦେଖିଲୁ । ମୁଁ କହିବାକୁ ଚାହୁଁଛି ଯେ ଏ ଘରେ ଏ ଦୁଇଟି ଛବି ଛଡ଼ା ଆଉ କିଛି ନ ଥିଲା ।

ତଥାପି ଆମେ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହେଲୁ । ଘରଟି କିଣିବା ପାଇଁ ଆବଶ୍ୟକ ଟଙ୍କା ପାଇବୁ କିପରି ? ଆମେ ଋଣ କଲେ ମଧ୍ୟ କୌଣସି ବ୍ୟାଙ୍କ ଘର କିଣିବାକୁ ଏତେ ଟଙ୍କା ଦେବେ ନାହିଁ । ଆମେ ଋଣ ପାଇଲେ ମଧ୍ୟ ଆମ ବେତନର ୫୦% ଋଣ ପରିଶୋଧ ପାଇଁ ଦେବାକୁ ପଡ଼ିବ, ଯାହାର ଅର୍ଥ ଆମ ଭିତରୁ ଜଣେ ହିଁ କାମ କରୁଛି ବୋଲି ବୁଝିବାକୁ ହେବ ।

ଏସବୁ ଅସୁବିଧା ମଧ୍ୟରେ ଆମେ ଅନେକ ବ୍ୟାଙ୍କ ସହ ଯୋଗାଯୋଗ କଲୁ, କିନ୍ତୁ ଅଧିକାଂଶ ଆମକୁ ମନା କରିଦେଲେ । କିନ୍ତୁ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ ଆମେ ଗୋଟିଏ ବ୍ୟାଙ୍କରେ ଜଣେ ସାଇଭକ୍ତଙ୍କୁ ଭେଟିଲୁ ଏବଂ ସେ ଘର କିଣିବା ପାଇଁ ଆବଶ୍ୟକ ଋଣ କରାଇବା ଦେବା ପାଇଁ ପ୍ରତିଶ୍ରୁତି ଦେଲେ, ଯଦିଓ ଏହା ତାଙ୍କ ପାଇଁ ସହଜ ହେବ ନାହିଁ ବୋଲି କହିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସପ୍ତାହକ ଭିତରେ ଋଣ ମଞ୍ଜୁର ହୋଇଗଲା ଏବଂ ଆମ ସ୍ୱପ୍ନର ଗୃହ ପ୍ରକଳ୍ପ ସତ୍ୟ ହେବାକୁ ବସିଲା । ଆମେ ଋଣର ଔପଚାରିକତା ପୂରଣ କରି ୬-୭ ବର୍ଷ ଭିତରେ ଋଣ ପରିଶୋଧ କରିଦେଲୁ । ଘରଟି ପୁରୁଣା ହୋଇଥିବାରୁ ତାର ଜୀର୍ଣ୍ଣୋଦ୍ଧାର କରାଯିବାର ଥିଲା । ଏଥିପାଇଁ ବର୍ଷାଧିକ କାଳ ଲାଗିଲା ଏବଂ ୨୦୦୦ ସୁଦ୍ଧା ଆମେ ଆମ ନୂତନ ଗୃହକୁ ଯାଇ ପାରିଲୁ । ୨୦୦୬/ ୨୦୦୭ ସୁଦ୍ଧା ଆମେ ସମ୍ପୂର୍ଣ୍ଣ ଋଣ ପରିଶୋଧ କରିଦେଲୁ ଏବଂ ଶେଷରେ ଘରଟି ଆମର ହୋଇଗଲା ।

ପାଠକମାନେ, ଟିକିଏ ଭାବନ୍ତୁ, ଯଦି ଘରର ମାଲିକ ବାବାଙ୍କ ଛବି ନେଇ ପଳାଇଥାନ୍ତା ତେବେ ଆମେ ଆମର ନୂଆଘର ପାଇଁ ଅନ୍ୱେଷଣ ଆରମ୍ଭ କରିବା ବେଳେ ଚାହୁଁଥିବା ସାଇସଙ୍କେତ ପାଇନଥାନ୍ତୁ । ସେ ଛବି ନ ଚାହୁଁଥିବାର ଯାହା ଛାଡ଼ି ଚାଲିଗଲେ ତାହା ଆମ ପାଇଁ ଏକ ରତ୍ନ ପ୍ରମାଣିତ ହେଲା । ଆଉ ଆମେ ଏହାକୁ ସ୍ୱାମୀଙ୍କ ଆଶୀର୍ବାଦ

ଭାବରେ ଗ୍ରହଣ କଲୁ । ପୁନଶ୍ଚ ଜଣେ ସାଇଭକ୍ତଙ୍କ ମାଧ୍ୟମରେ ଘର ପାଇଁ ଋଣ ମିଳିଗଲା । ପୁଣି ସ୍ୱାମୀଙ୍କ ଅଦୃଶ୍ୟ ହସ୍ତ ଆମକୁ ଦୃଶ୍ୟମାନ ହେଲା । ଶେଷରେ ସ୍ୱାମୀ ଆମକୁ ଅବାଧ ଭାବରେ ଋଣ ପରିଶୋଧ କରିବାକୁ ଦେଲେ ଏବଂ ଏହିପରି ଭାବରେ ଆମେ ନିଜର ଘର ପାଇ ପାରିଲୁ ।

ଘରର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ଶେଷ ହୋଇ ଆମେ ସେଠାକୁ ଯିବା ପରେ ଗୋଟିଏ ଉପଯୁକ୍ତ ନାମ ଖୋଜିଲୁ । ଭଗବାନଙ୍କ ଅନୁଗ୍ରହ ବିନା ଆମର ଘର କିଣିବାର ସ୍ୱପ୍ନ ସାକାର ହୋଇପାରିନଥାନ୍ତା, ତେଣୁ 'ସାଇ ଅନୁଗ୍ରହ' ନାମଟି ଯଥୋପଯୁକ୍ତ ହେବ ବୋଲି ମୁଁ ଓ ରେମା ଠିକ୍ କଲୁ ।

ସ୍ୱାମୀ, ଆମ ଭଳି ବିନୟୀ ଭକ୍ତ ଉପରେ ଆପଣ ବର୍ଷଣ କରିଥିବା ସବୁ ପ୍ରେମ ଓ ଆଶୀର୍ବାଦ ପାଇଁ ଆମେ କିପରି ଆପଣଙ୍କୁ ଧନ୍ୟବାଦ ଦେଇପାରିବୁ ।

ଓଁ ଜୟ ସାଇରାମ !

"ଭଗବାନଙ୍କ ବିଷୟରେ ଏବଂ ସେ ତୁମକୁ ଉପହାର ଦେଇଥିବା ମାନବଜନ୍ମ ଏବଂ ତୁମକୁ ବିଭୂଷିତ କରିଥିବା ବିବିଧ ଭୌତିକ, ନୈତିକ ଓ ବୌଦ୍ଧିକ ପ୍ରତିଭା ପାଇଁ କୃତଜ୍ଞତା ବିଷୟରେ ଚିନ୍ତା କର; କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଏହା କର । ତୁମେ ନିଶ୍ଚିତ ଭାବରେ ମହାନ୍ ଅନୁଭୂତି ଲାଭ କରିବ ଏବଂ ଦିବ୍ୟ କୃପା ବଳରେ ତୁମେ ଶାନ୍ତି, ଆନନ୍ଦ ଓ ତୁମର ଉଦ୍ୟମରେ ସଫଳତା ଲାଭ କରିବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ଦ୍ୱାଦଶ ଭାଗ

ଅଧ୍ୟାୟ : ୫୬

ସ୍ୱାମୀଙ୍କ ଶିକ୍ଷାର ଅନୁଶୀଳନ ଆମକୁ ତାଙ୍କର ନିକଟତର କରାଏ

'ସମସ୍ତ ସେବାକୁ ଭଗବାନଙ୍କ ପାଇଁ ଅର୍ଘ୍ୟ ଭାବରେ ବିବେଚନା କରାଯିବା ଉଚିତ ଏବଂ ସେବାର ପ୍ରତ୍ୟେକ ସୁଯୋଗକୁ ଭଗବାନଙ୍କ ଉପହାର ଭାବରେ ସ୍ୱାଗତ କରାଯିବା ଉଚିତ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଦିବ୍ୟ ସମ୍ଭାଷଣ : ୨୦ତମ ଭାଗ

ପଞ୍ଚମ ଏବଂ ଷଷ୍ଠ ଅଧ୍ୟାୟରେ, ସୌଭାଗ୍ୟବଶତଃ ମୁଁ କିପରି ଭଗବାନଙ୍କ ଆଡ଼କୁ ମୋର ପ୍ରଥମ ପାଦ ପକାଇଲି ଏବଂ ମୋର ପ୍ରଥମ ପୁଟ୍ଟପର୍ତ୍ତି ଦର୍ଶନ ବିଷୟରେ ବର୍ଣ୍ଣନା କରିଛି । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ମୋ ଝିଅ ଏବଂ ନାତି ମଧ୍ୟ କିପରି ସ୍ୱାମୀଙ୍କ ଆଶ୍ରୟକୁ ଆସିଲେ, ସେ ବିଷୟରେ ବର୍ଣ୍ଣନା କରିଛି । ସ୍ୱାମୀ କିପରି ମୋତେ ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡୁର ଆବାହକ ନିଯୁକ୍ତ କଲେ, ସେ ବିଷୟରେ ଏବେ ବର୍ଣ୍ଣନା କରିବି । ୨୦୦୫ ମସିହା ପର୍ଯ୍ୟନ୍ତ ମୁଁ ସ୍ୱାମୀଙ୍କ ସଙ୍ଗଠନ ବା ନ୍ୟାସରେ କୌଣସି ପଦବୀରେ ନ ଥିଲି ଏବଂ ସ୍ୱାମୀଙ୍କର ଜଣେ ସାଧାରଣ ଭକ୍ତ ଭାବରେ ସନ୍ତୁଷ୍ଟ ଥିଲି (ଏବଂ ଏବେ ମଧ୍ୟ ଅଛି) । ପ୍ରକୃତପକ୍ଷେ, ଆମେ ସଙ୍ଗଠନରେ ଯେ କୌଣସି ପଦରେ ରହିଲେ ବି ସର୍ବପ୍ରଥମେ ନିଜକୁ ଭଗବାନଙ୍କ ଆଶ୍ରିତ ଭାବରେ ରହିବାକୁ ହେବ ବୋଲି ସ୍ୱାମୀଙ୍କ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନଙ୍କ ସହ ବାର୍ତ୍ତାଳାପରେ ମୁଁ ପ୍ରାୟତଃ ଗୁରୁତ୍ୱ ଦେଇ କହିଥାଏ । ଆମକୁ ଦିଆଯାଇଥିବା ପଦବୀ ବା କ୍ଷମତା ଆମକୁ ଗର୍ବୀ ହେବାକୁ ଦେବା ଉଚିତ ନୁହେଁ । ଏବେ ମୁଁ ଏହି ଅଧ୍ୟାୟରେ କହିବା ପାଇଁ ଚାହୁଁଥିବା ବିଷୟ ଆଡ଼କୁ ଫେରୁଛି ।

୨୦୦୫ ମସିହାରେ ଆମ ସଙ୍ଗଠନର ଜଣେ ବରିଷ୍ଠ ସଦସ୍ୟ ମୋତେ ମୋ ବିଷୟରେ ସଂକ୍ଷିପ୍ତ ବିବରଣୀ ଦେବା ପାଇଁ କହିବା ମୋ ପାଇଁ ଏକ ସୁଖଦ ଆଶ୍ଚର୍ଯ୍ୟ ଥିଲା । କିଛିଦିନ ପରେ ଭଗବାନ ଶ୍ରୀ ସତ୍ୟସାଇ ବାବା ମୋତେ ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡୁର ଜଣେ ସଦସ୍ୟ ଭାବରେ ନିଯୁକ୍ତ କରିବା ନେଇ ପୁଟ୍ଟପର୍ତ୍ତିରୁ ପତ୍ରଟିଏ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି । ଏହା ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା, କାରଣ ଏହି ପଦବୀ ପାଇଁ ମୋ ନାମ ବିଚାରକୁ ନିଆଯାଉଛି ବୋଲି ଏହା ପୂର୍ବରୁ ମୋର କୌଣସି

ଧାରଣା ନ ଥିଲା । ସ୍ୱାମୀଙ୍କ ସଙ୍ଗଠନ ଏବଂ ବିଶେଷକରି ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡୁ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ମୋତେ ସୁଯୋଗ ମିଳିବ ବୋଲି ଜାଣି ନିଜକୁ ଅତ୍ୟଧିକ ସମ୍ମାନିତ ମନେକଲି ଏବଂ ଆନନ୍ଦିତ ହେଲି । ମୁଁ ତାମିଲନାଡୁ ନ୍ୟାସର ସଦସ୍ୟ ଭାବରେ କିଛି ବର୍ଷ ସେବା କଲା ପରେ ଦୁର୍ଭାଗ୍ୟବଶତଃ, ତାମିଲନାଡୁ ନ୍ୟାସର ଆବାହକ ଶ୍ରୀ ଜି.କେ. ରମଣ (ସ୍ୱାମୀଙ୍କ ପରମ ଭକ୍ତ ଏବଂ ସୁନ୍ଦରମ୍ ଫାଇନାନ୍ସର ସଭାପତି)ଙ୍କର ପୁଟ୍ଟପର୍ତ୍ତିରେ ହଠାତ୍ ବିୟୋଗ ହେଲା । ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାଟି ୨୮ ଅଗଷ୍ଟ ୨୦୦୭ରେ ଓଣମ୍ ପର୍ବଦିନ ଘଟିଲା ।

ଶ୍ରୀ ଜି.କେ. ରମଣଙ୍କ ଦେହାନ୍ତ ପରେ, ନ୍ୟାସର ଆବାହକ ପଦ କିଛି ସମୟ ପାଇଁ ଖାଲି ପଡ଼ିଲା । ସଂଗଠନର ଅନେକ ବରିଷ୍ଠ ବ୍ୟକ୍ତି ସ୍ୱାମୀଙ୍କୁ ସାକ୍ଷାତ କରି ପରବର୍ତ୍ତୀ ନ୍ୟାସ ଆବାହକ ନିଯୁକ୍ତି ବିଷୟରେ ତାଙ୍କ ମାର୍ଗଦର୍ଶନ ପାଇଁ ପ୍ରାର୍ଥନା କଲେ । ପରେ ଜଣାଇବେ ବୋଲି କହି ସ୍ୱାମୀ ସେମାନଙ୍କୁ ଅପେକ୍ଷା କରିବାକୁ କହିଲେ । ଏମିତି କିଛି ମାସ ବିତିଗଲା । ଇତିମଧ୍ୟରେ ଆବାହକଙ୍କଦ୍ୱାରା ହେବାକୁ ଥିବା ଅନେକ କାର୍ଯ୍ୟ, ଯଥା - ଚେକ ଏବଂ ରସିଦରେ ଦସ୍ତଖତ ଏବଂ ଅନ୍ୟାନ୍ୟ ଅଫିସ କାର୍ଯ୍ୟସବୁ ଗଦାହେବାକୁ ଆରମ୍ଭ କଲା ଏବଂ ତାମିଲନାଡୁ ସଂଗଠନର ବରିଷ୍ଠ ବ୍ୟକ୍ତିମାନେ ପୁଣି ଥରେ ସ୍ୱାମୀଙ୍କୁ ସାକ୍ଷାତ କଲେ । ସ୍ୱାମୀ ପୁଣି ଥରେ କହିଲେ, "ମୁଁ ତୁମକୁ ଅପେକ୍ଷା କରିବାକୁ କହିଥିଲି । ମୁଁ ଠିକ୍ ସମୟରେ ଜଣାଇବି ।"

ଆମ ପରିବାରରେ ଆମେ ସମସ୍ତେ ଆମିଷାଶୀ ଥିଲୁ ଏବଂ ମୁଁ ନିୟମିତ ଭାବରେ ଆମିଷ ଭକ୍ଷଣ କରୁଥିଲି । ଆମର ଆମିଷ ଖାଦ୍ୟ ଛାଡ଼ିଦେବା ଉଚିତ ହେବ କି - ଏ ବିଷୟରେ ମୁଁ ଓ ମୋ ପତ୍ନୀ ଅନେକଥର ବିତର୍କ କରିଥିଲୁ । ପରିବାରର କିଛି ସଦସ୍ୟ ଆମିଷ ପ୍ରତି ଅତ୍ୟନ୍ତ ଆସକ୍ତ ଥିବାରୁ ଏବଂ ମୋ ପତ୍ନୀ ଏବଂ ମୁଁ ସେମାନଙ୍କ ଭାବନାକୁ ଆଘାତ ଦେବାକୁ ଚାହୁଁନଥିବାରୁ, ପ୍ରତ୍ୟେକ ଥର ଆମ ନିଷ୍ପତ୍ତିକୁ ଆଉ କିଛି ସମୟ ପାଇଁ ସ୍ଥଗିତ ରଖିବାକୁ ପଡୁଥିଲା । ୧୩ ଅକ୍ଟୋବର ୨୦୦୭ରେ ହଠାତ୍ ମୋ ପତ୍ନୀ ରେମାଙ୍କଠାରେ କର୍କଟର ପ୍ରତ୍ୟାବର୍ତ୍ତନ ହେଲା । ୧୯୯୪ ମସିହାରେ ଯେତେବେଳେ ପ୍ରଥମକରି ତାଙ୍କଠାରେ କର୍କଟ ଦେଖାଦେଇଥିଲା, ମୁଁ ସେ ପର୍ଯ୍ୟନ୍ତ କେତେବେଳେ କେମିତି କରୁଥିବା ମଦ୍ୟପାନ ଛାଡ଼ିଦେଇଥିଲି । ୨୦୦୭ ମସିହାରେ ଯେତେବେଳେ ତାଙ୍କ ରୋଗର ପ୍ରତ୍ୟାବର୍ତ୍ତନ ହେଲା, ମୁଁ ଆମିଷ ଛାଡ଼ିଦେବା ପାଇଁ ନିଷ୍ପତ୍ତି ନେଲି ଏବଂ ଏକଥା ମୋ ପତ୍ନୀଙ୍କୁ ଜଣାଇଲି । ସେ ମଧ୍ୟ ଆମିଷ ଛାଡ଼ିଦେବେ ବୋଲି ସାଙ୍ଗେ ସାଙ୍ଗେ କହିଲେ ଏବଂ ପରେ ପରେ ଆମେ ଦୁହେଁ ଶାକାହାରୀ ହୋଇଗଲୁ ।

ଶାକାହାରୀ ହେବାର କିଛିଦିନ ପରେ, ମୁଁ ସନ୍ଧ୍ୟା ବନ୍ଦନା ଏବଂ ସ୍ୱାମୀଙ୍କ ୧୦୦୮ ନାମଜପ ଶେଷ କରି ପୂଜାଘରୁ ବାହାରକୁ ଆସିବା ମାତ୍ରେ, ଶ୍ରୀ ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସଭାପତି ଶ୍ରୀ ଭି. ଶ୍ରୀନିବାସନଙ୍କଠାରୁ ଏକ ବାର୍ତ୍ତା ପାଇଲି । ସେ ଏବେ ଏବେ ବାବାଙ୍କ କୋଠରିରୁ ଆସିଲେ ଏବଂ ମୁଁ ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡୁର ଆବାହକ ଭାବରେ ନିଯୁକ୍ତ ହେବାକୁ ଇଚ୍ଛୁକ କି ବୋଲି ମୋତେ ପଚାରିବାକୁ ସ୍ୱାମୀ ତାଙ୍କୁ କହିଛନ୍ତି ବୋଲି କହିଲେ ।

ମୁଁ ଏହି ବାର୍ତ୍ତାଟି ପାଇବାବେଳେ ମୋ ପତ୍ନୀ ମୋ ନିକଟରେ ଛିଡ଼ା ହୋଇଥିଲେ ଏବଂ ଆମ ବାର୍ତ୍ତାଳାପ ଶୁଣି, "ହଁ କୁହ, ହଁ କୁହ । ଏହା ନୋବେଲ ପୁରସ୍କାରଠାରୁ ମଧ୍ୟ ବଡ଼" ବୋଲି ମୋତେ କହିଲେ । ମୁଁ ସତ୍ୟସାଇ ନ୍ୟାସ, ତାମିଲନାଡୁର ଆବାହକ ଭାବରେ ନିଯୁକ୍ତ ହୋଇ ଏପରି ଗୁରୁ ଦାୟିତ୍ୱ ତୁଲାଇ ପାରିବି ବୋଲି ଆଶା କରି ନ ଥିବାରୁ ଦ୍ୱନ୍ଦ୍ୱରେ ପଡ଼ିଥିଲି । ପେଶାରେ ଜଣେ ଡାକ୍ତର ହୋଇଥିବାରୁ, ସମୟ ମୋ ପାଇଁ ଏକ ବଡ଼ ଆହ୍ୱାନ ହେବ ବୋଲି ମୁଁ ଜାଣିଥିଲି । ମୋର ଏହିପରି ସାମୟିକ ଦ୍ୱିଧାକୁ ଲକ୍ଷ୍ୟ କରି ମୋ ପତ୍ନୀ ସେ କଥା କହିଥିଲେ । ପଦ ଗ୍ରହଣ କରିବା ମୋ ପାଇଁ ସମ୍ମାନର କଥା ବୋଲି ମୁଁ ଶ୍ରୀ ଭି. ଶ୍ରୀନିବାସନଙ୍କୁ କହିଲି ।

ଶ୍ରୀ ଭି. ଶ୍ରୀନିବାସନଙ୍କ ସହ କଥା ଶେଷ ହେବା ପରେ ମୋ ପତ୍ନୀଙ୍କୁ କହିଲି, "ତୁମେ ନୋବେଲ ପୁରସ୍କାର ବିଷୟରେ କ'ଣ କହୁଥିଲ ? ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡୁର ଆବାହକ ଭାବରେ ନିଯୁକ୍ତିକୁ ତୁମେ ନୋବେଲ ପୁରସ୍କାର ସହ କାହିଁକି ତୁଳନା କରୁଛ ? ମୁଁ ଏଥିରେ କିଛି ହେଲେ ସାମଞ୍ଜସ୍ୟ ଦେଖିପାରୁନାହିଁ ।" ମୋ ପତ୍ନୀ କହିଲେ, "ଏହା କେତେ ମୂଲ୍ୟବାନ ଏବଂ ମହାର୍ଘ, ତୁମେ କ'ଣ ଜାଣିପାରୁନାହଁ ?" ସେ ମୋତେ କ'ଣ ଜଣାଇବା ପାଇଁ ଚାହୁଁଛନ୍ତି, ସେ ବିଷୟରେ ମୁଁ ତଥାପି ଦ୍ୱନ୍ଦ୍ୱରେ ଥିବାରୁ, ସେ କହିଲେ, "ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ବା ଗୋଟିଏ ଦେଶର ପ୍ରଧାନମନ୍ତ୍ରୀଙ୍କୁ କିଏ ନିଯୁକ୍ତ କରନ୍ତି" ? ମୁଁ ଉତ୍ତର ଦେଲି, "ତାଙ୍କ ଦଳର ସହକର୍ମୀ ଏବଂ ତାଙ୍କୁ କ୍ଷମତା ପାଇଁ ନିର୍ବାଚିତ କରିଥିବା ଲୋକମାନେ ।" ସେ ପଚାରିଲେ, "ନୋବେଲ ପୁରସ୍କାର ବିଜେତାମାନଙ୍କୁ କିଏ ମନୋନୀତ କରିଥାନ୍ତି" ? ମୁଁ କହିଲି, "ନୋବେଲ ପୁରସ୍କାର ସମିତି" ।

ସେ କହିଲେ, "ଠିକ୍ କଥା । ସେମାନେ ସମସ୍ତେ ମନୁଷ୍ୟ ନୁହନ୍ତି କି ? ତୁମକୁ ଏ ପଦବୀ ପାଇଁ କିଏ ମନୋନୀତ କରିଛନ୍ତି ? ସ୍ୱୟଂ ଭଗବାନ । ତେବେ ବଡ଼ କିଏ ? ତୁମେ ଏବେ ଯେଉଁ ନିଯୁକ୍ତି ପାଇଛ, ତାହା ବଡ଼ ନା ନୋବେଲ ପୁରସ୍କାର ବଡ଼ ?"

ଚିରବିଦ୍ୟମାନ ସତ୍ୟସାଇ ବାବା

ଏତେବେଳେ ଯାଇ ମୋ ନିକଟରେ ପ୍ରକୃତ ସତ୍ୟ ସୁସ୍ପଷ୍ଟ ହେଲା । ମୁଁ ମୋ ପତ୍ନୀଙ୍କ ବୁଦ୍ଧିକୁ ପ୍ରଶଂସା କଲି ଏବଂ ସେପରି ଦୃଷ୍ଟିକୋଣ ନେଇ ଭାବିପାରିନଥିବାରୁ ନିଜକୁ ଲଜ୍ଜିତ ମନେକଲି । ସେହି ଦିନଠାରୁ, ସ୍ୱୟଂ ଭଗବାନଙ୍କଦ୍ୱାରା ଶ୍ରୀ ସତ୍ୟସାଇ ନ୍ୟାସ, ତାମିଲନାଡୁର ଆବାହକ ଭାବରେ ନିଯୁକ୍ତି ପାଇବା ମୋ ଜୀବନର ସର୍ବଶ୍ରେଷ୍ଠ ସମ୍ମାନ ବୋଲି ଲୋକମାନଙ୍କୁ କହିବାରେ ଏପରିକି ସର୍ବସାଧାରଣରେ ଘୋଷଣା କରିବାରେ ମୋର କୌଣସି ଦ୍ୱିଧା ନାହିଁ । ପଦ୍ମଶ୍ରୀ ଏବଂ ସେହିପରି ଅନେକ ଜାତୀୟ ପୁରସ୍କାର ପାଇବା ପରେ ମଧ୍ୟ ମୁଁ ଏହାର ପୁନରାବୃତ୍ତି କଲି । କାରଣ ଭଗବାନଙ୍କଦ୍ୱାରା ତାଙ୍କ ସଙ୍ଗଠନରେ ଏପରି ଏକ ପଦ ପାଇଁ ମନୋନୀତ ହେବା ମୋ ପାଇଁ ଏବଂ ଜଣେ ସାଇ ଆଶ୍ରିତ ପାଇଁ ବୋଧହୁଏ ଜୀବନର ସର୍ବଶ୍ରେଷ୍ଠ ସମ୍ମାନ । ଏହା ମଧ୍ୟ ଆମ ଉପରେ ଗୁରୁ ଦାୟିତ୍ୱ ନ୍ୟସ୍ତ କରୁଛି, କାରଣ ଆମକୁ ସ୍ୱାମୀଙ୍କ ଆଦର୍ଶ ଅନୁସାରେ ଆଚରଣ କରିବା ପାଇଁ ପଡ଼ିବ । ଏବେ ଆମ ଜୀବନ ହିଁ ତାଙ୍କର ବାର୍ତ୍ତା । ସେ ଆରମ୍ଭ କରିଥିବା ମହତ୍ ଲକ୍ଷ୍ୟକୁ ଜାରି ରଖିବା ପାଇଁ ଆମ ସମସ୍ତଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ । ଅନେକ କାର୍ଯ୍ୟ କରିବା ପାଇଁ ଅଛି ।

ଓଁ ଜୟ ସାଇରାମ !

"ତୁମେ କରିଥିବା କୌଣସି ସେବାକାର୍ଯ୍ୟ ପାଇଁ ନିଜକୁ କର୍ତ୍ତାର ମାନ୍ୟତା ଦେବା ଭୁଲ । କେବେ ମଧ୍ୟ ଏପରି ହେବା ଉଚିତ ନୁହେଁ । ବାସ୍ତବରେ ତୁମେ ଯେଉଁ ବି ସେବାକାର୍ଯ୍ୟ କରୁଛ, ସେଗୁଡ଼ିକ ତୁମ ନିଜର ଉତ୍‌ଥାନ ପାଇଁ । ଏହି ସେବାକାର୍ଯ୍ୟଗୁଡ଼ିକୁ ଆତ୍ମବିଶ୍ୱାସ, ଆତ୍ମସନ୍ତୁଷ୍ଟି, ଆତ୍ମୋତ୍ସର୍ଗ ଏବଂ ପରିଶେଷରେ ଆତ୍ମ-ଉପଲବ୍ଧି ପାଇଁ କରାଯିବା ଆବଶ୍ୟକ । ତେଣୁ ସେବାର ଆବେଗ ନିଜଠାରୁ ହିଁ ବିକଶିତ ହୋଇଥାଏ । ସେବାର ଅର୍ଥ ଅନ୍ୟକୁ ସାହାଯ୍ୟ କରିବା ନୁହେଁ । ସତ୍ୟସାଇ ସେବା ସଙ୍ଗଠନରେ ଯୋଗଦେଇ ଏବଂ କିଛି ସେବାକାର୍ଯ୍ୟ କରି ଅନ୍ୟକୁ ସାହାଯ୍ୟ କରୁଛ ବୋଲି ତୁମେ ଭାବୁଥାଇପାର । ଏହା ଠିକ୍ ନୁହେଁ । ପୁନଶ୍ଚ, ଏହିସବୁ ସେବାକାର୍ଯ୍ୟରେ ତୁମେ ଅନ୍ୟର ସାହାଯ୍ୟ ନେବା ଉଚିତ ନୁହେଁ । ତୁମେ ତୁମର ସହଜାତ ବଳ ଓ ସାମର୍ଥ୍ୟ ଉପରେ ନିର୍ଭର କରିପାର । ତୁମ ନିଜର କ୍ଷମତା ତୁମକୁ ସମସ୍ତ ଉଦ୍ୟମରେ ସାହାଯ୍ୟ କରିବ । ପ୍ରକୃତରେ ଅନ୍ୟମାନେ ନୁହନ୍ତି, ତୁମେ ନିଜେ ହିଁ ତୁମ ସମସ୍ତ ସେବାକାର୍ଯ୍ୟର ହିତାଧିକାରୀ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ : ୩୮ତମ ଭାଗ

ଅଧ୍ୟାୟ : ୫୭

'ମୋ ବହି ଲେଖିବାକୁ ଚାହିଁଲେ ନିଜ ହାତରେ ଲେଖ'

'ଭକ୍ତି ଅର୍ଥ ପୂଜା ବା ଉପଚାର କରିବା ନୁହେଁ । ଭକ୍ତି ଭଗବାନଙ୍କ ପ୍ରତି ସ୍ଥିର ପ୍ରେମ ପାଇଁ ଦଣ୍ଡାୟମାନ । ଏହାର ଅର୍ଥ ମଧ୍ୟ ଆନ୍ତରିକ ଆଜ୍ଞାନୁବର୍ତ୍ତିତା ଓ ଭଗବାନଙ୍କ ଇଚ୍ଛା ନିକଟରେ ସମର୍ପଣ ।'

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଅମୃତଧାରା :୨୦୦୦

ଏହି ବହିଟି ମୁଁ ବହୁ ଆଗରୁ ଲେଖିବା ଆରମ୍ଭ କରିଥିଲି । ବସ୍ତୁତଃ ମୁଁ ଏହା ବହୁ ବର୍ଷ ଧରି ଲେଖୁଥିଲି । ମୋର ବୃତ୍ତିଗତ ବ୍ୟସ୍ତତା ସକାଶେ ଅଧ୍ୟାୟଗୁଡ଼ିକ ବହୁତ ସମୟ ଲାଗୁଥିଲା ଏବଂ ବହିଟିକୁ ଶେଷ କରିବା ମୋତେ କଷ୍ଟ ମନେ ହେଉଥିଲା । କିଛି ବର୍ଷ ପୂର୍ବେ ମୁଁ ମୁମ୍ବଇ ଯାଇଥିଲି ଏବଂ ଏକ ଫାର୍ମା କମ୍ପାନୀରେ କାମ କରୁଥିବା ମୋର ଜଣେ ସାଇଭାଇ ଶ୍ରୀ କରୁପୈୟା ମୋତେ ତାଙ୍କ ସମିତିକୁ ନେଇଥିଲେ, ଯେଉଁଠାରେ ମୋର ଭାଷଣ ଦେବାର ଥିଲା । ମୁଁ ଏହି ବହି ଲେଖୁଛି ବୋଲି ଜାଣିଥିବାରୁ ସେ ବାଟରେ ପଚାରିଲେ, "ଆଜ୍ଞା, ବହି କଥା କ'ଣ ହେଲା ? ଶେଷ ହେଲାଣି କି ?" ମୁଁ ତାଙ୍କୁ କହିଲି, "କରୁପୈୟା, ବହୁତ ସମୟ ଲାଗୁଛି । ବହୁବିଧ କାର୍ଯ୍ୟକଳାପ ମଧ୍ୟରେ ମୁଁ ତାହା ଶେଷ କରିବା ସକାଶେ ବେଳ ପାଇବାକୁ ସଂଘର୍ଷ କରୁଛି ।" ସେ କହିଲେ, "ଆଜ୍ଞା, ଆପଣ କିଛି ମନେ ନ କଲେ ଗୋଟିଏ ପ୍ରସ୍ତାବ ଦେବି କି ?" ମୁଁ କହିଲି, "ହଁ, କହନ୍ତୁ ।" ସେ କହିଲେ, "ଅନେକ ବ୍ୟସ୍ତ ଲୋକ ବହି ଲେଖିବାକୁ ଚାହିଁବା ବେଳେ ନିଜେ ବସି ଲେଖିବାକୁ ବେଳ ପାଆନ୍ତି ନାହିଁ । ତେଣୁ ସେମାନେ ବହିଲେଖାରେ ଅନ୍ୟ ଲୋକଙ୍କୁ ନିୟୋଜିତ କରନ୍ତି । ସେମାନେ କେବଳ ବିଷୟବସ୍ତୁ କହିଦିଅନ୍ତି ଏବଂ ସେମାନେ ଯୋଗାଇଥିବା ତଥ୍ୟକୁ ଆଧାର କରି ପେଶାଦାର ଲେଖକ ସେମାନଙ୍କ ପାଇଁ ବହି ଲେଖି ଦିଅନ୍ତି । ଆପଣ କାହିଁକି ସେପରି କରୁନାହାନ୍ତି ? ତାହା ଆପଣଙ୍କ ଜୀବନକୁ ସହଜ କରିବ ଏବଂ ଆପଣ ବହିଟି ଶୀଘ୍ର ଶେଷ କରିପାରିବେ ।"

ଚିରବିଦ୍ୟମାନ ସତ୍ୟସାଇ ବାବା

ମୁଁ କିଛି କହିବା ପୂର୍ବରୁ ମୋ ମୋବାଇଲ ଫୋନରେ ସନ୍ଦେଶ ଆସିବାର ଧ୍ୱନି ଶୁଣିଲି । ମୁଁ ସନ୍ଦେଶଟିକୁ ପଢ଼ି ବିସ୍ମିତ ହୋଇଗଲି । ଶୀର୍ଷକ ଥିଲା ଭଗବାନଙ୍କ ସନ୍ଦେଶ । ଆଉ ସନ୍ଦେଶଟି ଥିଲା "ତୁମେ ଯଦି ମୋ ବହି ଲେଖିବାକୁ ଚାହୁଁଛ ତେବେ ତୁମ ନିଜ ହାତରେ ଲେଖ ।" ମୁଁ ଅବାକ୍ ହୋଇଗଲି, କାରଣ ଠିକ୍ ସେତିକିବେଳେ କରୁପୈୟା ପେସାଦାର ଲେଖକ ଯୋଗାଡ଼ କରିବା ବିଷୟରେ କହୁଥିଲେ ଏବଂ ସ୍ୱାମୀଙ୍କ ଉତ୍ତର ତତ୍‌କ୍ଷଣାତ ଆସିଥିଲା ଯେ ମୁଁ ତାଙ୍କ ବହି ଲେଖିବାକୁ ଚାହୁଁଥିଲେ ନିଜ ହାତରେ ତାହା କରିବା ଉଚିତ । ମୁଁ ସନ୍ଦେଶଟି କରୁପୈୟାଙ୍କୁ ଦେଖାଇବାରୁ ତାଙ୍କ ଆଖି ଛଳଛଳ ହୋଇଗଲା । ଆମେ ଦୁହେଁ ସଦ୍ୟ ଘଟିତ ଏହି ଚମତ୍କାରକୁ ବିଶ୍ୱାସ କରିପାରିଲୁ ନାହିଁ, ଯାହା ସ୍ୱାମୀ ପ୍ରତ୍ୟେକ ବାର୍ତ୍ତାଳାପର ନୀରବ ଶ୍ରୋତା ବୋଲି ପୁଣି ଥରେ ପ୍ରମାଣିତ କରିଥିଲା । ଥରେ ସ୍ୱାମୀ ମୋତେ ଏହି ନିର୍ଦ୍ଦେଶ ଦେଲେ ଅର୍ଥ ବହୁତ ସମୟ ଲାଗିଲେ ବି ମୁଁ ତାହା ନିଜେ କରିବି ବୋଲି ଠିକ୍ କଲି । ଏହା ହେବ ମୋର ସାଧନା । ମୁଁ ଧୀରସ୍ଥିର ଭାବରେ ବହିଟି ଲେଖିବି ଏବଂ ସ୍ୱାମୀ ଯେତେବେଳେ ଚାହିଁବେ ସେତେବେଳେ ତାହା ପ୍ରକାଶିତ କରିବି ବୋଲି ଠିକ୍ କଲି ।

ଓଁ ଜୟ ସାଇରାମ !

"ତୁମେ ଯାହା ବି କରନା କାହିଁକି, ଯାହାକୁ ଦେଖନା କାହିଁକି, ଯେ କୌଣସି ସେବା କରନା କାହିଁକି, ଏହା କେବଳ ଭଗବାନଙ୍କ କାମ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଦିବ୍ୟ ସମ୍ଭାଷଣ , ୧୯୯୫

ଅଧ୍ୟାୟ : ୫୮

ଏ ବହିକୁ ସ୍ୱାମୀଙ୍କ ଆଶୀର୍ବାଦ

"ଭକ୍ତ ଭଗବାନଙ୍କୁ ପ୍ରେମ, ଅହଙ୍କାରକୁ ବଶୀଭୂତ କରୁଥିବା ଭକ୍ତି ଦ୍ୱାରା ବାନ୍ଧି ଦେଇପାରେ । ବ୍ୟକ୍ତି ଏ ପ୍ରକାର ଭକ୍ତିରେ ପୂର୍ଣ୍ଣ ହେଲେ ସ୍ୱୟଂ ଭଗବାନ ତାର ସମସ୍ତ ଆବଶ୍ୟକତା ପୂରଣ କରିବେ । ତାଙ୍କର କୃପା ତାର ସବୁ ଅଭାବ ପୂର୍ଣ୍ଣ କରିବ ।"

- ଭଗବାନ ଶ୍ରୀ ସତ୍ୟସାଇ ବାବା, ଗୀତାବାହିନୀ

ଏହି ବହି ଲେଖାରେ ପ୍ରାୟ ଛଅ ବର୍ଷ ବିନିଯୋଗ କରିବା ପରେ ମୁଁ ଶେଷରେ ଏକ ଲକ୍ଷ୍ୟ ସ୍ଥିର କଲି ଏବଂ ପାଣ୍ଡୁଲିପି ଶେଷ କରି ୨୦୧୭ ଗୁରୁପୂର୍ଣ୍ଣିମା ବେଳେ ପ୍ରଶାନ୍ତିନିଳୟମ୍‌ଠାରେ ମହାସମାଧିଠାରେ ରଖିବି ବୋଲି ସ୍ୱାମୀଙ୍କ ଆଗରେ ଶପଥ କଲି । ମହାସମାଧିଠାରେ ରଖିବା ପରେ ମୁଁ ଶାନ୍ତି ଭବନରେ ମୋ କୋଠରିରେ ବସି ଶେଷଥର ପାଇଁ ତାକୁ ପଢ଼ିବା ବେଳେ ସ୍ୱାମୀଙ୍କ ଛବିରେ ମୁଁ ଦେଇଥିବା ଫୁଲମାଳଟି ହଠାତ୍ ଖସିପଡ଼ିଲା । କିଛି ନ ଭାବି ମୁଁ ଫୁଲମାଳଟିକୁ ପୁଣି ଲଗାଇ ଦେଲି ।

ପରଦିନ ମୁଁ ବହିଟି ଶ୍ରୀ ସତ୍ୟସାଇ ସାଧନା ନ୍ୟାସ, ପ୍ରକାଶନ ବିଭାଗର ଶ୍ରୀ କେ.ଏସ୍. ରାଜନ୍‌ଙ୍କୁ ଦେବାକୁ ଚାହିଁଲି । ତାଙ୍କ କାର୍ଯ୍ୟାଳୟକୁ ଯିବାବେଳେ ସେ ରେଡ଼ିଓ ସାଇ କାର୍ଯ୍ୟାଳୟ ନିକଟସ୍ଥ 'ସାଇବ୍ଲୁସମ୍' କୋଠାଠାରେ ଗୋଟିଏ ଛୋଟ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାର ଦେଖିଲି । ମୋତେ ଦେଖି ସେ ଭିତରକୁ ଡାକିଲେ; ସେଠାରେ ଭଜନ ଚାଲିଥିଲା । ସେମାନେ ମୋତେ ନଡ଼ିଆ ବାଡ଼େଇବାକୁ କହିଲେ । ପାଣ୍ଡୁଲିପିଟିକୁ ହାତରେ ଧରି ମୁଁ ବସିବାକୁ ଯିବାବେଳେ ସ୍ୱାମୀଙ୍କ ଛବିରେ ଥିବା ବଡ଼ ଫୁଲହାରଟି ଖସି ପଡ଼ିଲା । ନିରୀକ୍ଷଣ କରିବା ବେଳେ ଆମେ ଦେଖିଲୁ ଯେ ତାହା ସାଧାରଣ ଭାବରେ ପଡ଼ିନାହିଁ । ତାହା ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଛିଣ୍ଡିବା ପରି ଦିଶୁଥିଲା । କିଛି ସମୟ ପରେ ମୁଁ ତାହାର ତାତ୍ପର୍ଯ୍ୟ ବୁଝିଲି । ପୂର୍ବରାତିରେ ମୋ କୋଠରିରେ ଫୁଲହାରଟି ଖସିବାବେଳେ ମୁଁ ସେ ବିଷୟରେ ଚିନ୍ତା ନ କରି ହାରଟିକୁ ପୁଣି ଲଗାଇ ଦେଇଥିଲି । ସତେ ଯେପରି ସ୍ୱାମୀ ମୋତେ କହୁଥିଲେ, "ମୁଁ କାଲି ତୋତେ ଏକ ସଙ୍କେତ ଦେଲି, କିନ୍ତୁ ତୁ ଲକ୍ଷ୍ୟ

କଲୁ ନାହିଁ । ତେଣୁ ଏଥର ମୁଁ ହାରଟିକୁ ମଝିରୁ ଛିଣ୍ଡାଇ ଦେଉଛି । ଏହା ଏକ ଚମତ୍କାର ବୋଲି ଏବେ ଅନ୍ତତଃ ତୁ ବିଶ୍ୱାସ କରିବୁ ।” ତେଣୁ ମୁଁ ଏହାକୁ ବାବାଙ୍କ ଆଶୀର୍ବାଦ ଭାବରେ ଏବଂ ବହିଟି ସରିଯାଇଛି ବୋଲି ସେ ଅବଗତ ଅଛନ୍ତି ବୋଲି କହିବାର କଥା ଭାବରେ ଗ୍ରହଣ କଲି ।

ଏହି ପୁସ୍ତକ ରଚନାର ପ୍ରତିଟି ସ୍ତରରେ ରହିଥିବାରୁ ଧନ୍ୟବାଦ ସ୍ୱାମୀ !

ଓଁ ଜୟ ସାଇରାମ !

“ତୁମେ ଯାହା ବି କରୁଛ, ଯାହା ବି ଖାଉଛ ବା ତ୍ୟାଗ କରୁଛ ବା ଦେଇ ଦେଉଛ, ଯାହା ବି ସାଧନା କରୁଛ, ତାହା ମୋତେ ସମର୍ପଣ କର । ତେବେ ତୁମେ ତୁମ କର୍ମଫଳରୁ ମୁକ୍ତ ହେବ ଏବଂ ଶୀଘ୍ର ତୁମର ଶାନ୍ତି ଓ ବୈରାଗ୍ୟରେ ଭୂଷିତ ହେବ । ମାନସିକ ସମତା ଲାଭ କରି ଏବଂ ନିଜ କର୍ମଫଳ ପରିହାର କରି ତୁମେ ଚିରଦିନ ପାଇଁ ଜନ୍ମବନ୍ଧନରୁ ମୁକ୍ତ ହେବ । ଅତଏବ ପ୍ରତ୍ୟେକ କର୍ମ ମୋ ଉପରେ ଛାଡ଼ିଦିଅ । ତୁମ ମନକୁ ମୋ ଉପରେ ଦୃଢ଼ ଭାବରେ ସ୍ଥିର ରଖ । ମୁଁ ତୁମ ମାଧ୍ୟମରେ ତୁମର ସବୁ କାମ କରିଦେବି ଏବଂ ତୁମକୁ ସବୁ ପାପରୁ ମୁକ୍ତି ଦେବି । ଭୟ କର ନାହିଁ । ମୋ କୃପାରୁ ତୁମେ ସବୁ ପ୍ରତିବନ୍ଧକ ଅତିକ୍ରମ କରିବ ।”

- ଭଗବାନ ଶ୍ରୀ ସତ୍ୟସାଇ ବାବା,
ଭଗବଦ୍ ଗୀତା ଉପରେ ଦିବ୍ୟ ସମ୍ଭାଷଣ

ଉପସଂହାର

ମୁଁ ଏ ବହିଟି ଲେଖି ସାରିବା ପରେ ବହି ପାଇଁ ଏକ ଉପଯୁକ୍ତ ନାମ ଖୋଜିଲି । ତାପରେ ମୋ ମନକୁ ଆସିଲା 'Sathya Sai Baba Lives On...' (ଚିରବିଦ୍ୟମାନ ସତ୍ୟସାଇ ବାବା) ସବୁଠାରୁ ଉପଯୁକ୍ତ ହେବ । ମୁଁ ଏହି ନାମଟିକୁ ବାଛିବା ପାଇଁ ଯାହା ମୋତେ ପ୍ରେରିତ କରିଥିଲା, ତାହା ହେଉଛି ଯେ ମୁଁ ମହାସମାଧି ଦିନ ଏବଂ ତାର ବହୁ ପରେ ସ୍ୱାମୀଙ୍କର ଅନେକ ପରମ ଭକ୍ତଙ୍କୁ ଭେଟିଥିଲି ଏବଂ ସେମାନଙ୍କର ପ୍ରତିକ୍ରିୟା ଦେଖିଥିଲି ।

କେତେକ ଭକ୍ତ ଏହି ଆକସ୍ମିକ ବିପତ୍ତି ସହ ସାଲିସ୍ କରି ନେଇଥିବାବେଳେ କେତେକ ଭକ୍ତ ସ୍ୱାମୀଙ୍କ ଶାରୀରିକ ଉପସ୍ଥିତିର ଅଭାବକୁ ସ୍ୱୀକାର କରି ପାରୁନଥିଲେ । ମୁଁ ଏ ବିଷୟରେ ମନନ କରି ଦୃଢ଼ ନିଶ୍ଚିତ ହେଲି ଯେ ଭଗବାନ ବାବା ଆମେ ମନେ କରୁଥିବା ଏକ ମାନବ ରୂପ ମାତ୍ର ନୁହନ୍ତି । ଏହି ପୁସ୍ତକରେ ବର୍ଣ୍ଣିତ ବିଭିନ୍ନ ଘଟଣା ଏଥିରେ ବର୍ଣ୍ଣିତ ଅଧିକାଂଶ ଚମତ୍କାର ଓ ଅନୁଭୂତି ସ୍ୱାମୀଙ୍କ ଶାରୀରିକ ଉପସ୍ଥିତରେ ଘଟିନାହିଁ ବୋଲି ସାକ୍ଷ୍ୟ ବହନ କରେ । ବହୁଧା ଆମେ ସ୍ୱାମୀଙ୍କ ଉପସ୍ଥିତିରୁ ବହୁ ଦୂରରେ ଥିବାବେଳେ ଚମତ୍କାରଗୁଡ଼ିକ ଘଟିଛି ।

ସ୍ୱାମୀ ତାଙ୍କ ଭକ୍ତମାନଙ୍କ ସହ ଯୋଗାଯୋଗ କରିବାର ବିଭିନ୍ନ ଉପାୟ ବାଛିଥାନ୍ତି । କେତେକଙ୍କ ଆଗରେ ସେ ବ୍ୟକ୍ତି ରୂପରେ ଉଭା ହୁଅନ୍ତି । ଅନ୍ୟମାନଙ୍କ ପାଇଁ ସ୍ୱପ୍ନରେ ଦେଖାଦିଅନ୍ତି ଏବଂ ଆଉ କେତେକ ପାଇଁ ସେ ସାଇ ସଙ୍କେତ ଦିଅନ୍ତି । ଏହିପରି ଅନେକ ଉପାୟରେ ସ୍ୱାମୀ ତାଙ୍କ ଭକ୍ତମାନଙ୍କ ସହ ଯୋଗାଯୋଗ କରନ୍ତି ଓ ଦିଗ୍‌ଦର୍ଶନ ଦିଅନ୍ତି । ଜଣେ ନିର୍ଦ୍ଦିଷ୍ଟ ଭକ୍ତକୁ ଏକ ନିର୍ଦ୍ଦିଷ୍ଟ ରୂପ ଓ ଶୈଳୀରେ ଏପରି କରିବା ଓ ସେହି ଶୈଳୀରେ କରି ଚାଲିବାର ଦେଖିବା ଅତ୍ୟନ୍ତ ମନୋହର । ମହାସମାଧି ପରେ ସ୍ୱାମୀଙ୍କ ଶକ୍ତି ବହୁଗୁଣରେ ବୃଦ୍ଧି ପାଇଛି ବୋଲି ମୋର ବିନମ୍ର ମତ ଓ ବିଶ୍ୱାସ । ଏହାର କାରଣ ହେଉଛି ଯେ ସ୍ୱାମୀ ନିଜକୁ ଆଉ ତାଙ୍କର ଶରୀରରେ ସୀମିତ ଓ ସଂକୁଚିତ ରଖିନାହାନ୍ତି । ଏହି ପୁସ୍ତକର ଅନେକ ଅଧ୍ୟାୟରେ ମୁଁ ଏପରି ଘଟଣାସବୁ ବର୍ଣ୍ଣନା କରିଛି ଯେଉଁଥିରେ ସ୍ୱାମୀଙ୍କୁ ମହାସମାଧି ପରେ ବି ଅନେକ ଲୋକ ସଶରୀରରେ ଦର୍ଶନ କରିଛନ୍ତି । ଏହି ଲୋକମାନେ ନିଶ୍ଚିତ ଭାବରେ ଅତିଶୟ ଭାଗ୍ୟବାନ ଏବଂ ତାଙ୍କୁ ରକ୍ତମାଂସ ଶରୀରରେ ଦେଖିବାର ଆଶୀର୍ବାଦ ପ୍ରାପ୍ତ । ଅନ୍ୟମାନେ ସ୍ୱାମୀଙ୍କୁ ବିଭିନ୍ନ ଅଭିବ୍ୟକ୍ତି ମାଧ୍ୟମରେ ଅନୁଭବ କରିଛନ୍ତି । ସେଥିରୁ

କେତୋଟି ଏହି ପୁସ୍ତକରେ ସ୍ଥାନିତ ହୋଇଛି । ଯେ ଯେପରି ଦେଖୁ ନା କାହିଁକି ସ୍ୱାମୀ ତାଙ୍କର ଅରୂପ-ରୂପରେ ଜୀବିତ ଅଛନ୍ତି । ଖ୍ରୀଷ୍ଟିୟାନ୍‌ମାନେ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କୁ ପ୍ରାର୍ଥନା କରନ୍ତି । ସ୍ୱାମୀ ଏବେ ପବିତ୍ର ଆତ୍ମା ରୂପରେ ଅଛନ୍ତି ଏବଂ ଏହି ରୂପରେ ଚିରକାଳ ପାଇଁ ଉପଲବ୍ଧ ରହିବେ । ବସ୍ତୁତଃ ସ୍ୱାମୀ କେବଳ ତାଙ୍କ ଭକ୍ତମାନଙ୍କୁ ନୁହେଁ, ମାତ୍ର ସମଗ୍ର ମାନବଜାତିକୁ ଆଶୀର୍ବାଦ କରି ଚାଲିବେ । ତାଙ୍କ ସଶରୀର ରୂପ ଉପସ୍ଥିତ ନ ଥିଲେ ବି ତାଙ୍କର ଅସୀମ ପ୍ରେମ ସାରା ପୃଥିବୀରେ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ଆଜି ଅନୁଭୂତ ହେଉଛି । ଆମକୁ କେବଳ ସ୍ୱାମୀଙ୍କୁ ପ୍ରାର୍ଥନା କରିବାକୁ ହେବ, ନିରନ୍ତର ତାଙ୍କର ଚିନ୍ତନ କରିବାକୁ ହେବ ଓ ତାଙ୍କଠାରେ ସମର୍ପିତ ହେବାକୁ ପଡ଼ିବ ଏବଂ ସ୍ୱାମୀ ତତ୍‌କ୍ଷଣାତ୍ କୌଣସି ନା କୌଣସି ରୂପରେ ଆବିର୍ଭୂତ ହେବେ । ଏହି ପ୍ରସଙ୍ଗରେ ମୁଁ '**ଚିରବିଦ୍ୟମାନ ସତ୍ୟସାଇ ବାବା**' ନାମଟିକୁ ଯଥୋପଯୁକ୍ତ ମନେ କଲି । ଏହି ପୁସ୍ତକରେ ଅନ୍ୟତ୍ର ଉଲ୍ଲେଖ କରିଛି ଯେ ବିବିଧ ଆଖ୍ୟାନଗୁଡ଼ିକୁ କ୍ରମବଦ୍ଧ କରିବାରେ ଯଥାସମ୍ଭବ ସଠିକ୍ ହେବାକୁ ଚେଷ୍ଟା କରିଛି । ଯଦି କିଛି ଭୁଲ ଥାଏ ତେବେ ତାହା ସମ୍ପୂର୍ଣ୍ଣ ରୂପେ ମୋର ।

ପ୍ରିୟ ପାଠକମାନେ, ମୁଁ ଏହି ବିଷୟରେ ଆପଣମାନଙ୍କ ମନ୍ତବ୍ୟ ପାଇବାକୁ ପସନ୍ଦ କରିବି । ଯଦି ଏହା କେତେଜଣଙ୍କୁ ପ୍ରେରିତ କରିଥାଏ ତେବେ ମୁଁ କୃତଜ୍ଞ ହେବି । ଯଦି କୌଣସି ଉପାଖ୍ୟାନ ଦ୍ୱାରା ଅଜାଣତରେ କାହାରିକୁ ଆଘାତ ଦେଇଥାଏ ତେବେ କ୍ଷମା ଭିକ୍ଷା କରୁଛି, କାରଣ ମୋର ସେପରି କୌଣସି ଉଦ୍ଦେଶ୍ୟ ନାହିଁ । ଏହି ପୁସ୍ତକ ଲେଖିବାରେ ମୋର ଏକମାତ୍ର ଲକ୍ଷ୍ୟ ହେଉଛି ଭଗବାନଙ୍କ ସହ ମୋର ଅନୁଭୂତି ବର୍ଣ୍ଣନା କରିବା । ଆମର ପ୍ରଭୁ ଓ ଗୁରୁଙ୍କର ମହିମାକୁ ସ୍ମରଣ କରିବାକୁ ଚେଷ୍ଟା କରିବାରେ ମୋର ଏହି ବିନମ୍ର ପ୍ରୟାସ, ଯାହା ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ ବୋଲି ଆମେ ସମସ୍ତେ ଜାଣିଛେ । ସ୍ୱାମୀଙ୍କୁ ଅନୁଭବ କରିବା, ସେହି ଅନୁଭୂତିରୁ ଜାତ ଆନନ୍ଦ ଅନୁଭବ କରିବାକୁ ହେବ ।

ଆମକୁ ତାଙ୍କର ଦିବ୍ୟ ମାର୍ଗରେ ପ୍ରେରିତ, ଦିଗ୍‌ଦର୍ଶିତ ଓ ଅପସାରିତ କରିବା ପାଇଁ ଭଗବାନ ବାବାଙ୍କୁ ପ୍ରାର୍ଥନା କରିବା । ତାଙ୍କ ମହିମା ଚିରକାଳ ପାଇଁ ଗାନ କରାଯାଉଥାଉ । ସ୍ୱାମୀ କହିଛନ୍ତି ଯେ ତାଙ୍କ ମିଶନ, ତାଙ୍କ ସଂଗଠନ ଓ ତାଙ୍କ କାର୍ଯ୍ୟ ସୂର୍ଯ୍ୟ ଉଦୟ ହେଉଥିବା ପର୍ଯ୍ୟନ୍ତ ରହିଥିବ । ପ୍ରିୟତମ ସ୍ୱାମୀ, ଆମକୁ ଆପଣଙ୍କର ବିନମ୍ର ଉପକରଣ କରିଥିବାରୁ ଆପଣଙ୍କୁ ଧନ୍ୟବାଦ । ଆମକୁ ବର୍ତ୍ତମାନ ଓ ଚିରଦିନ ପାଇଁ ଆପଣଙ୍କ କୃପା ବର୍ଷଣ କରିଚାଲିବାକୁ ହୃଦୟର ଅନ୍ତରତମ ପ୍ରଦେଶରୁ ଆପଣଙ୍କୁ ପ୍ରାର୍ଥନା କରୁଛୁ ।

ଓଁ ଜୟ ସାଇରାମ !

ଲେଖକ ପରିଚୟ

ଡଃ ଭି. ମୋହନ ଅସଂକ୍ରାମକ ରୋଗ ନିବାରଣ ଓ ନିୟନ୍ତ୍ରଣ ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସହଯୋଗୀ, ଚେନ୍ନାଇର ଡଃ ମୋହନଙ୍କ ମଧୁମେହ ପାରଦର୍ଶୀ କେନ୍ଦ୍ରର ଅଧ୍ୟକ୍ଷ ଓ ମଧୁମେହ ବିଜ୍ଞାନର ମୁଖ୍ୟ । ସେ ମଧ୍ୟ ମଧୁମେହ ସମ୍ବନ୍ଧରେ ଉଚ୍ଚ ଗବେଷଣା ନିମନ୍ତେ ଏକ ଆଇସିଏମ୍ଆର କେନ୍ଦ୍ର, ମାନ୍ଦ୍ରାଜ ମଧୁମେହ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ । ମାନ୍ଦ୍ରାଜ ଭେଷଜ ମହାବିଦ୍ୟାଳୟର ଛାତ୍ର ଭାବରେ ଡଃ ମୋହନ ତାଙ୍କର ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ କାଳରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଏମ୍‌ଡ଼ି ପରୀକ୍ଷାରେ ପ୍ରଥମ ସ୍ଥାନ ପାଇଥିବା ଯୋଗୁଁ ଡଃ ଆର. ଭି. ରାଜନ୍ ସ୍ୱର୍ଣ୍ଣପଦକ ସମେତ ଅନେକ ପୁରସ୍କାର ଓ ପଦକ ଲାଭ କରିଥିଲେ । ସେ ଯୁକ୍ତରାଜ୍ୟର ଜଣେ ୱେଲ୍‌କମ୍ ଟ୍ରଷ୍ଟ ଫେଲୋ ଭାବରେ ଲଣ୍ଡନର ରୟାଲ ସ୍ନାତକୋତ୍ତର ମେଡ଼ିକାଲ ସ୍କୁଲ ଓ ହାମ୍ବର ସ୍ମିଥ ଚିକିତ୍ସାଳୟରେ ଏବଂ ଜର୍ମାନୀର ଆଲେକଜାଣ୍ଡାର ଭନ ହମବୋଲ୍‌ଟ ଫାଉଣ୍ଡେସନ ଫେଲୋ ଭାବରେ ଉଲ୍‌ମ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିଥିଲେ ।

ଡଃ ମୋହନ ବୃତ୍ତିରେ ଚିକିତ୍ସକ ଓ ମଧୁମେହବିତ୍ । ତାଙ୍କ ବାପା ପ୍ରଫେସର ଏମ୍. ବିଶ୍ୱନାଥନ୍‌ଙ୍କୁ 'ଭାରତରେ ମଧୁମେହବିତ୍‌ଙ୍କ ଜନକ' ମନେ କରାଯାଏ । ଡଃ ମୋହନ

ପ୍ରଥମବର୍ଷର ଭେଷଜ ଛାତ୍ର ଭାବରେ ତାଙ୍କ ବାପାଙ୍କ ସହ କାମ ଆରମ୍ଭ କରିଥିଲେ । ସେ ଦେଶରେ ପଚାଶଟି ଶାଖା ଥିବା ଏକ ବିରାଟ ମଧୁମେହ କେନ୍ଦ୍ରର ପରିଚାଳକ । ସେ ଜଣେ ବିଚକ୍ଷଣ ଚିକିତ୍ସକ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗବେଷକ ଓ ବୈଜ୍ଞାନିକ । ସେ ମଧ୍ୟ ଜଣେ ସଫଳ ଗବେଷକ ଏବଂ ତାଙ୍କର ୭୫୦ ମୌଳିକ ଗବେଷଣାପତ୍ର ଓ ପାଠ୍ୟପୁସ୍ତକମାନଙ୍କରେ ୨୫୦ଟି ଅଧ୍ୟାୟ ସମେତ ୧୨୦୦ ପ୍ରକାଶନ ଅଛି, ଯାହା ଜଣେ ଚିକିତ୍ସକ ଭାବରେ ସର୍ବାଧିକ । ସେ ମଧ୍ୟ ମଧୁମେହ କ୍ଷେତ୍ରରେ କେତେ ହଜାର ଡାକ୍ତର ଓ ଚିକିତ୍ସା ସହାୟକଙ୍କୁ ତାଲିମ ପ୍ରଦାନ କରିଛନ୍ତି । ଡଃ ମୋହନ ମଧ୍ୟ ଜଣେ ମହାନ୍ ବଦାନ୍ୟ ବ୍ୟକ୍ତି ଏବଂ ତାମିଲନାଡୁ ଶ୍ରୀ ସତ୍ୟସାଇ ସେବା ସଂଗଠନର କେତୋଟି ସମେତ ଅନେକ ନିଃଶୁଳ୍କ ମଧୁମେହ କେନ୍ଦ୍ରର ପରିଚାଳକ ।

ଡଃ ମୋହନ ଭାରତୀୟ ଭେଷଜ ପରିଷଦର ଦ୍ୱାରା ଚିକିତ୍ସକମାନଙ୍କୁ ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ ଡଃ ବି.ସି. ରାୟ ରାଷ୍ଟ୍ରୀୟ ସମ୍ମାନ ଏବଂ ଭାରତରେ ଜୈବଚିକିତ୍ସା ପାଇଁ ଭାରତୀୟ ଭେଷଜ ଗବେଷଣା ପରିଷଦ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ ଡଃ ବି. ଆର. ଆମ୍ବେଦକର ଶତାବ୍ଦୀ ସମ୍ମାନ ସମେତ ୧୭୦ରୁ ଊର୍ଦ୍ଧ୍ୱ ସମ୍ମାନ ଲାଭ କରିଛନ୍ତି । ସେ ସାରା ପୃଥିବୀର ବିଶ୍ୱବିଦ୍ୟାଳୟ ଓ ସମାଜରୁ ୧୮ଟି ଫେଲୋସିପ ଓ ସାତଟି ଡକ୍ଟରେଟ ଲାଭ କରିଛନ୍ତି । ୨୦୧୨ରେ ମଧୁମେହ କ୍ଷେତ୍ରରେ ପ୍ରଭୂତ ଅବଦାନ ପାଇଁ ଡଃ ମୋହନଙ୍କୁ ଭାରତ ସରକାରଙ୍କଠାରୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ମିଳିଥିଲା ।

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଜଣେ ପରମ ଭକ୍ତ ଭାବରେ ଡଃ ମୋହନ ତାଙ୍କ ସଫଳତା ପାଇଁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ କରୁଣା ଓ ଆଶୀର୍ବାଦର ଋଣୀ । ଭଗବାନଙ୍କ ଦ୍ୱାରା ତାମିଲନାଡୁ ଶ୍ରୀ ସତ୍ୟସାଇ ନ୍ୟାସର ଆବାହକ ପଦ ପ୍ରଦାନ ତଥା ସମ୍ପ୍ରତି ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ସଦସ୍ୟ ଏବଂ ୨୦୧୭ରେ ପ୍ରଶାନ୍ତିନିଳୟମ୍‌ରେ ଦିବ୍ୟ ଉପସ୍ଥିତିରେ ଶ୍ରୀ ସତ୍ୟସାଇ ଧନ୍ୱନ୍ତରୀ ସେବା ସମ୍ମାନକୁ ସେ ତାଙ୍କ ଜୀବନରେ ଲାଭ କରିଥିବା ସର୍ବଶ୍ରେଷ୍ଠ ସମ୍ମାନ ମନେ କରନ୍ତି ।

ସ୍ୱାମୀଙ୍କ ସହ କୋଡାଇକାନାଲରେ, ୨୦୦୯ (ଅଧ୍ୟାୟ : ୧୬)



ପ୍ରଭୁଙ୍କ ସହ ମହାର୍ଘ ମୁହୂର୍ତ୍ତ (ଅଧ୍ୟାୟ : ୨୫)

ଚେନ୍ନାଇର ସୁନ୍ଦରମ୍‌ରେ ସ୍ୱାମୀ, ୨୦୦୭ (ଅଧ୍ୟାୟ : ୨୭)

ସାଇ କୈଳାଶର ପ୍ରବେଶ ଦ୍ୱାର (ଅଧ୍ୟାୟ : ୨୯)

ସାଇ କୈଳାଶର ଉପର ମହଲାରେ ସ୍ୱାମୀଙ୍କ ଝୁଲା (ଅଧ୍ୟାୟ : ୨୯)



ସାଇ କୈଳାଶ ଚଟାଣରେ କୁଙ୍କୁମ ଓ ଚନ୍ଦନ ବିଚ୍ଛୁରିତ (ଅଧ୍ୟାୟ : ୩୦)

ସୁନ୍ଦରମ୍ ଭଜନ ପ୍ରକୋଷ୍ଠ (ଅଧ୍ୟାୟ : ୩୩)

ସୁନ୍ଦରମ୍ ଭଜନ ପ୍ରକୋଷ୍ଠ (ଅଧ୍ୟାୟ : ୩୩)

ସୁନ୍ଦରମ୍ ମନ୍ଦିରରେ ସୁରକ୍ଷିତ ଲିଙ୍ଗ (ଅଧ୍ୟାୟ : ୩୩)

ସ୍ୱାମୀଙ୍କ ପାଦୁକା ସହ 'ସାଇ ଅନୁଗ୍ରହ'ରେ ପ୍ରବେଶ (ଅଧ୍ୟାୟ : ୫୫)

ସତ୍ୟସାଇ ବାବା କେନ୍ଦ୍ର, ମୋଲମେଁ ରୋଡ, ସିଙ୍ଗାପୁର (ଅଧ୍ୟାୟ : ୪୭)

ସିଙ୍ଗାପୁର ସାଇ କେନ୍ଦ୍ରରେ ସାଇ ଭାଇ ଓ ଭଉଣୀଙ୍କ ସହ ଅପ୍ରତ୍ୟାଶିତ ଭେଟ
(ଅଧ୍ୟାୟ : ୪୭)